ଭାରତ ସଂସ୍କରଣ
ଭାଗ ୩୬/ନଂ – ୧

# ପ୍ରେରିତିକ କ୍ରିୟା



# ପବିତ୍ର ଆତ୍ମାଙ୍କର ଅଭିଷେକ

"ପରାକ୍ରମ ଦ୍ୱାରାନୁହେଁ, କିଅବା ବଳ ଦ୍ୱାରା ନୁହେଁ, ମାତ୍ର ଆମ୍ଭର ଆତ୍ମା ଦ୍ୱାରା, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି" (ଯିଖରିୟ ୪:୬)।

Acts ପତ୍ରିକାର ଏହି ସଂପ୍ରସାରିତ ସଂଖ୍ୟାକୁ ଆପଣମାନେ ଉପଭୋଗ କରିଛନ୍ତି ବୋଲି ଆଶା କରେ ! ଆପଣ Acts ପତ୍ରିକା କିପରି ସର୍ବଦା ପାଇବେ ଏପରିକି ଇ–ମେଲ ଦ୍ବାରା ଆହୁରି ଶୀଘ୍ର କିପରି ପାଇବେ, ତାହା ଜାଣିବା ପାଇଁ ୬୩ ପୃଷ୍ଠା ଦେଖନ୍ତୁ –



# ପବିତ୍ର ଆତ୍ମାଙ୍କର ଅଭିଷେକ

*ରେଭ୍. ଫ୍ରାଙ୍କ୍ ଆର. ପ୍ୟାରିସ୍*

## ଲେଖକଙ୍କର କଲମରୁ – ଗୁରୁତ୍ୱପୂର୍ଣ୍ଣ !




ପ୍ରିୟ ସହ – ମଣ୍ଡଳୀ ନେତାଗଣ,

''ଅଭିଷେକ'' ଉପରେ ପ୍ରକାଶିତ Acts ର ଏହି ସଂଖ୍ୟାଟିକୁ ସେହି ବିଷୟ ବସ୍ତୁ ଉପରେ ଏକ ଅତି ଗଭୀର, ବାଇବଲ ଅଧ୍ୟୟନ ନିମନ୍ତେ ପ୍ରସ୍ତୁତ କରାଯାଇଅଛି । ଏହି ଜଟିଳ ବିଷୟବସ୍ତୁ ସମ୍ବନ୍ଧରେ ଏକ ଉତ୍ତମତର ଜ୍ଞାନ ପ୍ରାପ୍ତି ନିମନ୍ତେ ଏହା ଆପଣମାନଙ୍କଠାରୁ କିଛି ଗୁରୁତର ଚିନ୍ତା, ଅଧ୍ୟୟନ ଓ ପ୍ରଚେଷ୍ଟା ଆବଶ୍ୟକ କରିବ ।

ଏହି ଅଧ୍ୟୟନକୁ ସଂପୂର୍ଣ୍ଣ କରିବା ପାଇଁ ଦୀର୍ଘ ସମୟ ଲାଗିପାରେ । ଆପଣ ହୁଏତ ଦିନକୁ କେବଳ ଦୁଇ କିମ୍ବା ତିନି ପୃଷ୍ଠା ଅଧ୍ୟୟନ କରି ପାରନ୍ତି, କିନ୍ତୁ ଉଭୟ ପ୍ରାର୍ଥନାରେ ଓ ଉଦ୍‌ଯୋଗପୂର୍ଣ୍ଣ ଅଧ୍ୟୟନରେ ଆପଣମାନେ ନିଜନିଜକୁ ଉତ୍ସର୍ଗ କରିବା ପାଇଁ ମୁଁ ଆନ୍ତରିକଭାବରେ ନିବେଦନ କରୁଅଛି । ଯଦି ଆପଣମାନେ ତାହା କରିବେ, ତେବେ ଆପଣମାନଙ୍କ ଜୀବନ ଓ ସେବାକାର୍ଯ୍ୟ ପରିବର୍ତ୍ତିତ ହେବ !

ମୋର ଜୀବନ ଓ ସେବାକାର୍ଯ୍ୟରେ ପବିତ୍ରଆତ୍ମାଙ୍କ ଅଭିଷେକ ପାଇଁ ରହିଥିବା ଈଶ୍ୱରଙ୍କ ଇଚ୍ଛାକୁ ବୁଝିବା ପୂର୍ବରୁ ମୁଁ ଅନେକ ବର୍ଷ ଧରି ସେବାକାର୍ଯ୍ୟ ଚଳାଇଥିଲି । ଯେତେବେଳେ ମୁଁ ମୋର ହୃଦୟକୁ ଉନ୍ମୁକ୍ତ କଲି ଓ ମୋ ଜ୍ଞାନଚକ୍ଷୁ ଉନ୍ମୁକ୍ତ କରିବା ପାଇଁ ଈଶ୍ୱରଙ୍କୁ ଅନୁମତି ଦେଲି, ସେତେବେଳେ ମୁଁ ପରିବର୍ତ୍ତିତ ହୋଇଗଲି । ମୋର ସେବାକାର୍ଯ୍ୟ ପରିବର୍ତ୍ତିତ ହୋଇଥିଲା । ପବିତ୍ର ଆତ୍ମାଙ୍କ ଉପସ୍ଥିତି ଓ ଶକ୍ତି ମୋର ଜୀବନ ଓ ସେବାକାର୍ଯ୍ୟରେ ଅତ୍ୟଧିକ ସକ୍ରିୟ ଓ ଦୃଶ୍ୟ ହୋଇଥିଲା !

ମୋ ସେବାକାର୍ଯ୍ୟରେ ଅତ୍ୟଧିକ ଫଳ ଦେଖା ଦେଇଥିଲା । ମୁଁ ପୂର୍ବାପେକ୍ଷା ଅଧିକ ପ୍ରଭାବଶାଳୀ ଭାବରେ ଈଶ୍ୱରଙ୍କ ଉପସ୍ଥିତିର ଅନୁଭୂତି ପାଇଥିଲି । ମୋର



ଜୀବନ ଅଧିକ ସହଜ ହୋଇଯାଇ ନ ଥିଲା; ମାତ୍ର ମୋତେ ପ୍ରେମ କରୁଥିବା ଖ୍ରୀଷ୍ଟଙ୍କ ମାଧ୍ୟମରେ ଏକ ସର୍ବୋତଭାବେ ବିଜୟୀ ଜୀବନ କାଟିବା ପାଇଁ ପୂର୍ବାପେକ୍ଷା ଅଧିକ ଯୋଗ୍ୟତା ରହିଥିଲା (ରୋମୀୟ ୮:୩୭ ଦେଖନ୍ତୁ) ।

ଏହି ଲେଖାଟି ଅଧ୍ୟୟନ କରିବାରେ ଆପଣମାନେ ଏକ ଉଦ୍‌ଯୋଗୀ ଓ ଦୃଢ଼ କାର୍ଯ୍ୟକାରୀ ଭାବରେ ନିଜ ନିଜକୁ ପ୍ରୟୋଗ କରନ୍ତୁ ବୋଲି ମୁଁ ଦୃଢ଼ଭାବରେ ଉତ୍ସାହିତ କରୁଛି । ଏହା କରିବାରେ ଆପଣମାନଙ୍କୁ ସାହାଯ୍ୟ କରିବା ପାଇଁ ଏଠାରେ କିଛି ପ୍ରୟୋଗାତ୍ମକ ପ୍ରସ୍ତାବ ପ୍ରଦତ୍ତ ହୋଇଛି

ପ୍ରଥମେ, ଏହି ଶିକ୍ଷାମଧ୍ୟରେ ମୁଁ ଅନେକଗୁଡ଼ିଏ ବାଇବଲ ସୂଚନା ପ୍ରଦାନ କରିଅଛି । 'ପ୍ରତ୍ୟେକଟି ଶାସ୍ତ୍ରାଂଶ ପ୍ରତି ଦୃଷ୍ଟିପାତ କରିବା ପାଇଁ' ଦୟା କରି ଯଥେଷ୍ଟ ସମୟ ନିଅନ୍ତୁ । ଏହା ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ସାଧନ କରିବ : ୧) ଜଣେ ମଣ୍ଡଳୀ ନେତାଭାବରେ, ଆପଣ ପାଠ କରୁଥିବା କିମ୍ବା ଶ୍ରବଣ କରୁଥିବା ପ୍ରତ୍ୟେକଟି ଶିକ୍ଷା, ଯେଉଁ ଉପାଦାନରୁ ଆସିଥିଲେ ସୁଦ୍ଧା, ତାହା ଗ୍ରହଣ କରିବା ଅନୁଚିତ । ସର୍ବଦା ଆପଣ ନିଜେ ଶାସ୍ତ୍ରାଂଶଗୁଡ଼ିକ ଅନୁସନ୍ଧାନ କରନ୍ତୁ (ପ୍ରେରିତ ୧୭:୧୧); ୨) ଜଣେ ମଣ୍ଡଳୀ ନେତାଭାବରେ, ଧର୍ମଶାସ୍ତ୍ର ସମ୍ବନ୍ଧରେ ଆପଣମାନଙ୍କର ଜ୍ଞାନ, ପରିଚୟ ଓ ବୋଧଶକ୍ତିର ଅଗ୍ରଗତି ଅତି ଗୁରୁତ୍ୱପୂର୍ଣ୍ଣ ଅଟେ (୨ ତିମଥି ୨:୧୫–୧୮) । ଆପଣମାନଙ୍କୁ ଓ ତ୍ରୁଟିରେ ଥିବା ଯେଉଁମାନଙ୍କୁ ଆପଣ ନେତୃତ୍ୱ ଦିଅନ୍ତି, ସେମାନଙ୍କୁ ଏହା ସୁରକ୍ଷା ଦେବ ଓ ତତ୍‌ସଙ୍ଗେ ସଙ୍ଗେ ଏହା ଆପଣଙ୍କୁ ଈଶ୍ୱରଙ୍କ ବାକ୍ୟର କୁଶଳୀ କାର୍ଯ୍ୟକାରୀ କରିବ; ୩) କେବଳ ଈଶ୍ୱରଙ୍କ ବାକ୍ୟ ଈଶ୍ୱରଙ୍କ ଶକ୍ତି ଦ୍ୱାରା ସମର୍ଥିତ ହୋଇଥାଏ (୨ ତିମଥି ୩:୧୬, ୧୭; ଏବ୍ରୀ ୪:୧୨, ୧୩; ୨ ପିତର ୧:୨୦,୨୧) । କେବଳ ପବିତ୍ର ଆତ୍ମା ଓ ଈଶ୍ୱରଙ୍କ ବାକ୍ୟର ମିଳିତ କାର୍ଯ୍ୟ ମନୁଷ୍ୟର ହୃଦୟକୁ ପରିବର୍ତ୍ତିତ କରିପାରେ ।

ଦ୍ୱିତୀୟରେ, ଅଧିକ ଅଧ୍ୟୟନ ନିମନ୍ତେ ଗୋଟିଏ ଟିପାଖାତା କିମ୍ବା ଛୋଟ ଛୋଟ କାଗଜ ଖଣ୍ଡରେ ଟିପ୍ପଣୀ, ପ୍ରଶ୍ନ କିମ୍ବା ଶାସ୍ତ୍ରାଂଶଗୁଡ଼ିକୁ ଲେଖିରଖନ୍ତୁ । ଈଶ୍ୱର ଆପଣଙ୍କ ସହିତ କଥାବାର୍ତ୍ତା କରିବେ ଓ ଆପଣ ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବା ସମୟରେ ଆପଣଙ୍କ ନିକଟରେ ସତ୍ୟ ପ୍ରକାଶ କରିବେ । ଏହି ଅଧ୍ୟୟନଟି ଆପଣଙ୍କ ନିମନ୍ତେ ''ବ୍ୟକ୍ତିଗତ ଅଭିବୃଦ୍ଧିର'' ଏକ ଯାତ୍ରା ହେଉ, ଯାହା କେବଳ ଉତ୍ତମ ଶିକ୍ଷାପ୍ରଦ ବିଷୟବସ୍ତୁ ପ୍ରାପ୍ତି ଅପେକ୍ଷା ଅଧିକରୂପେ ଆପଣଙ୍କୁ ସାହାଯ୍ୟ କରିବ ।

ଶେଷରେ, ମୋର ପ୍ରିୟ ସହକର୍ମୀ, ଅତ୍ୟଧିକ ପ୍ରାର୍ଥନା ଓ ପ୍ରଭୁଙ୍କ ନିମନ୍ତେ ଅପେକ୍ଷା ସହିତ ଆପଣଙ୍କ ଅଧ୍ୟୟନ ସମୟକୁ ସଂଯୁକ୍ତ କରିବା ପାଇଁ ମୁଁ ଆପଣମାନଙ୍କୁ

ଦୃଢ଼ ଭାବରେ ଉତ୍ସାହିତ କରୁଅଛି । କେବଳ ପବିତ୍ର ଆତ୍ମା ହିଁ ଖ୍ରୀଷ୍ଟଙ୍କର ସତ୍ୟ, ପ୍ରକୃତି ଓ ଚରିତ୍ର ପ୍ରକାଶ କରନ୍ତି (ଯୋହନ ୧୪:୧୭,୨୬) । ଏହି ଅଧ୍ୟୟନଟିରେ ଆପଣ କେବଳ ଆପଣଙ୍କ ମନକୁ ଜଡ଼ିତ କରନ୍ତୁ ନାହିଁ, କାରଣ ଏହା କଲେ, ଆପଣ ଯାହା ପାଇ ପାରିବେ, କେବଳ ସେତିକିରେ ସୀମିତ ରହିବେ । ଆମର ମନ ଈଶ୍ୱରଙ୍କର ଦାନ ଅଟେ, ମାତ୍ର ତଥାପି ସେଗୁଡ଼ିକ ସୀମିତ ଅଟନ୍ତି (୧ କରିନ୍ଥୀୟ ୩ ଓ ୪ ଅଧ୍ୟାୟ ଦେଖନ୍ତୁ) । ଆପଣଙ୍କ ହୃଦୟ ଉନ୍ମୁକ୍ତ କରନ୍ତୁ ଓ ଆପଣଙ୍କୁ ଶିକ୍ଷାଦେବା ପାଇଁ ଓ ସୁଗଠିତ କରିବା ପାଇଁ ପବିତ୍ର ଆତ୍ମାଙ୍କୁ ଅନୁମତି ଦିଅନ୍ତୁ । ଆପଣ ନିଜେ ଯେଉଁଠାରେ ରହିଅଛନ୍ତି, କେବଳ ସେହି ସ୍ଥାନକୁ ଅନ୍ୟମାନଙ୍କୁ ଆଣିପାରିବେ । ସେଥିପାଇଁ ପ୍ରାର୍ଥନା କରନ୍ତୁ; ଏହି ଶିକ୍ଷାକୁ ଅଧ୍ୟୟନ ଓ ଉପଭୋଗ କରନ୍ତୁ – ଆଉ ଆପଣ ପାଠ କରୁଥିବା ସମୟରେ ସୁଦ୍ଧା ଈଶ୍ୱରଙ୍କର ଅଭିଷେକ-ଶକ୍ତିରେ ବୃଦ୍ଧି ପାଇପାରିବେ ।

ଆହୁରି ମଧ୍ୟ, Acts ପତ୍ରିକାର ଏହି ସଂଖ୍ୟାରେ ଆମେ ଯୋଗ କରିଥିବା ନୂତନ ବିଷୟ ପ୍ରତି ଦୟାକରି ଦୃଷ୍ଟି ଦିଅନ୍ତୁ । ଏହି ସମଗ୍ର ଶିକ୍ଷା ମଧ୍ୟରେ, ମୋ'ଠାରୁ ଆପଣମାନେ ଏକ ବିଶେଷ ଲେଖା ପ୍ରାପ୍ତ ହେବେ । ବାଇବଲ ସମ୍ବନ୍ଧୀୟ ସେବାକାର୍ଯ୍ୟ ଓ ବ୍ୟକ୍ତିଗତ ଅଭିବୃଦ୍ଧିରୁ ଉତ୍ପନ୍ନ ଏକ ଗୁରୁତ୍ୱପୂର୍ଣ୍ଣ ନିୟମ ପ୍ରତି ଅଧିକ ଗଭୀର ଦୃଷ୍ଟିକୋଣ ପାଇବା ପାଇଁ ସେଗୁଡ଼ିକ ଜଣେ ମଣ୍ଡଳୀ ନେତା ଭାବରେ ଆପଣଙ୍କ ନିମନ୍ତେ ପ୍ରସ୍ତୁତ ହୋଇଅଛି । ଏହି ବିଶେଷ ଲେଖାଟି ''ପାଳକଠାରୁ ପାଳକଙ୍କ ପ୍ରତି'' ଭାବରେ ପରିଚିତ ହୋଇଛି ଓ ସେଗୁଡ଼ିକୁ ଆପଣମାନେ ଯେପରି ସଙ୍ଗେ ସଙ୍ଗେ ଚିହ୍ନି ପାରିବେ, ଏଥିପାଇଁ ଗୋଟିଏ ଧୂସର ବର୍ଣ୍ଣର ପୃଷ୍ଠଭୂମି ଉପରେ ଲେଖାଯାଇଛି ।

ପାଳକ, ମୁଁ ଆପଣଙ୍କୁ ଖ୍ରୀଷ୍ଟଙ୍କଠାରେ ପ୍ରେମ କରେ ଓ ଆପଣଙ୍କ ନିମନ୍ତେ ଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟଗୁଡ଼ିକରେ ମୁଁ ବିଶ୍ୱାସ କରେ । ଆପଣ ଈଶ୍ୱରଙ୍କର ମନୋନୀତ ଉପକରଣ ଅଟନ୍ତି, ଯାହାଙ୍କୁ ସେ ତାଙ୍କ ରାଜ୍ୟ ଓ ଗୌରବ ନିମନ୍ତେ ବ୍ୟବହାର କରିବାକୁ ଓ ତାଙ୍କ ମଣ୍ଡଳୀକୁ ଆଶୀର୍ବାଦ କରିବାକୁ ଇଚ୍ଛା କରନ୍ତି । ମୁଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆପଣଙ୍କୁ ଆଶୀର୍ବାଦ କରୁଅଛି । ବର୍ତ୍ତମାନ, ଆପଣ ଈଶ୍ୱରଙ୍କ ବାକ୍ୟ ଓ ତାହାଙ୍କ ଆତ୍ମାରୁ ଅଧ୍ୟୟନ ଓ ଗ୍ରହଣ କରୁଥିବା ସମୟରେ ସେ ଆପଣଙ୍କୁ ଆଶୀର୍ବାଦ, ଶକ୍ତିଯୁକ୍ତ ଓ ବୃଦ୍ଧିପ୍ରାପ୍ତ କରନ୍ତୁ !

**ଆପଣଙ୍କ ଭାଇ ଆଚାର୍ଯ୍ୟ. ଫ୍ରାଙ୍କ୍ ଆର. ପ୍ୟାରିସ୍**

ନିର୍ଦ୍ଦେଶକ, World MAP





# ପବିତ୍ର ଆତ୍ମାଙ୍କର ଅଭିଷେକ

*''...ପରାକ୍ରମ ଦ୍ୱାରା ନୁହେଁ, କିଅବା ବଳଦ୍ୱାରା ନୁହେଁ, ମାତ୍ର ଆମ୍ଭର ଆତ୍ମା ଦ୍ୱାରା, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି'' (ଯିଖରିୟ ୪:୬)*

**ଫ୍ରାଙ୍କ ଆର. ପ୍ୟାରିସ୍**

## ଏହି ଶିକ୍ଷାର ଉପକ୍ରମ

''ଅଭିଷେକ'' ସମ୍ବନ୍ଧରେ ଏକ ସଫଳ, ବାଇବଲ ଅଧ୍ୟୟନ ଆରମ୍ଭ କରିବା ପୂର୍ବରୁ ଆମକୁ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ମୌଳିକ ନିୟମ ସ୍ଥାପନ କରିବାକୁ ହେବ । ଏହି ନିୟମଗୁଡ଼ିକ ଏପରି ଏକ ବାଇବଲ-ମଞ୍ଚ ଗଠନ କରିବ, ଯେଉଁଠାରୁ ଆମେ ଅଭିଷେକ ସମ୍ବନ୍ଧରେ ଏକ ଯଥାର୍ଥ ଦୃଷ୍ଟି ପ୍ରାପ୍ତ ହୋଇ ପାରିବା ।

ଏହି ପ୍ରବନ୍ଧର ପ୍ରାରମ୍ଭିକ ଭାଗଗୁଡ଼ିକ ସେହି ମୌଳିକ ନିୟମଗୁଡ଼ିକୁ ଆଲୋଚନା କରିବ । ସେଗୁଡ଼ିକ ଆପଣମାନଙ୍କ ପାଇଁ ନୂତନ ହୋଇପାରେ କିମ୍ବା ସେଗୁଡ଼ିକ ସହିତ ଆପଣ ପରିଚିତ ଥାଇପାରନ୍ତି । କିନ୍ତୁ, ଏହି ଅଧ୍ୟୟନର ପ୍ରସ୍ତୁତି ନିମନ୍ତେ ଗୋଟିଏ ସାଧାରଣ ଭିତ୍ତିମୂଳ ରଖିବା ଆମ ପାଇଁ ଜଟିଳ ହୋଇଥିବାରୁ ନିମ୍ନଲିଖିତ ନିୟମଗୁଡ଼ିକୁ ଯତ୍ନପୂର୍ବକ ଅଧ୍ୟୟନ କରିବାକୁ ମୁଁ ଆପଣମାନଙ୍କୁ ଅନୁରୋଧ କରେ । ଆପଣଙ୍କ ନିଜସ୍ୱ ଜୀବନ ଓ ସେବାକାର୍ଯ୍ୟରେ ଏହି ନିୟମଗୁଡ଼ିକୁ କିପରି ଉତ୍ତମଭାବେ ସ୍ଥାପନ କରି ହେବ ଓ ତଦନୁସାରେ ଜୀବନ କାଟିହେବ, ତାହା ପ୍ରକାଶ କରିବା ପାଇଁ, ସେ ବିଷୟରେ ଚେତନା ଦେବା ପାଇଁ, ତାକୁ ପରୀକ୍ଷା ଓ ସମର୍ଥନ କରିବା ପାଇଁ ପବିତ୍ର ଆତ୍ମାଙ୍କୁ ଯଥେଷ୍ଟ ସମୟ ଦିଅନ୍ତୁ ।

ସହ ନେତା, ପରିପକ୍ୱତା ପ୍ରତି ଏହା ଗୋଟିଏ ସହଜ ''ସଂକ୍ଷିପ୍ତ'' ଅଧ୍ୟୟନ ନୁହେଁ । କିମ୍ବା ଏହା ଆପଣଙ୍କୁ ''ସଫଳ'' କରିବାରେ ସାହାଯ୍ୟ କରିପାରୁଥିବା କ୍ଷିପ୍ର ସୂତ୍ରବଳି କିମ୍ବା ଆକର୍ଷଣୀୟ କୌଶଳ ମଧ୍ୟ ପ୍ରଦାନ କରେ ନାହିଁ ।

ବରଂ, ମଣ୍ଡଳୀ ନେତାଭାବରେ ଆମକୁ କିପରି ଈଶ୍ୱରଙ୍କ ରାଜ୍ୟ ମଧ୍ୟରେ ବୃଦ୍ଧି ପାଇବାକୁ ଓ କାର୍ଯ୍ୟ କରିବାକୁ ହେବ ସେ ସମ୍ବନ୍ଧରେ ଏହା ଏକ ବାଇବଲ ସଂପୃକ୍ତ ଅଧ୍ୟୟନ ଅଟେ । ପରିପକ୍ୱତାର ପଥ ପ୍ରକୃତରେ ଫଳ ପ୍ରଦ ହେବା ନିମନ୍ତେ, ଈଶ୍ୱରଙ୍କୁ ଅତ୍ୟଧିକ ଗୌରବ ଦେଉଥିବା ଏକ ସ୍ଥାୟୀ ସେବାକାର୍ଯ୍ୟ ରଖିବା ନିମନ୍ତେ ଗୋଟିଏ ଆବଶ୍ୟକୀୟ ପ୍ରକ୍ରିୟା ଅଟେ ।

ସେଥିପାଇଁ, ଅଭିଷେକ ସମ୍ବନ୍ଧୀୟ ଏହି ସଂଖ୍ୟାଟି ବିଷୟରେ ଶିକ୍ଷା କରୁଥିବା ସମୟରେ, ଆସନ୍ତୁ, ଆମେ ଉଦ୍‌ଯୋଗର ସହିତ ନିଜକୁ ପ୍ରୟୋଗ କରିବା । ନିଜର ମାର୍ଗ ଓ ଇଚ୍ଛା ଭାବରେ ଈଶ୍ୱର ଯାହା ସ୍ଥାପନ କରିଅଛନ୍ତି, କେବଳ ସେଥିରେ ହିଁ ଈଶ୍ୱର ଆଶୀର୍ବାଦ କରି ପାରନ୍ତି । ସେଥିପାଇଁ, ଅଭିଷେକ ସହିତ ସଂପୃକ୍ତ ବିଷୟଗୁଡ଼ିକ ଦିଗରେ ଅଗ୍ରସର ହେବା ପୂର୍ବରୁ ତାଙ୍କ ବାକ୍ୟରୁ ଏକ ଯଥାର୍ଥ ଭିତ୍ତି ମୂଳ ସ୍ଥାପନ କରିବା ଆମ ପାଇଁ ଅନିବାର୍ଯ୍ୟ ଅଟେ (ଯିଶାଇୟ ୨୮:୧୦) ।

## ''ପବିତ୍ର ଆତ୍ମାଙ୍କର ଅଭିଷେକ'' ସମ୍ବନ୍ଧରେ ବିଷୟ–ସୂଚୀ

**ଉପକ୍ରମ**

**୧) ଅଭିଷେକର ଐତିହାସିକ ଓ**

**ବାଇବଲ–ଉଲ୍ଲିଖିତ ପୃଷ୍ଠଭୂମି**

କ) ପୁରାତନ ନିୟମରେ ଅଭିଷେକ

i) ''ଅଭିଷେକ'' ଶବ୍ଦର ଉତ୍ପତ୍ତି

ii) ''ମସିହ'' ଶବ୍ଦର ଉତ୍ପତ୍ତି



ଖ) ନୂତନ ନିୟମରେ ''ଅଭିଷେକ''

i) ଆଲୀଫୋ

ii) କ୍ରିଓ

iii) କ୍ରିସ୍‌ମା

୨) ଅଭିଷେକର ପ୍ରକୃତି, ଉଦ୍ଦେଶ୍ୟ ଓ କାର୍ଯ୍ୟ

କ) ଅଭିଷେକର ପ୍ରକୃତି

i) ଅଭିଷେକ ଯାହା ନୁହେଁ

ii) ଶୁଚିକରଣର ତିନୋଟି ଦିଗ

iii) ଅଭିବୃଦ୍ଧିର ପଥ

ଖ) ଅଭିଷେକର ଉଦ୍ଦେଶ୍ୟ

i) ଅଭିଷେକର ସଂଜ୍ଞା

ii) ଉଦ୍ଦେଶ୍ୟ ବିଶିଷ୍ଟ ଶକ୍ତି

କ) ସ୍ୱର୍ଗୀୟ ସାମର୍ଥ୍ୟ

ଖ) ଅଭିଷେକ କିଏ ପାଇପାରେ

ଗ) ଅଭିଷେକର କାର୍ଯ୍ୟ

i) ଆହ୍ୱାନ ସହିତ ସଂପୃକ୍ତ ଅଭିଷେକ

ii) ଅଭିଷେକକୁ ଆମ ନିଜ ପାଖରେ ରଖିବା ଅନୁଚିତ

iii) ଅଭିଷେକ ସୀମିତ କିମ୍ବା ବନ୍ଦ ହୋଇପାରେ

iv) ଅଭିଷେକର ଦୁର୍ବ୍ୟବହାର କିମ୍ବା ଅପବ୍ୟବହାର ହୋଇପାରେ

ଘ) ଅଭିଷେକରେ ଆଚରଣ

କ) ଅଭିଷେକର ସୁରକ୍ଷା

i) କୂପ ମଧ୍ୟରେ ମୂଷା

ii) ଶୁଦ୍ଧତା ଦିଗକୁ ପଥ

iii) ପ୍ରକୃତ ଅଭିଷେକର ସାତୋଟି ଲକ୍ଷଣ

ଖ) ଅଭିଷେକରେ ବୃଦ୍ଧି

i) ଚରିତ୍ର ଓ ଅଭିଷେକ

ii) ପ୍ରଭୁଙ୍କର ପଦଚିହ୍ନ

କ) ଯୀଶୁ ଥିଲେ କର୍ତ୍ତୃତ୍ୱର ବିଷୟ

ଖ) ଯୀଶୁ ପରିପକ୍ୱ ହୋଇଥିଲେ ।

ଗ– ଯୀଶୁ ନମ୍ର ଆଚରଣ କରିଥିଲେ ।

ଘ– ଯୀଶୁ ପରୀକ୍ଷା ବୁଝିଥିଲେ ।

iii) ଈଶ୍ୱରଙ୍କ ବ୍ୟକ୍ତିତ୍ୱ ଅନ୍ୱେଷଣ

ଗ) ତାଙ୍କ ଅଭିଷେକ ଗ୍ରହଣ

i) ପରିପୂର୍ଣ୍ଣ ହୁଅନ୍ତୁ !

ii) ଈଶ୍ୱରଙ୍କର ଅନ୍ୱେଷଣ କରନ୍ତୁ !



# ଅସୀମ ସେବାକାର୍ଯ୍ୟ

ଯୀଶୁ ଖ୍ରୀଷ୍ଟଙ୍କର ଯେକୌଣସି ଓ ପ୍ରତ୍ୟେକ ବିଶ୍ୱାସୀ ପାଇଁ ''ଅଭିଷେକ'' ସମ୍ବନ୍ଧୀୟ ବିଷୟ ବସ୍ତୁଟି ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । କିନ୍ତୁ ''ଅଭିଷେକ''କୁ ବୁଝିବା, ଅର୍ଥାତ୍– ଏହା କ'ଣ ଅଟେ, ଏହା କିପରି କାର୍ଯ୍ୟ କରେ ଓ ଆମେ ଏଥିରେ କିପରି ଆଚରଣ କରି ବୃଦ୍ଧି ପାଇପାରିବା ଏ ସମ୍ବନ୍ଧରେ ବୁଝିବା ଜଟିଳ ଅଟେ । ବିଶେଷ ଭାବରେ, ଏହା ସେହିମାନଙ୍କ ନିମନ୍ତେ ସତ୍ୟ ଅଟେ, ଯେଉଁମାନଙ୍କୁ ସଂପୂର୍ଣ୍ଣ ସମୟ ସେବାକାର୍ଯ୍ୟ ପାଇଁ ଆହ୍ୱାନ କରାଯାଇଛି ।

ଦୁର୍ଭାଗ୍ୟବଶତଃ, ଅଭିଷେକକୁ, ପ୍ରାୟତଃ, ଭୁଲ୍ ଭାବରେ ବୁଝାଯାଏ କିମ୍ବା ଏହି ବିଷୟ ବସ୍ତୁକୁ ହୁଏତ କିଛି ନେତା ଏଡାଇ ଦିଅନ୍ତି । ଯଦିଓ ଏହି ବିଷୟଟିକୁ ଆମକୁ ଦେବା ପାଇଁ ଈଶ୍ୱର ଇଚ୍ଛା କରନ୍ତି, ତଥାପି ଏହା କ'ଣ ଓ ଏହାକୁ କିପରି ଗ୍ରହଣ କରିବାକୁ ହେବ, ତାହା ଅନେକ ନେତା ଜାଣନ୍ତି ନାହିଁ । ଏହିପରିଭାବରେ, ସେମାନେ ଅନ୍ୟାନ୍ୟ ବିଷୟକୁ ପବିତ୍ର ଆତ୍ମାଙ୍କର ଅଭିଷେକ ସ୍ଥାନରେ ରଖିବାକୁ ଚେଷ୍ଟାକରନ୍ତି ।

କେତେକ ନେତା ହୁଏତ ପ୍ରଶାସନ କିମ୍ବା ଅନୁଷ୍ଠାନରେ ଦକ୍ଷ ହୋଇପାରନ୍ତି । ବୋଧହୁଏ ସେମାନେ ସେମାନଙ୍କ ନାମର ଆଗରେ ଓ ପଛରେ ଉପାଧି ଓ ନାମ ଯୋଗ କରି ଶିକ୍ଷା ପଛରେ ଦୌଡୁଥାନ୍ତି । ସେମାନେ ହୁଏତ ଅନେକ ସମ୍ମିଳନୀରେ ଯୋଗଦେଇ ବଡ଼ ବଡ଼ ବକ୍ତାମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇପାରନ୍ତି । ସେମାନେ ହୁଏତ ଅଧିକ ସଫଳ ଭାବରେ ଲୋକମାନଙ୍କର ନେତୃତ୍ୱ ନେଇ ସେମାନଙ୍କୁ ପ୍ରରୋଚିତ କରିବା ପାଇଁ ସେମାନଙ୍କର ନିଜସ୍ୱ ଭାଷଣ ଓ ଗୀତଗାନ କରିବାର କୌଶଳ ବିକାଶ କରିପାରନ୍ତି ।

ଉପରୋକ୍ତ ବିଷୟଗୁଡ଼ିକ ଭୁଲ୍ ନୁହେଁ, ଆଉ ସେଗୁଡ଼ିକ ସେବାକାର୍ଯ୍ୟରେ ଉପକାରୀ ବୋଲି ପ୍ରମାଣିତ ହୋଇପାରନ୍ତି କିମ୍ବା ନ ହୋଇପାରନ୍ତି । ମାତ୍ର ସେଗୁଡ଼ିକ ଅଭିଷେକ ନୁହେଁ ! କିମ୍ବା ସେବକର ଜୀବନରେ ସେଗୁଡ଼ିକ ପବିତ୍ର ଆତ୍ମାଙ୍କ ପ୍ରକୃତ ଅଭିଷେକର ସ୍ଥାନ ନେଇପାରନ୍ତି ନାହିଁ ।

ଶିକ୍ଷା ଓ ପ୍ରଶାସନିକ କୌଶଳ ଉତ୍ତମ ଓ ଉପକାରୀ ହୋଇପାରେ । କିନ୍ତୁ, ନେତାଙ୍କୁ କାର୍ଯ୍ୟସାଧନରେ ସାହାଯ୍ୟ କରିବା ପାଇଁ ସେଗୁଡ଼ିକ ସୀମିତ ଅଟେ । ଯେତେବେଳେ ଆମେ ଆମ ଶିକ୍ଷା ଉପରେ ନିର୍ଭର କରୁ, ସେତେବେଳେ ଆମେ ଯେଉଁ ସର୍ବୋତ୍ତମ ଫଳ ଆଶା କରୁ, ତାହା ହେଉଛି ଆମ ଶିକ୍ଷାର ସୀମା । ଯେତେବେଳେ ଆମେ ଆମର ବାଗ୍ମିତା କିମ୍ବା ଅନ୍ୟ ଦକ୍ଷତା ଉପରେ ନିର୍ଭର କରୁ, ସେତେବେଳେ ସେହି ଦକ୍ଷତା ସାଧନ କରିପାରୁଥିବା କାର୍ଯ୍ୟଠାରେ ଆମେ ସୀମିତ ହୋଇଯାଉ ।

ମାତ୍ର, ଯେତେବେଳେ ଆମେ ପବିତ୍ର ଆତ୍ମାଙ୍କ ଉପରେ ନିର୍ଭର କରିବା, ସେତେବେଳେ ପବିତ୍ର ଆତ୍ମା ଯାହା କରିପାରନ୍ତି, ତଦ୍ଦ୍ୱାରା ଆମେ ସୀମିତ ହେବା ।

ସେବାକାର୍ଯ୍ୟର ଆହ୍ୱାନ ସାଧନ କରିବା ପାଇଁ ନିର୍ଭର କରିବାକୁ ଆମେ ଯେକୌଣସି ବିଷୟ ମନୋନୀତ କରୁ, କିମ୍ୱା ଆମର ଭରସା ସ୍ଥାପନ କରୁ, ତାହା ହିଁ ଆମର କାର୍ଯ୍ୟ କରିବାର ସାମର୍ଥ୍ୟର ସୀମା ନିର୍ଦ୍ଧାରଣ କରେ । ଆପଣଙ୍କ ସେବାକାର୍ଯ୍ୟରେ ଆପଣ କେତେ ପରିମାଣର ସୀମା ଚାହାଁନ୍ତି ?

'ଈଶ୍ୱରଙ୍କର ଅସାଧ୍ୟ କିଛି ନାହିଁ' (ଲୂକ ୧୮:୨୭ ଦେଖନ୍ତୁ) । ସେଥିପାଇଁ ଯଦି ମୁଁ ଈଶ୍ୱରଙ୍କ ଉପରେ, ତାଙ୍କ ଶକ୍ତି ଓ ସାମର୍ଥ୍ୟ ଉପରେ ମୋର ଭରସା ଓ ନିର୍ଭରଶୀଳତା ସ୍ଥାପନ କରିବି, ତେବେ ସେବାକାର୍ଯ୍ୟରେ ମୋର ସୀମା ହେବ ଈଶ୍ୱରଙ୍କ ଇଚ୍ଛା ଓ ମୋ ନିମନ୍ତେ ଥିବା ତାଙ୍କର ଅଭିଳାଷ (ଫିଲିପ୍ପୀୟ ୪:୧୩) ।

ପ୍ରତ୍ୟେକ ପୁନର୍ଜନ୍ମ ପ୍ରାପ୍ତ ବିଶ୍ୱାସୀ ଯେପରି ନିଜ ବ୍ୟବହାର ଓ କାର୍ଯ୍ୟରେ ଆତ୍ମାଙ୍କ ଫଳ (ଗାଲାତୀୟ ୫:୧୬-୨୬) ଦେଖାଇବେ, ଏହା ଈଶ୍ୱରଙ୍କ ଇଚ୍ଛା ଅଟେ । ଆତ୍ମାଙ୍କ ଫଳ ଖ୍ରୀଷ୍ଟଙ୍କର ଚରିତ୍ର ଅଟେ । ଏହି ସମାନ ପ୍ରକାରର ଚରିତ୍ର, ବିଶେଷ ଭାବରେ ସେହିମାନଙ୍କର ଆବଶ୍ୟକ ଅଟେ, ଯେଉଁମାନଙ୍କୁ ଖ୍ରୀଷ୍ଟଙ୍କ ଶରୀରରେ ଅନ୍ୟମାନଙ୍କର ନେତୃତ୍ୱ ନେବା ପାଇଁ ଆହ୍ୱାନ ଦିଆଯାଇଛି । ନେତାମାନଙ୍କର କାର୍ଯ୍ୟ ହେଉଛି-ସେମାନେ ଯେଉଁମାନଙ୍କର ନେତୃତ୍ୱ ନିଅନ୍ତି, ସେମାନଙ୍କ ପାଇଁ ଈଶ୍ୱରୀୟ ଆଚରଣର ଆଦର୍ଶ ସ୍ଥାପନ କରିବା (୧ କରିନ୍ଥୀୟ ୧୧:୧; ଫିଲିପ୍ପୀୟ ୩:୧୭; ୧ ତିମଥି ୪:୧୨) । ଏପରି କୌଣସି ଦାନ, ପ୍ରଶାସନିକ କୌଶଳ କିମ୍ୱା ପ୍ରଚାର କିମ୍ୱା ଶିକ୍ଷା ଯୋଗ୍ୟତା ନାହିଁ, ଯାହା ଖ୍ରୀଷ୍ଟ ସଦୃଶ ଚରିତ୍ର ଓ ଏକନିଷ୍ଠାର ସ୍ଥାନ ଗ୍ରହଣ କରିପାରିବ ।

ବିଶେଷ ଭାବରେ, ଯେଉଁମାନେ ନେତୃତ୍ୱ ନେବା ପାଇଁ ଆହୂତ ହୋଇଛନ୍ତି ସେମାନଙ୍କ ନିକଟରେ ପବିତ୍ର ଆତ୍ମାଙ୍କର ଅଲୌକିକ ଶକ୍ତି ରହୁ ବୋଲି ମଧ୍ୟ ଈଶ୍ୱରଙ୍କ ଇଚ୍ଛା ଅଟେ । ଯୀଶୁ ନିଜର ଶିଷ୍ୟମାନଙ୍କୁ କହିଥିଲେ, ''ତୁମ୍ଭେମାନେ ମୋତେ ମନୋନୀତ କରି ନାହିଁ, କିନ୍ତୁ ମୁଁ ତୁମ୍ଭମାନଙ୍କୁ ମନୋନୀତ କରିଅଛି, ଆଉ ତୁମ୍ଭେମାନେ ଯେପରି ଯାଇ ଫଳ ଉତ୍ପନ୍ନ କର ଓ ତୁମ୍ଭମାନଙ୍କର ଫଳସ୍ଥାୟୀ ହୁଏ, ଏଥିନିମନ୍ତେ ତୁମ୍ଭମାନଙ୍କୁ ନିଯୁକ୍ତି କରିଅଛି'' (ଯୋହନ ୧୫:୧୬) ।

ଏହି ଅଧ୍ୟାୟରୁ ଆମେ ଏହା ଦେଖୁ ଯେ ଆମ ଜୀବନର ଫଳ ସ୍ଥାୟୀ ହେଉ ବୋଲି ଯୀଶୁଙ୍କର ଇଚ୍ଛା ଅଟେ । ତାହା କିପରି ଘଟିପାରେ ? ଯେତେବେଳେ ଆମ ସେବାକାର୍ଯ୍ୟ ଈଶ୍ୱରଙ୍କ ଅଭିଷିକ୍ତ ଶକ୍ତିରେ- ପବିତ୍ର ଆତ୍ମାଙ୍କ ଶକ୍ତିରେ ପରିପୂର୍ଣ୍ଣ ହୁଏ,-



ସେତେବେଳେ ଆମ ମଧ୍ୟରେ ଥିବା ତାଙ୍କର ଶକ୍ତି ଫଳପ୍ରଦ ଓ ସ୍ଥାୟୀ ଭାବରେ ଲୋକମାନଙ୍କ ଜୀବନକୁ ପ୍ରଭାବିତ କରିବା ପାଇଁ ଆମକୁ ସାମର୍ଥ୍ୟ ପ୍ରଦାନ କରେ ।

ଗୋଟିଏ ନେତା କେତେ ପ୍ରତିଭାବାନ୍ କିମ୍ୱା ନିର୍ଭୀକ, ତାହା ମୂଲ୍ୟହୀନ ଅଟେ । ପବିତ୍ର ଆତ୍ମାଙ୍କ ସାମର୍ଥ୍ୟ ବିନା ଜଣେ ନେତା ସେବାକାର୍ଯ୍ୟରେ ଈଶ୍ୱରଙ୍କ ମାର୍ଗରେ ତାଙ୍କ ଇଚ୍ଛା ସଫଳ କରିପାରେ ନାହିଁ । ସୌଭାଗ୍ୟ ବଶତଃ, ଆମର ଯାହା ଆବଶ୍ୟକ, ତାହା ଆମ ଅପେକ୍ଷା ଈଶ୍ୱର ଅଧିକ ଭଲଭାବରେ ଜାଣନ୍ତି । ଆଉ ସେ ତାଙ୍କ ଉଚ୍ଚ ଆହ୍ୱାନ ସଫଳ କରିବାରେ ଆମକୁ ସାହାଯ୍ୟ କରିବା ପାଇଁ ତାଙ୍କର ଶକ୍ତି ଓ ସାମର୍ଥ୍ୟ ଆମକୁ ଯୋଗାଇ ସାରିଛନ୍ତି ।

## ଶକ୍ତି ବିହୀନ ଗଠନ

ଆଜି, ଏପରି ଅନେକ ମଣ୍ଡଳୀ ଓ ସେବାକାର୍ଯ୍ୟ ରହିଛି, ଯେଉଁଠାରେ ଈଶ୍ୱରଙ୍କ ଉପସ୍ଥିତି ଓ ପବିତ୍ର ଆତ୍ମାଙ୍କ ଶକ୍ତି ସୀମିତ ହୋଇ ଯାଇଛି । ଏହି ସେବାକାର୍ଯ୍ୟଗୁଡ଼ିକରେ ବହୁସଂଖ୍ୟକ ଲୋକ, କୃତ୍ରିମ ସୁବିଧାସୁଯୋଗ କିମ୍ୱା ଆନନ୍ଦଦାୟକ ଘଟଣା ଥାଇପାରେ । ମାତ୍ର ଯଦି ପବିତ୍ର ଆତ୍ମାଙ୍କର ପ୍ରକୃତ ଉପସ୍ଥିତି ଓ ଶକ୍ତିକୁ ସ୍ୱାଗତ କରାଯାଇ ନାହିଁ ଓ ତାହା ସ୍ପଷ୍ଟ ନୁହେଁ, ତେବେ ଏହି ସମାଗମଗୁଡ଼ିକ କେବଳ ଶୂନ୍ୟ, ଧାର୍ମିକ ଉତ୍ସବ ହୋଇଯିବ ।

ଗୋଟିଏ ବଡ଼ ଗୃହ କିମ୍ୱା ପ୍ରେକ୍ଷାଳୟରେ ଗୋଟିଏ ବଲ୍ ଖେଳ ଭଳି ବହୁସଂଖ୍ୟକ ଲୋକ, କୃତ୍ରିମ ସୁବିଧା ଓ ଆନନ୍ଦଦାୟକ ମୁହୂର୍ତ୍ତ ଥାଇପାରେ । ମାତ୍ର ଏହି ବାହ୍ୟ ପରିବେଶର ସେହି ସମସ୍ତ ଶିଷ୍ୟ ପ୍ରସ୍ତୁତ କରିବା ସହିତ ଆଦୌ ସଂପର୍କ ନ ଥାଏ, ଯେଉଁମାନେ ଉଦ୍‌ଯୋଗର ସହ ଯୀଶୁ ଖ୍ରୀଷ୍ଟଙ୍କୁ ଅନୁସରଣ କରନ୍ତି ।

ମଣ୍ଡଳୀ ଇତିହାସରେ, ପୃଥିବୀର ଏପରି ଅନେକସ୍ଥାନ ରହିଛି, ଯେଉଁଠାରେ ଈଶ୍ୱର ବଶୀଭୂତ ମାନବ ପାତ୍ର ଗୁଡ଼ିକ ମାଧ୍ୟମରେ ମହତ୍ ଓ ଅଲୌକିକ କାର୍ଯ୍ୟ ସାଧନ କରିଥିଲେ । ସେହି ମଣ୍ଡଳୀଗୁଡ଼ିକ ମଧ୍ୟରୁ ଅନେକ ଓ ବିଶାଳ ଭୌଗୋଳିକ ଭୂଖଣ୍ଡ ସୁଦ୍ଧା ସେଗୁଡ଼ିକର ଶକ୍ତିପୂର୍ଣ୍ଣ ଖ୍ରୀଷ୍ଟିୟ ଉପସ୍ଥିତି ନିମନ୍ତେ ଦିନେ ପ୍ରସିଦ୍ଧ ଥିଲା । ଦୁଃଖର ବିଷୟ, ଆଜି ସେଗୁଡ଼ିକ ଆତ୍ମିକ ଭାବରେ ଅନ୍ଧକାରାଚ୍ଛନ୍ନ ହୋଇଅଛି । ଦିନେ ଯେଉଁଠାରେ ମଣ୍ଡଳୀ ଅଗ୍ରଗତି କରି ବହୁ ପ୍ରଭାବ ପକାଇଥିଲା, ବର୍ତ୍ତମାନ ଏହି ସ୍ଥାନଗୁଡ଼ିକ ସୁସମାଚାର ଶୂନ୍ୟ ଓ ସୁସମାଚାର ଆଲୋକ ରହିତ ହୋଇଛନ୍ତି ।

ନୂତନ ନିୟମ ଇତିହାସରେ ଅଧିକ ପରିଚିତ ମଣ୍ଡଳୀଗୁଡ଼ିକ ମଧ୍ୟରେ ରହିଛି ଏସିଆ ମାଇନର (ବର୍ତ୍ତମାନର ତୁର୍କୀ) ମଣ୍ଡଳୀ ସମୂହ ଏହି ମଣ୍ଡଳୀଗୁଡ଼ିକ ବିଷୟରେ

ପ୍ରକାଶିତ ପୁସ୍ତକରେ ପାଠ କରିପାରିବା । ସେଗୁଡ଼ିକ, ସାଧାରଣ ଭାବରେ, ''ପ୍ରକାଶିତ ବାକ୍ୟର ସାତୋଟି ମଣ୍ଡଳୀ'' ଭାବରେ ପରିଚିତ ଅଟେ ।

ଏହି ମଣ୍ଡଳୀଗୁଡ଼ିକ ଦିନେ ଲୋକମାନଙ୍କ ହୃଦୟରେ ଖ୍ରୀଷ୍ଟଙ୍କ ଉଦ୍ଧାରକାରୀ କାର୍ଯ୍ୟର ଶକ୍ତିଶାଳୀ ଦୁର୍ଗ ଭାବରେ ଉଦୟ ହୋଇଥିଲେ । ସେଠାରେ ଅନେକ ଅଲୌକିକ କାର୍ଯ୍ୟ ସଂଘଟିତ ହୋଇଥିଲା । (ପ୍ରେରିତ ପୁସ୍ତକ ପାଠ କରନ୍ତୁ) । ମାତ୍ର ଆଜି, ସେହି ଭଗ୍ନ ସ୍ତୂପ ମଧ୍ୟରେ ଭ୍ରମଣ କରିବା ପାଇଁ ପର୍ଯ୍ୟଟକମାନେ ଅର୍ଥ ଦେଉଛନ୍ତି, ଯେଉଁଠାରେ ଦିନେ ବଡ଼ ବଡ଼ ପ୍ରେରିତମାନେ ବାକ୍ୟ ରୂପକ ଆଲୋକ ବିକିରଣ କରିଥିଲେ । ଏହି ସ୍ଥାନଗୁଡ଼ିକ ବର୍ତ୍ତମାନ ନିର୍ଜୀବ ଓ ସୁସମାଚାର ଶକ୍ତି ବିହୀନ ହୋଇ ରହିଛି ।

ଦିନେ ଶ୍ରେଷ୍ଠତା ହାସଲ କରିଥିବା ଏହି ମଣ୍ଡଳୀ ଓ ସେବାକାର୍ଯ୍ୟଗୁଡ଼ିକ ପ୍ରତି କ'ଣ ଘଟିଲା ? ଏହି ଶୂନ୍ୟ ଭଗ୍ନ ସ୍ତୂପ, ଯାହାକୁ ବର୍ତ୍ତମାନ ଆକାଶର ପକ୍ଷୀମାନେ ଅଧିକାର କରିଛନ୍ତି, ତାହା ଆମ ସମସ୍ତଙ୍କ ପ୍ରତି ଏକ ସତର୍କ ଚିହ୍ନ ଓ ଏକ ଶିକ୍ଷାର ବିଷୟ ଭାବରେ ଦଣ୍ଡାୟମାନ ହୋଇଛି ।

ଯାହା ଆମେ ଶିକ୍ଷା କରିପାରିବା, ତାହା ହେଉଛି ଯେତେବେଳେ ମଣ୍ଡଳୀ ନେତାମାନେ ଈଶ୍ୱରଙ୍କ ପବିତ୍ର ଆତ୍ମା ଓ ତାଙ୍କ ବାକ୍ୟର କାଳହୀନ ସତ୍ୟତା ଉପରେ ନିର୍ଭର ନ କରି ସେମାନଙ୍କର ନିଜର ଯୋଗ୍ୟତା, ପରଂପରା, ଉପାଧି, ମଣ୍ଡଳୀ ରାଜନୀତି କିମ୍ବା ଶିକ୍ଷା ଉପରେ ନିର୍ଭର କରିବାକୁ ଆରମ୍ଭ କରନ୍ତି – ଅର୍ଥାତ୍, ଯେତେବେଳେ ଈଶ୍ୱରଙ୍କ ଜୀବନ ଓ ଶକ୍ତି ନେତା ଭାବରେ ଆମଠାରୁ ଦୂର ହୋଇଯାଏ, ସେତେବେଳେ ଈଶ୍ୱର ଆମ ନିକଟରେ ସମର୍ପଣ କରିଥିବା ସେବାକାର୍ଯ୍ୟ କିମ୍ବା ମଣ୍ଡଳୀଗୁଡ଼ିକରୁ ମଧ୍ୟ ଈଶ୍ୱରଙ୍କ ଜୀବନ ଓ ଶକ୍ତି ଦୂରକୁ ଚାଲିଯାଏ ।

## ମଣ୍ଡଳୀ କ'ଣ ଅଟେ ?



ମଣ୍ଡଳୀର ପରିସ୍ଥିତି ବିଷୟ ଆଲୋଚନା କରିବା ପାଇଁ ପବିତ୍ର ଆତ୍ମା ପାଉଲଙ୍କୁ ପ୍ରେରଣା ଦେଇଥିଲେ (୧ କରିନ୍ଥୀୟ ୩ ଦେଖନ୍ତୁ) । କରିନ୍ଥୀୟ ମଣ୍ଡଳୀକୁ ଏକ ଆରେକ ସହିତ ସାଂସାରିକ, ଅପରିପକ୍ୱ ଓ ସ୍ୱାର୍ଥପର କଳହ ନିମନ୍ତେ ଭର୍ତ୍ସନା କରାଯାଇଥିଲା । ଏକ ଆରେକ ଉପରେ ସେମାନଙ୍କର ଆକାଂକ୍ଷିତ କର୍ତ୍ତାପଣ ହାସଲ



କରିବା ଚେଷ୍ଟାରେ ସେମାନେ ଦଳ ଦଳ ହୋଇ ବିଭକ୍ତ ହୋଇଥିଲେ (୩:୧–୪) । ଗର୍ବ ଶୟତାନ ପାପ ବ୍ୟତୀତ ଅନ୍ୟ କିଛି ନ ଥିଲା, ଆଜି ମଧ୍ୟ ଅନ୍ୟ କିଛି ନୁହେଁ (୧ ତିମଥି ୩:୬) । ଏହି ଗର୍ବଯୁକ୍ତ ଆଚରଣ ଓ ମନୁଷ୍ୟମାନଙ୍କର ଆତ୍ମ ନିର୍ଭରଶୀଳ ପ୍ରଚେଷ୍ଟା ଆଜିସୁଦ୍ଧା ମଣ୍ଡଳୀର ଫଳ ଉତ୍ପନ୍ନରେ ବାଧା ସୃଷ୍ଟି କରୁଛି ।

ପାଉଲ ସ୍ପଷ୍ଟ ଭାବରେ ଏହା ବ୍ୟକ୍ତ କରିଛନ୍ତି ଯେ କେବଳ ଈଶ୍ୱର ହିଁ ମଣ୍ଡଳୀକୁ ପ୍ରକୃତରେ ବୃଦ୍ଧି କରନ୍ତି । ''ଅତଏବ ଯେ ରୋପଣ କରେ କିମ୍ବା ଯେ ଜଳ ସେଚନ କରେ, ସେ କିଛି ନୁହେଁ, ମାତ୍ର ବୃଦ୍ଧି ସାଧନ କରନ୍ତି ଯେ ଈଶ୍ୱର, ସେ ସାର'' (୧ କରିନ୍ଥୀ ୩:୭) ।

କେବଳ ଗୋଟିଏ ମୂଳଦୁଆ ରହିଛି, ଯାହା ଉପରେ ମଣ୍ଡଳୀ ନିର୍ମିତ ହୋଇପାରିବ : ସେ ହେଉଛନ୍ତି କୋଣର ପ୍ରଧାନ ପ୍ରସ୍ତର ଯୀଶୁ ଖ୍ରୀଷ୍ଟ (୧ କରିନ୍ଥୀୟ ୩:୧୦,୧୧; ଏଫିସୀୟ ୨:୨୦–୨୨ ମଧ୍ୟ ଦେଖନ୍ତୁ) । ସେ ଆଜି ମଣ୍ଡଳୀ ନିମନ୍ତେ ସେହିପରି ଆମର କୋଣ ପ୍ରସ୍ତର ଅଟନ୍ତି, ଯେପରି ୨୦୦୦ ବର୍ଷ ପୂର୍ବେ ମଣ୍ଡଳୀର ଜନ୍ମ ସମୟରେ ରହିଥିଲେ !

## ମଣ୍ଡଳୀର ମୁଖ୍ୟ ବିଷୟ

ପ୍ରାଚୀନ ଜଗତରେ ଗୋଟିଏ କୋଣ ପ୍ରସ୍ତର ବ୍ୟବହାର ବିଷୟରେ କିଛି ଅସାଧାରଣ ବିଷୟ ରହିଛି ଯାହା ଆମକୁ ଏହା ଅତି ଉତ୍ତମ ଭାବେ ବୁଝିବାରେ ସାହାଯ୍ୟ କରିବ ଯେ ଯୀଶୁଙ୍କୁ କାହିଁକି ''ପ୍ରଧାନ କୋଣ ପ୍ରସ୍ତର'' କୁହାଯାଇଛି (ମାଥି ୨୧:୪୨)।

ପ୍ରାଚୀନ ମଧ୍ୟ ପ୍ରାଚ୍ୟରେ, ଗୃହ ଓ ଅଟ୍ଟାଳିକାଗୁଡ଼ିକ ସମାନ ଭାବରେ ନିର୍ମିତ ହେଉଥିଲା । ପ୍ରଥମେ ଗୋଟିଏ ପ୍ରସ୍ତରକୁ ଯତ୍ନର ସହିତ ସ୍ଥାପନ କରାଯାଉଥିଲା, ଆଉ ତାହା ଥିଲା ପ୍ରଧାନ କୋଣ ପ୍ରସ୍ତର । ଗୃହର ଅବଶିଷ୍ଟାଂଶ, ଅର୍ଥାତ୍, ଆକାର, ଶୈଳୀ ଓ ସଂସ୍ଥାପନ ମାପ କରାଯାଉଥିଲା ଓ ସେହି ଗୋଟିଏ ନିର୍ଦ୍ଦିଷ୍ଟ କୋଣ ପ୍ରସ୍ତରଠାରୁ ସଳଖ ରେଖାରେ ସଜ୍ଜିତ କରାଯାଉଥିଲା ।

ଏହା ହେଉଛି ଜୀବନ୍ତ ମଣ୍ଡଳୀ କିପରି ନିର୍ମିତ ହେବା ଉଚିତ, ଓ ସେଥିରେ କିପରି ଖ୍ରୀଷ୍ଟଙ୍କର ପ୍ରାଧାନ୍ୟ ରହିଥାଏ, ତାହା ଦର୍ଶାଇବା ପାଇଁ ପାଉଲଙ୍କ ମାଧ୍ୟମରେ ପବିତ୍ର ଆତ୍ମା ବ୍ୟବହାର କରିଥିବା ଦୃଷ୍ଟାନ୍ତ । ଏହା ହେଉଛି ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ପରିତ୍ରାଣର କୋଣ ପ୍ରସ୍ତର ଉପରେ ଥିବା ଜୀବିତ ପ୍ରସ୍ତର ସମ୍ବନ୍ଧୀୟ, ବୃଦ୍ଧି ପାଉଥିବା ଓ ଆତ୍ମିକ ଭାବରେ ଜୀବିତ ଥିବା ପ୍ରସ୍ତର ସମ୍ବନ୍ଧୀୟ (୧ ପିତର ୨:୪–୧୦) ।

ମଣ୍ଡଳୀର ଠିକ୍ କେନ୍ଦ୍ରରେ ଏହି କୋଣ ପ୍ରସ୍ତର ନ ରହିଲେ ଅନ୍ୟ କୌଣସି ବିଷୟ ଯଥାର୍ଥ ଭାବରେ ମେଳ ଖାଇବ ନାହିଁ ।



ମଣ୍ଡଳୀ ନେତାଭାବରେ, ଈଶ୍ୱରଙ୍କ ଜୀବିତ ମଣ୍ଡଳୀ ନିର୍ମାଣ କରିବାରେ ସହାୟତା କରିବା ପାଇଁ ତାଙ୍କ ଉଦ୍ଦେଶ୍ୟ ଓ ଯୋଜନାର ବାଧ୍ୟ ହୋଇ ଖ୍ରୀଷ୍ଟଙ୍କ ସହିତ ଅଂଶୀଦାର ହେବା ନିମନ୍ତେ ଆମକୁ ଆହ୍ୱାନ କରାଯାଇଛି । ନୂତନ ନିୟମ ମଣ୍ଡଳୀ– ଖ୍ରୀଷ୍ଟଙ୍କ ମଣ୍ଡଳୀ ସେହି ଲୋକମାନଙ୍କୁ ନେଇ ଗଠିତ ହୋଇଛି ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସର ତ୍ରାଣଜନକ ଜ୍ଞାନ ନିକଟକୁ ଆସିଥାଆନ୍ତି । ନୂତନ ନିୟମରେ ''ମଣ୍ଡଳୀ'' ଶବ୍ଦଟିର ଅର୍ଥ ଆନୁଷ୍ଠାନିକ ଗୃହ, ଉପାଧି, ଅଟ୍ଟାଳିକା କିମ୍ବା ସଂପ୍ରଦାୟ ନୁହେଁ । ''ମଣ୍ଡଳୀ'' ହେଉଛି ସେହି ଲୋକମାନେ, ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ରକ୍ଷା ପାଇଛନ୍ତି ଓ ଶିଷ୍ୟଭାବରେ ପରିପକ୍ୱ ହେଉଥାନ୍ତି ।

## ପ୍ରକୃତ ଫଳପୂର୍ଣ୍ଣତା

ମଣ୍ଡଳୀକୁ ବର୍ଣ୍ଣନା କରିବା ପାଇଁ ନୂତନ ନିୟମରେ ବ୍ୟବହୃତ ହେଉଥିବା ଅନ୍ୟ ପଦଗୁଡ଼ିକ ମଧ୍ୟରେ ରହିଛି : ''ଜୀବନ୍ତ ପ୍ରସ୍ତର'' (୧ ପିତର ୨:୫), ''ଖ୍ରୀଷ୍ଟଙ୍କ ଶରୀର'' (୧ କରିନ୍ଥୀୟ ୩:୯, ୧୬, ୧୭) । ଏହି ସମସ୍ତ ପଦରେ ଯେଉଁ ସାଧାରଣ ବିଷୟ ରହିଛି, ତା ହେଉଛି – ସେଗୁଡ଼ିକ ସେହି ଲୋକମାନଙ୍କୁ ସୂଚିତ କରେ, ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କଠାରେ ପ୍ରକୃତ ବିଶ୍ୱାସୀ ଅଟନ୍ତି ।

ଏହା ବୁଝିବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ମଣ୍ଡଳୀନେତା ଭାବରେ, ଆମକୁ ମଣ୍ଡଳୀ ପରିଚାଳନା କରିବା, ନୂତନ ଗୃହଗୁଡ଼ିକର ପର୍ଯ୍ୟବେକ୍ଷଣ କରିବା କିମ୍ବା ମଣ୍ଡଳୀ କାର୍ଯ୍ୟର ସଂଯୋଜନା କରିବା ଅପେକ୍ଷା ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ନିମନ୍ତେ ଆହ୍ୱାନ କରାଯାଇଛି । ଲୋକମାନଙ୍କୁ ଶିଷ୍ୟ କରିବାରେ ଓ ନିର୍ମାଣ କରିବାରେ ଈଶ୍ୱରଙ୍କର ଅଂଶୀଦାର ହେବା ପାଇଁ ଆମକୁ ଆହ୍ୱାନ କରାଯାଇଛି ।

ଜୀବିତ ଈଶ୍ୱରଙ୍କର ଜୀବିତ ମଣ୍ଡଳୀ ଅର୍ଥାତ୍, ବିଶ୍ୱାସୀମାନଙ୍କର ପ୍ରତିପାଳନ ଓ ପ୍ରତିପୋଷଣ କରିବା ପାଇଁ ଓ ଯୀଶୁ ଖ୍ରୀଷ୍ଟଙ୍କର ବୃଦ୍ଧି ପ୍ରାପ୍ତ ଶିଷ୍ୟ ହେବାରେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆମେ ଈଶ୍ୱରଙ୍କ ଦ୍ୱାରା ଆହୂତ ହୋଇଅଛୁ ।



ଆମେ ଈଶ୍ୱରଙ୍କ ସାହାଯ୍ୟ ଓ ଶକ୍ତି ବିନା ଏହି ତତ୍ତ୍ୱାବଧାରଣର କାର୍ଯ୍ୟକୁ ଯଥାର୍ଥ ଭାବରେ ସଂପୂର୍ଣ୍ଣ କରିପାରିବା ନାହିଁ (ଗୀତସଂହିତା ୧୨୭:୧) ।

ଖ୍ରୀଷ୍ଟଙ୍କ ମାଧ୍ୟମରେ ପରିତ୍ରାଣର ଗୋଟିଏ ଭିତ୍ତି ଉପରେ ଆମେ କିପରି ନିର୍ମାଣ କରୁଛୁ, ସେଥିନିମନ୍ତେ ଈଶ୍ୱର ଆମକୁ ଉତ୍ତରଦାୟୀ କରିବେ (୧ କରିନ୍ଥୀୟ ୩:୧୨–୨୩) । ଆମେ କ'ଣ କେବଳ ଆମର ନିଜସ୍ୱ ଚିନ୍ତାଧାରା, ଶକ୍ତି ଓ ଚତୁରତା ମାଧ୍ୟମରେ ଲୋକମାନଙ୍କୁ ଆକର୍ଷିତ କରୁଅଛୁ ? ଏହା କିଛିକ୍ଷଣ ନିମନ୍ତେ ସଫଳ ହେବା ପରି ମନେ ହୋଇପାରେ, ମାତ୍ର ଏହା ସେହି ସ୍ଥାୟୀ ଫଳ ଉତ୍ପନ୍ନ କରିବ ନାହିଁ, ଯାହା ଈଶ୍ୱର ଇଚ୍ଛା କରନ୍ତି (ଯୋହନ ୧୫:୫, ୮, ୧୬) ।

କିମ୍ବା, ଏହା ପରିବର୍ତ୍ତେ, ଆମେ କ'ଣ ପ୍ରତିଦିନ ଈଶ୍ୱରଙ୍କ ଆତ୍ମାଙ୍କର ବଶୀଭୂତ ଓ ତାଙ୍କ ଇଚ୍ଛା ନିକଟରେ ସମର୍ପିତ ହେଉଅଛୁ ? ଆମେ କ'ଣ ଆମକୁ ପ୍ରଦତ୍ତ ହୋଇଥିବା ସେବାକାର୍ଯ୍ୟର ପ୍ରତିଟି ମୁହୂର୍ତ୍ତ ନିମନ୍ତେ ତାଙ୍କ ଉପରେ ନିର୍ଭର କରି ଈଶ୍ୱରଙ୍କର ପ୍ରକୃତ ସନ୍ତାନ ସନ୍ତତି ଭାବରେ (ରୋମୀୟ ୮ :୧୪) ତାଙ୍କ ଦ୍ୱାରା ପରିଚାଳିତ ହେଉଅଛୁ ? ଯଦି ହଁ, ତେବେ ତାଙ୍କ ଶକ୍ତି ଓ ସାହାଯ୍ୟ ଦ୍ୱାରା ଆମେ ପ୍ରକୃତରେ ଫଳପୂର୍ଣ୍ଣ ହୋଇପାରିବା ଓ ଆମର ଫଳ ଏକ ଚିରନ୍ତନ ସ୍ୱଭାବ ବିଶିଷ୍ଟ ହେବ (ଯୋହନ ୧୫:୧୬) ।

ଦୟାକରି ଏହା ବୁଝନ୍ତୁ ଯେ 'ଫଳ' ଓ 'ଫଳପୂର୍ଣ୍ଣତା' ସେହି ସମାନ ଉପାୟରେ ଈଶ୍ୱରଙ୍କ ଦ୍ୱାରା ସଂଜ୍ଞାକୃତ ହୋଇ ନାହିଁ ଯେପରି ମାନବିକ ଜ୍ଞାନ ସେଗୁଡ଼ିକର ସଂଜ୍ଞା ନିର୍ଣ୍ଣୟ କରି ପାରିଛି । ଲୋକମାନେ ହୁଏତ ଏହା କହିପାରନ୍ତି ଯେ ଫଳ ପୂର୍ଣ୍ଣତା ହେଉଛି ଅନୁଗାମୀ ଭାବରେ ବହୁସଂଖ୍ୟକ ଲୋକଙ୍କୁ ପାଇବା, କିମ୍ବା ଧନୀ ଓ ପ୍ରଭାବଶାଳୀ ହେବା । ମାନବିକ ଜ୍ଞାନ ଏହାକୁ ଯଶ, କ୍ଷମତା କିମ୍ବା ଧନ ପ୍ରାପ୍ତି ଭାବରେ ନାମିତ କରିପାରେ ।

କିନ୍ତୁ ଈଶ୍ୱରଙ୍କ ଦୃଷ୍ଟି କୋଣରୁ ପ୍ରକୃତ ଫଳପୂର୍ଣ୍ଣତା ଗୋଟିଏ ଗୁଣ ଦ୍ୱାରା ନାମିତ ଓ ପରିମାପ କରାଯାଇପାରେ : ତାଙ୍କ ଶିଷ୍ୟ ଭାବରେ ପରିପକ୍ୱ ହେଉଥିବା ସମୟରେ ଲୋକମାନଙ୍କ ଜୀବନ ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତି ଓ ଚରିତ୍ର ମଧ୍ୟକୁ ରୂପାନ୍ତରିତ ହେବା । ନିମ୍ନଲିଖିତ ନିୟମଗୁଡ଼ିକୁ ବୁଝିବା ଦ୍ୱାରା ଏହି ସଂଜ୍ଞା ସତ୍ୟତା ବୁଝି ହେବ ।

## ତାଙ୍କ ସାଦୃଶ୍ୟର ପୁନଃ ପ୍ରାପ୍ତି

ମାନବଜାତି ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଥିଲା । (ଆଦି ୧:୨୬,୨୭) । ଏହା, ଆବଶ୍ୟକତଃ, ଏକ ଭୌତିକ ପ୍ରତିମୂର୍ତ୍ତି ନୁହେଁ, ମାତ୍ର ସାମର୍ଥ୍ୟ ଓ ଦକ୍ଷତା

ସମ୍ବନ୍ଧୀୟ ଅଟେ । ଏହି ଶାସ୍ତ୍ରାଂଶରେ ଥିବା ''ପ୍ରତିମୂର୍ତ୍ତି'' ଯୌକ୍ତିକ ବିବେକ, ବୁଦ୍ଧିମତ୍ତା, ଆବେଗ, କୌତୁହଳ ଓ ମନୋନୟନ କରିବାର ସାମର୍ଥ୍ୟ ପ୍ରତି ସୂଚନା ଦିଏ, ଆମେ ପ୍ରେମ କରିବା, ବଳିଦାନ ଦେବା ଓ ଯାହା ଉତ୍ତମ, ସତ୍ୟ ଓ ଯଥାର୍ଥ, ତାହାକୁ ସମର୍ଥନ କରିବା ଯୋଗ୍ୟତା ସହିତ ସୃଷ୍ଟି ହୋଇଥିଲୁ ।

ଈଶ୍ୱର କାହିଁକି ଆମକୁ ଏହିପରି ଭାବରେ ନିର୍ମାଣ କରିଥିଲେ ? ଈଶ୍ୱର 'ଗୋଟିଏ ଉଦ୍ଦେଶ୍ୟ' ନିମନ୍ତେ ଆମକୁ ସୃଷ୍ଟି କରିଥିଲେ : ତାଙ୍କ ନିଜ ନିମନ୍ତେ, ଅର୍ଥାତ୍, ଆମେ ଯେପରି ତାଙ୍କ ସହିତ ସଂପର୍କ ସ୍ଥାପନ କରିପାରିବୁ । ତାହା ହେଉଛି ପ୍ରକୃତରେ ଆମର ସର୍ବୋଚ୍ଚ ଆହ୍ୱାନ ! ଈଶ୍ୱର ଅଧିକ ଦୂତ ଆବଶ୍ୟକ କିମ୍ବା ଇଚ୍ଛା କରି ନ ଥିଲେ, ନଚେତ୍ ସେ ସେମାନଙ୍କୁ ଅଧିକ ସଂଖ୍ୟାରେ ସୃଷ୍ଟି କରିଥାନ୍ତେ । ଏହା ପରିବର୍ତ୍ତେ, ଆମେ ସମଗ୍ର ବାଇବଲ ମଧ୍ୟରେ ଏହା ଦେଖୁ ଯେ ଈଶ୍ୱର ଏପରି ପୁତ୍ର ଓ କନ୍ୟାମାନଙ୍କୁ ଇଚ୍ଛା କରିଥିଲେ ଯେଉଁମାନେ ତାଙ୍କ ସହିତ ଅନ୍ତରଙ୍ଗ ଓ ପ୍ରେମପୂର୍ଣ୍ଣ ସଂପର୍କ ରଖିବେ ।

ମାତ୍ର ଆଦମ ଓ ହବାଙ୍କର ସ୍ୱେଚ୍ଛାପୂର୍ଣ୍ଣ ଅବାଧ୍ୟତା ମାଧ୍ୟମରେ ଯେତେବେଳେ ଜଗତ ମଧ୍ୟକୁ ପାପ ପ୍ରବେଶ କଲା, ସେତେବେଳେ ଈଶ୍ୱରଙ୍କ ସହିତ ସଂପର୍କ ରଖିବାର ସୁଯୋଗ ନଷ୍ଟ ହୋଇଗଲା । ସେମାନଙ୍କର ଅବାଧ୍ୟତା ସମଗ୍ର ମାନବ ଜାତି ପ୍ରତି ପାପ ଆଣିଥିଲା (ରୋମୀ ୫:୧୨-୨୧) । ତଥାପି, ସେହି ସମୟରେ, ମନୁଷ୍ୟ ଜାତି ସହିତ ତାଙ୍କ ସଂପର୍କର ପୁନରୁଦ୍ଧାର ନିମନ୍ତେ ଈଶ୍ୱରଙ୍କର ଭୟଙ୍କର ଯୋଜନା ଗତିଶୀଳ ଅବସ୍ଥାରେ ଥିଲା (ଆଦି ୩:୧୫ ''ନାରୀ ବଂଶ'' ଶେଷରେ ଈଶ୍ୱରଙ୍କ ପୁତ୍ର, ଯୀଶୁଙ୍କ ଦେହଧାରଣ ଓ କୁମାରୀଠାରୁ ଜନ୍ମ ହେବା ପ୍ରତି ସୂଚିତ କରେ) ।

ନିରୂପିତ ସମୟରେ (ଗାଲାତୀୟ ୪:୪,୫), ଖ୍ରୀଷ୍ଟ ପୃଥିବୀକୁ ଆସି ଆମ ପାପ ନିମନ୍ତେ ମୃତ୍ୟୁବରଣ କରିଥିଲେ । ତାଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ଆମ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ସହିତ ପୁନଃ ସଂପର୍କ ସ୍ଥାପନର ସମ୍ଭାବନାକୁ ଉନ୍ମୋଚିତ କରିଥିଲା, ଯାହା ପାପ ଦ୍ୱାରା ଧ୍ୱଂସ ହୋଇଯାଇଥିଲା । ଖ୍ରୀଷ୍ଟଙ୍କ ପରିତ୍ରାଣଦାୟକ କାର୍ଯ୍ୟକୁ ଗ୍ରହଣ କରିବା ଦ୍ୱାରା ଓ ତାଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ଆମର ପାପ କ୍ଷମା ପ୍ରାପ୍ତ ହୋଇପାରେ, ଓ ଆମେ ଈଶ୍ୱରଙ୍କୁ ଜାଣିପାରୁ ଏବଂ ତାଙ୍କ ସହିତ ସହଭାଗିତା ରଖିପାରୁ ।

## ପରିବର୍ତ୍ତନର କାର୍ଯ୍ୟ

କିନ୍ତୁ ତାହାଠାରୁ ଉର୍ଦ୍ଧ୍ୱରେ, ଈଶ୍ୱର ପାପର ଫଳରୁ ଓ ଆମ ଜୀବନରେ ଏହା କରିଥିବା କ୍ଷତିରୁ ଆମକୁ ମୁକ୍ତ କରିବାକୁ ଚାହାଁନ୍ତି । ସେଥିପାଇଁ, ଖ୍ରୀଷ୍ଟଙ୍କଠାରେ



ଆମ ପରିତ୍ରାଣର ଏକ ପ୍ରତ୍ୟକ୍ଷ ଫଳ ଭାବରେ ଈଶ୍ୱର ସେହି 'ପ୍ରତିମୂର୍ତ୍ତି'ରେ ଆମ ଜୀବନକୁ ପୁନର୍ବାର ପରିବର୍ତ୍ତିତ କରିବା ଆରମ୍ଭ କରିଛନ୍ତି, ଯେଉଁଥିରେ ଆମେ ସୃଷ୍ଟି ହୋଇଥିଲୁ ।

''କାରଣ ଯେଉଁମାନଙ୍କୁ ସେ ପୂର୍ବରୁ ଜାଣିଥିଲେ, ସେମାନଙ୍କୁ ତାହାଙ୍କ ପୁତ୍ରଙ୍କ ପ୍ରତିମୂର୍ତ୍ତିର ଅନୁରୂପ ହେବା ନିମନ୍ତେ ସେ ପୂର୍ବରୁ ନିରୂପଣ ମଧ୍ୟ କରିଥିଲେ, ଯେପରି ସେ ଅନେକ ଭ୍ରାତାଙ୍କ ମଧ୍ୟରେ ଅଗ୍ରଜ ହୁଅନ୍ତି'' (ରୋମୀୟ ୮:୨୯) । ଏହି ପଦ ଏହା ପ୍ରକାଶ କରେ ଯେ ଯେଉଁମାନେ ଖ୍ରୀଷ୍ଟଙ୍କ ନିକଟରେ ପରିତ୍ରାଣ ପାଇଛନ୍ତି, ସେମାନଙ୍କ ନିମନ୍ତେ ଈଶ୍ୱରଙ୍କର ଏହି ପୂର୍ବ ନିରୂପିତ ଇଚ୍ଛା ରହିଛି ଯେପରି ସେମାନେ ପରିବର୍ତ୍ତିତ ହୋଇ ''ତାଙ୍କ ପୁତ୍ରଙ୍କ ପ୍ରତିମୂର୍ତ୍ତି ଅନୁରୂପୀ ହେବେ ।''



ଏହି ପରିବର୍ତ୍ତନ କାର୍ଯ୍ୟ ପରିତ୍ରାଣରେ ଆରମ୍ଭ ହୋଇ ଆମର ସମଗ୍ର ଜୀବନ କାଳ ମଧ୍ୟରେ ଅବ୍ୟାହତ ରହେ । ଈଶ୍ୱର ଅସୀମ ଭାବରେ ଜ୍ଞାନୀ ଅଟନ୍ତି । ନିର୍ଦ୍ଦିଷ୍ଟ କାରଣ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ଉପାୟରେ କାର୍ଯ୍ୟ କରିବାକୁ ସେ ନିଜର ରାଜ୍ୟର ଯୋଜନା କରିଛନ୍ତି । ଆମେ ଆମର ମୂଳସୃଷ୍ଟିର ''ପ୍ରତିମୂର୍ତ୍ତି'' ରେ ଅଧିକ ପରିବର୍ତ୍ତିତ ହେଉଥିବା ସମୟରେ (ତାଙ୍କ ପୁତ୍ରଙ୍କ ପ୍ରତିମୂର୍ତ୍ତି), ଦୁଇଟି ମୁଖ୍ୟ ବିଷୟ ଘଟିବ :

୧) ଆମେ ଈଶ୍ୱରଙ୍କ ସହିତ ଏକ ବାଧାହୀନ ଓ ଅତି-ଗଭୀର ସଂପର୍କରେ ଆଚରଣ କରିବାକୁ ସମର୍ଥ ହେବୁ । ପାପ ହିଁ ଈଶ୍ୱରଙ୍କ ସହିତ ଆମ ସଂପର୍କ ଧ୍ୱଂସ କରିଥିଲା ଓ ଏପର୍ଯ୍ୟନ୍ତ ଧ୍ୱଂସ କରିପାରେ । ସେଥିପାଇଁ, ଅମେ ପାପ ଓ ଏହାର ପରିଣତିରୁ ମୁକ୍ତ ହେବା ପରେ ଆମ ସୃଷ୍ଟିକର୍ତ୍ତାଙ୍କ ସହିତ ଏକ ଅଧିକ ପ୍ରେମପୂର୍ଣ୍ଣ ଓ ପ୍ରଭାବଶାଳୀ ସଂପର୍କର ଅନୁଭୂତି ପାଇବା ପାଇଁ ଅଧିକ ସାମର୍ଥ୍ୟ ପାଇଅଛୁ ।

୨) ଆମ ନିମନ୍ତେ ଈଶ୍ୱର ନିରୂପିତ ସ୍ଥାନ ଓ ଉଦ୍ଦେଶ୍ୟ ନିକଟକୁ ଆମକୁ ପୁନର୍ବାର ଅଣାଯିବ । ମନୁଷ୍ୟ ପାପରେ କିମ୍ବା ପାପ ନିମନ୍ତେ ସୃଷ୍ଟି ହୋଇ ନ ଥିଲା । ଆମେ ପବିତ୍ରତା, ନିଷ୍ପାପ ଓ ଶୁଦ୍ଧତାରେ ସୃଷ୍ଟି ହୋଇଥିଲୁ । ଈଶ୍ୱରଙ୍କର ସମସ୍ତ ମୂଳ ସୃଷ୍ଟି ଉତ୍ତମ ଥିଲା । ''ପରମେଶ୍ୱର ଆପଣା ନିର୍ମିତ ପ୍ରତ୍ୟେକ ବସ୍ତୁ ପ୍ରତି ଦୃଷ୍ଟି କଲେ, ଆଉ ଦେଖ, ସମସ୍ତ ଅତ୍ୟୁତ୍ତମ'' (ଆଦି ପୁସ୍ତକ ୧:୩୧) ।

ଆମେ ତ୍ରୁଟିର  ସହିତ ସୃଷ୍ଟି ହୋଇଥିଲୁ, ମାତ୍ର ପାପ ଆମ ମୂଳ ଧାରାର ଉତ୍ତମତାକୁ ନଷ୍ଟ କରି ଦେଇଥିଲା । ସେଥିପାଇଁ, ଆମକୁ ପାପରୁ ମୁକ୍ତ କରାଯାଇ ଏହାର ପରିଣତିରୁ ଅଧିକ ମୁକ୍ତ ହେବା ପାଇଁ ପରିବର୍ତ୍ତିତ କରାଯିବା ସମୟରେ, ଏହାର ଫଳ ହେବ ଆମ ଜୀବନରେ ଏକ ମହତ୍ତର ଆନନ୍ଦ, ଶାନ୍ତି ଓ ମୁକ୍ତିର ଅନୁଭବ । ଏହାପରେ ଆମେ ଈଶ୍ୱରଙ୍କ ଇଚ୍ଛା ଓ ଉଦ୍ଦେଶ୍ୟ ସଫଳ କରିବା ପାଇଁ ଅଧିକ ଉତ୍ତମ ଭାବେ ପ୍ରସ୍ତୁତ କରାଯିବୁ ।

ସେଥିପାଇଁ, ଆମେ ନିର୍ଭୀକ ଭାବରେ ଏହା କହିପାରିବା ଯେ ‘‘ବ୍ୟକ୍ତିଗତ ପରିବର୍ତ୍ତନ ହେଉଛି ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଈଶ୍ୱରଙ୍କର ସର୍ବୋଚ୍ଚ ପ୍ରାଧାନ୍ୟ ମଧ୍ୟରୁ ଅନ୍ୟତମ ।’’ ପରିବର୍ତ୍ତନକୁ ଏହି ପରିପ୍ରେକ୍ଷୀରେ ‘‘ଆମ ଚିନ୍ତା, ଇଚ୍ଛା ଓ କାର୍ଯ୍ୟରେ ଅଧିକ ଯୀଶୁଙ୍କ ସଦୃଶ ହେବା ।’’ ଭାବରେ, ସର୍ବୋତ୍ତମଭାବରେ, ନାମିତ କରାଯାଇଛି ।

## ପବିତ୍ର ଆତ୍ମା–ଶକ୍ତି ଦ୍ୱାରା ପରିବର୍ତ୍ତନ

ଆମେ ପରିତ୍ରାଣ ପାଇବା ସମୟରେ, ଆମର ପୁରାତନ ଜୀବନ ଅତିକ୍ରାନ୍ତ ହୋଇଯାଏ । ଆମେ ସମସ୍ତ ବିଷୟ ନୂତନ ହେବାର ଏକ ଜୀବନ–ବ୍ୟାପୀ ପ୍ରକ୍ରିୟା ଆରମ୍ଭ କରୁ (୨ କରିନ୍ଥୀୟ ୫:୧୭) । ଆମେ ଆତ୍ମାଙ୍କ ଶକ୍ତି ଓ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ‘‘ତାଙ୍କ ପୁତ୍ରଙ୍କ ପ୍ରତିମୂର୍ତ୍ତିରେ’’ ପରିବର୍ତ୍ତିତ ହେଉଅଛୁ । (ରୋମୀୟ ୮:୨୯) ।

ପରିବର୍ତ୍ତନର ଏହି ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ଆମର ନିଜସ୍ୱ ଶକ୍ତି କିମ୍ବା ପ୍ରଚେଷ୍ଟା ଦ୍ୱାରା ସଂପୂର୍ଣ୍ଣ ଭାବରେ ସାଧିତ ହୋଇପାରେ ନାହିଁ (ଯିରିମିୟ ୧୩:୨୩) । ଆମେ ଗୌଣ ଉପାୟରେ ଓ ସାଧାରଣତଃ, କେବଳ ବାହ୍ୟଭାବରେ ନିଜନିଜକୁ ପରିବର୍ତ୍ତିତ କରିପାରିବା ଆମେ ଆମ ଜୀବନକୁ ସୁଶୃଙ୍ଖଳିତ କରି ଉତ୍ତମ ଅଭ୍ୟାସର ବିକାଶ କରିବା ନିମନ୍ତେ ଅତି କଠୋର ପରିଶ୍ରମ କରିପାରିବା ।

କିନ୍ତୁ, ଏପରି ଅତ୍ୟଧିକ ଗଭୀର କାର୍ଯ୍ୟ ରହିଛି, ଯାହା ଆମେ ଏକାନ୍ତ ଭାବରେ ଆବଶ୍ୟକ କରୁ, ଯଥା– ଭଗ୍ନତା ଓ ଯନ୍ତ୍ରଣାରୁ ସୁସ୍ଥତା, ଅଗ୍ରାହ୍ୟ ଓ ଅନ୍ୟ ପ୍ରକାର ବନ୍ଧନରୁ ଉଦ୍ଧାର; ଆମର ସ୍ୱାର୍ଥପୂର୍ଣ୍ଣ ଓ ପାପପୂର୍ଣ୍ଣ ମାର୍ଗରୁ ମୁକ୍ତି । ଏହି ପ୍ରକାର ପରିବର୍ତ୍ତନ କେବଳ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ସମ୍ଭବ ଅଟେ (ରୋମୀୟ ୮:୧–୧୧; ମାଥିଉ ୧୯:୨୩–୨୬; ଏଫିସୀୟ ୨:୧–୧୦; ଏବ୍ରୀ ୯:୧୩,୧୪ ମଧ୍ୟ ଦେଖନ୍ତୁ) ।

ତ୍ରାଣକର୍ତ୍ତା ଖ୍ରୀଷ୍ଟଙ୍କ ନିକଟକୁ ଆସିବା ପରେ ଆମେ ବୃଦ୍ଧି ପାଇ ପରିପକ୍ୱ ହେଉ ବୋଲି ଈଶ୍ୱର ଆବଶ୍ୟକ କରନ୍ତି । ଯଦିଓ ତାଙ୍କର ଅନୁଗ୍ରହ ଓ କ୍ଷମା ବାସ୍ତବ ଓ



ସଦା–ଉପସ୍ଥିତ ଅଟେ, (୧ ଯୋହନ ୧:୯), ତଥାପି ତାହା ପାପପୂର୍ଣ୍ଣ କିମ୍ବା ସ୍ୱାର୍ଥପର ଆଚରଣରେ ଲାଗି ରହିବା ପାଇଁ ଆଦୌ ଏକ ଆଳ ନୁହେଁ । ଈଶ୍ୱର ଗୋଟିଏ ଝୁଣ୍ଟିବା କିମ୍ବା ଗୋଟିଏ ବିଫଳତାକୁ କ୍ଷମା କରନ୍ତି; କିନ୍ତୁ ଜଣେ ସେହି ପାପରେ ନିରନ୍ତର ରହିବା ଅନୁଚିତ, ଏହା ପରିବର୍ତ୍ତେ ଈଶ୍ୱରଙ୍କ ସହିତ ସେମାନଙ୍କର ଆଚରଣରେ ସେମାନେ ଅଗ୍ରସର ହେବା ଉଚିତ (ଲୂକ ୯:୨୩–୨୬) ।

ଯେଉଁମାନେ ପରିବର୍ତ୍ତିତ ହେବେ ନାହିଁ କିମ୍ବା ଯେଉଁମାନେ ପବିତ୍ର ଆତ୍ମାଙ୍କର ପରିବର୍ତ୍ତନକାରୀ ପ୍ରକ୍ରିୟାର ପ୍ରତିରୋଧ କରିବେ, ସେମାନେ ପ୍ରକୃତରେ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କରିବେ (ଯାକୁବ ୧:୨୧–୨୫) । ବିଦ୍ରୋହ ପାଇଁ ଈଶ୍ୱରଙ୍କ ଦଣ୍ଡ ଅତି ଗୁରୁତର ଅଟେ (ହିତୋ ୨୯:୧; ଏବ୍ରୀ ୩:୮–୧୧) ।

ସୁସମାଚାରର ଏକ ସଫଳ ସେବକ ହେବାର ଅର୍ଥ ହେଉଛି ଯେ ଯେଉଁ ଲୋକମାନଙ୍କ ନିକଟରେ ଆପଣ ପ୍ରଚାର କରନ୍ତି, ସେମାନଙ୍କ ଜୀବନ ଅଧିକ ଯୀଶୁଙ୍କ ସାଦୃଶ୍ୟରେ ପରିବର୍ତ୍ତିତ ହୋଇଥାଏ । ଏହା ମନେରଖନ୍ତୁ ଯେ ଫଳପୂର୍ଣ୍ଣ ହେବା ବିଷୟର ଲୋକ କିମ୍ବା ହିସାବ ସହିତ ଆଦୌ ସଂପର୍କ ନ ଥାଏ ଆପଣଙ୍କ ମଣ୍ଡଳୀରେ ଅନେକ ଲୋକଙ୍କୁ ଏକତ୍ର କରିବା ସହଜ ଅଟେ । କେବଳ ବିନାମୂଲ୍ୟର ଖାଦ୍ୟ, ବସ୍ତ୍ର କିମ୍ବା ଅର୍ଥ ପ୍ରଦାନ କରନ୍ତୁ, ଆଉ ଆପଣଙ୍କ ନିକଟରେ ବହୁଲୋକ ଏକତ୍ରିତ ହେବେ ! କିମ୍ବା ଆମୋଦପ୍ରମୋଦ ଯୋଗାନ୍ତୁ, ‘‘ସେମାନଙ୍କର କର୍ଣ୍ଣକୁ ଆମୋଦିତ କରିବା ଭଳି’’ କଥା କହନ୍ତୁ (୨ ତିମଥି ୪:୩,୪), ଓ ସେମାନଙ୍କ ମନକୁ ସନ୍ତୁଷ୍ଟ କରନ୍ତୁ ।

କିନ୍ତୁ, ଲୋକସମୂହ ଏକ ‘ମଣ୍ଡଳୀ’ କରନ୍ତି ନାହିଁ । ଗୋଟିଏ ବିଶାଳ ଜନ ସମାବେଶର ଅର୍ଥ ନୁହେଁ ଯେ ଆପଣଙ୍କ ନିକଟରେ ଏକ ସୁସ୍ଥ ନୂତନ ନିୟମ ମଣ୍ଡଳୀ ରହିଛି କିମ୍ବା ଆପଣ ଶିଷ୍ୟ କରୁଛନ୍ତି !

ଆମ ସେବାକାର୍ଯ୍ୟ ବିଷୟରେ ଆମ ନିଜକୁ ଆମେ ସର୍ବଦା ଯେଉଁ ପ୍ରଶ୍ନ ପଚାରିବା ଆବଶ୍ୟକ, ତାହା ହେଉଛି– ‘‘ମୁଁ ଯେଉଁ ଲୋକମାନଙ୍କ ନିକଟରେ ପ୍ରଚାର କରେ, ସେମାନଙ୍କ ଜୀବନ ଅଧିକରୂପେ ଯୀଶୁଙ୍କ ସଦୃଶ ହେଉଛି କି ?’’ ଆପଣଙ୍କ ମଣ୍ଡଳୀରେ ଅଧିକ ଲୋକ ହେବା ଆପଣଙ୍କର ଲକ୍ଷ୍ୟ କିମ୍ବା ଆପଣଙ୍କ  ମଣ୍ଡଳୀ ଖ୍ରୀଷ୍ଟଙ୍କଠାରେ ପରିପକ୍ୱ ଓ ବୃଦ୍ଧିପ୍ରାପ୍ତ ହେଉଥିବା ପ୍ରକୃତ ଶିଷ୍ୟ କରୁଅଛି ? ୧୦ ଜଣ ଲୋକ ରହିଛନ୍ତି କିମ୍ବା ୧୦୦୦ ଜଣ ଲୋକ ରହିଛନ୍ତି, ସେଥିରେ କିଛି ଗୁରୁତ୍ୱ ନାହିଁ – ଯଦି ଆପଣଙ୍କର ପଲ ଅଧିକରୂପେ ଯୀଶୁଙ୍କ ସଦୃଶ ହେଉଛନ୍ତି, ତେବେ ଆପଣ ଫଳପୂର୍ଣ୍ଣ ହୋଇଛନ୍ତି ।

# ସଠିକ୍ ପ୍ରକାରର ଦୁର୍ବଳତା

ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ପରିବର୍ତ୍ତିତ ହେବା ଖ୍ରୀଷ୍ଟଙ୍କ ସମସ୍ତ ଅନୁଗାମୀଙ୍କ ପାଇଁ ଈଶ୍ୱରଙ୍କର ଇଚ୍ଛା ଅଟେ ବୋଲି ଆମେ ଘୋଷଣା କରିଛୁ । ଏହା ମାନବିକ ପ୍ରଚେଷ୍ଟା ଦ୍ୱାରା ସଂପୂର୍ଣ୍ଣ ଭାବରେ ସାଧିତ ହୋଇପାରିବ ନାହିଁ ବୋଲି ଆମେ ଜାଣୁ, ମାତ୍ର କେବଳ ପବିତ୍ର ଆତ୍ମାଙ୍କ ଶକ୍ତି ଓ ଉପସ୍ଥିତି ଦ୍ୱାରା ଏହା ସମ୍ଭବ ଅଟେ । ସେଥିପାଇଁ, ଈଶ୍ୱର ଆମକୁ ପ୍ରଦାନ କରିଥିବା ସେବାକାର୍ଯ୍ୟକୁ ଆମକୁ କିପରି ପରିଚାଳନା କରିବାକୁ ହେବ, ଏ ବିଷୟରେ ଆମକୁ ଏହା କ'ଣ ଶିକ୍ଷାଦିଏ ?

ସରଳଭାଷାରେ କୁହାଗଲେ, ଆମକୁ ଏହା ବୁଝିବାକୁ ହେବ : ''ଗୋଟିଏ ବଶୀଭୂତ ମାନବ-ପାତ୍ର ମାଧ୍ୟମରେ ପବିତ୍ର ଆତ୍ମାଙ୍କର ସ୍ୱଷ୍ଟ ଓ ସାଂପ୍ରତିକ ଶକ୍ତି ଏପରି ବାଧାହୀନ ଭାବରେ କାର୍ଯ୍ୟ କରୁଥାଏ, ଯାହା ଅନ୍ୟ ବ୍ୟକ୍ତିର ଜୀବନ ଉପରେ ସର୍ବାଧିକ ପ୍ରଭାବ ଆଣିବ ।''

ଏହା ଏକ ସ୍ୱଷ୍ଟ ସତ୍ୟ ସଦୃଶ ମନେ ହୋଇପାରେ ! ମାତ୍ର କେତେଥର ଆମର ଅତ୍ୟୁତ୍ତମ ମାନବିକ ପ୍ରଚେଷ୍ଟା ଆମ ମଧ୍ୟରେ କାର୍ଯ୍ୟରତ ପବିତ୍ର ଆତ୍ମାଙ୍କ ସ୍ଥାନ ଗ୍ରହଣ କରେ ?

ଯଦି ଆମେ ନେତା ଭାବରେ ସାଧୁ ଅଟୁ ଓ ଆମ ନିଜ ପ୍ରତି ଏକ କଠୋର ଦୃଷ୍ଟିପାତ କରୁ, ତେବେ ଆମକୁ ଏହା ସ୍ୱୀକାର କରିବାକୁ ହେବ ଯେ ପ୍ରାୟତଃ, ''ଆମେ ନିଜେ ସମସ୍ୟା ଅଟୁ ।'' ଆମେ ଯେ ସେବାକାର୍ଯ୍ୟ ନିମନ୍ତେ ଅଯୋଗ୍ୟ ଅଟୁ, ଏହା ଚିହ୍ନିବା ପାଇଁ ଆମକୁ ଦୀର୍ଘ ଦିନ ଲାଗେ ନାହିଁ । ସେଥିପାଇଁ, ଆମେ ସଫଳ ଓ ଦକ୍ଷ ହେବା ପାଇଁ କାର୍ଯ୍ୟକ୍ରମ, ଶିକ୍ଷା ଓ ଅନ୍ୟାନ୍ୟ ଉପାୟଗୁଡ଼ିକରେ ବ୍ୟସ୍ତ ରହୁ । କିନ୍ତୁ ବାସ୍ତବତା ହେଉଛି ଯେ ଈଶ୍ୱର ଯାହା କରିବାକୁ ଚାହାଁନ୍ତି, ତାହା ସାଧନ କରିବାକୁ ଆମ ନିଜ ମଧ୍ୟରେ ସେହି ଯୋଗ୍ୟତା ନାହିଁ । ଆପଣ ନିଜ ବିଷୟରେ ତାହା ସ୍ୱୀକାର କରିପାରିବେ କି ?

ନେତା ଭାବରେ, ଆମେ ସର୍ବଦା ସର୍ବୋତ୍ତମ ହେବାକୁ ଇଚ୍ଛା କରୁ । ମାତ୍ର ଆମର ସର୍ବୋତ୍ତମ ମାନବିକ ପ୍ରଚେଷ୍ଟା ଈଶ୍ୱରଙ୍କ ଇଚ୍ଛା ଓ ଉଦ୍ଦେଶ୍ୟ ସଂପୂର୍ଣ୍ଣ ଭାବରେ ସାଧନ କରିବାକୁ ଯଥେଷ୍ଟ ନୁହେଁ ।

ଏହା କୁସମ୍ବାଦ ଭଳି ଶୁଣା ଯାଇପାରେ । ମାତ୍ର ବାସ୍ତବରେ – ଯଦି ଆମେ ଏହା ସ୍ୱୀକାର କରିବାକୁ ଓ ଗ୍ରହଣ କରିବାକୁ ଇଚ୍ଛା କରିବା, ତେବେ ଆମର ଅସାମର୍ଥ୍ୟ 'ସୁସମ୍ବାଦ'ର ଆରମ୍ଭ ହେବ ।



ଏହି ପ୍ରତୀୟମାନ ଦ୍ୱନ୍ଦ ବିଷୟରେ ଜଣେ ସର୍ବଶ୍ରେଷ୍ଠ ପ୍ରେରିତ ଯାହା ଲେଖିଥିଲେ, ତା'ପ୍ରତି ଦୃଷ୍ଟିପାତ କରନ୍ତୁ–

''ଯେପରି ତାହା (ପାଉଲଙ୍କ ଶରୀରର କଣ୍ଟକ ୭ ପଦ) ମୋ'ଠାରୁ ଦୂର ହୁଏ, ଏଥିପାଇଁ ମୁଁ ପ୍ରଭୁଙ୍କୁ ସେ ବିଷୟରେ ତିନିଥର ବିନତି କଲି । ଆଉ ସେ ମୋତେ କହିଅଛନ୍ତି, ଆମ୍ଭର ଅନୁଗ୍ରହ ତୁମ୍ଭ ନିମନ୍ତେ ଯଥେଷ୍ଟ, କାରଣ ଦୁର୍ବଳତାରେ ଆମ୍ଭର ଶକ୍ତି ସିଦ୍ଧହୁଏ । ଅତଏବ ଯେପରି ଖ୍ରୀଷ୍ଟଙ୍କ ଶକ୍ତି ମୋ ଉପରେ ଅବସ୍ଥାନ କରେ, ଏଥିପାଇଁ ମୁଁ ଅତି ଆନନ୍ଦରେ ବରଞ୍ଚ ମୋହର ଦୁର୍ବଳତାରେ ଦର୍ପ କରିବି । ତେଣୁ ଖ୍ରୀଷ୍ଟଙ୍କ ନିମନ୍ତେ ଦୁର୍ବଳତାରେ, ଅପମାନରେ, ଦୁର୍ଦ୍ଦଶାରେ, ତାଡ଼ନାରେ, ସଙ୍କଟରେ ମୁଁ ସନ୍ତୁଷ୍ଟ ହୁଏ, କାରଣ ଯେତେବେଳେ ମୁଁ ଦୁର୍ବଳ, ସେତେବେଳେ ମୁଁ ବଳବାନ୍'' (୨ କରିନ୍ଥୀୟ ୧୨:୮-୧୦) ।

ପାଉଲ ପରାଜୟ ମନୋଭାବ ଗ୍ରହଣ କରି ନ ଥିଲେ କିମ୍ବା ସେ ଈଶ୍ୱରଙ୍କ ଦ୍ୱାରା ଦଣ୍ଡିତ ବୋଲି ଭାବି ନ ଥିଲେ । ବରଂ, ପାଉଲ ଏହି ପ୍ରକାଶରେ ଓ ବିଜୟୀ ଈଶ୍ୱରଙ୍କ ଅନୁଗ୍ରହର ବ୍ୟକ୍ତିଗତ ଅନୁଭୂତିରେ ଆନନ୍ଦ କରିଥିଲେ !

ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ହିଁ ଆମର ଏକ ବିଜୟୀ ଜୀବନ ରହିଅଛି (ରୋମୀୟ ୮:୩୭) । କିନ୍ତୁ ପାଉଲଙ୍କର ବିନମ୍ର ସମର୍ପଣ ଓ ତାଙ୍କ ଆବଶ୍ୟକତା ସମ୍ବନ୍ଧରେ ଖୋଲା ସ୍ୱୀକାର ହିଁ ତାଙ୍କ ଜୀବନରେ ଓ ଜୀବନ ମାଧ୍ୟମରେ ପବିତ୍ର ଆତ୍ମାଙ୍କ ଶକ୍ତି ନିମନ୍ତେ ମାର୍ଗ ଉନ୍ମୋଚିତ କରିଥିଲା ଓ ସେହି ଶକ୍ତିକୁ ପ୍ରକାଶ କରିଥିଲା ।

ପାଉଲ ନିଜର ଦୁର୍ବଳତାକୁ ଲୁଚାଇବା ପାଇଁ କିମ୍ବା ଆବୃତ କରିବା ପାଇଁ ଚେଷ୍ଟା କରି ନ ଥିଲେ, ମାତ୍ର ସେ ''ନିଜ ଦୁର୍ବଳତାରେ ଦର୍ପ କରିଥିଲେ'' (୯ ପଦ) ଓ ନିଜ ଅସୁବିଧାରେ ''ଆନନ୍ଦ କରିଥିଲେ (୧୦ ପଦ) । କାରଣ ଠିକ୍ ଏଇ ଅବସ୍ଥାରେ ହିଁ ପାଉଲ ଈଶ୍ୱରଙ୍କ ଶକ୍ତି ଓ ପ୍ରଚୁରତା ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭର କରିଥିଲେ ଓ ସେ ସେହି ଶକ୍ତିର ଅନୁଭୂତି ପାଇବାକୁ ସମର୍ଥ ହୋଇଥିଲେ ଯାହା ତାଙ୍କୁ ବଞ୍ଚାଇ ରଖିଥିଲା ଓ ତାଙ୍କୁ ସାମର୍ଥ୍ୟ ପ୍ରଦାନ କରିଥିଲା ! (୨ କରିନ୍ଥୀୟ ୩:୧-୬ ମଧ୍ୟ ଦେଖନ୍ତୁ) ।



**ପାଳକଙ୍କଠାରୁ ପାଳକଙ୍କ ନିକଟକୁ –** ପାଉଲଙ୍କ ''ଶରୀରର କଣ୍ଟକ'' କି ପ୍ରକାର ଥିଲା, ତାହା ଆମ ପାଇଁ ଅଜଣା, କିନ୍ତୁ, ଆମେ ଏହା ଜାଣୁ ଯେ ଏହା ପାଉଲଙ୍କର କୌଣସି ପାପ କିମ୍ବା ନୈତିକ ବିଫଳତା ନ ଥିଲା । ଈଶ୍ୱର ଆମର ପାପକୁ ଆଦୌ କ୍ଷମା କରିବେ ନାହିଁ, ବରଂ ଆମକୁ ପ୍ରକୃତ ଭାବେ ଅନୁତପ୍ତ କରାଇବା ପାଇଁ ସେ ଆମକୁ ଚେତନା ଦେବେ ଓ ଶାସନ କରିବେ (ହିତୋପଦେଶ ୩:୧୧, ୧୨; ୨ କରିନ୍ଥୀ ୭:୯,୧୦; ୧ ଯୋହନ ୧:୯) । ଈଶ୍ୱରଙ୍କଠାରୁ କିଛି ଗୁପ୍ତ ନୁହେଁ । ଯଦିଓ ଜଣେ ବ୍ୟକ୍ତିକୁ ଅନୁତାପ କରିବା ପାଇଁ ସେ ସମୟ ଦିଅନ୍ତି, ତଥାପି ଆମେ ପାପ ଲୁଚାଇବା ସମୟରେ ସେ ମୂର୍ଖ ନୁହଁନ୍ତି । ଆମର ପାପ ଶେଷରେ ଆବିଷ୍କୃତ ହେବ (ଗଣନା ୩୨:୨୩; ଗାଲା ୬:୭; ୧ ତିମଥି ୫:୨୪) ।

## ଈଶ୍ୱର ନମ୍ର ଲୋକମାନଙ୍କୁ ବ୍ୟବହାର କରନ୍ତି

ଏହି ଶିକ୍ଷାର ଉଦ୍ଦେଶ୍ୟ ନିମନ୍ତେ, ଆସନ୍ତୁ ଆମେ ଦୁର୍ବଳତାର ସଂଜ୍ଞା ନିମ୍ନ ପ୍ରକାରେ ପ୍ରଦାନ କରିବା –

- ଏହା ହେଉଛି ଆମ ଜୀବନରେ ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ପାଇଁ ଆମର ଅଯୋଗ୍ୟତାକୁ ଚିହ୍ନିବା;
- ଆମର ହୃଦୟକୁ ବଶୀଭୂତ କରିବା ଓ ପବିତ୍ର ଆତ୍ମାଙ୍କ ଶକ୍ତି ଉପରେ ସଂପୂର୍ଣ୍ଣଭାବରେ ନିର୍ଭର କରିବା;
- ଆମ ଶକ୍ତି ଦ୍ୱାରା ନୁହେଁ, ମାତ୍ର ତାଙ୍କ ଶକ୍ତି ଦ୍ୱାରା ସେବାକାର୍ଯ୍ୟରେ ପରିବର୍ତ୍ତିତ ଜୀବନରେ ଅନନ୍ତ କାଳୀନ ମୂଲ୍ୟ ରଖିଥିବା କାର୍ଯ୍ୟଗୁଡ଼ିକୁ ସାଧନ କରିବା ପାଇଁ ଆମ ମାଧ୍ୟମରେ କାର୍ଯ୍ୟ କରିବାକୁ ପବିତ୍ର ଆତ୍ମାଙ୍କୁ ଅନୁମତି ଦେବା ।

ସେବାକାର୍ଯ୍ୟରେ 'ସଫଳ' ହେବା ପାଇଁ ମଣ୍ଡଳୀ ନେତାମାନେ, ପ୍ରାୟତଃ, ବହୁ ଚାପ ଅନୁଭବ କରନ୍ତି । ଦୁର୍ଭାଗ୍ୟବଶତଃ, ସଫଳତା ସମ୍ବନ୍ଧରେ ଆମର ଚିନ୍ତାଧାରା, ପ୍ରାୟତଃ, ଜଗତର ଆଦର୍ଶ ଦ୍ୱାରା କିମ୍ବା ଆମର ନିଜ ଗର୍ବ ଦ୍ୱାରା ସୁଦ୍ଧା ନାମିତ ହୋଇଥାଏ । ଆମେ ଅନ୍ୟମାନଙ୍କ ଦୃଷ୍ଟିରେ ପ୍ରଧାନ ହେବାକୁ ଇଚ୍ଛା କରୁ । ଆମେ ଈଶ୍ୱରଙ୍କ ରାଜ୍ୟରେ ''ଶ୍ରେଷ୍ଠ'' ହେବା ପାଇଁ ଇଚ୍ଛା କରୁ ଯେପରିକି ଈଶ୍ୱର ଆମକୁ ବହୁଳ ଭାବରେ ବ୍ୟବହାର କରିବେ !



ମାତ୍ର ବାସ୍ତବତା ହେଉଛି, ଓ ସର୍ବଦା ହୋଇ ଆସିଛି ଯେ ''ଈଶ୍ୱରଙ୍କର କୌଣସି ଶ୍ରେଷ୍ଠ ଲୋକ ନାହାନ୍ତି – କେବଳ 'ନମ୍ର', ଦୀନହୀନମାନେ ଈଶ୍ୱରଙ୍କ ଦ୍ୱାରା ବହୁଳ ଭାବରେ ବ୍ୟବହୃତ ହୁଅନ୍ତି !'' (ମାଥିଉ ୨୦:୨୦–୨୮ ଦେଖନ୍ତୁ) ।

ପୁନଶ୍ଚ, ପ୍ରକୃତରେ ଫଳପ୍ରଦ ସେବାକାର୍ଯ୍ୟର ମୁଖ୍ୟ ଉପାଦାନ ହେଉଛି – ''ପବିତ୍ର ଆତ୍ମାଙ୍କର ଉପସ୍ଥିତି ଓ କାର୍ଯ୍ୟ !'' ଈଶ୍ୱର ସେହି ଲୋକମାନଙ୍କର ବିରୋଧୀ ନୁହଁନ୍ତି, ଯେଉଁମାନଙ୍କ ନିକଟରେ ଶିକ୍ଷା, ସାଂଗଠନିକ ଦକ୍ଷତା କିମ୍ବା ଅନେକ ପ୍ରତିଭା ରହିଛି । କିନ୍ତୁ ଏଥିମଧ୍ୟରୁ କୌଣସିଟି ସେବାକାର୍ଯ୍ୟରେ ପବିତ୍ର ଆତ୍ମାଙ୍କ ଅଭିଷେକକାରୀ ଶକ୍ତିର ସ୍ଥାନ ଗ୍ରହଣ କରିବା ପାଇଁ ଯଥେଷ୍ଟ ନୁହେଁ ।

ଈଶ୍ୱର ଆମର ଦକ୍ଷତାକୁ ବୃଦ୍ଧି କରିବା ପାଇଁ ଆମର ଯୋଗ୍ୟତା ଓ ଦାନଗୁଡ଼ିକୁ ବ୍ୟବହାର କରିପାରନ୍ତି । ମାତ୍ର ସେ ନିଜ ବାକ୍ୟରେ ଅତି ସ୍ପଷ୍ଟଭାବରେ କହିଛନ୍ତି ଯେ ''ମୋ ବିନା ତୁମ୍ଭେମାନେ କିଛି କରିପାର ନାହିଁ'' (ଯୋହନ ୧୫:୫) । ''ପରାକ୍ରମ ଦ୍ୱାରା ନୁହେଁ କିମ୍ବା ବଳ ଦ୍ୱାରା ନୁହେଁ, ମାତ୍ର ଆମ୍ଭର ଆତ୍ମା ଦ୍ୱାରା, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି'' (ଯିଖରିୟ ୪:୬) ।

ଆମେ ଯାହା ଆବଶ୍ୟକ କରୁ, ତାହା ଈଶ୍ୱର ଜାଣନ୍ତି ଓ ଆମ ନିମନ୍ତେ ସେ ଯଥାର୍ଥ ବ୍ୟବସ୍ଥା କରିସାରିଛନ୍ତି । ସେବାକାର୍ଯ୍ୟ ପ୍ରତି ଥିବା ତାଙ୍କ ଆହ୍ୱାନକୁ ସଫଳ କରୁଥିବା ସମୟରେ ଆମେ ଯେପରି ଫଳପୂର୍ଣ୍ଣ ହେବୁ, ଏଥିପାଇଁ ସେ ଆମ ପ୍ରତି ''ପବିତ୍ର ଆତ୍ମାଙ୍କ ଅଭିଷେକ'' ଉପଲବ୍ଧ କରାଇଅଛନ୍ତି ।

ସେଥିପାଇଁ, ଆସନ୍ତୁ, ବର୍ତ୍ତମାନ ଆମେ ''ପବିତ୍ର ଆତ୍ମାଙ୍କର ଅଭିଷେକ'' ସମ୍ବନ୍ଧରେ ଏକ ବଳିଷ୍ଠ, ବାଇବଲ ସମ୍ବନ୍ଧୀୟ ଜ୍ଞାନ ଲାଭ ନିମନ୍ତେ ଏକତ୍ର ଅଧ୍ୟୟନ କରିବା ।

ଏହି ଅଧ୍ୟୟନ ନିମ୍ନ ବିଷୟଗୁଡ଼ିକୁ ଜାଣିବାକୁ ଚେଷ୍ଟା କରିବ ୧) ଅଭିଷେକର ସଂଜ୍ଞା, – ଏହା କ'ଣ ଅଟେ ଓ କ'ଣ ନୁହେଁ; ୨) ଜଣେ ସେବକର ଜୀବନରେ ଓ ଜୀବନ ମାଧ୍ୟମରେ ଅଭିଷେକ କିପରି କାର୍ଯ୍ୟକରେ, ତାହାର ବର୍ଣ୍ଣନା, ୩) ଆମେ କିପରି ଉଭୟ ସେହି ଅଭିଷେକ ପାଇବା ଓ ସେଥିରେ ବୃଦ୍ଧି ପାଇବା– ଏହା ପ୍ରକାଶ କରିବା ।



# ପବିତ୍ର ଆତ୍ମାଙ୍କର ଅଭିଷେକ

ଭାଗ – ୧

## ଅଭିଷେକର ଐତିହାସିକ ଓ ବାଇବଲ ଉଲ୍ଲିଖିତ ପୃଷ୍ଠଭୂମି

### (କ) ପୁରାତନ ନିୟମରେ ଅଭିଷେକ

ପୁରାତନ ନିୟମକୁ ସଂପୂର୍ଣ୍ଣଭାବରେ ବୁଝିବା ପାଇଁ, ଆମକୁ ନୂତନ ନିୟମ ମଧ୍ୟ ବ୍ୟବହାର କରିବାକୁ ହେବ । ନୂତନ ନିୟମ ଶାସ୍ତ୍ରାଂଶଗୁଡ଼ିକ ଗୋଟିଏ ''ଯବକାଚ'' ସଦୃଶ ଅଟନ୍ତି, ଯାହା ପୁରାତନ ନିୟମ ଶାସ୍ତ୍ରାଂଶଗୁଡ଼ିକ ପ୍ରତି ମନୋଯୋଗୀ ହେବାରେ ଓ ଏଗୁଡ଼ିକୁ ବୁଝିବାରେ ପ୍ରାୟ ସାହାଯ୍ୟ କରନ୍ତି ।

ନୂତନ ନିୟମ ଏହା ବୁଝାଇଥାଏ ଯେ ବ୍ୟବସ୍ଥା ସମ୍ବନ୍ଧୀୟ ପୁରାତନ ନିୟମ(ପୁରାତନ ଚୁକ୍ତି କିମ୍ବା ପୁରାତନ ବୁଝାମଣା) ଈଶ୍ୱରଙ୍କ ବାକ୍ୟ ଅଟେ (ମାଥିଉ ୫:୧୭,୧୮; ୨ ପିତର ୧:୨୦, ୨୧) । କିନ୍ତୁ ଆମେ ବର୍ତ୍ତମାନ ନୂତନ ନିୟମ (ଚୁକ୍ତି) ଅଧୀନରେ ବାସ କରୁଅଛୁ, ଯାହା ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ଅନୁଗ୍ରହ ଓ ପରିତ୍ରାଣର ନିୟମ ଅଟେ । ଆମେ ଆଉ ବ୍ୟବସ୍ଥାର ପୁରାତନ ନିୟମ ଅଧୀନରେ ବାସ କରୁନାହୁଁ ଓ ''ଆମେ ଆମର ନିଜସ୍ୱ ଧର୍ମକର୍ମ ଦ୍ୱାରା ପରିତ୍ରାଣ ପାଇପାରିବା ନାହିଁ'' (ଗାଲା ୩:୨୧–୨୫) ।

ନୂତନ ନିୟମ ପୁରାତନ ନିୟମ ଅପେକ୍ଷା 'ଶ୍ରେଷ୍ଠତର' ଥିଲା (ଏବ୍ରୀ ୭–୮ ଅଧ୍ୟାୟ) । ଏହି ନୂତନ ନିୟମ ପୁରାତନ ନିୟମକୁ ସଫଳ କରିଛି (ମାଥି ୫:୧୭, ୧୮; ଲୂକ ୨୪:୨୫–୨୭) ଓ ଈଶ୍ୱରଙ୍କ ମନୁଷ୍ୟର ସଂପର୍କର ଏକ ଭିତ୍ତି ଭାବରେ ଏକ ''ନୂତନ ଓ ଜୀବନଦାୟକ ପଥ'' ସ୍ଥାପନ କରିଛି (ଏବ୍ରୀ ୧୦:୧୯) ।

କିନ୍ତୁ ପୁରାତନ ନିୟମର ଶାସ୍ତ୍ରାଂଶଗୁଡ଼ିକ ଏପର୍ଯ୍ୟନ୍ତ ଈଶ୍ୱରଙ୍କ ଅନନ୍ତକାଳୀନ ବାକ୍ୟର ଅଂଶବିଶେଷ ଅଟେ (ଯିଶା ୪୦:୮) ଆମେ ପୁରାତନ ନିୟମ ପାଠ



କରିବା ସମୟରେ ଏପରି ଅନେକ ଗୁରୁତ୍ୱପୂର୍ଣ୍ଣ ନିୟମ ଶିକ୍ଷା କରି ପାରିବା ଯେଉଁଗୁଡ଼ିକ ନୂତନ ନିୟମ ଅଧୀନରେ ଥିବା ଆମ ଜୀବନ ପ୍ରତି ପ୍ରଯୁଜ୍ୟ ହୋଇପାରିବ ।

ପାଉଲ କରିନ୍ଥୀୟମାନଙ୍କ ନିକଟକୁ ଲେଖିଥିବା ନିଜ ପତ୍ରରେ (୧ କରିନ୍ଥୀ ୧୦:୧–୧୩) ଏହା ବୁଝାଇଛନ୍ତି ଯେ ପୁରାତନ ନିୟମରେ ଲିପିବଦ୍ଧ ହୋଇଥିବା ଇତିହାସ, ଘଟଣା ଓ ଶିକ୍ଷାଗୁଡ଼ିକୁ ନୂତନ ନିୟମ ବିଶ୍ୱାସୀ ଭାବରେ ଆମେ ଅଧ୍ୟୟନ କରିବା, ବୁଝିବା ଓ ଆମ ଜୀବନ ପ୍ରତି ପ୍ରୟୋଗ କରିବା ଉଚିତ । ''... ଏଥିନିମନ୍ତେ ଏହି ସମସ୍ତ ବିଷୟ ଆମ୍ଭମାନଙ୍କ ପକ୍ଷରେ ଦୃଷ୍ଟାନ୍ତ ସ୍ୱରୂପ ହୋଇଅଛି'' (୧ କରିନ୍ଥୀ ୧୦:୬) ।

ଏହିପରି ଭାବରେ, ଆମେ ସେହି ''ପବିତ୍ର ଆତ୍ମାଙ୍କ ଅଭିଷେକ'' ବିଷୟରେ ବହୁମୂଲ୍ୟ ଦୃଷ୍ଟିକୋଣ ଲାଭ କରିପାରିବା, ଯାହା ପୁରାତନ ନିୟମରେ ଛାୟା ସଦୃଶ ଥିବା ଅଭିଷେକର ଚିତ୍ର କିମ୍ବା ନିଦର୍ଶନ ଅଧ୍ୟୟନ କରିବା ଦ୍ୱାରା ବର୍ତ୍ତମାନ ନୂତନ ନିୟମର ବିଶ୍ୱାସୀମାନଙ୍କ ପାଇଁ ଉପଲବ୍ଧ ଅଟେ ।

### (୧) ''ଅଭିଷେକ'' ଶବ୍ଦର ଉତ୍ପତ୍ତି

ପୁରାତନ ନିୟମରେ ଥିବା ''ଅଭିଷେକ'' ନିମନ୍ତେ ହିବ୍ରୁ ଶବ୍ଦ ହେଉଛି 'ମସାଃ', ଓ ଏହା ୬୯ ଥର ବ୍ୟବହୃତ ହୋଇଛି । ଏହି ଶବ୍ଦର ଅର୍ଥ ହେଉଛି ଅଭିଷିକ୍ତ ବସ୍ତୁ କିମ୍ବା ବ୍ୟକ୍ତି ଉପରେ ତୈଳ ଢ଼ାଳିବା, ବୋଳିବା କିମ୍ବା ଛିଞ୍ଚିବା ।

ଅଭିଷେକ କାର୍ଯ୍ୟ ଅନେକ ସଂସ୍କୃତିରେ ଓ ପ୍ରାଚୀନ ମଧ୍ୟ ପ୍ରାଚ୍ୟର ଲୋକମାନଙ୍କ ମଧ୍ୟରେ ସାଧାରଣ ଥିଲା । ଏହି କାର୍ଯ୍ୟ ଉଭୟ ସାଧାରଣ ଓ ପବିତ୍ର ଥିଲା । ଉଦାହରଣସ୍ୱରୂପ, ଅତିଥିପରାୟଣତା ଭାବରେ ଅତିଥିମାନଙ୍କୁ  ଅଭିଷେକ କରିବା ଯୀଶୁଙ୍କ ସମୟରେ ସୁଦ୍ଧା ପ୍ରଚଳିତ ଥିଲା (ଗୀତ ୨୩:୫; ଲୂକ ୭:୪୬; ଯୋହନ ୧୨:୩) ।

କିନ୍ତୁ ଅଭିଷେକ କାର୍ଯ୍ୟ ପୁରାତନ ନିୟମରେ ଇସ୍ରାଏଲର ଲୋକମାନଙ୍କ ମଧ୍ୟରେ ଅତି ପ୍ରଭାବଶାଳୀ ଭାବରେ ପ୍ରଚଳିତ ଥିଲା । ଈଶ୍ୱରଙ୍କ ସହିତ ନିଜର ପ୍ରଥମ ସାକ୍ଷାତକୁ ଯେତେବେଳେ ଯାକୁବ ସ୍ମରଣ କରୁଥିଲେ, ସେତେବେଳେ ଆମେ ପ୍ରଥମଥର ପାଇଁ ''ଅଭିଷେକ'' ଶବ୍ଦର ସମ୍ମୁଖୀନ ହୋଇଥାଉ । ଯାକୁବ ସେହି ପ୍ରସ୍ତରକୁ ଅଭିଷିକ୍ତ କରିଥିଲେ, ଯାହା ଉପରେ ମୁଣ୍ଡ ଦେଇ ଶୋଇ ସେ ସ୍ୱପ୍ନ ଦେଖିଥଲେ (ଆଦିପୁସ୍ତକ ୨୮:୧୦–୧୮) ।

ପରେ, ସମାଗମ ତମ୍ବୁରେ ଈଶ୍ୱରଙ୍କ ଉପାସନାରେ ବ୍ୟବହୃତ ହେଉଥିବା ବେଦୀ ଓ ଅନ୍ୟ ବସ୍ତୁସବୁକୁ ଅଭିଷିକ୍ତ କରିବା ପାଇଁ ତୈଳ ବ୍ୟବହୃତ ହେଉଥିଲା (ଯାତ୍ରା

୩୦:୨୬-୨୯; ଲେବୀ ୮:୧୦-୧୧) । ଯାଜକମାନେ ମଧ୍ୟ ତୈଳ ଦ୍ୱାରା ଅଭିଷିକ୍ତ ହୋଇଥିଲେ (ଯାତ୍ରା ୨୮:୪୧; ୩୦:୩୦; ଲେବୀ ୮:୧୨) । (ଯାଜକମାନଙ୍କ ନିମନ୍ତେ ଗୋଟିଏ ମେଷର ରକ୍ତ ମଧ୍ୟ ଅଭିଷେକରେ ବ୍ୟବହୃତ ହେଉଥିଲା, ଯାହାକୁ ଆମେ ପରେ ଅଭିଷେକ ସମ୍ବନ୍ଧୀୟ ନିଦର୍ଶନକୁ ଅଧ୍ୟୟନ କରିବା ସମୟରେ ଏହି ପ୍ରବନ୍ଧରେ ପରୀକ୍ଷା କରିବା) ।

ଅଭିଷେକର କାର୍ଯ୍ୟ ରାଜାମାନଙ୍କ ପ୍ରତି ମଧ୍ୟ ସଂପ୍ରସାରିତ ହୋଇଥିଲା (୧ ଶାମୁ ୯:୧୬; ୧୫:୧; ୧୬:୩,୧୨) ଆଉ ବେଳେବେଳେ ଭାବବାଦୀମାନଙ୍କୁ ମଧ୍ୟ ଅଭିଷେକ କରାଯାଉଥିଲା (୧ ରାଜାବଳି ୧୯:୧୬) ।

ପୁରାତନ ନିୟମରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ନିମନ୍ତେ ଅଭିଷେକ କରାଯାଉଥିଲା । ପ୍ରଥମେ, ଏହା ''ଶୁଚିକରଣ'' ନିମନ୍ତେ, ଅର୍ଥାତ୍, କିଛି ଭୌତିକ ପଦାର୍ଥକୁ ପବିତ୍ର ବ୍ୟବହାର ନିମନ୍ତେ ପୃଥକ କରିବା ପାଇଁ ଏହା ବ୍ୟବହୃତ ହେଉଥିଲା । ଏଥି ମଧ୍ୟରେ ଈଶ୍ୱରଙ୍କ ସେବା ନିମନ୍ତେ ବ୍ୟବହୃତ ହେଉଥିବା କିଛି ପଦାର୍ଥ ଅନ୍ତର୍ଭୁକ୍ତ ଥିଲା (ଅର୍ଥାତ୍, ଉପାସନା ପାଇଁ ସମାଗମ ତମ୍ବୁରେ ବ୍ୟବହୃତ ଉପକରଣ, ଯାତ୍ରା ୩୦:୨୬-୨୯) ।

ଦ୍ୱିତୀୟରେ, ଅଭିଷେକ କାର୍ଯ୍ୟ ଗୋଟିଏ ମାନବ ପ୍ରତିନିଧି ଦ୍ୱାରା କରାଗଲେ ମଧ୍ୟ ତାହାକୁ ଈଶ୍ୱରଙ୍କଠାରୁ ଆଗତ ବୋଲି ବିଚାର କରାଯାଉଥିଲା । ଏହାର ଏକ ସ୍ପଷ୍ଟ ଉଦାହରଣ ହେଉଛି ଇସ୍ରାଏଲ ଉପରେ ରାଜା ଭାବରେ କାର୍ଯ୍ୟ କରିବା ପାଇଁ ଉଭୟ ଶାଉଲ ଓ ଦାଉଦ ଅଭିଷିକ୍ତ ହୋଇଥିଲେ (୧ ଶାମୁଏଲ ୧୦:୧; ୧୬:୧୨,୧୩; ୨ ଶାମୁୟେଲ ୧୨:୭) । ଏହି ଅଭିଷେକ ଈଶ୍ୱରଙ୍କର ନିରୂପିତ ସେବକ ହେବା ପାଇଁ ଏକ ବ୍ୟକ୍ତିକୁ ଈଶ୍ୱରଙ୍କର ମନୋନୟନ ଓ ଆହ୍ୱାନର ପ୍ରତିନିଧିତ୍ୱ କରୁଥିଲା ।

ତୃତୀୟରେ, କେତେକ କ୍ଷେତ୍ରରେ, ଏହି ଅଭିଷେକ ଏକ ସ୍ୱର୍ଗୀୟ ସାମର୍ଥ୍ୟ ସହିତ ଆସୁଥିଲା । ଏହା ଈଶ୍ୱରଙ୍କଠାରୁ ଆସୁଥିଲା ଓ ସେହି ସାଧିତ କାର୍ଯ୍ୟ ସହିତ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ହେଉଥିଲା ଯାହା ଅଭିଷିକ୍ତ ବ୍ୟକ୍ତିକୁ ଈଶ୍ୱର ପ୍ରଦାନ କରୁଥିଲେ (୧ ଶାମୁୟେଲ ୧୬:୧-୧୩; ୨ ରାଜାବଳି ୨:୯-୧୫ ଦେଖନ୍ତୁ) ।

**୨) 'ମସିହ' ଶବ୍ଦର ଉତ୍ପତ୍ତି**

ମୂଳ ଶବ୍ଦ, ''ମସାଃ'' ରୁ ଉଦ୍ଭୂତ ହିବ୍ରୁ ଶବ୍ଦ 'ମସିଆଃ'କୁ 'ମସିହା' ଭାବରେ ଅନୁବାଦ କରାଯାଇଅଛି ଓ ଏହାର ଅର୍ଥ ହେଉଛି ''ଅଭିଷିକ୍ତ ବ୍ୟକ୍ତି'' ବ୍ୟାପକ



ଭାବରେ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରିବା ପାଇଁ ପୁରାତନ ନିୟମରେ ଏହା ୩୯ ଥର ବ୍ୟବହୃତ ହୋଇଅଛି । 'ମସିହ'ର ଅତି ସ୍ପଷ୍ଟ ବ୍ୟବହାର ହେଉଛି– ଈଶ୍ୱରଙ୍କ ପୁତ୍ର, ଯୀଶୁ (ଯିଶାଇୟ ୯:୬; ୧୧:୧-୫; ଯିଶାଇୟ ୫୩ ଅଧ୍ୟାୟ) । କିନ୍ତୁ ଏହି ଶବ୍ଦଟି ୧ ଓ ୨ ଶାମୁୟେଲ ଏବଂ ଗୀତସଂହିତା ପୁସ୍ତକରେ ଇସ୍ରାଏଲର ରାଜାମାନଙ୍କୁ ନିଯୁକ୍ତ କରିବା ପାଇଁ ମଧ୍ୟ ବ୍ୟବହୃତ ହୋଇଛି । ମୁଖ୍ୟତଃ, ଦାଉଦଙ୍କର ରାଜକୀୟ ବଂଶକୁ ସୂଚାଇବା ପାଇଁ ଏହା ବ୍ୟବହୃତ ହୋଇଅଛି (ଗୀତସଂହିତା ୨:୨; ୧୮:୫୦; ୮୪:୯ ଇତ୍ୟାଦି) ।

**(ଖ) ନୂତନ ନିୟମରେ ଅଭିଷେକ**

'ଅଭିଷେକ' ନିମନ୍ତେ ନୂତନ ନିୟମରେ ତିନୋଟି ଭିନ୍ନ ଭିନ୍ନ ଶବ୍ଦ ବ୍ୟବହୃତ ହୋଇଛି । ଏହି ତିନୋଟି ଶବ୍ଦ ମଧ୍ୟରୁ ପ୍ରତ୍ୟେକଟି ଅଭିଷେକର ଏକ ଭିନ୍ନ ଦିଗ ପ୍ରକାଶ କରିଛି ।

**୧) ଆଲୀଫୋ – (୮ ଥର ବ୍ୟବହୃତ)–** ଶରୀର ଉପରେ ତୈଳ କିମ୍ବା ମଲମକୁ ପ୍ରକୃତରେ ଘଷିବା (ମାର୍କ ୬:୧୩; ଲୂକ ୭:୩୮, ୪୬; ଯାକୁବ ୫:୧୪) । ଯାକୁବ ୫:୧୪ ଅନୁସାରେ, ଅଭିଷେକରେ କୌଣସି ଚିକିତ୍ସା ଉଦ୍ଦେଶ୍ୟ ନ ଥିଲା । ବରଂ, ଏହି ଅଭିଷେକ ଥିଲା ଉଭୟ ପବିତ୍ର ଆତ୍ମାଙ୍କ ଉପସ୍ଥିତିର ଓ ବିଶ୍ୱାସରେ ଈଶ୍ୱରଙ୍କଠାରୁ ସୁସ୍ଥତା ମାଗୁଥିବା ଅସୁସ୍ଥ ବ୍ୟକ୍ତିର ଶୁଚିକରଣର ନିଦର୍ଶନ ।

ଏହା ଲକ୍ଷ୍ୟ କରାଯିବା ଉଚିତ ଯେ ଡାକ୍ତରୀ ସାହାଯ୍ୟପ୍ରାପ୍ତ ହେବା ଭୁଲ ନୁହେଁ । ଯେଉଁସବୁ ପଦାର୍ଥରୁ ଔଷଧ ପ୍ରସ୍ତୁତ କରାଯାଏ, ସେହି ସମସ୍ତ ପଦାର୍ଥ ଓ ଔଷଧକୁ ଯଥାର୍ଥ ଭାବରେ ବ୍ୟବହାର କରିବା ପାଇଁ ଡାକ୍ତରଙ୍କ ଜ୍ଞାନକୁ ଈଶ୍ୱର ସୃଷ୍ଟି କରିଥିଲେ । କିନ୍ତୁ ଖ୍ରୀଷ୍ଟିଆନମାନେ ଜୀବନର ସମସ୍ତ ନିଷ୍ପତ୍ତିରେ ବିଶ୍ୱାସ ଦ୍ୱାରା ଆଚରଣ କରିବା ଉଚିତ୍ । ଯେତେବେଳେ କୌଣସି ବିଷୟ କାର୍ଯ୍ୟ କରେ ନାହିଁ, ସେତେବେଳେ ''ଶେଷ ପନ୍ଥା'' ଭାବରେ ପ୍ରାର୍ଥନାକୁ ଗ୍ରହଣ କରିବା ଅନୁଚିତ୍ । ଅସୁସ୍ଥତା କିମ୍ବା ଆଘାତ ଆସିବା ସମୟରେ ସୁସ୍ଥତା ନିମନ୍ତେ ପ୍ରଥମେ ଈଶ୍ୱରଙ୍କର ଅନ୍ୱେଷଣ କରନ୍ତୁ । ଯଦି ଈଶ୍ୱର ଅଲୌକିକ ଭାବରେ ସୁସ୍ଥ କରନ୍ତି, ତେବେ ତାଙ୍କ ନାମର ପ୍ରଶଂସା ହେଉ ! ଯଦି ଈଶ୍ୱର ସୁସ୍ଥ କରିବା ପାଇଁ ଔଷଧ ଓ ଡାକ୍ତର ବ୍ୟବହାର କରିବାକୁ ମନୋନୀତ କରନ୍ତି, ତେବେ ତାଙ୍କ ନାମର ପ୍ରଶଂସା ହେଉ ! ଯଦି କୌଣସି ସୁସ୍ଥତା ଆସେ ନାହିଁ, ତଥାପି ତାଙ୍କ ନାମର ପ୍ରଶଂସା ହେଉ – କାରଣ ଆମର ଚରମ ସୁସ୍ଥତା ଓ ଅନ୍ତିମ ଗୃହ ତାଙ୍କ ଉପସ୍ଥିତିରେ ରହିଛି ଯେତେବେଳେ

ଆମେ ମୁଖାମୁଖି ହୋଇ ତାଙ୍କୁ ଦେଖିବା (୧ ଥେସଲ ୪:୧୬-୧୮) । ଆମର ଈଶ୍ୱର ସର୍ବଦା ବିଶ୍ୱସନୀୟ ଓ ବିଶ୍ୱସ୍ତ ଅଟନ୍ତି ।

**୨) 'କ୍ରିଓ' (ପାଞ୍ଚ ଥର ବ୍ୟବହୃତ ହୋଇଛି) :** ଏହା ଈଶ୍ୱରଙ୍କ ଦ୍ୱାରା ଏକ ବିଶେଷ ନିଯୁକ୍ତି କିମ୍ବା ଆୟୋଗକୁ ସୂଚିତ କରେ ଯାହାକୁ ସଫଳ କରିବା ପାଇଁ ବ୍ୟକ୍ତି (ବ୍ୟକ୍ତିମାନେ) ପୃଥକ୍ ହୁଅନ୍ତି (ଲୂକ ୪:୧୮; ପ୍ରେରିତ ୧୦:୩୮; ୨ କରିନ୍ଥୀୟ ୧:୨୧; ଏବ୍ରୀ ୧:୯) ।

**୩) କ୍ରିସ୍‌ମା (୩ ଥର ବ୍ୟବହୃତ) :** ଯାହା ସତ୍ୟ ଓ ସଠିକ୍, ତାହା ଜାଣିବା ପାଇଁ ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତି ପ୍ରାପ୍ତ; ବିଶ୍ୱାସୀର ହୃଦୟରେ ଈଶ୍ୱରଙ୍କ ବାକ୍ୟ ସହିତ ପବିତ୍ର ଆତ୍ମାଙ୍କ କାର୍ଯ୍ୟକାରୀ ଶକ୍ତି ।

ଉଭୟ ୧ ଯୋହନ ୨:୨୦ ଓ ୨:୨୭ ଖ୍ରୀଷ୍ଟ ଅନୁଗାମୀଙ୍କ ହୃଦୟରେ ସତ୍ୟ ପ୍ରକାଶ କରୁଥିବା ପବିତ୍ର ଆତ୍ମାଙ୍କ କାର୍ଯ୍ୟକୁ ସୂଚିତ କରିଛି (ଯୋହନ ୧୪:୧୬,୧୭, ୨୬; ୧ କରିନ୍ଥୀୟ ୨:୧୦-୧୬; ଏଫିସୀୟ ୧:୧୭, ୧୮ ଦେଖନ୍ତୁ) ।

ଈଶ୍ୱରଙ୍କର ଏକ ବିଶେଷ ଜ୍ଞାନ ରଖିଛନ୍ତି ବୋଲି ଦାବୀ କରୁଥିବା ଦଳେ ଲୋକଙ୍କର ଈଶ୍ୱର ଦ୍ରୋହର ସମ୍ମୁଖୀନ ହେବା ପାଇଁ ପ୍ରେରିତ ଯୋହନ ଏହି ପତ୍ର (୧ ଯୋହନ) ଲେଖିଥିଲେ । ଏହି ଭଣ୍ଡ ଶିକ୍ଷକମାନେ ଏହା ଅସ୍ୱୀକାର କରୁଥିଲେ ଯେ ପୁତ୍ର ଈଶ୍ୱର ଦେହଧାରଣ କରି ଆସିଥିଲେ (୧ ଯୋହନ ୨:୧୮-୨୩) । ସେମାନେ ଏହା ଦାବୀ କରିଥିଲେ ଯେ କେବଳ ସେମାନଙ୍କ ନିକଟରେ ଈଶ୍ୱରଙ୍କର ସତ୍ୟ ଜ୍ଞାନ ରହିଛି ଓ ସମସ୍ତେ ସେମାନଙ୍କର ଅନୁଗାମୀ ହେବା ଉଚିତ୍ ।

କିନ୍ତୁ ଯୋହନ ଖ୍ରୀଷ୍ଟିଆନମାନଙ୍କୁ ଏହି ଭରସା ଦେଇଥିଲେ ଏହି ବ୍ୟକ୍ତିମାନେ ଖ୍ରୀଷ୍ଟାରିର ଆତ୍ମାର ଶୟତାନିକ ପ୍ରଭାବରେ କାର୍ଯ୍ୟ କରୁଛନ୍ତି (୧୮ ପଦ) । ସେମାନଙ୍କ ନିକଟରେ ପବିତ୍ର ଆତ୍ମା ଅଛନ୍ତି ଓ ସତ୍ୟ କ'ଣ, ତାହା ସେମାନେ ଜାଣିଛନ୍ତି ବୋଲି ବିଶ୍ୱାସୀମାନଙ୍କୁ ସ୍ମରଣ କରାଇଦେବା ଦ୍ୱାରା ଯୋହନ ଏହି ମିଥ୍ୟା ଶିକ୍ଷାର ବିରୋଧ କରିଛନ୍ତି (୨୦ ପଦ) । ସେ ଆହୁରିମଧ୍ୟ ଦର୍ଶାଇଛନ୍ତି ଯେ ପବିତ୍ର ଆତ୍ମା ହିଁ ''ସମସ୍ତ ବିଷୟରେ ଶିକ୍ଷା ଦିଅନ୍ତି'' (୨୭ ପଦ) ।

ଯୋହନ ଶିକ୍ଷାଦାନର କାର୍ଯ୍ୟକୁ ନ୍ୟୂନ କରୁ ନାହାନ୍ତି କିମ୍ବା ଅନୁଚିତ ବୋଲି କହୁ ନାହାନ୍ତି (ରୋମୀୟ ୧୨:୭ ଓ ଏଫିସୀୟ ୪:୧୧ ଦେଖନ୍ତୁ); ବରଂ, ଯୋହନ ଈଶ୍ୱରଙ୍କ ବାକ୍ୟର ସତ୍ୟତା ବୁଝିବାରେ ଚାଳନା ଦେଉଥିବା ପବିତ୍ର ଆତ୍ମାଙ୍କ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଇଛନ୍ତି (ଯୋହନ ୧୬:୧୩) ।



## ଅଭିଷିକ୍ତ

ଆମେ ଏହା ଶିକ୍ଷା କରିଛୁ ଯେ 'ମସିହ' ଶବ୍ଦର ଅର୍ଥ ''ଅଭିଷିକ୍ତ'' । ନୂତନ ନିୟମର ସୁସମାଚାରଗୁଡ଼ିକ ନିଃସନ୍ଦେହରେ ଏହା କହିଛି ଯେ ନାଜରୀତର ଯୀଶୁ ସେହି ମସିହ, ସେହି ଅଭିଷିକ୍ତ ବ୍ୟକ୍ତି ଥିଲେ (ଓ ଅଟନ୍ତି) । ଯୀଶୁ ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ କିମ୍ବା ଉଦ୍ଦେଶ୍ୟ ନିମନ୍ତେ ଅଭିଷିକ୍ତ ଥିଲେ (ଓ ଅଟନ୍ତି) ।

ନୂତନ ନିୟମର ମୂଳ ଗ୍ରୀକ୍ ଭାଷାରେ ଯୀଶୁଙ୍କୁ ''ଖ୍ରୀଷ୍ଟ'' କିମ୍ବା ''ଯୀଶୁ ଖ୍ରୀଷ୍ଟ'' ବୋଲି କୁହାଯାଇଛି । ''ଯୀଶୁ'' ଏକ ନାମ ଅଟେ । ମାତ୍ର 'ଖ୍ରୀଷ୍ଟ' ଏକ ଉପାଧି ଅଟେ ଯାହାର ଅର୍ଥ ହେଉଛି ''ଅଭିଷିକ୍ତ'' । ସମଗ୍ର ନୂତନ ନିୟମ ଅଭିଷିକ୍ତ ଭାବରେ ଯୀଶୁଙ୍କୁ ସ୍ପଷ୍ଟ ପ୍ରକାଶ କରିଥାଏ (ଯୋହନ ୧:୪୧; ୪:୨୫,୨୬) ।

ଯିହୁଦୀମାନେ ଏପରି ଜଣେ ମସିହଙ୍କୁ ('ଅଭିଷିକ୍ତ' ର ହିବ୍ରୁ ଶବ୍ଦ) ଦାଉଦଙ୍କ ରାଜକୀୟ ବଂଶର ଏପରି ଜଣେ ରାଜାଙ୍କୁ ଅପେକ୍ଷା କରୁଥିଲେ ଯିଏ ଶଲୋମନଙ୍କ ସମୟରେ ଥିବା ଇସ୍ରାଏଲର ଜାତୀୟ ଗୌରବକୁ ଫେରାଇ ଆଣିବେ । ଏଥିଯୋଗୁ, ଅନେକ ଯିହୁଦୀ ଯୀଶୁଙ୍କୁ ଅଗ୍ରାହ୍ୟ କରିଥିଲେ । ସେମାନେ ପ୍ରତିଜ୍ଞାତ ମସିହଙ୍କ ସମ୍ବନ୍ଧରେ ଯେଉଁ ଭୁଲ ଓ ତ୍ରୁଟିପୂର୍ଣ୍ଣ ଧାରଣା ରଖିଥିଲେ, ସେହି ଧାରଣା ସହିତ ଯୀଶୁଙ୍କର ସାମଞ୍ଜସ୍ୟ ନ ଥିଲା (ମାଥିଉ ୧୧:୧୯; ଯୋହନ ୬:୨୬-୨୯) ।

ସେମାନଙ୍କ କଳ୍ପନାଠାରୁ ଉର୍ଦ୍ଧ୍ୱରେ ଈଶ୍ୱରଙ୍କର ଏକ ବ୍ୟାପକ ଯୋଜନା ଥିଲା ବୋଲି ଯିହୁଦୀମାନେ ଦେଖିପାରି ନ ଥିଲେ (ଯିଶାଇୟ ୪୨:୫-୯; ୪୯:୫,୬; ପ୍ରେରିତ ୪:୮-୧୨; ୧୩:୪୪-୪୯) । ଈଶ୍ୱର ସେମାନଙ୍କୁ (ଓ ଆମକୁ) ଏକ କ୍ଷଣସ୍ଥାୟୀ ପାର୍ଥିବ ରାଜା ଅପେକ୍ଷା ଅତ୍ୟଧିକ ବିଷୟ ପ୍ରଦାନ କରିଥିଲେ । ସେ ଜଗତକୁ ରାଜାମାନଙ୍କର ରାଜା, ସମସ୍ତଙ୍କ ନିମନ୍ତେ, ଅନନ୍ତ କାଳ ନିମନ୍ତେ ଏକ ପ୍ରକୃତ ତ୍ରାଣକର୍ତ୍ତା- ମସିହ ଯୀଶୁଙ୍କୁ ପ୍ରଦାନ କରିଥିଲେ; ତାଙ୍କ ନାମ ପ୍ରତି ସମସ୍ତ ଗୌରବ ହେଉ ।

## ସାରାଂଶ

ପୁରାତନ ନିୟମରେ ଅଭିଷେକ ଥିଲା ଏକ ଅତି ଗୁରୁତ୍ୱପୂର୍ଣ୍ଣ ବିଧି । ଭୌତିକ ପଦାର୍ଥ, ଯାଜକ, ଭାବବାଦୀ ଓ ରାଜାମାନଙ୍କର ଅଭିଷେକ ସେମାନଙ୍କୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପୃଥକ୍ କରୁଥିଲା । କିନ୍ତୁ, ଏହି ଅଭିଷେକ ଥିଲା ନୂତନ ନିୟମ ଅଧୀନରେ ଈଶ୍ୱର ଯାହା ପୂରଣ କରିଥାନ୍ତେ, ତା'ର ଏକ ନିଦର୍ଶନ କିମ୍ବା ଛାୟା ବୋଲି ଆମକୁ ଲକ୍ଷ୍ୟ କରିବାକୁ ହେବ ।

ନୂତନ ନିୟମ ଅଧୀନରେ, ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ଥିବା ସଂପର୍କ ନିମନ୍ତେ ଏକ ନୂତନ ଓ ଜୀବନଦାୟକ ମାର୍ଗର ଆବଶ୍ୟକତା ଥିଲା । ଏହାର ପ୍ରଥମ ସଙ୍କେତ ଥିଲା ଈଶ୍ୱରଙ୍କ ଉଦ୍ଦେଶ୍ୟ ଓ କାର୍ଯ୍ୟ ସଫଳ କରିବା ପାଇଁ (ଯୋହନ ୩:୧୪-୧୭) ଅଭିଷିକ୍ତ ବ୍ୟକ୍ତି, ଈଶ୍ୱରଙ୍କ ପୁତ୍ର ଯୀଶୁଙ୍କୁ ପ୍ରେରଣ କରିବା (ଯୋହନ ୭:୨୮,୨୯) । ଯୀଶୁ ଆମ ପାପ ନିମନ୍ତେ କ୍ରୁଶରେ ମୃତ୍ୟୁବରଣ କରିବା ଦ୍ୱାରା ଏହା ସଫଳ କରିଥିଲେ, ଓ ଏହିପରି ଭାବରେ ତାଙ୍କଠାରେ ବିଶ୍ୱାସ କରୁଥିବା ସମସ୍ତ ବ୍ୟକ୍ତିଙ୍କ ନିମନ୍ତେ ପରିତ୍ରାଣର ଦ୍ୱାର ଉନ୍ମୁକ୍ତ କରିଥିଲେ (ରୋମୀ ୧୦:୯-୧୩; ଏଫିସୀ ୨:୧-୧୦; ଏବ୍ରୀ ୭:୧୧-୨୫, ୯:୧୧-୧୫) ।

ମନୁଷ୍ୟ ଜାତି ନିମନ୍ତେ ପିତା ଈଶ୍ୱରଙ୍କର ପରିତ୍ରାଣ ଯୋଜନାର ଅଂଶ ବିଶେଷ ଥିଲା- ତାଙ୍କ ପୁତ୍ରଙ୍କଠାରେ ବିଶ୍ୱାସ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ସ୍ୱର୍ଗୀୟ ସାହାଯ୍ୟର ବ୍ୟବସ୍ଥା । ସେମାନଙ୍କ ନିମନ୍ତେ ଥିବା ଈଶ୍ୱରଙ୍କ ଇଚ୍ଛାକୁ ସଫଳ କରିବା ପାଇଁ ଆବଶ୍ୟକୀୟ ସମସ୍ତ ସାହାଯ୍ୟ ଓ ଶକ୍ତି ବିଶ୍ୱାସୀମାନେ ପ୍ରାପ୍ତ ହୋଇପାରିଥିଲେ ।

ଏହିପରିଭାବରେ, ଯେତେବେଳେ ଯୀଶୁ ପୃଥିବୀରେ ନିଜର ଈଶ୍ୱର-ନିରୂପିତ କାର୍ଯ୍ୟ ସମାପ୍ତ କରିଥିଲେ (ଯୋହନ ୧୭:୪; ୧୯:୩୦), ସେତେବେଳେ ସେ ଜଣେ ''ସାହାଯ୍ୟକାରୀଙ୍କୁ'' ପଠାଇବା ପାଇଁ ପ୍ରତିଜ୍ଞା କରିଥିଲେ (ଯୋହନ ୭:୩୭-୩୯; ୧୫:୨୬; ୧୬:୫-୧୫) । ସେହି ସାହାଯ୍ୟକାରୀ (ସାନ୍ତ୍ୱନାଦାତା) ହେଉଛନ୍ତି ପବିତ୍ର ଆତ୍ମା- ଆତ୍ମା ଈଶ୍ୱର ।

ପୁରାତନ ନିୟମରେ ତୈଳ ଢ଼ାଳିବା କିମ୍ବା ବୋଳିବାର ନିଦର୍ଶନ ଦ୍ୱାରା ଯାହା ପ୍ରକାଶ କରାଯାଉଥିଲା, ତାହା ବର୍ତ୍ତମାନ ନୂତନ ନିୟମରେ ଯୀଶୁ ଖ୍ରୀଷ୍ଟଙ୍କର ବିଶ୍ୱାସୀମାନଙ୍କ ପାଇଁ ଏକ ସଂପୂର୍ଣ୍ଣ ବାସ୍ତବତା ହୋଇଥିଲା । ଏହା ସେତେବେଳେ ଆରମ୍ଭ ହୋଇଥିଲା, ଯେତେବେଳେ ପେଣ୍ଟିକଷ୍ଟ ଦିବସରେ ଈଶ୍ୱରଙ୍କ ଆତ୍ମାଙ୍କୁ ବୃଷ୍ଟି କରା ଯାଇଥିଲା (ଯୋୟେଲ ୨:୨୮-୩୨; ଲୂକ ୨୪:୪୯; ପ୍ରେରିତ ୨:୧-୩୯) ।





# ପବିତ୍ର ଆତ୍ମାଙ୍କର ଅଭିଷେକ

ଭାଗ - ୨

## ଅଭିଷେକର ପ୍ରକୃତି, ଉଦ୍ଦେଶ୍ୟ ଓ କାର୍ଯ୍ୟ

### (କ) ଅଭିଷେକର ପ୍ରକୃତି

'ଅଭିଷେକ' ଉପରେ ଏକ ବଳିଷ୍ଠ, ବାଇବଲ ଉଲ୍ଲିଖିତ ଶିକ୍ଷା ଓ ଅଧ୍ୟୟନର ଅଭାବ ଯୋଗୁ ଏହି ବିଷୟ ବସ୍ତୁ ସମ୍ବନ୍ଧରେ ବହୁ ପରିମାଣର ଦ୍ୱନ୍ଦ ରହିଛି । ଏହି ଭାଗରେ, ଧର୍ମ ଶାସ୍ତ୍ରରେ ଆମ ନିକଟରେ 'ଅଭିଷେକ' ଯେପରି ଭାବରେ ପ୍ରକାଶିତ ହୋଇଛି, ସେହିପରି ଭାବରେ, ଏହାର ସଂଜ୍ଞା ନିର୍ଣ୍ଣୟ କରିବା ।

ପରେ ଏହି ଭାଗରେ, ପ୍ରକୃତରେ ଅଭିଷେକ କ'ଣ, ତାହାର ସଂଜ୍ଞା ଆମେ ନିର୍ଣ୍ଣୟ କରିବା; ମାତ୍ର ବର୍ତ୍ତମାନ ପାଇଁ, ଅଭିଷେକ ଯାହା ନୁହେଁ, ତାହା ଆମେ ସ୍ପଷ୍ଟ କରିବା ।

**୧) ଅଭିଷେକ ଯାହା ନୁହେଁ**

**କ) ଅଭିଷେକ ଗୋଟିଏ ଅବୈକ୍ତିକ ଶକ୍ତି କିମ୍ବା ରହସ୍ୟବାଦୀ ଶକ୍ତି ନୁହେଁ ।**

ଅଭିଷେକ ବିଦ୍ୟୁତ୍ ସଦୃଶ ନୁହେଁ (ଗୋଟିଏ ନିର୍ଜୀବ ଶକ୍ତି), କିମ୍ବା ଏହା କୌଣସି ପ୍ରକାର ଯାଦୁକାରୀ ଶକ୍ତି ନୁହେଁ । ଯାଦୁକର ଶିମୋନ (ପ୍ରେରିତ ୮:୯-୨୫) ନିକଟରେ ଗୋଟିଏ ପ୍ରକାର ଶକ୍ତି ଥିଲା (ଶୟତାନିକ ଶକ୍ତି), ମାତ୍ର ସେ ଅତିଶୀଘ୍ର ଏହା ଉପଲବ୍ଧି କରିଥିଲା ଯେ ପ୍ରେରିତମାନଙ୍କ ମଧ୍ୟରେ ଥିବା ଶକ୍ତି ତୁଳନାରେ ତା' ନିକଟରେ ଥିବା ଶକ୍ତି କିଛି ନୁହେଁ । ଈଶ୍ୱରଙ୍କର ଅଭିଷେକ ଅଲୌକିକ ଓ ଆତ୍ମିକ ଅଟେ ।

**ଖ) ଧର୍ମଶାସ୍ତ୍ରରେ ଯେପରି କୁହାଯାଇଛି, ସେହିପରି, ଅଭିଷେକ କେବଳ ଆବେଗିକ ବିଷୟ ନୁହେଁ; ଏହା କେବଳ ଗୋଟିଏ ବଳିଷ୍ଠ ବ୍ୟକ୍ତିତ୍ୱ କିମ୍ବା ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଚାର ଶୈଳୀ ନୁହେଁ ।** ଈଶ୍ୱର ପ୍ରାୟ ସେତେବେଳେ ଆମର ଆବେଗକୁ ସ୍ପର୍ଶ କରନ୍ତି, ଯେତେବେଳେ ଆମେ ତାଙ୍କ ଅଭିଷେକକାରୀ ଶକ୍ତିରେ ଅଗ୍ରସର ହେଉଥାଉ । କିନ୍ତୁ, କେବଳ ବଳିଷ୍ଠ ଆବେଗ ପ୍ରଦର୍ଶନ କରିବାର ଅର୍ଥ ନୁହେଁ ଯେ ଈଶ୍ୱରଙ୍କ ଅଭିଷେକ ବିଦ୍ୟମାନ ଅଛି । ଲୋକମାନେ ଆମୋଦ ପ୍ରମୋଦ କରୁଥିବା ସମୟରେ କିମ୍ବା ଖେଳୁଥିବା ସମୟରେ ବଳିଷ୍ଠ ଆବେଗ ପ୍ରଦର୍ଶନ କରିପାରନ୍ତି । ମାତ୍ର, ତାର ଅର୍ଥ ନୁହେଁ ଯେ ଈଶ୍ୱରଙ୍କ ଅଭିଷେକ ବିଦ୍ୟମାନ ଅଛି ।

କେତେକ ଲୋକ ଏହା ଚିନ୍ତା କରନ୍ତି ଯେ ଯେତେବେଳେ ଜଣେ ପ୍ରଚାରକ ଉଚ୍ଚସ୍ୱର କରନ୍ତି, କିମ୍ବା ଅତି ଉତ୍ତେଜିତ ହୁଅନ୍ତି ଓ ଡିଆଁ ଡେଇଁ କରନ୍ତି, ସେତେବେଳେ ସେ ଅଭିଷିକ୍ତ ଥାଆନ୍ତି । ମାତ୍ର ଈଶ୍ୱରଙ୍କଠାରୁ ଆଗତ ପ୍ରକୃତ ଅଭିଷେକ ବାହ୍ୟ, ଭୌତିକ କାର୍ଯ୍ୟରେ ପ୍ରକାଶିତ ହୋଇପାରେ କିମ୍ବା ହୋଇ ନ ପାରେ

ସେହିପରି ଭାବରେ, ଈଶ୍ୱରଙ୍କ ଅଭିଷେକର ଉପସ୍ଥିତି ଶିକ୍ଷା, ଜ୍ଞାନ କିମ୍ବା ଅନୁଷ୍ଠାନ ଦ୍ୱାରା ଅର୍ଜ୍ଜନ କରିହେବ ନାହିଁ । କିମ୍ବା ସ୍ୱାଭାବିକ ପ୍ରତିଭା କିମ୍ବା ଯୋଗ୍ୟତା ମଧ୍ୟ ଈଶ୍ୱରଙ୍କ ଅଭିଷେକର ଏକ ଚିହ୍ନ ନୁହେଁ । ଯଦିଓ ଆମର ସ୍ୱାଭାବିକ, ମାନବିକ ପ୍ରତିଭା ଈଶ୍ୱରଦତ୍ତ ଅଟେ, ତଥାପି ପରିତ୍ରାଣ ପାଇ ନ ଥିବା ଜଣେ ବ୍ୟକ୍ତି ନିକଟରେ ତାହା ଥାଇପାରେ ଓ ସେ ତା'ର ପ୍ରତିଭାକୁ ବ୍ୟବହାର କରିପାରେ । ପ୍ରତିଭା ଓ ଯୋଗ୍ୟତାକୁ ଅଭିଷେକ ସହିତ ମିଶେଇ ଦେବା ଅନୁଚିତ ।

ଏହା ସତ୍ୟ ଅଟେ ଯେ ଆମ ନିଜ ଶକ୍ତିରେ ଆମେ ଯାହା ସାଧନ କରି ପାରିଥାନ୍ତୁ, ତା'ର ଉର୍ଦ୍ଧ୍ୱରେ ଆମ ଯୋଗ୍ୟତାଗୁଡ଼ିକୁ ଉନ୍ମୋଚିତ କରିବା ପାଇଁ ଈଶ୍ୱର ନିଜର ଅଭିଷେକ ସହିତ ଆମର ଯୋଗ୍ୟତାଗୁଡ଼ିକୁ ସେହିପରି ଶକ୍ତିଯୁକ୍ତ କରିପାରନ୍ତି, ଯେପରି ସେ ଶଲୋମନଙ୍କୁ ଶକ୍ତିଯୁକ୍ତ କରିଥିଲେ (୧ ରାଜା ୪:୨୯–୩୪), କିନ୍ତୁ ଆମର ପ୍ରତିଭା ଓ ଯୋଗ୍ୟତା ଈଶ୍ୱରଙ୍କର ସ୍ୱର୍ଗୀୟ ସାମର୍ଥ୍ୟ ନିମନ୍ତେ ତାଙ୍କ ଉପରେ ନିର୍ଭରଶୀଳତାର ସ୍ଥାନ ନେବା ଅନୁଚିତ ।

ଈଶ୍ୱରଙ୍କର ଅଭିଷେକ ସ୍ୱର୍ଗୀୟ ଓ ଅଲୌକିକ ଅଟେ, ଆଉ ଏଥିରେ ତାଙ୍କର ଶକ୍ତି ଓ ଯୋଗ୍ୟତା ଅନ୍ତର୍ଭୁକ୍ତ ଥାଏ ।

**ଗ) ଅଭିଷେକ ପରିତ୍ରାଣ ନୁହେଁ –** ଯେଉଁ ବ୍ୟକ୍ତି ନିଜର ପାପ ପାଇଁ ଅନୁତାପ କରି ପରିତ୍ରାଣ ନିମନ୍ତେ ଖ୍ରୀଷ୍ଟଙ୍କ ପ୍ରତି ଫେରିଥାଏ, ତା' ନିକଟରେ 'ପବିତ୍ର ଆତ୍ମା ଥାଆନ୍ତି !' କିନ୍ତୁ, ତାହା ପବିତ୍ର ଆତ୍ମାଙ୍କ ଅଭିଷେକ ସହିତ ସମାନ ନୁହେଁ ।



ଆସନ୍ତୁ, ପରିତ୍ରାଣ ପାଇବା ସମୟରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ପ୍ରତି ଦୃଷ୍ଟିପାତ କରିବା :

- ଜଣେ ବ୍ୟକ୍ତି କେବଳ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଓ ଶକ୍ତି ଦ୍ୱାରା ପୁନର୍ଜ୍ଜନ୍ମ ପାଇପାରେ (ଯୋହନ ୩:୩–୮; ରୋମୀ ୮:୯,୧୬) ।
- ଜଣେ ବ୍ୟକ୍ତି ପରିତ୍ରାଣ ସମୟରେ ଖ୍ରୀଷ୍ଟଙ୍କ ସାର୍ବଜନୀନ ଶରୀର ସହିତ ଅଲୌକିକ ଭାବରେ ସଂଯୁକ୍ତ ହୁଏ; ଖ୍ରୀଷ୍ଟଙ୍କ ଶରୀର ସେହି ସମସ୍ତେ ଅଟନ୍ତି, ଯେଉଁମାନଙ୍କର ପରିତ୍ରାଣ ନିମନ୍ତେ ତାଙ୍କ ଉପରେ ବିଶ୍ୱାସ ରହିଅଛି (୧ କରିନ୍ଥୀ ୧୨:୧୩) ।
- ଜଣେ ବ୍ୟକ୍ତି ପରିତ୍ରାଣ ସମୟରେ ପବିତ୍ର ଆତ୍ମାଙ୍କ ଦ୍ୱାରା ''ମୁଦ୍ରାଙ୍କିତ'' ହୋଇଥାଏ (୨ କରିନ୍ଥୀ ୧:୨୨; ୫:୫; ଏଫିସୀ ୧:୧୩,୧୪) ।



'ମୁଦ୍ରାଙ୍କିତ'ର ଗ୍ରୀକ୍ ଶବ୍ଦ ହେଉଛି 'ଆରାବୋନ୍', ଅର୍ଥାତ୍, ନିଶ୍ଚୟତା କିମ୍ବା କିସ୍ତି–ପରିଶୋଧ । କିନ୍ତୁ, ସେହି ସରଳ ସଂଜ୍ଞାର ଉର୍ଦ୍ଧ୍ୱରେ ଏକ ଗଭୀରତର ଅର୍ଥ ରହିଛି । ପ୍ରଥମେ, ''ମୁଦ୍ରାଙ୍କିତ'' ହେବାର ଅର୍ଥ ହେଉଛି ଈଶ୍ୱରଙ୍କର ବୋଲି ଚିହ୍ନିତ ହେବା । ଏହା ହେଉଛି ସେହି ବିଷୟର ଏକ ଜୀବନ୍ତ ପ୍ରତୀକ ଯେ ଈଶ୍ୱର ଆମ ନିମନ୍ତେ ଦିଆଯାଇଥିବା ମୂଲ୍ୟ ଗ୍ରହଣ କରିଛନ୍ତି । ସେହି ମୂଲ୍ୟ ହେଉଛି ଆମ ପାପ ନିମନ୍ତେ ଈଶ୍ୱରଙ୍କ ପୁତ୍ରଙ୍କର ରକ୍ତ ବଳିଦାନ (ଏଫିସୀ ୧:୭) । ଦ୍ୱିତୀୟରେ, ପରିତ୍ରାଣ ନିମନ୍ତେ ଆମେ ବିଶ୍ୱାସରେ ଖ୍ରୀଷ୍ଟଙ୍କ ନିକଟକୁ ଆସୁଥିବା ସମୟରେ (ରୋମୀ ୧୦:୯), ଆମଠାରେ ଈଶ୍ୱରଙ୍କ ବିନିଯୋଗର ଏକ ''ଅଗ୍ରୀମ'' କିମ୍ବା ''ପ୍ରଥମ କିସ୍ତି'' ଭାବରେ ପବିତ୍ର ଆତ୍ମା ପ୍ରଦତ୍ତ ହୁଅନ୍ତି । ଏହି ବିନିଯୋଗ ହେଉଛି ଈଶ୍ୱରଙ୍କର ଏହି ନିଶ୍ଚୟତା (ପ୍ରତିଜ୍ଞା) ଯେ ଆମେ ଜୀବନରେ ପ୍ରତିଦିନ ଆନନ୍ଦ, ଆଶୀର୍ବାଦ ଓ ପବିତ୍ର ଆତ୍ମାଙ୍କ ଶକ୍ତିରେ ସେପର୍ଯ୍ୟନ୍ତ ବୃଦ୍ଧି ପାଇପାରିବା ଯେପର୍ଯ୍ୟନ୍ତ ଈଶ୍ୱର ଆମକୁ ସ୍ୱର୍ଗରେ ନିଜ ନିକଟକୁ ସଂପୂର୍ଣ୍ଣ ଭାବରେ ଗ୍ରହଣ କରି ନାହାନ୍ତି ! (ଫିଲିପ୍ପୀୟ ୧:୬; ୨ ପିତର ୧:୫–୧୧) ।

ପବିତ୍ର ଆତ୍ମାଙ୍କର କାର୍ଯ୍ୟ ଓ ସେବା ପରିତ୍ରାଣ ସମୟରେ ଆମଠାରେ ଓ ଆମ ମାଧ୍ୟମରେ ଆରମ୍ଭ ହୁଏ । ଆମେ ପ୍ରଥମେ ପରିତ୍ରାଣ ପାଇବା ସମୟରେ ଯାହା ପ୍ରାପ୍ତ ହେଉ, ତାହା ଆମ ପରିପକ୍ୱ ପ୍ରକ୍ରିୟାର ପ୍ରଥମ ପଦକ୍ଷେପ ବ୍ୟତୀତ ଅନ୍ୟ କିଛି ନୁହେଁ । ସମସ୍ତ ବିଶ୍ୱାସୀଙ୍କ ନିମନ୍ତେ ଈଶ୍ୱରଙ୍କର ଏହି ଇଚ୍ଛା ରହିଛି ଯେପରି ସେମାନେ ତାଙ୍କ ପୁତ୍ର କନ୍ୟା ଭାବରେ ପରିପକ୍ୱ ଶିଷ୍ୟ ହେବେ । ଏଥିପାଇଁ ବ୍ୟକ୍ତିଗତ ଅଭିବୃଦ୍ଧି ଓ ପରିବର୍ତ୍ତନ ନିମନ୍ତେ ଆମ ପାଇଁ ନିରନ୍ତର ସମର୍ପଣ ଆବଶ୍ୟକ ହୁଏ । ପବିତ୍ର ଆତ୍ମା ଆମକୁ ଚେତନା ଦେଉଥିବା ସମୟରେ, ଶାସନ କରୁଥିବା ସମୟରେ, ଉତ୍ସାହିତ କରୁଥିବା ସମୟରେ ଓ ଆମକୁ ଶକ୍ତି ପ୍ରଦାନ କରୁଥିବା ସମୟରେ ଆମ ଜୀବନରେ ଆମକୁ ପ୍ରତିଦିନ ତାଙ୍କ କାର୍ଯ୍ୟ ପ୍ରତି ବଶୀଭୂତ ହେବାକୁ ପଡ଼ିବ ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ –** ମଣ୍ଡଳୀର ଜଣେ ପାଳକ ଓ ନେତା ଭାବରେ, ଈଶ୍ୱରଙ୍କ ବିଷୟରେ ବୃଦ୍ଧିପ୍ରାପ୍ତ ହେଉଥିବା ଏକ ସମର୍ପିତ ବ୍ୟକ୍ତି ବୋଲି ଅବଶିଷ୍ଟ ପଲର ଏକ ଦୃଷ୍ଟାନ୍ତ ହେବା ପାଇଁ ଆପଣ ଈଶ୍ୱରଙ୍କ ଦ୍ୱାରା ଆହୂତ ହୋଇଛନ୍ତି । ଏହା ଭାବିବା ଭୁଲ୍ ଯେ ନେତା ଭାବରେ, ଖ୍ରୀଷ୍ଟଙ୍କଠାରେ ଆମର ବ୍ୟକ୍ତିଗତ ଅଭିବୃଦ୍ଧିକୁ ମୁଖ୍ୟ ବିଷୟ କରିବା ଆଉ ଆମ ପାଇଁ ଆବଶ୍ୟକ ନୁହେଁ । କିନ୍ତୁ ଏହାର ଠିକ୍ ବିପରୀତ ବିଷୟ ସତ୍ୟ ଅଟେ (୧ ପିତର ୫:୨,୩ ଦେଖନ୍ତୁ) ।

**ଆମେ ନେତା ହୋଇଥିବାରୁ –** ଆମେ ସମସ୍ତେ ଯୀଶୁଙ୍କ ଏହି ବାକ୍ୟର ଦୃଷ୍ଟାନ୍ତ ସ୍ୱରୂପ ହେବା ଉଚିତ– ‘‘କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛାକରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ପ୍ରତିଦିନ ଆପଣା କ୍ରୁଶ ଘେନି ମୋହର ଅନୁଗମନ କରୁ’’ (ଲୂକ ୯:୨୩) ।

ପ୍ରତ୍ୟେକ ବିଶ୍ୱାସୀକୁ ପରିତ୍ରାଣ ସମୟରେ ପବିତ୍ର ଆତ୍ମା ପ୍ରଦତ୍ତ ହୋଇଛନ୍ତି ତେବେ, ଆସନ୍ତୁ ଆମେ ପ୍ରତିଦିନ ଆମ ଜୀବନରେ ତାଙ୍କର କାର୍ଯ୍ୟ ଓ ପ୍ରଭାବ ପ୍ରତି ସମର୍ପିତ ହେବା ।

### ଘ) ଅଭିଷେକ ପବିତ୍ର ଆତ୍ମାଙ୍କର ବାପ୍ତିସ୍ମ ସହିତ ସମାନ ନୁହେଁ–

ଏହି ‘ବାପ୍ତିସ୍ମ’ ଏକ ଭିନ୍ନ ଅନୁଭୂତି ଅଟେ; ଏହା ଖ୍ରୀଷ୍ଟଙ୍କଠାରେ ସମସ୍ତ ବିଶ୍ୱାସୀଙ୍କ ପ୍ରତି ଉପଲବ୍ଧ ଅଟେ (ମାଥିଉ ୩:୧୧) । ପରିତ୍ରାଣ ସମୟରେ ବିଶ୍ୱାସୀ ମଧ୍ୟରେ ବାସ କରିବାକୁ ପବିତ୍ର ଆତ୍ମାଙ୍କ ଆଗମନ ସହିତ ମଧ୍ୟ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ସମାନ ନୁହେଁ ।



ପବିତ୍ର ଆତ୍ମା ରୂପକ ଦାନ ପେଣ୍ଟିକଷ୍ଟ ଦିବସରେ ଦୃଷ୍ଟି କରାଯିବାର ୮୦୦ ବର୍ଷ ପୂର୍ବେ ଯୋୟେଲ ଭାବବାଦୀ ଏହି ଦାନ ବିଷୟରେ ଭବିଷ୍ୟଦବାଣୀ ଘୋଷଣା କରିଥିଲେ (ଯୋୟେଲ ୨:୨୮–୩୨ ଓ ପ୍ରେରିତ ୨:୧–୩୯ ଦେଖନ୍ତୁ) ।

ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ ଅଧିକ ଉପଯୋଗୀ ଓ ଶକ୍ତି ପୂର୍ଣ୍ଣ ହେବା ପାଇଁ ଖ୍ରୀଷ୍ଟଙ୍କ ପ୍ରତ୍ୟେକ ବିଶ୍ୱାସୀକୁ ପ୍ରସ୍ତୁତ କରେ ! ଏହା ଖ୍ରୀଷ୍ଟ ବିଶ୍ୱାସୀକୁ ନିମ୍ନଲିଖିତ ବିଷୟରେ ଚାଳନା ଦେବ–

- ଆତ୍ମାଗୁଡ଼ିକ ନିମନ୍ତେ ଏକ ଗଭୀରତର ଆବେଗ;
- ପ୍ରାର୍ଥନା ନିମନ୍ତେ ଅଧିକତର ଶକ୍ତି ଓ ଇଚ୍ଛା;
- ଖ୍ରୀଷ୍ଟ ଓ ତାଙ୍କ ଶରୀର ନିମନ୍ତେ ଏକ ଗଭୀରତର ପ୍ରେମ;
- ଆତ୍ମିକ ଯୁଦ୍ଧ ନିମନ୍ତେ ଏକ ପ୍ରସ୍ତୁତି;
- ଈଶ୍ୱରଙ୍କ ବାକ୍ୟ ପ୍ରତି ଏକ ବର୍ଦ୍ଧିତ ଦୃଷ୍ଟିକୋଣ ।

ଖ୍ରୀଷ୍ଟଙ୍କଠାରେ ଥିବା ସମସ୍ତ ବିଶ୍ୱାସୀ ପରିତ୍ରାଣ ସମୟରେ ପବିତ୍ର ଆତ୍ମାଙ୍କର ‘ବାସକାରୀ’ ଦାନ ପ୍ରାପ୍ତ ହୁଅନ୍ତି (ଯୋହନ ୩:୫,୬; ରୋମୀୟ ୮:୧୫,୧୬) । ‘‘ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ’’ ହେଉଛି ଈଶ୍ୱରଙ୍କ ଆତ୍ମାଙ୍କୁ ‘ଭର୍ତ୍ତି କରିବା’ ଓ ସେଥିରେ ଉଚ୍ଛୁଳି ଉଠିବା । ଏହି ବାପ୍ତିସ୍ମ ଆପଣଙ୍କୁ ଅଧିକ ପରିତ୍ରାଣ ଦେବ ନାହିଁ କିମ୍ବା ଈଶ୍ୱର ଆପଣଙ୍କୁ ଅଧିକ ପ୍ରେମ କରିବେ ନାହିଁ । କିନ୍ତୁ, ଏହା ଖ୍ରୀଷ୍ଟଙ୍କଠାରେ ଅଧିକ ଫଳପ୍ରଦ ଓ ବିଜୟୀ ଜୀବନ କାଟିବା ପାଇଁ ଆପଣଙ୍କୁ ଆହୁରି ଉତ୍ତମଭାବେ ପ୍ରସ୍ତୁତ କରିବ !

ଯଦି ଆପଣ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ପାଇଛନ୍ତି, ତେବେ ଏହା ସ୍ମରଣରେ ରଖନ୍ତୁ ଯେ କେବଳ ‘ପ୍ରାପ୍ତି’ ନିମନ୍ତେ ଏହା ଗୋଟିଏ ଏକ–କାଳୀନ ଅନୁଭୂତି ନୁହେଁ; ମାତ୍ର ଏହା ହେଉଛି ଏପରି ଏକ ଜୀବନଶୈଳୀ ଯାହାକୁ ରକ୍ଷା କରିବାକୁ ହୁଏ । ଆମକୁ ନିରନ୍ତର ପରିପୂର୍ଣ୍ଣ ହେବାକୁ ପଡ଼ିବ (ଏହି ବିଷୟ ଉପରେ ଅଧିକ ଜାଣିବା ପାଇଁ ଭାଗ – ୩ (ଗ) ୧– ‘‘ପରିପୂର୍ଣ୍ଣ ହୁଅନ୍ତୁ’’ ଦେଖନ୍ତୁ) ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ–** ପବିତ୍ର ଆତ୍ମାଙ୍କ ସମ୍ବନ୍ଧରେ ଅଧ୍ୟୟନ କରିବା ସମୟରେ, ଆମ ଜଗତରେ ଅନ୍ୟ ଆତ୍ମାଗଣର ଉପସ୍ଥିତି ବିଷୟରେ ମଧ୍ୟ କିଛି କହିବା ଆବଶ୍ୟକ । ଏହି ଯୁଗରେ ପୃଥିବୀ ଉପରେ ତିନି ପ୍ରକାରର ଆତ୍ମା କାର୍ଯ୍ୟ କରୁଛି ।

**୧) ଭୂତାତ୍ମା–** ଆଜି ପୃଥିବୀରେ ଭୂତାତ୍ମାଗୁଡ଼ିକ ଉପସ୍ଥିତ ଅଛନ୍ତି । ସେମାନଙ୍କର ସ୍ୱୟଂ–ପ୍ରଦତ୍ତ କାର୍ଯ୍ୟ ହେଉଛି ସମସ୍ତ ମାନବଜାତିକୁ ପଥଭ୍ରଷ୍ଟ

କରିବା (ପ୍ରକାଶିତ ୧୨:୭-୯) ଓ ଯେଉଁ ସତ୍ୟ ଯୀଶୁ ଅଟନ୍ତି, ସେହି ସତ୍ୟ ପ୍ରତି ସେମାନଙ୍କୁ ଅନ୍ଧ କରିବା (୨ କରିନ୍ଥୀ ୪:୪; ୧ ଯୋହନ ୨:୨୨; ୪:୧-୩) । ଭୂତାତ୍ମାସ୍ତର, ମୁଖ୍ୟତଃ, ମିଥ୍ୟାଧର୍ମ ମାଧ୍ୟମରେ କାର୍ଯ୍ୟ କରେ । ସେମାନେ ସେହି ଶୟତାନ ସହିତ କାର୍ଯ୍ୟକରି ପ୍ରତାରଣାକୁ ସେମାନଙ୍କର ଅତି ଶକ୍ତିଶାଳୀ ଅସ୍ତ୍ରଭାବରେ ବ୍ୟବହାର କରନ୍ତି, ଯିଏ ''ଗୋଟିଏ ମିଥ୍ୟାବାଦୀ ଓ ମିଥ୍ୟାବାଦୀର ଜନକ ଅଟେ'' (ଯୋହନ ୮:୪୪) ।

ଅବିଶ୍ୱାସୀମାନଙ୍କ ଉପର ଭୂତାତ୍ମାର ଅଧିକ ପ୍ରଭାବ ରହିଥାଏ (୨ କରିନ୍ଥୀ ୪:୩,୪) । କିନ୍ତୁ, ସେମାନେ ଖ୍ରୀଷ୍ଟଙ୍କର ସେହି ପ୍ରକୃତ ବିଶ୍ୱାସୀମାନଙ୍କ ପ୍ରତି ଲକ୍ଷ୍ୟ ରଖିବାକୁ ମଧ୍ୟ ଚେଷ୍ଟା କରନ୍ତି, ଯେଉଁମାନଙ୍କ ମାଧ୍ୟମରେ ସୁସମାଚାରର ଗୌରବମୟ ଆଲୋକ ପ୍ରଚାରିତ ହୁଏ (ଏଫିସୀ ୬:୧୦-୧୨; ୨ କରିନ୍ଥୀ ୧୦:୩-୫; ୧୧:୩) । ଠିକ୍ ପାପ ସଦୃଶ, ଭୂତାତ୍ମା ସ୍ତରରେ, ଯଦି ଜଣେ ଖ୍ରୀଷ୍ଟିଆନ ସେମାନଙ୍କର ଯୋଜନା କିମ୍ବା ପରୀକ୍ଷା ସହିତ ସ୍ୱେଚ୍ଛାରେ ସହଯୋଗ କରେ ନାହିଁ, ତେବେ ଖ୍ରୀଷ୍ଟିଆନମାନଙ୍କ ଉପରେ ଏମାନଙ୍କର କୌଣସି କ୍ଷମତା ରହେ ନାହିଁ ।

ଲୋକମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ଶୟତାନ ମାନବ ପାତ୍ରଗୁଡ଼ିକୁ ବ୍ୟବହାର କରିବ (ଏପରିକି ନିଜକୁ ଖ୍ରୀଷ୍ଟିଆନ ବୋଲି ଦାବୀ କରୁଥିବା କେତେକ ଲୋକଙ୍କୁ ମଧ୍ୟ ବ୍ୟବହାର କରିବ) (ମାଥିଉ ୨୪:୨୪; ୨ କରିନ୍ଥୀୟ ୧୧:୧୩-୧୫; ୨ ପିତର ୨ ଅଧ୍ୟାୟ) । ବେଳେବେଳେ ଭୂତାତ୍ମାଗୁଡ଼ିକ ସୁଦ୍ଧା ଆଂଶିକ ସତ୍ୟ କହନ୍ତି (ମାଥିଉ ୪:୧-୧୧; ମାର୍କ ୫:୧-୮; ପ୍ରେରିତ ୧୬:୧୬-୧୯), ମାତ୍ର ତାହା ଈଶ୍ୱରଙ୍କୁ ଗୌରବ ଦେବା ପାଇଁ କିମ୍ବା ତାଙ୍କ ଇଚ୍ଛାର ଅଭିବୃଦ୍ଧି ପାଇଁ କରନ୍ତି ନାହିଁ ।

ଭୂତାତ୍ମାଗୁଡ଼ିକ ଏହା ଜାଣନ୍ତି ଯେ ଈଶ୍ୱର ବାସ୍ତବ ଓ ସତ୍ୟ ଅଟନ୍ତି ''ଈଶ୍ୱର ଯେ ଏକମାତ୍ର, ଏହା ତୁମ୍ଭେ ବିଶ୍ୱାସ କରୁଅଛ; ଭଲ କଥା, ଭୂତମାନେ ମଧ୍ୟ ବିଶ୍ୱାସ କରି ଥରହର ହୁଅନ୍ତି'' (ଯାକୁବ ୨:୧୯) କିନ୍ତୁ ଭୂତମାନେ ଅନୁତପ୍ତ ନୁହଁନ୍ତି । ସେମାନେ ମନୁଷ୍ୟ ଜାତିକୁ ପ୍ରତାରିତ କରିବା ପାଇଁ କଠିନ ପରିଶ୍ରମ କରନ୍ତି, କାରଣ ସେମାନଙ୍କ ପ୍ରତି ଅତିଶୀଘ୍ର ଦଣ୍ଡ ଆସୁଅଛି ବୋଲି ସେମାନେ ଜାଣନ୍ତି (ପ୍ରକାଶିତ ୧୨:୧୨) ।



**୨) ମାନବ ଆତ୍ମା –** ଜନ୍ମ ନେଇଥିବା ପ୍ରତ୍ୟେକ ମନୁଷ୍ୟଠାରେ ଏକ ଆତ୍ମା ଅଛି । ମନୁଷ୍ୟ ତିନୋଟି ଭାଗରେ ନିର୍ମିତ ହୋଇଛି : ଗୋଟିଏ ଶରୀର, ଗୋଟିଏ ପ୍ରାଣ ଓ ଗୋଟିଏ ଆତ୍ମା (୧ ଥେସଲନୀକୀୟ ୫:୨୩; ଏବ୍ରୀ ୪:୧୨) । କିନ୍ତୁ ଆମର ଆତ୍ମା ସେପର୍ଯ୍ୟନ୍ତ ଆମ ମଧ୍ୟରେ ମୃତଥାଏ, ଯେପର୍ଯ୍ୟନ୍ତ ଆମେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ଆତ୍ମିକ ଭାବରେ ଜୀବିତ ହୋଇନାହୁଁ (ଏଫିସୀ ୨:୧-୮) ।

ବାଇବଲ ଏହି ଶିକ୍ଷା ଦିଏ ଯେ ମନୁଷ୍ୟ ଶାରୀରୀକ ଭାବରେ ମୃତ୍ୟୁବରଣ କରିବା ମାତ୍ରେ ତା'ର ଆତ୍ମା ଶରୀରକୁ ତ୍ୟାଗ କରି ଚାଲିଯାଏ । ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଅଛନ୍ତି, ସେମାନେ ପ୍ରଭୁଙ୍କ ସହିତ ରହିବାକୁ ଯାଆନ୍ତି (୨ କରିନ୍ଥୀ ୫:୬,୮) । ଯେଉଁମାନେ ଖ୍ରୀଷ୍ଟ ବିହୀନ ହୋଇ ମୃତ୍ୟୁବରଣ କରନ୍ତି, ସେମାନଙ୍କୁ ବିଚାର ଦିନ ନିମନ୍ତେ ରଖାଯାଏ (ଏବ୍ରୀ ୯:୨୭; ପ୍ରକାଶିତ ୨୦:୧୧-୧୫) । ମୃତ ମନୁଷ୍ୟର ଆତ୍ମାଗୁଡ଼ିକୁ ପୃଥିବୀରେ ବିଚରଣ କରିବାକୁ ଅନୁମତି ଦିଆଯାଏ ନାହିଁ ! କିମ୍ବା ସେମାନେ ଅନ୍ୟ ଏକ ମନୁଷ୍ୟ କିମ୍ବା ଅନ୍ୟ କୌଣସି ବିଷୟ ଭାବରେ ପୁନର୍ଜନ୍ମ ହୁଅନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତିର କେବଳ ଗୋଟିଏ ଜୀବନ ରହିଛି, ତା'ପରେ ବିଚାର (ଏବ୍ରୀ ୯:୨୭) ।

ଏପରି ଅନେକ ଧର୍ମ ଅଛି ଯେଉଁଥିରେ ଅନେକ ପ୍ରକାର ଆତ୍ମାକୁ ପୂଜା କରାଯାଏ । କେତେକ ଏହା ମଧ୍ୟ ବିଶ୍ୱାସ କରନ୍ତି ଯେ ସେମାନେ ଜଣେ ପୂର୍ବପୁରୁଷର କିମ୍ବା ଅନ୍ୟ ମୃତ ବ୍ୟକ୍ତିର ଆତ୍ମା ସହିତ ଯୋଗାଯୋଗ କରିପାରନ୍ତି । ମାତ୍ର ଏହି ଲୋକମାନେ ମୃତ ମନୁଷ୍ୟର ଆତ୍ମା ସହିତ ଯୋଗାଯୋଗ କରୁ ନ ଥାନ୍ତି; ସେମାନେ ବାସ୍ତବରେ ଏପରି ଭୂତାତ୍ମା ସହିତଯୋଗାଯୋଗ କରୁଥାଆନ୍ତି, ଯେଉଁଗୁଡ଼ିକ ମୃତ ମନୁଷ୍ୟମାନଙ୍କର ଆତ୍ମା ଭାବରେ ଛଳନା କରୁଥାନ୍ତି ।

ଏହି ପ୍ରକାର ନକଲି ଆତ୍ମା ଦ୍ୱାରା ପ୍ରତାରିତ ହୁଅନ୍ତୁ ନାହିଁ ! ବାଇବଲ ଏହି ଶିକ୍ଷା ଦିଏ ଯେ ଶୟତାନ ଓ ତାର ଭୂତାତ୍ମାମାନେ ''ଗୋଟିଏ ଆଲୋକର ଦୂତ'' ଭାବରେ ମଧ୍ୟ ଦେଖାଦେଇ ପାରନ୍ତି ଓ କୌଣସି ଈଶ୍ୱରୀୟ ବିଷୟର ଅନୁକରଣ କରିବାକୁ ଚେଷ୍ଟା କରନ୍ତି (୨ କରିନ୍ଥୀ ୧୧:୧୪) । ଯଦି ସେମାନେ ସେଥିରେ କୃତ କାର୍ଯ୍ୟ ହୋଇପାରନ୍ତି, ତେବେ ଗୋଟିଏ ମୃତ ବ୍ୟକ୍ତିର ସ୍ୱର କିମ୍ବା ଇତିହାସ ଜାଣିବା ସେମାନଙ୍କ ପକ୍ଷେ କଷ୍ଟ କର ନୁହେଁ । ମୃତମାନଙ୍କ ସହିତ ଯୋଗାଯୋଗ କରିବାକୁ କିମ୍ବା ପୂର୍ବପୁରୁଷମାନଙ୍କୁ କିମ୍ବା ଅନ୍ୟ ମୃତ

ମନୁଷ୍ୟମାନଙ୍କୁ ପୂଜା କିମ୍ବା ପ୍ରାର୍ଥନା କରୁଥିବା କୌଣସି ବିଧି କିମ୍ବା ପୂର୍ବରେ ଅଂଶ ଗ୍ରହଣ କରିବାକୁ ଚେଷ୍ଟା କରନ୍ତୁ ନାହିଁ । ଯଦି ଆପଣ ତାହା କରିବେ, ତେବେ ଆପଣ ଭୂତାତ୍ମାମାନଙ୍କ କାର୍ଯ୍ୟକଳାପକୁ ଆମନ୍ତ୍ରଣ କରିବେ !

**୩) ପବିତ୍ର ଆତ୍ମା–** ପବିତ୍ର ଆତ୍ମା ଆତ୍ମାରୂପୀ ଈଶ୍ୱର ଅଟନ୍ତି, ଆଉ ସେ ହିଁ କେବଳ ପବିତ୍ର ବୋଲି ଡ଼ାକାଯିବାକୁ ଯୋଗ୍ୟ ଅଟନ୍ତି (ରୋମୀୟ ୧:୪) । ପିତା ଯେପରି ଈଶ୍ୱର ଅଟନ୍ତି ଓ ଯୀଶୁ ଯେପରି ଈଶ୍ୱର ଅଟନ୍ତି ସେହିପରି ପବିତ୍ର ଆତ୍ମା ମଧ୍ୟ ସଂପୂର୍ଣ୍ଣ ଈଶ୍ୱର ଅଟନ୍ତି (ମାଥିଉ ୨୮:୧୯; ୨ କରିନ୍ଥୀ ୧୩:୧୪) ।

ଧର୍ମଶାସ୍ତ୍ରରେ ପବିତ୍ର ଆତ୍ମାଙ୍କର ସ୍ୱର୍ଗୀୟ ଗୁଣଗୁଡ଼ିକୁ ବର୍ଣ୍ଣନା କରାଯାଇଛି :

- ତାଙ୍କୁ ଈଶ୍ୱର ବୋଲି କୁହାଯାଏ (ଯୋହନ ୪:୨୪); (ପ୍ରେରିତ ୫:୩,୪; ୧ କରିନ୍ଥୀ ୩:୧୬; ୨ କରିନ୍ଥୀ ୩:୧୭) ।
- ସେ ଅନନ୍ତ ଅଟନ୍ତି (ଏବ୍ରୀ ୯:୧୪) ।
- ସେ ସର୍ବଜ୍ଞ ଅଟନ୍ତି (ଯୋହନ ୧୪:୨୬; ୧ କରିନ୍ଥୀ ୨:୧୦) ।
- ସେ ସର୍ବ ବିଦ୍ୟ ଅଟନ୍ତି (ଗୀତ ୧୩୯:୭) ।
- ସେ ସର୍ବ ଶକ୍ତିମାନ (ଲୂକ ୧:୩୫; ସୃଷ୍ଟି ସମୟରେ ଆଦି ୧:୨) ।
- ତାଙ୍କର ପୂର୍ବ–ଜ୍ଞାନ ରହିଛି (ପ୍ରେରିତ ୧:୧୬; ୧୧:୨୭,୨୮) ।
- ତାଙ୍କର ପ୍ରେମ ଅଛି (ରୋମୀ ୧୫:୩୦) ।
- ସେ ଧର୍ମଶାସ୍ତ୍ରର ଅନୁପ୍ରେରଣା ଦେଇଥିଲେ (ରୋମୀ ୧୫:୩୦) ।
- ସ୍ୱର୍ଗୀୟ ଚାଳନାରେ ସେ ପ୍ରତିନିଧି ଅଟନ୍ତି (ମାର୍କ ୧୩:୧୧; ରୋମୀ ୮:୧୪) ।
- ଯୀଶୁ ଓ ପିତାଙ୍କ ଭଳି ସେ ଜଣେ ବ୍ୟକ୍ତି ଅଟନ୍ତି (ଯୋହନ ୧୪:୧୬,୧୭,୨୬); ସେ ଦୁଃଖିତ ହୋଇପାରନ୍ତି (ଏଫି. ୪:୩୦) ।

ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ସମ୍ବନ୍ଧୀୟ ସଂପୂର୍ଣ୍ଣ ଅଧ୍ୟୟନ ଏହି ପ୍ରବନ୍ଧ ଅପେକ୍ଷା ଆହୁରି ବ୍ୟାପକ ଅଟେ । କିନ୍ତୁ, ଉଭୟ ପୁରାତନ ଓ ନୂତନ ନିୟମ ଏହା ପ୍ରକାଶ କରେ ଯେ : ପବିତ୍ର ଆତ୍ମା ବାସ୍ତବ ଓ ଈଶ୍ୱର ଅଟନ୍ତି; ସେ ପିତା ଓ ପୁତ୍ର ସହିତ ସମାନ ଭାବରେ ଥାଆନ୍ତି, ସମାନ ଭାବେ ଅଛନ୍ତି ଓ ସମାନ ଭାବେ ଅନନ୍ତ ଅଟନ୍ତି; ଆଉ ସେ ତ୍ରିତ୍ୱର ତୃତୀୟ ବ୍ୟକ୍ତି ଅଟନ୍ତି ।



**୬) ଶୁଚିକରଣ ସହିତ ଅଭିଷେକ ସମାନ ନୁହେଁ**

ଏହି ଗୁରୁତ୍ୱପୂର୍ଣ୍ଣ ବାଇବଲ ପ୍ରକ୍ରିୟା ସମ୍ବନ୍ଧରେ ଅଧିକ ଜ୍ଞାନ ଲାଭ ନିମନ୍ତେ ଆସନ୍ତୁ, ଆମେ ଶୁଚିକରଣର ସଂଜ୍ଞା ନିର୍ଣ୍ଣୟ କରିବା ଓ ସଂକ୍ଷେପରେ ଅଧ୍ୟୟନ କରିବା ।

## ଶୁଚିକରଣର ସଂଜ୍ଞାନିର୍ଣ୍ଣୟ

ଶୁଚିକରଣର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅର୍ଥ ରହିଛି । ପ୍ରଥମଟି ହେଉଛି ପୃଥକୀକରଣ– ଏକ ନିର୍ଦ୍ଦିଷ୍ଟ ଓ ପବିତ୍ର ବ୍ୟବହାର ନିମନ୍ତେ କୌଣସି ବ୍ୟକ୍ତି କିମ୍ବା ବିଷୟକୁ ପୃଥକ୍ କରିବା ।

ଆମେ ପୁରାତନ ନିୟମରୁ ଏହା ଶିକ୍ଷା କରିଛୁ ଯେ ଏହା ଗୃହ (ଲେବୀୟ ୨୭:୧୪); ଗୋଟିଏ କ୍ଷେତ (ଲେବୀ ୨୭:୧୬); ମନ୍ଦିରରେ ବ୍ୟବହୃତ ପାତ୍ର (୨ ବଂଶା ୨୯:୧୮,୧୯) ଭଳି ଭୌତିକ ପଦାର୍ଥ ପ୍ରତି ଉଦ୍ଦିଷ୍ଟ । ଏଗୁଡ଼ିକ ସବୁ ଶୁଚିକୃତ ଥିଲା ଓ ପବିତ୍ର ବ୍ୟବହାର ନିମନ୍ତେ ପୃଥକ୍ ଥିଲା ।

ଲୋକମାନେ ମଧ୍ୟ ଏକ ବିଶେଷ ଉଦ୍ଦେଶ୍ୟ ନିମନ୍ତେ ପୃଥକ୍ ହେଉଥିଲେ; ଯଥା– ଇସ୍ରାଏଲର ପ୍ରଥମ ଜାତ (ଯାତ୍ରା ୧୩:୨); ଯାଜକ (୨ ବଂଶାବଳି ୨୯:୪,୫,୧୫); ଭାବବାଦୀ ଯିରିମିୟ (ଯିରି ୧:୫); ଯୀଶୁ ନିଜେ ଈଶ୍ୱରଙ୍କ ନିଷ୍ପାପ ପୁତ୍ର ଭାବରେ (ଯୋହନ ୧୦:୩୬; ୧୭:୧୯) ।



ଶୁଚିକରଣର ଦ୍ୱିତୀୟ ଅର୍ଥ ହେଉଛି ପରିଷ୍କୃତ ହେବା ନୈତିକ କଳୁଷତାରୁ ପରିଷ୍କୃତ କିମ୍ବା ଶୁଦ୍ଧହେବା । ଉଦାହରଣ ସ୍ୱରୂପ, ବିଶ୍ୱାସୀର ସମଗ୍ର ଜୀବନର ସ୍ଥିତିକୁ ଆଲୋଚନା କରୁଥିବା ସମୟରେ (୧ ଥେସଲ ୫:୨୩); ଜଣେ ବିଶ୍ୱାସୀର ବିବେକ ବିଷୟ ଆଲୋଚନା କରୁଥିବା ସମୟରେ (ଏବ୍ରୀ ୯:୧୩,୧୪) ପାଉଲ ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ :** ଶୁଚିକରଣର ଏହି ଦୁଇଟି ସଂଜ୍ଞା ଶୁଚିକରଣ ସମ୍ବନ୍ଧରେ ଥିବା ପୁରାତନ ନିୟମ ଚିନ୍ତାଧାରା ଓ ନୂତନ ନିୟମ ଚିନ୍ତାଧାରା ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାରେ ସାହାଯ୍ୟ କରିଛି ।

ପୁରାତନ ନିୟମରେ ନିର୍ଦ୍ଦିଷ୍ଟ ଭାବରେ ଈଶ୍ୱରଙ୍କ ବ୍ୟବହାର ଓ ସେବା ନିମନ୍ତେ ପୃଥକ୍ କରାଯାଉଥିବା ବିଷୟଗୁଡ଼ିକୁ ହିଁ, ସାଧାରଣତଃ, ପବିତ୍ର ଓ ଶୁଚି ବୋଲି ବିଚାର କରାଯାଉଥିଲା ।

ନୂତନ ନିୟମରେ, ପ୍ରଭୁଙ୍କ ବ୍ୟବହାର ନିମନ୍ତେ ଉପଯୁକ୍ତ ଏକ ପାତ୍ର ହେବା ପାଇଁ ଈଶ୍ୱରଙ୍କ ଆତ୍ମାରେ ପରିପୂର୍ଣ୍ଣ ହେଉଥିବା ଓ ପରିବର୍ତ୍ତିତ ହେଉଥିବା ବିଷୟଗୁଡ଼ିକ ହିଁ ସାଧାରଣ ଭାବରେ ପବିତ୍ର ଓ ଶୁଚି ବୋଲି ବିଚାର କରାଯାଉଥିଲା । (୨ ତିମଥି ୨:୧୯-୨୧)

ଖ୍ରୀଷ୍ଟଙ୍କ ଶରୀରର ନେତା ଭାବରେ ଆମକୁ ଏକ ପବିତ୍ର ଆହ୍ୱାନ ସହିତ ଆହ୍ୱାନ କରାଯାଇଛି (୨ ତିମଥି ୧:୯) । ଏହି ଆହ୍ୱାନ ଆମକୁ ଖ୍ରୀଷ୍ଟଙ୍କ ସେବାନିମନ୍ତେ ପୃଥକ୍ କରେ । ତଥାପି ଈଶ୍ୱର ସେହି ସ୍ଥାନରେ ସଂପୂର୍ଣ୍ଣ ହୁଅନ୍ତି ନାହିଁ । ସେ ନିଜ ଆତ୍ମା ଓ ନିଜ ବାକ୍ୟ ଦ୍ୱାରା ଆମକୁ ନିରନ୍ତର ପରିବର୍ତ୍ତନ କରିବା ଦ୍ୱାରା ଆମ ମଧ୍ୟରେ ଏକ 'ଶୁଚିକରଣ'ର କାର୍ଯ୍ୟ ଆରମ୍ଭ କରନ୍ତି । ଆମେ ଏହି କାର୍ଯ୍ୟ ସହିତ ସହଯୋଗ କରିବା ସମୟରେ ଓ ବାକ୍ୟର ଆଜ୍ଞାବହ ହେବା ସମୟରେ ସେ ଆମକୁ ସେହିପ୍ରକାର ବ୍ୟକ୍ତିରେ ପରିଣତ କରନ୍ତି, ଯେଉଁମାନଙ୍କ ଚିନ୍ତା, ବାକ୍ୟ ଓ କାର୍ଯ୍ୟ ସେମାନଙ୍କ ଦୈନନ୍ଦିନ ଜୀବନରେ ସେମାନଙ୍କ ମଧ୍ୟସ୍ଥିତ ପ୍ରଭୁଙ୍କୁ ପ୍ରତିଫଳିତ କରେ ।

### ୨) ଶୁଚିକରଣର ତିନୋଟି ଦିଗ

**କ) ସ୍ଥିତିଜ ଶୁଚିକରଣ– ଏକ ସାଧିତ କାର୍ଯ୍ୟ–** ଯୀଶୁ ପୃଥିବୀରେ ଥିବା ସମୟରେ, ନୈତିକ ଭାବରେ ସିଦ୍ଧ ଓ ପାପବିହୀନ ଥିଲେ । ଆମର ପତିତ ଜଗତକୁ ଆସିବାର ଓ ଆମ ପାପର ଦଣ୍ଡ ନିମନ୍ତେ ଏକ ବଳି ଭାବରେ ନିଜକୁ ଉତ୍ସର୍ଗ କରିବାର ଉଦ୍ଦେଶ୍ୟ ସାଧନ କରିବାକୁ ସେ ପିତାଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ । ତାଙ୍କ ମାଧ୍ୟମରେ, ହଁ, କେବଳ ତାଙ୍କ ମାଧ୍ୟମରେ ଆମକୁ ଈଶ୍ୱରଙ୍କର ପାପକ୍ଷମା, ପରିତ୍ରାଣ ଓ ଉଦ୍ଧାର ମିଳିପାରେ ।

ଯେତେବେଳେ ଜଣେ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ ଓ ଖ୍ରୀଷ୍ଟଙ୍କ ପ୍ରଭୁତ୍ୱ ପ୍ରତି ସମର୍ପିତ ହୁଏ, ସେତେବେଳେ ସେହି ବ୍ୟକ୍ତି ଖ୍ରୀଷ୍ଟଙ୍କ ଶରୀର, ଅର୍ଥାତ୍, ମଣ୍ଡଳୀ



ସହିତ କ୍ଷମତାପୂର୍ଣ୍ଣ ଭାବରେ, ସଂଯୁକ୍ତ ହୁଏ (୧ କରିନ୍ଥୀୟ ୧୨:୧୩) । ''ମଣ୍ଡଳୀ'' ନିମନ୍ତେ ବ୍ୟବହୃତ ଗ୍ରୀକ୍ ଶବ୍ଦ ହେଉଛି ''ଏକ୍ଲିସିଆ'', ଏହାର ଅର୍ଥ ହେଉଛି ''ଆହୂତ ହୋଇଥିବା ବ୍ୟକ୍ତିମାନେ ।''

ପ୍ରତ୍ୟେକ ଖ୍ରୀଷ୍ଟ ବିଶ୍ୱାସୀ କିପରି ଆହୂତ ହେବା ପାଇଁ ଉଦ୍ଦିଷ୍ଟ ଅଟନ୍ତି କିମ୍ବା ଈଶ୍ୱରଙ୍କ ବ୍ୟବହାର ନିମନ୍ତେ ପୃଥକ୍ ହୋଇଛନ୍ତି, ତାହା ଜାଣିବାରେ ଏହି ସଂଜ୍ଞା ଆମକୁ ସାହାଯ୍ୟ କରେ ।

ଏହି ପ୍ରକାର ଶୁଚିକରଣ-ପବିତ୍ର ବ୍ୟବହାର ନିମନ୍ତେ ପୃଥକୀକୃତ ହେବା- ''ସ୍ଥିତିଜ ଶୁଚିକରଣ'' ଭାବରେ ପରିଚିତ ଅଟେ (୧ କରିନ୍ଥୀୟ ୧:୩୦; ୬:୧୧; ୨ ଥେସଲନୀକିୟ ୨:୧୩) । ଏହି ସ୍ଥିତିଜ ଶୁଚିକରଣ ଈଶ୍ୱରଙ୍କର ଏକ ସାଧିତ କାର୍ଯ୍ୟ ଅଟେ ଯାହା ପରିତ୍ରାଣ ସମୟରେ ପ୍ରତ୍ୟେକ ବିଶ୍ୱାସୀ ପ୍ରଦତ୍ତ ହୁଅନ୍ତି (ପ୍ରେରିତ ୨୬:୧୮; ରୋମୀୟ ୧୫:୧୬; ୧ କରିନ୍ଥୀ ୬:୧୧) ।

ଖ୍ରୀଷ୍ଟ ଆମ ପାପ ନିମନ୍ତେ ନିଜର ରକ୍ତ ଓ ନିଜର ଜୀବନ ପ୍ରଦାନ କରିଥିଲେ । ଏହା ସାଧନ କରିଥିବା ଗୋଟିଏ ସଂପୂର୍ଣ୍ଣ କାର୍ଯ୍ୟ ଥିଲା ତାଙ୍କଠାରେ ବିଶ୍ୱାସ କରୁଥିବା ଲୋକମାନଙ୍କର ଶୁଚିକରଣ । ''ଯୀଶୁ ଖ୍ରୀଷ୍ଟଙ୍କ ଶରୀର ଏକାଥରକେ ଉତ୍ସର୍ଗୀକୃତ ହେବା ଦ୍ୱାରା ସେହି ଇଚ୍ଛା ହେତୁ ଆମ୍ଭେମାନେ ପବିତ୍ରୀକୃତ ହୋଇଅଛୁ'' (ଏବ୍ରୀ ୧୦:୧୦) । ''କିନ୍ତୁ ତାହାଙ୍କ ହେତୁ ତୁମ୍ଭେମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛ, ସେ ଈଶ୍ୱରଙ୍କଠାରୁ ଆମ୍ଭମାନଙ୍କ ନିମନ୍ତେ ଜ୍ଞାନ, ଅର୍ଥାତ୍ ଧାର୍ମିକତା, ପବିତ୍ରତା ଓ ମୁକ୍ତି ସ୍ୱରୂପ ହୋଇଅଛନ୍ତି'' (୧ କରିନ୍ଥୀୟ ୧:୩୦) ।

ଜଣେ ପବିତ୍ରୀକୃତ ବ୍ୟକ୍ତିହେବା ଯୋଗୁଁ ହିଁ ଆଦ୍ୟମଣ୍ଡଳୀରେ ବିଶ୍ୱାସୀମାନଙ୍କୁ ''ସାଧୁ'' ବୋଲି କୁହାଯାଉଥିଲା (୧ କରିନ୍ଥୀ ୧:୨; ଏଫି. ୧:୧) ।

କ୍ରୁଶରେ ଖ୍ରୀଷ୍ଟଙ୍କର ସଂପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ଏହି ଶୁଚିକରଣ ଆମକୁ ବିନାମୂଲ୍ୟରେ ଦିଆଯାଇଛି । ଆମେ ଏହାକୁ ଅର୍ଜନ କରିବା ପାଇଁ ଯଥେଷ୍ଟ ଉତ୍ତମ କାର୍ଯ୍ୟ କିମ୍ବା ଧାର୍ମିକ ପ୍ରଚେଷ୍ଟା କରିପାରୁ ନାହୁଁ । ଆମ ନିଜ ଯୋଗ୍ୟତା ବଳରେ ଆମେ ଈଶ୍ୱରଙ୍କ ଦ୍ୱାରା ଗ୍ରାହ୍ୟ ହେବା କିମ୍ବା ପରିତ୍ରାଣ ଅର୍ଜନ କରିବା ପାଇଁ ଯଥେଷ୍ଟ ଉତ୍ତମ ହୋଇପାରିବା ନାହିଁ ।

ଯେତେବେଳେ ଆମର ନିଷ୍ପାପ, ନୈତିକଭାବେ ସିଦ୍ଧ ସ୍ୱର୍ଗୀୟ ପିତା ଆମକୁ ଦେଖନ୍ତି, ସେତେବେଳେ ସେ ପ୍ରତ୍ୟେକ ତ୍ରୁଟି ଓ ବିଫଳତା ସମ୍ବନ୍ଧରେ ଜାଣିପାରନ୍ତି । ତଥାପି, ସେ ଆମକୁ ତାଙ୍କ ପୁତ୍ର ଯୀଶୁଙ୍କ ରକ୍ତର ଆବରଣ (ଶୁଚିକରଣ) ମାଧ୍ୟମରେ

ଦେଖନ୍ତି । ଆମ ପାପର ଏହି ଆବରଣ ହେଉଛି ଏକମାତ୍ର ମାର୍ଗ ଯଦ୍ଦ୍ୱାରା ଆମେ ଜଣେ ପବିତ୍ର ଓ ଧାର୍ମିକ ଈଶ୍ୱରଙ୍କ ନିକଟରେ ଯଥାର୍ଥ ଭାବେ ଗ୍ରାହ୍ୟ ହୋଇପାରିବା (ଏଫିସୀୟ ୧:୬,୭) । ଏହା ପ୍ରକୃତରେ ସୁସମ୍ବାଦ ଅଟେ !

ନିଷ୍ପାପ ମେଷଶାବକଙ୍କର ଅନନ୍ତ ରକ୍ତ ମାଧ୍ୟମରେ ବିଶ୍ୱାସୀମାନେ ଶୁଚି ହୋଇଛନ୍ତି (ଏବ୍ରୀ ୧୦:୧୧-୧୪; ୧୩:୧୨) । ଖ୍ରୀଷ୍ଟ ନିଜ କ୍ଷରିତ ରକ୍ତ ପ୍ରଦାନ କରିବା ହେଉଛି ଶୁଚିକରଣ କାର୍ଯ୍ୟ ନିମନ୍ତେ ସମସ୍ତଙ୍କ ପାଇଁ ଥରେ ମାତ୍ର କରାଯାଇଥିବା କାର୍ଯ୍ୟ । (ଏବ୍ରୀ ୯:୨୮; ୧୦:୧୨) । ଈଶ୍ୱରଙ୍କ ଗ୍ରାହ୍ୟ ହେବା ପାଇଁ ଆମେ ଆଉ 'ଦ୍ୱିତୀୟ ଅନୁଗ୍ରହ' କାର୍ଯ୍ୟ ଆବଶ୍ୟକ କରୁ ନାହୁଁ (କେତେକ ଏହିପରି ଶିକ୍ଷା ଦିଅନ୍ତି) । ଆମେ ଖ୍ରୀଷ୍ଟଙ୍କଠାରେ ଓ ଆମ ପାପ ନିମନ୍ତେ ତାଙ୍କ ବଳିଦାନ ଉପରେ ବିଶ୍ୱାସ କରିବା ମାତ୍ରେ (ରୋମୀ ୧୦:୯,୧୦), ଈଶ୍ୱର ଖ୍ରୀଷ୍ଟଙ୍କ ପବିତ୍ରତା ଆମକୁ ପ୍ରଦାନ କରନ୍ତି ଓ ଆମକୁ ''ଶୁଚିକୃତ'' ବୋଲି ଘୋଷଣା କରନ୍ତି (୧ କରିନ୍ଥୀ ୧:୩୦) ।

**ଖ) ପ୍ରଗତିଶୀଳ ଶୁଚିକରଣ– ଗୋଟିଏ ପ୍ରୟୋଗାତ୍ମକ ପ୍ରକ୍ରିୟା**

ଶୁଚିକରଣର ତ୍ରିସ୍ତରୀୟ ଅର୍ଥର ଦ୍ୱିତୀୟ ଭାଗ ହେଉଛି ସେହି ଶୁଚିକରଣ ପ୍ରକ୍ରିୟା ଯାହା ଜଣେ ବିଶ୍ୱାସୀର ସମଗ୍ର ଜୀବନ କାଳ ମଧ୍ୟରେ ଅବ୍ୟାହତ ରହେ । ଏହାକୁ ପ୍ରାୟ 'ପ୍ରଗତିଶୀଳ ଶୁଚିକରଣ' ଭାବରେ ଉଲ୍ଲେଖ କରାଯାଏ ।

ଆମେ ଏହା ଶିକ୍ଷା କରିସାରିଛୁ ଯେ 'ସ୍ଥିତିଜ' ଶୁଚିକରଣ ଈଶ୍ୱରଙ୍କର ଏକ ସର୍ବୋଚ୍ଚ କ୍ଷମତାଯୁକ୍ତ କାର୍ଯ୍ୟ ଅଟେ ଯାହା ଆମକୁ ଖ୍ରୀଷ୍ଟଙ୍କ ବଳିଦାନ ଦ୍ୱାରା ମିଳୁଥିବା ପବିତ୍ରତା ପ୍ରଦାନ କରେ । ଆମେ ମାନବିକ ପ୍ରଚେଷ୍ଟା ଦ୍ୱାରା ଏହା ଅର୍ଜନ କରିପାରିବା ନାହିଁ, ଯେହେତୁ ସମଗ୍ର ମାନବ ସମାଜ ପାପ ଅଧୀନରେ ନୈରାଶ୍ୟଜନକ ଭାବରେ ବିନଷ୍ଟ ହୋଇଛନ୍ତି (ରୋମୀୟ ୩:୯-୨୯) ।

ମାତ୍ର ଥରେ ଜଣେ ବ୍ୟକ୍ତି ପରିତ୍ରାଣ ନିମନ୍ତେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କଲେ, ଈଶ୍ୱରଙ୍କ ଦ୍ୱିତୀୟ ଶ୍ରେଷ୍ଠ କାର୍ଯ୍ୟ ଏକ ପରିବର୍ତ୍ତନର ପ୍ରକ୍ରିୟା । ଏ ସମ୍ବନ୍ଧରେ ପାଉଲ ଲେଖିଛନ୍ତି, ''ଗୌରବଯୁକ୍ତ ଅବସ୍ଥାରୁ ଅଧିକ ଗୌରବ ଯୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ତାହାଙ୍କ ସେହି ମୂର୍ତ୍ତିରେ ପରିବର୍ତ୍ତିତ ହେଉଅଛୁ; ଯେଣୁ ପ୍ରଭୁ ଯେ କି ଆତ୍ମା, ତାହାଙ୍କଠାରୁ ଏହିସବୁ ହେଉଅଛି'' (୨ କରିନ୍ଥୀ ୩:୧୮) । କାରଣ ଏହା ଈଶ୍ୱରଙ୍କର ଇଚ୍ଛା ଅଟେ ଯେପରି ସେମାନେ ''ତାହାଙ୍କ ପୁତ୍ରଙ୍କ ପ୍ରତିମୂର୍ତ୍ତିର ଅନୁରୂପ (ହୁଅନ୍ତି),... ଯେପରି ସେ ଅନେକ ଭ୍ରାତାଙ୍କ ମଧ୍ୟରେ ଅଗ୍ରଜ ହୁଅନ୍ତି'' (ରୋମୀୟ ୮:୨୯) ।



ଶୁଚିକରଣର ଏହି ପ୍ରକ୍ରିୟା (କିମ୍ବା ପ୍ରଗତିଶୀଳ ପ୍ରକ୍ରିୟା) ଶୁଚିକରଣର 'ସ୍ଥିତିଜ' ପ୍ରକ୍ରିୟାଠାରୁ ଭିନ୍ନ ଅଟେ । ସ୍ଥିତିଜ ଶୁଚିକରଣ ହେଉଛି ଖ୍ରୀଷ୍ଟଙ୍କର ପରିତ୍ରାଣଦାୟକ କାର୍ଯ୍ୟ ଗ୍ରହଣ କରିବା ସମୟରେ ଈଶ୍ୱରଙ୍କ ଦ୍ୱାରା ସାଧିତ ଏକ ଏକକ ଓ ସାର୍ବଭୌମ କାର୍ଯ୍ୟ । କିନ୍ତୁ 'ପ୍ରଗତିଶୀଳ' ଶୁଚିକରଣ ମଧ୍ୟରେ, ନିରବଚ୍ଛିନ୍ନ ଭାବରେ ଆମର ଇଚ୍ଛା, ଅଭିଳାଷ ଓ ପ୍ରଚେଷ୍ଟା ଅନ୍ତର୍ଭୁକ୍ତ ରହିଥାଏ ।

'ପରିବର୍ତ୍ତିତ' ହେବାପାଇଁ ଏହି କାର୍ଯ୍ୟ ଓ ଜୀବନବ୍ୟାପୀ ସମର୍ପଣ ହେଉଛି ଏକ ସ୍ୱର୍ଗୀୟ/ମାନବିକ ମିଳିତାଧିକାର । ବିଶ୍ୱାସୀମାନଙ୍କୁ ଈଶ୍ୱରଙ୍କ ସହିତ ଅଂଶାଧିକାର ହେବାକୁ ଓ ସେମାନଙ୍କ ଜୀବନରେ ପରିବର୍ତ୍ତନର ସ୍ୱର୍ଗୀୟ କାର୍ଯ୍ୟ ସହିତ ସହଯୋଗ କରିବାକୁ ହେବ ।

ବାଇବଲ ଏ ବିଷୟରେ ସ୍ପଷ୍ଟ ଅଟେ ଖ୍ରୀଷ୍ଟଙ୍କର ସମସ୍ତ ଅନୁଗାମୀଙ୍କୁ ଅଧିକ ଖ୍ରୀଷ୍ଟଙ୍କ ସଦୃଶ ହେବା ପାଇଁ, ପବିତ୍ର ଓ ବିଶୁଦ୍ଧ ଜୀବନ କାଟିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବା ଉଚିତ । ''ଅତଏବ, ହେ ପ୍ରିୟମାନେ, ଏହି ସମସ୍ତ ପ୍ରତିଜ୍ଞା ପ୍ରାପ୍ତ ହେବାରୁ ଆସ, ଶରୀର ଓ ଆତ୍ମାର ସମସ୍ତ ଅଶୁଚିତାରୁ ଆପଣା ଆପଣାକୁ ଶୁଚିକରୁ, ପୁଣି ଈଶ୍ୱରଙ୍କୁ ଭୟ କରି ପବିତ୍ରତାରେ ସିଦ୍ଧ ହେଉ'' (୨ କରିନ୍ଥୀୟ ୭:୧) । ''ତୁମ୍ଭେମାନେ ତୁମ୍ଭମାନଙ୍କ ପୁରାତନ ଆଚରଣ ସମ୍ବନ୍ଧରେ, ଯେଉଁ ପୁରାତନ ସ୍ୱଭାବ ପ୍ରବଞ୍ଚନାର ବିଳାସିତା ଅନୁସାରେ ଅଧିକରୁ ଅଧିକ ଭ୍ରଷ୍ଟ ହେଉଅଛି, ତାହାକୁ ପରିତ୍ୟାଗ କରିବାକୁ, ପୁଣି ତୁମ୍ଭମାନଙ୍କ ମନରେ ନୂତନୀକୃତ ହୋଇ ଯେଉଁ ନୂତନ ସ୍ୱଭାବ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଧାର୍ମିକତା ଓ ସତ୍ୟର ପବିତ୍ରତାରେ ସୃଷ୍ଟ ହୋଇଅଛି, ତାହା ପରିଧାନ କରିବାକୁ ଶିକ୍ଷିତ ହୋଇଅଛ'' (ଏଫିସୀୟ ୪:୨୨-୨୪) । ଦୟାକରି ନିମ୍ନଲିଖିତ ଶାସ୍ତ୍ରାଂଶ ପାଠ କରିବା ପାଇଁ କିଛି କ୍ଷଣ ସମୟ ଦିଅନ୍ତୁ । ଏଗୁଡ଼ିକ ହେଉଛି ଏହି ବିଷୟବସ୍ତୁ ଉପରେ ଥିବା ଅନେକ ଉତ୍ସାହବାଣୀ ମଧ୍ୟରୁ ଅଳ୍ପ କେତୋଟି ମାତ୍ର– ରୋମୀୟ ୬:୧୧-୧୩; ୧୨:୧-୨; ୧୩:୧୪; ୨ ତିମଥି ୨:୨୦,୨୧; ୧ ପିତର ୧:୧୩-୧୯; ୧ ଯୋହନ ୩:୩ ।

ଏହା ହେଉଛି ଆମ ଖ୍ରୀଷ୍ଟିୟ ବିଶ୍ୱାସର ଏକ ଅତ୍ୟାବଶ୍ୟକୀୟ ଦିଗ । ତଥାପି ଏହି ସ୍ଥାନରୁ ଅନେକ ବିଶ୍ୱାସୀ ସେହି ସମସ୍ତ କାର୍ଯ୍ୟ କରିବାରେ ବିଫଳ ହୁଅନ୍ତି ଯାହା ସେମାନଙ୍କ ନିମନ୍ତେ ଈଶ୍ୱର ଇଚ୍ଛା କରନ୍ତି । ସେମାନେ କ୍ରୋଧ, ପାପ, ବନ୍ଧନ କିମ୍ବା ଭୟ ମଧ୍ୟରେ ରହିଥାନ୍ତି ଓ ସେଗୁଡ଼ିକରୁ ସେମାନଙ୍କୁ ମୁକ୍ତି ଦେବା ପାଇଁ ଈଶ୍ୱରଙ୍କୁ ଅନୁମତି ଦିଅନ୍ତି ନାହିଁ । ଯଦିଓ ସେମାନେ ଅଧର୍ମଯୁକ୍ତ ଅଭ୍ୟାସ କିମ୍ବା

କାର୍ଯ୍ୟଗୁଡ଼ିକୁ ଭଗ୍ନ କରିବା ପାଇଁ ସେମାନଙ୍କ ନିଜସ୍ୱ ଶକ୍ତିରେ ଚେଷ୍ଟା କରିପାରନ୍ତି, ତଥାପି ସଂପୂର୍ଣ୍ଣଭାବରେ ସ୍ୱାଧୀନ ହେବା ପାଇଁ ଈଶ୍ୱରଙ୍କ ସାହାଯ୍ୟର ଆବଶ୍ୟକତା ସମ୍ବନ୍ଧରେ ସେମାନେ ଅଜ୍ଞ ଅଟନ୍ତି ।

ଧର୍ମଶାସ୍ତ୍ରରୁ ଏହା ସ୍ପଷ୍ଟ ଅଟେ ଯେ ଆମକୁ ସାହାଯ୍ୟ କରିବା ପାଇଁ ଥିବା ଈଶ୍ୱରଙ୍କ ଶକ୍ତି ବିନା ପବିତ୍ର ଓ ନୈତିକଭାବରେ ଶୁଦ୍ଧ ହେବା ଅସମ୍ଭବ ଅଟେ (ଯିରି ୧୩:୨୩; ୧୭:୯, ୧୦; ରୋମୀ ୩:୨୦,୨୩; ୭:୧୮) । ହଁ, ଖ୍ରୀଷ୍ଟଙ୍କର ରକ୍ତ ଆମର ପ୍ରାରମ୍ଭିକ ଶୁଚିକରଣ ନିମନ୍ତେ ଭିତ୍ତିଭୂମି ଯୋଗାଇଅଛି (ଏବ୍ରୀ ୧୦:୨୯), କିନ୍ତୁ ଉଭୟ ପବିତ୍ର ଆତ୍ମା ଓ ଈଶ୍ୱରଙ୍କ ଅନନ୍ତ ବାକ୍ୟର ଏକତ୍ରିତ ଭାବରେ ନିରନ୍ତର କାର୍ଯ୍ୟ ଯୋଗୁ (ଏଫିସୀ ୫:୨୬) ଆମେ ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତିରେ ଅଧିକ ସୁଗଠିତ ହେଉଥିବା (ରୋମୀୟ ୮:୨୯,୩୦; ୨ କରିନ୍ଥୀୟ ୩:୧୮; ଫିଲିପ୍ପୀ ୧:୬; ୧ ପିତର ୫:୧୦) । ଏହି କାର୍ଯ୍ୟ ହେଉଛି ଏକ ଜୀବନ ବ୍ୟାପୀ ପ୍ରକ୍ରିୟା ଯାହା ଆମେ ତାଙ୍କୁ ମୁଖାମୁଖି ନ ଦେଖିବା ପର୍ଯ୍ୟନ୍ତ ଅବ୍ୟାହତ ରହିବ (୧ କରିନ୍ଥୀ ୧୩:୧୨; ୧ ଯୋହନ ୩:୨) ।

ଆମକୁ ସୁଗଠିତ କରିବା ପାଇଁ ଈଶ୍ୱର ଆମ ମଧ୍ୟରେ ନିରନ୍ତର କାର୍ଯ୍ୟ କରିବାକୁ ଇଚ୍ଛା କରନ୍ତି । ତଥାପି, ପବିତ୍ର ଆତ୍ମା ଓ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ସାହାଯ୍ୟପ୍ରାପ୍ତ ହେବା ସମୟରେ ଆମକୁ ଈଶ୍ୱରଙ୍କ ବାକ୍ୟର ଶିକ୍ଷା ଓ ପବିତ୍ର ଆତ୍ମାଙ୍କ ନିର୍ଦ୍ଦେଶ ଶୁଣିବାକୁ, ପାଳନ କରିବାକୁ ଓ ସେଗୁଡ଼ିକ ପ୍ରତି ପ୍ରତିକ୍ରିୟା ଦେଖାଇବାକୁ ହେବ ।

ଏହି ପ୍ରଗତିଶୀଳ ଶୁଚିକରଣ ଏକ ଜୀବନବ୍ୟାପୀ ପରିବର୍ତ୍ତନ । ଆମେ ଏହି ଜୀବନରେ ଆଦୌ ସିଦ୍ଧ କିମ୍ବା ନିଷ୍ପାପ ହୋଇପାରିବା ନାହିଁ (୧ ଯୋହନ ୧:୮), ମାତ୍ର ଆମେ ଆତ୍ମିକ ପରିପକ୍ୱତା ମଧ୍ୟକୁ ନିରନ୍ତର ବୃଦ୍ଧି ପାଇପାରିବା ଓ ଆମକୁ ବୃଦ୍ଧି ପାଇବାକୁ ହେବ ।

**ଗ) ସଂପୂର୍ଣ୍ଣ କିମ୍ବା ଅନ୍ତିମ ଶୁଚିକରଣ–**

ଆମର ନିଷ୍ପାପ ଶୁଦ୍ଧତା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଆଗମନ ଅପେକ୍ଷା କରେ କିମ୍ବା ସେହି ମୁହୂର୍ତ୍ତକୁ ଅପେକ୍ଷା କରେ, ଯେତେବେଳେ ଆମେ ଏହି ଜୀବନରୁ ପ୍ରଭୁଙ୍କ ଉପସ୍ଥିତି ମଧ୍ୟକୁ ଗତି କରୁ । ଅର୍ଥାତ୍‌, ଯେତେବେଳେ ଆମେ ଏହି ସାଂସାରିକ କ୍ଷୟଣୀୟ ଶରୀରରୁ ମୁକ୍ତି ପାଇ ''ଚକ୍ଷୁର ପଲକ ମାତ୍ରେ ଶେଷ ତୂରୀ ଧ୍ୱନିରେ'' (୧ କରିନ୍ଥୀୟ ୧୫:୫୨) ଅକ୍ଷୟ ଓ ଅମର ପ୍ରାଣୀରେ ପରିବର୍ତ୍ତିତ ହେବା (୧ କରିନ୍ଥୀୟ ୧୫:୪୫–୪୭; ଫିଲିପ୍ପୀୟ ୩:୨୦–୨୧; ୧ ଯୋହନ ୩:୨ ମଧ୍ୟ ଦେଖନ୍ତୁ) ।



କ୍ରୁଶରେ, ଯେତେବେଳେ ଖ୍ରୀଷ୍ଟ ଆମ ପାପ ନିମନ୍ତେ ମୃତ୍ୟୁବରଣ କରିଥିଲେ, ସେତେବେଳେ ଆମେ ପାପର ଦଣ୍ଡରୁ ରକ୍ଷା ପାଇଥିଲୁ । ଆମେ ବିଶ୍ୱାସ ଓ ପବିତ୍ରତାରେ ବୃଦ୍ଧି ପାଉଥିବା ସମୟରେ, ଆମେ ପାପର ଶକ୍ତିରୁ ଅଧିକରୁ ଅଧିକ ମୁକ୍ତ ହୋଇଥାଉ । ଆଉ ଯେତେବେଳେ ଖ୍ରୀଷ୍ଟ ପ୍ରତ୍ୟାବର୍ତ୍ତନ କରିବେ (କିମ୍ବା ଆମେ ପ୍ରଭୁଙ୍କଠାରେ ଥାଇ ମୃତ୍ୟୁବରଣ କରିବା, ସେତେବେଳେ ଆମେ ପାପର ଉପସ୍ଥିତିରୁ ରକ୍ଷା ପାଇବା !

ଶୁଚିକରଣ ଅଭିଷେକ ନୁହେଁ ! ତଥାପି ଶୁଚିକରଣ (ବିଶେଷଭାବରେ ପ୍ରଗତିଶୀଳ ଶୁଚିକରଣ) ଅଭିଷେକ ସମ୍ବନ୍ଧୀୟ ବିଷୟବସ୍ତୁ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଗୋଟିଏ ପବିତ୍ର ଓ ସମର୍ପିତ ଜୀବନ କାଟିବାରେ ଆମର ଜୀବନ ଓ ସେବାକାର୍ଯ୍ୟ ମାଧ୍ୟମରେ ଅଭିଷେକର ସ୍ରୋତ ଉପରେ ଏକ ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥାଏ । (ଭାଗ ୩ (କ)– ''ଅଭିଷେକକୁ ସୁରକ୍ଷା ଦେବା'' ପ୍ରବନ୍ଧରେ ଏହା ଅଧିକ ଆଲୋଚିତ ହେବ) ।

**୩) ଅଭିବୃଦ୍ଧିକୁ ପଥ**

ଖ୍ରୀଷ୍ଟିୟାନମାନଙ୍କୁ ନିରନ୍ତର ବୃଦ୍ଧି ପାଇବାକୁ ହେବ । ''ଆମ୍ଭମାନଙ୍କ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ ଓ ଜ୍ଞାନରେ ବୃଦ୍ଧି ପାଇବା'' ପାଇଁ ବାଇବଲ ଆମକୁ ଉତ୍ସାହିତ କରିଛି (୨ ପିତର ୩:୧୮; ୨ ପିତର ୧:୫–୧୧ ମଧ୍ୟଦେଖନ୍ତୁ) ।

ପ୍ରଗତିଶୀଳ ଶୁଚିକରଣ ହେଉଛି ଏକ ପ୍ରକ୍ରିୟା ଯାହା ଈଶ୍ୱର ଓ ପ୍ରତ୍ୟେକ ବ୍ୟକ୍ତିମଧ୍ୟରେ ଏକ ମିଳିତ ଅଧିକାର ଆବଶ୍ୟକ କରେ (ଫିଲିପ୍ପୀୟ ୨:୧୨,୧୩) । ଈଶ୍ୱର ଆମ ପକ୍ଷରେ କାର୍ଯ୍ୟରତ ଥାଆନ୍ତି, ଯେହେତୁ ଚରିତ୍ରରେ ଖ୍ରୀଷ୍ଟ ସଦୃଶ ହେବା ପାଇଁ ଆମକୁ ଅବଶ୍ୟ ତାଙ୍କର ସାହାଯ୍ୟ ପାଇବାକୁ ହେବ । କିନ୍ତୁ ସେହି ପ୍ରକ୍ରିୟାରେ ଆମର ଭୂମିକା କ'ଣ ଅଟେ ?

**କ) ଖ୍ରୀଷ୍ଟଙ୍କ ପ୍ରତି ଆମକୁ ଅବଶ୍ୟ ବିଶ୍ୱାସ ରଖିବାକୁ ହେବ–** ବିଶ୍ୱାସ ବିନା, ଆମେ ପରିତ୍ରାଣର ଦାନ ପାଇପାରିବା ନାହିଁ କିମ୍ବା ସ୍ଥିତିଜ ଶୁଚିକରଣ ସମ୍ବନ୍ଧୀୟ ଖ୍ରୀଷ୍ଟଙ୍କ ଦାନ ମଧ୍ୟ ପାଇପାରିବା ନାହିଁ । ପରିତ୍ରାଣ ସମୟରେ ଖ୍ରୀଷ୍ଟ ଆମର ଶୁଚିକରଣ ହୁଅନ୍ତି (୧ କରିନ୍ଥୀୟ ୧:୩୦) । ଆମେ ତାଙ୍କଠାରେ ବିଶ୍ୱାସ ମାଧ୍ୟମରେ ତାଙ୍କଠାରୁ ଏହି ଦାନ ପାଇଅଛୁ (ପ୍ରେରିତ ୨୬:୧୮) ।

**ଖ) ଈଶ୍ୱରଙ୍କ ପ୍ରତି ଆମର ଜୀବନକୁ ବଶୀଭୂତ କରିବାକୁ ହେବ–** ଏହିପରି ଭାବରେ ଆମେ ଖ୍ରୀଷ୍ଟିଆନ ଭଳି ଜୀବନ କାଟିବା ଆରମ୍ଭ କରୁ; ଏହିପରି ଭାବରେ, ଆମକୁ ମଧ୍ୟ ପ୍ରତିଦିନ ଜୀବନ କାଟିବାକୁ ହେବ । ଈଶ୍ୱରଙ୍କ ପ୍ରତି ନିରନ୍ତର ବଶୀଭୂତ

କିମ୍ବା ସମର୍ପଣର ଅତି ପ୍ରାଧାନ୍ୟ ରହିଛି । ଖ୍ରୀଷ୍ଟଙ୍କ ସାଦୃଶ୍ୟ ମଧ୍ୟକୁ ଅଧିକ ସୁଗଠିତ ହେବା ପାଇଁ କ'ଣ ଆବଶ୍ୟକ, ତାହା କେବଳ ସେ ଜାଣନ୍ତି (ରୋମୀୟ ୬:୧୩, ୧୯-୨୧; ୧୨:୧,୨; ୨ ତିମଥି ୨:୨୧) । ଈଶ୍ୱରଙ୍କ ନିକଟରେ ପ୍ରତିଦିନ ସମର୍ପଣ ବୃଦ୍ଧି ପାଇବାକୁ ଓ ଶକ୍ତିଯୁକ୍ତ ହେବା ନିମନ୍ତେ ଉଦ୍ଦିଷ୍ଟ ଆମର ବିଶ୍ୱାସ ପାଇଁ ସେତେବେଳେ ଆବଶ୍ୟକ ହୁଏ, ଯେତେବେଳେ ଆମେ ତାଙ୍କ ଉପରେ ନିର୍ଭର କରିବାକୁ ଓ ତାଙ୍କଠାରେ ବିଶ୍ୱାସ କରିବାକୁ ମନୋନୀତ କରିଥାଉ (ଏବ୍ରୀ ୧୧:୬) ।

**ଗ) ଈଶ୍ୱରଙ୍କ ବାକ୍ୟ ପାଳନ କରିବାକୁ ହେବ–** ପବିତ୍ର ଧର୍ମ ଶାସ୍ତ୍ର ବିଶ୍ୱାସ ଓ ସ୍ୱଭାବ ପାଇଁ ଆମର ଅନ୍ତିମ ମାନଦଣ୍ଡ ଅଟେ । ''ଯୁବା ମନୁଷ୍ୟ କିପ୍ରକାରେ ଆପଣା ପଥ ପରିଷ୍କାର କରିବ ? ତୁମ୍ଭ ବାକ୍ୟାନୁଯାୟୀ ତହିଁ ବିଷୟରେ ସାବଧାନ ହେଲେ କରିବ'' (ଗୀତସଂହିତା ୧୧୯:୯) । ଆମ ସହିତ କଥା କହିବା ପାଇଁ ଓ ଆମର ଚରିତ୍ରକୁ ସୁଗଠିତ କରିବା ପାଇଁ ପବିତ୍ର ଆତ୍ମା ଈଶ୍ୱରଙ୍କ ବାକ୍ୟ ବ୍ୟବହାର କରିବେ (ଯୋହନ ୧୪:୨୬) । ଈଶ୍ୱରଙ୍କ ବାକ୍ୟ ଆମକୁ ପ୍ରସ୍ତୁତ କରିବ ଓ ଈଶ୍ୱରଙ୍କ ଗୌରବ ନିମନ୍ତେ ଆମକୁ ଦରକାରୀ ଉପକରଣରେ ପରିଣତ କରିବ (୨ ତିମଥି ୩:୧୬,୧୭) । ଈଶ୍ୱରଙ୍କ ବାକ୍ୟ ଆମକୁ ଶୁଚି କରିବ (ଏଫିସୀ ୫:୨୬) । ଆମର ଆଭ୍ୟନ୍ତରୀଣ ମନୋଭାବ ଓ ଚିନ୍ତାକୁ ମଧ୍ୟ ବାଇବଲ ଆମ ନିକଟରେ ପ୍ରକାଶ କରେ (ଏବ୍ରୀ ୪:୧୨) । ଆମକୁ ପ୍ରତିଦିନ ବାଇବଲ ପାଠ କରିବାକୁ ହେବ; ଆଉ ଏହାପରେ ଆମକୁ ଏହାର ଆଜ୍ଞାବହ ହେବାକୁ ପଡ଼ିବ (ଯାକୁବ ୧:୨୨) । ଈଶ୍ୱର ସେହି ସମସ୍ତ ବିଷୟ ଯୋଗାନ୍ତି ଯାହା ଆମର ବଞ୍ଚିବା ଓ ଧାର୍ମିକତା ଦିଗରେ ବୃଦ୍ଧି ପାଇବା ପାଇଁ ଆବଶ୍ୟକ ଅଟେ (୧ ପିତର ୧:୩,୪) । କିନ୍ତୁ ଆମକୁ ଆମର ଇଚ୍ଛା, ସହଯୋଗ ଓ ବାଧ୍ୟତା ପ୍ରଦାନ କରିବାକୁ ହେବ ।

**ଘ) ପବିତ୍ରତାର ଅନୁସରଣ କରିବା ପାଇଁ ଗୋଟିଏ ବ୍ୟକ୍ତିଗତ ସଂକଳ୍ପ କରନ୍ତୁ–** ''ସମସ୍ତଙ୍କ ସହିତ ଶାନ୍ତିରେ ରହିବାକୁ ଚେଷ୍ଟା କର, ପୁଣି ଯେଉଁ ପବିତ୍ରତା ବିନୁ କେହି ପ୍ରଭୁଙ୍କ ଦର୍ଶନ ପାଇବ ନାହିଁ, ସେଥିର ଅନୁସରଣ କର'' (ଏବ୍ରୀ ୧୪:୧୨; ମାଥିଉ ୫:୮ ମଧ୍ୟ ଦେଖନ୍ତୁ) ।

ଶାନ୍ତ ରହିବାକୁ ଓ ଈଶ୍ୱରଙ୍କ ଅନୁଗ୍ରହ ଉପରେ ସଂପୂର୍ଣ୍ଣଭାବରେ ଆମର ଭରସା ସ୍ଥାପନ କରିବାକୁ ପିତର ବିଶ୍ୱାସୀମାନଙ୍କୁ ଉତ୍ସାହିତ କରିଛନ୍ତି । ଦିନେ ଆମକୁ ନିୟନ୍ତ୍ରଣ କରୁଥିବା ପୂର୍ବତନ ଅଭିଳାଷଗୁଡ଼ିକର ଅନୁରୂପୀ ନ ହୋଇ ଆମକୁ ଈଶ୍ୱରଙ୍କ ବାଧ୍ୟ ହେବାକୁ ପଡ଼ିବ । ଆମର ପବିତ୍ରତା ନିମନ୍ତେ ଏହି ସ୍ୱର୍ଗୀୟ ଆକାଂକ୍ଷାର



କାରଣ ହେଉଛି ଈଶ୍ୱର ନିଜ ଚରିତ୍ରରେ ପବିତ୍ର ଅଟନ୍ତି ଓ ନିଜର ସମସ୍ତ ବିଚାରରେ ଧାର୍ମିକ ଅଟନ୍ତି (୧ ପିତର ୧:୧୩-୨୧) । ଆମ ଜୀବନ ଓ ଆମ ଭାଗ୍ୟର ମୁଖ୍ୟ ବିଷୟ ଏକ ସୁଖ କିମ୍ବା ସହଜ ଜୀବନ ନୁହେଁ, ମାତ୍ର 'ପବିତ୍ରତାର' ଜୀବନ ଅଟେ ।

ଆମ କାର୍ଯ୍ୟରେ, ଚିନ୍ତାରେ, ସଂପର୍କରେ ଓ ବାକ୍ୟରେ ଗୋଟିଏ ପବିତ୍ର ଜୀବନ ଶୈଳୀ ଅନୁସରଣ କରିବା ପ୍ରତ୍ୟେକ ଖ୍ରୀଷ୍ଟ ଅନୁଗାମୀ ନିମନ୍ତେ ସ୍ୱେଚ୍ଛାମୂଳକ ନୁହେଁ । ଜଣେ ପବିତ୍ର ଈଶ୍ୱରଙ୍କ ସହିତ ଯାହାର ସାମଞ୍ଜସ୍ୟ ନାହିଁ, ତାହାକୁ ଆମେ ସହ୍ୟ କରିବା ଆଦୌ ଉଚିତ ନୁହେଁ ! ଅନ୍ୟମାନେ ଯାହା କରନ୍ତି, ତାହା (ଖ୍ରୀଷ୍ଟିଆନ ହୁଅନ୍ତି କିମ୍ବା ନ ହୁଅନ୍ତି) କିମ୍ବା ଅନ୍ୟ ନେତାମାନଙ୍କଠାରେ ସୁଦ୍ଧା ଆମେ ଦେଖିଥିବା ଆଚରଣଗତ ବୁଝାମଣା ଆମର ଆଦର୍ଶ ଓ ଦୃଷ୍ଟାନ୍ତ ନୁହେଁ । ଜୀବନ ନିମନ୍ତେ ଆମର ଶେଷ ପଥ-ନିର୍ଦ୍ଦେଶକ ଆମର ସଂସ୍କୃତି, ଗୋଷ୍ଠୀ କିମ୍ବା ପରିବାର ନୁହେଁ । ଖ୍ରୀଷ୍ଟଙ୍କ ରାଜ୍ୟର ନାଗରିକ ଭାବରେ, (ଫିଲିପ୍ପୀ ୩:୧୭-୨୦) । ଆମେ ପ୍ରଥମେ ଯାହା ଅନୁସରଣ କରିବା ପାଇଁ ଦାୟୀ ଅଟୁ ତାହା ପବିତ୍ର ଆତ୍ମାଙ୍କ ଦ୍ୱାରା ତାଙ୍କ ବାକ୍ୟ ମାଧ୍ୟମରେ ଈଶ୍ୱର ଆମ ନିକଟରେ ପ୍ରକାଶ କରିଛନ୍ତି; ତାହାର ଆଜ୍ଞାବହ ହେବା ନିମନ୍ତେ ଆମକୁ ଚେଷ୍ଟା କରିବାକୁ ହେବ ! (ମୂଲ୍ୟ ୯:୨୩-୨୬) ।

ଈଶ୍ୱରଙ୍କର ପ୍ରକାଶିତ ଚରିତ୍ର ଓ ବାକ୍ୟର ପବିତ୍ର ଆଦର୍ଶ ଦ୍ୱାରା ଯଦି ଆମେ ଉଦ୍‌ଯୋଗପୂର୍ଣ୍ଣ ଭାବରେ ଆମର ଜୀବନ କାଟିବା, ତେବେ ଶୁଚିତାରେ ଆମେ ନିଶ୍ଚୟ ବୃଦ୍ଧି ପାଇବା । ଆଉ ଆମେ ଶୁଚିତାରେ ବୃଦ୍ଧି ପାଇବା ସମୟରେ, ଆମେ ''ପବିତ୍ରୀକୃତ, କର୍ତ୍ତାଙ୍କ ବ୍ୟବହାର ପାଇଁ ଉପଯୁକ୍ତ, ପୁଣି ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ, ଏପରି ଏକ ସମାଦରର ପାତ୍ର'' ହୋଇଯାଉ (୨ ତିମଥି ୨:୨୧) ।

**ଖ) ଅଭିଷେକର ଉଦ୍ଦେଶ୍ୟ–**

ଅଭିଷେକ ସମ୍ବନ୍ଧରେ କିଛି ବିଶୃଙ୍ଖଳା ଥିବାରୁ, ଅଭିଷେକ କ'ଣ ନୁହେଁ, ତାହା ଜାଣିବା ପାଇଁ ପୂର୍ବ ଅଧ୍ୟାୟରେ ଆମେ କିଛି ସମୟ ଆଲୋଚନା କରିବା ।

- ଅଭିଷେକ ଗୋଟିଏ ରହସ୍ୟମୟ କିମ୍ବା ଅବୈଜ୍ଞିକ ଶକ୍ତି ନୁହେଁ
- ଅଭିଷେକ ଦାନ, ଯୋଗ୍ୟତା, ପ୍ରତିଭା, ଆବେଗ କିମ୍ବା ଗୋଟିଏ ଅଲୌକିକ ବ୍ୟକ୍ତିତ୍ୱ ନୁହେଁ ।
- ଅଭିଷେକ ପରିତ୍ରାଣ ନୁହେଁ ।
- ଅଭିଷେକ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ନୁହେଁ ।
- ଅଭିଷେକ ବିଶ୍ୱାସୀର ଶୁଚିକରଣ ନୁହେଁ ।

**୧. ଅଭିଷେକର ସଂଜ୍ଞା**

ତେବେ ଅଭିଷେକ କ'ଣ ଅଟେ ? ଅଭିଷେକର ସଂଜ୍ଞା ଏହି ଉପାୟରେ ସର୍ବୋତ୍ତମ ଭାବରେ ନିର୍ଣ୍ଣୟ କରାଯାଇପାରିବ :

ପବିତ୍ର ଆତ୍ମା ନିଜ ସହିତ ସେବାକାର୍ଯ୍ୟର ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଈଶ୍ୱରଙ୍କ ଇଚ୍ଛା ସଫଳ କରିବା ପାଇଁ ନିଜ ସହିତ ଆଣୁଥିବା ଆବଶ୍ୟକୀୟ ଶକ୍ତି, କର୍ତ୍ତୃତ୍ୱ ଓ ଦାନ ସହିତ ନିଜର 'ବ୍ୟକ୍ତିତ୍ୱ ଓ ଉପସ୍ଥିତି' ବ୍ୟତୀତ ଅଭିଷେକ ଅନ୍ୟ କିଛି ନୁହେଁ ।

ଏହା ଅବଶ୍ୟ କହିବାକୁ ହେବ ଯେ ପବିତ୍ର ଆତ୍ମା ଉପରୋକ୍ତ ପାଞ୍ଚଟି ବିଷୟ ମଧ୍ୟରୁ ପ୍ରତ୍ୟେକଟିରେ ସିଧାସଳଖ ଅନ୍ତର୍ଭୁକ୍ତ ହୁଅନ୍ତି । ଈଶ୍ୱରଙ୍କ ଆତ୍ମାଙ୍କ ଉପସ୍ଥିତି ଓ କାର୍ଯ୍ୟ ବିନା ପ୍ରତ୍ୟେକ ବିଶ୍ୱାସୀ ଜୀବନର ସେହି ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ବିଷୟ ସଂଗଠିତ ହୋଇପାରେ ନାହିଁ ।

କିନ୍ତୁ, ଅଭିଷେକ ନାମକ ପବିତ୍ର ଆତ୍ମାଙ୍କ କାର୍ଯ୍ୟର ଏହି ଦିଗଟିରେ ଏକ ଅସାଧାରଣ ଓ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରହିଛି ।

**୨) ଏକ ଉଦ୍ଦେଶ୍ୟ–ବିଶିଷ୍ଟ ଶକ୍ତି–**

**କ) ସ୍ୱର୍ଗୀୟ ସାମର୍ଥ୍ୟ–** ପବିତ୍ର ଆତ୍ମାଙ୍କ ଅଭିଷେକର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ବିଶ୍ୱାସୀକୁ ଅଲୌକିକ ସାମର୍ଥ୍ୟ ପ୍ରଦାନ କରିବା ।

ଯାହା ସାଧିତ ହେଉ ବୋଲି ଈଶ୍ୱର ଚାହାଁନ୍ତି, ତାହା ସାଧନ କରିବାକୁ ସାହାଯ୍ୟ କରିବା ନିମନ୍ତେ ଏହି ସାମର୍ଥ୍ୟ ଈଶ୍ୱର ସେହିମାନଙ୍କୁ ଦିଅନ୍ତି, ଯେଉଁମାନଙ୍କୁ ଦେବା ପାଇଁ ସେ ଇଚ୍ଛା କରନ୍ତି । ଏହା ହୁଏତ ବକ୍ତୃତା ଦେବା ହୋଇପାରେ, ପ୍ରଚାର କରିବା ହୋଇପାରେ, ଗୋଟିଏ କାର୍ଯ୍ୟ ହୋଇପାରେ, ଗୀତ ଗାଇବା କିମ୍ୱା ଗୋଟିଏ ବାଦ୍ୟଯନ୍ତ୍ର ବଜାଇବା ହୋଇପାରେ । ଏହା ହୁଏତ ସୁସ୍ଥତା ନିମନ୍ତେ ରୋଗୀମାନଙ୍କ ଉପରେ ହସ୍ତ ସ୍ଥାପନ ହୋଇପାରେ କିମ୍ୱା ଈଶ୍ୱରଙ୍କର ଅନ୍ୟାନ୍ୟ ଚିହ୍ନ ଓ ଅଦ୍ଭୁତ କର୍ମ ସାଧନ ହୋଇପାରେ । ଏହା ଜଣଙ୍କୁ ପ୍ରାର୍ଥନା କରିବାରେ କିମ୍ୱା ଅଧିକ ଫଳପ୍ରଦ ଭାବରେ ନିବେଦନ କରିବାରେ ମଧ୍ୟ ସାହାଯ୍ୟ କରିପାରେ ।

ଏହା ଲକ୍ଷ୍ୟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ନେତୃତ୍ୱ ନେବାର ସାମର୍ଥ୍ୟ କିମ୍ୱା ବ୍ୟବସାୟ କିମ୍ୱା ବାଣିଜ୍ୟରେ ସୁଦ୍ଧା ଗୋଟିଏ କୌଶଳ ଦେଖାଇବାର ସାମର୍ଥ୍ୟ ବୃଦ୍ଧି କରିବା ପାଇଁ ଈଶ୍ୱର ଯେକୌଣସି ବ୍ୟକ୍ତିକୁ ଅଭିଷିକ୍ତ କରିପାରନ୍ତି । (ଯାତ୍ରା ୩୧:୩ ଦେଖନ୍ତୁ) ।

ତାଙ୍କ ମଣ୍ଡଳୀର ଉଭୟ ଭିତରେ ଓ ବାହାରେ ସେବାକାର୍ଯ୍ୟର ସୁଯୋଗ ନିମନ୍ତେ ତାଙ୍କ ଲୋକମାନଙ୍କୁ ଅଭିଷେକ କରିବା ଈଶ୍ୱରଙ୍କ ଇଚ୍ଛା ଅଟେ– ମାତ୍ର ଏହା





ମନେରଖନ୍ତୁ, ଏହା ଆମ ନିଜର ଉଦ୍ଦେଶ୍ୟ ଓ ଗୌରବ ନିମନ୍ତେ ନୁହେଁ, ତାଙ୍କର ଉଦ୍ଦେଶ୍ୟ ଓ ଗୌରବ ନିମନ୍ତେ ଉଦ୍ଦିଷ୍ଟ ଅଟେ ।

ଅଭିଷେକ କ'ଣ, ଏହା ମନେ ରଖନ୍ତୁ : ଏହା ହେଉଛି ଈଶ୍ୱର ନିଜ ଆତ୍ମା ଦ୍ୱାରା ଜଣେ ବଶୀଭୂତ ପାତ୍ରକୁ ଏପରି ଶକ୍ତି, କର୍ତ୍ତୃତ୍ୱ ଓ ଦାନ କରନ୍ତି ଯାହାସବୁ ସେବାକାର୍ଯ୍ୟର ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ପିତାଙ୍କ ଇଚ୍ଛା ସାଧନ କରିବା ପାଇଁ ଆବଶ୍ୟକ ହୁଏ ।

ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଅଭିଷେକ ହେଉଛି 'ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ' ! ଈଶ୍ୱରଙ୍କ ଶକ୍ତି ତାଙ୍କ ବ୍ୟକ୍ତିତ୍ୱ ଓ ଉପସ୍ଥିତିଠାରୁ ପୃଥକ୍ ନୁହେଁ । ଯେତେବେଳେ ଆମେ ଏହା କହୁ ଯେ କେହି ଜଣେ ଅଭିଷିକ୍ତ ହୋଇଛି, ସେତେବେଳେ ଆମେ ଏହି ଅର୍ଥ ସୂଚାଉ ଯେ ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ତା' ମାଧ୍ୟମରେ ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ପାଇଁ ସେମାନଙ୍କ ଜୀବନରେ ଅସାଧାରଣ ଭାବରେ ଉପସ୍ଥିତ ଥାଆନ୍ତି ।

**ଖ) କିଏ ଏହି ଅଭିଷେକର ଅନୁଭୂତି ପାଇପାରେ ?–** ଆପଣ ପୁରାତନ ନିୟମ ପାଠ କରିବା ସମୟରେ ଏହା ଚିହ୍ନିବା ସହଜ ଅଟେ ଯେ କେତେବେଳେ ପବିତ୍ର ଆତ୍ମା ଜଣେ ଭାବବାଦୀ, ବିଚାରକର୍ତ୍ତା, ରାଜା, ଯାଜକ ଇତ୍ୟାଦିଙ୍କ ଉପରେ ଅବତରଣ କରୁଥିଲେ । ଆମେ ଭାଗ–୨୦ର ''୩୦''ରେ ସେହି ଘଟଣାଗୁଡ଼ିକ ମଧ୍ୟରୁ କେତେଗୁଡ଼ିକ ପ୍ରତି ଦୃଷ୍ଟିପାତ କରିବା ।

କିନ୍ତୁ, ନୂତନ ନିୟମ ଅପେକ୍ଷା ପୁରାତନ ନିୟମରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଭିନ୍ନ ଥିଲା । ପ୍ରେରିତ ଯୋହନ ଲେଖିଥିଲେ, ''ତାହାଙ୍କଠାରେ ବିଶ୍ୱାସକାରୀମାନେ ଯେଉଁ ଆତ୍ମା ପାଇବାକୁ ଯାଉଥିଲେ, ତାହାଙ୍କ ବିଷୟରେ ସେ ଏହା କହିଲେ, କାରଣ ଯୀଶୁ ସେ ପର୍ଯ୍ୟନ୍ତ ମହିମାପ୍ରାପ୍ତ ହୋଇ ନ ଥିବାରୁ ଆତ୍ମା ପ୍ରଦତ୍ତ ହୋଇ ନ ଥିଲେ'' (ଯୋହନ ୭:୩୯) ।

ପବିତ୍ର ଆତ୍ମା, ଯିଏ ସଂପୂର୍ଣ୍ଣ ଈଶ୍ୱର ଅଟନ୍ତି, ସେ ଅନନ୍ତ କାଳରୁ ବିଦ୍ୟମାନ ଅଛନ୍ତି । ସେ ସୃଷ୍ଟି ସମୟରେ ସକ୍ରିୟ ଥିଲେ (ଆଦି ୧:୨) ଓ ସମଗ୍ର ପୁରାତନ ନିୟମ ସମୟରେ ମଧ୍ୟ ସକ୍ରିୟ ଥିଲେ । କିନ୍ତୁ କ୍ରୁଶରେ ପୁତ୍ର ଈଶ୍ୱରଙ୍କର ଉତ୍ସର୍ଗୀକୃତ ମୃତ୍ୟୁ

ମାଧ୍ୟମରେ ପରିତ୍ରାଣର ପଥ ନ ଖୋଲିବା ପର୍ଯ୍ୟନ୍ତ ପିତା ଈଶ୍ୱର ସଂପୂର୍ଣ୍ଣ ଭାବରେ ଆତ୍ମା ଈଶ୍ୱରଙ୍କୁ ପ୍ରଦାନ କରି ନ ଥିଲେ (ଯୋହନ ୧୪:୧୬,୧୭; ୧୬:୭) ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ–** ବାଇବଲ ବିଶ୍ୱାସୀ ଖ୍ରୀଷ୍ଟିୟାନ ଭାବରେ ଆମେ ତିନୋଟି ଦେବତାଙ୍କୁ ପୂଜା କରୁ ନାହୁଁ । ବରଂ, ଆମେ ଗୋଟିଏ ଈଶ୍ୱରଙ୍କୁ ପୂଜା କରୁ ଯିଏ ନିଜକୁ ତିନୋଟି ବ୍ୟକ୍ତିତ୍ୱ ମାଧ୍ୟମରେ ପ୍ରକାଶ କରନ୍ତି । ଈଶ୍ୱରଙ୍କ ମଧ୍ୟରେ, ତିନୋଟି 'ବ୍ୟକ୍ତି' ରହିଛନ୍ତି ଯିଏ ତିନୋଟି ଦେବତା ନୁହଁନ୍ତି କିମ୍ବା ତିନୋଟି ଭାଗ ନୁହଁନ୍ତି । ଏହି ତିନି ଏକ ଅଟନ୍ତି, ଓ ପ୍ରତ୍ୟେକଟି ପରସ୍ପର ସହିତ ସମାନ ଓ ସମାନ ଭାବରେ ଅନନ୍ତ ଈଶ୍ୱର ଅଟନ୍ତି । ଆମର ସୀମିତ ମନ ''ଗୋଟିଏ ସ୍ୱଭାବରେ-ତିନି'' ଈଶ୍ୱରଙ୍କୁ ବୁଝିବାରେ କଷ୍ଟ ଅନୁଭବ କରେ । କିନ୍ତୁ ଧର୍ମଶାସ୍ତ୍ର ତାଙ୍କ ବିଷୟରେ ଏହି ସତ୍ୟ ପ୍ରକାଶ କରିଛି ।

ପୁରାତନ ନିୟମରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଓ ନୂତନ ନିୟମରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ମଧ୍ୟରେ ଗୋଟିଏ ମୁଖ୍ୟ ପାର୍ଥକ୍ୟ ରହିଛି । ପୁରାତନ ନିୟମରେ, ପବିତ୍ର ଆତ୍ମା କ୍ଷଣିକ ଭାବରେ ଗୋଟିଏ ମନୋନୀତ ମାନବ ପାତ୍ର ଉପରକୁ ଆସୁଥିଲେ । ପବିତ୍ର ଆତ୍ମା ସେହି ମୁହୂର୍ତ୍ତରେ ଈଶ୍ୱରଙ୍କ ଇଚ୍ଛା ସାଧନ କରିବାକୁ ସେହି ବ୍ୟକ୍ତିଙ୍କୁ (ଭାବବାଦୀ, ଯାଜକ, ବିଚାରକର୍ତ୍ତା ଇତ୍ୟାଦିଙ୍କୁ) ସାମର୍ଥ୍ୟ ପ୍ରଦାନ କରୁଥିଲେ । ଏହାପରେ ପବିତ୍ର ଆତ୍ମାଙ୍କୁ ସେ ପର୍ଯ୍ୟନ୍ତ ଉଠାଇ ନିଆଯାଉଥିଲା, ଯେ ପର୍ଯ୍ୟନ୍ତ ସେବାକାର୍ଯ୍ୟର ପରବର୍ତ୍ତୀ ମୁହୂର୍ତ୍ତ ଉପସ୍ଥିତ ହେଉ ନ ଥିଲା ।

କିନ୍ତୁ ନୂତନ ନିୟମରେ, ମନୁଷ୍ୟ ହୃଦୟରେ ବାସ କରିବା ପାଇଁ ଓ ସେମାନଙ୍କ ସହିତ ଏକ ବାସକାରୀ ସଂପର୍କରେ ରହିବା ପାଇଁ ପବିତ୍ର ଆତ୍ମା ପ୍ରଦତ୍ତ ହେଉଥିଲେ । ନୂତନ ନିୟମରେ ପବିତ୍ର ଆତ୍ମାଙ୍କ ଅଭିଷେକର କେତେଗୁଡ଼ିଏ ଦୃଷ୍ଟାନ୍ତ ପ୍ରତି ଆମେ ଦୃଷ୍ଟିପାତ କରିବା ।

## ଯୀଶୁ

ନୂତନ ନିୟମରେ ପବିତ୍ର ଆତ୍ମାଙ୍କ ଦ୍ୱାରା ଅଭିଷିକ୍ତ ହୋଇଥିବା ପ୍ରଥମ ବ୍ୟକ୍ତି ହେଉଛନ୍ତି – ଯୀଶୁ ! ଯୀଶୁ ଜଳରେ ବାପ୍ତିଜିତ ହେଉଥିବା ସମୟରେ ପବିତ୍ର ଆତ୍ମାଙ୍କର ଶକ୍ତି ପୂର୍ଣ୍ଣ ଅଭିଷେକ ପ୍ରାପ୍ତ ହୋଇଥିଲେ । (ମାଥିଉ ୩:୧୬) । ପ୍ରାନ୍ତରରେ ଯୀଶୁଙ୍କ ପରୀକ୍ଷା ପରେ ତାଙ୍କର ସର୍ବସାଧାରଣରେ ପ୍ରଥମ ସେବାକାର୍ଯ୍ୟ ଥିଲା ସମାଜଗୃହରେ ଯିଶାଇୟ ୬୧:୧,୨ ପାଠ କରିବା । ଏହାପରେ ସେ ଏହି ଘୋଷଣା



କରିଥିଲେ ଯେ ମସିହ ସମ୍ବନ୍ଧୀୟ ଏହି ଶାସ୍ତ୍ରାଂଶ ବର୍ତ୍ତମାନ ସଫଳ ହୋଇଛି (ଲୂକ ୪:୧୪-୨୧) ।

ଆପଣମାନେ ଏହା ଲକ୍ଷ୍ୟ କରିବେ ଯେ ଯିଶାଇୟ ୬୧:୧,୨ ରେ କୁହାଯାଇଥିବା ପବିତ୍ର ଆତ୍ମାଙ୍କ ଅଭିଷେକ ଥିଲା ଯୀଶୁଙ୍କ ପାର୍ଥିବ ସେବାକାର୍ଯ୍ୟ ମାଧ୍ୟମରେ ପିତାଙ୍କ ଇଚ୍ଛାର ସଫଳତାକୁ ସାମର୍ଥ୍ୟ ଦେବା ।



ଯୀଶୁ ପୃଥିବୀରେ ନିଜର ପାର୍ଥିବ ଶରୀରରେ ଥିବା ସମୟରେ ଉଭୟ ସଂପୂର୍ଣ୍ଣ ଈଶ୍ୱର ଓ ସଂପୂର୍ଣ୍ଣମାନବ ଥିଲେ (ଫିଲିପ୍ପୀ ୨:୫-୮) । ତଥାପି ସେ ପିତାଙ୍କ ଇଚ୍ଛା ସାଧନ କରିବା ପାଇଁ ପବିତ୍ର ଆତ୍ମାଙ୍କ ଶକ୍ତି ଆବଶ୍ୟକ କରୁଥିଲେ । ଯଦି ଈଶ୍ୱରଙ୍କ ପୁତ୍ର, ଯୀଶୁ ପବିତ୍ର ଆତ୍ମାଙ୍କୁ ଆବଶ୍ୟକ କରୁଥିଲେ, ତେବେ ଆପଣ ଓ ମୁଁ କେତେ ଅଧିକ ଆବଶ୍ୟକ ନ କରିବୁ ? (ପ୍ରେରିତ ୧୦:୩୮ ଦେଖନ୍ତୁ) ।

## ଆଦ୍ୟ ମଣ୍ଡଳୀ

### ଆଦ୍ୟ ମଣ୍ଡଳୀର ନେତାମାନେ

ପେଣ୍ଟିକଷ୍ଟ ଦିବସରେ (ପ୍ରେରିତ ୧:୧୨-୨:୪), ଆଦ୍ୟ ମଣ୍ଡଳୀର ନେତାମାନେ ଓ ଅବଶିଷ୍ଟ ଶିଷ୍ୟମାନେ ଗୋଟିଏ ଉପର କୋଠରୀରେ ପ୍ରାର୍ଥନା କରୁଥିଲେ । ଉପସ୍ଥିତ ଲୋକମାନଙ୍କ ମଧ୍ୟରେ ଥିଲେ ମୂଳ ୧୧ ଜଣ ଶିଷ୍ୟ (ଯିହୁଦା ମୃତ ଥିଲେ), ଯିହୁଦା ସ୍ଥାନରେ ରହିବା ପାଇଁ ଗୁଳିବାଣ୍ଟ ଦ୍ୱାରା ମନୋନୀତ ହୋଇଥିବା ନୂତନ ଶିଷ୍ୟ, ଏବଂ ଅନ୍ୟ ଶିଷ୍ୟମାନଙ୍କର ଏକ ଛୋଟ ଦଳ (ସର୍ବମୋଟ ପ୍ରାୟ ୧୨୦) । ହଠାତ୍ ପବିତ୍ର ଆତ୍ମା ସମ୍ବନ୍ଧୀୟ ପ୍ରତିଜ୍ଞା (ଯୋୟେଲ ୨:୨୮-୩୨), ସେମାନଙ୍କ ଉପରେ ଦୃଷ୍ଟି ହୋଇଥିଲା (ପ୍ରେରିତ ୨:୨-୪) ।

ପରେ, ପ୍ରେରିତ ପାଉଲ ଖ୍ରୀଷ୍ଟ ବିଶ୍ୱାସୀ ଭାବରେ ପରିବର୍ତ୍ତିତ ହୋଇଥିଲେ । ସେ ମଧ୍ୟ ପବିତ୍ର ଆତ୍ମା ପ୍ରାପ୍ତ ହୋଇ ଉଦ୍‌ଯୋଗର ସହିତ ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର ପ୍ରଚାର କରିବାକୁ ଆରମ୍ଭ କରିଥିଲେ (ପ୍ରେରିତ ୯:୧-୨୨) ।

ଫିଲିପ୍ପଙ୍କ ଭଳି ପ୍ରଚାରକମାନେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ଥିଲେ ଓ ତାଙ୍କ ଦ୍ୱାରା ପରିଚାଳିତ ହେଉଥିଲେ (ପ୍ରେରିତ ୮:୨୯) । ଆପଲ୍ଲଙ୍କ ଭଳି ଯେଉଁମାନଙ୍କୁ

ଶିକ୍ଷା ଦେବାର ଦାନ ପ୍ରଦତ୍ତ ହୋଇଥିଲା, ସେମାନେ ପବିତ୍ର ଆତ୍ମାଙ୍କ ଅଭିଷେକ ବିନା ଏହି ପ୍ରକାର ଅଧିକାର ସହିତ ଶିକ୍ଷା ଦେଇ ପାରି ନ ଥା'ନ୍ତେ (ପ୍ରେରିତ ୧୮:୨୪-୨୮; ୧ କରିନ୍ଥୀୟ ୩:୫-୭ ମଧ୍ୟ ଦେଖନ୍ତୁ) । ଅତି ଦ୍ରୁତଗତିରେ ବୃଦ୍ଧି ପାଉଥିବା ଖ୍ରୀଷ୍ଟଙ୍କ ଶରୀରର ସେବା କରିବାକୁ ଆହ୍ୱାନ ପାଇଥିବା ବ୍ୟକ୍ତିମାନେ ଆତ୍ମାରେ ପୂର୍ଣ୍ଣ ଥିଲେ, ଯେପରି ସ୍ତିଫାନ୍ (ପ୍ରେରିତ ୬:୧-୧୦)

ଏହି ବିଷୟ ଉପରେ ନୂତନ ନିୟମରେ ମଧ୍ୟ ଅତିରିକ୍ତ ଅଧ୍ୟାୟଗୁଡ଼ିକ ରହିଛି (ଅର୍ଥାତ୍, ପ୍ରେରିତ ୪:୧୩,୩୩; ୧୧:୨୭,୨୮; ୨୧:୧୦,୧୧) ।

## ଆଦ୍ୟମଣ୍ଡଳୀର ଶିଷ୍ୟଗଣ

ଯେଉଁମାନେ ପେଣ୍ଟିକଷ୍ଟ ଦିବସରେ ଉପର କୋଠରୀରେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୋଇଥିଲେ, ସେମାନେ ଆହୁରି ଅଧିକ ବିଶ୍ୱାସୀଙ୍କର କେବଳ ଆରମ୍ଭ ମାତ୍ର ଥିଲେ, ଯେଉଁମାନେ ପରେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୋଇ ତାଙ୍କ ଦ୍ୱାରା ଅଭିଷିକ୍ତ ହୋଇଥିଲେ (ପ୍ରେରିତ ୪:୩୧; ୫:୩୨; ୧୩:୫୨ ଇତ୍ୟାଦି) ।

## ସୁସମାଚାର ପ୍ରଚାର ନିମନ୍ତେ ଶକ୍ତି

ସୁସମାଚାର ଅଗ୍ନିଶିଖା ପରି ବ୍ୟାପ୍ତହେବା ସମୟରେ, ପବିତ୍ର ଆତ୍ମାଙ୍କର ଶକ୍ତିପୂର୍ଣ୍ଣ ଦୃଷ୍ଟିପାତ ସଂଘଟିତ ହୋଇଥିଲା । ଏହା ଯୀଶୁଙ୍କର ଠିକ୍ ସ୍ୱର୍ଗାରୋହଣ ପୂର୍ବରୁ ସେ କହିଥିବା ବାକ୍ୟକୁ ସଫଳ କରିଥିଲା : ''କିନ୍ତୁ ପବିତ୍ର ଆତ୍ମା ତୁମ୍ଭମାନଙ୍କ ଉପରେ ଅବତୀର୍ଣ୍ଣ ହୁଅନ୍ତେ, ତୁମ୍ଭେମାନେ ଶକ୍ତିପ୍ରାପ୍ତ ହେବ, ଆଉ ଯିରୁଶାଲମ, ସମସ୍ତ ଯିହୁଦା ପ୍ରଦେଶ ଓ ଶମିରୋଣ, ପୁଣି ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ସୁଦ୍ଧା ମୋହର ସାକ୍ଷୀ ହେବ'' (ପ୍ରେରିତ ୧:୮) ।

ଭୌଗୋଳିକ ସ୍ଥାନଗୁଡ଼ିକ ସମ୍ବନ୍ଧରେ ଯୀଶୁଙ୍କର ଉଲ୍ଲେଖ କେବଳ କାବ୍ୟିକ ଭାଷା ନ ଥିଲା । ପ୍ରେରିତ ପୁସ୍ତକ ଯୀଶୁଙ୍କଠାରେ ବିଶ୍ୱାସ କରୁଥିବା ଲୋକମାନଙ୍କ ଉପରେ ପବିତ୍ରଆତ୍ମାଙ୍କ ବୃଷ୍ଟି ସମ୍ବନ୍ଧୀୟ ଓ ପୃଥିବୀ ବ୍ୟାପୀ ସୁସମାଚାର ପ୍ରଚାରର ଆରମ୍ଭ ସମ୍ବନ୍ଧୀୟ ପ୍ରତିଜ୍ଞାର ସଫଳତାକୁ ପ୍ରକାଶ କରିଛି ।

**ଯିରୁଶାଲମରେ...** (ପେଣ୍ଟିକଷ୍ଟ ଦିବସରେ ସଫଳ ହୋଇଥିଲା ପ୍ରେରିତ ୨ ଅଧ୍ୟାୟ) । ଏହା ମନେ ହେଉଥିଲା-ଏହି ନୂତନ ଯିହୁଦୀ ବିଶ୍ୱାସୀ ଦଳ ଯିରୁଶାଲମରେ ସେମାନଙ୍କର ପ୍ରଚାର ବନ୍ଦ କରିଦେବେ । ଏହା ସମସ୍ତ ଲୋକଙ୍କୁ, ସବୁ ସମୟରେ, ସବୁ ସ୍ଥାନରେ ପ୍ରଦତ୍ତ ହେବା ପାଇଁ ଉଦ୍ଦିଷ୍ଟ ସୁସମାଚାର ନିମନ୍ତେ ଥିବା ଖ୍ରୀଷ୍ଟଙ୍କର ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ବିପଜ୍ଜନକ କରିପାରିଥାନ୍ତା ।



କିନ୍ତୁ ସୁସମାଚାର ପ୍ରଚାରିତ ହେବା ମାତ୍ରେ ତାଡ଼ନା ଆରମ୍ଭ ହୋଇଗଲା । ପ୍ରତ୍ୟେକ ବ୍ୟକ୍ତି ନିକଟରେ ପରିତ୍ରାଣର ବାର୍ତ୍ତା ପହଞ୍ଚାଇବା ପାଇଁ ଥିବା ଈଶ୍ୱରଙ୍କ ଇଚ୍ଛାକୁ ଯେପରି ସେମାନେ ସଫଳ କରିବେ, ଏଥିପାଇଁ ଆଦ୍ୟ ମଣ୍ଡଳୀକୁ ଯିରୁଶାଲମ ବାହାରେ ଛିନ୍ନ ଭିନ୍ନ କରିବାକୁ ଈଶ୍ୱର ଏହି ତାଡ଼ନା ବ୍ୟବହାର କରିଥିଲେ ।

ଏହାପରେ ପ୍ରେରିତ ୮ ଅଧ୍ୟାୟରେ, ଆମେ ଶାଉଲ ନାମକ ଜଣେ ଭୟଙ୍କର ତାଡ଼ନାକାରୀଙ୍କ ସହିତ ପରିଚିତ ହୋଇଅଛୁ । ଏହି ଶାସ୍ତ୍ରାଂଶଟିକୁ ପାଠ ନ କରିବା ପର୍ଯ୍ୟନ୍ତ ଏହି ଆକ୍ରମଣଗୁଡ଼ିକ କୁସମ୍ବାଦ ଭଳି ମନେ ହେଉଥିଲା, ''ସେଥିରେ ଯେଉଁମାନେ ଛିନ୍ନଭିନ୍ନ ହୋଇଥିଲେ, ସେମାନେ ଚତୁର୍ଦ୍ଦିଗରେ ଭ୍ରମଣ କରୁ କରୁ ସୁସମାଚାରର ବାକ୍ୟ ପ୍ରଚାର କଲେ'' (ପ୍ରେରିତ ୮:୪) । ଏହା ମଧ୍ୟରେ ଉଭୟ 'ଯିହୁଦା' ଓ 'ଶମିରୋଣ' ଅନ୍ତର୍ଭୁକ୍ତ ହୋଇଥିବ (ପ୍ରେରିତ ୮:୧-୨୫) ।

## ସୁସମାଚାରର ବାହ୍ୟ - ଅଗ୍ରସର

ଏହା ଲକ୍ଷ୍ୟ କରନ୍ତୁ ଯେ ସୁସମାଚାର ପ୍ରାପ୍ତ ଲୋକମାନଙ୍କ ଉପରେ ହିଁ ପବିତ୍ର ଆତ୍ମା ବୃଷ୍ଟି ହୋଇଥିଲେ (୮:୧୬,୧୭) । ସୁସମାଚାର ପ୍ରଚାର ସ୍ଥାନରେ ମଧ୍ୟ ଚିହ୍ନ ଓ ଅଦ୍ଭୁତ କର୍ମ ଦେଖା ଦେଇଥିଲା (୮:୬,୧୩) ।

କିନ୍ତୁ ଆଦ୍ୟମଣ୍ଡଳୀ ପାଇଁ ଆହୁରି ଗୋଟିଏ ବଡ଼ ବିଷୟ ଘଟିବାକୁ ଯାଉଥିଲା । ପ୍ରତ୍ୟେକ ସ୍ଥାନରେ ସୁସମାଚାର ପ୍ରଚାରିତ ହେଉ ବୋଲି ଈଶ୍ୱର ଇଚ୍ଛା କରିଥିଲେ । ''ସମୁଦାୟ ଜଗତକୁ ଯାଇ ସମସ୍ତ ମାନବ ଜାତି ନିକଟରେ ସୁସମାଚାର ଘୋଷଣା କରିବାକୁ'' ଯୀଶୁ ବିଶ୍ୱାସୀମାନଙ୍କୁ ଆଦେଶ ଦେଇଥିଲେ (ମାର୍କ ୧୬:୧୫) । ପ୍ରେରିତ ୧:୮ରେ ସେହି ସମାନ ପ୍ରକାରର ବାକ୍ୟ ଲିପିବଦ୍ଧ ହୋଇଥିଲା, ''ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ସୁଦ୍ଧା'' ।

ଏହି ବାହ୍ୟ-ଅଗ୍ରସର ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ଫିଲିପ୍ପ ଜଣେ କୁଶଦେଶୀୟ ନପୁଂସକଙ୍କ ସହିତ ସାକ୍ଷାତ୍ କରିଥିଲେ ଓ ସେ ଅତି ଶୀଘ୍ର ଖ୍ରୀଷ୍ଟଙ୍କୁ ଗ୍ରହଣ କରିଥିଲେ । (ପ୍ରେରିତ ୮:୨୬-୪୦) । ଏହି କୁଶ ଦେଶୀୟ ବ୍ୟକ୍ତିଙ୍କୁ ହିଁ ଆଫ୍ରିକା ମହାଦେଶରେ ପ୍ରଥମେ ସୁସମାଚାର ଜଣାଇ ଥିବା ବ୍ୟକ୍ତି ଭାବରେ ମଣ୍ଡଳୀ ପରଂପରାରେ ପ୍ରଶଂସା କରାଯାଇଛି ।

ଏହାପରେ, ଅତିଶୀଘ୍ର ଯୀଶୁଙ୍କ ସହିତ ସାକ୍ଷାତ୍ ହେବା ଦ୍ୱାରା ଶାଉଲ ସଂପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହୋଇଥିଲେ (ପ୍ରେରିତ ୯:୧-୧୯) ଓ ତାଙ୍କୁ 'ବିଜାତୀୟମାନଙ୍କ ନିକଟକୁ ପ୍ରେରିତ' ବୋଲି କୁହାଗଲା । (ପ୍ରେରିତ ୯:୧୫) । ମାତ୍ର ସୁସମାଚାର

ପ୍ରଚାରରେ ଈଶ୍ୱର କିଛି ପରିବର୍ତ୍ତନ ନ ଆଣିବା ପର୍ଯ୍ୟନ୍ତ ତାହା ଯିହୁଦୀ ଲୋକମାନଙ୍କ ଉପରେ ହିଁ କେନ୍ଦ୍ରିଭୂତ ଥିଲା !

ଆମେ ପ୍ରେରିତ ପୁସ୍ତକରେ କର୍ଣ୍ଣୀଲିୟ ନାମକ ଜଣେ ରୋମୀୟଙ୍କ ବିଷୟ ପାଠ କରୁ (ପ୍ରେରିତ ୧୦:୧-୪୮) । ବିଜାତିମାନଙ୍କ ନିକଟରେ ସୁସମାଚାର ପ୍ରଚାର ଆରମ୍ଭ କରିବାକୁ ପିତରଙ୍କୁ କର୍ଣ୍ଣୀଲିୟଙ୍କ ନିକଟକୁ ପଠାଗଲା । ଜଣେ ଯିହୁଦୀ ଭାବରେ ଏହା କରିବା ପିତରଙ୍କ ପକ୍ଷେ ଏକ କଷ୍ଟକର ବିଷୟ ଥିଲା (ପ୍ରେରିତ ୧୦:୯-୧୬) ।

କିନ୍ତୁ ପିତର ପ୍ରଚାର କରୁଥିବା ସମୟରେ ପବିତ୍ର ଆତ୍ମା କର୍ଣ୍ଣୀଲିୟଙ୍କ ଉପରେ ଅବତରଣ କରିଥିଲେ ଓ ତାଙ୍କର ସମଗ୍ର ପରିବାର – ପିତରଙ୍କ ଶିକ୍ଷା ଶୁଣିଥିଲେ । (ପ୍ରେରିତ ୧୦:୪୪) । ତଥାପି ସୁଦ୍ଧା ସେଠାରେ ଉପସ୍ଥିତ ଥିବା ଯିହୁଦୀ ଭାଇମାନେ ଏହି ସତ୍ୟକୁ ଗ୍ରହଣ କରିପାରୁ ନ ଥିଲେ ଯେ ସୁସମାଚାର ଓ ପବିତ୍ର ଆତ୍ମା ବିଜାତିମାନଙ୍କ ପ୍ରତି ପ୍ରଦତ୍ତ ହେଉଅଛନ୍ତି (ପ୍ରେରିତ ୧୦:୪୫-୪୮) ।

ଶେଷରେ ପିତରଙ୍କୁ ସାକ୍ଷ୍ୟ ଦେବା ନିମନ୍ତେ ଆହ୍ୱାନ କରାଯାଇ ଯିରୁଶାଲମରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସଭା ଅନୁଷ୍ଠିତ ହୋଇଥିଲା । (ପ୍ରେରିତ ୧୧:୧-୧୫) । ସେମାନେ ଶେଷରେ ବୁଝିଥିଲେ ଓ ଯୀଶୁ ସେମାନଙ୍କୁ ସ୍ପଷ୍ଟ ଭାବରେ ଯାହା କହିଥଲେ, ତାହା ସେମାନେ ଗ୍ରହଣ କରିଥିଲେ : ପ୍ରତ୍ୟେକ ବ୍ୟକ୍ତି ନିକଟରେ – ଏପରିକି ''ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ସୁଦ୍ଧା'' ସୁସମାଚାର ପ୍ରଚାରିତ ହେବାକୁ ପଡ଼ିବ'' (ପ୍ରେରିତ ୧:୨୮) ।

### ଈଶ୍ୱରଙ୍କ ଯୋଜନା ପ୍ରକାଶିତ ହୋଇଥିଲା

ପ୍ରେରିତ ପୁସ୍ତକ ସମ୍ବନ୍ଧରେ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଲକ୍ଷ୍ୟ ଯୋଗ୍ୟ ଅଟେ । ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର କେବଳ ଗୋଟିଏ ନୂତନ ଧର୍ମ କିମ୍ୱା ଯିହୁଦୀ ଧର୍ମତତ୍ତ୍ୱର ଏକ ନୂତନ ବ୍ୟାଖ୍ୟା ନ ଥିଲା । ଏଦନ ଉଦ୍ୟାନଠାରୁ ମନୁଷ୍ୟ ଜାତି ଓ ଈଶ୍ୱରଙ୍କ ମଧ୍ୟରେ ଯାହା କିଛି ଘଟିଥିଲା– ସମସ୍ତ ପୁରାତନ ନିୟମ ଇତିହାସ– ଠିକ୍ ସମୟରେ ଏହି ସ୍ଥାନ ପର୍ଯ୍ୟନ୍ତ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।

ମନୁଷ୍ୟ ପାପ ମନୋନୀତ କରିବା ପରେ ଈଶ୍ୱର ଯେଉଁ ସ୍ୱର୍ଗୀୟ ଯୋଜନା କରିଥିଲେ, ତାହା ଗତିଶୀଳ ଥିଲା (ଆଦି ୩:୧୫) । ସେହି ଯୋଜନା ଥିଲା ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ (କାର୍ଯ୍ୟ ଦ୍ୱାରା ନୁହେଁ) ଅନୁଗ୍ରହ ଦ୍ୱାରା ପାପର ମୃତ୍ୟୁଦଣ୍ଡରୁ ପରିତ୍ରାଣ । ଏହା ଯୀଶୁଙ୍କର ଉତ୍ସର୍ଗୀକୃତ ମୃତ୍ୟୁ ଓ ଏହାପରେ ପୁନରୁତ୍ଥାନ ଦ୍ୱାରା କେବଳ ସମ୍ଭବ ହୋଇଥିଲା । ଆମେ ଖ୍ରୀଷ୍ଟଙ୍କର ଏହି ବ୍ୟବସ୍ଥା ସୁସମାଚାରଗୁଡ଼ିକରେ (ମାଥିଉ, ମାର୍କ, ଲୂକ ଓ ଯୋହନ)ରେ ପାଠ କରୁ ।



କିନ୍ତୁ ଈଶ୍ୱରଙ୍କ ଉଦ୍ଦେଶ୍ୟ ଗୋଟିଏ ନୂତନ ବିଶ୍ୱାସର ଉର୍ଦ୍ଧ୍ୱରେ ଥିଲା ଓ ତାଙ୍କ ସହିତ ପୁନଃ ସଂପର୍କ ସ୍ଥାପନ କରିଥିଲା । ଆମ ମଧ୍ୟରେ ବାସ କରିବା ପାଇଁ, ବିଜୟୀ ଜୀବନ କାଟିବା ଓ ଏହି ଜୀବନରେ ତାଙ୍କର ଇଚ୍ଛା ସଫଳ କରିବା ନିମନ୍ତେ ଆବଶ୍ୟକ ହେଉଥିବା ଭରସା ଓ ଶକ୍ତି ଆମକୁ ପ୍ରଦାନ କରିବା ପାଇଁ ଈଶ୍ୱର ଇଚ୍ଛା କରିଥିଲେ (ଓ ଇଚ୍ଛା କରନ୍ତି) ।

ସେଥିପାଇଁ, ଈଶ୍ୱର ନିଜର ଅସୀମ ଜ୍ଞାନ ଓ ପ୍ରେମରେ ସେହି ପବିତ୍ର ଆତ୍ମାଙ୍କୁ ଢ଼ାଳି ଦେଇଥିଲେ, ଯିଏ ପ୍ରତ୍ୟେକ ବିଶ୍ୱାସୀର ହୃଦୟ ମଧ୍ୟରେ ବାସ କରିଥା'ନ୍ତି (ଯୋୟେଲ ୨:୨୮,୨୯) । ଖ୍ରୀଷ୍ଟ ଗୋଟିଏ ନୂତନ ଧର୍ମ କିମ୍ୱା ଧର୍ମତତ୍ତ୍ୱ ଆଣିବାକୁ ଆସି ନ ଥିଲେ । ବରଂ, ମନୁଷ୍ୟ ଜାତିର ପରିତ୍ରାଣ ନିମନ୍ତେ ଈଶ୍ୱର ଯାହା ପ୍ରତିଜ୍ଞା କରିଥିଲେ, ତାହା ସଫଳ କରିବାକୁ ସେ ଆସିଥିଲେ !

ହଁ, ଈଶ୍ୱରଙ୍କ ସହିତ ପୁନର୍ବାର ଆମର ଅନ୍ତରଙ୍ଗ ସହଭାଗିତା ସ୍ଥାପନ ନିମନ୍ତେ ଖ୍ରୀଷ୍ଟଙ୍କ ବଳିଦାନ ଅନୁମତି ଦେଇଛି । କିନ୍ତୁ ଈଶ୍ୱର ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱରେ ''ଆମ ମଧ୍ୟରେ ବାସ କରିବାକୁ'' ସର୍ବଶକ୍ତିମାନ ଈଶ୍ୱରଙ୍କ ଶକ୍ତି ମଧ୍ୟ ଇଚ୍ଛା କରନ୍ତି । ଏହା ଏପରି ଏକ ଶକ୍ତି ଅଟେ ଯାହାକୁ ଜଗତ ଅବଜ୍ଞା କରିପାରେ ନାହିଁ କିମ୍ୱା ବୁଝାଇପାରେ ନାହିଁ । ସେମାନେ ପେଣ୍ଟିକଷ୍ଟ ଦିବସରେ ଯେପରି କରିଥିଲେ, ସେହିପରି ଥଟ୍ଟା କରିପାରନ୍ତି, ସମାଲୋଚନା କରିପାରନ୍ତି କିମ୍ୱା ନିନ୍ଦା କରିପାରନ୍ତି (ପ୍ରେରିତ ୨:୫-୧୩), କିନ୍ତୁ ସେମାନେ ଜଣେ ବିଶ୍ୱାସୀର ବଶୀଭୂତ ଜୀବନ ମାଧ୍ୟମରେ ପବିତ୍ରଆତ୍ମାଙ୍କ କାର୍ଯ୍ୟ ଓ ଶକ୍ତିକୁ ବନ୍ଦ କରିପାରନ୍ତି ନାହିଁ !

ଚିହ୍ନ, ଅଦ୍ଭୁତ କର୍ମ, ଅଲୌକିକ କାର୍ଯ୍ୟ, ପରିତ୍ରାଣ, ସୁସ୍ଥତା, ଇତ୍ୟାଦି ସମ୍ବନ୍ଧରେ ସମଗ୍ର ପ୍ରେରିତ ପୁସ୍ତକରେ ଆମେ ଯାହା ଦେଖୁ, ତାହା ଆଜି ମଧ୍ୟ ସେହିପରି ସମ୍ଭବ ଅଟେ ଯେପରି ଏହା ଆଦ୍ୟ ମଣ୍ଡଳୀ ସମୟରେ ସମ୍ଭବ ଥିଲା (ଯୋୟେଲ ୨; ପ୍ରେରିତ ୨:୩୩,୩୮,୩୯) । ୨୦୦୦ ବର୍ଷ ପୂର୍ବେ ଆମେ ପବିତ୍ର ଆତ୍ମାଙ୍କ ଉପସ୍ଥିତି ଓ ଶକ୍ତି ଯେତିକି ଆବଶ୍ୟକ କରୁଥିଲୁ, ଆଜି ତା'ଠାରୁ କିଛି କମ୍ ଆବଶ୍ୟକ କରୁନାହୁଁ । ଈଶ୍ୱରଙ୍କୁ ଏଥିପାଇଁ ଧନ୍ୟବାଦ ଦିଅନ୍ତୁ ଯେ ''ଯୀଶୁ ଖ୍ରୀଷ୍ଟ (ଓ ପବିତ୍ର ଆତ୍ମା) ଆଜି, କାଲି ଓ ସର୍ବଦା ସମାନ ଭାବରେ ଅଛନ୍ତି (ଏବ୍ରୀ ୧୩:୮) ।

### ସମସ୍ତ ସମୟରେ ସମସ୍ତ ଖ୍ରୀଷ୍ଟ ବିଶ୍ୱାସୀ

ପବିତ୍ର ଆତ୍ମାଙ୍କ ପ୍ରେରଣାରେ ପିତର ଏହି ଘୋଷଣା କରିଛନ୍ତି ଯେ ପବିତ୍ର ଆତ୍ମାଙ୍କର ବାସ କରିବା ସମ୍ବନ୍ଧରେ ପ୍ରତିଜ୍ଞାତ ଦାନ ''ଆପଣମାନଙ୍କ ନିମନ୍ତେ, ଆପଣମାନଙ୍କର

ସନ୍ତାନ ସନ୍ତତିମାନଙ୍କ ନିମନ୍ତେ (ଭବିଷ୍ୟତ୍ ବଂଶ ପ୍ରତି ସୂଚିତ), ପୁଣି ଦୂରବର୍ତ୍ତୀ ଯେତେ ଲୋକଙ୍କୁ ପ୍ରଭୁ ଆମ୍ଭମାନଙ୍କ ଈଶ୍ୱର ଆପଣା ନିକଟକୁ ଡାକିବେ, ସେହି ସମସ୍ତଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ'' (ପ୍ରେରିତ ୨:୩୩,୩୮,୩୯ ଦେଖନ୍ତୁ) ।

''ଦୂରବର୍ତ୍ତୀ ଯେତେ ଲୋକଙ୍କୁ''– ଏହି ପଦ ମଧ୍ୟରେ ନିଶ୍ଚିତ ଭାବରେ କେବଳ ଭବିଷ୍ୟତ୍ ବଂଶ ଅନ୍ତର୍ଭୁକ୍ତ ଅଟନ୍ତି, ତା' ନୁହେଁ, ମାତ୍ର ସମସ୍ତ ବିଜାତି ଗୋଷ୍ଠୀ, ପୃଥିବୀର ଅନ୍ୟ ପ୍ରତ୍ୟେକ ଗୋଷ୍ଠୀ, ଭାଷାବାଦୀ ଓ ଜାତି ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି (ଏଫିସୀ ୨:୧୧–୧୯; ଗାଲାତୀୟ ୩:୨୮; କଲସୀ ୩:୧୧) ।

## ଗୋଟିଏ ଜୀବନ ବ୍ୟାପୀ ସଂପର୍କ

ପବିତ୍ର ଆତ୍ମାଙ୍କର ଅଭିଷେକକାରୀ ଉପସ୍ଥିତି ପ୍ରତ୍ୟେକ ଖ୍ରୀଷ୍ଟ ଅନୁଗାମୀର ହୃଦୟରେ ବାସ କରିବାକୁ ଆସନ୍ତି । ଏହା ଏକ ''ସାଧାରଣ ଅଭିଷେକ'' ଯାହା ପ୍ରତ୍ୟେକ ଖ୍ରୀଷ୍ଟ ବିଶ୍ୱାସୀ ପରିତ୍ରାଣ ସମୟରେ ପ୍ରାପ୍ତ ହୁଏ ।

ପ୍ରେରିତ ଯୋହନ ନିଜ ପ୍ରଥମ ପତ୍ରରେ ଏହି ସାଧାରଣ ଅଭିଷେକ ସମ୍ବନ୍ଧରେ ଆମକୁ କିଛି ଦୃଷ୍ଟିକୋଣ ପ୍ରଦାନ କରିଛନ୍ତି । ଯୋହନ ଆଦ୍ୟ ବିଶ୍ୱାସୀମାନଙ୍କୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସତ୍ୟ ସ୍ମରଣ କରାଇଦେଇଛନ୍ତି : ''ଆଉ ତୁମ୍ଭେମାନେ ସେହି ପବିତ୍ର ବ୍ୟକ୍ତିଙ୍କଠାରୁ ଅଭିଷେକ ପାଇଥିବାରୁ ତୁମ୍ଭେ ସମସ୍ତେ ଜ୍ଞାନ ପ୍ରାପ୍ତ ହୋଇଅଛ'' (୧ ଯୋହନ ୨:୨୦) ।

ଏହି ମୂଳ ଶାସ୍ତ୍ରାଂଶରେ ବ୍ୟବହୃତ ଗ୍ରୀକ୍ ଭାଷାର ଶୈଳୀରୁ ଏହା ସ୍ପଷ୍ଟ ଅଟେ ଯେ ଯୋହନ ତୈଳ କିମ୍ବା ଅନ୍ୟ କୌଣସି ଦ୍ରବ୍ୟ ଦ୍ୱାରା ଅଭିଷିକ୍ତ ହେଉଥିବା କୌଣସି ଧର୍ମ ଉତ୍ସବ ବିଷୟ ଉଲ୍ଲେଖ କରୁ ନ ଥିଲେ । ବରଂ, ଏହି ଅଭିଷେକ ''ପବିତ୍ର ବ୍ୟକ୍ତି'' ଠାରୁ ହୋଇଥିଲା ଯିଏ ଈଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟ ଅଟନ୍ତି (ଯୋହନ ୬:୬୯; ପ୍ରେରିତ ୩:୧୪; ୪:୨୭) ।





ଅନ୍ୟଭାଷାରେ, ''ଅଭିଷିକ୍ତ ବ୍ୟକ୍ତି'' (ଯୀଶୁ ଖ୍ରୀଷ୍ଟ) ନିଜର ଅନୁଗାମୀମାନଙ୍କୁ ନିଜଠାରୁ ଗୋଟିଏ ଦାନ ଦିଅନ୍ତି, ସେହି ଦାନ ହେଉଛି ଆମ ମଧ୍ୟରେ ବାସ କରିବା ପାଇଁ ଉଦ୍ଦିଷ୍ଟ ପବିତ୍ର ଆତ୍ମା (ମାଥିଉ ୩:୧୧; ପ୍ରେରିତ ୧:୫; ଯୋହନ ୧୪:୧୬,୧୭,୨୬; ୧୬:୭) । ଏହି ଅଭିଷେକ ହେଉଛି ସେହି ପ୍ରତ୍ୟେକ ବିଶ୍ୱାସୀ ନିମନ୍ତେ ଉଦ୍ଦିଷ୍ଟ ଯିଏ ବିଶ୍ୱାସ ମାଧ୍ୟମରେ ଅନୁଗ୍ରହ ଦ୍ୱାରା ପରିତ୍ରାଣ ପାଇବା ପାଇଁ ଖ୍ରୀଷ୍ଟଙ୍କଠାରେ ଭରସା ସ୍ଥାପନ କରିଥାଏ ।

ଏହାପରେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ ଯୋହନ ଲେଖିଛନ୍ତି, ''କିନ୍ତୁ ତୁମ୍ଭେମାନେ ତାହାଙ୍କଠାରୁ ଯେଉଁ ଅଭିଷେକ ପାଇଅଛ, ତାହା ତୁମ୍ଭମାନଙ୍କଠାରେ ରହିଅଛି, ପୁଣି କେହି ଯେ ତୁମ୍ଭମାନଙ୍କୁ ଶିକ୍ଷା ଦେବ, ଏହା ତୁମ୍ଭମାନଙ୍କର ଆବଶ୍ୟକ ନାହିଁ, ମାତ୍ର ତାହାଙ୍କଠାରୁ ସେହି ଅଭିଷେକ ତୁମ୍ଭମାନଙ୍କୁ ସମସ୍ତ ବିଷୟରେ ଯେଉଁ ଶିକ୍ଷାଦିଏ, ତାହା ସତ୍ୟ ଅଟେ, ମିଥ୍ୟା ନୁହେଁ; ଏଣୁ ସେହି ଶିକ୍ଷା ଅନୁସାରେ ତାହାଙ୍କଠାରେ ରୁହ'' (୧ ଯୋହନ ୨:୨୭) ।

ଏହି ଅଭିଷେକ ଗୋଟିଏ ଏକ–କାଳୀନ ଅନୁଭୂତି ନୁହେଁ; ବରଂ, ଏହା ପବିତ୍ର ଆତ୍ମାଙ୍କ ସହିତ ଏକ ଜୀବନବ୍ୟାପୀ କ୍ରମବର୍ଦ୍ଧିଷ୍ଣୁ ସଂପର୍କ ହେବା ଉଚିତ୍ । କେବଳ ପବିତ୍ର ଆତ୍ମା ହିଁ ଆମକୁ ସତ୍ୟ ମଧ୍ୟକୁ ପଥ କଢ଼ାଇ ନିଅନ୍ତି, ସମସ୍ତ ବିଷୟ ଶିକ୍ଷା ଦିଅନ୍ତି ଓ ଯୀଶୁ ଯାହା ଶିକ୍ଷା ଦେଇଥିଲେ, ସେ ସମ୍ବନ୍ଧରେ ଆମକୁ ସ୍ମରଣ କରାଇ ଦିଅନ୍ତି (ଯୋହନ ୧୪:୨୬) । ପବିତ୍ର ଆତ୍ମା ସତ୍ୟକୁ ବୁଝିବାରେ ଓ ଯୀଶୁଙ୍କୁ ଗୌରବ ଦେବାରେ ଆମକୁ ସାହାଯ୍ୟ କରନ୍ତି (ଯୋହନ ୧୬:୧୩,୧୪) ।

ସ୍ପଷ୍ଟତଃ, ଯୋହନ ଏହା ସୂଚାଉ ନାହାନ୍ତି ଯେ ଶିକ୍ଷାଦାନ ସେବା ଅନାବଶ୍ୟକ ଅଟେ (ଈଶ୍ୱର ଆମକୁ ଶିକ୍ଷକମାନଙ୍କୁ ଦେଇଛନ୍ତି– ରୋମୀୟ ୧୨:୭; ଏଫିସୀୟ ୪:୧୧ ଦେଖନ୍ତୁ), କିନ୍ତୁ ଯୋହନ ସେହି ପ୍ରକାଶ ଓ ଜ୍ଞାନକୁ ସୂଚାଉଛନ୍ତି ଯାହା ଲୋକମାନେ ସେମାନଙ୍କ ଜୀବନରେ ପବିତ୍ର ଆତ୍ମାଙ୍କ ପ୍ରତି ପ୍ରତିକ୍ରିୟା ଦେଖାଇବା ସମୟରେ ସେ ସେମାନଙ୍କୁ ପ୍ରଦାନ କରିବେ (୧ କରିନ୍ଥୀ ୨:୧୦–୧୬; ଏଫିସୀ ୧:୧୭,୧୮) ।

ସେଥିପାଇଁ ଆମେ ଈଶ୍ୱରଙ୍କ ବାକ୍ୟରୁ ଏହା ଦେଖୁ ଯେ ଏପରି ଏକ ଅଭିଷେକ ଅଛି ଯାହା ପ୍ରତ୍ୟେକ ଖ୍ରୀଷ୍ଟ ବିଶ୍ୱାସୀ ପରିତ୍ରାଣ ସମୟରେ ପ୍ରାପ୍ତ ହୋଇଥାଏ ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ–** ସତ୍ୟ ସମ୍ବନ୍ଧରେ ପବିତ୍ର ଆତ୍ମା ଯାହା ପ୍ରକାଶ କରନ୍ତି, ତାହା ସର୍ବଦା ସେ ପ୍ରକାଶ କରି ସାରିଥିବା ଈଶ୍ୱରଙ୍କ ଲିଖିତ ବାକ୍ୟର ସତ୍ୟ ସହିତ ଏକମତ ହେବ (ଯୋହନ ୧୬:୧୩,୧୪) ।

ଏପରି କୌଣସି ନୂତନ ପ୍ରକାଶ ନାହିଁ, ଯାହା ବାଇବଲ ସହିତ କେବେ ଯୋଗ ହେବ କିମ୍ବା ଅସମ୍ମତ ହେବ । (ଏ ବିଷୟରେ ଭାଗ-୨, ୩୦ ରେ ସଂପୂର୍ଣ୍ଣ ଭାବରେ ଆଲୋଚିତ ହେବ ।)

## ଗ) ଅଭିଷେକର କାର୍ଯ୍ୟ

ପବିତ୍ର ଆତ୍ମାଙ୍କର କାର୍ଯ୍ୟ ଓ ଗତି ସମ୍ବନ୍ଧୀୟ ଅଧ୍ୟୟନ ସମୟରେ, ଆମକୁ ଏହା ସ୍ୱୀକାର କରିବାକୁ ହେବ ଯେ କେତେଗୁଡ଼ିଏ ରହସ୍ୟ ଅଛି । ଅଭିଷେକ ସମ୍ବନ୍ଧୀୟ ବିଷୟ ବସ୍ତୁରେ ଈଶ୍ୱରଙ୍କର ସାର୍ବଭୌମତ୍ୱର ଏପରି ଏକ ପଦାର୍ଥ ରହିଛି ଯାହା ଆମ ବୋଧର ଅଗମ୍ୟ ଅଟେ (ଯୋହନ ୩:୮) । ଈଶ୍ୱରଙ୍କର ସାର୍ବଭୌମତ୍ୱ ପ୍ରତି ଆମର ଏକମାତ୍ର ପ୍ରତିକ୍ରିୟା ସର୍ବଦା ତାଙ୍କର ପ୍ରଭୁତ୍ୱ ଓ ଇଚ୍ଛା ପ୍ରତି ସରଳ ଭାବରେ ଓ ସଂପୂର୍ଣ୍ଣ ହୃଦୟର ସହିତ ସମର୍ପଣ ହେବା ଆବଶ୍ୟକ ।

ଈଶ୍ୱର ଆମଠାରୁ ବିଶ୍ୱାସରେ ଜୀବନ କାଟିବା ଆଶା କରି ନିଜ ମାର୍ଗରେ ଏକ ରହସ୍ୟମୟ ପଦାର୍ଥ ଛାଡ଼ିବା ପାଇଁ ନିଜ ଜ୍ଞାନରେ ମନୋନୀତ କରିଛନ୍ତି (୨ କରିନ୍ଥୀ ୫:୭; ଏବ୍ରୀ ୧୧:୬), ଏହି ଜୀବନରେ ଏପରି ଅନେକ ବିଷୟ ରହିଛି ଯାହା ଆମେ କେବଳ ''ଆଂଶିକଭାବରେ'' ଦେଖୁ ଓ ବୁଝୁ (୧ କରିନ୍ଥୀ ୧୩:୧୨) । ପ୍ରଭୁଙ୍କ ଦିଗରେ ଆମର ଅଙ୍ଗଭଙ୍ଗୀ ସର୍ବଦା ତାଙ୍କ ସମଗ୍ର ବାକ୍ୟ ପ୍ରତି ବିଶ୍ୱାସ, ବାଧ୍ୟତା ଓ ସମର୍ପଣର ଭଙ୍ଗୀ ହେବା ଆବଶ୍ୟକ ।

### ଅଭିଷେକ ସମ୍ବନ୍ଧୀୟ ପ୍ରୟୋଗାତ୍ମକ ନିୟମାବଳି

ଏହି ଅଧ୍ୟୟନ ଅବ୍ୟାହତ ରଖିବା ସମୟରେ, ଆସନ୍ତୁ ଆମେ ପୁନର୍ବାର ଅଭିଷେକର ସଂଜ୍ଞାକୁ ପୁନର୍ବିଚାର କରିବା :

''ଅଭିଷେକ ହେଉଛି ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ଓ ଉପସ୍ଥିତି; ଯାହା ତାଙ୍କ ଉପସ୍ଥିତି ସହିତ ସେବାକାର୍ଯ୍ୟର ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ପିତାଙ୍କ ଇଚ୍ଛା ସଫଳ କରିବା ପାଇଁ ଆବଶ୍ୟକ ହେଉଥିବା ଶକ୍ତି, ଦାନ ଓ କର୍ତ୍ତୃତ୍ୱ ଆଣିଥାଏ ।''

ଏହି ଜ୍ଞାନକୁ ସ୍ପଷ୍ଟଭାବରେ ମନ ମଧ୍ୟରେ ରଖିବା ସହିତ ପବିତ୍ର ଆତ୍ମାଙ୍କ ଅଭିଷେକ କିପରି କାର୍ଯ୍ୟକରେ, ଏ ବିଷୟରେ ଆମେ କିଛି ନିୟମାବଳି ପ୍ରତି ଦୃଷ୍ଟିପାତ କରିବା ।

**୧) ଈଶ୍ୱର-ପ୍ରଦତ୍ତ ସେବାକାର୍ଯ୍ୟକୁ ସଫଳ କରିବା ପାଇଁ ଜଣେ ବ୍ୟକ୍ତିର ଆହ୍ୱାନ ସହିତ ଅଭିଷେକ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ଅଟେ ।**



ଅନ୍ୟଭାଷାରେ, ଯେତେବେଳେ ଈଶ୍ୱର କୌଣସି ଜଣେ ବ୍ୟକ୍ତିକୁ ଗୋଟିଏ ସେବାକାର୍ଯ୍ୟ କିମ୍ବା ଆହ୍ୱାନ ପ୍ରଦାନ କରନ୍ତି, ସେତେବେଳେ ସେହି କାର୍ଯ୍ୟ ସଫଳ କରିବା ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଶକ୍ତି, ଅଧିକାର, ଦାନ, ପ୍ରକାଶ, ଦୃଷ୍ଟିକୋଣ ଇତ୍ୟାଦି ମଧ୍ୟ ସେ ଉପଲଭ୍ୟ କରାନ୍ତି ! ହାଲେଲୁୟା !

ଯେତେବେଳେ ଈଶ୍ୱର ତାଙ୍କ ଇଚ୍ଛା ସାଧନ କରିବାକୁ ଆଦେଶ ଦିଅନ୍ତି କିମ୍ବା ଆପଣଙ୍କୁ ନେତୃତ୍ୱ ଦିଅନ୍ତି, ସେତେବେଳେ ତାଙ୍କ ଇଚ୍ଛାକୁ ସଫଳ ଭାବରେ ସଂପୂର୍ଣ୍ଣ କରିବା ପାଇଁ ଆପଣ ଯାହା ସବୁ ଆବଶ୍ୟକ କରନ୍ତି, ସେଗୁଡ଼ିକ ପବିତ୍ର ଆତ୍ମାଙ୍କ ଶକ୍ତି ଓ ଅଭିଷେକ ଦ୍ୱାରା ଆପଣଙ୍କୁ ମିଳିଥାଏ । ଯାହା କରିବା ପାଇଁ ଈଶ୍ୱର ଜଣେ ବ୍ୟକ୍ତିଙ୍କୁ ଆଦେଶ ଦିଅନ୍ତି, ତାହା କରିବା ପାଇଁ ସେ ତାଙ୍କୁ ସ୍ୱର୍ଗୀୟ ସାମର୍ଥ୍ୟ ପ୍ରଦାନ କରନ୍ତି !

ଅବଶ୍ୟ, ଘଟୁଥିବା ଘଟଣା ସଙ୍ଗେ ସଙ୍ଗେ ସର୍ବଦା ଅତ୍ୟଧିକ ଅଧ୍ୟୟନ, ଶିକ୍ଷା ଓ ବ୍ୟକ୍ତିଗତ ପରିବର୍ତ୍ତନ ରହିବା ଉଚିତ୍ । ଆମେ ଆମ ଯୋଗ୍ୟତାରେ, ଦାନରେ ଓ ବାକ୍ୟ ସମ୍ବନ୍ଧୀୟ ଜ୍ଞାନରେ ବୃଦ୍ଧି ପାଇ ସେଗୁଡ଼ିକୁ ନିଜ ନିଜ ପ୍ରତି ପ୍ରୟୋଗ କରୁଥିବା ସମୟରେ ଈଶ୍ୱର ଆହୁରି ଅଧିକ ଉନ୍ମୋଚନ କରିବେ । ଆମର ଯାହା ଅଛି, ସେଥିରେ ବିଶ୍ୱସ୍ତ ରହିବାର ଓ ଈଶ୍ୱର ଆହୁରି ଅଧିକ ଉନ୍ମୋଚନ କରିବାର ଏହି ନିୟମ (ଲୂକ ୧୬:୧୦; ୧୯:୧୭) । ହେଉଛି ଈଶ୍ୱରଙ୍କ ଅଭିଷେକରେ ବୃଦ୍ଧି ପାଇବା ନିମନ୍ତେ ଏକ ଅତ୍ୟାବଶ୍ୟକୀୟ ନିୟମ । (ଏହା ଭାଗ ୨୦, '୩୦' ରେ ଅଧିକ ଆଲୋଚିତ ହୋଇଛି) ।

### ଅଭିଷେକରେ କାର୍ଯ୍ୟ କରିବା

ଈଶ୍ୱର ନିଜର ଇଚ୍ଛା ଓ ଆହ୍ୱାନ ସଫଳ କରିବା ପାଇଁ ଆମକୁ ଅଭିଷିକ୍ତ କରିବାକୁ ଇଚ୍ଛା କରନ୍ତି । ବିଶ୍ୱାସ ସମ୍ବନ୍ଧରେ ପାଉଲଙ୍କ ଉପସ୍ଥାପନାରେ କାର୍ଯ୍ୟରତ ଏକ ସମାନ ପ୍ରକାରର ନିୟମ ସମ୍ବନ୍ଧରେ ଆମେ ପାଠ କରୁ ।

ରୋମୀୟ ୧୨:୩ ''ଈଶ୍ୱର ପ୍ରତ୍ୟେକ ଜଣଙ୍କୁ ଏକ ନିର୍ଦ୍ଦିଷ୍ଟ ପରିମାଣର ବିଶ୍ୱାସ ପ୍ରଦାନ କରିଛନ୍ତି ।'' ଏହି ବିଶ୍ୱାସର ପରିମାଣ (ଅଭିଷେକ ସଦୃଶ) ଆମକୁ ସେ ପ୍ରଦାନ କରିଥିବା ଦାନ ସହିତ ସମାନ ଅନୁପାତରେ ପ୍ରଦତ୍ତ ଏକ ସ୍ୱର୍ଗୀୟ ସାମର୍ଥ୍ୟ ଅଟେ ।

''ଆଉ ଆମ୍ଭମାନଙ୍କୁ ପ୍ରଦତ୍ତ ଅନୁଗ୍ରହ ଅନୁସାରେ ଆମ୍ଭେମାନେ ବିଭିନ୍ନ ଦାନ ପାଇଅଛୁ; ଏଣୁ ସେହି ଦାନ ଯଦି ଭାବବାଣୀ ହୁଏ, ଆସ, ଆମ୍ଭେମାନେ ବିଶ୍ୱାସର ପରିମାଣ ଅନୁସାରେ ଭାବବାଣୀ କହୁ; କିମ୍ବା ତାହା ଯଦି ସେବକ କର୍ମ ହୁଏ,

ତାହାହେଲେ ଆସ, ଆମ୍ଭମାନଙ୍କ ସେବକ କର୍ମରେ ନିବିଷ୍ଟ ରହୁ; ଅବା ଯେ ଶିକ୍ଷା ଦିଏ, ସେ ଶିକ୍ଷା ଦାନରେ'' (ରୋମୀୟ ୧୨:୬,୭,୮) ।

ପାଉଲ ଏଫିସୀୟମାନଙ୍କ ନିକଟକୁ ତାଙ୍କ ପତ୍ରରେ ସେହି ସମାନ ନିୟମକୁ ସାମାନ୍ୟ ଭିନ୍ନ ଭାବରେ ବ୍ୟକ୍ତ କରିଛନ୍ତି : ''କିନ୍ତୁ ଖ୍ରୀଷ୍ଟଙ୍କ ଦାନର ପରିମାଣ ଅନୁସାରେ ଆମ୍ଭମାନଙ୍କ ପ୍ରତ୍ୟେକକୁ ଅନୁଗ୍ରହ ଦତ୍ତ ହୋଇଅଛି'' (ଏଫିସୀ ୪:୭) । ଅନ୍ୟ ଭାଷାରେ, ସ୍ୱର୍ଗୀୟ ସାମର୍ଥ୍ୟର ଏହି ପରିମିତ ଦାନ ସେବାକାର୍ଯ୍ୟର ଉଦ୍ଦେଶ୍ୟ ନିମନ୍ତେ ଜଣେ ବ୍ୟକ୍ତିକୁ ଈଶ୍ୱର ପ୍ରଦାନ କରିଥିବା ଦାନରେ କାର୍ଯ୍ୟ କରିବା ପାଇଁ ରହିଥିବା ସାମର୍ଥ୍ୟ ସହିତ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ଅଟେ ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ–** ଏଫିସୀୟ ୪:୭ର ପରିସର ଏଫିସୀୟ ୪:୧୧ରେ ଉଲ୍ଲିଖିତ ଆତ୍ମିକ ଦାନ ସହିତ ପ୍ରତ୍ୟେକ୍ଷ ଭାବରେ ସଂପୃକ୍ତ ଅଟେ । ଏହି ପଦ (୪:୭)କୁ କେତେକ ଯେପରି ଭୁଲ୍ ଭାବରେ ଶିକ୍ଷା ଦିଅନ୍ତି, ସେହିପରି ଏହା ପରିତ୍ରାଣ ସମ୍ବନ୍ଧୀୟ ଅନୁଗ୍ରହର ଏକ ପରିମାଣକୁ ବୁଝାଏ ନାହିଁ । ବିଶ୍ୱାସ ଦ୍ୱାରା ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଅନୁଗ୍ରହ ସମସ୍ତ ଲୋକଙ୍କୁ ସମାନ ଭାବରେ ପ୍ରଦାନ କରାଯାଇଛି କାରଣ କେହି ଯେପରି ବିନଷ୍ଟ ନ ହୋଇ ସମସ୍ତେ ରକ୍ଷା ପାଆନ୍ତି, ଏହା ସେ ଇଚ୍ଛା କରନ୍ତି (ପ୍ରେରିତ ୨:୨୧; ୧୭:୩୦,୩୧; ରୋମୀ ୩:୨୨,୨୩; ୧୧:୩୨; ୧ ତିମଥି ୨:୪; ୪:୧୦; ତିତସ ୨:୧୧; ୨ ପିତର ୩:୯), ଯେପରି ସମସ୍ତେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ପରିତ୍ରାଣର ମୁକ୍ତ ଦାନ ପାଇବେ, ଏହା ଈଶ୍ୱର ଇଚ୍ଛା କରନ୍ତି (ଏଫିସୀ ୨:୮) । କିନ୍ତୁ, ଦୁଃଖର ବିଷୟ ହେଉଛି ଯେ ଅନେକେ ଏହି ଦାନକୁ ଅଗ୍ରାହ୍ୟ କରିଛନ୍ତି ଓ ଅଗ୍ରାହ୍ୟ କରି ଚାଲିବେ– ଏହାଠାରୁ ଆହୁରି ମନ୍ଦ ବିଷୟ ହେଉଛି, ଆଜି କୋଟି କୋଟି ଲୋକ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ଦତ୍ତ ପରିତ୍ରାଣର ସୁସମାଚାର ବାର୍ତ୍ତା ଆଦୌ ଶୁଣି ନାହାନ୍ତି ।

**ପାଷ୍ଟରଙ୍କଠାରୁ ପାଷ୍ଟରଙ୍କ ନିକଟକୁ–** ଯଦିଓ ଏହା ଆତ୍ମିକ ଦାନ ସମ୍ବନ୍ଧରେ ଏକ ସଂପୂର୍ଣ୍ଣ ଅଧ୍ୟୟନର ସମୟ ନୁହେଁ, ତଥାପି ଆତ୍ମିକ ଦାନ ସମ୍ବନ୍ଧରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ନିୟମ ମୁଁ ଆପଣମାନଙ୍କୁ ପ୍ରଦାନ କରୁଛି ।

ସମସ୍ତ ଆତ୍ମିକ ଦାନ– ସେଗୁଡ଼ିକ ପ୍ରକାଶିତ ଦାନ ହେଉ (୧ କରିନ୍ଥୀ ୧୨:୧–୧୧); ପ୍ରରୋଚନାମୂଳକ ଦାନ ହେଉ (ରୋମୀୟ ୧୨:୩–୮) କିମ୍ବା ସେବା ସମ୍ବନ୍ଧୀୟ ଦାନ ହେଉ (ଏଫିସୀ ୪:୧୧) ସବୁଗୁଡ଼ିକ ଈଶ୍ୱରଙ୍କ



ସାର୍ବଭୌମ କ୍ଷମତା ଦ୍ୱାରା ପ୍ରଦତ୍ତ ହୋଇଥାଏ । କେଉଁ ଦାନ ଆମେ ଚାହୁଁ କିମ୍ବା କେଉଁ ଦାନ ସର୍ବାଧିକ ଆବଶ୍ୟକ ବୋଲି ଆମେ ଭାବୁ, ତାହା ମନୋନୀତ କରିବା ଆମ ପକ୍ଷେ ଅନୁଚିତ । ଈଶ୍ୱର ନିଜର ଅସୀମ ଜ୍ଞାନ ଓ ସିଦ୍ଧ ପବିତ୍ରତା ଅନୁସାରେ ନିଜର ଦାନ ପ୍ରଦାନ କରନ୍ତି (୧ କରିନ୍ଥୀ ୧୨:୧୧ ଦେଖନ୍ତୁ) ।

ଯଦିଓ ପ୍ରତ୍ୟେକ ବିଶ୍ୱାସୀର ଖ୍ରୀଷ୍ଟଙ୍କ ଶରୀରରେ ଆମେ ବାସ କରୁଥିବା ଜଗତରେ ସେବା ଉଦ୍ଦେଶ୍ୟ ରହିଛି, ତଥାପି ଅନେକ ପ୍ରକାରର ଦାନ ଓ ଆହ୍ୱାନ ରହିଅଛି । ତାଙ୍କର ଇଚ୍ଛା ଓ ଉଦ୍ଦେଶ୍ୟ ସଫଳ କରିବା ପାଇଁ ଈଶ୍ୱର ପ୍ରତ୍ୟେକଙ୍କୁ ଆବଶ୍ୟକୀୟ ସ୍ୱର୍ଗୀୟ ଶକ୍ତି, ବିଶ୍ୱାସ, ଅନୁଗ୍ରହ ଓ ଅଭିଷେକ ପ୍ରଦାନ କରିଛନ୍ତି ।

ଯଦିଓ ଆମେ ଅଭିଷେକ (ପବିତ୍ର ଆତ୍ମାଙ୍କର) ନିୟନ୍ତ୍ରଣ କରିବାକୁ କିମ୍ବା କୌଶଳରେ ପରିଚାଳନା କରିବାକୁ ଚେଷ୍ଟା କରିବା ଆଦୌ ଉଚିତ ନୁହେଁ, ତଥାପି ଆମେ ଅଭିଷେକରେ ବୃଦ୍ଧି ପାଇପାରିବା । ଈଶ୍ୱର ଆମକୁ ଯାହା ଦିଅନ୍ତି, ସେଥିରେ ବିଶ୍ୱସ୍ତ ରିହିବା ସମୟରେ ସେ ଆହୁରି ଅଧିକ ଉନ୍ନୋଚିତ କରନ୍ତି (ମାଥିଉ ୨୫:୨୧) । ଆମେ ପବିତ୍ର ଆତ୍ମାଙ୍କର ଅଭିଷେକରେ ଅଧିକ ଉତ୍ତମ ଭାବରେ କାର୍ଯ୍ୟ କରିବା ମଧ୍ୟ ଶିକ୍ଷା କରି ସେବାକାର୍ଯ୍ୟରେ ଅଧିକ ଫଳପ୍ରଦ ହୋଇପାରିବା ଓ ଈଶ୍ୱରଙ୍କ ସହିତ ମିଳିତ ହୋଇ ପାରିବା । (ଏହା ଭାଗ–୩ (ଖ)ରେ ''ଅଭିଷେକରେ ବୃଦ୍ଧି ପାଇବା''ରେ ଅଧିକ ଆଲୋଚିତ ହୋଇଛି ।)

## ଅଭିଷେକର ''ସ୍ଥାନାନ୍ତର''

କୌଣସି ଗୋଟିଏ ଶିକ୍ଷା ଏହି ଯୁକ୍ତି ଦର୍ଶାଏ ଯେ ଯେଉଁ ବ୍ୟକ୍ତି ଅଭିଷିକ୍ତ ହୋଇଛି ଓ ସେବାକାର୍ଯ୍ୟରେ ଶକ୍ତି ପୂର୍ଣ୍ଣ ଅଟନ୍ତି, ସେ ଅନ୍ୟ ଜଣେ ବ୍ୟକ୍ତି ଉପରେ ହସ୍ତାର୍ପଣ କରି ''ନିଜ ଅଭିଷେକର ଏକ ଅଂଶ''– ଏପରିକି ଦ୍ୱିଗୁଣ ଅଂଶ ତାଙ୍କୁ ପ୍ରଦାନ କରିପାରିବେ । ଏହାକୁ ''ଅଭିଷେକର ସ୍ଥାନାନ୍ତର'' କୁହାଯାଇଛି ଓ ଏହା ଧର୍ମଶାସ୍ତ୍ରରେ ଉଲ୍ଲିଖିତ ଏଲିୟ ଓ ତାଙ୍କର ଉତ୍ତରାଧିକାରୀ ଇଲୀଶାୟଙ୍କୁ ନେଇ ଘଟିଥିବା ଘଟଣାଗୁଡ଼ିକ ଉପରେ ଆଧାରିତ ଅଟେ (୧ ରାଜା ୧୯:୧୬,୧୯; ୨ ରାଜା ୨:୧–୧୩ ଦେଖନ୍ତୁ) ।

କିନ୍ତୁ, ଶାସ୍ତ୍ରାଂଶ ଏହି ଶିକ୍ଷାକୁ ସମର୍ଥନ କରେ ନାହିଁ । ଏଲିୟ ଇଲୀଶାୟଙ୍କ ଉପରକୁ ନିଜର ଚାଦର ଫିଙ୍ଗି ଦେଇଥିଲେ (୧ ରାଜା ୧୯:୧୯) । ମାତ୍ର ଏଲୀୟଙ୍କର

ଉତ୍ତରାଧିକାରୀ ହେବା ପାଇଁ ଇଲୀଶାୟଙ୍କ ସ୍ୱର୍ଗୀୟ ଆହ୍ୱାନ ସମ୍ବନ୍ଧରେ ପ୍ରଭୁ ଯାହା କହିସାରିଥିଲେ, ତାହାର ଏହା ଥିଲା ଏକ ''ପ୍ରତୀକାତ୍ମକ ସ୍ଥିରୀକରଣ'' (୧ ରାଜା ୧୯:୧୬) । ଏହି ଘଟଣାରେ, ଏଲିୟ ଇଲୀଶାୟଙ୍କୁ ଆହ୍ୱାନ ଜଣାଇ ନ ଥିଲେ କିମ୍ବା ଏହାକୁ ସଫଳ କରିବା ପାଇଁ ସେ ତାଙ୍କୁ ଅଭିଷିକ୍ତ କରି ନ ଥିଲେ । ଏହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ଏଲିୟ କେବଳ ଈଶ୍ୱରଙ୍କ ବାକ୍ୟର ବାଧ୍ୟ ଥିଲେ, ଓ ଇଲୀଶାୟଙ୍କୁ ଯାହା କହିବା ପାଇଁ ଈଶ୍ୱର ତାଙ୍କୁ କହିଥିଲେ, କେବଳ ତାହା ହିଁ ସେ କହିଥିଲେ (୧ ରାଜା. ୧୯:୧୯) ।

ଇଲୀଶାୟ ସ୍ପଷ୍ଟ ଭାବରେ ଏହା ଚିହ୍ନିଥିଲେ ଯେ ଈଶ୍ୱର ଯେପରି ତାଙ୍କୁ ଆହ୍ୱାନ କରିଥିଲେ, ସେହିପରି ଏଲୀୟଙ୍କର ଭାବବାଦୀ–ସେବାକାର୍ଯ୍ୟ ଚଳାଇବା ପାଇଁ ତାଙ୍କର ସାମର୍ଥ୍ୟ ନ ଥିଲା । ଧର୍ମଶାସ୍ତ୍ରରେ ପରୋକ୍ଷଭାବରେ ଉଲ୍ଲିଖିତ 'ଏଲିୟଙ୍କର ଆତ୍ମା' ପ୍ରକୃତରେ ଥିଲା ଈଶ୍ୱରଙ୍କ ଶକ୍ତି (ଅଭିଷେକ), ଯାହା ତାଙ୍କର ଆବଶ୍ୟକ ବୋଲି ସେ ଜାଣିଥିଲେ (୨ ରାଜା ୨:୯, ୧୫) । ସେଥିପାଇଁ ତାଙ୍କ ଆତ୍ମାର 'ଦୁଇଗୁଣ' ଦେବାକୁ ଇଲୀଶାୟ ଏଲିୟଙ୍କୁ କହିଥିଲେ (୨ ରାଜା. ୨:୧୦) ।

କିନ୍ତୁ ଏଲିୟ ଈଶ୍ୱରଙ୍କର ଅଭିଷିକ୍ତ ଭାବବାଦୀ ହୋଇଥିବାରୁ, ଦ୍ୱିଗୁଣ ଅଂଶ ନିମନ୍ତେ ଇଲୀଶାୟଙ୍କ ଅନୁରୋଧ ପ୍ରତି ଏଲୀୟ ଏକ ଭାବବାଣୀ କହିଥିଲେ, ''ତୁମ୍ଭେ ଦୁଃସାଧ୍ୟ ବିଷୟ ମାଗିଲ, ତଥାପି ମୁଁ ତୁମ୍ଭ ନିକଟରୁ ଅନ୍ତରିତ ହେବାବେଳେ ଯେବେ ତୁମ୍ଭେ ମୋତେ ଦେଖିବ, ତେବେ ତୁମ୍ଭ ପ୍ରତି ତଦ୍ରୂପ ବର୍ତ୍ତିବ; ମାତ୍ର ତାହା ନ ହେଲେ, ବର୍ତ୍ତିବ ନାହିଁ (୨ ରାଜା. ୨:୧୦) ।

ଧର୍ମଶାସ୍ତ୍ରର ଏହି ଅଂଶ ପାଠ କରିବା ସମୟରେ ଏହା ସ୍ପଷ୍ଟ ଜଣାଯାଏ ଯେ ଇଲୀଶାୟଙ୍କୁ କୌଣସି ଆତ୍ମିକ ବିଷୟ ସେ ଦେଇ ପାରିବେ ନାହିଁ ବୋଲି ଏଲୀୟ ଜାଣିଥିଲେ । ସେ ଇଲୀଶାୟଙ୍କ ପ୍ରତି ଥିବା ଈଶ୍ୱରଙ୍କ ଆହ୍ୱାନକୁ ଦୃଢ଼ କରିପାରିଥିଲେ, ମାତ୍ର ସେ ଏହା ସଫଳ କରିବା ପାଇଁ ତାଙ୍କୁ ଅଭିଷିକ୍ତ କରିପାରି ନ ଥିଲେ ।

ସ୍ପଷ୍ଟତଃ, ଈଶ୍ୱର (ନିଜ ସାର୍ବଭୌମତ୍ୱରେ) ଏଲୀୟଙ୍କୁ ସ୍ୱର୍ଗକୁ ନୀତ ହେବାର ଦେଖିବା ପାଇଁ ଇଲୀଶାୟଙ୍କୁ ଅନୁମତି ଦେଇଥିଲେ । ଏହିପରି ଭାବରେ ଯେପରି ଭାବବାଣୀ କୁହାଯାଇଥିଲା, ସେହିପରି ''ଈଶ୍ୱରଙ୍କ ଇଚ୍ଛାନୁସାରେ'' ଇଲୀଶାୟ ଏଲିୟଙ୍କ ଚାଦର ଉଠାଇ ନେଇଥିଲେ । ସେହି ସମୟଠାରୁ ଈଶ୍ୱରଙ୍କର ଅଭିଷେକ ଇଲୀଶାୟଙ୍କ ସେବାକାର୍ଯ୍ୟରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇଥିଲା (୨ ରାଜା ୨:୧୫) ।

ଆହ୍ୱାନ, ଦାନ ଓ ଅଭିଷେକର ଦାତା ହେଉଛନ୍ତି ଈଶ୍ୱର ନିଜେ, କାରଣ କେବଳ ଈଶ୍ୱର ପବିତ୍ର ଆତ୍ମା ପ୍ରଦାନ କରିପାରନ୍ତି ! ଆମେ ଈଶ୍ୱରଙ୍କୁ କିମ୍ବା ତାଙ୍କ ଆତ୍ମାଙ୍କୁ



ନିୟନ୍ତ୍ରଣ କରିପାରିବା ନାହିଁ; କିଏ ଅଭିଷିକ୍ତ ହେବ କିମ୍ବା ସେମାନେ କେତେ ପରିମାଣର ଅଭିଷେକ ପ୍ରାପ୍ତ ହେବେ, ଆମେ ତାହା ନିର୍ଣ୍ଣୟ କରି ପାରିବା ନାହିଁ, କିମ୍ବା ଈଶ୍ୱରଙ୍କ ଦାନ କିମ୍ବା ଆହ୍ୱାନର ଦାୟିତ୍ୱରେ ଆମେ ନ ଥାଉ । ଯଦି ଈଶ୍ୱର ସେବାକାର୍ଯ୍ୟ ପାଇଁ ଆମକୁ ଅଭିଷିକ୍ତ କରିଛନ୍ତି, ତେବେ ଆମେ ଅନ୍ୟ କାହାରିକୁ ସେହି ସମାନ ଅଭିଷେକ ଦେବାକୁ ମନୋନୀତ କରି ପାରିବା ନାହିଁ ।

## ଈଶ୍ୱର ଆହ୍ୱାନ କରନ୍ତି – ଆମେ ସମର୍ଥନ କରୁ

ଏପରିକି ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ଦାସମାନଙ୍କ ମଧ୍ୟରୁ ଅନ୍ୟତମ, ମୋଶା ସେହି ଅଭିଷେକ ଅନ୍ୟମାନଙ୍କୁ ପ୍ରଦାନ କରି ପାରି ନ ଥିଲେ, ଯାହା ଈଶ୍ୱର ତାଙ୍କୁ ପ୍ରଦାନ କରିଥିଲେ । କିନ୍ତୁ, ପ୍ରଭୁ ନିଜେ ମୋଶାଙ୍କ ଉପରେ ନ୍ୟସ୍ତ କରିଥିବା ଅଭିଷେକକୁ ନେଇଥିଲେ ଓ ଏହାକୁ 'ପ୍ରଭୁ' ନିଜେ ଅନ୍ୟମାନଙ୍କୁ ପ୍ରଦାନ କରିଥିଲେ (ଗଣନା ୧୧:୧୬–୧୭) ।

ଯିହୋଶୂୟଙ୍କୁ ନିଜର କିଛି ଅଧିକାର ଦେଇ (ଗଣନା ୨୭:୨୦) ତାଙ୍କୁ ନିଯୁକ୍ତ କରିବାକୁ (୨୭:୨୩) ଈଶ୍ୱରଙ୍କ ଦ୍ୱାରା ମୋଶା ଆଦେଶପ୍ରାପ୍ତ ହୋଇଥିଲେ । କିନ୍ତୁ ମୋଶାଙ୍କ ଉତ୍ତରାଧିକାରୀ ଭାବରେ ଯିହୋଶୂୟଙ୍କୁ ଈଶ୍ୱର ନିଯୁକ୍ତି ଦେବା ପରେ ତାହା ହୋଇଥିଲା (୨୭:୧୮) । ଆହୁରି ମଧ୍ୟ, ପ୍ରଭୁ ପ୍ରାଚୀନମାନଙ୍କୁ ଅଭିଷିକ୍ତ କରିବା ସମୟରେ ଯିହୋଶୂୟ ଉପସ୍ଥିତ ଥିଲେ (୧୧:୧୬,୧୭,୨୮); ଆଉ ସେଥିପାଇଁ, ଇସ୍ରାଏଲୀୟମାନଙ୍କର ଜଣେ ନେତା ଭାବରେ ''ତାଙ୍କଠାରେ ଆତ୍ମା ଅଛନ୍ତି'' ବୋଲି ଯିହୋଶୂୟଙ୍କୁ ବର୍ଣ୍ଣନା କରାଯାଇଥିଲା (୨୭:୧୮) ।

ପ୍ରଭୁ ନିଜେ ଯିହୋଶୂୟଙ୍କୁ ଆହ୍ୱାନ କରିଥିଲେ ଓ ଅଭିଷିକ୍ତ କରିଥିଲେ । ମୋଶା ଯିହୋଶୂୟଙ୍କ ଆହ୍ୱାନକୁ ସ୍ଥିରୀକୃତ କରି ସେ ବିଦାୟ ନେବାପରେ ତାଙ୍କ କାର୍ଯ୍ୟ ଅବ୍ୟାହତ ରଖିବା ପାଇଁ ତାଙ୍କୁ ନିଯୁକ୍ତି ଦେଇଥିଲେ ।

ପବିତ୍ର ଆତ୍ମା ହିଁ ଏଲୀୟଙ୍କୁ ଓ ଏହାପରେ ଇଲୀଶାୟଙ୍କୁ ଭାବବାଣୀ କହିବାର ଦାନ ଓ ଅଭିଷେକ ଓ ତତ୍ ସଙ୍ଗେ ସଙ୍ଗେ ଚିହ୍ନ ଓ ଅଦ୍ଭୁତକର୍ମ ପ୍ରଦାନ କରିଥିଲେ (ଗଣନା ୧୧:୨୫–୨୯; ୧ ଶାମୁୟେଲ ୧୦:୬,୧୦;୧ ରାଜା ୧୮:୪୬) ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ –** ଈଶ୍ୱରଙ୍କଠାରୁ ''ତାଙ୍କ ଆତ୍ମାର ଦ୍ୱିଗୁଣ'' ପାଇବାକୁ ଇଚ୍ଛା କରିବା ଭୁଲ୍ ନୁହେଁ । କିମ୍ବା ସେବାକାର୍ଯ୍ୟ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଦାନ ମାଗିବା ମଧ୍ୟ ଭୁଲ୍ ନୁହେଁ । ଆମେ ମାଗିବା ଉଚିତ; ଏହା ପରେ ଆମକୁ ସେ ଯାହା ଦେବେ ଓ କେତେବେଳେ ତାହା ହେବେ ଏଥିପାଇଁ ଆମକୁ ଈଶ୍ୱରଙ୍କ ଠାରେ ବିଶ୍ୱାସ କରିବାକୁ ହେବ ।

କିନ୍ତୁ ଏହା ମଧ୍ୟ ଲକ୍ଷ୍ୟ କରନ୍ତୁ ଯେ ଉଭୟ ମୂଳ ଆହ୍ୱାନ ପ୍ରତି ପ୍ରତିକ୍ରିୟାରେ, ଏବଂ ଈଶ୍ୱରଙ୍କ ଅଭିଷେକ ପାଇବାର ପ୍ରସ୍ତୁତିରେ– ଯାହା କରିବାକୁ ଈଶ୍ୱର ତାଙ୍କୁ ଆହ୍ୱାନ କରିଥିଲେ, ସେହି ସମସ୍ତ ସଫଳ କରିବାକୁ ଇଲୀଶାୟ ବାଧ୍ୟ ଥିଲେ । (୧ ରାଜା ୧୯:୨୦,୨୧; ୨ ରାଜା ୨:୧–୧୧) । ଈଶ୍ୱରଙ୍କର ଆହ୍ୱାନ ଓ ଅଭିଷେକ ଆମ ଜୀବନରେ ଆପେ ଆପେ ସଫଳ ହେବ ନାହିଁ । ବରଂ, ଉଭୟ ପ୍ରସ୍ତୁତି ସମୟରେ ଓ ସେବାକାର୍ଯ୍ୟର ସଫଳତା ସମୟରେ ମାର୍ଗର ପ୍ରତ୍ୟେକ ପଦକ୍ଷେପ ପାଇଁ ଆମର ବାଧ୍ୟତା, ଆମର ବଶ୍ୟତା ଓ ଆମର ପୂର୍ଣ୍ଣ ସହଯୋଗ ଆବଶ୍ୟକ ହୋଇଥାଏ ।

## ଗୋଟିଏ ଶିକ୍ଷା

ଗୋଟିଏ ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ନିଜର ଅଭିଷେକ ‘‘ସ୍ଥାନାନ୍ତର’’ କରିବାର ଧାରଣା ଠିକ୍ ନୁହେଁ । କିନ୍ତୁ, ଯାହାକୁ ‘ଗୋଟିଏ ଶିକ୍ଷା’ ବୋଲି କୁହାଯାଏ, ତା’ ସମ୍ବନ୍ଧରେ ଧର୍ମଶାସ୍ତ୍ର ଆମକୁ ଅନେକଗୁଡ଼ିଏ ଦୃଷ୍ଟାନ୍ତ ପ୍ରଦାନ କରିଛି । ଏହା ଅଧିକତଃ, ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ହସ୍ତାର୍ପଣ (ଏବ୍ରୀ ୬:୨) ଓ ପ୍ରାର୍ଥନା ସହିତ ସଂପୃକ୍ତ ଅଟେ (ପ୍ରେରିତ ୧୩:୧–୩; ୧ ତିମଥି ୪:୧୪; ୨ ତିମଥି ୧:୧୬ ଦେଖନ୍ତୁ) ।



ମୁଁ ଈଶ୍ୱରଙ୍କର ସେହି ଶକ୍ତିଶାଳୀ ଲୋକମାନଙ୍କ ସମ୍ବନ୍ଧରେ ସଚେତନ ଅଟେ ଯେଉଁମାନେ ପବିତ୍ର ଆତ୍ମାଙ୍କଠାରୁ ଏକ ‘‘ଶିକ୍ଷା’’ ପାଇବା ପାଇଁ ଅନ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତି । ଆମେ ଏହା ଶିକ୍ଷା କରିସାରିଛୁ ଯେ ସେମାନେ ଅନ୍ୟ କାହାରିକୁ ସେମାନଙ୍କର ଦାନ କିମ୍ବା ଅଭିଷେକ ଦେଇପାରନ୍ତି ନାହିଁ । କିନ୍ତୁ, ଜଣାଯାଏ ଯେପରି ଗୋଟିଏ ସେବାକାର୍ଯ୍ୟ ମାଧ୍ୟମରେ ତାଙ୍କ ଆତ୍ମାଙ୍କ ଦ୍ୱାରା ଈଶ୍ୱର ଯାହା କିଛି କରୁଥାନ୍ତି ତା’ ଦ୍ୱାରା କିମ୍ବା ଗୋଟିଏ ଘୋଷିତ ଓ ସାର୍ବଭୌମ ଉପାୟରେ ଯେଉଁଠାରେ ଈଶ୍ୱର ଗତି କରୁ ଥାନ୍ତି, ସେହି ବିଶେଷ ସମୟ ମଧ୍ୟରେ ଅନ୍ୟମାନଙ୍କୁ ଭିତରୁ ଜାଗ୍ରତ କରାଯାଇପାରିବ କିମ୍ବା ଶିକ୍ଷା ଦିଆଯାଇପାରିବ । ବେଳେବେଳେ,



ଏହି ପ୍ରକାର ସଭାରେ ଯେଉଁମାନଙ୍କ ନିମନ୍ତେ ପ୍ରାର୍ଥନା କରାଯାଇଥାଏ, ସେମାନେ ପ୍ରାର୍ଥନା ପରେ ପରେ ଉଭୟ ଅଧିକାର ଓ ପବିତ୍ର ଆତ୍ମାଙ୍କ ଶକ୍ତିର ଏକ ଶ୍ରେଷ୍ଠତର ସ୍ତରରେ ଅଗ୍ରସର ହେବା ଭଳି ମନେ ହୁଏ ।

ମୁଁ ବ୍ୟକ୍ତିଗତ ଭାବରେ ପବିତ୍ର ଆତ୍ମାଙ୍କର ଶକ୍ତିପୂର୍ଣ୍ଣ ଶିକ୍ଷା ପାଇଅଛି । ମୋ ପାଇଁ ପ୍ରାର୍ଥନା କରାଯିବାପରେ ଏହି ଘଟଣାଗୁଡ଼ିକ ମୋର ବ୍ୟକ୍ତିଗତ ଜୀବନକୁ ତଥା ସେବାକାର୍ଯ୍ୟର ଦିଗକୁ ପରିବର୍ତ୍ତନ କରିଥିଲା । କିନ୍ତୁ, ଏହା ମନୁଷ୍ୟମାନଙ୍କର କାର୍ଯ୍ୟ ନୁହେଁ, ମାତ୍ର ମୋ ଜୀବନରେ ଅଭିଷେକର ଏକ ନୂତନ ଶିକ୍ଷା ଆଣିଥିବା ପବିତ୍ର ଆତ୍ମାଙ୍କର ସାର୍ବଭୌମ କାର୍ଯ୍ୟ ଅଟେ ।

## ସ୍ଥିରୀକୃତ ହେଉଥିବା ଶିକ୍ଷା

ଏହି ପ୍ରକାର ଶିକ୍ଷା ସମ୍ବନ୍ଧରେ ସ୍ପଷ୍ଟତମ ବାଇବଲ ଉଲ୍ଲିଖିତ ଦୃଷ୍ଟାନ୍ତ ତିମଥିଙ୍କର ବିକାଶଶୀଳ ସେବାକାର୍ଯ୍ୟରେ ମିଳିଥାଏ ।

ପାଉଲ ତିମଥିଙ୍କୁ ତାଙ୍କ ସେବାକାର୍ଯ୍ୟର ଗୋଟିଏ ପ୍ରାରମ୍ଭିକ ସମୟ ସମ୍ବନ୍ଧରେ ସ୍ମରଣ କରାଇ ଦେଇଛନ୍ତି ଯେତେବେଳେ ପାଉଲ ଓ ଇକନୀଆ ଓ ଲୁସ୍ତ୍ରାରେ ଥିବା ମଣ୍ଡଳୀଗୁଡ଼ିକର ପ୍ରାଚୀନମାନେ ତୀମଥିଙ୍କ ଉପରେ ହସ୍ତାର୍ପଣ କରି ତାଙ୍କ ନିମନ୍ତେ ପ୍ରାର୍ଥନା କରିଥିଲେ– ‘‘ଭାବବାଣୀ ଓ ପ୍ରାଚୀନମାନଙ୍କର ହସ୍ତାର୍ପଣ ଦ୍ୱାରା ତୁମ୍ଭକୁ ଯେଉଁ ଅନୁଗ୍ରହ ଦାନ ଦତ୍ତ ହୋଇଅଛି, ତାହାକୁ ଅବହେଳା ନ କର’’ (୧ ତୀମଥି ୪:୧୪) ।

ଏହି ସମାନ ଘଟଣା ତୀମଥିଙ୍କ ନିକଟକୁ ପାଉଲଙ୍କ ଦ୍ୱିତୀୟ ପତ୍ରରେ ପୁନର୍ବାର ଉଲ୍ଲେଖ କରାଯାଇଛି : ‘‘ଏହି କାରଣରୁ ମୁଁ ତୁମ୍ଭକୁ ସ୍ମରଣ କରାଉଅଛି ଯେ ତୁମ୍ଭଠାରେ ଈଶ୍ୱରଙ୍କର ଯେଉଁ ଅନୁଗ୍ରହ ଦାନ ଅଛି, ତାହା ପୁନଃ ପ୍ରଜ୍ୱଳିତ କର । କାରଣ ଈଶ୍ୱର ଆମ୍ଭମାନଙ୍କୁ ଭୀରୁତାର ଆତ୍ମା ଦେଇ ନାହାନ୍ତି, ମାତ୍ର ଶକ୍ତି, ପ୍ରେମ, ଓ ସୁବୁଦ୍ଧିର ଆତ୍ମା ଦେଇ ଅଛନ୍ତି’’ (୨ ତିମଥି ୧:୬,୭; ୧ମ ତିମଥି ୧:୧୮ମଧ୍ୟ ଦେଖନ୍ତୁ) ।

ଏହି ଅଧ୍ୟାୟରେ ଉଲ୍ଲିଖିତ ‘‘ଅନୁଗ୍ରହ ଦାନ’’ର ମୂଳ ଶବ୍ଦ ହେଉଛି ‘ଚାରିସ୍ମା’ ଏହା ଏହି ବିଷୟ ସୂଚାଉ ଅଛି ଯେ ଯେତେବେଳେ ପାଉଲ ଓ ପ୍ରାଚୀନମାନେ ତୀମଥିଙ୍କ ନିମନ୍ତେ ପ୍ରାର୍ଥନା କଲେ, ସେତେବେଳେ ତୀମଥିଙ୍କୁ ପବିତ୍ର ଆତ୍ମାଙ୍କର ଏକ ପରିପ୍ରକାଶ ପ୍ରାପ୍ତ ହୋଇଥିଲା ।

ପାଉଲ ତୀମଥିଙ୍କର ଦାନ କିମ୍ବା ଆହ୍ୱାନର କର୍ତ୍ତା ନ ଥିଲେ । ବରଂ, ପାଉଲ ଓ ଅନ୍ୟ ପ୍ରାଚୀନମାନେ ତୀମଥିଙ୍କ ଉପରେ ହସ୍ତାର୍ପଣ କରି ପ୍ରାର୍ଥନା କରିବା ସମୟରେ

ପବିତ୍ର ଆତ୍ମା ତୀମଥିଙ୍କ ନିମନ୍ତେ ଥିବା ଈଶ୍ୱରଙ୍କ ଇଚ୍ଛା ପ୍ରକାଶ କରିଥିଲେ ଓ ତୀମଥିଙ୍କ ଜୀବନ ନିମନ୍ତେ ଥିବା ଈଶ୍ୱରଙ୍କ ଇଚ୍ଛା ପ୍ରକାଶ କରିଥିଲେ ଓ ତୀମଥିଙ୍କ ଜୀବନ ନିମନ୍ତେ ଥିବା ଈଶ୍ୱରଙ୍କ ଆହ୍ୱାନ ଓ ଇଚ୍ଛାକୁ ସ୍ଥିରୀକୃତ କିରବା ପାଇଁ ସେମାନଙ୍କ ମାଧ୍ୟମରେ ଭାବବାଣୀ ପ୍ରକାଶ କରିଥିଲେ । ସେମାନେ ପ୍ରଭୁଙ୍କ ସେବା ପାଇଁ ତୀମଥିଙ୍କୁ ନିଯୁକ୍ତ କରିବା ସମୟରେ, ଈଶ୍ୱରଙ୍କଠାରୁ ଆସିଥିବା ଆହ୍ୱାନକୁ ସଫଳ କରିବାକୁ ପବିତ୍ର ଆତ୍ମା ତାଙ୍କୁ ଅଭିଷିକ୍ତ କରିଥିଲେ ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ–** ପ୍ରାର୍ଥନା ଓ ହସ୍ତାର୍ପଣର ଏହି ସମୟଗୁଡ଼ିକ ମଧ୍ୟରେ ପବିତ୍ର ଆତ୍ମା ପ୍ରାୟ, ଈଶ୍ୱରଙ୍କ ଇଚ୍ଛା ଓ ଉଦ୍ଦେଶ୍ୟର କିଛି ଅଂଶ ପ୍ରକାଶ କରିବେ । ତାଙ୍କର ଇଚ୍ଛା ମନ ମଧ୍ୟରେ ଏକ ଚିତ୍ର ଭାବରେ କିମ୍ବା ଏକ ଭାବବାଣୀ ଭାବରେ, ଏକ ସମର୍ଥନକାରି ଶାସ୍ତ୍ରାଂଶ ଭାବରେ କିମ୍ବା ଜଣେ ବ୍ୟକ୍ତି କିମ୍ବା ତା'ର ପରିସ୍ଥିତି ସମ୍ବନ୍ଧରେ ପବିତ୍ର ଆତ୍ମା ଯାହା ଇଚ୍ଛା କରନ୍ତି, ତା'ର ଏକ ଧାରଣା ଭାବରେ ପ୍ରକାଶିତ ହୋଇପାରିବ ।

ଏହି ସମୟରେ, ଆମକୁ ଧୈର୍ଯ୍ୟର ସହିତ ପ୍ରଭୁଙ୍କର ଅପେକ୍ଷା କରିବାକୁ ଓ ତାଙ୍କ କଥା ଶୁଣିବାକୁ ହେବ । କିନ୍ତୁ, ଯଦି ଆମେ ପ୍ରଭୁଙ୍କଠାରୁ କିଛି ନିର୍ଦ୍ଦିଷ୍ଟ ବିଷୟ ଶୁଣୁ ନାହୁଁ, ତେବେ ଆମେ ବକ୍ତୃତା ଦେବା ଅନୁଚିତ୍ ।

ପାଳକ ଭାବରେ ଆମ କାର୍ଯ୍ୟର ମୂଲ୍ୟ ଈଶ୍ୱର ଓ ତାଙ୍କ ବାକ୍ୟ ନିକଟରେ ବିଶ୍ୱସ୍ତ ଓ ବାଧ୍ୟ ହେବା ଯୋଗୁ ଆସିଥାଏ । ଆମେ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବାକୁ ଇଚ୍ଛା କରିପାରୁ କିମ୍ବା ଏପରି ଏକ ''ଆତ୍ମିକ ନେତା'' ହେବା ପାଇଁ ଚାପଗ୍ରସ୍ତ ଅନୁଭବ କରିପାରୁ ଯାହାଠାରୁ ଲୋକମାନେ କିଛି ବାକ୍ୟ ଆଶା କରନ୍ତି ଏହାକୁ ହିଁ ବାଇବଲ ''ମନୁଷ୍ୟମାନଙ୍କ ପ୍ରତି ଭୟ'' ବୋଲି କହେ । ଏହା ଏପରି ଏକ ଫାନ୍ଦ ଯାହା ଅତ୍ୟଧିକ ମନ୍ଦ ବୁଝାମଣା ଓ ମାଂସିକ ପ୍ରତିକ୍ରିୟା ଦିଗକୁ କଢ଼ାଇ ନେଇପାରେ (ହିତୋ. ୨୯:୨୫) ।

ଈଶ୍ୱରଙ୍କ ନିକଟରେ, ତାଙ୍କ ବାକ୍ୟ ନିକଟରେ ଓ ପବିତ୍ର ଆତ୍ମାଙ୍କ ଚାଳନା ନିକଟରେ ବଶୀଭୂତ ହେବା ପାଇଁ ଆମକୁ ଆହ୍ୱାନ କରାଯାଇଛି । ଯଦି ଆପଣ କୌଣସି ବ୍ୟକ୍ତି ନିମନ୍ତେ ପ୍ରାର୍ଥନା କରୁଥାନ୍ତି, ଓ ତାଙ୍କ ସମ୍ବନ୍ଧରେ ପ୍ରଭୁ ଆପଣଙ୍କୁ କିଛି କହନ୍ତି ନାହିଁ, ତେବେ ତାହା ସଂପୂର୍ଣ୍ଣ ଭାବରେ ଉତ୍ତମ ଅଟେ । ପ୍ରଭୁ ହୁଏତ ତାଙ୍କ ସହିତ ସିଧାସଳଖ କିମ୍ବା ଅନ୍ୟ ଗୋଟିଏ ସମୟରେ କିମ୍ବା ଅନ୍ୟ ଉପାୟରେ କଥା କହିବାକୁ ଇଚ୍ଛା କରି ପାରନ୍ତି । ଯଦି ଈଶ୍ୱର ନୀରବ



ରହନ୍ତି, ଆମେ ମଧ୍ୟ ନୀରବ ରହିବା ଉଚିତ୍ । ଯଦି ଈଶ୍ୱର କାହା ବିଷୟରେ ଆମ ସହିତ କଥା କହନ୍ତି, ତେବେ ଈଶ୍ୱର ଯେତିକି କହନ୍ତି କିମ୍ବା ପ୍ରକାଶ କରନ୍ତି, କେବଳ ସେତିକି– ତା'ଠାରୁ ଅଧିକ କିମ୍ବା କମ୍ ନୁହେଁ ତାହା କହିବା ପାଇଁ ବିଶ୍ୱସ୍ତ ଓ ସତର୍କ ରହିବାକୁ ହେବ ।

କ'ଣ କରିବାକୁ ହେବ; କେଉଁଠାକୁ ଯିବାକୁ ହେବ, ଏହା କାହାରିକୁ କହିବା ଆମର କାର୍ଯ୍ୟ ନୁହେଁ । ଆମେ ପବିତ୍ର ଆତ୍ମାଙ୍କଠାରୁ ଯାହା ଅନୁଭବ କରିଛୁ, ତାହାହିଁ କେବଳ ସେହି ବ୍ୟକ୍ତିଙ୍କୁ ଜଣାଉ । ପ୍ରାୟତଃ, ସେମାନଙ୍କୁ ଦୃଢ଼ ଭାବରେ ତାହା ଜଣାଇବା ଉଚିତ ଯାହା ପ୍ରଭୁ ସେମାନଙ୍କ ହୃଦୟରେ ସ୍ଥାପନ କରିସାରିଛନ୍ତି । ତେବେ କାର୍ଯ୍ୟ ସାଧନ କରିବା କେବଳ ସେମାନଙ୍କ ଓ ଈଶ୍ୱରଙ୍କ ମଧ୍ୟରେ ରହିଥାଏ ।

ଶେଷରେ, ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ : ପ୍ରଭୁଙ୍କଠାରୁ ଆଗତ ଗୋଟିଏ ଭାବବାଣୀ ସର୍ବଦା ବାଇବଲ ମାଧ୍ୟମରେ ଈଶ୍ୱର ଆମ ନିକଟରେ ଯାହା ବାଇବଲ, ଅର୍ଥାତ୍ ତାଙ୍କ ଲିଖିତ ବାକ୍ୟରେ ପ୍ରକାଶ କରିସାରିଛନ୍ତି, ତାହା ସହିତ ସମ୍ମତ ହେବା ଆମେ ଜୀବନରେ ଯାହା କରୁ, ତାହା ଈଶ୍ୱରଙ୍କ ବାକ୍ୟର ଓ ସେଥିରେ ପ୍ରକାଶିତ ନିୟମର ଅନୁରୂପୀ ହେବା ଓ ତା' ସହିତ ଏକମତ ହେବା ଉଚିତ୍ ।

## ପବିତ୍ର ଆତ୍ମାଙ୍କର ଚାଳନା ଅନୁସରଣ କରିବା

'ଶିକ୍ଷା' ସମ୍ବନ୍ଧୀୟ ଅନ୍ୟ ଦୃଷ୍ଟାନ୍ତଗୁଡ଼ିକ ପ୍ରେରିତ ୬:୧–୭ ଓ ୧୩:୧–୩ ରେ ଦେଖାଯାଇପାରେ । ଆଦ୍ୟ ମଣ୍ଡଳୀରେ ଏହି ଘଟଣାଗୁଡ଼ିକ କେବଳ ପ୍ରତୀକାତ୍ମକ ଉତ୍ସବ ନ ଥିଲା । ଏହି ବିବରଣୀଗୁଡ଼ିକରେ ଖ୍ରୀଷ୍ଟଙ୍କ ଶରୀରର ନେତାମାନେ ପବିତ୍ର ଆତ୍ମାଙ୍କର ଚାଳନା ଅନ୍ୱେଷଣ କରୁଥିଲେ ଓ ଏହାକୁ ନିର୍ଦ୍ଦିଷ୍ଟ ଭାବରେ ପାଳନ କରୁଥିଲେ । ଏହାପରେ ନିଶ୍ଚିତ ବିଶ୍ୱାସ ସହିତ, ସେମାନେ ସେହି ଚାଳନା ପ୍ରତି ବାଧ୍ୟ ହୋଇ ପ୍ରାର୍ଥନା କରୁଥିଲେ । ଏହାର ପ୍ରତିକ୍ରିୟାରେ ଈଶ୍ୱର ସେହିମାନଙ୍କୁ ପ୍ରସ୍ତୁତ କରୁଥିଲେ, ଆଶୀର୍ବାଦ କରୁଥିଲେ ଓ ଅଭିଷେକ କରୁଥିଲେ, ଯେଉଁମାନଙ୍କ ନିମନ୍ତେ ଥିବା ତାଙ୍କର ନିରୂପିତ କାର୍ଯ୍ୟ ସଫଳ କରିବାକୁ ପ୍ରାର୍ଥନା କରାଯାଇଥିଲା ।

ମୁଖ୍ୟ ବିଷୟ ଏହା ଅଟେ : ପବିତ୍ର ଆତ୍ମାଙ୍କ ଚାଳନା ଈଶ୍ୱରଙ୍କର ଜରୁରୀ ଉଦ୍ଦେଶ୍ୟ ଓ ଇଚ୍ଛା ପ୍ରକାଶ କରିବା ପାଇଁ ଉଦ୍ଦିଷ୍ଟ ଅଟେ । ଯୀଶୁ ନିଜେ ଏହା ସ୍ୱୀକାର କରିଥିଲେ ଯେ ତାଙ୍କ ପାର୍ଥିବ ସେବାକାର୍ଯ୍ୟ ଏଥିପାଇଁ ସମ୍ଭବ ଥିଲା ଯେ ସେ ପିତା

ଈଶ୍ୱରଙ୍କର ଇଚ୍ଛା ସାଧନ କରୁଥିଲେ (ଯୋହନ ୫:୧୯,୩୦; ୬:୩୮; ୮:୨୯) । ଆମେ ଏହାଠାରୁ କିଛି କମ୍ କରିପାରିବା ନାହିଁ ଓ ଆଉ ତାହା କରିବାକୁ ହେବ ।

ଆମେ ଆତ୍ମା ଈଶ୍ୱରଙ୍କର ଚାଳନା ଅନୁସରଣ କରିବା ସମୟରେ ସେ ତାଙ୍କ ଇଚ୍ଛା ସଫଳ କରିବା ପାଇଁ ଆମକୁ ବ୍ୟବହାର କରିବେ । ତାହାର ଏକ ଅଂଶବିଶେଷ ହୁଏତ ଅନ୍ୟମାନଙ୍କଠାରେ ତାଙ୍କ ଆହ୍ୱାନକୁ ସ୍ଥିରୀକୃତ କରିବା ହୋଇପାରେ; ଆଉ ଏହାପରେ, ଈଶ୍ୱର ସେମାନଙ୍କ ନିମନ୍ତେ ଇଚ୍ଛା କରିଥିବା ବିଷୟଗୁଡ଼ିକ ପାଇଁ, ତାଙ୍କ ଗୌରବ ପାଇଁ ଓ ତାଙ୍କର ଶରୀରର ନିଷ୍ଠା ପାଇଁ ଅଭିଷିକ୍ତ ଓ ଦାନପ୍ରାପ୍ତ ହେବାକୁ ସେମାନଙ୍କ ସକାଶେ ଆମକୁ ପ୍ରାର୍ଥନା କରିବାକୁ ପଡ଼ିପାରେ (ଏଫିସୀ ୪:୧୨-୧୬) ।

## ଅଧିକତର ଉନ୍ମୋଚନ

ଅନେକ 'ୱର୍ଲଡ଼ ମ୍ୟାପ୍' ପାଳକମାନଙ୍କର ସଭାରେ, ପବିତ୍ର ଆତ୍ମାଙ୍କର ଅଭିଷେକ କିମ୍ୱା ବାପ୍ତିସ୍ମ ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ମୁଁ ଶିକ୍ଷା ଦେଇଅଛି । ଏହି ସଭାଗୁଡ଼ିକରେ, ଅସଂଖ୍ୟ ପାଳକ ପବିତ୍ର ଆତ୍ମାଙ୍କର ଏକ ନୂତନ ପରିପୂର୍ଣ୍ଣତା ପ୍ରାପ୍ତ ହୋଇଛନ୍ତି; ଅନ୍ୟମାନେ ପ୍ରଥମ ଥର ପାଇଁ ପବିତ୍ର ଆତ୍ମାଙ୍କଠାରେ ବାପ୍ତିଜିତ ହୋଇଥିଲେ । ମୁଁ ବ୍ୟକ୍ତିଗତ ଭାବରେ ସେମାନଙ୍କୁ କିଛି ଦେଇ ନ ଥିଲି, କେବଳ ଏହି ବିଷୟବସ୍ତୁଗୁଡ଼ିକ ଉପରେ ଧର୍ମଶାସ୍ତ୍ରରୁ ଶିକ୍ଷା ଦେଇଥିଲି । ମୁଁ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିପାରିଥାନ୍ତି, ମାତ୍ର ପବିତ୍ର ଆତ୍ମା ହିଁ ସେମାନଙ୍କୁ ସ୍ପର୍ଶ କରିଥିଲେ ଓ ପରିପୂର୍ଣ୍ଣ କରିଥିଲେ (ଲୂକ ୩:୧୬; ଯୋହନ ୧୬:୭) – 'କାରଣ ସେମାନେ ତାଙ୍କ ନିମନ୍ତେ ଅଧିକ କ୍ଷୁଧିତ ହୋଇଥିଲେ' !

ଆମେ ଏହି ପାଳକମାନଙ୍କଠାରୁ ସେମାନଙ୍କ ସେବାକାର୍ଯ୍ୟରେ ଘଟିଥିବା ନାଟକୀୟ ପରିବର୍ତ୍ତନ ବିଷୟରେ ଅନେକ ଅନେକ ସମ୍ବାଦ ପାଇଅଛୁ । ସେମାନେ ସେମାନଙ୍କର ସଭାରେ ଚିହ୍ନ, ଅଦ୍ଭୁତ କର୍ମ ଓ ଅଲୌକିକ କାର୍ଯ୍ୟର ଏକ ବୃଦ୍ଧି ଦେଖିଛନ୍ତି; ଈଶ୍ୱରଙ୍କ ନିମନ୍ତେ ଓ ପ୍ରଚାର ନିମନ୍ତେ ସେମାନଙ୍କର ଏକ ନୂତନ ଆଗ୍ରହ ପାଇଛନ୍ତି; ସେମାନେ ଅନେକ ଲୋକଙ୍କୁ ପରିତ୍ରାଣ କିମ୍ୱା ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ନିକଟକୁ କଢ଼ାଇ ଆଣିଛନ୍ତି ।

କ'ଣ ଘଟିଅଛି ? ଗୋଟିଏ ବିଷୟ ଈଶ୍ୱରଙ୍କ ବାକ୍ୟରୁ ଶିକ୍ଷା ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ଉପରେ ଆଲୋକପାତ କରିଛି । ଶିକ୍ଷା ଶୁଣୁଥିବା ବ୍ୟକ୍ତି ଯାହା ଶିକ୍ଷା କରିଥାନ୍ତି, ତାହା ବିଶ୍ୱାସ ଦ୍ୱାରା ଗ୍ରହଣ କରିବାକୁ – ଆଉ ଏହା ଉପରେ କାର୍ଯ୍ୟ କରିବାକୁ ଏକ ନିଷ୍ପତ୍ତି ନେଇଥାନ୍ତି ।



କିନ୍ତୁ ଏହାଠାରୁ ଆହୁରି ଅଧିକ ବିଷୟ ଘଟିଥାଏ । ପବିତ୍ରଆତ୍ମା ଉପସ୍ଥିତ ଥାଆନ୍ତି ଓ ସେହିକ୍ଷଣି ଉପସ୍ଥାପିତ ହୋଇଥିବା ଈଶ୍ୱରଙ୍କ ବାକ୍ୟର ସତ୍ୟତା ପ୍ରତି ସାକ୍ଷ୍ୟ ବହନ କରି ଏକ ଅସାଧାରଣ ଉପାୟରେ ଗତି କରୁଥାନ୍ତି । ଏହିପରି ଭାବରେ, ଯେତେବେଳେ ଲୋକମାନେ ଏକ ଉନ୍ମୁକ୍ତ ହୃଦୟ ଓ ବିଶ୍ୱାସ ସହିତ ପ୍ରତିକ୍ରିୟା ଦେଖାନ୍ତି – ଆଉ ଈଶ୍ୱରଙ୍କ ନିମନ୍ତେ କ୍ଷୁଧିତ ହୋଇ ସେହି ସମସ୍ତ ପାଇବାକୁ ମାଗନ୍ତି, ଯାହା ସେ ସେମାନଙ୍କୁ ପ୍ରଦାନ କରିଛନ୍ତି ସେତେବେଳେ ସେ ଏକ ପ୍ରଭାବଶାଳୀ ଭାବରେ ସେମାନଙ୍କର କ୍ଷୁଧା ପ୍ରତି ପ୍ରତିକ୍ରିୟା ଦେଖାନ୍ତି (ମାଥି. ୫:୬; ଯୋହନ ୬:୩୫) । ସେମାନେ ପ୍ରାପ୍ତ ହୁଅନ୍ତି ! ସେବାକାର୍ଯ୍ୟ ନିମନ୍ତେ ଈଶ୍ୱରଙ୍କ ଅଭିଷେକର ଅଧିକ ଭାଗ ସେମାନଙ୍କ ପ୍ରତି ଉନ୍ମୋଚିତ ହୋଇଥାଏ ।

ଦୟାକରି ଏହା ବୁଝନ୍ତୁ ଯେ ଈଶ୍ୱର ଗୋଟିଏ ସଭାସ୍ଥଳୀ କିମ୍ୱା ଗୋଟିଏ ଘଟଣାରେ ସୀମିତ ନୁହଁନ୍ତି । ଆତ୍ମା ଈଶ୍ୱର ପ୍ରତ୍ୟେକ ସ୍ଥାନରେ ଉପସ୍ଥିତ ଥାଆନ୍ତି ଓ ସେ ସେମାନଙ୍କ ପ୍ରତି ପ୍ରତିକ୍ରିୟା ଦେଖାଇବେ ଯେଉଁମାନେ ସେମାନଙ୍କର ସମସ୍ତ ଅନ୍ତଃକରଣ ସହିତ ତାଙ୍କର ଅନ୍ୱେଷଣ କରନ୍ତି (ଯିରି.୨୯:୧୨,୧୩) । ଈଶ୍ୱର ଆପଣଙ୍କୁ ଯେ କୌଣସି ସ୍ଥାନରେ ସାକ୍ଷାତ୍ କରିବେ, ଯଦି ଆପଣ ତାଙ୍କୁ ସଂପୂର୍ଣ୍ଣ ହୃଦୟର ସହିତ ଅନ୍ୱେଷଣ କରିବେ । ହାଲେଲୁୟା !

ମୁଁ ପୁନର୍ବାର ଏହା କହିବାକୁ ଚାହେଁ ଯେ ଈଶ୍ୱରଙ୍କ ଆତ୍ମା କିପରି ଗତି ଓ କାର୍ଯ୍ୟ କରିପାରନ୍ତି ଓ କରିବେ, ତାହା କେହି ସଂପୂର୍ଣ୍ଣ ଭାବରେ ବୁଝନ୍ତି ନାହିଁ । ତଥାପି ନିଜ ଆତ୍ମା ଦ୍ୱାରା ଈଶ୍ୱର ତାଙ୍କ ନିମନ୍ତେ ଥିବା ଆମର କ୍ଷୁଧା ପ୍ରତି ପ୍ରତିକ୍ରିୟା ଦେଖାଇବେ ବୋଲି ଆମେ ଜାଣୁ ।

ପବିତ୍ର ଆତ୍ମା ପ୍ରାର୍ଥନାର ପ୍ରତିକ୍ରିୟାରେ ଲୋକମାନଙ୍କୁ ନୂତନ ଭାବରେ ପରିପୂର୍ଣ୍ଣ କରନ୍ତି (ଲୂକ ୧୧:୯-୧୩) । ଯେତେବେଳେ ସେମାନଙ୍କର ବିଶ୍ୱାସ ଜାଗ୍ରତ ହୁଏ, ସେତେବେଳେ ସେମାନେ ସେହି ସ୍ଥାନରୁ ଆଗକୁ ବିଶ୍ୱାସ କରି ବିଶ୍ୱାସରେ ମାଗିବା ଆରମ୍ଭ କରନ୍ତି (ଏବ୍ରୀ ୧୧:୬) ।

## ସର୍ବୋତ୍ତମ ଅନୁରୋଧ

ଆମେ ଯେପରି ଶିକ୍ଷା କରିଛୁ, ସେହିପରି ପ୍ରେରିତମାନେ ଏକ ଆରେକ ଉପରେ ଓ ଅନ୍ୟ କର୍ମକାରୀମାନଙ୍କ ଉପରେ ହସ୍ତାର୍ପଣ କରିଥିଲେ, ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିଥିଲେ ଓ ସେବାକାର୍ଯ୍ୟ ପାଇଁ ସେମାନଙ୍କୁ ନିଯୁକ୍ତ କରିଥିଲେ (ପ୍ରେରିତ ୧୩:୨,୩,୬:୧-୬) । ଏହା କରିବା ପାଇଁ ଈଶ୍ୱର ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ, ସେଥିପାଇଁ କିଛି ଆବଶ୍ୟକୀୟ ଓ ଶକ୍ତିପୂର୍ଣ୍ଣ ଘଟଣା ଘଟୁଥିଲା ।

ଆମେ ହୁଏତ ପବିତ୍ର ଆତ୍ମାଙ୍କର ସମସ୍ତ ମାର୍ଗ ବୁଝି ନ ପାରୁ । କିନ୍ତୁ ଆମେ ଏହା ଜାଣୁ : ଅନ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ ପବିତ୍ର ଆତ୍ମା ଆମକୁ ଚାଳନା ଦେଉଥିବା ସମୟରେ – ଆଉ ଆମ ନିମନ୍ତେ ପ୍ରାର୍ଥନା କରିବା ପାଇଁ ଈଶ୍ୱରଙ୍କର ଅନ୍ୟ ଲୋକମାନଙ୍କୁ ଅନୁମତି ଦେଉଥିବା ସମୟରେ – ଈଶ୍ୱରଙ୍କ ଅଭିଷେକ, ଦାନ, ଜ୍ଞାନ ଓ ଆହୁରି ଅଧିକ ବିଷୟ ମିଳିଥାଏ । ଯଦିଓ ଈଶ୍ୱରଙ୍କ ଦାନ ଓ ଅଭିଷେକ କିଏ ପାଏ, ତାହା ଆମେ ନିର୍ଣ୍ଣୟ କରିପାରୁ ନାହୁଁ, ତଥାପି ଶକ୍ତିପୂର୍ଣ୍ଣ ଉପକରଣ ହେବା ପାଇଁ ଓ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ଈଶ୍ୱରଙ୍କ ସେବାରେ ସଫଳ ଭାବରେ ବ୍ୟବହୃତ ହେବା ପାଇଁ ଆମେ ନିଶ୍ଚୟ ଅନ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରିପାରିବା (୨ ତିମଥି ୧:୬,୭) ।

ଆମକୁ ଏହି ସମସ୍ତ ବିଷୟରେ ଆମ ଜୀବନ ନିମନ୍ତେ ଥିବା ଈଶ୍ୱରଙ୍କ ସାର୍ବଭୌମ ଇଚ୍ଛାର ବଶୀଭୂତ ହେବାକୁ ଓ ତାକୁ ଆଲିଙ୍ଗନ କରିବାକୁ ହେବ । ବୋଧହୁଏ ଆମକୁ ଈଶ୍ୱରଙ୍କ ନିକଟରେ ଏହି ସର୍ବୋତ୍ତମ ଅନୁରୋଧ କରିବାକୁ ହୁଏ, ''ଦାନଗୁଡ଼ିକ ଓ ଆପଣଙ୍କର କାର୍ଯ୍ୟଗୁଡ଼ିକ କ'ଣ ଯାହା ଆପଣ ମୋ' ନିମନ୍ତେ ରଖିଛନ୍ତି ? ସେଗୁଡ଼ିକ ବ୍ୟବହାର କରିବାକୁ ଆପଣ ମୋତେ କିପରି ଆହ୍ୱାନ କରିଛନ୍ତି ? ଆପଣଙ୍କ ଇଚ୍ଛା ସଫଳ କରିବା ପାଇଁ ଆପଣ ମୋତେ କ'ଣ ଦେବାକୁ ଚାହାଁନ୍ତି ?''

ପ୍ରତ୍ୟେକଙ୍କ ନିମନ୍ତେ ଈଶ୍ୱରଙ୍କର ନିର୍ଦ୍ଦିଷ୍ଟ କାର୍ଯ୍ୟ, ଆହ୍ୱାନ ଓ ସେବା ଉଦ୍ଦେଶ୍ୟ ରହିଛି । ସେଗୁଡ଼ିକ ସହିତ ଆମେ ଆମ ଜୀବନରେ ଓ ଇଚ୍ଛାରେ ତାଙ୍କ ପ୍ରତି ସଂପୂର୍ଣ୍ଣ ଭାବରେ ବଶୀଭୂତ ହେବା ସମୟରେ ତାଙ୍କ ଇଚ୍ଛା ସାଧନ କରିବାକୁ ଆମକୁ ସାମର୍ଥ୍ୟ ଦେବା ପାଇଁ ସେ ଆମକୁ ପ୍ରଚୁରଭାବେ ପ୍ରଦାନ କରିବେ । ''ଯେଉଁ ଈଶ୍ୱର ଆମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟସାଧନ କରୁଥିବା ଆପଣା ଶକ୍ତି ଅନୁସାରେ ଆମ୍ଭମାନଙ୍କ ମାଗିବା ବା ଭାବିବାଠାରୁ ଅତ୍ୟଧିକ ପରିମାଣରେ ସାଧନ କରିପାରନ୍ତି'' (ଏଫିସୀ ୩:୨୦) ।

### ୨) ଅଭିଷେକ ସନ୍ତୁଷ୍ଟ ରହିବା, ନିଜସ୍ୱ କରି ରଖିବା ପାଇଁ ଉଦ୍ଦିଷ୍ଟ ନୁହେଁ

ଅଭିଷେକର ମୌଳିକ ଉଦ୍ଦେଶ୍ୟ ହେଉଛି ସେବାକାର୍ଯ୍ୟରେ କିମ୍ବା ଆମକୁ ପ୍ରଦତ୍ତ କାର୍ଯ୍ୟରେ ଦକ୍ଷ ହେବା ପାଇଁ ସାମର୍ଥ୍ୟ ପ୍ରଦାନ କରିବା । ଆମକୁ ଯାହା ପବିତ୍ର ଆତ୍ମାଙ୍କ ଦ୍ୱାରା ପ୍ରଦତ୍ତ ହୋଇଅଛି, ତାହା ଅନ୍ୟମାନଙ୍କୁ ସେବାକାର୍ଯ୍ୟରେ ବିନାମୂଲ୍ୟରେ ବଣ୍ଟନ କରିବା ଏହାର ଅନ୍ତର୍ଭୁକ୍ତ ଅଟେ ।



ସେବାକାର୍ଯ୍ୟର ଆରମ୍ଭରେ ଯୀଶୁ ନିଜେ କହିଥିଲେ, ''ପ୍ରଭୁଙ୍କ ଆତ୍ମା ମୋ'ଠାରେ ଅଧିଷ୍ଠିତ, ଯେଣୁ ଦୀନହୀନମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ପାଇଁ ସେ ମୋତେ ଅଭିଷିକ୍ତ କରିଅଛନ୍ତି'' (ଲୂକ ୪:୧୬–୨୧) । ଆପଣ ଏହିପଦଗୁଡ଼ିକୁ ପାଠ କରୁଥିବା ସମୟରେ ଏହା ଲକ୍ଷ୍ୟ କରିବେ ଯେ ଏହାପରେ ଯୀଶୁ ସେହିସବୁ କାର୍ଯ୍ୟ ଉଲ୍ଲେଖ କରିଛନ୍ତି, ଯେଉଁଗୁଡ଼ିକୁ 'ଅନ୍ୟମାନଙ୍କ ନିମନ୍ତେ' କରିବା ପାଇଁ ସେ ନିର୍ଦ୍ଦିଷ୍ଟ ଭାବରେ ନିଯୁକ୍ତି ପାଇଥିଲେ ।

ଅଭିଷେକ ଏକ ପବିତ୍ର ଅଧିକାର । ଆମେ ଅନ୍ୟମାନଙ୍କଠାରୁ ଅଧିକ ଆତ୍ମିକ କିମ୍ବା ଉତ୍ତମ ଦେଖାଯିବା ନିମନ୍ତେ ଏହା ପାଇବାକୁ ଇଚ୍ଛା କରିବା ଅନୁଚିତ । ଅଭିଷେକ ହେଉଛି ସେବାକାର୍ଯ୍ୟରେ ଓ ଆମ ଆହ୍ୱାନରେ ଆମକୁ ଅଧିକ ଫଳପୂର୍ଣ୍ଣ ଓ ଦକ୍ଷ କରିବାପାଇଁ ପ୍ରଦତ୍ତ ହୋଇଥିବା ପବିତ୍ର ଆତ୍ମାଙ୍କର ଏକ ପ୍ରସ୍ତୁତି । ଏହାର ଅର୍ଥ ହେଉଛି ଯେ ଆମେ ପ୍ରକୃତରେ ସମସ୍ତଙ୍କ ପ୍ରତି 'ଅଧିକ ଉତ୍ତମ ସେବକ' ହେବା (ଯୋହନ ୧୩:୧୨–୧୭) । ଜୀବନର ପ୍ରତ୍ୟେକ ସ୍ତରରେ ଓ ପରିସରରେ ଗୋଟିଏ ଜୀବନଶୈଳୀ ଓ ଦାନ ଦେବାର ମନୋଭାବ ପ୍ରତ୍ୟେକ ବିଶ୍ୱାସୀ ପ୍ରତି ବାଇବଲର ଆଦେଶ ଅଟେ (ମାଥିଉ ୧୦:୮; ଲୂକ ୬:୩୮; ପ୍ରେରିତ ୨୦:୩୫) ।

ଅନ୍ୟମାନଙ୍କର ଉପକାର ନିମନ୍ତେ ତାଙ୍କ ଲୋକମାନେ ନିରନ୍ତର ସେମାନଙ୍କର ସମ୍ବଳ ଓ ଯୋଗ୍ୟତା ଦାନ କରନ୍ତୁ ବୋଲି ଈଶ୍ୱର ଇଚ୍ଛା କରନ୍ତି । ଦାନ ଦେବାର ଜୀବନ ଶୈଳୀ ବିନା, ଆମେ ଆତ୍ମିକ ଭାବରେ ବଳିଷ୍ଠ ହେବା ନାହିଁ ଓ ଖ୍ରୀଷ୍ଟଙ୍କ ଶରୀର ମଧ୍ୟ ଅଭାବଗ୍ରସ୍ତ ହେବ । ଏହି ନିୟମକୁ ବୁଝିବାରେ ଆମକୁ ସାହାଯ୍ୟ କରିବା ପାଇଁ ଈଶ୍ୱର ଇସ୍ରାଏଲର ଭୂଗୋଳରେ ଆମକୁ ଏକ ପ୍ରଭାବଶାଳୀ ଦୃଷ୍ଟାନ୍ତ ପ୍ରଦାନ କରିଛନ୍ତି ।

## ଜୀବନ କିମ୍ବା ମୃତ୍ୟୁ

ଇସ୍ରାଏଲରେ ଦୁଇଟି ବିଶାଳ ଜଳଭାଗ ରହିଛି । ଗୋଟିଏ ହେଉଛି ଗାଲୀଲୀ ସମୁଦ୍ର, ଓ ଅନ୍ୟଟି ହେଉଛି ମୃତସାଗର । ଗାଲୀଲୀ ସମୁଦ୍ର ଏକ ସୁନ୍ଦର, ମଧୁର ଜଳ ବିଶିଷ୍ଟ ହ୍ରଦ ଯାହା ଜୀବନରେ ପରିପୂର୍ଣ୍ଣ ଅଟେ । ମୃତସାଗର ସଠିକ୍ ଭାବରେ ଏହାର ନାମ ସଦୃଶ ଅଟେ । ଏହା ଲବଣ ଓ ଖଣିଜ ପଦାର୍ଥରେ ପରିପୂର୍ଣ୍ଣ ଯାହା ଜୀବନ ପାଇଁ ଅନୁକୂଳ ହୋଇପାରେ ନାହିଁ । ମୃତ ସାଗରରେ ଥିବା ଜଳ ପାନ କରିବା ପାଇଁ ଯୋଗ୍ୟ ନୁହେଁ; ଆଉ ଏହା ଏତେ ବିଷାକ୍ତ ଯେ ଏହା ନିକଟରେ ଦୀର୍ଘ ସମୟ ରହିଲେ ଆପଣଙ୍କ ଚର୍ମ ପୋଡ଼ିଯାଇ ପାରେ, ଏହା ଅନ୍ଧତା ସୃଷ୍ଟି କରିପାରେ କିମ୍ବା ଆପଣଙ୍କୁ ମୃତ୍ୟୁ ମଧ୍ୟ ପ୍ରଦାନ କରିପାରେ !

ଗାଲୀଲୀ ସମୁଦ୍ର ଝରଣା ଓ ସ୍ରୋତରୁ ଏହା ମଧ୍ୟକୁ ପ୍ରବାହିତ ହେଉଥିବା ମଧୁର ଜଳ ଦ୍ୱାରା ପରିପୂର୍ଣ୍ଣ ହୁଏ । ଏହାର ନିମ୍ନତମ ଭାଗରେ, ଏହି ମଧୁର ଜଳ ଯର୍ଦ୍ଦନ ନଦୀକୁ ପ୍ରବାହିତ ହୁଏ, ଯାହା ପୁଣି ସିଧାସଳଖ ମୃତସାଗରରେ ପଡ଼େ । ତେବେ ଗାଲିଲୀ ସମୁଦ୍ରର ମଧୁର ଜୀବନ ପ୍ରଦାୟୀ ଜଳ କିପରି ମୃତସାଗରର ବିଷାକ୍ତ ଓ ଜୀବନ ବିହୀନ ଜଳରେ ପରିଣତ ହେବା ସମ୍ଭବ ହୁଏ ?

ଏହି ଦୁଇଟି ସମୁଦ୍ର ମଧ୍ୟରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ରହିଛି : ଉତ୍ତମ, ମଧୁର ଜଳ ଉଭୟ ମଧ୍ୟକୁ ପ୍ରବାହିତ ହୁଏ, ମାତ୍ର ଏହା କେବଳ ଗାଲିଲୀ ସମୁଦ୍ରରୁ ନିର୍ଗତ ହୁଏ । ମୃତସାଗରରେ ନିର୍ଗମନର ପଥ ନାହିଁ । ମୃତସାଗରର ଜଳ ବସିଯାଏ ଓ ବାଷ୍ପୀଭୂତ ହୁଏ, ଫଳରେ କ୍ରମବର୍ଦ୍ଧିଷ୍ଣୁ ଲବଣ ଓ ଖଣିଜ ଦ୍ରବ୍ୟର ସ୍ତୂପ ନିର୍ମାଣ ହୁଏ ।

ସମାନ ଭାବରେ, ସେବକ ଜୀବନରେ ପବିତ୍ର ଆତ୍ମାଙ୍କ ଅଭିଷେକ ଅନ୍ୟମାନଙ୍କଠାରେ ଯୀଶୁଙ୍କ ଜୀବନ ଉତ୍ପନ୍ନ କରିବା ପାଇଁ ଉଦ୍ଦିଷ୍ଟ ଅଟେ । ଏହା ଆମ ମଧ୍ୟରେ ଈଶ୍ୱରଙ୍କ ଜୀବନ ବୃଦ୍ଧି କରିବ ଓ ଏହାପରେ ଆମ ମଧ୍ୟଦେଇ ଅନ୍ୟମାନଙ୍କ ନିକଟକୁ ପ୍ରବାହିତ ହେବ । ଆମେ ଶକ୍ତିଯୁକ୍ତ, ଜୀବନପ୍ରଦାୟୀ ସେବାକାର୍ଯ୍ୟ ଓ ସେବା ମାଧ୍ୟମରେ ଅନ୍ୟମାନଙ୍କୁ ନିରନ୍ତର ବଣ୍ଟନ କରିବା ଉଚିତ ।

ଆମେ ଅନ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରୁଥିବା ସମୟରେ, ବାକ୍ୟକୁ ଶିକ୍ଷା ଦେଉଥିବା ସମୟରେ ଓ ପବିତ୍ର ଆତ୍ମାଙ୍କ ଅଭିଷେକ ଅଧୀନରେ ନିଷ୍ଠାଜନକ ବାକ୍ୟ ଜଣାଉଥିବା ସମୟରେ ଆମେ ସେହି ଜୀବନଦାୟକ ସେବକ ଅଟୁ ଯେଉଁମାନେ ଅନ୍ୟମାନଙ୍କୁ ଆଶୀର୍ବାଦ କରିବେ ଓ ସେମାନଙ୍କର ନିଷ୍ଠା ଜନ୍ମାଇବେ । ଯଦି ଆମେ ଆମ ସମୟ କିମ୍ବା ପ୍ରଚେଷ୍ଟାରେ ସ୍ୱାର୍ଥପର ହେବା ଓ ସେବାକାର୍ଯ୍ୟରେ ଆମ ମଧ୍ୟ ଦେଇ ଅନ୍ୟମାନଙ୍କ ନିକଟକୁ ପବିତ୍ର ଆତ୍ମାଙ୍କ ଜୀବନର ଏକ ନିରବଚ୍ଛିନ୍ନ ''ସ୍ରୋତ'' ପ୍ରଦାନ କରିବାକୁ ଇଚ୍ଛା ନ କରିବା, ତେବେ ପବିତ୍ର ଆତ୍ମାଙ୍କ ଅଭିଷେକ ଆମ ମଧ୍ୟରେ ସ୍ଥିର ହୋଇଯିବ । ପବିତ୍ର ଆତ୍ମାଙ୍କଠାରୁ ନିରନ୍ତର ଓ ନୂତନଭାବେ ପାଇବା ପାଇଁ (ଏଫିସୀ ୫:୧୮,୧୯) ଓ ଏହାପରେ ସେବାକାର୍ଯ୍ୟ ମାଧ୍ୟମରେ ଆମେ ପାଇଥିବା ''ଜୀବନଦାୟକ ଜଳ'' ଅନ୍ୟମାନଙ୍କୁ ଦେବା ପାଇଁ ଆମେ ଉଦ୍ଦିଷ୍ଟ ଅଟୁ (ଯୋହନ ୭:୩୭-୩୯) ।

ଆପଣ ମାଥିଉ ୨୫:୧୪-୩୦ରେ ଏହି ନିୟମ ବିଷୟରେ ପାଠ କରିପାରିବେ । ସେହି ଦାସ ପ୍ରତି କ'ଣ ଘଟିଥିଲା, ଯିଏ ଈଶ୍ୱର ପ୍ରଦତ୍ତ ଦାନ ଓ ଅଭିଷେକକୁ ନେଇ କିଛି କରି ନ ଥିଲା ?



## ୩) ଅଭିଷେକ ସୀମିତ କିମ୍ବା ବନ୍ଦ ହୋଇଯାଇ ପାରେ

ଆମେ ଏହା ଶିକ୍ଷା କରିଛୁ ଯେ ଅଭିଷେକ ହେଉଛି ଆତ୍ମା ଈଶ୍ୱରଙ୍କର ବ୍ୟକ୍ତିତ୍ୱ ଓ ଉପସ୍ଥିତି । ପବିତ୍ର ଆତ୍ମା ଏକ ଆକାରବିହୀନ କିମ୍ବା ଅବୈକ୍ତିକ ଶକ୍ତି ନୁହେଁ । ପବିତ୍ର ଆତ୍ମା ଈଶ୍ୱରଙ୍କ ବ୍ୟକ୍ତିତ୍ୱ ଅଟନ୍ତି ।

ଧର୍ମଶାସ୍ତ୍ର ଏହା ପ୍ରକାଶ କରେ ଯେ ପବିତ୍ର ଆତ୍ମା ''ଦୁଃଖିତ ହୋଇପାରନ୍ତି'' (ଏଫିସୀ ୪:୩୦) । ଏହାର ଅର୍ଥ ହେଉଛି ଦୁଃଖିତ କରାଯିବା, କ୍ଷତିଗ୍ରସ୍ତ ହେବା କିମ୍ବା ବିଷାଦଯୁକ୍ତ ହେବା । ପବିତ୍ର ଆତ୍ମା ''ନିର୍ବାପିତ'' ମଧ୍ୟ ହୋଇପାରନ୍ତି (୧ଥେସଲନିକୀୟ ୫:୧୯) । ଏହି ଶବ୍ଦରେ ଅଗ୍ନିକୁ ଜଳରେ ନିର୍ବାପିତ କରିବା ଭଳି 'ଅବଦମିତ ହେବାର' ଚିନ୍ତାଧାରା ରହିଛି ।

କ) ପବିତ୍ର ଆତ୍ମାଙ୍କୁ ନିର୍ବାପିତ କରିବା – ଆମେ ପବିତ୍ର ଆତ୍ମାଙ୍କୁ କିପରି ନିର୍ବାପିତ କରୁ ? ଏହା ପ୍ରାୟ ସେତେବେଳେ ଘଟେ, ଯେତେବେଳେ ଲୋକମାନେ ପବିତ୍ର ଆତ୍ମାଙ୍କର କାର୍ଯ୍ୟ ଗତିକୁ ପ୍ରତିରୋଧ କରନ୍ତି କିମ୍ବା ସେ ବିଷୟରେ ଅନୁଶୋଚନା କରନ୍ତି । ଯଦି ଲୋକମାନେ ସେମାନଙ୍କ ମଧ୍ୟରେ ଗତି କରିବାକୁ ପବିତ୍ର ଆତ୍ମାଙ୍କର ପ୍ରରୋଚନା କିମ୍ବା ଇଚ୍ଛା ପ୍ରତି ପ୍ରତିକ୍ରିୟା ଦେଖାଇବାକୁ ଅନିଚ୍ଛୁକ ହୁଅନ୍ତି, ତେବେ ସେମାନେ ସେମାନଙ୍କ ମଧ୍ୟରେ ତାଙ୍କ କାର୍ଯ୍ୟକୁ ବନ୍ଦ (ନିର୍ବାପିତ) କରିପାରିବେ ।

ଅନ୍ୟ ପକ୍ଷରେ, ଯେତେବେଳେ ଆମର ମାନବିକ ପ୍ରଚେଷ୍ଟା କିମ୍ବା ଉଦ୍‌ଯୋଗ ପବିତ୍ର ଆତ୍ମାଙ୍କ ପ୍ରକୃତ କାର୍ଯ୍ୟର ସ୍ଥାନ ନିଏ, ସେତେବେଳେ ମଧ୍ୟ ପବିତ୍ର ଆତ୍ମା ନିର୍ବାପିତ ହୋଇପାରନ୍ତି । ଏପରି କେତେଗୁଡ଼ିଏ ମଣ୍ଡଳୀ ଅଛି ଯେଉଁଠାରେ ଲୋକମାନେ ସେମାନଙ୍କ ଉପାସନା ମଧ୍ୟକୁ ପବିତ୍ର ଆତ୍ମାଙ୍କ ନୂତନ କାର୍ଯ୍ୟକୁ ସ୍ୱାଗତ କରିବା ପାଇଁ ଇଚ୍ଛା ନ କରି ପ୍ରତ୍ୟେକ ସପ୍ତାହ ସେମାନଙ୍କର ନିଜସ୍ୱ ବିଧିବିଧାନ ଅନୁସରଣ କରନ୍ତି । ଯେତେବେଳେ ଏହା ଘଟେ, ସେତେବେଳେ ସେ କାର୍ଯ୍ୟ କରିବାକୁ ଓ ଗତିଶୀଳ ହେବାକୁ ସ୍ୱାଧୀନ ହୁଅନ୍ତି ନାହିଁ; ଏହିପରି ଭାବରେ ଆତ୍ମା ''ନିର୍ବାପିତ ହୁଅନ୍ତି ।''

ଏପରି ଅନେକ ସ୍ଥାନ ରହିଛି ଯେଉଁଠାରେ ଲୋକମାନେ ଏପରି ''ଅଭିନୟ କରିବାକୁ ଇଚ୍ଛା କରନ୍ତି, ଯେପରିକି ପବିତ୍ରଆତ୍ମା ଉପସ୍ଥିତ ଅଛନ୍ତି । ସେମାନେ ଡିଆଁ ଡ଼େଇଁ କରନ୍ତି, ଚିତ୍କାର କରନ୍ତି, ଥରି ଯାଆନ୍ତି କିମ୍ବା ଏହିପରି ଅନ୍ୟାନ୍ୟ କାର୍ଯ୍ୟ

କରନ୍ତି । ଏହା ସତ୍ୟ ଅଟେ ଯେ ଯେତେବେଳେ ପବିତ୍ର ଆତ୍ମାଙ୍କ ଶକ୍ତି କାର୍ଯ୍ୟରତ ଥାଆନ୍ତି, ସେତେବେଳେ ସମୟେ ସମୟେ ଶାରୀରିକ ପରିପ୍ରକାଶ ଘଟିଥାଏ । କିନ୍ତୁ ଯଦି ଏହାକୁ କେବଳ ଏକ ''ଧାରା'' ଭାବରେ କରାଯାଏ, ଓ ଏହା ପବିତ୍ର ଆତ୍ମାଙ୍କର ପ୍ରକୃତ କାର୍ଯ୍ୟ ପ୍ରତି ପ୍ରତିକ୍ରିୟାସ୍ୱରୂପ ଘଟି ନ ଥାଏ, ତେବେ ସେହି ଆଚରଣ ପବିତ୍ର ଆତ୍ମାଙ୍କର ପ୍ରକୃତ କାର୍ଯ୍ୟକୁ ମଧ୍ୟ ନିର୍ବାପିତ କରିପାରେ, ଯାହା ସେହି ମୁହୂର୍ତ୍ତରେ କରିବା ପାଇଁ ସେ ଇଚ୍ଛା କରନ୍ତି ।

ଯେ କୌଣସି ସମୟରେ ଲୋକମାନେ ପବିତ୍ର ଆତ୍ମାଙ୍କର ପ୍ରକୃତ ଉପସ୍ଥିତି ଓ କାର୍ଯ୍ୟ ସ୍ଥାନରେ ଏକ ''ଧାରା''କୁ ପ୍ରତିବଦଳ କରିବାକୁ ମନୋନୀତ କରନ୍ତି, ସେତେବେଳେ ସେ ଯେପରି ଇଚ୍ଛା କରନ୍ତି, ସେହିପରି ମୁକ୍ତଭାବରେ ଚଳ ପ୍ରଚଳ ହୁଅନ୍ତି ନାହିଁ । ଏହିପରି ଭାବରେ, ସେ ନିର୍ବାପିତ ହୁଅନ୍ତି ।

ଏହି ସମସ୍ତ ଦୃଷ୍ଟାନ୍ତରେ ସାଧାରଣ ବିଷୟ କ'ଣ ? ସେଗୁଡ଼ିକ ଈଶ୍ୱରଙ୍କ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ପାଇଁ କିମ୍ବା ଅନୁକରଣ କରିବା ପାଇଁ ମନୁଷ୍ୟର ପ୍ରଚେଷ୍ଟାକୁ ପ୍ରକାଶ କରନ୍ତି । ଲୋକମାନେ ହୁଏତ ଏହି ନିଷ୍ପତ୍ତି ନେଇପାରନ୍ତି ଯେ ସେମାନେ ଗ୍ରହଣ କରିବାକୁ ଚାହୁଁଥିବା କୌଣସି 'ଧାରା' କିମ୍ବା 'ଶୈଳୀ'ରେ ସ୍ୱାଚ୍ଛନ୍ଦ୍ୟ ଅନୁଭବ କରିଥାନ୍ତି । ପ୍ରତି ସପ୍ତାହରେ, ସେମାନଙ୍କ ଉପାସନାରେ ସେହି ସମାନ କାର୍ଯ୍ୟକ୍ରମ କିମ୍ବା ଧାରା ରହିଥାଏ ।

ଦୁର୍ଭାଗ୍ୟବଶତଃ, ଏହା ଲୋକମାନଙ୍କୁ ପବିତ୍ର ଆତ୍ମାଙ୍କ ଜୀବନ, ଶକ୍ତି, ସୁସ୍ଥତା ଓ ଅଭିଷେକ ପ୍ରଦାନ କରିବା ପାଇଁ ସେମାନଙ୍କ ଉପାସନାରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟକୁ ବାଧା ଦେଇପାରେ । ଆସିବା ପାଇଁ ଓ କାର୍ଯ୍ୟ କରିବା ପାଇଁ ତାଙ୍କ ନିମନ୍ତେ ଆଉ ସ୍ଥାନ କିମ୍ବା ଆମନ୍ତ୍ରଣ ନ ଥାଏ । ଏହି ଦୃଷ୍ଟାନ୍ତଗୁଡ଼ିକରେ, ମନୁଷ୍ୟର ଇଚ୍ଛା ପବିତ୍ର ଆତ୍ମାଙ୍କ ଇଚ୍ଛାର ବିରୋଧୀ ହୋଇଥାଏ – ଆଉ ପବିତ୍ର ଆତ୍ମା ନିର୍ବାପିତ ହୁଅନ୍ତି କିମ୍ବା ସ୍ୱାଧୀନଭାବରେ କାର୍ଯ୍ୟ କରିପାରନ୍ତି ନାହିଁ ।

ବାଇବଲ ନିର୍ଦ୍ଦିଷ୍ଟଭାବରେ ମନୁଷ୍ୟର ଚେଷ୍ଟା ବଦଳରେ ପବିତ୍ର ଆତ୍ମାଙ୍କ ଶକ୍ତି ଓ ଉପସ୍ଥିତିକୁ ଆଲୋଚନା କରିଛି । ''ପରାକ୍ରମ ଦ୍ୱାରା ନୁହେଁ, କିଅବା ବଳ ଦ୍ୱାରା ନୁହେଁ, ମାତ୍ର ଆମ୍ଭର ଆତ୍ମା ଦ୍ୱାରା, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି'' (ଯିଖରିୟ ୪:୬) ।



ପାଳକଙ୍କଠାରୁ ପାଳକଙ୍କ ନିକଟକୁ : ମଣ୍ଡଳୀର ନେତା – ଆପଣଙ୍କର ନିଜର ଶୈଳୀ କିମ୍ବା ଧାରା ପବିତ୍ର ଆତ୍ମାଙ୍କ କାର୍ଯ୍ୟକୁ ସୀମିତ କରିପାରେ । ଯେତେଥର ଦଳେ ବିଶ୍ୱାସୀ ଏକତ୍ରିତ ହୁଅନ୍ତି, ସେତେଥର ଆମକୁ ସର୍ବଦା ପବିତ୍ର ଆତ୍ମା ଯାହା କରିବାକୁ ଚାହାଁନ୍ତି, ତାହା ପ୍ରତି ସମ୍ବେଦନଶୀଳ ହେବାକୁ ପଡ଼ିବ ।

ସେ ହୁଏତ ଏକ ଧୀର ଶାନ୍ତ ଉପାୟରେ ଗତି କରି ସୁସ୍ଥ କରିବାକୁ ଇଚ୍ଛା କରିପାରନ୍ତି, ପବିତ୍ର ଆତ୍ମା ହୁଏତ ଶକ୍ତିରେ ଆସି ବନ୍ଦୀମାନଙ୍କୁ ମୁକ୍ତ କରିପାରନ୍ତି ! ବିଶ୍ୱାସୀମାନଙ୍କର ବିଶ୍ୱାସ ଓ ଆଶା ଗଠନ କରିବାକୁ ଉପାସନା ସମୟରେ ସେ ହୁଏତ ଏକ ବିଜୟୀ ଅନୁଭବ ଦେଇପାରନ୍ତି । କିମ୍ବା ସେ ହୁଏତ ଈଶ୍ୱରଙ୍କ ସମ୍ମୁଖରେ ନିଜ ନିଜର ବିଫଳତାକୁ ଉପସ୍ଥାପନ କରୁଥିବା ଲୋକମାନଙ୍କ ମନରେ ବଡ଼ ପ୍ରତ୍ୟୟ ଓ ତତ୍ ସଙ୍ଗେ ସଙ୍ଗେ ଅନୁତାପର ଇଚ୍ଛା ଆଣିପାରନ୍ତି ।

ମୁଖ୍ୟ ବିଷୟ ହେଉଛି, ଆମେ ସର୍ବଦା ଆମ ଉପାସନାରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟକୁ ସ୍ୱାଗତ କରିବା ଓ ସମୟ ଦେବା ଉଚିତ । ଆମେ ପ୍ରାର୍ଥନା କରିବା, ଶୁଣିବା ଓ ସେଠାରେ ମିଳୁଥିବା ପ୍ରରୋଚନା ଓ ଭାବବାଣୀକୁ ପାଳନ କରିବା ଆବଶ୍ୟକ । ଏହାପରେ ଆମ ସେବାକାର୍ଯ୍ୟ କିମ୍ବା ପ୍ରଚାରର ''ଶୈଳୀ'' ପବିତ୍ର ଆତ୍ମା ସେହି ମୁହୂର୍ତ୍ତରେ କରୁଥିବା କାର୍ଯ୍ୟ ସହିତ ସମ୍ମିଳିତ ହେବା ଉଚିତ୍ ।

ଉଦାହରଣସ୍ୱରୂପ, ଯେତେବେଳେ ପବିତ୍ର ଆତ୍ମା ଶାନ୍ତି କିମ୍ବା ସ୍ଥିରତା ଆଣିବାକୁ ଚାହୁଁଥିବେ, ସେତେବେଳେ ଯଦି ଆମେ ଚିତ୍କାର କରୁଥିବା, (ଗୀତ ୪୬:୧୦), ତେବେ ସେହି ସମୟରେ ଆମେ ତାଙ୍କର କାର୍ଯ୍ୟକୁ ନିର୍ବାପିତ କରିବା । ଯଦି ଆମେ ଉପାସନାରେ ଦେଖା ଦେଉଥିବା ଆନନ୍ଦର ମନୋଭାବକୁ ଅବଜ୍ଞା କରିବା, ତେବେ ଆମେ ଲୋକମାନଙ୍କ ମଧ୍ୟରେ ଏକ ବିଜୟୀ ମନୋଭାବକୁ ବନ୍ଦ କରିଦେଇପାରିବା । ଏପରିକି ଉପାସନା ସମୟରେ ଆମେ ହୁଏତ ଅଟକି ଯାଇ ବ୍ୟକ୍ତିଗତ ଭାବରେ ପ୍ରଭୁଙ୍କଠାରୁ ଶୁଣିବା ପାଇଁ ପ୍ରତ୍ୟେକଙ୍କୁ ତାଙ୍କର ଅପେକ୍ଷା କରିବାକୁ ଅନୁମତି ଦେବା ମଧ୍ୟ ଆବଶ୍ୟକ ହୋଇପାରେ ।

## ପବିତ୍ର ଆତ୍ମାଙ୍କ ସହିତ ଗତି ଶୀଳ ହେବା

ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ମଣ୍ଡଳୀ ନେତା ଭାବରେ, ଆମେ ପବିତ୍ର ଆତ୍ମାଙ୍କୁ ଚିହ୍ନିବା ଓ ତାଙ୍କ ପ୍ରତି ସଚେତନ ହେବା ବିଷୟ ବିକାଶ କରିବା ଉଚିତ । ବିଶ୍ୱାସୀମାନେ ଏକତ୍ରିତ ହେବାର 'ପୂର୍ବଦିନଗୁଡ଼ିକରେ ବ୍ୟାପକ ପ୍ରାର୍ଥନା ସମୟ ମାଧ୍ୟମରେ ଏହା ସର୍ବୋତ୍ତମ ଭାବେ କରାଯାଇଥାଏ । ଆପଣ ପୂର୍ବରୁ ଯାହା ଯୋଜନା କରି ସାରିଛନ୍ତି, ତାକୁ ଆଶୀର୍ବାଦ କରିବା ପାଇଁ କେବଳ ଈଶ୍ୱରଙ୍କୁ ମାଗିବା ଏହି ପ୍ରାର୍ଥନା ସମୟରେ ଅନ୍ତର୍ଭୁକ୍ତ ହେବା ଉଚିତ ନୁହେଁ । ଈଶ୍ୱରଙ୍କ ନିକଟରେ ଆପଣଙ୍କର ହୃଦୟ ଓ ଯୋଜନାକୁ ସମର୍ପଣ କରିବା ପାଇଁ ଓ ସେ ଯାହା କରିବାକୁ ଇଚ୍ଛା କରନ୍ତି, ସେ ସମ୍ବନ୍ଧରେ ଏକ ଅନୁଭବ ପାଇବାକୁ ତାଙ୍କ ଉପରେ ନିର୍ଭର କରିବା ପାଇଁ ଏହା ଏକ ସୁଯୋଗ ଅଟେ । ସଭା ସମୟରେ, ଅପେକ୍ଷା କରିବାକୁ, ଶୁଣିବାକୁ ଓ ଚିହ୍ନିବାକୁ ମଧ୍ୟ ସମୟ ନିଅନ୍ତୁ ।

> ଯେତେବେଳେ ଆମେ ଈଶ୍ୱରଙ୍କ ବାକ୍ୟରୁ ପ୍ରସ୍ତୁତ ହେଉ, ସେତେବେଳେ ଈଶ୍ୱରଙ୍କ ସତ୍ୟ ବାକ୍ୟର ପ୍ରଚାରକୁ ଶକ୍ତିଯୁକ୍ତ କରିବା ପାଇଁ ଆମେ ପବିତ୍ର ଆତ୍ମାଙ୍କର ଅଭିଷେକ ସଂପୂର୍ଣ୍ଣ ଭାବରେ ଆଶା କରିପାରିବା । ସେବାକାର୍ଯ୍ୟର ସେହି ମୁହୂର୍ତ୍ତରେ ଏକ ଉପକରଣ ଭାବରେ ଆମକୁ ବ୍ୟବହାର କରିବା ପାଇଁ ଆମେ ପବିତ୍ର ଆତ୍ମାଙ୍କଠାରୁ ଆଶା କରିପାରିବା ଓ ଏହାପରେ ଚିହ୍ନ ଓ ଅଦ୍ଭୁତ କର୍ମରେ ତାଙ୍କର ଶକ୍ତିର ପରିପ୍ରକାଶକୁ ଅପେକ୍ଷା କରିପାରିବା ।

ଈଶ୍ୱର ଯାହା କିଛି କରିବାକୁ ଚାହାଁନ୍ତି, ତାହା ପ୍ରତି ସମର୍ପିତ ହୋଇଥିବା ଜଣେ ବ୍ୟକ୍ତି ହେବା ପାଇଁ ନିଷ୍ପତ୍ତି ନିଅନ୍ତୁ । ଏହା ସ୍ମରଣରେ ରଖନ୍ତୁ, ଏହା ତାଙ୍କର ମଣ୍ଡଳୀ ଓ ଏମାନେ ତାଙ୍କର ଲୋକ ଅଟନ୍ତି । ଆପଣ ସେମାନଙ୍କର ତତ୍ତ୍ୱାବଧାନ ନେବାକୁ, ସେମାନଙ୍କର ଯତ୍ନ ନେବାକୁ ଓ ସେମାନଙ୍କୁ ଶିଷ୍ୟ କରିବାକୁ ରହିଛନ୍ତି, କିନ୍ତୁ, ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଲୋକମାନଙ୍କୁ ଈଶ୍ୱରଙ୍କ ପ୍ରତି ନିର୍ଦ୍ଦେଶିତ କରିବା ଓ ପ୍ରତ୍ୟେକ ବିଷୟରେ ତାଙ୍କ ଆତ୍ମା ପ୍ରତି କିପରି ପ୍ରତିକ୍ରିୟା ଦେଖାଇବାକୁ ହେବ, ତାହା ସେମାନଙ୍କୁ ଶିକ୍ଷା ଦେବା ।

ପବିତ୍ର ଆତ୍ମା ଉପାସନା ସମୟରେ ଅତିଶୀଘ୍ର ଜଣେ ବ୍ୟକ୍ତିଠାରେ ଉଦ୍ଧାର, ବୃଦ୍ଧି କିମ୍ବା ସୁସ୍ଥତାର କାର୍ଯ୍ୟ କରିପାରନ୍ତି । ଏହିପ୍ରକାର କାର୍ଯ୍ୟ ହୁଏତ ମାସ ମାସ



ଲାଗିପାରେ, କିମ୍ବା ସେହି ମୁହୂର୍ତ୍ତରେ ସେମାନଙ୍କ ପ୍ରତି ପବିତ୍ର ଆତ୍ମାଙ୍କ କାର୍ଯ୍ୟ ବିନା ହୁଏତ ଆଦୌ ଘଟି ନ ପାରେ । ସେଥିପାଇଁ, ଆସନ୍ତୁ ଆମେ ପବିତ୍ର ଆତ୍ମାଙ୍କ ସହିତ ଅଗ୍ରସର ହେବା, ଓ ଆମେ ଯେତେଥର ଏକତ୍ରିତ ହେବା, ସେତେଥର ତାଙ୍କ କାର୍ଯ୍ୟ ସହିତ ସହଯୋଗ କରିବା ।

**ଖ) ପବିତ୍ର ଆତ୍ମାଙ୍କୁ ଦୁଃଖ ଦେବା –** ଧର୍ମଶାସ୍ତ୍ର ପବିତ୍ର ଆତ୍ମାଙ୍କୁ ଦୁଃଖ ଦେବା ବିଷୟ ମଧ୍ୟ କହିଛି (ଏଫିସୀ ୪:୩୦) । ''ଦୁଃଖଦେବା''ର ଅର୍ଥ ହେଉଛି ଦୁଃଖିତ କରିବା । ପବିତ୍ର ଆତ୍ମାଙ୍କୁ ଏପରି କୌଣସି ଯୀଶୁଙ୍କ ଅସାଦୃଶ୍ୟ ବିଷୟ ଦ୍ୱାରା ଦୁଃଖିତ କରାଯାଇପାରିବ ଯାହାକୁ ଆମେ ଆମ ହୃଦୟ ମଧ୍ୟକୁ ଅନୁମତି ଦେଉ କିମ୍ବା ପ୍ରତିପୋଷଣ କରୁ ।

ଆମ ପାଖରେ ଖ୍ରୀଷ୍ଟ ସଦୃଶ ହୋଇ ନ ଥିବା ମନୋଭାବ, ଅଭ୍ୟାସ, ଚିନ୍ତା, ବାକ୍ୟ କିମ୍ବା କାର୍ଯ୍ୟ ଥାଇପାରେ, ଯାହା ପବିତ୍ର ଆତ୍ମାଙ୍କୁ ଦୁଃଖ ଦେବ ।

''ସମସ୍ତ ପ୍ରକାର କଟୁଭାବ, ରାଗ, କ୍ରୋଧ, କଳହ ଓ ନିନ୍ଦା, ପୁଣି ସମସ୍ତ ପ୍ରକାର ହିଂସା ତୁମ୍ଭମାନଙ୍କଠାରୁ ଦୂର ହେଉ । ଆଉ, ପରସ୍ପର ପ୍ରତି ସଦୟ ହୁଅ, କୋମଳ ହୃଦୟ ହୁଅ, ପୁଣି ଈଶ୍ୱର ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର'' (ଏଫିସୀ ୪:୩୦–୩୨) ।

ଏଫିସୀୟ ଖ୍ରୀଷ୍ଟିଆନମାନଙ୍କୁ ପାଉଲଙ୍କର ଉତ୍ସାହ ସେମାନଙ୍କୁ ଏହା ବୁଝିବାରେ ସାହାଯ୍ୟ କରିଛି ଯେ ସେମାନେ ଖ୍ରୀଷ୍ଟଙ୍କ ଶରୀର ଭାବରେ, ଉଭୟ ବ୍ୟକ୍ତିଗତ ଭାବରେ (୧କରିନ୍ଥୀ ୬:୧୯) ଓ ସାମୂହିକ ଭାବରେ (୧ କରିନ୍ଥୀ ୩:୯–୧୭) ପବିତ୍ର ଆତ୍ମାଙ୍କର ମନ୍ଦିର ଅଟନ୍ତି ।

ଈଶ୍ୱରଙ୍କ ଆତ୍ମା ଆମଠାରେ ବାସ କରୁଥିବାରୁ ତାଙ୍କ ସହିତ ଆମର ଅନ୍ତରଙ୍ଗ ସଂପର୍କ ରହିପାରେ । ପବିତ୍ର ଆତ୍ମା ଦୁଃଖିତ ହୋଇପାରନ୍ତି କାରଣ ସେ ଆମକୁ ପ୍ରେମ କରନ୍ତି (ରୋମୀ ୫:୫) । ଆସନ୍ତୁ, ଆମେ ଏପରି କାର୍ଯ୍ୟରୁ କିମ୍ବା ଚିନ୍ତାରୁ ଦୂରେଇ ଯିବା ଯାହା ଆମ ମଧ୍ୟରେ ବାସ କରୁଥିବା ଈଶ୍ୱରଙ୍କ ଆତ୍ମାଙ୍କ ପାଇଁ ଦୁଃଖ ଓ ଶୋକର କାରଣ ହୋଇପାରେ ।

## ଆତ୍ମା ଏବଂ ବାକ୍ୟ

ଏପରି ନେତାମାନେ ଥାଇପାରନ୍ତି ଯେଉଁମାନେ ସେମାନଙ୍କ ମଧ୍ୟରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟକୁ ସ୍ୱାଗତ କରନ୍ତି । କିନ୍ତୁ ଈଶ୍ୱରଙ୍କ ବାକ୍ୟର ଉଦ୍‌ଯୋଗପୂର୍ଣ୍ଣ ଅଧ୍ୟୟନକୁ ଓ ପ୍ରଭୁଙ୍କ ମାର୍ଗରେ ଅନ୍ୟମାନଙ୍କୁ ଶିକ୍ଷା ଦେବା ଓ ଶିଷ୍ୟତ୍ୱ କରିବା ପାଇଁ ଆବଶ୍ୟକୀୟ ପ୍ରସ୍ତୁତିରେ ଅବହେଳା କରିବା ଦ୍ୱାରା ସେମାନେ ଆତ୍ମ–ପ୍ରତ୍ୟୟୀ ହୋଇପାରନ୍ତି ।

ସେମାନେ କେବଳ ''ପବିତ୍ର ଆତ୍ମାଙ୍କୁ କାର୍ଯ୍ୟ କରିବାକୁ ଦେବେ ।'' ଏହି ମନୋଭାବ ଭୁଲ୍ ଅଟେ, ଆଉ ଏହା ଜଣେ ନେତାର ଜୀବନରେ ଓ ମଣ୍ଡଳୀ ମଧ୍ୟରେ ଗୁରୁତର ସମସ୍ୟା ସୃଷ୍ଟି କରିପାରେ । ଏହି ମନୋଭାବ ଆଳସ୍ୟ କିମ୍ବା ଶୃଙ୍ଖଳାର ଅଭାବ ପାଇଁ ଏକ ବାହାନା ହୋଇପାରେ, ଯାହାକୁ ଈଶ୍ୱର ଆଶୀର୍ବାଦ କରିବେ ନାହିଁ ।

ବାଇବଲ ଏହି ବିଷୟ ସମ୍ବନ୍ଧରେ ନେତାମାନଙ୍କୁ ଅତି ସ୍ପଷ୍ଟଭାବରେ କହିଛି । ''ସତ୍ୟ ବାକ୍ୟ ଯଥାର୍ଥ ରୂପେ ବ୍ୟବହାର କରି ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର'' (୨ ତିମଥି ୨:୧୫,୧୬) ।

ନେତା ଭାବରେ, ଆମକୁ ଅତିରିକ୍ତ ପ୍ରାର୍ଥନା ସହିତ ଆମର ହୃଦୟ ପ୍ରସ୍ତୁତ କରିବାକୁ ହେବ, ଓ ଈଶ୍ୱରଙ୍କ ବାକ୍ୟରେ ଆମର ମନକୁ ପରିପୂର୍ଣ୍ଣ କରିବାକୁ ହେବ । ଆମକୁ ଉଦ୍‌ଯୋଗର ସହିତ ଧର୍ମଶାସ୍ତ୍ର ଅଧ୍ୟୟନ କରିବାକୁ ହେବ ଓ ଈଶ୍ୱରଙ୍କ ବାକ୍ୟରୁ ଏପରି ଶିକ୍ଷା ପ୍ରସ୍ତୁତ କରିବାକୁ ହେବ ଯାହା ସେହି ଲୋକମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କର ପରିପକ୍ୱ ଶିଷ୍ୟ ହେବାରେ ସାହାଯ୍ୟ କରିବ, ଯେଉଁମାନଙ୍କର ଆମେ ନେତୃତ୍ୱ ନେଉ । ଅଧ୍ୟୟନର ଅଭାବ ଯୋଗୁ କିମ୍ବା ଈଶ୍ୱରଙ୍କ ବାକ୍ୟର ସତ୍ୟତା ସହିତ ପରିଚିତ ନ ହୋଇ ଆମେ ଭୁଲ୍ ଶିକ୍ଷା, ଭୁଲ ଧର୍ମତତ୍ତ୍ୱ କିମ୍ବା ସାଂସାରିକ ଚିନ୍ତାଧାରାଗୁଡ଼ିକୁ ଶିକ୍ଷା ଦେବା ଅନୁଚିତ । ଆମେ ଅନ୍ୟମାନଙ୍କୁ ଯାହା ଶିକ୍ଷା ଦେଉ, ତା' ଉପରେ ହିଁ ବିଚାରିତ ହେବା (ଯାକୁବ ୩:୧) ।

ଯେତେବେଳେ ଆମେ ଈଶ୍ୱରଙ୍କ ବାକ୍ୟରୁ ପ୍ରସ୍ତୁତ ହେଉ, ସେତେବେଳେ ଈଶ୍ୱରଙ୍କ ସତ୍ୟ ବାକ୍ୟର ପ୍ରଚାରକୁ ଶକ୍ତିଯୁକ୍ତ କରିବା ପାଇଁ ଆମେ ପବିତ୍ର ଆତ୍ମାଙ୍କର ଅଭିଷେକ ସଂପୂର୍ଣ୍ଣ ଭାବରେ ଆଶା କରିପାରିବା । ସେବାକାର୍ଯ୍ୟର ସେହି ମୁହୂର୍ତ୍ତରେ ଏକ ଉପକରଣ ଭାବରେ ଆମକୁ ବ୍ୟବହାର କରିବା ପାଇଁ ଆମେ ପବିତ୍ର ଆତ୍ମାଙ୍କଠାରୁ ଆଶା କରିପାରିବା ଓ ଏହାପରେ ଚିହ୍ନ ଓ ଅଦ୍ଭୁତ କର୍ମରେ ତାଙ୍କର ଶକ୍ତିର ପରିପ୍ରକାଶକୁ ଅପେକ୍ଷା କରିପାରିବା ।

କିନ୍ତୁ, ଯଦି ଆମେ ବାଇବଲ ଅଧ୍ୟୟନରେ କିମ୍ବା ପ୍ରାର୍ଥନାରେ ଉଦ୍‌ଯୋଗୀ ନୋହୁଁ, ତେବେ ଆମେ ଆମ ନିଜସ୍ୱ ଚିନ୍ତାଧାରା କିମ୍ବା ସାଂସାରିକ ଧାରଣା ଅନୁସାରେ ସେବାକାର୍ଯ୍ୟ ଚଳାଇବା । ତେବେ ଯେତେବେଳେ ଆମେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରୁଥିବା କିମ୍ବା ଆମ ଜୀବନ ଓ ସେବାକାର୍ଯ୍ୟରେ ଖ୍ରୀଷ୍ଟଙ୍କର ସଂପୂର୍ଣ୍ଣଭାବରେ ପ୍ରତିନିଧିତ୍ୱ କରୁଥିବା, ସେତେବେଳେ ପବିତ୍ର ଆତ୍ମା ଆମକୁ କିପରି ଅଭିଷେକ କରିବେ ?



## ସ୍ୱତଃସ୍ଫୂର୍ତ୍ତ ଅଭିଷେକ

ବାଇବଲ ଏହି ଶିକ୍ଷା ଦିଏ ଯେ ଏପରି ସମୟ ଆସେ ଯେତେବେଳେ ପବିତ୍ର ଆତ୍ମା ଆମ ମୁଖରେ ସଠିକ୍ ବାକ୍ୟ ପରିପୂର୍ଣ୍ଣ କରିପାରନ୍ତି; ''କିନ୍ତୁ ଯେତେବେଳେ ସେମାନେ ତୁମ୍ଭମାନଙ୍କୁ ସମର୍ପଣ କରିବେ, ସେତେବେଳେ ତୁମ୍ଭେମାନେ କିପରି ବା କି କଥା କହିବ, ସେ ବିଷୟରେ ଚିନ୍ତିତ ହୁଅ ନାହିଁ, କାରଣ କଅଣ କହିବ, ତାହା ସେହି ଦଣ୍ଡରେ ତୁମ୍ଭମାନଙ୍କୁ ଦିଆଯିବ'' (ମାଥି.୧୦:୧୯; ମାର୍କ ୧୩:୧୧ ଓ ଲୂକ ୧୨:୧୧,୧୨ ମଧ୍ୟ ଦେଖନ୍ତୁ) । କିନ୍ତୁ, ଏହି ପଦଗୁଡ଼ିକ ଆପଣଙ୍କ ମଣ୍ଡଳୀର ସ୍ୱାଭାବିକ ସାପ୍ତାହିକ ସଭା ପ୍ରତି ନୁହେଁ; ମାତ୍ର ତାଡ଼ନା କିମ୍ବା ଅସାଧାରଣ ପରିବେଶକୁ ସୂଚାଇଥାଏ ! ସେଥିପାଇଁ ଏହି ଶାସ୍ତ୍ରାଂଶକୁ ଉଦଯୋଗପୂର୍ଣ୍ଣ ଭାବରେ ଈଶ୍ୱରଙ୍କ ବାକ୍ୟର ଅଧ୍ୟୟନ ଓ ବଳିଷ୍ଠ ଶିକ୍ଷା ପ୍ରସ୍ତୁତି ନ କରିବାର ଏକ ବାହାନା ଭାବରେ ବ୍ୟବହାର କରିବା ଅନୁଚିତ ।

ଏପରି ସମୟ ଆସିପାରେ, ଯେତେବେଳେ ଅନପେକ୍ଷିତ ଭାବରେ ପ୍ରଚାର କରିବାକୁ, ପ୍ରାର୍ଥନା କରିବାକୁ କିମ୍ବା ସେବା କରିବାକୁ ଆମକୁ ଆହ୍ୱାନ ଆସିଥାଏ । ସେହି ସମୟରେ ପବିତ୍ର ଆତ୍ମାଙ୍କଠାରୁ ଏକ ସ୍ୱତଃସ୍ଫୂର୍ତ୍ତ ଅଭିଷେକ (ସାହାଯ୍ୟ) ଆସେ ବୋଲି ମୁଁ ବିଶ୍ୱାସ କରେ । ମନେରଖନ୍ତୁ, ସେ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଯୀଶୁଙ୍କୁ ପରିଚିତ କରାଇ ଖ୍ରୀଷ୍ଟଙ୍କ ମାଧ୍ୟମରେ ମିଳୁଥିବା ପରିତ୍ରାଣ ପ୍ରତି ଲୋକମାନଙ୍କୁ ଆକର୍ଷିତ କରିବାକୁ ଇଚ୍ଛା କରନ୍ତି ! ସେ ତାହା କରିବା ପାଇଁ ଯେ କୌଣସି ପରିସ୍ଥିତିରେ ଆମକୁ ବ୍ୟବହାର କରିବେ । କିନ୍ତୁ ଈଶ୍ୱରଙ୍କ ବାକ୍ୟ ଓ ପ୍ରାର୍ଥନାରେ ଆମେ ଯେତେ ଅଧିକ ପ୍ରସ୍ତୁତ ହେବା, ଈଶ୍ୱରଙ୍କ ପାଇଁ ଫଳପ୍ରଦ ଭାବରେ ବ୍ୟବହୃତ ହେବାକୁ ସେତେ ଅଧିକ ଉତ୍ତମଭାବେ ପ୍ରସ୍ତୁତ ହେବା ।

ତାଙ୍କ ବାକ୍ୟରେ ଉଦ୍‌ଯୋଗୀ ଓ ବାକ୍ୟ ପ୍ରତି ବିଶ୍ୱସ୍ତ ହେବା ପାଇଁ ଈଶ୍ୱର ନେତାମାନଙ୍କଠାରୁ ଆବଶ୍ୟକ କରନ୍ତି । ଏହା ନେତାମାନଙ୍କର ବ୍ୟକ୍ତିଗତ ଉପକାର ଏବଂ ତତ୍ ସଙ୍ଗେ ସଙ୍ଗେ ସେମାନେ ଯେଉଁମାନଙ୍କର ନେତୃତ୍ୱ ନିଅନ୍ତି, ସେମାନଙ୍କର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ ଅଟେ । ପ୍ରତିଦିନ ବାଇବଲ ଅଧ୍ୟୟନ ଓ ପ୍ରାର୍ଥନା ଆମ ମଧ୍ୟରେ ଏପରି ଏକ ''ଆତ୍ମିକ ଭଣ୍ଡାର'' ନିର୍ମାଣକରେ ଯେଉଁଥିରୁ ପବିତ୍ରଆତ୍ମା ଆକର୍ଷଣ କରିପାରନ୍ତି । ଏହାପରେ ଆମେ ଯାହା କହୁ, ସେଥିରେ ପବିତ୍ର ଆତ୍ମା ତାଙ୍କର ଶକ୍ତି, ଜ୍ଞାନ ଓ ସ୍ୱର୍ଗୀୟ ଦୃଷ୍ଟିକୋଣ ଯୋଗକରନ୍ତି । ଏହି ସମ୍ମିଶ୍ରଣ ଶ୍ରୋତାର ଜୀବନକୁ ପରିବର୍ତ୍ତିତ କରିପାରେ ।

ପବିତ୍ର ଆତ୍ମା ଯେପରି ଆମକୁ ଯେ କୌଣସି ପରିସ୍ଥିତିରେ ବ୍ୟବହାର କରିବେ, ଏଥିପାଇଁ ସର୍ବଦା ପ୍ରସ୍ତୁତ ରହିବାକୁ ଈଶ୍ୱରଙ୍କ ବାକ୍ୟ ଆମକୁ ଉତ୍ସାହିତ କରେ (୨ତୀମ ୪:୨; ୧ପିତ ୩:୧୫) । ଏହା କେବଳ ଈଶ୍ୱରଙ୍କ ବାକ୍ୟର ଉଦ୍‌ଯୋଗପୂର୍ଣ୍ଣ ଅଧ୍ୟୟନ ଓ ପ୍ରାର୍ଥନା ମାଧ୍ୟମରେ ସାଧିତ ହୁଏ ।

**୪) ଅଭିଷେକର କୁବ୍ୟବହାର କିମ୍ବା ଅପବ୍ୟବହାର କରାଯାଇପାରେ**

ଧର୍ମଶାସ୍ତ୍ରରେ ଏପରି ଲୋକମାନଙ୍କ ବିଷୟରେ ଅନେକ ଦୃଷ୍ଟାନ୍ତ ରହିଛି ଯେଉଁମାନେ ପବିତ୍ର ଆତ୍ମାଙ୍କ ଶକ୍ତିର କୁବ୍ୟବହାର କିମ୍ବା ଅପବ୍ୟବହାର କରୁଥିଲେ । ସେମାନେ ତାହା କରୁଥିବା ସମୟରେ ସେମାନଙ୍କ ଭୁଲ ଆଚରଣ ଈଶ୍ୱରଙ୍କ ଦଣ୍ଡ ଓ ଶାସ୍ତି ଆଣୁଥିଲା ।

କ) ବିଚାରକର୍ତ୍ତା ୧୩-୧୬ ଅଧ୍ୟାୟ - ଶାମ୍‌ଶନ୍ - ଶାମଶନଙ୍କୁ ଈଶ୍ୱରଙ୍କ ଦାନ ଥିଲା ଅତିରିକ୍ତ ଶାରୀରିକ ଶକ୍ତି । ଯେତେବେଳେ ପବିତ୍ର ଆତ୍ମା ତାଙ୍କ ଉପରେ ଅବତରଣ କରନ୍ତି, (ବିଚାର ୧୩:୨୪,୨୫; ୧୪:୬,୧୯; ୧୫:୧୪), ସେତେବେଳେ ଶାମ୍‌ଶନ୍ ଇସ୍ରାଏଲକୁ ଅତ୍ୟାଚାର କରୁଥିବା ପଲେଷ୍ଟୀୟମାନଙ୍କ ବିରୁଦ୍ଧରେ ମହାଶକ୍ତିର କାର୍ଯ୍ୟ କରୁଥିଲେ । କିନ୍ତୁ ଯଦିଓ ଶାମ୍‌ଶନ୍ ଅତି ବଡ଼ ଓ ଅସାଧାରଣ ଦାନ ପାଇଥିଲେ, ତଥାପି ତାଙ୍କର ନୈତିକ ଦୁର୍ବଳତା ତାଙ୍କୁ ପତନ ଦିଗକୁ କଢ଼ାଇ ନେଇଥିଲା ଓ ତାଙ୍କର ଜୀବନକୁ ଓ ଇସ୍ରାଏଲ ପ୍ରତି ତାଙ୍କର କାର୍ଯ୍ୟକୁ ସଂକ୍ଷିପ୍ତ କରି ଦେଇଥିଲା (ବିଚାରକର୍ତ୍ତା ୧୬ ଅଧ୍ୟାୟ ଦେଖନ୍ତୁ) ।

ଶାମ୍‌ଶନ ନିଜ ଇଚ୍ଛାନୁସାରେ ଜୀବନ କାଟିବା ପରେ ମଧ୍ୟ ଈଶ୍ୱର ତାଙ୍କୁ ଅଭିଷିକ୍ତ କରିବେ ବୋଲି ଭାବିଥିଲେ । ଏହା ଅତି ଭୁଲ୍ ଧାରଣା, ଆଉ ଏହା ଈଶ୍ୱରଙ୍କ ଦାସ ଭାବରେ ତାଙ୍କୁ ବିଫଳ କରିଥିଲା । ଯଦିଓ ସେ ପରେ ଅନୁତାପ କରିଥିଲେ ଓ ଈଶ୍ୱର ତାଙ୍କୁ ପୁନର୍ବାର ବ୍ୟବହାର କରିଥିଲେ, ତଥାପି ଶାମ୍‌ଶନଙ୍କ ଜୀବନ ଓ ସେବାକାର୍ଯ୍ୟ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ସଂପୂର୍ଣ୍ଣ ଭାବରେ ସଫଳ କରିପାରି ନ ଥିଲା ।

(ମଣ୍ଡଳୀ ନେତାର ଅଭିଷେକ ଉପରେ ଚରିତ୍ରର କିପରି ପ୍ରତ୍ୟକ୍ଷ ପ୍ରଭାବ ରହିଛି, ତାହା ଆମେ ଭାଗ - ୩ ଖ.୧ ''ଚରିତ୍ର ଓ ଅଭିଷେକ''ରେ ଆହୁରି ଭଲ ଭାବରେ ଦେଖିବା) ।

ଖ) ଲେବୀୟ ୧୦:୧-୩ - ନାଦବ୍ ଓ ଅବୀହୂ - ମହାଯାଜକ ହାରୋଣଙ୍କର ଏହି ଦୁଇଜଣ ପୁତ୍ରଙ୍କୁ ଇସ୍ରାଏଲ ଲୋକମାନଙ୍କର ଯାଜକଭାବରେ କାର୍ଯ୍ୟ କରିବାକୁ ଅଭିଷିକ୍ତ କରାଯାଇଥିଲା । ବାଇବଲ ଲେଖିଛି ଯେ ସେମାନେ ''ସଦାପ୍ରଭୁ ଯାହା



ଆଜ୍ଞା କରି ନ ଥିଲେ, ଏପରି ଇତର ଅଗ୍ନି ତାହାଙ୍କ ଛାମୁରେ ଉତ୍ସର୍ଗ କଲେ'' (ଲେବୀୟ ୧୦:୧) । ଏହା ଈଶ୍ୱରଙ୍କଠାରୁ ଆଦେଶ ନ ନେଇ ଅବାଧ୍ୟତାରେ କରାଯାଇଥିଲା (ଯାତ୍ରା ୩୦:୯) ।

ଈଶ୍ୱର ଯାଜକମାନଙ୍କର ବଳିଦାନ ଓ ନୈବେଦ୍ୟ ନିମନ୍ତେ ନିର୍ଦ୍ଦିଷ୍ଟ ସମୟ ଓ ପଦ୍ଧତି ସ୍ଥାପନ କରିଥିଲେ । ପ୍ରଭୁଙ୍କ ପ୍ରତି ଓ ତାଙ୍କ ମାର୍ଗ ପ୍ରତି ବାଧ୍ୟତା ସର୍ବଦା ମୁଖ୍ୟ ବିଷୟ ଅଟେ । ନାଦବ ଓ ଅବୀହୂ ଧର୍ମଯାଜକ ଭାବରେ ନିଯୁକ୍ତି ପାଇଥିଲେ ମଧ୍ୟ ସେମାନଙ୍କର ଅବାଧ୍ୟତା ପାଇଁ ସେମାନଙ୍କୁ କ୍ଷମା ମିଳି ନ ଥିଲା । ଈଶ୍ୱରଙ୍କ ଦଣ୍ଡ ହାରୋଣଙ୍କର ଏହି ଦୁଇ ପୁତ୍ରଙ୍କ ଉପରେ କ୍ଷିପ୍ର ଓ କଠୋର ଥିଲା ଯେଉଁମାନେ ନିଜର ମତ ଅନୁସାରେ ଈଶ୍ୱର-ସେବା କରିଥିଲେ (ଲେବୀ ୧୦:୨) ।

ମଣ୍ଡଳୀ ନେତା ଭାବରେ, ଆମକୁ ସର୍ବଦା ଉଭୟ ପବିତ୍ର ଆତ୍ମାଙ୍କ ଚାଳନା ଓ ଈଶ୍ୱରଙ୍କ ବାକ୍ୟର ନିୟମ ତଥା ଆଦେଶ ମାନିବାକୁ ହେବ । ଆମେ ଈଶ୍ୱରଙ୍କୁ କିପରି ଅନୁସରଣ କରିବାକୁ ଚାହୁଁ ଓ ତାଙ୍କର ମଣ୍ଡଳୀରେ ସେବା କରିବାକୁ ଚାହୁଁ, ତାହା ମନୋନୀତ କରିବା ପାଇଁ ଆମେ ନିଜ ଚିନ୍ତାର ଫାନ୍ଦରେ ପଡ଼ିବା ଅନୁଚିତ । ଫଳପ୍ରଦ ସେବାକାର୍ଯ୍ୟ ବିଷୟରେ ତାଙ୍କ ବାକ୍ୟ ଆମ ନିକଟରେ ଯାହାସବୁ ପ୍ରକାଶ କରେ, ତାହାକୁ ଗ୍ରହଣ କରି ଆମର ସମସ୍ତ ଶକ୍ତିରେ ସେଗୁଡ଼ିକୁ କରିବାକୁ ହେବ ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ - ଅଭିଷିକ୍ତ ହୋଇଥିବା - ବିଶେଷ ଭାବରେ, ଯେଉଁମାନଙ୍କୁ ଈଶ୍ୱର ବହୁଳଭାବରେ ବ୍ୟବହାର କରନ୍ତି, ସେହି ମଣ୍ଡଳୀ ନେତାମାନଙ୍କ ପାଇଁ ଏହା ଚିନ୍ତା କରିବା ପ୍ରଲୋଭନଯୁକ୍ତ ଅଟେ ଯେ ଧର୍ମଶାସ୍ତ୍ରର ମୌଳିକ ଆଦେଶ ଆଉ କୌଣସି ପ୍ରକାରେ ସେମାନଙ୍କ ପ୍ରତି ପ୍ରଯୁଜ୍ୟ ନୁହେଁ । ସେମାନେ ଯାହାସବୁ କରନ୍ତି, ତାହା ଜଣେ ପବିତ୍ର ଈଶ୍ୱରଙ୍କ ଚକ୍ଷୁ ସମ୍ମୁଖରେ କରାଯାଉଛି ବୋଲି ସେମାନେ ଭୁଲି ଯାଆନ୍ତି (ଲେବୀ ୧୦:୩) ।

ଆମେ ଏପରି ଲୋକମାନଙ୍କ ବିଷୟରେ ଶୁଣିଛୁ । ଯେଉଁମାନଙ୍କୁ ଈଶ୍ୱର ବହୁଳ ଭାବରେ ବ୍ୟବହାର କରୁଥାନ୍ତି ଓ ଯେଉଁମାନେ ପରେ ନୈତିକ ବିଫଳତା, ଅର୍ଥନୈତିକ ସମସ୍ୟା ଓ ଅନ୍ୟ ଦୁଃଖଦ ଅପରାଧ ତଥା ପାପ ମଧ୍ୟରେ ପତିତ ହୁଅନ୍ତି । ଏହି ବିଫଳତାଗୁଡ଼ିକ ଗୋଟିଏ ମୁହୂର୍ତ୍ତରେ ସେମାନଙ୍କ ଉପରକୁ ଆସେ ନାହିଁ । ସେଗୁଡ଼ିକ ଅସାଧାରଣ ଭାବରେ ଛୋଟ ଛୋଟ ବୁଝାମଣା ଓ ବାହାନାରୁ ଆରମ୍ଭ ହୋଇ ଈଶ୍ୱରଙ୍କ ବାକ୍ୟର ଅବାଧ୍ୟତା ଓ ସଂପୂର୍ଣ୍ଣ ବିଫଳତାରେ ଶେଷ ହୁଏ (ଯାକୁ ୧:୧୪,୧୫) ।

ଆମେ ଏହା ଆଦୌ ଭୁଲିବା ଉଚିତ ନୁହେଁ ଯେ ଈଶ୍ୱର ପବିତ୍ର ଅଟନ୍ତି, ଆଉ ସେ ଆମକୁ ମଧ୍ୟ ପବିତ୍ର ହେବା ପାଇଁ ଆହ୍ୱାନ କରିଛନ୍ତି (ଲେବୀ ୧୧:୪୪; ୧ପିତର ୧:୧୬) । ଈଶ୍ୱରଙ୍କ ବାକ୍ୟ, ତାଙ୍କର ଆଦେଶ, ତାଙ୍କର ନିୟମ ପ୍ରତ୍ୟେକ ଖ୍ରୀଷ୍ଟ ବିଶ୍ୱାସୀ ଓ ଖ୍ରୀଷ୍ଟ ଅନୁଗାମୀ ନିମନ୍ତେ, ବିଶେଷ ଭାବରେ, ତାଙ୍କର ଆହୂତ ଓ ଅଭିଷିକ୍ତ ନେତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ ।

ଗ) ଗଣନା ୧୧:୧୬-୩୦ - ପ୍ରାଚୀନମାନେ - ବାଇବଲ ଇସ୍ରାଏଲର ଭ୍ରମଣ ସମୟର ଏକ ଘଟଣା ଲିପିବଦ୍ଧ କରିଛି, ଯେତେବେଳେ ଈଶ୍ୱର ୭୦ ଜଣ ପ୍ରାଚୀନମାନଙ୍କ ଉପରେ ନିଜର ଆତ୍ମା ସ୍ଥାପନ କରିଥିଲେ ଓ ସେମାନେ ଭାବବାଣୀ କହିଥିଲେ (୨୫ପଦ) । ଏପରି ଦୁଇଜଣ ବ୍ୟକ୍ତି ଥିଲେ ଯେଉଁମାନେ ଅନ୍ୟମାନଙ୍କ ସହିତ ସମାଗମ ତମ୍ବୁରେ ଉପସ୍ଥିତ ନ ଥିଲେ, ମାତ୍ର ଶିବିର ମଧ୍ୟରେ ରହିଥିଲେ । ଆତ୍ମା ସେମାନଙ୍କ ଉପରେ ମଧ୍ୟ ଅବତରଣ କରିଥିଲେ, ଆଉ ସେମାନେ ଭାବବାଣୀ କହିବା ଆରମ୍ଭ କରିଥିଲେ (୨୬ ପଦ) ।



ସେ ସମୟରେ ମୋଶାଙ୍କ ପରିଚାରକ ଯିହୋଶୂୟ ଏହି ଦୁଇଜଣଙ୍କୁ ଭାବବାଣୀ କହିବା ପାଇଁ ନିଷେଧ କରାଯାଉ ବୋଲି କହିଥିଲେ (୨୮ ପଦ) । କିନ୍ତୁ ମୋଶା ଯିହୋଶୂୟଙ୍କୁ ଭର୍ତ୍ସନା କରିଥିଲେ ଓ ପ୍ରଭୁଙ୍କର ସମସ୍ତ ଲୋକଙ୍କ ଉପରେ ପବିତ୍ର ଆତ୍ମା ଅବତରଣ କରିବେ ବୋଲି ଭାବବାଣୀ ପ୍ରକାଶ କରିଥିଲେ (୨୯ ପଦ; ଯୋୟେଲ ୨:୨୮,୨୯; ପ୍ରେରିତ ୨:୧୪-୨୧) ।

ଯିହୋଶୂୟଙ୍କର, ସମ୍ଭବତଃ, ଭଲ ଉଦ୍ଦେଶ୍ୟ ଥିଲା ଓ ଦୁଇଜଣ ବ୍ୟକ୍ତି ଅନ୍ୟ ପ୍ରାଚୀନମାନଙ୍କ ସହିତ ଉପସ୍ଥିତ ନ ଥାଇ ବିଶୃଙ୍ଖଳିତ ଭାବରେ ଭାବବାଣୀ କହୁଛନ୍ତି ବୋଲି ସେ ଚିନ୍ତିତ ଥିଲେ । କିନ୍ତୁ କେତେବେଳେ ଓ କାହା ମାଧ୍ୟମରେ ଈଶ୍ୱର କଥା କହିବେ, ତାହା ନିର୍ଣ୍ଣୟ କରିବା ତାଙ୍କର ଦାୟିତ୍ୱ ବୋଲି ଚିନ୍ତା କରିବା ଯିହୋଶୂୟଙ୍କର ଭୁଲ୍ ଥିଲା ।



ପାଳକଙ୍କଠାରୁ ପାଳକଙ୍କ ନିକଟକୁ - ଯେତେବେଳେ ନେତାମାନେ ପବିତ୍ର ଆତ୍ମାଙ୍କ କାର୍ଯ୍ୟକୁ ନିୟନ୍ତ୍ରଣକୁ କିମ୍ବା ସେଥିରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଉଦ୍ୟମ କରନ୍ତି, ସେତେବେଳେ ସେମାନେ ଭୁଲ୍ କରନ୍ତି ପ୍ରାୟତଃ, ''ସମସ୍ତ ବିଷୟ ବିହିତମତେ ଓ ସୁଧାରାନୁସାରେ କରାଯାଉ'' ବୋଲି ଆମର ଉତ୍ତମ-ମନୋଭାବ ବିଶିଷ୍ଟ ଇଚ୍ଛା ରହିଥାଏ (୧ କରିନ୍ଥୀ ୧୪:୪୦) । କିନ୍ତୁ ଆମର ମାର୍ଗସକଳ ଈଶ୍ୱରଙ୍କ ମାର୍ଗ ସଦୃଶ ନୁହେଁ (ଯିଶା ୫୫:୮୯) । ଆମେ କେଉଁ ବିଷୟରେ ସହଜ ଅନୁଭବ କରୁ, ସେ ସମ୍ବନ୍ଧୀୟ ଆମର ମାନବିକ ଆଦର୍ଶ କିମ୍ବା ଚିନ୍ତାଧାରାର ହୁଏତ ଗୋଟିଏ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଈଶ୍ୱର ଯାହା କରିବାକୁ ଇଚ୍ଛା କରନ୍ତି, ତା' ସହିତ କୌଣସି ସଂପର୍କ ନ ଥାଏ ।

ଈଶ୍ୱର ଅପସନ୍ଦ ଉପାଦାନ ମାଧ୍ୟମରେ ଓ ଅସାଧାରଣ ପଦ୍ଧତି ଦ୍ୱାରା ଅସାଧାରଣ ଭାବରେ ଗତି କରିପାରନ୍ତି । ବାଲାମଙ୍କର ଗଧ (ଗଣନା ୨୨:୨୨-୪୦) କିମ୍ବା ଅନ୍ଧ ବ୍ୟକ୍ତିକୁ ସୁସ୍ଥ କରିବା ସମୟରେ ଯୀଶୁ ବ୍ୟବହାର କରିଥିବା ମାଟି ଓ ଛେପ (ଯୋହନ ୯:୧-୬) ବିଷୟ ବିଚାର କରନ୍ତୁ ।

ଆମେ ମହାଶସ୍ୟ ଅମଳ ଓ ଈଶ୍ୱରଙ୍କ ଆତ୍ମା ବୃଷ୍ଟିର ଦିନରେ ବାସ କରୁଅଛୁ । ଅସାଧାରଣ ଘଟଣାବଳି, ଅଲୌକିକ କାର୍ଯ୍ୟ, ଭାବବାଣୀ ଓ ଈଶ୍ୱରଙ୍କ ଆତ୍ମାର ଅନ୍ୟ ପରିପ୍ରକାଶ ପୃଥିବୀସାରା ବୃଦ୍ଧି ପାଉଅଛି । ଆମକୁ ଚିହ୍ନିବାର ଆତ୍ମା ବ୍ୟବହାର କରିବାକୁ ହେବ, ହଁ; ଆଉ ଈଶ୍ୱରଙ୍କ ନାମରେ କରାଯାଉଥିବା ସମସ୍ତ ବିଷୟକୁ ଗ୍ରହଣ କିମ୍ବା ବିଶ୍ୱାସ କରିବା ଉଚିତ ନୁହେଁ (ମାଥିଉ ୭:୨୧-୨୩) । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ସମୟରେ ଆମକୁ ପବିତ୍ର ଆତ୍ମାଙ୍କ ସହିତ ସହଯୋଗ କରିବା ଓ ଗତି କରିବା ଶିକ୍ଷା କରିବାକୁ ହେବ ।

କେତେବେଳେ, କିପରି ଓ କାହା ମାଧ୍ୟମରେ ପବିତ୍ର ଆତ୍ମା କାର୍ଯ୍ୟ କରିପାରନ୍ତି, ତାହା ନିର୍ଣ୍ଣୟ କରିବା ଆମର କାର୍ଯ୍ୟ ନୁହେଁ । ଈଶ୍ୱର ବ୍ୟବହାର କରୁଥିବା ପାତ୍ରଗୁଡ଼ିକ ନିଶ୍ଚୟ ସିଦ୍ଧ ହୋଇ ନ ଥିବେ । ଆମ ମଧ୍ୟରୁ କେହି ହେଲେ ସିଦ୍ଧ ନୁହଁନ୍ତି, ମାତ୍ର ଆମ ମାଧ୍ୟମରେ ହିଁ କାର୍ଯ୍ୟ କରିବାକୁ ଈଶ୍ୱର ନିଷ୍ପତ୍ତି ନେଇଥାନ୍ତି !

କିନ୍ତୁ, ଏହାକୁ ଲକ୍ଷ୍ୟ କରିବାକୁ ହେବ ଯେ ଯେଉଁମାନେ ପାପରେ ବାସ କରୁଥାନ୍ତି କିମ୍ବା ଭୁଲ ଶିକ୍ଷା ଦେଉଥାନ୍ତି, ସେମାନଙ୍କ ସହିତ ଜଡ଼ିତ ନ ହେବା ପାଇଁ ଧର୍ମଶାସ୍ତ୍ର ସ୍ପଷ୍ଟ କରି ଦେଇଛି (୧ତୀମଥି ୬:୩-୫; ୨ତୀମଥି ୩:୧-୫) ।

ଭାବବାଣୀକୁ ସଠିକ୍‌ଭାବେ ବିଚାର କରିବା ବିଷୟରେ ମଧ୍ୟ ଆମକୁ ସତର୍କ ରହିବାକୁ ହେବ (୧କରିନ୍ଥୀ ୧୪:୨୯) । ଆମେ ଗୋଟିଏ ଭାଇ କିମ୍ବା ଭଉଣୀର ମୂଲ୍ୟାଙ୍କନ କରିବା ପାଇଁ କିମ୍ବା ତାଙ୍କୁ ଜାଣିବା ପାଇଁ ଜଗତର ବାହ୍ୟ ଆଦର୍ଶ ମଧ୍ୟ ବ୍ୟବହାର କରିବା ଅନୁଚିତ (୨ କରିନ୍ଥୀ ୫:୧୬,୧୭) ।

ପାଳକ ଭାବରେ, ନେତୃତ୍ୱ ନେବା ପାଇଁ ଆମର ଇଚ୍ଛାରେ ଆମେ ନିୟନ୍ତ୍ରଣ କରିବା ପାଇଁ ପ୍ରଲୋଭିତ ହୋଇପାରିବା ନାହିଁ । ଏପରି କଲେ, ଆମ ମଧ୍ୟରେ ଆମେ ପବିତ୍ର ଆତ୍ମାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବାର କିମ୍ବା ତାହା ସଂପୂର୍ଣ୍ଣ ଭାବରେ ବନ୍ଦ କରିବାର ବିପଦ ମଧ୍ୟରେ ରହିଥାଉ (ଯେପରି ଯିହୋଶୂୟ ପ୍ରାୟ କରିଦେଇଥିଲେ) ।

କେତେବେଳେ ଓ କିପରି ଭାବବାଣୀ କହିବାକୁ ହେବ, ଏ ବିଷୟରେ ଆମେ ଆମର ଶିଷ୍ୟମାନଙ୍କୁ ଶିକ୍ଷା ଦେବା ପାଇଁ ଯଥେଷ୍ଟ ସମୟ ଦେବା ଉଚିତ । କିନ୍ତୁ ଏହାପରେ, ସେମାନେ ଶିକ୍ଷିତ ହୋଇ ବୃଦ୍ଧି ପାଉଥିବା ସମୟରେ ସେମାନଙ୍କ ମଧ୍ୟଦେଇ ପବିତ୍ର ଆତ୍ମାଙ୍କୁ କାର୍ଯ୍ୟ କରିବାର ଅନୁମତି ଦେବା ଉଚିତ ।

ମନେରଖନ୍ତୁ, ପାଳକଭାବରେ ଆମର କାର୍ଯ୍ୟ ହେଉଛି ଲୋକମାନଙ୍କୁ ଏପରି ନେତୃତ୍ୱ ଦେବା ଯେପରି ଶିଷ୍ୟଭାବରେ ସେମାନେ ବୃଦ୍ଧି ପାଇବେ । ଏହାର ଅର୍ଥ ହେଉଛି, ଅନ୍ୟାନ୍ୟ ବିଷୟଗୁଡ଼ିକ ମଧ୍ୟରେ, ପବିତ୍ର ଆତ୍ମାଙ୍କ ଚାଳନାରୁ ଗ୍ରହଣ କରିବା ପାଇଁ ଓ ସେଥିପ୍ରତି ପ୍ରତିକ୍ରିୟା ଦେଖାଇବା ପାଇଁ ସେମାନଙ୍କୁ ଶିକ୍ଷା ଦେବା ଓ ଏଥିପାଇଁ ସେମାନଙ୍କୁ ଉନ୍ମୁକ୍ତ କରିବା ।

ଘ) ପ୍ରେରିତ ୫:୧-୧୧; ୮:୯-୨୪ – ହନନିୟ ଓ ଶଫୀରା; ଯାଦୁଗର ଶିମୋନ – ପ୍ରେରିତ ପୁସ୍ତକ ପବିତ୍ର ଆତ୍ମାଙ୍କ ଶକ୍ତିକୁ ଊଣା କରିବା ପାଇଁ ଆଦ୍ୟମଣ୍ଡଳୀ ସମୟରେ ଘଟିଥିବା ଦୁଇଟି ପୃଥକ୍ ଘଟଣାକୁ ଲିପିବଦ୍ଧ କରିଛି ।

୧) ପ୍ରଥମ ଘଟଣାରେ ହନନିୟ ଓ ଶଫୀରା ଅନ୍ତର୍ଭୁକ୍ତ ଥିଲେ (ପ୍ରେରିତ ୫:୧-୧୧) । ସେମାନେ ସେମାନଙ୍କର ସଂପତ୍ତି ବିକ୍ରୟ ସମ୍ବନ୍ଧରେ ଆଦ୍ୟ ମଣ୍ଡଳୀର ନେତାମାନଙ୍କୁ ପ୍ରତାରିତ କରିବା ପାଇଁ ଉଦ୍ୟମ କରିଥିଲେ । ପିତର ସେମାନଙ୍କୁ ପ୍ରଶ୍ନ କରିଥିଲେ, ଓ ସେମାନଙ୍କର ଅପରାଧକୁ ''ପବିତ୍ର ଆତ୍ମାଙ୍କ ପ୍ରତି ଏକ ମିଥ୍ୟା'' ଭାବରେ ନାମିତ କରିଥିଲେ (୩ପଦ) ।

ଏହି ଶାସ୍ତ୍ରାଂଶରୁ ଏହା ଜଣାଯାଏ ଯେ ସମସ୍ୟା ସେମାନେ ଦେଇଥିବା ଅର୍ଥର ପରିମାଣ ସମ୍ବନ୍ଧୀୟ ନ ଥିଲା (୪ ପଦ) । ବରଂ, ସେମାନେ ସେମାନଙ୍କର ଛଳନା



ଯୋଗୁ ଦଣ୍ଡ ପାଇଥିଲେ । ଫାରୁଶୀ ଓ ଶାସ୍ତ୍ରୀମାନଙ୍କଠାରେ ଥିବା ଛଳନା ଓ ଧାର୍ମିକ ଆତ୍ମାଗୁଡ଼ିକୁ ଈଶ୍ୱର ପ୍ରଶ୍ନ କରିଥିଲେ (ମାଥି ୨୩:୧-୩୬; ୬:୧-୬; ମାର୍କ ୧୨:୩୮-୪୦ ଇତ୍ୟାଦି) ।

ଯେଉଁମାନେ ଖ୍ରୀଷ୍ଟଙ୍କର ଅନୁସରଣ କରନ୍ତି, ସେମାନେ ଏପରି ଧାର୍ମିକତା ରଖିବା ଉଚିତ ଯାହା ଫାରୁଶୀମାନଙ୍କର ଧାର୍ମିକତାଠାରୁ ଅଧିକ ହୋଇଥିବ (ମାଥିଉ ୫:୨୦) । ଏହା ବାହ୍ୟ ବିଧିବିଧାନ କିମ୍ବା ଧାର୍ମିକତାର ଏକ ବାହ୍ୟ ଚେହେରା ନ ହୋଇ ହୃଦୟର ଧାର୍ମିକତା ହେବା ଉଚିତ । ଏହା ମଧ୍ୟ କହିବାକୁ ହେବ ଯେ ଯଦି ଜଣେ ବ୍ୟକ୍ତିଠାରେ ଆଭ୍ୟନ୍ତରୀଣ ଧାର୍ମିକତା ଥିବ, ତେବେ ବାହ୍ୟ ଆଚରଣରେ ମଧ୍ୟ ଆପେ ପ୍ରକାଶ ପାଇବ ଯେ ସେ ପ୍ରକୃତରେ ଧାର୍ମିକ ଅଟେ (ମାଥି ୨୩:୨୫,୨୬) ।

ଜଣାଯାଏ ଯେ ହନନିୟ ଓ ଶଫୀରା ସେମାନଙ୍କର ବ୍ୟକ୍ତିଗତ ଲାଭ ନିମନ୍ତେ ଆଦ୍ୟ ମଣ୍ଡଳୀରେ ପବିତ୍ର ଆତ୍ମାଙ୍କ ଅସାଧାରଣ ଓ ପ୍ରଭାବଶାଳୀ ଗତିକୁ ବ୍ୟବହାର କରିଥିଲେ । ସେମାନେ କାର୍ଯ୍ୟ ସହିତ ସହଯୋଗ କରିବା ଭଳି ଛଳନା କରିଥିଲେ, ମାତ୍ର ସ୍ପଷ୍ଟତଃ, ସେମାନଙ୍କର ଏକ ସ୍ୱାର୍ଥପର ଓ ଗୁପ୍ତ ମନୋଭାବ ଥିଲା । ସେମାନଙ୍କର କାର୍ଯ୍ୟ ଏହା ପ୍ରକାଶ କରେ ଯେ ସେମାନେ ସେହି ପ୍ରେରିତମାନଙ୍କର କର୍ତ୍ତୃତ୍ୱକୁ ସମ୍ମାନ ଦେଖାଇ ନ ଥିଲେ, ଯେଉଁମାନଙ୍କୁ ଈଶ୍ୱର ନେତା ଭାବରେ ନିଯୁକ୍ତି ଦେଇଥିଲେ – ଆଉ ଶେଷରେ, ସେହି ପବିତ୍ର ଆତ୍ମାଙ୍କୁ ମଧ୍ୟ ସମ୍ମାନ କିମ୍ବା ଗୌରବ ପ୍ରଦାନ କରି ନ ଥିଲେ ଯାହାଙ୍କଠାରୁ ପ୍ରେରିତମାନେ ସେମାନଙ୍କର କର୍ତ୍ତୃତ୍ୱ ପ୍ରାପ୍ତ ହୋଇଥିଲେ ।

ଈଶ୍ୱର ହନନିୟ ଓ ଶଫୀରାଙ୍କ ହୃଦୟକୁ ଦେଖିଥିଲେ ଓ ସେମାନଙ୍କ ଉପରେ କ୍ଷିପ୍ର ଓ କଠୋର ଦଣ୍ଡ ଆଣିଥିଲେ (୫:୫,୯,୧୦) ।

ଈଶ୍ୱର ବିଶୁଦ୍ଧ ଓ ପବିତ୍ର ମଣ୍ଡଳୀ ଇଚ୍ଛା କରନ୍ତି (ଏଫିସୀ ୫:୨୭) । ଏହା ସାଧନ କରିବା ପାଇଁ, ମଣ୍ଡଳୀର ପ୍ରଭୁ ନିଜର ବଧୂକୁ ପରିବର୍ତ୍ତିତ ଓ ବିଶୁଦ୍ଧ କରିବା ପାଇଁ ଅବିରତ କାର୍ଯ୍ୟ କରନ୍ତି (ଏଫିସୀ ୫:୨୬,୨୭) । ସେ ଆମକୁ ଯଥେଷ୍ଟ ପ୍ରେମ କରୁଥିବାରୁ ଶାସନ କରନ୍ତି ଓ ଶାସ୍ତି ଦିଅନ୍ତି (୧ ପିତର ୪:୧୭; ଏବ୍ରୀ ୧୨:୩-୧୧) ।

୨) ଆଦ୍ୟମଣ୍ଡଳୀ ସମୟରେ ପବିତ୍ର ଆତ୍ମାଙ୍କର ଅଭିଷେକର ଅପବ୍ୟବହାର ପାଇଁ କରାଯାଇଥିବା ଏକ ଉଦ୍ୟମର ଦ୍ୱିତୀୟ ଦୃଷ୍ଟାନ୍ତ ପ୍ରେରିତ ୮:୯-୨୪ରେ ମିଳିଥାଏ । ଏଠାରେ ଆମେ ସେହି ଯାଦୁକର ଶିମୋନଙ୍କୁ ସାକ୍ଷାତ୍ କରୁ, ଯିଏ

ନୂତନ ଭାବେ ଖ୍ରୀଷ୍ଟ ବିଶ୍ୱାସୀ ହୋଇଥିଲେ (୧୩ ପଦ) । ଶିମୋନ ଫିଲିପ୍ପଙ୍କୁ ଅନୁସରଣ କରୁଥିବାରୁ ପବିତ୍ର ଆତ୍ମା କରୁଥିବା ମହାନ୍ ଓ ଆଶ୍ଚର୍ଯ୍ୟକର୍ମ ଦେଖି ସେ ବିସ୍ମୟାନ୍ୱିତ ହୋଇଥିଲେ ।

ଯେତେବେଳେ ପ୍ରେରିତମାନଙ୍କୁ ପବିତ୍ର ଆତ୍ମାଙ୍କ ଶକ୍ତିରେ କାର୍ଯ୍ୟ କରୁଥିବାର ଶିମୋନ ଦେଖିଲେ, ସେତେବେଳେ ସେ ନିଜେ ସେହି ଶକ୍ତି ପାଇବା ପାଇଁ ଲୋଭାସକ୍ତ ହେଲେ । ନିଜର ଅପରିପକ୍ୱ ଓ ସେ ପର୍ଯ୍ୟନ୍ତ ରହିଥିବା ଜାଗତିକ ଚିନ୍ତାରେ ଶିମୋନ ସେହି ଶକ୍ତି ପାଇବା ପାଇଁ ପ୍ରେରିତମାନଙ୍କୁ ଟଙ୍କା ଯାଚିଥିଲେ (୧୮,୧୯ ପଦ) ।

ପିତର, ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ଶିମୋନଙ୍କ ହୃଦୟର ମନୋଭାବି ପାରିଥିଲେ; ''କାରଣ ତୁମ୍ଭେ ତିକ୍ତ ବିଷରେ ପରିପୂର୍ଣ୍ଣ ହୋଇ ଅଧର୍ମରୂପ ବନ୍ଧନରେ ଆବଦ୍ଧ ଅଛ ବୋଲି ମୁଁ ଦେଖୁଅଛି'' (୨୩ ପଦ) । ଏହା ସ୍ପଷ୍ଟ ଥିଲା ଯେ ଶିମୋନଙ୍କର ଏକ ସ୍ୱାର୍ଥପର ମନୋଭାବ ଥିଲା । ତାଙ୍କ ହୃଦୟ ପାପରେ ବନ୍ଧନଗ୍ରସ୍ତ ଥିଲା ଓ ସେ ଈଶ୍ୱରଙ୍କୁ ଗୌରବ ଦେବା ପାଇଁ ଓ ଅନ୍ୟମାନଙ୍କର ସେବା କରିବା ପାଇଁ ପବିତ୍ର ଆତ୍ମାଙ୍କୁ ଚାହିଁ ନ ଥିଲେ ।

ଏହି ପ୍ରସଙ୍ଗରେ ''ତିକ୍ତତା'' ହେଉଛି ଏକ ପ୍ରତିଦ୍ୱନ୍ଦିତା ମୂଳକ ଈର୍ଷା ସଦୃଶ (ଯାକୁବ ୩:୧୪) । ଶିମୋନ ଅନ୍ୟମାନଙ୍କ ନିକଟରେ ପ୍ରଧାନ ଓ ଆକର୍ଷଣୀୟ ହେବାକୁ ଚାହୁଁଥିଲେ; ବୋଧହୁଏ ସେ ଯେତେବେଳେ ଯାଦୁକର ଥିଲେ, ସେତେବେଳର ବ୍ୟକ୍ତି ସଦୃଶ ହେବାକୁ ଚାହୁଁଥିଲେ (ପ୍ରେରିତ ୮:୯-୧୧) । ସେ ନିଜର ବ୍ୟକ୍ତିଗତ ଲାଭ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଚାହୁଁଥିଲେ ।

> ପାଳକଙ୍କ ଠାରୁ ପାଳକଙ୍କ ନିକଟକୁ - ଏପରିକି ଆଜି ମଧ୍ୟ ଆମେ ଏପରି ନେତାମାନଙ୍କର ସମ୍ମୁଖୀନ ହେଉ, ଯେଉଁମାନେ ପ୍ରକୃତରେ ଦାନପ୍ରାପ୍ତ, ଅଭିଷିକ୍ତ ଓ ଈଶ୍ୱରଙ୍କ ଦ୍ୱାରା ବ୍ୟବହୃତ ଅଟନ୍ତି । କିନ୍ତୁ ଦୁଃଖର ବିଷୟ ହେଉଛି, ସେମାନେ ନିଜ ନିଜ ସମ୍ବନ୍ଧରେ ଯାହା ଚିନ୍ତା କରିବା ଉଚିତ, ତା' ଅପେକ୍ଷା ଅଧିକ ଉଚ୍ଚ ଭାବରେ ଚିନ୍ତା କରିବା ଆରମ୍ଭ କରିପାରନ୍ତି । ସେମାନେ ଏପରି ଅଭିନୟ କରନ୍ତି ଯେପରିକି ଶକ୍ତି ଦୟାଳୁ ଈଶ୍ୱରଙ୍କଠାରୁ ନ ଆସି ସେମାନଙ୍କ ନିଜଠାରୁ ଆସିଛି (୨ କରିନ୍ଥୀ ୪:୫-୭) । ସେମାନେ ନିଜ ନାମକୁ ଶ୍ରେଷ୍ଠ କରିବା ପାଇଁ, ଧନ ଲାଭ କରିବା ପାଇଁ କିମ୍ବା ସେମାନଙ୍କର ଅନୁସରଣ କରିବା ନିମନ୍ତେ ଅନ୍ୟମାନଙ୍କୁ ପ୍ରଭାବିତ କରିବା ପାଇଁ ସେମାନେ ସେବା କାର୍ଯ୍ୟକୁ ବ୍ୟବହାର କରନ୍ତି ।



> ଅଧିକାଂଶ ନେତା ଏହିପରି ଭାବରେ ଆରମ୍ଭ କରନ୍ତି ନାହିଁ । ଉତ୍ତମ ନେତାମାନେ ଈଶ୍ୱରଙ୍କ ଶକ୍ତି ଦ୍ୱାରା ଲୋକମାନଙ୍କ ଜୀବନ ପରିବର୍ତ୍ତିତ ହେବା ସମୟରେ ତାଙ୍କୁ ଗତିଶୀଳ ହେବାର ଓ ଗୌରବ ପ୍ରାପ୍ତ ହେବାର ଦେଖିବା ପାଇଁ କ୍ଷୁଧିତ ହୁଅନ୍ତି । କିନ୍ତୁ ଯଦି ଆମେ ଆମର ହୃଦୟକୁ ଜଗିବା ପାଇଁ ସତର୍କ ଓ ଉଦ୍‌ଯୋଗୀ ହେବା ନାହିଁ, (ହିତୋ ୪:୨୩), ତେବେ ଆମେ ପଥ ଭ୍ରଷ୍ଟ ହୋଇପାରିବା ।
>
> ଶୟତାନ ଈଶ୍ୱରଙ୍କ ଶକ୍ତିକୁ ଅସ୍ୱୀକାର କରିପାରେ ନାହିଁ, ଏଡାଇପାରେ ନାହିଁ, ଆକ୍ରମଣ କରିପାରେ ନାହିଁ କିମ୍ବା ଜୟ କରିପାରେ ନାହିଁ (ଯୋହନ ୧:୫) । ସେଥିପାଇଁ, ଏହା ପରିବର୍ତ୍ତେ ଶୟତାନ ଜଣେ ନେତାର ହୃଦୟକୁ ପ୍ରତାରିତ କରିବାକୁ ଓ ବିଷାକ୍ତ କରିବାକୁ ଚେଷ୍ଟା କରିବ (୨ କରିନ୍ଥୀ ୨:୧୧; ୧୧:୧୩-୧୫), ଯେପରି ସେ ଆଉ ଈଶ୍ୱର ଓ ତାଙ୍କ ଉଦ୍ଦେଶ୍ୟର ସେବା ନ କରି ନିଜର ସେବା କରୁଥିବା ଏକ ବ୍ୟକ୍ତିରେ ପରିଣତ ହେବ ।

## ବିଶ୍ୱସ୍ତତାକୁ ଧରି ରଖିବା

ହନନିୟ ଓ ଶଫୀରା ଏବଂ ଶିମୋନଙ୍କ କ୍ଷେତ୍ରରେ, ଆମକୁ ସତର୍କତାମୂଳକ ଓ ସଂଯତ ରହିବାର ଶିକ୍ଷା ଦିଆଯାଇଛି । ଆମେ ଏ ବିଷୟରେ ମନୋଯୋଗୀ ହେବା ଆବଶ୍ୟକ ଯେ ଯଦି ଆମେ ଅନୁମତି ଦେବା, ତେବେ ଆମର ଚିନ୍ତା ଓ କାର୍ଯ୍ୟକୁ ପ୍ରଭାବିତ କରିବା ପାଇଁ ଶୟତାନର ଶକ୍ତି ଅଛି (ପ୍ରେରିତ ୫:୩) । ଆମେ ତାକୁ କୌଣସି ସ୍ଥାନ ଦେବା ଅନୁଚିତ (ଏଫିସୀ ୪:୨୭) ।

କିନ୍ତୁ, ଧାର୍ମିକତା ଉପରେ ପାପକୁ ମନୋନୀତ କରି ଯେତେବେଳେ ନେତାମାନେ ବିଫଳ ହୁଅନ୍ତି, ସେତେବେଳେ ଗୋଟିଏ ଅତି ଗୁରୁତର ସମସ୍ୟା ସୃଷ୍ଟି ହୁଏ । ପ୍ରଥମେ, ଆମ ଈଶ୍ୱର ପବିତ୍ର ହୋଇଥିବାରୁ ପାପ ଈଶ୍ୱରଙ୍କ ସହିତ ଆମ ସଂପର୍କକୁ ଛିନ୍ନ କରେ । ଖ୍ରୀଷ୍ଟଙ୍କ ସମସ୍ତ ଅନୁଗାମୀଙ୍କୁ ବ୍ୟକ୍ତିଗତ ପବିତ୍ରତା ଓ ନୈତିକ ଶୁଚିତା ନିମନ୍ତେ ଆହ୍ୱାନ କରାଯାଇଛି ଓ ଆଦେଶ ଦିଆଯାଇଛି (୧ ପିତର ୧:୧୩-୧୯) ।

ଦ୍ୱିତୀୟରେ, ଆମକୁ ଏପରି ନେତା ହେବା ପାଇଁ ଆହ୍ୱାନ ଦିଆଯାଇଛି ଯାହାକୁ ଈଶ୍ୱରଙ୍କ ଲୋକମାନଙ୍କର ଯତ୍ନ ନେବାର ଭାର ସମର୍ପଣ କରାଯାଇଛି । ଯେତେବେଳେ ଆମେ ପାପକୁ ଅନୁମତି ଦେଉ ସେତେବେଳେ ଆମେ ସେହି ବିଶ୍ୱାସକୁ ଭଙ୍ଗ କରୁ ଓ ସେହି ଲୋକମାନଙ୍କୁ ମନ୍ଦ ଦୃଷ୍ଟାନ୍ତ ଦେଖାଉ, ଯେଉଁମାନଙ୍କର ଆମେ ନେତୃତ୍ୱ

ନେଇଥାଉ । ଆମେ ମେଷଗଣଙ୍କୁ ଶୟତାନର ଆକ୍ରମଣ ମଧ୍ୟରେ ଛାଡ଼ି ଦେଉ (୧ ପିତର ୫:୨-୪; ପ୍ରେରିତ ୨୦:୨୮-୩୦; ଏବ୍ରୀ ୧୩:୭,୧୭; ଯାକୁବ ୩:୧) । ଯଦି ଶୟତାନ ଜଣେ ନେତାକୁ ଧ୍ୱଂସ କରିପାରେ, ତେବେ ମେଷଗୁଡ଼ିକ ଛିନ୍ନ ଭିନ୍ନ ହେବେ ଓ ପତନର ବିପଦ ମଧ୍ୟରେ ରହିବେ (ମାର୍କ ୧୪:୨୭) ।

ଆମର ବିଫଳତା ଆମର ପରିବାର ଓ ଖ୍ୟାତିକୁ ମଧ୍ୟ ଆଘାତ କରିବ । ଆମେ ଈଶ୍ୱରଙ୍କ ପରିବାରକୁ ମଧ୍ୟ ଆଘାତ କରୁ ଓ ଅନ୍ୟ ବିଶ୍ୱସ୍ତ ମଣ୍ଡଳୀ ନେତାମାନଙ୍କର କ୍ଷତି କରୁ ଯେଉଁମାନଙ୍କୁ ଏହାପରେ ଅବିଶ୍ୱାସ ଓ ସଂନ୍ଦେହ ଚକ୍ଷୁରେ ଦେଖାଯାଏ (ପାଉଲଙ୍କର ୧ ତୀମଥି ୩:୧-୭ରେ ପ୍ରାଚୀନମାନଙ୍କୁ ମନୋନୀତ କରିବା ସମ୍ବନ୍ଧରେ ଶିକ୍ଷା) । ଶୟତାନ ଧ୍ୱଂସର ଯୋଜନା ସହିତ ଅତି ନିର୍ଦ୍ଦିଷ୍ଟ ଭାବରେ ମଣ୍ଡଳୀ ନେତାମାନଙ୍କୁ ଲକ୍ଷ୍ୟ କରିଥାଏ । କିନ୍ତୁ ମନେରଖନ୍ତୁ, ଆପଣ ତା'ର ପ୍ରଲୋଭନ – ଅନୁସରଣ କରିବା ପାଇଁ ମନୋନୀତ ନ କଲେ ସେ ଆପଣଙ୍କୁ ପାପ କରାଇ ପାରିବ ନାହିଁ । ଶୟତାନଙ୍କୁ ପ୍ରତିବାଧା ଦିଅନ୍ତୁ, ତହିଁରେ ସେ ଆପଣଙ୍କଠାରୁ ପଳାୟନ କରିବ (ଯାକୁ ୪:୭) ।

ଆପଣଙ୍କର ନେତୃତ୍ୱ ଭୂମିକା ଓ ଅଭିଷେକ ଏକ ଅଧିକାର ଅଟେ; ଏହା ଏକ ଗୁରୁତର ଓ ଅତ୍ୟାବଶ୍ୟକୀୟ ଦାୟିତ୍ୱ ମଧ୍ୟ ଅଟେ । ବାଇବଲ ବିଶ୍ୱସ୍ତ ରହିବା ଓ ଉତ୍ତମ ଭାବେ କାର୍ଯ୍ୟ ସମ୍ପାଦନ କରିବା ବିଷୟରେ ଆମକୁ ଅନେକ ଉତ୍ସାହ ଦେଇଛି (ମାଥି ୨୪:୧୩; ଫିଲିପ୍ପୀ ୩:୧୭,୧୮; ୨ ତୀମଥି ୪:୬-୮) । ଆମେ ଯୀଶୁଙ୍କ ନିମନ୍ତେ ଓ ତାଙ୍କର ଗୌରବ ନିମନ୍ତେ ମେଷପଲ ନିକଟରେ ବିଶ୍ୱସ୍ତତାର ଦୃଷ୍ଟାନ୍ତ ହୋଇ ଶେଷ ପର୍ଯ୍ୟନ୍ତ ଖ୍ରୀଷ୍ଟଙ୍କଠାରେ ଆମର ଭରସା ଓ ବିଶ୍ୱାସକୁ ଦୃଢ଼ ଭାବରେ ଧରି ରଖିବା ଉଚିତ (୧ ପିତର ୫:୨,୩) ।

## ଘ) ପୁରାତନ ନିୟମ – ଅଭିଷେକର ପୂର୍ବ-ନିଦର୍ଶନ

ଆମେ ଆମର ଅଧ୍ୟୟନ ଅବ୍ୟାହତ ରଖିବା ସମୟରେ, ଆସନ୍ତୁ ଆମେ ଅଭିଷେକ ସମ୍ବନ୍ଧରେ ପୁରାତନ ନିୟମର କିଛି ପୂର୍ବ ନିଦର୍ଶନ ପରୀକ୍ଷା କରିବା । ପୂର୍ବରୁ ଉଲ୍ଲେଖ କରାଯାଇଛି, – ପୁରାତନ ଆମର ଶିକ୍ଷା ଓ ଦୃଷ୍ଟାନ୍ତ ନିମନ୍ତେ ପ୍ରଦତ୍ତ ହୋଇଥିଲା (ରୋମୀୟ ୧୫:୪; ୧ କରିନ୍ଥୀ ୧୦:୧୧) । ଏହା ଏପରି ଏକ ପ୍ରଦତ୍ତ ପ୍ରତିଜ୍ଞା ଭାବରେ ଅଭିଷେକର ଏକ ସଂପୂର୍ଣ୍ଣ ଚିତ୍ର ଦେଖିବାରେ ଆମକୁ ସାହାଯ୍ୟ କରିବ ଯାହା ନୂତନ ନିୟମ ମଣ୍ଡଳୀ ଯୁଗର ଆରମ୍ଭରେ ପ୍ରଥମେ ସଫଳ ହୋଇଥିଲା (ପ୍ରେରିତ ୨ ଅଧ୍ୟାୟ) ।



### ୧) ପ୍ରତୀକାତ୍ମକ ପ୍ରାକ୍ – ନିଦର୍ଶନ

ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟ ସମ୍ବନ୍ଧରେ ପୁରାତନ ନିୟମରେ ଅନେକ ପ୍ରତୀକାତ୍ମକ ପ୍ରାକ୍ – ନିଦର୍ଶନ ରହିଛି ।

କ) ଅଗ୍ନି – ସମାଗମ ତମ୍ବୁରେ ଓ ଧୂପ ବେଦୀ ଉପରେ, ଅଗ୍ନିକୃତ ନୈବେଦ୍ୟରେ ଗୋଟିଏ ନିରନ୍ତର ଅଗ୍ନିଶିଖା ପ୍ରଜ୍ୱଳିତ ହୋଇ ରହୁଥିଲା ଯାହା ମୂଳତଃ, ଈଶ୍ୱରଙ୍କ ଦ୍ୱାରା ଆରମ୍ଭ କରାଯାଉଥିଲା (ଲେବୀ ୯:୨୪; ୨ ବଂଶା ୭:୧-୩) । ଏହି ଅଗ୍ନିଶିଖାକୁ ସର୍ବଦା ପ୍ରଜ୍ୱଳିତ କରି ରଖାଯାଉଥିଲା (ଲେବୀ ୬:୧୩) ।

ଅଗ୍ନିର ଏହି ସମାନ ପ୍ରତିରୂପ, ଯାହା ଈଶ୍ୱରଙ୍କ ଆତ୍ମାର ଜୀବନ୍ତ ଉପସ୍ଥିତିର ନିଦର୍ଶନ ଅଟେ, ତାହା ନୂତନ ନିୟମରେ ମଧ୍ୟ ଦେଖାଯାଇଛି (ମାଥି ୩:୧୧; ପ୍ରେରିତ ୨:୩) ।

ଖ) ଜଳ – ଈଶ୍ୱରଙ୍କଠାରୁ ଆତ୍ମିକ ସତେଜତା ଓ ଆଶୀର୍ବାଦ ଆଣୁଥିବା ପବିତ୍ର ଆତ୍ମାଙ୍କୁ ଦର୍ଶାଇବା ପାଇଁ ପୁରାତନ ନିୟମରେ ଜଳକୁ ଏକ ପ୍ରତୀକ ଭାବରେ ବ୍ୟବହାର କରାଯାଇଛି । ପୃଥିବୀର ଏହି ଯେଉଁ ଭାଗରେ ଜଳର ଅଭାବ ଥିଲା, ସେଠାରେ ଈଶ୍ୱରଙ୍କ ଆତ୍ମାକୁ ପ୍ରତିନିଧିତ୍ୱ କରିବା ପାଇଁ ଜଳର ପ୍ରତୀକାତ୍ମକ ବ୍ୟବହାର ଲୋକମାନଙ୍କୁ ସ୍ପଷ୍ଟ ଭାବରେ କଥା କହିଥିଲା (ଗୀତ ୨୩:୨; ଯିଶା ୩୫:୬,୭) ।

ଯିହିଜିକଲ ଈଶ୍ୱରଙ୍କ ମନ୍ଦିରରେ ଥିବା ତାଙ୍କ ବାସସ୍ଥାନରୁ ଏକ ବଡ଼ ନଦୀ ପ୍ରବାହିତ ହେଉଥିବାର ଏକ ଦର୍ଶନ ଦେଖିଥିଲେ (ଯିହିଜିକଲ ୪୭:୧-୧୨) । ଏହା ତାଙ୍କ ଲୋକମାନଙ୍କ ଉପରେ ଈଶ୍ୱରଙ୍କ ଆତ୍ମାର ଏକ ବାଧାହୀନ ସ୍ରୋତର ପ୍ରତିଫଳନ ଥିଲା ।

ଆତ୍ମାଙ୍କ ଦ୍ୱାରା ଈଶ୍ୱରଙ୍କ ଉପସ୍ଥିତିକୁ ଚିତ୍ରିତ କରିବା ପାଇଁ ଯିରିମିୟ ''ଅମୃତ ଜଳର ନିର୍ଝର'' (ଯିରି ୨:୧୩; ୧୭:୧୩) ବ୍ୟବହାର କରିଛନ୍ତି । ଯୀଶୁ ମଧ୍ୟ ଜୀବନ୍ତ ଜଳ ସମ୍ବନ୍ଧରେ କହିଛନ୍ତି, ''... ତାହାର ଅନ୍ତରରୁ ଜୀବନ୍ତ ଜଳସ୍ରୋତ ପ୍ରବାହିତ ହେଉଥିବ । ତାହାଙ୍କଠାରେ ବିଶ୍ୱାସକାରୀମାନେ ଯେଉଁ ଆତ୍ମା ପାଇବାକୁ ଯାଉଥିଲେ, ତାହାଙ୍କ ବିଷୟରେ ସେ ଏହା କହିଲେ..'' (ଯୋହନ ୭:୩୭-୩୯) । ଏହି ଦୃଷ୍ଟାନ୍ତରେ, ଯୀଶୁ ନିର୍ଦ୍ଦିଷ୍ଟ ଭାବରେ, ପବିତ୍ର ଆତ୍ମାଙ୍କର ଆସନ୍ନ ବୃଷ୍ଟି ବିଷୟରେ ଭାବବାଣୀ କହିଥିଲେ (ଯୋହନ ୧୪:୧୬,୧୭; ପ୍ରେରିତ ୨) ।

ଗ) ରକ୍ତ – ରକ୍ତକୁ ନେଇ ଯାଜକମାନଙ୍କ ପାଇଁ ଥିବା ଏକ ବିଶେଷ ଅଭିଷେକ ବିଷୟରେ ଆମେ ପୁରାତନ ନିୟମରେ ପାଠ କରିଛୁ (ଯାତ୍ରା ୨୯:୧୯-୨୧) । ଆମେ ଏହାକୁ ଭାଗ, ୨୦-୩୦ରେ ଅଧିକ ବିସ୍ତୃତ ଭାବରେ ଦେଖିବା ।

ଘ) ତୈଳ – ସମଗ୍ର ପୁରାତନ ନିୟମରେ ତୈଳର ବହୁଳ ବ୍ୟବହାର ଥିଲା । ରନ୍ଧନ, ଦୀପ କିମ୍ବା ପ୍ରସାଧନୀରେ ସାଧାରଣ ବ୍ୟବହାରଠାରୁ ଆରମ୍ଭ କରି ସର୍ବୋଚ୍ଚ ମନ୍ଦିର କାର୍ଯ୍ୟ ପର୍ଯ୍ୟନ୍ତ ତୈଳ ଗୋଟିଏ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।

ତୈଳ ବିଶେଷ ଭାବରେ, ପବିତ୍ର ଆତ୍ମାଙ୍କ ଉପସ୍ଥିତି ଓ ଶୁଚିକାରୀ ଶକ୍ତିର ନିଦର୍ଶନ ଥିଲା । ଆମେ ଏହାକୁ ରାଜା (୧ଶାମୁ ୧୦:୧), ଯାଜକ (ଯାତ୍ରା ୨୯:୧–୯) ଓ କୁଷ୍ଠୀ ମାନଙ୍କର ଶୁଚିକ୍ରିୟାରେ ବ୍ୟବହୃତ ହେବାର ଦେଖୁ (ଲେବୀ ୧୪:୧୦–୧୮) ।

ତୈଳ ଆନନ୍ଦର ମଧ୍ୟ ନିଦର୍ଶନ ଅଟେ (ଯିଶା ୬୧:୩), ଆଉ ଏହାର ଅନୁପସ୍ଥିତି ଦୁଃଖ କିମ୍ବା ଅପମାନର ପ୍ରତିନିଧିତ୍ୱ କରୁଥିଲା (ଯୋୟେ ୧:୧୦) । ତୈଳ ସମୃଦ୍ଧି (ଦ୍ୱି.ବିବ. ୩୩:୨୪) । ସ୍ୱାଚ୍ଛନ୍ଦ୍ୟ (ଆୟୁ ୨୯:୬) ଓ ଆତ୍ମିକ ପ୍ରତିପୋଷଣ (ଗୀତ ୪୫:୭)ର ଏକ ଉପମା ମଧ୍ୟ ଥିଲା (ଗୀତ ୪୫:୭) ।

## ଗୋଟିଏ ଶକ୍ତିପୂର୍ଣ୍ଣ ପ୍ରତୀକାତ୍ମକ ଚିତ୍ର

ପୁରାତନ ନିୟମ ପ୍ରତି ଏହି ସାମାନ୍ୟ ଦୃଷ୍ଟିପାତରୁ ଆମେ ଏପରି ପ୍ରତୀକ, ଚିତ୍ର ଓ ଉପମାର ବହୁଳ ପ୍ରୟୋଗ ଦେଖୁ ଯାହା ଆମ ଜୀବନରେ ପବିତ୍ର ଆତ୍ମାଙ୍କ ଅଭିଷେକ ଓ ତାଙ୍କ କାର୍ଯ୍ୟ ବିଷୟରେ ଆମ ନିକଟରେ ବହୁତ କିଛି ପ୍ରକାଶ କରେ, ପ୍ରାକ୍–ନିଦର୍ଶନ ଭାବରେ, ଏଗୁଡ଼ିକ ପବିତ୍ର ଆତ୍ମାଙ୍କର ଅଭିଷେକ ଓ କାର୍ଯ୍ୟର ପ୍ରତିନିଧିତ୍ୱ କରନ୍ତି, ଯାହା ଆଜି ଆମ ପ୍ରତି ଉପଲବ୍ଧ ହୋଇଛି । ଏହି ଅଭିଷେକ ହେଉଛି ତାଙ୍କ ଲୋକମାନଙ୍କ ଉପରେ ନିଜ ଆତ୍ମା ଢାଳିବା ପାଇଁ ଆମ ସ୍ୱର୍ଗୀୟ ପିତା କରିଥିବା ପ୍ରତିଜ୍ଞାର ସଫଳତା (ପ୍ରେରିତ ୨:୩୩–୩୯) ।

ପବିତ୍ର ଆତ୍ମାଙ୍କର ଅଭିଷେକ ସମ୍ବନ୍ଧୀୟ ଗୋଟିଏ ଅତି ଶକ୍ତିଶାଳୀ ପ୍ରତୀକାତ୍ମକ ଚିତ୍ର ହେଉଛି ପବିତ୍ର ଅଭିଷେକ ତୈଳ ପ୍ରସ୍ତୁତ କରିବା ଓ ବ୍ୟବହାର କରିବା ।

ନିମ୍ନ ଅଧ୍ୟାୟର ଏକ ଅଧ୍ୟୟନ ପବିତ୍ର ଆତ୍ମାଙ୍କ ଅଭିଷେକର ପ୍ରକୃତି ଓ କାର୍ଯ୍ୟ ସମ୍ବନ୍ଧରେ ଗଭୀର ଦୃଷ୍ଟିକୋଣ ପ୍ରଦାନ କରିବ –

''ଆହୁରି ସଦାପ୍ରଭୁ ମୋଶାଙ୍କୁ କହିଲେ, 'ତୁମ୍ଭେ ଆପଣା ନିକଟରେ ଏହିସବୁ ଅତ୍ୟୁତ୍ତମ ସୁଗନ୍ଧି ଦ୍ରବ୍ୟ, ଅର୍ଥାତ୍, ପବିତ୍ର ସ୍ଥାନର ଶେକଲ ଅନୁସାରେ ପାଞ୍ଚଶତ ଶେକଲ ଗନ୍ଧରସ ଓ ତହିଁର ଅର୍ଦ୍ଧ, ଅର୍ଥାତ୍, ଅଢ଼ାଇ ଶତ ଶେକଲ ସୁଗନ୍ଧି ଦାରୁଚିନି ଓ ଅଢ଼ାଇଶତ ଶେକଲ ବଚ ଓ ପାଞ୍ଚଶତ ଶେକଲ ଗୁଡ଼ତ୍ୱକ୍ ଓ ଏକ ହୀନ୍ ଜୀତ ତୈଳ ସଂଗ୍ରହ କରିବ । ଏହିସବୁ ଦ୍ୱାରା ତୁମ୍ଭେ ଅଭିଷେକାର୍ଥକ ପବିତ୍ର ତୈଳ, ଅର୍ଥାତ୍, ଗନ୍ଧ ବଣିକର କ୍ରିୟାନୁସାରେ ତୈଳ ପ୍ରସ୍ତୁତ କରିବ, ତାହା ଅଭିଷେକାର୍ଥକ ପବିତ୍ର



ତୈଳ ହେବ । ତାହା ତୁମ୍ଭେ ନେଇ ସମାଗମ ତମ୍ବୁ ଓ ସାକ୍ଷ୍ୟ ସିନ୍ଦୁକ, ପୁଣି ମେଜ ଓ ତହିଁର ସକଳ ପାତ୍ର ଓ ଦୀପବୃକ୍ଷ ଓ ତହିଁର ସକଳ ପାତ୍ର, ଆଉ ଧୂପ ବେଦି ଓ ତହିଁର ସକଳ ପାତ୍ର ଓ ପ୍ରକ୍ଷାଳନ ପାତ୍ର ଓ ତହିଁର ବୈଠକି ଅଭିଷେକ କରିବ । ପୁଣି ଏହିସବୁ ବସ୍ତୁକୁ ପବିତ୍ର କରିବ, ତହିଁରେ ତାହା ମହାପବିତ୍ର ହେବ, ଯାହା କିଛି ତାହା ସ୍ପର୍ଶ କରଇ, ସେସବୁ ପବିତ୍ର ହେବ । ପୁଣି ତୁମ୍ଭେ ହାରୋଣଙ୍କୁ ଓ ତାହାର ପୁତ୍ରଗଣକୁ ଆମ୍ଭର ଯାଜକକର୍ମ କରଣାର୍ଥେ ଅଭିଷେକ କରି ପବିତ୍ର କରିବ । ଆଉ ଇସ୍ରାଏଲ ସନ୍ତାନଗଣକୁ କହିବ, ତୁମ୍ଭମାନଙ୍କ ପୁରୁଷାନୁକ୍ରମେ ଆମ୍ଭ ନିମନ୍ତେ ତାହା ଅଭିଷେକାର୍ଥକ ପବିତ୍ର ତୈଳ ହେବ । ମନୁଷ୍ୟର ଶରୀରରେ ତାହା ଢ଼ଳାଯିବ ନାହିଁ; ଅଥବା ତୁମ୍ଭେମାନେ ତହିଁର ମିଶ୍ରିତ ଦ୍ରବ୍ୟର ପରିମାଣାନୁସାରେ ଆଉ କୌଣସି ତୈଳ କରିବ ନାହିଁ, ତାହା ପବିତ୍ର ଅଟେ, ଆଉ ତାହା ତୁମ୍ଭମାନଙ୍କ ପ୍ରତି ପବିତ୍ର ହେବ । ଯେ କେହି ତତ୍ତୁଲ୍ୟ କିଛି ପ୍ରସ୍ତୁତ କରିବ, ଅବା ଯେ କେହି ଅନ୍ୟ ବଂଶୀୟ ଲୋକର ଶରୀରରେ ତହିଁରୁ କିଛି ଦେବ, ସେ ଆପଣା ଲୋକମାନଙ୍କ ମଧ୍ୟରୁ ଉଚ୍ଛିନ୍ନ ହେବ'' (ଯାତ୍ରା ୩୦:୨୨–୩୩) ।

ଅଭିଷେକ ତୈଳ ପ୍ରଭୁଙ୍କ ପାଇଁ ପବିତ୍ର ଓ ବିଶୁଦ୍ଧ ଥିଲା । ଇସ୍ରାଏଲୀୟମାନେ ସେହିପରି ଭାବରେ ଅଭିଷେକାର୍ଥକ ତୈଳକୁ ଦେଖିବା ଉଚିତ ଥିଲା । ଏହି ମିଶ୍ରଣଟି କେବଳ ପବିତ୍ର କାର୍ଯ୍ୟ ନିମନ୍ତେ ବ୍ୟବହୃତ ହେବା ପାଇଁ ଏକ ପୃଥକ୍ ଓ ଅସାଧାରଣ ଅଭିଷେକ ତୈଳ ଥିଲା (୩୧–୩୩ ପଦ) ।

ଈଶ୍ୱର ଏହି ଅଭିଷେକ ତୈଳ ନିମନ୍ତେ ଏକ ସ୍ୱର୍ଗୀୟ ସୂତ୍ର ପ୍ରଦାନ କରିଥିଲେ (୨୨–୨୫ ପଦ), ଏହାକୁ ଅନ୍ୟ ବ୍ୟବହାର ପାଇଁ ନକଲ କରିବା ଅନୁଚିତ ଥିଲା । ଇସ୍ରାଏଲର ଚୁକ୍ତିବଦ୍ଧ ଲୋକଙ୍କ ବ୍ୟତୀତ ବାହାରର କୌଣସି ଲୋକଙ୍କ ପାଇଁ ଏହାର ବ୍ୟବହାର ନିଷେଧ ଥିଲା (୩୩ ପଦ) ।

## ସ୍ୱର୍ଗୀୟ ନିଯୁକ୍ତି

ଏହା ପବିତ୍ର ଆତ୍ମାଙ୍କ ଅଭିଷେକର ପ୍ରାକ୍–ନିଦର୍ଶନ ହୋଇଥିବାରୁ, ଏହି ବିଶେଷ ଅଭିଷେକ ତୈଳ ସମ୍ବନ୍ଧୀୟ ଉପରୋକ୍ତ କଠୋର ଆଇନ ଆମ ନିକଟରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ନିୟମ ପ୍ରକାଶ କରିଥାଏ ।

ପ୍ରଥମେ, ତାଙ୍କ ଆତ୍ମାର ଅଭିଷେକ ସମ୍ବନ୍ଧରେ ଈଶ୍ୱରଙ୍କର ଏକ ସାର୍ବଭୌମ ଇଚ୍ଛା ରହିଛି । ଯେପରି ସେ ଅଭିଷେକାର୍ଥକ ତୈଳର ଉପାଦାନ ସମ୍ବନ୍ଧରେ ନିର୍ଦ୍ଦେଶ ଦେଇଥିଲେ (ଯାତ୍ରା ୩୦:୨୨–୨୫), ସେହିପରି କେବଳ ଈଶ୍ୱର ତାଙ୍କ ଅଭିଷେକ

ସମ୍ବନ୍ଧରେ (୧ ଶାମୁ ୧୦:୧) ଓ ଏହି ଅଭିଷେକକୁ ଜଣେ ବ୍ୟକ୍ତିର ଜୀବନ ମାଧ୍ୟମରେ କିପରି ପ୍ରକାଶ କରିବାକୁ ହେବ (୧ କରିନ୍ଥୀ ୧୨:୭,୧୧) – ସେ ସମ୍ବନ୍ଧରେ ନିର୍ଦ୍ଦେଶ ଦିଅନ୍ତି ।

ଦ୍ୱିତୀୟରେ, ଅଭିଷେକାର୍ଥକ ତୈଳ ସେହି ଯାଜକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା, ଯେଉଁମାନେ ସମାଗମ ତମ୍ବୁରେ କାର୍ଯ୍ୟ କରୁଥିଲେ (ଯାତ୍ରା ୩୦:୩୦) । ଏହା ଗୋଟିଏ ବ୍ୟକ୍ତିର ଶରୀରରେ ଢ଼ଳାଯିବା ପାଇଁ ଉଦ୍ଦିଷ୍ଟ ନ ଥିଲା (୩୦:୩୨) । ଯୀଶୁଙ୍କର ସମସ୍ତ ପ୍ରକୃତ ବିଶ୍ୱାସୀମାନେ ଈଶ୍ୱରଙ୍କ ‘‘ରାଜକୀୟ ଯାଜକକୁଳ’’ ଭାବରେ (୧ ପିତର ୨:୯,୧୦; ପ୍ରକାଶିତ ୧:୬) ପବିତ୍ର ଆତ୍ମାଙ୍କ ଅଭିଷେକ ପାଇଛନ୍ତି (୧ ଯୋହନ ୨:୨୦–୨୭) ।

ଅବିଶ୍ୱାସୀମାନଙ୍କୁ ଏହି ଅଭିଷେକ ମିଳେ ନାହିଁ । ଈଶ୍ୱରଙ୍କ ଆତ୍ମା କେବଳ ସେହିମାନଙ୍କଠାରେ ବାସ କରନ୍ତି, ଯେଉଁମାନେ ପରିତ୍ରାଣ ପାଇଛନ୍ତି ଓ ଯେଉଁମାନେ ଈଶ୍ୱରଙ୍କ ପ୍ରତି ବାଧ୍ୟ ହୋଇଛନ୍ତି (ଯୋହନ ୩:୫,୬; ରୋମୀ ୮:୧୪–୧୬; ୧ କରିନ୍ଥୀ ୧୨:୩) ।

ପାଳକଙ୍କ ଠାରୁ ପାଳକଙ୍କ ନିକଟକୁ – ପୁରାତନ ନିୟମରେ, ମହାଯାଜକ ଲୋକମାନଙ୍କ ନିମନ୍ତେ ପ୍ରାୟଶ୍ଚିତ କରିବାକୁ ବର୍ଷକୁ ଥରେ ମହାପବିତ୍ର ସ୍ଥାନ ମଧ୍ୟକୁ ପ୍ରବେଶ କରୁଥିଲେ (ଲେବୀୟ ୧୬ ଦେଖନ୍ତୁ) । ପ୍ରତି ବର୍ଷ କେବଳ ସେ ହିଁ ଈଶ୍ୱରଙ୍କ ନିକଟକୁ ସିଧାସଳଖ ପ୍ରବେଶ କରୁଥିଲେ ।

କ୍ରୁଶରେ ଖ୍ରୀଷ୍ଟଙ୍କ ମୃତ୍ୟୁ ସମୟରେ, ମନ୍ଦିରର ମହାପବିତ୍ର ସ୍ଥାନକୁ ଆବୃତ କରୁଥିବା ଅତି ମୋଟା ପର୍ଦ୍ଦା ଅଲୌକିକ ଭାବରେ ଉପରୁ ତଳ ପର୍ଯ୍ୟନ୍ତ ଚିରି ଦୁଇଖଣ୍ଡ ହୋଇଥିଲା (ମାର୍କ ୧୫:୩୮; ଯାତ୍ରା ୨୬:୩୧–୩୩ ମଧ୍ୟ ଦେଖନ୍ତୁ) । ଏହି ଶକ୍ତିପୂର୍ଣ୍ଣ ଘଟଣା ଏହା ପ୍ରକାଶ କରେ ଯେ ‘‘ବର୍ତ୍ତମାନ ଈଶ୍ୱରଙ୍କ ନିକଟକୁ ପ୍ରବେଶ କରିବାର ପଥ ସମସ୍ତ ଲୋକଙ୍କ ପ୍ରତି ସଂପୂର୍ଣ୍ଣ ଉନ୍ମୁକ୍ତ ହୋଇଅଛି । ଯେତେବେଳେ ଖ୍ରୀଷ୍ଟ କ୍ରୁଶରେ ମାନବ ଜାତିର ପାପରଣକୁ ବାତିଲ କରିଥିଲେ, ସେତେବେଳେ ତାଙ୍କଠାରେ ବିଶ୍ୱାସ ମାଧ୍ୟମରେ ସେହି ସମସ୍ତଙ୍କୁ ପରିତ୍ରାଣ ମିଳିଥିଲା, ଯେଉଁମାନେ ତାଙ୍କୁ ଗ୍ରହଣ କରିଥିଲେ (ରୋମୀ ୧୦:୯,୧୦) ।

ଯେଉଁମାନେ ପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବେ, ସେମାନେ ପରିତ୍ରାଣ ପାଇବେ (ରୋମୀ ୧୦:୧୨,୧୩) । ଆଉ ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଆନ୍ତି, ସେମାନେ ସେହି ‘ଅନୁଗ୍ରହ ସିଂହାସନ’



ନିକଟକୁ ଅବାଧରେ ଯାଇପାରନ୍ତି (ଏଫିସୀ ୩:୧୨; ଏବ୍ରୀ ୪:୧୬; ୧୦:୧୯), ଯାହା ହେଉଛି ଈଶ୍ୱରଙ୍କର ଉପସ୍ଥିତି ! ହାଲେଲୁୟା !

ଖ୍ରୀଷ୍ଟିଆନମାନଙ୍କୁ ସେମାନଙ୍କ ପକ୍ଷରୁ ଈଶ୍ୱରଙ୍କ ନିକଟକୁ ଯିବାପାଇଁ ଜଣେ ଯାଜକର କିମ୍ବା ଅନ୍ୟ କାହାର ଆବଶ୍ୟକ ହୁଏ ନାହିଁ । ପ୍ରତ୍ୟେକ ବିଶ୍ୱାସୀ ପ୍ରାର୍ଥନା, ଉପାସନା ଓ ସହଭାଗିତା ମାଧ୍ୟମରେ ଈଶ୍ୱରଙ୍କ ସହିତ ନିଜର ବ୍ୟକ୍ତିଗତ ସଂପର୍କ ରଖିପାରିବେ ଓ ରଖିବା ଉଚିତ ଅଟେ । ସେମାନେ ତାଙ୍କ ସହିତ କଥାବାର୍ତ୍ତା ଓ ତାଙ୍କ ନିକଟରେ ପ୍ରାର୍ଥନା କରିବା ଉଚିତ; ସେମାନେ ତାଙ୍କଠାରୁ ଶୁଣି ପାରନ୍ତି ।

ପରିତ୍ରାଣ ନିମନ୍ତେ ତାଙ୍କ ପୁତ୍ରଙ୍କଠାରେ ବିଶ୍ୱାସ କରୁଥିବା ସମସ୍ତ ଲୋକଙ୍କ ନିମନ୍ତେ ଈଶ୍ୱରଙ୍କ ନିକଟକୁ ପ୍ରବେଶ କରିବାର ଏହି ସମାନ ଅଧିକାର ଯୋଗୁ ହିଁ ସମସ୍ତ ବିଶ୍ୱାସୀଙ୍କୁ ଏକ ପବିତ୍ର ଯାଜକକୁଳ ବୋଲି କୁହାଯାଏ । ‘‘...ତୁମ୍ଭେମାନେ ମଧ୍ୟ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ଆତ୍ମିକ ବଳି ଉତ୍ସର୍ଗ କରିବା ନିମନ୍ତେ ପବିତ୍ର ଯାଜକବର୍ଗ ହେବା ପାଇଁ ଜୀବନ୍ତ ପ୍ରସ୍ତର ସ୍ୱରୂପ ହୋଇ ଗୋଟିଏ ପାରମାର୍ଥିକ ଗୃହ ରୂପରେ ନିର୍ମିତ ହୁଅ (ସୁଗ୍ରାହ୍ୟ ଆତ୍ମିକ ବଳି, ଅର୍ଥାତ୍, ଉପାସନା, ପ୍ରାର୍ଥନା, ସେବା, ଦଶମାଂଶ ଓ ଦାନ) (୧ ପିତର ୨:୫; ପ୍ରକାଶିତ ୧:୬ ମଧ୍ୟ ଦେଖନ୍ତୁ) ।

ଯେଉଁ ‘‘ଆତ୍ମିକ ବଳି’’ ନିମନ୍ତେ ଆମକୁ ଆହ୍ୱାନ କରାଯାଇଛି, ତାହା ଆମକୁ ଈଶ୍ୱରଙ୍କର ଗ୍ରାହ୍ୟ କରେ ନାହିଁ । ଆମେ କ୍ରୁଶରେ ଯୀଶୁଙ୍କ ବଳିଦାନ ଯୋଗୁ ଈଶ୍ୱରଙ୍କର ଗ୍ରାହ୍ୟ ହୋଇସାରିଛୁ । ଆମର ପରିତ୍ରାଣ ଆମର ନିଜର କୌଣସି କ୍ରିୟା କର୍ମ ଦ୍ୱାରା ନୁହେଁ, ମାତ୍ର ଯୀଶୁଙ୍କଠାରେ ବିଶ୍ୱାସ ଦ୍ୱାରା ମିଳିଥାଏ (ଏଫିସୀ ୨:୮,୯) ।

ସେଥିପାଇଁ ମନ୍ଦିରରେ ମହାପବିତ୍ର ସ୍ଥାନକୁ ଆଚ୍ଛାଦନ କରୁଥିବା ପର୍ଦ୍ଦା ଉପରୁ ତଳ ପର୍ଯ୍ୟନ୍ତ ଚିରି ଦୁଇ ଖଣ୍ଡ ହୋଇଥିଲା । ଏହି କାର୍ଯ୍ୟଟି ପ୍ରତୀକାତ୍ମକ ଭାବରେ ଏହା ପ୍ରଦର୍ଶନ କରିଥିଲା ଯେ ଆମର ପରିତ୍ରାଣ କାର୍ଯ୍ୟ ଈଶ୍ୱରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଏହାର ଅର୍ଥ ହେଉଛି – କ୍ରୁଶରେ ଆମ ପାପ ନିମନ୍ତେ ମୃତ୍ୟୁବରଣ କରିଥିବା ଖ୍ରୀଷ୍ଟଙ୍କର ଅଯାଚିତ (ଅର୍ଜ୍ଜନ କରି ହେଉ ନ ଥିବା) ଦୟା (ଅନୁଗ୍ରହ) ଦ୍ୱାରା ଈଶ୍ୱର ଆମ ନିକଟରେ ପହଞ୍ଚିଥିଲେ ।

ଧାର୍ମିକ ହେବା ନିମନ୍ତେ ଆମର ପ୍ରଚେଷ୍ଟା ଶେଷରେ ବ୍ୟର୍ଥ ହୁଏ ଓ ଆମ ପାଇଁ ପରିତ୍ରାଣ ଲାଭ କରିପାରେ ନାହିଁ (ରୋମୀ ୩:୯-୨୦; ଗାଲା ୨:୧୬) । କିନ୍ତୁ, ଆମେ ଈଶ୍ୱରଙ୍କ ବାଧ୍ୟ ହୋଇ ଆଚରଣ କରୁଥିବା ସମୟରେ ଓ ତାଙ୍କ ଶରୀର ଓ ଜଗତର ସେବା କରୁଥିବା ସମୟରେ ଆତ୍ମିକ ବଳି ମାଧ୍ୟମରେ ଜୀବନ କାଟିପାରିବା ଓ ବିଶ୍ୱାସ ପ୍ରକାଶ କରିପାରିବା (ଯାକୁବ ୨:୧୪-୨୬) ।

ପାଳକ, କ୍ରୁଶର ଏହି ମୌଳିକ ସତ୍ୟ, ପ୍ରାୟ ଶିକ୍ଷା ଦେବାକୁ ହେବ । ଯେଉଁମାନଙ୍କର ଆପଣ ନେତୃତ୍ୱ ନିଅନ୍ତି, ସେମାନଙ୍କୁ ସେମାନେ ବିନାମୂଲ୍ୟରେ ପାଇଥିବା ପରିତ୍ରାଣ ବୁଝିବାକୁ ହେବ; ଆଉ ଏହାପରେ ଖ୍ରୀଷ୍ଟ ଯାହା ଯୋଗାଇ ସାରିଛନ୍ତି, ତାହା ଗ୍ରହଣ ନ କରି ଅନ୍ୟ କୌଣସି ଉପାୟରେ ପରିତ୍ରାଣ ‘‘ଅର୍ଜନ’’ କରିବାକୁ ଅତିରିକ୍ତ ଚେଷ୍ଟା କରୁଥିବା ଲୋକମାନଙ୍କୁ ସେମାନେ ଏହା ସ୍ପଷ୍ଟ ଭାବରେ ଜଣାଇବାକୁ ସମର୍ଥ ହେବେ (୧ ପିତର ୩:୧୫) ।

ତୃତୀୟରେ, ଅଭିଷେକ ତୈଳକୁ ଅନ୍ୟ ବ୍ୟବହାର ନିମନ୍ତେ ନକଲ କରାଯିବା ଉଚିତ ନ ଥିଲା (ଯାତ୍ରା ୩୦:୩୨,୩୩) ।

ପୁରାତନ ନିୟମରେ ତୈଳ ଦ୍ୱାରା ଅଭିଷେକ ଗୋଟିଏ ବସ୍ତୁ କିମ୍ବା ବ୍ୟକ୍ତିର ଈଶ୍ୱରଙ୍କ ସ୍ୱର୍ଗୀୟ ନିଯୁକ୍ତିର ନିଦର୍ଶନ ଥିଲା । ଏହି ନିଯୁକ୍ତି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ବିଶେଷ ସ୍ଥାନ କିମ୍ବା କାର୍ଯ୍ୟ ପ୍ରତି ବସ୍ତୁ କିମ୍ବା ବ୍ୟକ୍ତିର ଉତ୍ସର୍ଗୀକୃତ ଥିଲା ।

ଗୋଟିଏ ସାର୍ବଭୌମ-ଆଦେଶଯୁକ୍ତ ନିଯୁକ୍ତି ଈଶ୍ୱର ଯାହା ଆଇନ କରିଥିଲେ, ତାହା ପୂରଣ କରିବା ପାଇଁ ବ୍ୟକ୍ତିକୁ ପ୍ରସ୍ତୁତ କରିବାକୁ ଆବଶ୍ୟକୀୟ କର୍ତ୍ତୃତ୍ୱ ଓ ଶକ୍ତି ସହିତ ଆସିଥିଲା (୧ଶାମୁ ୧୬:୧୩; ଯିଶା ୬୧:୧) । ସେହି ସମାନ ନିୟମ ମଣ୍ଡଳୀର ଭିତରେ ହେଉ କିମ୍ବା ବାହାରେ ହେଉ ଈଶ୍ୱର ପ୍ରଦତ୍ତ ଯେ କୌଣସି ସେବାସ୍ଥଳରେ ନୂତନ ନିୟମ ବିଶ୍ୱାସୀ ନିମନ୍ତେ ପ୍ରଯୁଜ୍ୟ ଅଟେ । ଏହା ସେହିମାନଙ୍କ ନିମନ୍ତେ ମଧ୍ୟ ସତ୍ୟ ଅଟେ ଯେଉଁମାନଙ୍କୁ ଈଶ୍ୱର ସଂପୂର୍ଣ୍ଣ ସମୟ ସେବାକାର୍ଯ୍ୟ ନିମନ୍ତେ ନିର୍ଦ୍ଦିଷ୍ଟ ଭାବରେ ଆହ୍ୱାନ କରିଥାନ୍ତି (୨କରିନ୍ଥୀ ୧:୨୧; ୧ ଥେସଲ ୫:୨୪) । କେବଳ ତାଙ୍କର ସଫଳ ସେବକ ହେବା ନିମନ୍ତେ ଆମେ ଆବଶ୍ୟକ କରୁଥିବା ସମସ୍ତ ବିଷୟ ଈଶ୍ୱର ଯୋଗାନ୍ତି, ତା’ ନୁହେଁ, ମାତ୍ର ଜୀବନରେ ଓ ସେବା କାର୍ଯ୍ୟରେ ବିଜୟୀ ହେବା ପାଇଁ ମଧ୍ୟ ସେ ଆବଶ୍ୟକୀୟ ବିଷୟ ଯୋଗାନ୍ତି ।



## ନକଲି ସମସ୍ୟା

ଆମକୁ ଯେ ଈଶ୍ୱରଙ୍କର ଅଭିଷେକ ମିଳେ, ତାହା ସୁନ୍ଦର ସମ୍ବାଦ ଅଟେ । କିନ୍ତୁ ଅଭିଷେକ ତୈଳକୁ ନକଲ କରିବା ବିଷୟରେ ଯାତ୍ରା ୩୦ରେ ଥିବା ସତର୍କବାଣୀକୁ ଆମେ ଅବଜ୍ଞା ନ କରିବା ବିଷୟରେ ସାବଧାନ ହେବା । ଈଶ୍ୱର ଏହାକୁ ଏକ ଗୁରୁତର, ଏପରିକି ଏକ ଘାତକ ଅପରାଧ ବୋଲି ବିଚାର କରୁଥିଲେ (ଯାତ୍ରା ୩୦:୩୨,୩୩) । ଯିଏ ଏହିପରି ଭାବରେ ପାପ କରୁଥିଲା, ସେ ଇସ୍ରାଏଲର ଲୋକମାନଙ୍କ ମଧ୍ୟରୁ ‘ଉଚ୍ଛିନ୍ନ ହେଉଥିଲା । ବାଇବଲର ବିଦ୍ୱାନମାନେ, ପ୍ରାୟତଃ, ଏହି ପଦକୁ ନିହତ ହେବା ସହିତ ସଂପୃକ୍ତ କରନ୍ତି ।

ଆଜି ନୂତନ ନିୟମ ସେବକ ଭାବରେ ଆଜି ଆମ ପ୍ରତି ଏହି ନକଲି - ନିଦର୍ଶନର ଅର୍ଥ କ’ଣ ? ଆମର ନିଜର ଲାଭ ନିମନ୍ତେ ଈଶ୍ୱରଙ୍କ ଅଭିଷେକ ବ୍ୟବହାର କରିବାର ପାପ ଆମେ ପରୀକ୍ଷା କରିସାରିଛୁ (ଫିଲି ୧:୧୫,୧୬) । ଏପରି ଅନ୍ୟ ଉପାୟ ଅଛି ଯେଉଁଥିରେ ଈଶ୍ୱରଙ୍କ ଅଭିଷେକକୁ ଆଜି ସେବାକାର୍ଯ୍ୟରେ ନକଲ କରାଯାଉଛି ।

ସେବାକାର୍ଯ୍ୟରେ ଥିବା କେତେକ ଲୋକ ଭୁଲ୍ ଭାବରେ ଚିନ୍ତା କରନ୍ତି ଯେ ସେମାନଙ୍କ ପ୍ରଚାରର ଲକ୍ଷ୍ୟ ହେଉଛି ଲୋକମାନଙ୍କୁ ଉତ୍ତେଜିତ କରିବା । ସେଥିପାଇଁ ସେମାନେ ସେମାନଙ୍କ ପ୍ରଚାର କିମ୍ବା ଶିକ୍ଷାଦାନର ଉତ୍ତେଜନାପୂର୍ଣ୍ଣ ଶୈଳୀ ଦ୍ୱାରା ଅଭିଷେକର ନକଲ କରନ୍ତି । ବେଳେବେଳେ ସେମାନେ ଲୋକମାନଙ୍କ କର୍ଣ୍ଣକୁ ସନ୍ତୁଷ୍ଟ କରିବା ଭଳି କଥା କହିବେ, ଯଦିଓ ତାହା ବାଇବଲର ବିରୋଧ କରେ; ସେମାନେ ହୁଏତ ଅତିରଞ୍ଜିତ କାହାଣୀ କହିପାରନ୍ତି, କିମ୍ବା ଲୋକମାନଙ୍କୁ ଉତ୍ତେଜିତ କରିବା ପାଇଁ ଅନ୍ୟପ୍ରକାର କୌଶଳ ବ୍ୟବହାର କରିପାରନ୍ତି ।

ସେବାକାର୍ଯ୍ୟରେ ଥିବା ଅନ୍ୟ କେତେକ ବ୍ୟକ୍ତି ଆକର୍ଷଣୀୟ ହେବା ପାଇଁ ଓ ନିଜ ନିଜ ନିମନ୍ତେ ଗୋଟିଏ ଅନୁଗାମୀ ଦଳ ଲାଭ କରିବା ପାଇଁ ଇଚ୍ଛା କରିପାରନ୍ତି । କେହି ଜାଣି ନ ଥିବା ‘‘ଗଭୀର ରହସ୍ୟ’’ ବୁଝିବାର ଛଳନା କରିବା ଦ୍ୱାରା ସେମାନେ ଅଭିଷେକର ନକଲ କରିପାରନ୍ତି (୨ କରିନ୍ଥୀ ୧୧:୩,୪); ଅନ୍ୟମାନଙ୍କ ପ୍ରତି ଆକର୍ଷଣୀୟ ହେବା ନିମନ୍ତେ ପଦବୀ ଓ ସ୍ଥିତି ଦାବୀ କରିପାରନ୍ତି; କିମ୍ବା ଅନ୍ୟମାନଙ୍କୁ ପ୍ରଭାବିତ କରିବା ପାଇଁ ସେମାନଙ୍କର ସ୍ଥିତି କିମ୍ବା କର୍ତ୍ତୃତ୍ୱ ବ୍ୟବହାର କରି ଏପରି କାର୍ଯ୍ୟ କରିପାରନ୍ତି ଯାହା ଅଧାର୍ମିକ ଅଟେ କିମ୍ବା ନେତାଙ୍କର ଉପକାର କରେ ।

ଏପରି ଅନେକ ଅନ୍ୟ ଉପାୟ ଅଛି ଯେଉଁଥିରେ ଲୋକମାନେ ଅଭିଷେକକୁ ନକଲ କରିବା ପାଇଁ କିମ୍ବା ଅପବ୍ୟବହାର କରିବା ପାଇଁ ପ୍ରଲୁବ୍ଧ ହୁଅନ୍ତି । କିନ୍ତୁ ମୁଖ୍ୟ ବିଷୟ ହେଉଛି – ପବିତ୍ର ଆତ୍ମାଙ୍କର ଅଭିଷେକର ନକଲ କିମ୍ବା ଅପବ୍ୟବହାର ଈଶ୍ୱରଙ୍କ ପ୍ରତି ଏକ ଗୁରୁତର ଅପରାଧ । ଏହା ଏକ ପ୍ରକାର ପ୍ରତାରଣା, ଯାହାର ଅନୁସରଣ କଲେ, ତାହା ଜଣେ ମଣ୍ଡଳୀ ନେତାର ଜୀବନରେ ଶୈତାନର କ୍ଷେତ୍ର ପାଇଁ ସ୍ଥାନ ପ୍ରଦାନ କରିବ । ଶେଷରେ ଏହା ସେହି ବ୍ୟକ୍ତିର ଜୀବନ ଉପରକୁ ମଧ ଈଶ୍ୱରଙ୍କ ଦଣ୍ଡ ଆଣିବ ।

ପବିତ୍ର ଆତ୍ମାଙ୍କର ଅଭିଷେକର ନକଲ ନୂତନ ନିୟମରେ ଆଲୋଚିତ ହୋଇଛି । ଗୋଟିଏ ଅଧିକ ତୀକ୍ଷ୍ଣ ଦୃଷ୍ଟାନ୍ତ ହେଉଛି ଯେତେବେଳେ ପାଉଲ ‘‘ଭଣ୍ଡ ପ୍ରେରିତମାନଙ୍କୁ’’ ନିନ୍ଦା କରିଛନ୍ତି । ବିଶ୍ୱାସୀମାନଙ୍କୁ ପଥଭ୍ରଷ୍ଟ କରିବା ପାଇଁ ଈଶ୍ୱରଙ୍କ ଦୂତମାନଙ୍କୁ ଅନୁକରଣ କରିବାକୁ ଶୟତାନର ଚେଷ୍ଟା ସହିତ ପାଉଲ ସେମାନଙ୍କୁ ସମାନ କରିଛନ୍ତି (୨କରିନ୍ଥୀୟ ୧୧ ଅଧ୍ୟାୟ ଦେଖନ୍ତୁ) ।

ଆଜି ଏପରି ଲୋକମାନେ ଅଛନ୍ତି ଯେଉଁମାନେ ଈଶ୍ୱରଙ୍କ ଦ୍ୱାରା ଅଭିଷିକ୍ତ ବାର୍ତ୍ତାବହ ସଦୃଶ ଦେଖାଯାନ୍ତି, ମାତ୍ର ପ୍ରକୃତରେ ସେମାନେ ତାହା ନୁହଁନ୍ତି । ନୂତନ ନିୟମ ସେମାନଙ୍କ ବିଷୟରେ ଅନେକ ସତର୍କ ବାଣୀ ପ୍ରଦାନ କରିଛି (ମାଥି ୭:୧୫–୨୦; ପ୍ରେରିତ ୨୦:୨୭–୩୦; ୨ କରିନ୍ଥୀ ୧୧:୧–୧୫; ଗାଲା ୧:୬–୧୦; କଲସୀ ୨:୧୮–୨୩; ୧ ତୀମଥି ୪:୧–୩; ୨ ତୀମଥି ୩:୧–୯; ୨ ପିତର ୨:୧–୨୨; ୧ ଯୋହନ ୪:୧–୬; ଯିହୁଦା ୩–୧୯) ।

ପରେ ଏହି ପ୍ରବନ୍ଧରେ, ଆମେ ପବିତ୍ର ଆତ୍ମାଙ୍କର ପ୍ରକୃତ ଅଭିଷେକକୁ ନେଇ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କଠାରେ ମିଳୁଥିବା ସାତୋଟି ଗୁଣ ଅଧ୍ୟୟନ କରିବା । ଆପଣଙ୍କ ନିଜସ୍ୱ ସେବାକାର୍ଯ୍ୟକୁ ପରୀକ୍ଷା କରିବାରେ ଓ ଅନ୍ୟ ସେବକ କିମ୍ବା ମଣ୍ଡଳୀ ନେତାମାନଙ୍କଠାରେ ପବିତ୍ର ଆତ୍ମାଙ୍କ ପ୍ରକୃତ ଉପସ୍ଥିତିକୁ ଚିହ୍ନିବାରେ ଏହି ତାଲିକା ସହାୟକ ହେବ ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ– ସେବାକାର୍ଯ୍ୟରେ ଫଳପ୍ରଦ ହେବା ପାଇଁ ଇଚ୍ଛା କରିବାରେ ଓ ପବିତ୍ର ଆତ୍ମାଙ୍କ ଅଭିଷେକକାରୀ ଶକ୍ତି ଇଚ୍ଛା କରିବାରେ କିଛି ଭୁଲ୍ ନାହିଁ । କିନ୍ତୁ ଆମେ ଯାହା ନୁହେଁ, ତାହା ହେବା ଭଳି ଛଳନା କରିବା; ଏପରିକି ଆମେ ଅଭିଷିକ୍ତ ବୋଲି ଅଭିନୟ କରିବା ଭୁଲ୍ ଅଟେ ।

ଏହା ବ୍ୟତୀତ, ଯଦି ଆମେ ଆମର ସର୍ତ୍ତ ଅନୁସାରେ ନୁହେଁ, ମାତ୍ର ଈଶ୍ୱରଙ୍କ ସର୍ତ୍ତ ଅନୁସାରେ ଏହା ପାଇବା, ତେବେ ଆମେ ପ୍ରକୃତରେ ଅଭିଷିକ୍ତ ହୋଇ ପାରୁଥିବା ସ୍ଥଳେ କାହିଁକି ଅଭିଷିକ୍ତ ହେବା ଛଳନା କରିବା ?



ଅଭିଷେକ ସମ୍ବନ୍ଧରେ ଆମେ ପାପରୁ ଓ ପ୍ରତାରଣାରୁ ଆମ ଜୀବନକୁ ରକ୍ଷା କରିପାରିବା ଓ ବିଭିନ୍ନ ଉପାୟରେ – ଆତ୍ମାଙ୍କ ପ୍ରକୃତ ଅଭିଷେକ ମଧ୍ୟକୁ ବୃଦ୍ଧି ପାଇବା ପାଇଁ ଅଗ୍ରସର ହୋଇପାରିବା ।

- ଈଶ୍ୱର ଆପଣଙ୍କୁ ପ୍ରଦାନ କରିଥିବା ଦାନ ଓ ଆହ୍ୱାନକୁ ଗ୍ରହଣ କରନ୍ତୁ; ଅନ୍ୟମାନଙ୍କ ନିକଟରେ ଯାହା ଅଛି, ତାକୁ ଈର୍ଷା କିମ୍ବା ସମାଲୋଚନା କରନ୍ତୁ ନାହିଁ କିମ୍ବା ଅନୁକରଣ କରନ୍ତୁ ନାହିଁ ।
- ଆପଣଙ୍କ ନିମନ୍ତେ ଓ ଆପଣଙ୍କର ସେବାକାର୍ଯ୍ୟ ନିମନ୍ତେ ଥିବା ଈଶ୍ୱରଙ୍କ ଇଚ୍ଛା ଜାଣିବା ପାଇଁ ପ୍ରତିଦିନ ପ୍ରାର୍ଥନା କରନ୍ତୁ ।
- ଈଶ୍ୱର ଆପଣଙ୍କୁ ଯେଉଁଠାରେ ଆହ୍ୱାନ କରିଛନ୍ତି ଓ ଯାହା କରିବାକୁ କହୁଛନ୍ତି, ସେଥିରେ ସନ୍ତୁଷ୍ଟ ରହନ୍ତୁ ।
- ତାଙ୍କ ଇଚ୍ଛା ସାଧନ ନିମନ୍ତେ ନିରନ୍ତର ଈଶ୍ୱରଙ୍କ ସାହାଯ୍ୟ ଓ ଶକ୍ତି ମାଗନ୍ତୁ ।
- ପ୍ରତିଦିନ ନିଜକୁ ସ୍ମରଣ କରାଇ ଦିଅନ୍ତୁ ଯେ ଆପଣ ନିଜର କିମ୍ବା ନିଜର ଲାଭ ନିମନ୍ତେ ନୁହେଁ; ମାତ୍ର ଈଶ୍ୱରଙ୍କର ଓ ଅନ୍ୟମାନଙ୍କର ସେବା କରିବା ପାଇଁ ସେବାକାର୍ଯ୍ୟରେ ରହିଛନ୍ତି ।

ଏହା ମଧ ସ୍ମରଣରେ ରଖନ୍ତୁ ଯେ ପ୍ରଚାର କିମ୍ବା ନେତୃତ୍ୱର କୌଣସି ନିର୍ଦ୍ଦିଷ୍ଟ ଶୈଳୀ ଅନ୍ୟ ଶୈଳୀ ଅପେକ୍ଷା ଅଧିକ ‘ଅଭିଷେକକାରୀ’ ନୁହେଁ । ମୁଁ ଏପରି ଅଭିଷିକ୍ତ ନେତାମାନଙ୍କୁ ଦେଖିଛି ଯେଉଁମାନେ ଅତି ଭଦ୍ର ଓ ଧୀର ଭାବରେ କଥା କହନ୍ତି । ସେମାନେ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେଉଥିବା ସମୟରେ ଲୋକମାନେ ଆଶ୍ଚର୍ଯ୍ୟ ଭାବରେ ସୁସ୍ଥ ହୁଅନ୍ତି କିମ୍ବା ପବିତ୍ର ଆତ୍ମାଙ୍କର ସ୍ପର୍ଶ ପାଆନ୍ତି । ହୁଏତ ଅନ୍ୟମାନଙ୍କ ନିକଟରେ ପ୍ରଚାର କରୁଥିବା ଆଉ କେତେକ ନେତାମାନଙ୍କ ମାଧ୍ୟମରେ ପବିତ୍ର ଆତ୍ମା କାର୍ଯ୍ୟ କରୁଥିବା ସମୟରେ ସେମାନେ ଅଧିକ ବାହ୍ୟ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିପାରନ୍ତି କିମ୍ବା ଉଚ୍ଚସ୍ୱର କରିପାରନ୍ତି । କୌଣସି ଶୈଳୀ ଠିକ୍ କିମ୍ବା ଭୁଲ୍ ନୁହେଁ ।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି – ଆପଣ ଯେତେଥର ପ୍ରଚାର କରନ୍ତି, ସେତେଥର ପବିତ୍ର ଆତ୍ମାଙ୍କ ପ୍ରତି ସମ୍ବେଦନଶୀଳ ହେବା । ଗୋଟିଏ ନିର୍ଦ୍ଦିଷ୍ଟ ସମାବେଶରେ ସେ କ’ଣ କହୁଛନ୍ତି ଓ କ’ଣ କରୁଛନ୍ତି, ତାହା ଶୁଣିବା ପାଇଁ ଓ ତା’ ପ୍ରତି ପ୍ରତିକ୍ରିୟା ଦେଖାଇବା ପାଇଁ ଟିକେ ଅଟକି ରହନ୍ତୁ । ଏହାପରେ

ସେହି ମୁହୂର୍ତ୍ତରେ ପବିତ୍ର ଆତ୍ମା ଯାହା ପ୍ରଚାର କରିବାକୁ ଇଚ୍ଛା କରନ୍ତି, ତା' ସହିତ ନିଜର ଶୈଳୀକୁ ମିଳିତ କରନ୍ତୁ ।

ଏହା ସ୍ମରଣରେ ରଖନ୍ତୁ ଯେ ଆପଣ ଠିକ୍ ଯେପରି, ସେହିପରି ଅବସ୍ଥାରେ ଈଶ୍ୱର ଆପଣଙ୍କୁ ଆହ୍ୱାନ କରିଛନ୍ତି । ସେ ଗୋଟିଏ କାରଣ ନିମନ୍ତେ ଆପଣଙ୍କୁ ନିର୍ଦ୍ଦିଷ୍ଟ ଦାନ ପ୍ରଦାନ କରିଛନ୍ତି । ଆପଣଙ୍କ ଦାନ ସହିତ ଆପଣ ଯେପରି ବ୍ୟକ୍ତି ଅଟନ୍ତି, ସେହିପରି ଭାବରେ ଆପଣଙ୍କୁ ବ୍ୟବହାର କରିବାକୁ ସେ ଇଚ୍ଛା କରନ୍ତି – ଏହା ସହିତ ଅନ୍ୟମାନଙ୍କ ନିକଟରେ ପ୍ରଚାର କରିବା ପାଇଁ ତାଙ୍କ ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପରିବର୍ତ୍ତନକାରୀ କାର୍ଯ୍ୟ ମିଶି ରହିଥାଏ ।

**୨) ଅଭିଷେକ ତୈଳରୁ ଶିକ୍ଷା**

ବର୍ତ୍ତମାନ ଅଭିଷେକ ତୈଳର ଉପାଦାନଗୁଡ଼ିକ ଓ ପବିତ୍ର ଆତ୍ମାଙ୍କ ଅଭିଷେକ ବିଷୟରେ ସେଗୁଡ଼ିକ ଯାହା ପ୍ରକାଶ କରନ୍ତି, ସେ ବିଷୟରେ ଆମେ ଅଧିକ ବିଶଦ ଭାବରେ ପରୀକ୍ଷା କରିବା ।

ନିର୍ଦ୍ଦିଷ୍ଟ ଭାବରେ, ଅଭିଷେକ ତୈଳ ଗନ୍ଧରସ, ସୁଗନ୍ଧି ଦାରୁଚିନି, ସୁଗନ୍ଧି ବଚ, ଗୁଡ଼ତ୍ୱକ୍ ଓ ଜୀତ ତୈଳକୁ ନେଇ ପ୍ରସ୍ତୁତ କରାଯାଉଥିଲା (ଯାତ୍ରା ୩୦:୨୩,୨୪) ।

କ) ଗନ୍ଧରସ – ଗନ୍ଧରସ ଏକ ପ୍ରକାର ହାଲ୍କା ନିଶା ଔଷଧ ଥିଲା, ଯାହା ଯନ୍ତ୍ରଣା ଉପଶମକାରୀ ଭାବରେ ବ୍ୟବହୃତ ହେଉଥିଲା । ଏହାର ସୁଗନ୍ଧି ଯୋଗୁ ଏହା ଅତର ଓ ପ୍ରସାଧନୀ ପ୍ରସ୍ତୁତିରେ ମଧ୍ୟ ବ୍ୟବହୃତ ହେଉଥିଲା ।

ପଣ୍ଡିତମାନେ ଶିଶୁ ଯୀଶୁଙ୍କୁ ଯେଉଁସବୁ ଉପହାର ଦେଇଥିଲେ, ତନ୍ମଧ୍ୟରେ ଗନ୍ଧରସ ରହିଥିଲା (ମାଥି ୨:୧୧) । କ୍ରୁଶ ନିକଟରେ ଯୀଶୁଙ୍କ ଯନ୍ତ୍ରଣାର ଉପଶମ ପାଇଁ ତାଙ୍କୁ ଗନ୍ଧରସ ଯଚାଯାଇଥିଲା, ମାତ୍ର ସେ ଏହା ଗ୍ରହଣ କରି ନ ଥିଲେ (ମାର୍କ ୧୫:୨୩) । ଏହି ଯନ୍ତ୍ରଣା ଉପଶମକାରୀ ଦ୍ରବ୍ୟ ଗ୍ରହଣ କରିବାକୁ ଅସ୍ୱୀକାର କରିବା ଦ୍ୱାରା ଖ୍ରୀଷ୍ଟ ଯୀଶୁ 'ପ୍ରତ୍ୟେକଙ୍କ ନିମନ୍ତେ ମୃତ୍ୟୁର ସ୍ୱାଦ ଚାଖିବା ନିମନ୍ତେ' ଥିବା ତାଙ୍କର ଲକ୍ଷ୍ୟକୁ ଦୃଢ଼ ଭାବରେ ଧରି ରଖିଥିଲେ (ଏବ୍ରୀ ୨:୯) । ସୁଗନ୍ଧି ଯୋଗୁ ଗନ୍ଧରସକୁ ଯୀଶୁଙ୍କ ସମାଧି କ୍ରିୟାରେ ଗୋଟିଏ ମସଲା ଭାବରେ ବ୍ୟବହାର କରାଯାଇଥିଲା (ଯୋହନ ୧୯:୩୯) ।

ଯନ୍ତ୍ରଣା ଉପଶମ କରୁଥିବା ଏକ ଔଷଧ ଭାବରେ ଗନ୍ଧରସର ବ୍ୟବହାରରେ ଆମ ପାଇଁ ଗୋଟିଏ ଭାବବାଣୀଯୁକ୍ତ ଗୁରୁତ୍ୱ ରହିଛି । ଅଭିଷିକ୍ତ, ଯୀଶୁ ଖ୍ରୀଷ୍ଟ କ୍ରୁଶରେ ଆମର ବୋଝ ବହନ କରିବାକୁ ଆସିଥିଲେ । ସେହି ବଳିଦାନ ସ୍ଥାନରେ,



ଯୀଶୁ ଆମର ସୁସ୍ଥକାରୀ ହେବାର (୧ ପିତର ୨:୨୪) ଓ ପାପ ଓ ମୃତ୍ୟୁର ବନ୍ଧନରୁ ଆମକୁ ମୁକ୍ତି ଦେବାର ଉଦ୍ଦେଶ୍ୟକୁ ସଫଳ କରିଥିଲେ (ଏବ୍ରୀ ୨:୯, ୧୪-୧୮) ।

ଅଭିଷେକ ତୈଳରେ ଏକ ଭାବବାଣୀଯୁକ୍ତ ପ୍ରତୀକ ଭାବରେ ପବିତ୍ର ଆତ୍ମା କିପରି ଲୋକମାନଙ୍କୁ ସେମାନଙ୍କ ଭଗ୍ନତାରୁ ପାପର ବନ୍ଧନ ଓ ଅସୁସ୍ଥତାରୁ, ସୁସ୍ଥତା ଓ ମୁକ୍ତି ଦେବାରେ ସାହାଯ୍ୟ କରନ୍ତି, ସେ ସମ୍ବନ୍ଧରେ ଗନ୍ଧରସ ଆମକୁ ଜଣାଇଥାଏ । ଯିଶାଇୟ ଭାବବାଦୀ ଅଭିଷେକର ଶକ୍ତି ସମ୍ବନ୍ଧରେ ଭାବବାଣୀ କରିଛନ୍ତି, ''...ଅଭିଷେକ ସକାଶୁ ଯୁଆଳି ବିନଷ୍ଟ ହେବ'' (ଯିଶା ୧୦:୨୭) । ଏହି ପଦରେ ଗୋଟିଏ ଯୁଆଳି ''ବିନଷ୍ଟ ହେବା'' ପାଇଁ ବ୍ୟବହୃତ ହୋଇଥିବା ହିବ୍ରୁ ଶବ୍ଦର ଅର୍ଥ କେବଳ କ୍ଷତିଗ୍ରସ୍ତ କିମ୍ବା ଭଗ୍ନ ହେବାଠାରୁ ଆହୁରି ଅଧିକ ବିଷୟକୁ ସୂଚାଏ; ଏହାର ଅର୍ଥ ହେଉଛି – ''ସଂପୂର୍ଣ୍ଣ ଭାବରେ ଧ୍ୱଂସ ହେବା ।''

ପବିତ୍ର ଆତ୍ମାଙ୍କ ଶକ୍ତି ଲୋକମାନଙ୍କୁ ସଂପୂର୍ଣ୍ଣ ଭାବରେ ରକ୍ଷା କରିପାରନ୍ତି ଓ ରୋଗୀମାନଙ୍କୁ ସଂପୂର୍ଣ୍ଣ ସୁସ୍ଥ କରିପାରନ୍ତି । ଆମେ ଏହିପରି ଭାବରେ ପବିତ୍ର ଆତ୍ମାଙ୍କ ଅଭିଷେକ ସହିତ ଅନ୍ୟମାନଙ୍କର ସେବା କରୁ ବୋଲି ଈଶ୍ୱରଙ୍କ ଇଚ୍ଛା ଅଟେ ।

ଖ) ଦାରୁଚିନି – ବାଇବଲ ଯୁଗରେ, ଦାରୁଚିନି ଗୋଟିଏ ବିରଳ, ବହୁମୂଲ୍ୟ ଓ ଦାମୀ ମସଲା ଥିଲା (୬:୬, ୪:୧୪) । ଦାରୁଚିନି ସୁଗନ୍ଧି ଅଟେ, ମାତ୍ର କେତେକ ଖାଦ୍ୟରେ ବ୍ୟବହୃତ ହେବା ସମୟରେ ଏହାର 'ଅତି-ରାଗ' ସ୍ୱାଦ ଯୋଗୁ ଏହା ପରିଚିତ ଅଟେ । ଏହିପରି ଭାବରେ, ପବିତ୍ର ଅଭିଷେକ ତୈଳରେ ଏହି ମସଲାର ଉପସ୍ଥିତି ଆମକୁ ସେହି ଅଗ୍ନି କିମ୍ବା ଉତ୍ସାହ ସମ୍ବନ୍ଧରେ କହେ ଯାହା ପବିତ୍ର ଆତ୍ମାଙ୍କ ଅଭିଷେକରୁ ଆସେ ।

ବାପ୍ତିଜକ ଯୋହନ ମସିହ ଯୀଶୁଙ୍କୁ ପବିତ୍ର ଆତ୍ମା ଓ 'ଅଗ୍ନି'ରେ ବାପ୍ତିଜିତ ହୋଇଥିବା ବ୍ୟକ୍ତି ଭାବରେ ବର୍ଣ୍ଣନା କରିଥିଲେ (ମାଥି ୩:୧୧) । ଏହି ପଦରେ ''ଅଗ୍ନି'' ଶବ୍ଦକୁ ଜଣେ ବିଶ୍ୱାସୀର ଏକ ହୃଦୟ ପରିଷ୍କାରକାରୀ ପ୍ରତିନିଧି ଭାବରେ କେତେକ ବ୍ୟକ୍ତି ବ୍ୟାଖ୍ୟା କରିଛନ୍ତି । ଏହି ବ୍ୟାଖ୍ୟାରେ ସତ୍ୟତା ରହିଛି, ମାତ୍ର ଏହାର ଅର୍ଥ ଆହୁରି ବ୍ୟାପକ । ଅଗ୍ନି ବିସ୍ଫୋରକ, ଶକ୍ତିଶାଳୀ ଓ ଗ୍ରାସକାରୀ ଅଟେ । ଧର୍ମଶାସ୍ତ୍ର କହିଛି ଯେ ନିଜ ପିତାଙ୍କ ଗୃହ ନିମନ୍ତେ ଯୀଶୁଙ୍କୁ ଉଦ୍‌ଯୋଗ ଗ୍ରାସ କରିଥିଲା (ଯୋହନ ୨:୧୩-୧୭) ।

## ଅତି ପ୍ରାକୃତିକ ସାହସିକତା

ନୂତନ ନିୟମରେ ପବିତ୍ର ଆତ୍ମାଙ୍କଠାରୁ ଆସୁଥିବା ଏହି ପ୍ରକାର ଭୟଙ୍କର ଉଦ୍‌ଯୋଗର ଏକ ସ୍ପଷ୍ଟ ଉଦାହରଣ ରହିଛି । ପେଣ୍ଟିକଷ୍ଟ ଦିବସ ପୂର୍ବରୁ, ଶିଷ୍ୟମାନେ ଓ ଅଳ୍ପ କେତେକ ଅବଶିଷ୍ଟ ବିଶ୍ୱାସୀ ଯିରୁଶାଲମର ଗୋଟିଏ କୋଠରୀରେ ଏକତ୍ରିତ ହୋଇଥିଲେ (ପ୍ରେରିତ ୧:୧୨-୧୪) । ଯୀଶୁ ସେମାନଙ୍କୁ ଏହା କହିଥିଲେ ଯେ ସେମାନଙ୍କୁ ସମଗ୍ର ଜଗତରେ ପ୍ରଚାର କରିବାକୁ ହେବ (ପ୍ରେରିତ ୧:୮) । ତଥାପି ଏତେ ଅଳ୍ପ ଲୋକମାନଙ୍କ ଦ୍ୱାରା ଏହିପରି ଏକ ବିଶାଳ କାର୍ଯ୍ୟ କିପରି ସଂପାଦିତ ହୋଇପାରିବ ? ସେମାନେ ବଡ଼ ବକ୍ତା, ଦାର୍ଶନିକ କିମ୍ବା ଉଚ୍ଚ ଶିକ୍ଷିତ ମଧ୍ୟ ନ ଥିଲେ । ସେମାନେ ସାଧାରଣ ଲୋକ ଥିଲେ ଓ ଏପରି ବିରୋଧୀ ସଂସ୍କୃତି ଦ୍ୱାରା ପରିବେଷ୍ଟିତ ହୋଇଥିଲେ ଯାହା ସେହି ନିକଟରେ ସେମାନଙ୍କର ନେତାଙ୍କୁ କ୍ରୁଶାର୍ପିତ କରିଥିଲା ।

> ଶିଷ୍ୟମାନେ ଭୟଭୀତ, ଅନିଶ୍ଚିତ ମେଷପଲରୁ ସାହସୀ, ସାକ୍ଷ୍ୟପ୍ରଦାନକାରୀ, ଆଶ୍ଚର୍ଯ୍ୟ କର୍ମକାରୀ ମେଷପାଳକରେ ପରିଣତ ହୋଇଥିଲେ ।

ଏହି ଲୋକମାନେ ଭୀରୁ ନ ଥିଲେ, ମାତ୍ର କ'ଣ କରିବାକୁ ହେବ ଓ କିପରି କରିବାକୁ ହେବ - ଏ ବିଷୟରେ ଦ୍ୱନ୍ଦଗ୍ରସ୍ତ, ଅନିଶ୍ଚିତ ଥିଲେ । କିନ୍ତୁ ପ୍ରାର୍ଥନା କରୁ କରୁ ଏକତା ଓ ପାରସ୍ପରିକ ଉତ୍ସାହ ସହିତ ଜ୍ଞାନପୂର୍ଣ୍ଣ ଭାବରେ ଅପେକ୍ଷା କରିଥିଲେ । ଯଦିଓ ସେମାନେ ବୁଝି ନ ଥିଲେ, ତଥାପି ଯୀଶୁଙ୍କର ସେହି ପ୍ରତିଜ୍ଞାକୁ ଧରି ରଖିଥିଲେ ଯେ ପବିତ୍ର ଆତ୍ମାଙ୍କଠାରୁ ଏକ ଶକ୍ତି ଆସିବ (ପ୍ରେରିତ ୧:୫,୮) । ଆଉ ସେମାନେ ଅପେକ୍ଷା କରିଥିଲେ ... ।

''ଆଉ, ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ ଗୋଟିଏ ଶବ୍ଦ ଅକସ୍ମାତ୍ ଆକାଶରୁ ଆସି, ଯେଉଁ ଗୃହରେ ସେମାନେ ବସିଥିଲେ, ସେହି ଗୃହର ସର୍ବତ୍ର ବ୍ୟାପିଗଲା । ଆଉ ଅଗ୍ନି ସଦୃଶ ଜିହ୍ୱାଗୁଡ଼ିକ ସେମାନଙ୍କ ଦୃଷ୍ଟିଗୋଚର ହୋଇ ଗୋଟି ଗୋଟି କରି ସେମାନଙ୍କ ପ୍ରତ୍ୟେକ ଜଣଙ୍କ ଉପରେ ଅଧିଷ୍ଠିତ ହେଲା । ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ...'' (ପ୍ରେରିତ ୨:୨-୪) ।

ଗୋଟିଏ ମୁହୂର୍ତ୍ତରେ, ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୋଇ ପ୍ରାୟ ସେହି ୧୨୦ ଜଣ ବ୍ୟକ୍ତିଙ୍କ ଜୀବନ ପରିବର୍ତ୍ତିତ ହୋଇଥିଲା ! ସଙ୍ଗେ ସଙ୍ଗେ ଏହି ଘଟଣା



ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା (ପ୍ରେରିତ ୨:୫-୧୩) । ଏହା ଫଳରେ, ୩୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଆତ୍ମା ସେହି ଦିନ ଈଶ୍ୱରଙ୍କ ରାଜ୍ୟ ସହିତ ସଂଯୁକ୍ତ ହୋଇଥିଲା ।

ଶିଷ୍ୟମାନେ ଭୟଭୀତ, ଅନିଶ୍ଚିତ ମେଷପଲରୁ ସାହସୀ, ସାକ୍ଷ୍ୟପ୍ରଦାନକାରୀ, ଆଶ୍ଚର୍ଯ୍ୟକର୍ମକାରୀ ମେଷପାଳକରେ ପରିଣତ ହୋଇଥିଲେ । ସେମାନେ ଲଜ୍ଜା ନ କରି ଦୁଃଖ ଓ ମୃତ୍ୟୁ ସରିକି ସୁସମାଚାର ଘୋଷଣା କରିଥିଲେ । ଏହି ଭୟଙ୍କର ଉଦ୍‌ଯୋଗ ପବିତ୍ର ଆତ୍ମାଙ୍କ ଅଭିଷେକରୁ ଆସିଥାଏ (ପ୍ରେରିତ ୪:୨୩-୩୧) ।

ଏହି ଉଦ୍‌ଯୋଗ ମାନବିକ ଅବେଗର ଏକ ଅତିକ୍ରାନ୍ତ ମୁହୂର୍ତ୍ତ ନୁହେଁ । ଏହା ହେଉଛି ଏପରି ଏକ ଶକ୍ତି ଓ ସାହସିକତା ଯାହା ଆମେ ପବିତ୍ର ଆତ୍ମାଙ୍କ ଅଭିଷେକ ପାଇବା ସମୟରେ ଭିତରୁ ଏକ ଅଗ୍ନିଶିଖା ସଦୃଶ ଉଦ୍ଭିତ ହୁଏ । ଏହା ଈଶ୍ୱରଙ୍କ ବାକ୍ୟ ଓ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାରର ସତ୍ୟତାରେ ଏକ ଗଭୀର ପ୍ରତ୍ୟୟ ଅଟେ ଯାହା ପବିତ୍ର ଆତ୍ମାଙ୍କ ଶକ୍ତିଦ୍ୱାରା କାର୍ଯ୍ୟ କରିବାକୁ, ପ୍ରାର୍ଥନା କରିବାକୁ, ପ୍ରଚାର କରିବାକୁ, ଏକ ଆଶ୍ଚର୍ଯ୍ୟକର୍ମ ନିମନ୍ତେ ବିଶ୍ୱାସ କରିବାକୁ ଆମକୁ ପରିଚାଳିତ କରେ !

ଗ) ସୁଗନ୍ଧି ବଚ - ଏହା ଅତି ସୁଗନ୍ଧିଯୁକ୍ତ ବଚ ଯାହାର ମୁଖ୍ୟ ଚେରରେ ଅତର ପ୍ରସ୍ତୁତକାରୀମାନଙ୍କ ନିକଟରେ ବହୁ ଚାହିଦା ରହିଥିଲା । ଏହି ବୃକ୍ଷର ଚେରକୁ କୁଟିବା କିମ୍ବା ଚୂର୍ଣ୍ଣ କରିବା ଦ୍ୱାରା ମଧୁର ସୁଗନ୍ଧି ଉତ୍ତମଭାବେ ନିର୍ଗତ ହୁଏ ।

ସେହିପରି ଭାବରେ ଜଣେ ବିଶ୍ୱାସୀର ଜୀବନରେ ଗୋଟିଏ ପ୍ରକାର ଭଗ୍ନତା ଓ ଚୂର୍ଣ୍ଣତା ରହିଛି ଯାହା ଆମ ମଧ୍ୟରେ ଈଶ୍ୱରଙ୍କ ଉପସ୍ଥିତିର ମଧୁର ସୁଗନ୍ଧି ନିର୍ଗତ କରିବା ପାଇଁ ଆବଶ୍ୟକ ଅଟେ ।

ଦୟାକରି ଏହା ଲକ୍ଷ୍ୟ କରନ୍ତୁ ଯେ ଏହା ସେହିପ୍ରକାର ଭଗ୍ନତା ଓ ବିନାଶ ନୁହେଁ ଯାହା ପାପପୂର୍ଣ୍ଣ ଓ ବିଦ୍ରୋହୀ ମନୋନୟନରୁ ଆସିଥାଏ । ଏହା ପରିବର୍ତ୍ତେ, ଏହା ଏପରି ଏକ 'ପବିତ୍ର ଭଗ୍ନତା' ଯାହା କେବଳ ଈଶ୍ୱରଙ୍କ ହସ୍ତ ଦ୍ୱାରା ଆସିଥାଏ ।

ଏହି ଆତ୍ମିକ ଚୂର୍ଣ୍ଣତା ଯଦିଓ ବେଳେ ବେଳେ ଯନ୍ତ୍ରଣାଦାୟକ ଅଟେ, ତଥାପି ଦୁଇଟି ବିଷୟ ଉତ୍ପନ୍ନ କରିଥାଏ - ପ୍ରଥମେ, ଏହା ଆମର ଶାରୀରିକ - ଆମର ସ୍ୱାର୍ଥପୂର୍ଣ୍ଣ ଇଚ୍ଛା ଓ ଆମର ଆତ୍ମପ୍ରତାରଣାକୁ ହତ୍ୟା କରିଥାଏ (ଲୂକ ୯:୨୩-୨୬; ରୋମୀ ୧୨:୧,୨; ୧୩:୧୪; ଗାଲା ୫:୧୬-୨୬) ।

ଦ୍ୱିତୀୟରେ, ଆମ ଜୀବନକୁ 'ଭଗ୍ନ କରିବା' ଯୋଗୁ ଆମ ମଧ୍ୟରେ ଓ ଆମ ମଧ୍ୟ ଦେଇ ପ୍ରକାଶିତ ହେବା ନିମନ୍ତେ ବହୁପରିମାଣର ଈଶ୍ୱରଙ୍କ ଅନୁଗ୍ରହ ଓ ଶକ୍ତି ଅନୁମତି ପାଏ । ପାଉଲ କରିନ୍ଥୀୟମାନଙ୍କ ନିକଟକୁ ତାଙ୍କର ପତ୍ରରେ ଏହି ବିଷୟ ସମ୍ବନ୍ଧରେ ଲେଖିଛନ୍ତି (୨ କରିନ୍ଥୀ ୧୨:୭-୧୦) ।

> ପାଳକଙ୍କଠାରୁ ପାଳକଙ୍କ ନିକଟକୁ – ମଣ୍ଡଳୀ ନେତାଭାବରେ, ବଳିଷ୍ଠ, ଦୃଢ଼ ଓ ଦକ୍ଷ ହେବା ଆମର ଆବଶ୍ୟକ ବୋଲି ଆମେ ଅନୁଭବ କରୁ । ଏହାର ଫଳ ଏହା ହୋଇପାରେ ଯେ ଆମ ମାଧ୍ୟମରେ ବଳିଷ୍ଠ ହେବା ପାଇଁ ପବିତ୍ର ଆତ୍ମାଙ୍କ ପାଇଁ ଆଉ ସ୍ଥାନ ନ ଥାଏ । ଗୋଟିଏ ସଠିକ୍ ପ୍ରକାରର ଦୁର୍ବଳତା ଅଛି ଯାହା ଆମକୁ ପବିତ୍ର ଆତ୍ମାଙ୍କ ଉପରେ ଆଉଜିବାରେ ଓ ଆମ ଜୀବନରେ ତାଙ୍କ ଅଭିଷେକ ଉପରେ ନିର୍ଭର କରିବାରେ ସାହାଯ୍ୟ କରେ । ଏହିପରି ଭାବରେ, ଆମ ଶକ୍ତି ଦ୍ୱାରା ନୁହେଁ, ମାତ୍ର ତାଙ୍କ ଶକ୍ତିଦ୍ୱାରା ସେବାକାର୍ଯ୍ୟ କରାଯାଏ ।
>
> ପବିତ୍ର ଆତ୍ମାଙ୍କଠାରୁ ଆସୁଥିବା ଅଭିଷେକରେ ଯେଉଁ ଚୂର୍ଣ୍ଣତା ମିଶି ରହିଥାଏ, ତାହାର ଏକ ଶାସ୍ତ୍ରସମ୍ମତ ଭିତ୍ତିଭୂମି ରହିଛି । ଏହି ଚୂର୍ଣ୍ଣତାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ, ଓ ଏଡ଼ାଇ ଦିଆଯିବା ଉଚିତ ନୁହେଁ ।
>
> ଏହା ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ପରିପକ୍ୱ ହେବାର – ଆମକୁ ଏକ ସମର୍ପଣ, ବିଶ୍ୱାସ ଓ ବାଧ୍ୟତାର ଜୀବନ ଦିଗକୁ କଢ଼ାଇବାର ଏପରି ଏକ ଆବଶ୍ୟକୀୟ ଅଂଶ ବିଶେଷ ଅଟେ, ଯାହାକୁ ଅନ୍ୟ କୌଣସି ବିଷୟ କରିପାରିବ ନାହିଁ ।
>
> ଦୟାକରି କିଛି ସମୟ ପାଇଁ ନିମ୍ନଲିଖିତ ଶାସ୍ତ୍ର ଉଲ୍ଲିଖିତ ଦୃଷ୍ଟାନ୍ତଗୁଡ଼ିକ ପ୍ରତି ଦୃଷ୍ଟିପାତ କରି ପ୍ରତ୍ୟେକଟିରେ ଥିବା ସତ୍ୟ ଉପରେ ଚିନ୍ତା କରନ୍ତୁ –
>
> - ଯୀଶୁ – ଯିଶାଇୟ ୫୩:୧-୬; ପ୍ରେରିତ ୩:୧୮; ଏବ୍ରୀ ୫:୯; ୧୨:୨ ।
> - ପାଉଲ (ଓ ଅନ୍ୟମାନେ) ପ୍ରେରିତ ୯:୧୫,୧୬; ରୋମୀୟ ୮:୧୮; ୨ କରିନ୍ଥୀ ୧:୩-୭; ୪:୭-୧୮; ୬:୪-୧୦; ୧୧:୨୨-୩୦; ୧୨:୭-୧୦ ।
> - ସମସ୍ତ ବିଶ୍ୱାସୀ – ୧ ଥେସଲ ୨:୧୪-୧୬; ୨ତିମ ୩:୧୨; ୧ ପିତର ୪:୧-୧୯ ।



## ଜୀବନ-ପ୍ରଦାନକାରୀ ଆତ୍ମା-ଅସ୍ୱୀକାର

ଭଗ୍ନଚୂର୍ଣ୍ଣର ଶକ୍ତିପୂର୍ଣ୍ଣ ନିୟମ ଅନ୍ୟ ଶାସ୍ତ୍ର ଉଲ୍ଲିଖିତ ପ୍ରତୀକଗୁଡ଼ିକରେ ମଧ୍ୟ ଦେଖାଯାଏ । ଉଦାହରଣ ସ୍ୱରୂପ, ''ପ୍ରଭୁ ଭୋଜରେ'', ଭାଙ୍ଗିବା ଓ ଚୂର୍ଣ୍ଣ କରିବା ପଦାର୍ଥ ଗଠନର ଗୋଟିଏ ଆବଶ୍ୟକୀୟ ଅଂଶ ଅଟେ (ଲୂକ ୨୨:୧୪-୨୦; ୧ କରିନ୍ଥୀ ୧୧:୨୩-୨୬) । ଯୀଶୁ ନିଜର କ୍ରୁଶାରୋହଣ ମାଧ୍ୟମରେ ସମସ୍ତ ମାନବଜାତି ନିମନ୍ତେ ଯାହା କରିବାକୁ ଯାଉଥିଲେ, ତା'ର ନିଦର୍ଶନ ଭାବରେ ରୋଟୀ (ଭଗ୍ନ ଓ ଚୂର୍ଣ୍ଣ ଗହମ) ଓ ଦ୍ରାକ୍ଷାରସ (ଚୂର୍ଣ୍ଣ ଦ୍ରାକ୍ଷା) ବ୍ୟବହାର କରିଥିଲେ ।

ଯୀଶୁ ଖ୍ରୀଷ୍ଟ ଆମ ପାପ ନିମନ୍ତେ ଧାର୍ମିକତାର ପରିଣତି ଭାବରେ ନିଜ ଉପରେ ଈଶ୍ୱରଙ୍କ ଦଣ୍ଡ ସହ୍ୟ କରିଥିଲେ । କ୍ରୁଶ ଉପରେ ତାଙ୍କର ମୃତ୍ୟୁ ସେହି ଚରମ, ସ୍ୱର୍ଗୀୟ ଭଗ୍ନତାକୁ ପ୍ରକାଶ କରେ ଯାହା ଜୀବନକୁ (ପ୍ରେରିତ ୨:୨୩,୨୪) – ଅର୍ଥାତ୍, ଯୀଶୁଙ୍କଠାରେ ବିଶ୍ୱାସ ମାଧ୍ୟମରେ ପରିତ୍ରାଣ ସମ୍ବନ୍ଧୀୟ ଅନନ୍ତ ଜୀବନକୁ ଉନ୍ମୋଚିତ କରିବା ଆବଶ୍ୟକ ଥିଲା । ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ ଯଦିଓ ଆମର ପାପ ଓ ବିଦ୍ରୋହ ସେହି କଷ୍ଟକର ପରୀକ୍ଷାର ଯୋଗ୍ୟ ଥିଲେ ମଧ୍ୟ ଆମକୁ ତାହା ଭୋଗିବାକୁ ପଡ଼ି ନାହିଁ ।

କିନ୍ତୁ, ଆମ ମଧ୍ୟରେ ଥିବା ଈଶ୍ୱରଙ୍କ ଜୀବନ ଓ ଶକ୍ତିକୁ ଆମ ମଧ୍ୟଦେଇ ନିର୍ଗତ କରାଇବା ପାଇଁ ନିଜ ପ୍ରତି ମୃତ୍ୟୁବରଣ କରିବା ଆବଶ୍ୟକ ଅଟେ । ଆମର ଆତ୍ମିକତାକୁ ''ପ୍ରମାଣ କରିବା ପାଇଁ'' ଏହା ଗୋଟିଏ ପ୍ରକାରର ଧର୍ମାନ୍ଧତାଯୁକ୍ତ ମୃତ୍ୟୁବରଣ କିମ୍ବା ଆତ୍ମାଘାତ ନୁହେଁ, କିନ୍ତୁ ଖ୍ରୀଷ୍ଟିୟ ଆଚରଣ ଓ ତାଙ୍କ ସଂପୂର୍ଣ୍ଣ ସେବାର ଆବଶ୍ୟକତା, ନିଜକୁ ଉତ୍ସର୍ଗ କରି ଦେବାର ସ୍ଥିତି ପର୍ଯ୍ୟନ୍ତ ଏକ ଆତ୍ମ ଅସ୍ୱୀକାର ଓ ଈଶ୍ୱରଙ୍କ ଇଚ୍ଛାର ବଶୀଭୂତ ଜୀବନ କାଟିବା ପାଇଁ ଇଚ୍ଛୁକ ହେବା ଦାବୀ କରେ (୨ ଶାମୁ ୨୪:୧୮-୨୪; ଲୂକ ୯:୨୩-୨୬) ।

## ବିଶ୍ୱାସଯୋଗ୍ୟ ପାତ୍ର ହେବା

ଦୁଃଖଭୋଗ ମଧ୍ୟରେ ଯୀଶୁଙ୍କର ମନୋଭାବ ଆମର ଚରମ ଦୃଷ୍ଟାନ୍ତ ଅଟେ : ''ସେ ଆପଣା ସମ୍ମୁଖସ୍ଥ ଆନନ୍ଦ ନିମନ୍ତେ ଅପମାନ ତୁଚ୍ଛ ଜ୍ଞାନ କରି ଧୈର୍ଯ୍ୟସହ କ୍ରୁଶୀୟ ମୃତ୍ୟୁ ଭୋଗ କଲେ, ପୁଣି ଈଶ୍ୱରଙ୍କ ସିଂହାସନର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇଅଛନ୍ତି'' (ଏବ୍ରୀ ୧୨:୨) ।

ଯୀଶୁ ନିଜ ଦୁଃଖ ଓ ବଳିଦାନରେ ପିତା ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ସଂପୂର୍ଣ୍ଣ ଭାବରେ ଗ୍ରହଣ କରିଥିଲେ ।

ଅବଶ୍ୟ, ଯୀଶୁ ଦୁଃଖକୁ ଉପଭୋଗ କରି ନ ଥିଲେ (ଲୂକ ୨୨:୪୨-୪୪) । କିନ୍ତୁ ସେ କ୍ରୁଶର ଆବଶ୍ୟକତାକୁ ବୁଝିଥିଲେ (ଲୂକ ୨୪:୪୬-୪୯) । ଆମ ସ୍ଥାନରେ ଦୁଃଖଭୋଗ ଓ ମୃତ୍ୟୁବରଣ କରିବା ନିମନ୍ତେ ତାଙ୍କର ଇଚ୍ଛା କେବଳ ଆମର ପରିତ୍ରାଣ ଉନ୍ମୋଚନ କରିଥିଲା, ତା' ନୁହେଁ, ମାତ୍ର ତାହା ପିତାଙ୍କ ଇଚ୍ଛା ସାଧନ କରିବା ପାଇଁ ଏକ ବାଧ୍ୟତାର କାର୍ଯ୍ୟ ଥିଲା (ମାଥି ୨୬:୩୯,୪୨,୪୪) ।

ଯୀଶୁ ଆମ ନିମନ୍ତେ ଯାହା ଦେଇଥିଲେ, ତାହା ତୁଳନାରେ ଆମର ଦୁଃଖ ଓ ବଳିଦାନ କ୍ଷୁଦ୍ର ହୋଇପାରେ, ମାତ୍ର ଏହା ସତ୍ତ୍ୱେ ଏହା କଷ୍ଟକର ଅଟେ । କିନ୍ତୁ, ତତ୍ ସଙ୍ଗେ ସଙ୍ଗେ ତାଙ୍କର ଗୌରବ ଓ ଆମର ମଙ୍ଗଳ ନିମନ୍ତେ ଆମର ଦୁଃଖକୁ ବ୍ୟବହାର କରିବା ପାଇଁ ଆମ ନିକଟରେ ଈଶ୍ୱରଙ୍କ ଆଶ୍ଚର୍ଯ୍ୟଜନକ ସଂକଳ୍ପର ଉପକାରିତା ରହିଛି (ଯାକୁ ୧:୨-୫,୧୨) । ଈଶ୍ୱର ଏହି ଜୀବନରେ ଆମେ ସମ୍ମୁଖୀନ ହେଉଥିବା ଦୁଃଖ ଓ କ୍ଳେଶକୁ ନେଇ ସେଗୁଡ଼ିକୁ ଚରମ ଆଶୀର୍ବାଦରେ ପରିଣତ କରିବା ପାଇଁ ଈଶ୍ୱର ସଂକଳ୍ପବଦ୍ଧ ଅଟନ୍ତି (ରୋମୀ ୫:୧-୫; ୮:୧୮; ୨ କରିନ୍ଥୀ ୪:୧୭) ।

ଆମ ପ୍ରତି ଆମ ପିତାଙ୍କ ସଂକଳ୍ପ ସ୍ପଷ୍ଟଭାବରେ ବ୍ୟକ୍ତ ହୋଇଛି : ''ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ'' (ରୋମୀୟ ୮:୨୮) । ଆଉ ସେହି ବ୍ୟକ୍ତିମାନଙ୍କ ନିମନ୍ତେ ଈଶ୍ୱରଙ୍କର କି 'ଉଦ୍ଦେଶ୍ୟ' ରହିଛି ଯେଉଁମାନେ ପରିତ୍ରାଣ ନିମନ୍ତେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିଛନ୍ତି ? ଏହା ମଧ୍ୟ ପରବର୍ତ୍ତୀ ପଦରେ ସ୍ପଷ୍ଟଭାବରେ ବ୍ୟକ୍ତ ହୋଇଛି : ''... ସେମାନଙ୍କୁ ତାହାଙ୍କ ପୁତ୍ରଙ୍କ ପ୍ରତିମୂର୍ତ୍ତିର ଅନୁରୂପ ହେବା ନିମନ୍ତେ ସେ ପୂର୍ବରୁ ନିରୂପଣ ମଧ୍ୟ କରିଥିଲେ, ଯେପରି ସେ ଅନେକ ଭ୍ରାତାଙ୍କ ମଧ୍ୟରେ ଅଗ୍ରଜ ହୁଅନ୍ତି'' (ରୋମୀ ୮:୨୯) ।

ଈଶ୍ୱର ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ଆମ ଜୀବନକୁ ଗଠନ କରିବା ପାଇଁ, ପ୍ରଭୁଙ୍କ ବ୍ୟବହାର ନିମନ୍ତେ ଯୋଗ୍ୟପାତ୍ର କରିବା ପାଇଁ ଆମ ଜୀବନର ସମସ୍ତ ବିଷୟକୁ ବ୍ୟବହାର କରିବାକୁ ଇଚ୍ଛା କରନ୍ତି (୨ତିମଥି ୨:୧୯-୨୧) । ବେଳେବେଳେ ଏହି ଜଗତର ଭଗ୍ନତା ଯୋଗୁ ଓ ଏହା ମଧ୍ୟରେ ବାସ କରୁଥିବା ଲୋକମାନଙ୍କର ପାପ ଯୋଗୁ ଆମେ ଦୁଃଖଭୋଗ କରୁ । ଅନ୍ୟ ସମୟରେ, ଈଶ୍ୱର ନିଜର ସ୍ୱର୍ଗୀୟ ବ୍ୟବହାର ଓ ଉଦ୍ଦେଶ୍ୟ ନିମନ୍ତେ ଆମ ଜୀବନର ପରିବେଶକୁ ବ୍ୟବସ୍ଥିତ କରିପାରନ୍ତି । ଉଭୟ ମାର୍ଗରେ, ଆମର ମଙ୍ଗଳ ନିମନ୍ତେ ଏହାକୁ ବ୍ୟବହାର କରିବା ପାଇଁ ଈଶ୍ୱର ପ୍ରତିଜ୍ଞା କରିଛନ୍ତି ।



ଈଶ୍ୱର ଆମକୁ ଏପରି ଭାବରେ ପରିବର୍ତ୍ତିତ କରିବେ ଯେ ଆମେ ତାଙ୍କ ଇଚ୍ଛା ଓ ଉଦ୍ଦେଶ୍ୟର ପବିତ୍ର ଓ ବିଶ୍ୱସ୍ତ ପାତ୍ର ହୋଇ ବାଧାହୀନ ଭାବରେ ଆମ ମଧ୍ୟଦେଇ ପ୍ରବାହିତ ହେବା ପାଇଁ ପବିତ୍ର ଆତ୍ମାଙ୍କ ଅଭିଷେକକୁ ଅନୁମତି ଦେବା । କିନ୍ତୁ ଆମକୁ ଆମ ଜୀବନରେ ତାଙ୍କ କାର୍ଯ୍ୟ ସହିତ ସହଯୋଗ କରିବାକୁ ଓ ତା'ର ବଶୀଭୂତ ହେବାକୁ ପଡ଼ିବ !

## ଖ୍ରୀଷ୍ଟଙ୍କର ସୁଗନ୍ଧି

ପ୍ରତ୍ୟେକ ଖ୍ରୀଷ୍ଟ ବିଶ୍ୱାସୀ, ଓ ବିଶେଷ ଭାବରେ, ପ୍ରତ୍ୟେକ ମଣ୍ଡଳୀନେତା ଏପରି ବ୍ୟକ୍ତି ହେବା ନିମନ୍ତେ ଆହ୍ୱାନ ପାଇଛନ୍ତି, ଯିଏ ''ସବୁ ସ୍ଥାନରେ ତାହାଙ୍କ ଜ୍ଞାନରୂପ ସୁବାସ ... ପ୍ରକାଶ କରନ୍ତି । କାରଣ ପରିତ୍ରାଣ ପାଉଥିବା ଓ ବିନାଶ ହେଉଥିବା ଲୋକମାନଙ୍କ ମଧ୍ୟରେ ଆମ୍ଭେମାନେ ଈଶ୍ୱରଙ୍କ ଦୃଷ୍ଟିରେ  ଖ୍ରୀଷ୍ଟଙ୍କର ସୁଗନ୍ଧିରୂପ'' (୨କରିନ୍ଥୀ ୨:୧୪,୧୫) । ଈଶ୍ୱରଙ୍କ ଉପସ୍ଥିତି ସମ୍ବନ୍ଧୀୟ ବାସ୍ତବତାର ଏହି ସୁଗନ୍ଧି ସେତେବେଳେ ଆମ ଜୀବନ ମଧ୍ୟଦେଇ ନିର୍ଗତ ହେବ, ଯେତେବେଳେ ଆମେ ତାଙ୍କର ପବିତ୍ର ''ଭଗ୍ନତା'' ଓ ପରିବର୍ତ୍ତନକାରୀ କାର୍ଯ୍ୟ ପ୍ରତି ବଶୀଭୂତ ହେବୁ ।

ସମଗ୍ର ଧର୍ମଶାସ୍ତ୍ର ମଧ୍ୟରେ ଓ ଆଜି ଈଶ୍ୱର ଶକ୍ତିଶାଳୀ ଉପାୟରେ ସାଧାରଣ ଲୋକମାନଙ୍କୁ ବ୍ୟବହାର କରନ୍ତି । ପ୍ରାୟତଃ, ସେମାନେ ସେମାନଙ୍କ ପ୍ରସ୍ତୁତିରେ ଓ ସେମାନଙ୍କ କାର୍ଯ୍ୟ ସମୟରେ ଭଗ୍ନତା ଓ ଚୂର୍ଣ୍ଣତା ସହ୍ୟ କରିଥାନ୍ତି । କିନ୍ତୁ ଏଥିଯୋଗୁ, ଈଶ୍ୱରଙ୍କ ଉଦ୍ଦେଶ୍ୟ ସଫଳ ହୋଇଥାଏ ଓ ସେମାନଙ୍କ ଜୀବନ ମଧ୍ୟ ଦେଇ ଈଶ୍ୱରଙ୍କୁ ସୁବାସ ନିର୍ଗତ ହୋଇଥାଏ । ଏହାକୁ ପୁନର୍ବାର ସ୍ମରଣ କରାଇବା ଉଚିତ ଯେ ପ୍ରକୃତରେ ଈଶ୍ୱରଙ୍କର କୌଣସି ଶ୍ରେଷ୍ଠ ବ୍ୟକ୍ତି ନାହାନ୍ତି – କେବଳ ଈଶ୍ୱରଙ୍କ ଦ୍ୱାରା ବହୁଳ ଭାବରେ ବ୍ୟବହୃତ ନମ୍ର ଲୋକମାନେ (ଭଗ୍ନ, ବଶୀଭୂତ) ଅଛନ୍ତି ।

ଘ) ଗୁଡତ୍ୱକ୍ – ଏହା ଗୋଟିଏ ଉଦ୍ଭିଦର ବକ୍କଳ ଅଟେ, ଯାହା ଦାରୁଚିନି ଉଦ୍ଭିଦ ସହିତ ସମାନ ଅଟେ, ଗୁଡତ୍ୱକ୍‌କୁ ବାଇବଲ ଯୁଗରେ ଏକ ଔଷଧ (ପେଟ ପରିଷ୍କାର କରୁଥିବା) ଭାବରେ ବ୍ୟବହାର କରାଯାଉଥିଲା । ଅଭିଷେକ ତୈଳରେ, ଏକ ପ୍ରତୀକ ଭାବରେ, ଗୁଡ଼ତ୍ୱକ୍ ପବିତ୍ର ଆତ୍ମାଙ୍କ ଅଭିଷେକର ଶୁଚିକାରୀ ପ୍ରଭାବର ପ୍ରତିନିଧିତ୍ୱ କରିଥାଏ ।

ପବିତ୍ର ଆତ୍ମାଙ୍କ ଅଭିଷେକ ଆମକୁ ଯେ ଶକ୍ତି, ଦାନ ଓ ସ୍ୱର୍ଗୀୟ ସାମର୍ଥ୍ୟ ପ୍ରଦାନ କରେ, ଏହା ସତ୍ୟ ଅଟେ । କିନ୍ତୁ ଏହା ସହିତ, ପବିତ୍ର ଆତ୍ମାଙ୍କ କାର୍ଯ୍ୟ ହେଉଛି ସେହି ଲୋକମାନଙ୍କ ଜୀବନକୁ ପରିବର୍ତ୍ତିତ କରିବା, ଯେଉଁମାନଙ୍କୁ ସେ ଅଭିଷିକ୍ତ କରନ୍ତି ।

ଆମେ ରାଜା ଶାଉଲଙ୍କ ଜୀବନରେ ଏହି କାର୍ଯ୍ୟର ଗୁରୁତ୍ୱ ସମ୍ବନ୍ଧରେ ଏକ ସ୍ପଷ୍ଟ ଦୃଷ୍ଟାନ୍ତ ଅଧ୍ୟୟନ କରିପାରିବା । ଶାମୁୟେଲ ଇସ୍ରାଏଲ ଉପରେ ରାଜା ହେବା ପାଇଁ ଶାଉଲଙ୍କୁ ଅଭିଷିକ୍ତ କରିଥିଲେ (୧ଶାମୁ ୧୦:୧) । ରାଜା ହେବା ପାଇଁ ଈଶ୍ୱରଙ୍କର ନିରୂପିତ ଉଦ୍ଦେଶ୍ୟ ନିମନ୍ତେ ଶାଉଲଙ୍କୁ ପୃଥକ୍ କରାଯାଇଥିଲା । ନିଜର ଈଶ୍ୱର ପ୍ରଦତ୍ତ କାର୍ଯ୍ୟ ସଂପାଦନ କରିବା ପାଇଁ ଏହି ଅଭିଷେକ ଶାଉଲଙ୍କୁ କର୍ତ୍ତୃତ୍ୱ, ପ୍ରତିଭା ଓ ଯୋଗ୍ୟତା ପ୍ରଦାନ କରିଥିଲା ।

ଶାଉଲ ନିଜ ଅଭିଷେକ ଦ୍ୱାରା ଆହୁରି ଅଧିକ ବିଷୟ ପ୍ରାପ୍ତ ହୋଇଥିଲେ ବୋଲି ଧର୍ମଶାସ୍ତ୍ର ପ୍ରକାଶ କରିଛି : ‘‘ସେତେବେଳେ ସଦାପ୍ରଭୁଙ୍କ ଆତ୍ମା ତୁମ୍ଭକୁ ଆକ୍ରାନ୍ତ କରିବେ, ତହିଁରେ ତୁମ୍ଭେ ସେମାନଙ୍କ ସହିତ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରିବ ଓ ପରିବର୍ତ୍ତିତ ହୋଇ ଅନ୍ୟ ପ୍ରକାର ଲୋକ ହୋଇଯିବ’’ (୧ଶାମୁ ୧୦:୬) । ଏହା ଅଳ୍ପ ସମୟ ପରେ ଲେଖାଅଛି, ‘‘ଏଥିଉତ୍ତାରେ ସେ ଶାମୁୟେଲଙ୍କ ନିକଟରୁ ଯିବା ପାଇଁ ପିଠି ଫେରାନ୍ତେ, ପରମେଶ୍ୱର ତାଙ୍କର ଅନ୍ୟ ଅନ୍ତଃକରଣ କରିଦେଲେ ଓ ସେହି ଦିନ ସେ ସମସ୍ତ ଚିହ୍ନ ଘଟିଲା’’ (୯ପଦ) ।

ଆମେ ଏହା ଦେଖିପାରିବା ଯେ ଶାଉଲ ଯାହା ଆବଶ୍ୟକ କରୁଥିଲେ, କେବଳ ସେତିକି ବିଷୟରେ ଅଭିଷେକ ତାଙ୍କୁ ପ୍ରସ୍ତୁତ କରିଥିଲା, ତା’ ନୁହେଁ, ମାତ୍ର ଏହା ମଧ୍ୟରେ ଏକ ପରିବର୍ତ୍ତନକାରୀ କାର୍ଯ୍ୟ ମଧ୍ୟ ରହିଥିଲା । ଏହା ତାଙ୍କୁ ଈଶ୍ୱରଙ୍କ ହସ୍ତରେ ଅତ୍ୟଧିକ ଯୋଗ୍ୟ ଓ ଦରକାରୀ କରିଥିଲା । ଈଶ୍ୱରଙ୍କର ଉପକରଣ ଭାବରେ ଆମ ନିମନ୍ତେ ପବିତ୍ର ଆତ୍ମାଙ୍କ ଅଭିଷେକ ଯାହା ଯୋଗାଇପାରେ, ସେ ସମ୍ବନ୍ଧରେ ଏହା ଏକ ସୁନ୍ଦର ଓ ଉତ୍ସାହପ୍ରଦ ଚିତ୍ର ମଧ୍ୟ ଅଟେ ।

ଦୁର୍ଭାଗ୍ୟବଶତଃ, ଶାଉଲ (ଅନ୍ୟମାନଙ୍କ ପରି) ନିଜ ଇଚ୍ଛା ସାଧନ କରିବା ସପକ୍ଷରେ ଈଶ୍ୱରଙ୍କ ବାକ୍ୟ ଓ ଆଦେଶକୁ ଅଗ୍ରାହ୍ୟ କରିବା ଦ୍ୱାରା ଈଶ୍ୱର ପ୍ରଦତ୍ତ ସମସ୍ତ ବିଷୟ ବିଷୟ ଉପରୁ ନିଜର ମୁଖ ଫେରାଇ ଥିଲେ (୧ଶାମୁ ୧୫:୨୨–୩୩) । ଏହା କେତେ ଦୁଃଖର ବିଷୟ ଥିଲା ଯେ ଯାହା ଇସ୍ରାଏଲ ଉପରେ ଏକ ମହାନ୍ ରାଜତ୍ୱରୁ ଆରମ୍ଭ ହୋଇଥିଲା, ତାହା ରାଜା ଶାଉଲ ଓ ତାଙ୍କ ପରିବାର ପାଇଁ ଲଜ୍ଜାରେ ଶେଷ ହୋଇଥିଲା ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ – ତାଙ୍କୁ ପ୍ରଦତ୍ତ ହୋଇଥିବା କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଓ ଏକ ସଫଳ ରାଜା ହେବା ପାଇଁ ରାଜା ଶାଉଲ ଆବଶ୍ୟକ କରୁଥିବା ସମସ୍ତ ବିଷୟ ଈଶ୍ୱର ତାଙ୍କୁ ପ୍ରଦାନ କରିଥିଲେ ।



ଶାଉଲ ତାହା କିଛି ସମୟ କରିଥିଲେ ଓ ଫଳପ୍ରଦ ହୋଇଥିଲେ । କିନ୍ତୁ, ଦୁଃଖର ବିଷୟ ହେଉଛି, – ଏହାପରେ ଈଶ୍ୱର ଯାହା ଆଜ୍ଞା କରିଥିଲେ, ତା’ କରିବା ପରିବର୍ତ୍ତେ, ଶାଉଲ ନିଜେ ଯାହା ଇଚ୍ଛା କରିଥିଲେ, ତାହା ହିଁ କରିଥିଲେ । ଆଉ ତା’ର ପରିଣତି ଥିଲା ବିଫଳତା ।

ଯେତେବେଳେ ଈଶ୍ୱର ଆମକୁ ଆହ୍ୱାନ କରନ୍ତି, ସେତେବେଳେ ତାଙ୍କର ଇଚ୍ଛା ସଫଳ କରିବା ପାଇଁ ଆମେ ଯାହା ଆବଶ୍ୟକ କରିବୁ, ତାହା ସେ ଆମ ପ୍ରତି ଉପଲବ୍ଧ କରନ୍ତି । କିନ୍ତୁ ଏହା ଆଦୌ ଭୁଲନ୍ତୁ ନାହିଁ ଯେ ଆମକୁ ଯେପରି ଗଠନ କରିବାକୁ ଈଶ୍ୱର ଚାହାଁନ୍ତି, ତାହାର ଗୁରୁତ୍ୱ, ସେ ଆମକୁ ଯାହା କରିବା ପାଇଁ ଆହ୍ୱାନ କରନ୍ତି, ତା’ ସହିତ ସମାନ ଅଟେ । ଈଶ୍ୱର ଆମର ପରିବର୍ତ୍ତନ ଚାହାଁନ୍ତି ଯେପରି ଆମେ ଚରିତ୍ର ଓ କାର୍ଯ୍ୟରେ ଖ୍ରୀଷ୍ଟଙ୍କ ସଦୃଶ ହୋଇପାରିବୁ ।

ଆମେ ଯେପରି ତାଙ୍କର ବାକ୍ୟ ପାଳନ କରିବୁ ଓ ସମସ୍ତ ବିଷୟରେ ତାଙ୍କଠାରେ ବିଶ୍ୱାସ କରିବୁ, ଏହା ପିତା ଆମଠାରୁ ଆବଶ୍ୟକ କରନ୍ତି । ଆମେ ସେତେଦୂର ପରିପକ୍ୱ ହୋଇପାରିବା ନାହିଁ, ଯେଉଁଠାରେ ଆମେ ଆଉ ବୃଦ୍ଧି ପାଇବା ଏବଂ ପବିତ୍ର ଆତ୍ମାଙ୍କ ପରିବର୍ତ୍ତନକାରୀ କାର୍ଯ୍ୟ ପ୍ରତି ପ୍ରତିକ୍ରିୟା ଦେଖାଇବା ଆବଶ୍ୟକ କରିବୁ ନାହିଁ । ଏହା ଏକ ଜୀବନ ବ୍ୟାପୀ ପ୍ରକ୍ରିୟା ଅଟେ ।

ପବିତ୍ର ଆତ୍ମା ଆମକୁ ସଂଶୋଧନ, ଭର୍ତ୍ସନା କରିବେ ଓ ଆମକୁ ଚେତନା ଦେବେ । ଈଶ୍ୱର ଆମକୁ ନିନ୍ଦା କରନ୍ତି ନାହିଁ, (ରୋମୀ ୮:୧), ମାତ୍ର ଆମେ ଯେପରି ବାଧ୍ୟ ହୋଇ ତାଙ୍କର ପରିବର୍ତ୍ତନକାରୀ କାର୍ଯ୍ୟର ବଶୀଭୂତ ହେବୁ, ଏହା ଈଶ୍ୱର ଚାହାଁନ୍ତି । ବେଳେବେଳେ ଆମେ ଝୁଣ୍ଟିପଡୁ କିମ୍ବା ପତିତ ହେଉ; ମାତ୍ର ଆମକୁ ଅତିଶୀଘ୍ର ଅନୁତାପ କରି ଈଶ୍ୱରଙ୍କ ସହିତ ଯଥାର୍ଥଭାବେ ମିଳିତ ହେବାକୁ ପଡ଼ିବ ଓ ଈଶ୍ୱର ତଥା ତାଙ୍କ ଇଚ୍ଛାର ବଶୀଭୂତ ହେବାକୁ ପଡ଼ିବ ।

ଈଶ୍ୱର ଆମକୁ ପରିବର୍ତ୍ତିତ କରିବା ପାଇଁ କାର୍ଯ୍ୟ କରନ୍ତି, ତାଙ୍କର ଗୌରବ ନିମନ୍ତେ, ଆମର ଆନନ୍ଦ, ଶାନ୍ତି ଓ ମଙ୍ଗଳ ନିମନ୍ତେ ଏବଂ ତାଙ୍କର ବାର୍ତ୍ତାବହ ଭାବରେ ଓ ସେବାକାର୍ଯ୍ୟରେ ଅନ୍ୟମାନଙ୍କର ସେବକ ଭାବରେ ଆମକୁ ଅଧିକ ଫଳପୂର୍ଣ୍ଣ ଓ ବୃକ୍ଷ କରିବା ନିମନ୍ତେ ।

ଆମେ ଯାହା ବୁଣୁ, ତାହା ଧାର୍ମିକତା ଓ ମଙ୍ଗଳର ବିଷୟ ହେଉ, କିମ୍ବା ଦୁର୍ନୀତି ହେଉ; ଆମେ ତାହା ହିଁ କାଟିବା । ଈଶ୍ୱର ନେତା ଭାବରେ ଆମକୁ କଠୋର ଭାବରେ ଦାୟୀ କରିବେ ।

## ଆତ୍ମାଙ୍କ କାର୍ଯ୍ୟ ପ୍ରତି ପ୍ରତିକ୍ରିୟା ଦେଖାଇବା

ଗୁଡ଼ତ୍ୱକ୍ ଅଧ୍ୟୟନ କରିବାରେ, ଆମେ ପବିତ୍ର ଆତ୍ମାଙ୍କର ଏକ ମୁଖ୍ୟ କାର୍ଯ୍ୟ ସମ୍ବନ୍ଧରେ ଶିକ୍ଷା କରିଅଛୁ । ସେ ଏପରି ବିଷୟ ଶୋଧନ କରିବାକୁ ଆସନ୍ତି, ଯାହା ଖ୍ରୀଷ୍ଟଙ୍କ ଜୀବନ, ଚରିତ୍ର ଓ ବ୍ୟକ୍ତିତ୍ୱ ଅନୁରୂପୀ ନୁହେଁ । ଜଣେ ପ୍ରକୃତରେ ଅଭିଷିକ୍ତ ବ୍ୟକ୍ତିର ମୁଖ୍ୟ ଚିହ୍ନ ହେଉଛି ଯେ ସେ ନିଜ ଚରିତ୍ରରେ ଅଧିକରୁ ଅଧିକ ଖ୍ରୀଷ୍ଟଙ୍କ ସଦୃଶ ହେଉଥାନ୍ତି – ସେଥିପାଇଁ ସେମାନଙ୍କୁ କୌଣସି ବଡ଼ ଯୋଗ୍ୟତା, ପ୍ରତିଭା କିମ୍ବା ସେବାକାର୍ଯ୍ୟ ପ୍ରଦର୍ଶନ କରିବା ଆବଶ୍ୟକ ନୁହେଁ ।

**ଆମେ ଯାହା ବୁଣୁ, ତାହା ଧାର୍ମିକତା ହେଉ ଓ ଆଶୀର୍ବାଦର ବିଷୟ ହେଉ କିମ୍ବା ଦୁର୍ନୀତି ହେଉ; ତାହା ହିଁ ଆମେ କାଟିବା । ନେତା ଭାବରେ ଈଶ୍ୱର ଆମକୁ କଠୋର ଭାବରେ ଦାୟୀ କରିବେ ।**

ମଣ୍ଡଳୀ ନେତା ଭାବରେ, ଆମର ଶାରୀରିକ ଦୁର୍ବଳତା, ପ୍ରଲୋଭନ ଓ ବିଫଳତାର ନିରନ୍ତର ପ୍ରତିକାର କରିବା ପାଇଁ ଆମକୁ ପବିତ୍ର ଆତ୍ମାଙ୍କୁ ଅନୁମତି ଦେବାକୁ ହେବ । 'ଆମଠାରେ' ତାଙ୍କର ପରିବର୍ତ୍ତନକାରୀ କାର୍ଯ୍ୟକୁ ପ୍ରତିରୋଧ କରିବା ଦ୍ୱାରା ଆମେ ପବିତ୍ର ଆତ୍ମାଙ୍କୁ ଦୁଃଖ ଦେବା ଅନୁଚିତ (ଏଫିସୀ ୪:୩୦) ।

ଆମେ ଯାହା ବୁଣୁ, ତାହା ଧାର୍ମିକତା ହେଉ ଓ ଆଶୀର୍ବାଦର ବିଷୟ ହେଉ କିମ୍ବା ଦୁର୍ନୀତି ହେଉ; ତାହା ହିଁ ଆମେ କାଟିବା (ଗାଲା ୬:୭,୮) । ନେତା ଭାବରେ ଈଶ୍ୱର ଆମକୁ କଠୋର ଭାବରେ ଦାୟୀ କରିବେ (ଯାକୁ ୩:୧) । ପ୍ରତାରିତ ହୁଅନ୍ତୁ ନାହିଁ; ଈଶ୍ୱର ପ୍ରତାରିତ ହୁଅନ୍ତି ନାହିଁ । ଯଦି ଆପଣ ପାପରେ ରହିଥିବେ, ଶେଷରେ ଏହା ସମସ୍ତଙ୍କ ନିକଟରେ ସ୍ପଷ୍ଟ ହୋଇଯିବ (ଗଣନା ୩୨:୨୩) ।

ସେଥିପାଇଁ ଧାର୍ମିକତା ମନୋନୀତ କରନ୍ତୁ ! ପବିତ୍ର ଆତ୍ମାଙ୍କ କାର୍ଯ୍ୟ ପ୍ରତି ପ୍ରତିକ୍ରିୟା ଦେଖାନ୍ତୁ ! ଈଶ୍ୱରଙ୍କର ଆଜ୍ଞାବହ ହୁଅନ୍ତୁ ଓ ତାଙ୍କୁ ବିଶ୍ୱାସ କରନ୍ତୁ । ଆପଣଙ୍କ ଜୀବନ ଓ ସେବାକାର୍ଯ୍ୟରେ ତାଙ୍କର ଅଭିଷେକ ପ୍ରାପ୍ତ ହୁଅନ୍ତୁ । ପବିତ୍ର ଆତ୍ମାଙ୍କ କାର୍ଯ୍ୟପ୍ରତି ଏକ ପ୍ରତିକ୍ରିୟାଶୀଳ, ଶିକ୍ଷଣୀୟ ଓ ବଶୀଭୂତ ପାତ୍ର ଭାବରେ ଅନ୍ୟମାନଙ୍କର ଦୃଷ୍ଟାନ୍ତସ୍ୱରୂପ ହୁଅନ୍ତୁ ! ସେ ଆପଣଙ୍କଠାରେ କାର୍ଯ୍ୟ କରନ୍ତୁ, ଯେପରିକି ସେ ଆପଣଙ୍କ ମାଧ୍ୟମରେ ଆହୁରି ଅଧିକ ଗୌରବାନ୍ୱିତ ହୋଇପାରିବେ । ଆମେନ୍ !

ଙ) ଜୀତ ତୈଳ – ଉଭୟ ପୁରାତନ ଓ ନୂତନ ନିୟମରେ, ଅଧିକାଂଶ ସମୟରେ ତୈଳକୁ ପବିତ୍ର ଆତ୍ମାଙ୍କର ପ୍ରତିନିଧିତ୍ୱ କରିବା ପାଇଁ ପ୍ରତୀକ ଭାବରେ ବ୍ୟବହାର



କରାଯାଇଛି । ପବିତ୍ର ଅଭିଷେକ ତୈଳର ଏକ ଉପାଦାନ ଭାବରେ ଜୀତ ତୈଳର ବହୁ ଗୁରୁତ୍ୱ ରହିଛି । ଏଥିରେ ଅନ୍ୟ ଚାରୋଟି ଉପାଦାନର ବିଷୟଗୁଡ଼ିକ ରହିଛି, ଓ ଏହା ଆଉ ଗୋଟିଏ ଅସାଧାରଣ ଗୁଣ ଯୋଗ କରିଥାଏ ।

**ବାଇବଲ ସମୟରେ ଜୀତ ତୈଳ –**

- ରୋଗ ଓ ଯନ୍ତ୍ରଣାର ଚିକିତ୍ସା ପାଇଁ ଔଷଧ ଭାବରେ ବ୍ୟବହୃତ ହେଉଥିଲା (ଗନ୍ଧରସ ସଦୃଶ) ।
- ଦୀପର ଜାଳେଣି ଭାବରେ ବ୍ୟବହୃତ ହେଉଥିଲା, ଓ ଏହା ଅଗ୍ନି ସହିତ ସଂପୃକ୍ତ ଥିଲା (ଦାରୁଚିନି ସଦୃଶ)
- ଭାଙ୍ଗି ଚୂରି ଏହାକୁ ପ୍ରସ୍ତୁତ କରାଯାଉଥିଲା ଓ ଏଥିରୁ ଏକ ମଧୁର ସୁଗନ୍ଧି ନିର୍ଗତ ହୁଏ (ବଚ ସଦୃଶ) ।
- ଏହା ଉଭୟ ବାହାର ଓ ଭିତର ପରିଷ୍କାର ଓ ଶୁଚି କରିବା ପାଇଁ ବ୍ୟବହୃତ ହେଉଥିଲା (ଗୁଡ଼ତ୍ୱକ୍ ସଦୃଶ) ।

କିନ୍ତୁ ଜୀତତୈଳର ଆଉ ଗୋଟିଏ ଗୁଣ ରହିଛି ଯାହା ଖ୍ରୀଷ୍ଟଙ୍କ ଶରୀର ପାଇଁ ଆବଶ୍ୟକ ଅଟେ । ଜୀତ ତୈଳ ଗୋଟିଏ ସ୍ୱାଭାବିକ କ୍ଷୟ ପ୍ରତିରୋଧକ ଏହାକୁ ଦୁଇଟି ବସ୍ତୁ ମଧ୍ୟରେ କିମ୍ବା ଉପରେ ରଖାଗଲେ, ଏହା ଘର୍ଷଣ ଓ କ୍ଷୟକୁ ପ୍ରତିରୋଧ କରେ ।

ଏହି ପ୍ରତୀକ ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଏକତାର ଆବଶ୍ୟକତା ଓ ଗୁରୁତ୍ୱ ସମ୍ବନ୍ଧରେ ଆମକୁ କହିଥାଏ । ଅଭିଷେକ ଓ ଏକତାକୁ ଏକ ସୁନ୍ଦର ଉପାୟରେ ଏକତ୍ର ମିଶାଇବାର ଏହି ଧାରଣାକୁ ଧର୍ମଶାସ୍ତ୍ର ଏହିପରି ଭାବରେ ଉପସ୍ଥାପନ କରିଅଛି – ''ଦେଖ, ଭାଇମାନେ ମିଳନରେ ଏକତ୍ର ବାସକରିବା କିପରି ଉତ୍ତମ ଓ ମନୋହର !



ତାହା ମସ୍ତକରେ ବହୁମୂଲ୍ୟ ତୈଳ ସ୍ୱରୂପ, ଯାହା ଦାଢ଼ିରେ, ଅର୍ଥାତ୍, ହାରୋଣଙ୍କର ଦାଢ଼ିରେ ବହି ତାଙ୍କ ବସ୍ତ୍ରାଞ୍ଚଳରେ ପଡ଼ିଲା । ତାହା ହର୍ମୋଣର ଶିଶିର ତୁଲ୍ୟ । ଯାହା ସିୟୋନର ପର୍ବତଗଣ ଉପରେ କ୍ଷରି ପଡ଼େ । କାରଣ ସଦାପ୍ରଭୁ ସେଠାରେ ଆଶୀର୍ବାଦ, ହଁ, ଅନନ୍ତ ଜୀବନ ଆଜ୍ଞା କଲେ'' (ଗୀତସଂହିତା ୧୩୩) ।

ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଏକତା ହେଉଛି ଆନନ୍ଦ ଓ ଶାନ୍ତିର ଏକ ଉତ୍ସ । ଯେତେବେଳେ ତାଙ୍କ ଲୋକମାନେ ଏକ ଆରେକ ସହିତ ସଠିକ୍ ସଂପର୍କରେ ଆଚରଣ କରନ୍ତି, ସେତେବେଳେ ଈଶ୍ୱର ସନ୍ତୁଷ୍ଟ ହୁଅନ୍ତି । ତାଙ୍କର ଆଶୀର୍ବାଦ ନିର୍ଗତ ହୁଏ ଓ ପବିତ୍ର ଆତ୍ମାଙ୍କ ଅଭିଷେକ ଅଧିକ ଅବାଧ ଭାବରେ ପ୍ରବାହିତ ହୁଏ ।

## ମିଳିତ – ଧ୍ୱନିକାରକ ସଂପର୍କ

ଏକତା ସମ୍ବନ୍ଧୀୟ ବାଇବଲ ଉଲ୍ଲିଖିତ ସଂପର୍କକୁ, ପ୍ରାୟତଃ, ଭୁଲ ବୁଝାଯାଏ । ଧର୍ମଶାସ୍ତ୍ରରେ, ଏକତା ଓ ସମାନତା ଗୋଟିଏ ବିଷୟ ନୁହେଁ ।

ସମାନତା ହେଉଛି – ଯେତେବେଳେ ସମସ୍ତ ବିଷୟ ସଂପୂର୍ଣ୍ଣ ଭାବରେ ସମାନ ଅଟେ ଓ କୌଣସି ପ୍ରକାରର ପାର୍ଥକ୍ୟ ନ ଥାଏ ।

କିନ୍ତୁ ଧର୍ମଶାସ୍ତ୍ରରେ ଏକତା ସମ୍ବନ୍ଧୀୟ ଚିନ୍ତାଧାରା ବିଭିନ୍ନ ଧ୍ୱନିର ଏକ ସମ୍ମିଶ୍ରଣ ସଦୃଶ ଅଟେ । ଗୋଟିଏ ସଙ୍ଗୀତ ଧ୍ୱନିରେ ବିଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ରର ଧ୍ୱନି ରହିଥାଏ । ପ୍ରତ୍ୟେକଟି ଏକ ଭିନ୍ନ ଭୂମିକା ଗ୍ରହଣ କରେ । କିନ୍ତୁ ଏହି ବିଭିନ୍ନ ଅଂଶଗୁଡ଼ିକ ଜଣେ ପରିଚାଳକଙ୍କ ନିର୍ଦ୍ଦେଶରେ ଏକତ୍ର ମିଳିତ ହୋଇ କାର୍ଯ୍ୟ କରନ୍ତି । ଏହିପରି ଭାବରେ, ଗୋଟିଏ ସୁନ୍ଦର, ମିଳିତ ଧ୍ୱନି ନିର୍ଗତ ହୁଏ ।

ଏହା ଖ୍ରୀଷ୍ଟଙ୍କ ଶରୀରରେ ମଧ୍ୟ ସତ୍ୟ ଅଟେ । ବିଭିନ୍ନ ପ୍ରକାରର ଦାନ, ଆହ୍ୱାନ, ଶୈଳୀ, ବ୍ୟକ୍ତିତ୍ୱ ଓ ଯୋଗ୍ୟତା ରହିଛି । ତଥାପି ଗୋଟିଏ ମିଳିତ ଧ୍ୱନିଯୁକ୍ତ ସଂପର୍କ ମଧ୍ୟକୁ ଆମକୁ ଆହ୍ୱାନ କରାଯାଇଛି (ଯୋହନ ୧୭:୨୦–୨୧) । କେହି ଅନ୍ୟଜଣଙ୍କ ସହିତ ସଂପୂର୍ଣ୍ଣଭାବେ ସମାନ ନୁହଁନ୍ତି; ତଥାପି ପ୍ରତ୍ୟେକଙ୍କୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଂଶଗ୍ରହଣ କରିବାକୁ ଆହ୍ୱାନ କରାଯାଇଛି । ଏହାପରେ ଈଶ୍ୱର ଜଗତ ପ୍ରତି ଏକ ସାକ୍ଷୀ ଭାବରେ ଏକ ଆରେକକୁ ପ୍ରେମ କରି ଗୋଟିଏ ମିଳିତ ଧ୍ୱନି ଅର୍ଥାତ୍, ତାଙ୍କ ଶରୀର ମଧ୍ୟରେ ଇଚ୍ଛୁକ ଯୋଗଦାନକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରନ୍ତି (ଯୋହନ ୧୩:୩୪,୩୫) ।

୧ କରିନ୍ଥୀୟ ୧୨ ଅଧ୍ୟାୟରେ ଆତ୍ମାଙ୍କର 'ପ୍ରକାଶିତ ଦାନ' ଆଲୋଚନା କରିବା ସମୟରେ ପାଉଲ ଏ ବିଷୟ କହିଛନ୍ତି (୧ କରିନ୍ଥୀୟ ୧୪:୨୬–୪୪ ମଧ୍ୟ ଦେଖନ୍ତୁ) । ଆଦ୍ୟମଣ୍ଡଳୀ ଏହି ଏକତା ସମ୍ବନ୍ଧରେ ଏକ ଉଦାହରଣ ଥିଲା, ଯାହା



ପବିତ୍ର ଆତ୍ମାଙ୍କ ଅଭିଷେକକାରୀ ଉପସ୍ଥିତି ଦ୍ୱାରା ପ୍ରତିପାଳିତ ହୋଇଥିଲା (ପ୍ରେରିତ ୨:୪୨, ୪୪–୪୭) ।

## ଅମିଳନର ବିପଦ

ଖ୍ରୀଷ୍ଟଙ୍କ ଶରୀରରେ ଥିବା ସଦସ୍ୟମାନଙ୍କ ମଧ୍ୟରେ ଅମିଳନରେ ବ୍ୟାପକ କ୍ଷତି ରହିଥାଏ । କରିନ୍ଥୀୟମାନଙ୍କର ମତଭେଦ ସମ୍ବନ୍ଧରେ ପାଉଲ ସେମାନଙ୍କୁ ଭର୍ତ୍ସନା କରିଥିଲେ (୧ କରିନ୍ଥୀୟ ୩:୧–୨୩) । ସେ ସେମାନଙ୍କୁ ସାଂସାରିକ ଓ ଅପରିପକ୍ୱ ବୋଲି କହିଥିଲେ । ''ଯେଣୁ ଏପର୍ଯ୍ୟନ୍ତ ତୁମ୍ଭେମାନେ ଶାରୀରିକ ଅଟ । କାରଣ ଯେତେବେଳେ ତୁମ୍ଭମାନଙ୍କ ମଧ୍ୟରେ ଈର୍ଷା ଓ ବିବାଦ ରହିଅଛି, ତୁମ୍ଭେମାନେ କି ଶାରୀରିକ ନୁହେଁ ଓ ମନୁଷ୍ୟର ସ୍ୱଭାବ ଅନୁସାରେ କି ଆଚରଣ କରୁ ନାହଁ ?''

ଭାଇମାନଙ୍କ ମଧ୍ୟରେ ଅମିଳନ ଓ ମତଭେଦ ଏକ ଗୁରୁତର ଅପରାଧ ଅଟେ । ଏହା କେବଳ ଧ୍ୱଂସକାରକ ନୁହେଁ; ଏହା ଈଶ୍ୱରଙ୍କ ରାଜ୍ୟ–କାର୍ଯ୍ୟର ବେଗ ଓ ଦକ୍ଷତାକୁ ମଧ୍ୟ ଗୁରୁତର ଭାବେ ସୀମିତ କରିଦିଏ । ଉପରେ ଉଲ୍ଲିଖିତ ପ୍ରକାଶିତ ଦାନ ସମ୍ବନ୍ଧରେ ପାଉଲଙ୍କର ଆଲୋଚନା ଲୋକମାନଙ୍କ ଗର୍ବ ଓ ସ୍ୱାର୍ଥପରତା ଦ୍ୱାରା ସୃଷ୍ଟ ବିଶୃଙ୍ଖଳା ଓ ଅମିଳନ ଦ୍ୱାରା ପ୍ରୋତ୍ସାହିତ କରିଥିଲା ।

ସର୍ବାଧିକ ଦୁଃଖର ବିଷୟ ହେଉଛି ଏହି ସତ୍ୟ ଯେ ଯେତେବେଳେ ଖ୍ରୀଷ୍ଟଙ୍କ ଶରୀରର ସଦସ୍ୟମାନେ ପରସ୍ପରକୁ ପ୍ରେମ କରନ୍ତି ନାହିଁ ଓ ମିଳିତ ଭାବରେ ପ୍ରଭୁଙ୍କ ଉଦ୍ଦେଶ୍ୟ ସାଧନ କରନ୍ତି ନାହିଁ, ସେତେବେଳେ ଜଗତ ସମ୍ମୁଖରେ ଆମର ସାକ୍ଷ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୁଏ । ବାଇବଲ ଆମକୁ ଜରୁରୀକାଳୀନ ଭିତ୍ତିରେ ସ୍ମରଣ କରାଇ ଦିଏ ଯେ ଏକ ଆରେକ ନିମନ୍ତେ ଥିବା ଆମ ପ୍ରେମ ଦ୍ୱାରା ଆମେ ଯେ ଖ୍ରୀଷ୍ଟିୟାନ, ଏହା ଜଗତ ଜାଣିବ (ଯୋହନ ୧୩:୩୫) । ଯଦି ଜଗତ ଆମ ମଧ୍ୟରେ ପ୍ରେମର ଉପସ୍ଥିତି ଦେଖେ ନାହିଁ, ତେବେ ଜଗତ ନିକଟରେ ଆମର ସାକ୍ଷ୍ୟ ସନ୍ଦେହଜନକ ମନେହେବ ।

ଆମେ ଖ୍ରୀଷ୍ଟଙ୍କ ନାମରେ ମହତ୍ କାର୍ଯ୍ୟ କରିପାରିବା ଜଣେ ଶ୍ରେଷ୍ଠ ପ୍ରଚାରକ ହୋଇପାରିବା; ପ୍ରଚାର ଅଭିଯାନ ଚଳାଇପାରିବା; ଆଉ ତା'ଠାରୁ ଅଧିକ କାର୍ଯ୍ୟ କରିପାରିବା । କିନ୍ତୁ ଯଦି ଆମେ ଆମର ଖ୍ରୀଷ୍ଟ ବିଶ୍ୱାସୀ ଭାଇ ଓ ଭଉଣୀଙ୍କୁ ପ୍ରେମ କରୁ ନାହୁଁ, ତେବେ ଏହି ସମସ୍ତ କାର୍ଯ୍ୟ ଦକ୍ଷତା ହରାଇବ (୧କରିନ୍ଥୀୟ ୧୩ ଦେଖନ୍ତୁ) ।

ଖ୍ରୀଷ୍ଟଙ୍କ ଶରୀରରେ ଏକତାକୁ ଉଲ୍ଲଙ୍ଘନ କରୁଥିବା କିମ୍ବା ବାଧା ଦେଉଥିବା ମନୋଭାବର ବିପଦ ସମ୍ବନ୍ଧରେ ଧର୍ମଶାସ୍ତ୍ରରେ ଅନେକ ଉତ୍ସାହ ବାଣୀ ରହିଛି । କିଛିକ୍ଷଣ ନିମନ୍ତେ ସେଗୁଡ଼ିକ ମଧ୍ୟରୁ ଅଳ୍ପ କେତେକ ଦୟାକରି ପାଠ କରନ୍ତୁ :

- ରୋମୀୟ ୧୩:୧୩,୧୪
- ଗାଲାତୀୟ ୫:୧୩-୨୩
- ଏଫିସୀୟ ୪:୨୦-୨୯
- ୧ ତିମଥି ୬:୩-୫
- ତିତସ ୩:୯-୧୧
- ଯାକୁବ ୩:୧୪-୧୬
- ୧ ଯୋହନ ୨:୯-୧୧; ୩:୧୦-୧୮



ଏହି ପଦଗୁଡ଼ିକ ସ୍ପଷ୍ଟଭାବରେ ଏହା ଦର୍ଶାଇଛି ଯେ ଯେଉଁ ସ୍ଥାନରେ ବିଭେଦ, ସଂଘର୍ଷ, ଶତ୍ରୁତା, ତିକ୍ତତା, ଈର୍ଷା, ପ୍ରତିଦ୍ୱନ୍ଦିତା, ଆକ୍ରୋଶ ମନୋଭାବ ଇତ୍ୟାଦି ରହିଥାଏ, ସେ ସ୍ଥାନରେ ଏକତା ବାଧାପ୍ରାପ୍ତ ହୁଏ ଓ ଭଗ୍ନ ମଧ୍ୟ ହୋଇଯାଏ । ଏହା ପବିତ୍ର ଆତ୍ମାଙ୍କୁ ଦୁଃଖଦିଏ (ଏଫିସୀ ୪:୩୦) ଓ ତାଙ୍କର ଅଭିଷେକକାରୀ ଉପସ୍ଥିତିକୁ ନିର୍ବାପିତ କରିଦିଏ (୧ଥେସଲ. ୫:୧୯) ।

ଏହା ସ୍ପଷ୍ଟ ଅଟେ ଯେ ଯେଉଁଠାରେ ଏହି ସାଂସାରିକ ମନୋଭାବ ଉପସ୍ଥିତ ଥାଏ, ସେଠାରେ ଶୈତାନ ମଧ୍ୟ ବିଭେଦ ଜନ୍ମାଇବା ପାଇଁ ଓ ଈଶ୍ୱରଙ୍କ କାର୍ଯ୍ୟରେ ବାଧା ଦେବା ପାଇଁ ଦୃଶ୍ୟ ଅନ୍ତରାଳରେ ଥାଇ କଠୋର ପରିଶ୍ରମ କରେ (ଯାକୁବ ୩:୧୩-୧୬) । ''ବିଭାଜିତ କରି ଜୟ କର'' - ଏପରି ଏକ କୌଶଳ ଯାହା ଶୟତାନ ଭଳି ଅତି ପୁରାତନ - ଯାହା ସେ ବାଧା ଦେବା ପାଇଁ ଓ ଖ୍ରୀଷ୍ଟଙ୍କ ଶରୀରକୁ ଧ୍ୱଂସ କରିବା ପାଇଁ ବ୍ୟବହାର କରିବା ଶିକ୍ଷା କରିଛି, କିନ୍ତୁ ଆମେ ତା'ର କୌଶଳଗୁଡ଼ିକ ସହିତ ସହଯୋଗ କଲେ ସେଗୁଡ଼ିକ ସଫଳ ହୋଇଥାଏ ।

## ସଂପର୍କ : ଈଶ୍ୱରଙ୍କ ଦ୍ୱାରା ମୂଲ୍ୟାଙ୍କିତ

ପବିତ୍ର ଆତ୍ମାଙ୍କର ଅଭିଷେକ ଶରୀର ମଧ୍ୟରେ ସଂପର୍କର ସୁସ୍ଥତା ଓ ମିଳନ ଆଣିବ । ଏହା ବିଶେଷ ଭାବରେ, ନେତାମାନଙ୍କ ମଧ୍ୟରେ ପ୍ରଯୁଜ୍ୟ ହେବା ଉଚିତ । ଈଶ୍ୱର, ପ୍ରଥମେ ତାଙ୍କ ସହିତ, ଓ ପରେ ଏକ ଆରେକ ସହିତ - ସଠିକ୍ ସଂପର୍କରେ ଜୀବନ କାଟିବା ଆମଠାରୁ ଆଶା କରନ୍ତି (ଏଫିସୀ ୨:୧୪-୧୭) । କେବଳ



ମାନବିକ ଗର୍ବ, ଈର୍ଷା ଓ ତିକ୍ତ ସ୍ୱାର୍ଥପରତା ପଥ ମଧ୍ୟରେ ଦଣ୍ଡାୟମାନ ହୁଏ । ଶରୀରରେ ଅମିଳନ, ଘୃଣା ଓ କ୍ଷମାହୀନତା ବୁଣିବା ପାଇଁ ଶୟତାନ ଏହି ମନୋଭାବକୁ ହିଁ ବ୍ୟବହାର କରିବ ।

ଯଦି ଆପଣଙ୍କ ବିରୁଦ୍ଧରେ ଆପଣଙ୍କ ଭାଇର କିଛି କଥା ଅଛି ଆପଣ ଅନୁଭବ କରନ୍ତି, ତେବେ ତାଙ୍କ ନିକଟକୁ ଯାଇ ମିଳିତ ହେବାକୁ ଚେଷ୍ଟା କରନ୍ତୁ (ମାଥି ୫:୨୩,୨୪) । ଯଦି କାହାରି ବିରୁଦ୍ଧରେ ଆପଣଙ୍କର କିଛି କଥା ଥାଏ, ତେବେ ଶୀଘ୍ର ଅନୁତାପ କରନ୍ତୁ (ମାଥି. ୫:୨୧,୨୨) । ନିଜକୁ ଅପମାନିତ ବୋଲି ଭାବିଥିବାରୁ ଓ କ୍ରୋଧ, ଘୃଣା ଓ ସମାଲୋଚନାକୁ ନିଜ ହୃଦୟରେ ସ୍ଥାନ ଦେଇଥିବାରୁ ଅନୁତାପ କରନ୍ତୁ । କାଳେ ଈଶ୍ୱରଙ୍କ ଦଣ୍ଡ ଆପଣଙ୍କ ଉପରେ ବର୍ତ୍ତିବ, ଏଥିପାଇଁ ଅନୁତାପ କରନ୍ତୁ (ମାଥି ୬:୧୪-୧୫; ମାଥି. ୧୮:୨୧-୩୫ ମଧ୍ୟ ଦେଖନ୍ତୁ) ।

ଈଶ୍ୱର ସଂପର୍କ ଉପରେ ଏତେ ଅଧିକ ଗୁରୁତ୍ୱ ଦିଅନ୍ତି ଯେ ଦୁଃଖଭୋଗ ଓ ମୃତ୍ୟୁବରଣ କରିବା ପାଇଁ ନିଜ ପୁତ୍ରଙ୍କୁ ପ୍ରେରଣ କରିଥିଲେ ଯେପରିକି ଆମ ପାପ ଦ୍ୱାରା ତାଙ୍କ ସହିତ ଭଗ୍ନ  ହୋଇଥିବା ଆମର ସଂପର୍କ ପୁନଃ ପ୍ରତିଷ୍ଠିତ ହେବ । ଠିକ୍ ସେହିପରି ଭାବରେ, ଆମ ପ୍ରତି ତାଙ୍କ ପ୍ରେମ ଓ କ୍ଷମା ଏକ ଆରେକ ସହିତ ସଠିକ୍ ସଂପର୍କକୁ ସମ୍ଭବ କରିଛି ।

ଈଶ୍ୱର ଯାହା ଆଦେଶ ଦେଇଛନ୍ତି, ତାହା ଆମେ ଶିକ୍ଷା କରିଛୁ । ସେ ସର୍ବଦା ସମସ୍ତ ବିଷୟ ସମ୍ଭବ କରନ୍ତି । ଆଉ ଏକ ଆରେକ ସହିତ ସଠିକ୍ ସଂପର୍କ ରଖିବା ପାଇଁ ସେ ଆମକୁ ଆଦେଶ କରିଛନ୍ତି (ଯୋହନ ୧୩:୩୪,୩୫) ।

ଆମକୁ ଈଶ୍ୱରଙ୍କ ସହିତ ଆମ ସଂପର୍କକୁ ଗୁରୁତ୍ୱ ଦେବାକୁ ହେବ ଓ ନିରନ୍ତର ସେଥିରେ ବିନିଯୋଗ କରିବାକୁ ହେବ । ଆମକୁ ଆମର ଖ୍ରୀଷ୍ଟିୟ ଭାଇ ଓ ଭଉଣୀଙ୍କ ପ୍ରତି ସମାନ ବ୍ୟବହାର ଦେଖାଇବାକୁ ହେବ ।

ସମସ୍ତ ସ୍ଥାୟୀ ଓ ଜୀବନ - ପରିବର୍ତ୍ତନକାରୀ ସେବାକାର୍ଯ୍ୟ ସୁସ୍ଥ ସଂପର୍କରୁ ପ୍ରବାହିତ ହୁଏ । ଏହି ପ୍ରକ୍ରିୟା ଈଶ୍ୱରଙ୍କ ସହିତ ସଂପର୍କ ରଖିବାରେ ଆମେ ତାଙ୍କଠାରୁ ଯାହା ପ୍ରାପ୍ତ ହେଉ, ସେଥିରୁ ହିଁ ଆରମ୍ଭ ହୁଏ । ଏହାପରେ, ପ୍ରେମ ଓ ଦୟାରୁ ଓ ଆମେ ଈଶ୍ୱରଙ୍କଠାରୁ ଯାହା ପାଉ, ସେଥିରୁ ଅନ୍ୟମାନଙ୍କୁ ଦେଉ ଓ ସେମାନଙ୍କର ସେବା କରୁ । ଏହା ହେଉଛି ସେବାକାର୍ଯ୍ୟ ନିମନ୍ତେ ଈଶ୍ୱରଙ୍କ ଧାରା । ଏହି ପୃଥିବୀରେ ଯୀଶୁଙ୍କ ଜୀବନ ଆମ ନିମନ୍ତେ ଏହି ପ୍ରକାର ସେବାକାର୍ଯ୍ୟର ଧାରା ସମ୍ବନ୍ଧୀୟ ଏକ ନିରବଚ୍ଛିନ୍ନ ଦୃଷ୍ଟାନ୍ତ ଭାବରେ କାର୍ଯ୍ୟ କରେ ।

## ଏକତା, ବିଭିନ୍ନତା, ପ୍ରେମ

ଖ୍ରୀଷ୍ଟଙ୍କ ଶରୀରରେ ପ୍ରକାଶର ବିଭିନ୍ନତା ରହିଛି । କିନ୍ତୁ ଏହି ଭିନ୍ନତା ଏକତା ଓ ସଂପର୍କ ପ୍ରତି ବାଧାଜନକ ପ୍ରସ୍ତର ହେବା ଅନାବଶ୍ୟକ (ରୋମୀ ୧୪:୧୩) ।

ମନେରଖନ୍ତୁ, ଏକତା ସମାନତା ସହିତ ସମାନ ନୁହେଁ । ଏକତା ଏକ ମିଳିତ ଧ୍ୱନିଯୁକ୍ତ ସଂପର୍କ ଅଟେ ଯେତେବେଳେ ଆମେ ପ୍ରତ୍ୟେକେ ଆମ ଜୀବନରେ ପବିତ୍ର ଆତ୍ମାଙ୍କ ଅଭିଷେକ ସମ୍ବନ୍ଧୀୟ ଆଭ୍ୟନ୍ତରୀଣ କାର୍ଯ୍ୟ ପ୍ରତି ପ୍ରତିକ୍ରିୟା ପ୍ରଦର୍ଶନ କରୁ । ପବିତ୍ର ଆତ୍ମା ସର୍ବଦା ଆମକୁ ଚେତନା ଦିଅନ୍ତି, ଆମକୁ ସାହାଯ୍ୟ କରନ୍ତି ଓ ଅନ୍ୟମାନଙ୍କ ସହିତ ଆମକୁ ସଠିକ୍ ସଂପର୍କ ମଧ୍ୟକୁ କଢ଼ାଇ ନିଅନ୍ତି ଯଦି ଆମେ ପ୍ରତିକ୍ରିୟା ଦେଖାଇବା ।

ଏକତା ପାଇଁ ଗୋଟିଏ ସରଳ ପଥ ପ୍ରଦର୍ଶକ ଏହି ପଦରେ ପ୍ରକାଶିତ ହୋଇଛି । ‘‘ଆବଶ୍ୟକତାରେ ଏକତା, ଅନାବଶ୍ୟକତାରେ ବିଭିନ୍ନତା; ଆଉ ସମସ୍ତ ବିଷୟରେ, ଦୟା (ପ୍ରେମ)’’ ।

ଆମେ ପବିତ୍ର ଆତ୍ମାଙ୍କ ଅଭିଷେକରେ ବୃଦ୍ଧି ପାଇ ଜୀବନ କାଟୁଥିବା ସମୟରେ, ଆସନ୍ତୁ ଆମେ ଏକ ଆରେକ ନିମନ୍ତେ ଅନୁଗ୍ରହ ଓ ପ୍ରେମ ରଖିବା । ଆମେ ତାହା କରୁଥିବା ସମୟରେ ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଖ୍ରୀଷ୍ଟଙ୍କର ସାକ୍ଷ୍ୟ ଆମ ମଧ୍ୟରେ ଓ ମାଧ୍ୟମରେ ଆହୁରି ସଂପୂର୍ଣ୍ଣ ଭାବରେ ଉନ୍ମୋଚିତ ହୋଇପାରିବ ।

### ବୋଧଜ୍ଞାନ ଲାଭ କରିବା

ପବିତ୍ର ଅଭିଷେକ ତୈଳର ଏହି ସଂକ୍ଷିପ୍ତ ଅଧ୍ୟୟନ (ଯାତ୍ରା ୩୦:୨୨-୩୩) ଏହା ପ୍ରକାଶ କରେ ଯେ ଈଶ୍ୱର ଆମକୁ ତାଙ୍କ ପବିତ୍ର ଆତ୍ମାଙ୍କର କାର୍ଯ୍ୟ ସମ୍ବନ୍ଧରେ କିଛି ଆଶ୍ଚର୍ଯ୍ୟଜନକ ଉପମା ଓ ପ୍ରାକ୍-ନିଦର୍ଶନ ପ୍ରଦାନ କରିଛନ୍ତି । ନିଶ୍ଚିତ ଭାବରେ, ଧର୍ମଶାସ୍ତ୍ରର ଅଧ୍ୟୟନ ଆମକୁ ଜ୍ଞାନ, ବୋଧଶକ୍ତି ଓ ଭରସା ପ୍ରଦାନ କରେ (ରୋମୀ ୧୫:୪) ।

ଏପର୍ଯ୍ୟନ୍ତ ଏହି ଅଧ୍ୟୟନ ସମୟରେ, ଆପଣଙ୍କର ହୁଏତ କିଛି ପ୍ରଶ୍ନ ଥାଇପାରେ, ଯଥା -

- ମୁଁ ଅଭିଷେକରେ ବୃଦ୍ଧି ପାଇପାରେ କି ? ଯଦି ହଁ, କିପରି ?
- ‘‘ମିଥ୍ୟା ଅଭିଷେକ’’ ଭଳି କିଛି ବିଷୟ ଅଛି କି ? ଯଦି ହଁ, ତେବେ ମୁଁ କିପରି ପ୍ରକୃତ ଅଭିଷେକକୁ ଚିହ୍ନିପାରିବ ?
- ମୋ ଜୀବନରେ ଅଭିଷେକ ଆଘାତ ଦେବ କିମ୍ବା ନିର୍ବାପିତ ହେବ କି ?
- ମୁଁ ନିରନ୍ତର ପବିତ୍ର ଆତ୍ମାଙ୍କ ଅଭିଷେକରେ ପରିପୂର୍ଣ୍ଣ ହୋଇପାରିବି କି ?

ଆମେ ଏହି ପ୍ରଶ୍ନଗୁଡ଼ିକୁ ପରବର୍ତ୍ତୀ ଭାଗ, ‘‘ଅଭିଷେକରେ ଆଚରଣ କରିବା’’ରେ ଅଧିକ ଆଲୋଚନା କରିବା ।





# ପବିତ୍ର ଆତ୍ମାଙ୍କର ଅଭିଷେକ

ଭାଗ -୩

## ଅଭିଷେକରେ ଆଚରଣ କରିବା

ଆମେ ପ୍ରତିଦିନ ପବିତ୍ର ଆତ୍ମାଙ୍କ ଅଭିଷେକରେ ଜୀବନ କାଟିବା ପାଇଁ ଶିକ୍ଷା କରିବା ସମ୍ବନ୍ଧୀୟ ଅଧ୍ୟୟନ ଆରମ୍ଭ କରିବା ସମୟରେ ଆସନ୍ତୁ, ସଂକ୍ଷେପରେ କିଛି ଗୁରୁତ୍ୱପୂର୍ଣ୍ଣ ନିୟମର ପୁନର୍ବିଚାର କରିବା ।

ପବିତ୍ର ଆତ୍ମାଙ୍କ ଅଭିଷେକ ଜିତିବା ପାଇଁ ଉଦ୍ଦିଷ୍ଟ ଏକ ‘ଆତ୍ମିକ ନାମାଙ୍କନ’ ନୁହେଁ । କିମ୍ବା ଏହା ଧାର୍ମିକ ଶବ୍ଦ କିମ୍ବା ପଦଗୁଡ଼ିକ ସହିତ କେବଳ ପରିଚିତ ନୁହେଁ । ବରଂ, ଏହା ହେଉଛି ପବିତ୍ର ଆତ୍ମାଙ୍କ ସହିତ ଏକ ଜୀବିତ ଓ କ୍ରମବର୍ଦ୍ଧିଷ୍ଣୁ ସଂପର୍କ ଅଟେ ।

ମନେରଖନ୍ତୁ, ପବିତ୍ର ଆତ୍ମା ଜଣେ ବ୍ୟକ୍ତି ଅଟନ୍ତି, ଠିକ୍ ଯେପରି ଯୀଶୁ ଓ ପିତା ବ୍ୟକ୍ତି ଅଟନ୍ତି । ସେଥିପାଇଁ, ଆମେ ପବିତ୍ର ଆତ୍ମାଙ୍କ ସହିତ ଏକ ଦୈନନ୍ଦିନ, ଜୀବିତ ସଂପର୍କରେ ଆଚରଣ କରିପାରିବା ଓ କରିବାକୁ ହେବ ।

ସ୍ୱାର୍ଥପର ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ କିମ୍ବା ପରିଚାଳନା କରିବାକୁ ଆମ ପାଇଁ ଅଭିଷେକ କୌଣସି ପ୍ରକାରର ରହସ୍ୟମୟ ଶକ୍ତି ନୁହେଁ ବୋଲି ଆମେ ଶିକ୍ଷା କରିଛୁ । କିନ୍ତୁ, ଅଭିଷେକ ଆମ ମଧ୍ୟରେ ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ଓ ତାଙ୍କର ଉପସ୍ଥିତି ସହିତ ପ୍ରତ୍ୟକ୍ଷଭାବେ ସଂଯୁକ୍ତ ଏକ ସ୍ୱର୍ଗୀୟ ଶକ୍ତି, ଯୋଗ୍ୟତା ଓ ଦାନ ଅଟେ । ପବିତ୍ର ଆତ୍ମାଙ୍କ ଉପସ୍ଥିତିରୁ ଆସୁଥିବା ଶକ୍ତି ତାଙ୍କ ସହିତ ଆମର ବ୍ୟକ୍ତିଗତ ସଂପର୍କ ମାଧ୍ୟମରେ ପ୍ରବାହିତ ହୁଏ ।

ଅଭିଷେକ ହେଉଛି ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ଓ ଉପସ୍ଥିତି, ଯିଏ ନିଜ ଉପସ୍ଥିତି ସହିତ ସେହି ସମସ୍ତ ଆବଶ୍ୟକୀୟ ଶକ୍ତି, ଦାନ ଓ କର୍ତ୍ତୃତ୍ୱ ଆଣନ୍ତି, ଯେଉଁଗୁଡ଼ିକ ସେବାକାର୍ଯ୍ୟର ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ପିତାଙ୍କ ଇଚ୍ଛା ସାଧନ କରିବା ପାଇଁ ଆବଶ୍ୟକ ଅଟେ ।

# ଆମର ପ୍ରଥମ ଦାୟିତ୍ୱ

ଆମେ ଏହା ଶିକ୍ଷାକରିଛୁ ଯେ ପୁରାତନ ନିୟମ ସମୟରେ, ଈଶ୍ୱରଙ୍କ ପବିତ୍ର ଆତ୍ମା ତାଙ୍କର ଭାବବାଦୀ, ଯାଜକ, ବିଚାରକର୍ତ୍ତା ଓ ଅନ୍ୟ ଦାସମାନଙ୍କ ଉପରେ ଆସିଥିଲେ ।

ନୂତନ ନିୟମ ଯୁଗରେ ଓ ଏହାର ପରବର୍ତ୍ତୀ ଯୁଗରେ – ଯାହା ମଣ୍ଡଳୀ ଯୁଗ ବୋଲି ମଧ୍ୟ ପରିଚିତ – ସେହି ଯୁଗରେ ପବିତ୍ର ଆତ୍ମାଙ୍କୁ ବୃଷ୍ଟି କରାଯାଇଥିଲା (ପ୍ରେରିତ ୨ ଅଧ୍ୟାୟ) । ଆତ୍ମା ଈଶ୍ୱର ଆମକୁ ନେତୃତ୍ୱ ଦେବାପାଇଁ, ସୁବିଧା ଦେବା ପାଇଁ ଓ ଆମ ମାଧ୍ୟମରେ ଅନ୍ୟମାନଙ୍କର ସେବା କରିବା ପାଇଁ ପ୍ରତ୍ୟେକ ପ୍ରକୃତ ବିଶ୍ୱାସୀ ମଧ୍ୟରେ ବାସ କରନ୍ତି (ଯୋହନ ୭:୩୭–୩୯; ୧୪:୧୬,୧୭,୨୬) ।

ଯୀଶୁ ଖ୍ରୀଷ୍ଟଙ୍କଠାରେ ଥିବା ସମସ୍ତ ବିଶ୍ୱାସୀଙ୍କୁ ପବିତ୍ର ଆତ୍ମା ପ୍ରଦତ୍ତ ହୋଇଅଛନ୍ତି (୧ଯୋହନ ୨:୨୦,୨୭) । ଏହା ଆବଶ୍ୟକ ଅଟେ କାରଣ ପ୍ରତ୍ୟେକ ବିଶ୍ୱାସୀକୁ ଖ୍ରୀଷ୍ଟଙ୍କ ଶରୀରର ଏକ ସଦସ୍ୟ ଭାବରେ କିଛି ନା କିଛି ସେବା ପ୍ରଦର୍ଶନ କରିବାକୁ ହେବ (ଏଫି. ୪:୧୨) । ଆମେ ସମସ୍ତେ ପ୍ରତିଦିନ ପବିତ୍ର ଆତ୍ମାଙ୍କର ସାହାଯ୍ୟ ଆବଶ୍ୟକ କରୁ ।

କିନ୍ତୁ, ଯେଉଁମାନଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ସେବାକାର୍ଯ୍ୟ ନିମନ୍ତେ ଆହ୍ୱାନ କରାଯାଇଛି, ସେହିମାନଙ୍କ ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ଓ ପ୍ରଭାବଶାଳୀ ଅଭିଷେକ ଉପଲବ୍ଧ ଅଟେ । ଏହି ଅଭିଷେକ ଈଶ୍ୱରଙ୍କ ଦ୍ୱାରା ତାଙ୍କ ସାର୍ବଭୌମତ୍ୱରେ ପ୍ରଦତ୍ତ ହୋଇଅଛି । ଜଣେ ଏହାକୁ ଗ୍ରହଣ କରି ଏଥିରେ ବୃଦ୍ଧି ପାଇପାରେ, କିମ୍ବା ଏହାକୁ ଅଗ୍ରାହ୍ୟ କିମ୍ବା ଅବଜ୍ଞା କରିବାକୁ ଇଚ୍ଛା କରିପାରେ ।

ପବିତ୍ର ଆତ୍ମାଙ୍କ ଦ୍ୱାରା ଏହିପ୍ରକାର ଅଭିଷେକ (ପବିତ୍ର ଆତ୍ମାଙ୍କ ଦ୍ୱାରା ସ୍ୱର୍ଗୀୟ ସାମର୍ଥ୍ୟ) ଆପଣଙ୍କ ଦାନ ଓ ଆହ୍ୱାନ ସହିତ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ଅଟେ । ଉଦାହରଣସ୍ୱରୂପ, ପ୍ରଚାରକର ଦାନ ପରିପୂରଣ କରିବା ପାଇଁ ଆହ୍ୱାନ ପାଇଥିବା ଜଣେ ବ୍ୟକ୍ତି (ଏଫି ୪:୧୧), ହୁଏତ ଜଣେ ଗୋଟିଏ ପ୍ରେରିତ କାର୍ଯ୍ୟର ଦାନ ନିମନ୍ତେ ଥିବା ଅଭିଷେକ ପାଇ ନ ପାରେ । ଯେତେବେଳେ ଜଣେ ବ୍ୟକ୍ତି ଯେଉଁ କାର୍ଯ୍ୟ ନିମନ୍ତେ ଆହ୍ୱାନ ପାଇଥାଏ, ସେଥିନିମନ୍ତେ ସେ ଶକ୍ତି, ଦାନ ଓ କର୍ତ୍ତୃତ୍ୱ ମଧ୍ୟରେ କାର୍ଯ୍ୟ କରୁଥାଏ, ସେତେବେଳେ ସେ ସର୍ବୋତ୍ତମଭାବେ କାର୍ଯ୍ୟକରିବ ଓ ସର୍ବାଧିକ ସଫଳ ହେବ । ଏହି କ୍ଷେତ୍ରରେ ଜଣେ ପ୍ରଚାରକ ଭାବରେ କିନ୍ତୁ, ପ୍ରତିଦିନ ପ୍ରୟୋଗାତ୍ମକ କାର୍ଯ୍ୟରେ, ଏହା ଏତେ ସହଜ ହୋଇ ନ ପାରେ । ଯଦିଓ ଜଣେ



ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟ ନିମନ୍ତେ ଆହୂତ ଓ ଅଭିଷିକ୍ତ ହୋଇପାରେ, ତଥାପି ଖ୍ରୀଷ୍ଟଙ୍କ ଶରୀରରେ ଜଣେ ଅଂଶଗ୍ରହଣକାରୀ ଭାବରେ ପ୍ରତିଦିନ ଜୀବନ କାଟିବା ପାଇଁ ଓ କାର୍ଯ୍ୟ କରିବା ପାଇଁ ଖ୍ରୀଷ୍ଟବିଶ୍ୱାସୀରୂପେ ଆମେ ପ୍ରତ୍ୟେକେ ଏକ ସାଧାରଣ ଆହ୍ୱାନ ପାଇଅଛୁ ।

ଉଦାହରଣ ସ୍ୱରୂପ, ଧର୍ମଶାସ୍ତ୍ରରେ ଆମେ ଦେଖିପାରୁ ଯେ ତୀମଥିଙ୍କୁ ମଣ୍ଡଳୀରେ ଶିକ୍ଷା ଦେବା ପାଇଁ ଓ ପାଳକ ହେବା ପାଇଁ, ସମ୍ଭବତଃ, ଆହ୍ୱାନ କରାଯାଇଥିଲା । ତଥାପି ସେ 'ଗୋଟିଏ ପ୍ରଚାରକର କାର୍ଯ୍ୟ କରିବା ପାଇଁ' ପାଉଲଙ୍କ ଦ୍ୱାରା ଆଦେଶ ପ୍ରାପ୍ତ ହୋଇଥିଲେ (୨ତିମଥି ୪:୫) – ଜଣେ ପ୍ରଚାରକ ଭାବରେ ନୁହେଁ, ମାତ୍ର ବେଳେବେଳେ ଅନ୍ୟମାନଙ୍କ ନିକଟରେ ଆବଶ୍ୟକ ହେଉଥିବା ପ୍ରଚାର କାର୍ଯ୍ୟ କରିବା ପାଇଁ ।

ସେଥିପାଇଁ, ଖ୍ରୀଷ୍ଟଙ୍କର ସେବକ ଭାବରେ, ଆମେ ଏହା ଦେଖୁ ଯେ ଆମ ନିକଟରେ ସେହି ସମସ୍ତ ସାଧାରଣ ଦାୟିତ୍ୱ ଓ କାର୍ଯ୍ୟ କରିବାର ଭାର ରହିଛି, ଯେଉଁଥିରେ ଆମର ନିର୍ଦ୍ଦିଷ୍ଟ ଆହ୍ୱାନ ଅନ୍ତର୍ଭୁକ୍ତ ହୋଇ ନ ପାରେ । କିନ୍ତୁ, ଏହାସତ୍ତ୍ୱେ ସେଗୁଡ଼ିକ ଖ୍ରୀଷ୍ଟଙ୍କ ଶରୀରର ସୁସ୍ଥ କାର୍ଯ୍ୟ ନିମନ୍ତେ ଆବଶ୍ୟକୀୟ ଓ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଯୀଶୁ ଖ୍ରୀଷ୍ଟଙ୍କ ଜଣେ ବିଶ୍ୱାସୀ ଭାବରେ ଓ ଜଣେ ମଣ୍ଡଳୀ ନେତା ଭାବରେ ଆମର ପ୍ରଥମ ଓ ମୁଖ୍ୟ ଦାୟିତ୍ୱ ହେଉଛି ଖ୍ରୀଷ୍ଟଙ୍କ ପ୍ରତି ବାଧ୍ୟତା । ଆମକୁ ପ୍ରଭୁଙ୍କର ବାଧ୍ୟ ହେବାକୁ ଓ ଆଦର୍ଶ ଅନୁସାରେ ଜୀବନ କାଟିବାକୁ ହେବ, ଯାହା ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ଆମକୁ ପ୍ରଦତ୍ତ ହୋଇସାରିଛି ।

ଧର୍ମଶାସ୍ତ୍ରରେ, ଆମେ ଏହା ଦେଖୁ ଯେ ବିଶ୍ୱାସୀମାନେ ଅନ୍ୟମାନଙ୍କର ସେବା କରିବା ପାଇଁ, ଦରିଦ୍ରମାନଙ୍କୁ ଭୋଜନ କରାଇବା ପାଇଁ, ଅନାଥମାନଙ୍କର ଯତ୍ନ ନେବା ପାଇଁ, ସାଧୁମାନଙ୍କୁ ପ୍ରସ୍ତୁତ କରିବା ପାଇଁ, ହଜି ଯାଇଥିବା ଲୋକମାନଙ୍କ ନିକଟରେ ସୁସମାଚାର ପହଞ୍ଚାଇବା ପାଇଁ ବିଶ୍ୱାସୀମାନଙ୍କୁ ଅନେକ ଦାୟିତ୍ୱ ଦିଆଯାଇଛି । ଆପଣଙ୍କ ଖ୍ରୀଷ୍ଟିୟ ଜୀବନରେ ଏପରି ସମୟ ଓ ସୁଯୋଗ ଆସିବ, ଯେତେବେଳେ ଆପଣଙ୍କ ପ୍ରାଥମିକ ଆହ୍ୱାନ କିମ୍ବା କାର୍ଯ୍ୟ ସହିତ ଏହି ସମସ୍ତ ପ୍ରକାର ସେବାକାର୍ଯ୍ୟ ପ୍ରତି ସମୟ ଓ ପ୍ରଚେଷ୍ଟା ଉତ୍ସର୍ଗ କରିବା ଆପଣଙ୍କର ଆବଶ୍ୟକ ହେବ ।

ସେବାକାର୍ଯ୍ୟରେ ଆପଣଙ୍କୁ କ'ଣ କରିବାକୁ ହେବ, ତାହା ଚିହ୍ନିବାରେ ଯେଉଁ ନିର୍ଦ୍ଦେଶ ରେଖା ପାଳନ କରିବାକୁ ହୁଏ, ତାହା ହେଉଛି ''ତୁମ୍ଭ ହସ୍ତ ଯେ କୌଣସି କାର୍ଯ୍ୟ କରିବାକୁ ପାଏ, ତାହା ଆପଣା ଶକ୍ତିରେ କର'' (ଉପଦେଶକ ୯:୧୦;

କଲସୀୟ ୩:୨୩ ମଧ୍ୟ ଦେଖନ୍ତୁ) । ପ୍ରତ୍ୟେକ ସୁଯୋଗରେ ପ୍ରାର୍ଥନା କରନ୍ତୁ, ଆଉ ଏହାପରେ ପ୍ରଭୁ ଅନ୍ୟମାନଙ୍କର ସେବା କରିବା ପାଇଁ ଆପଣଙ୍କୁ ଆହ୍ୱାନ କରିବା ସମୟରେ ତାଙ୍କ ଆଜ୍ଞା ପାଳନ କରିବାରେ କ୍ଷିପ୍ର ହୁଅନ୍ତୁ । ଆପଣଙ୍କ ସମ୍ମୁଖରେ ଥିବା କାର୍ଯ୍ୟ ବଡ଼ ହେଉ କିମ୍ବା ଛୋଟ ହେଉ, ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ – ଯାହା ଗୁରୁତ୍ୱପୂର୍ଣ୍ଣ, ତାହା ହେଉଛି– ପ୍ରଭୁ ଆପଣଙ୍କୁ ତାହା କରିବା ପାଇଁ କହିବା ସମୟରେ, ତାଙ୍କ ଆଜ୍ଞା ପାଳନ କରନ୍ତୁ ।

> ପାଳକଙ୍କଠାରୁ ପାଳକଙ୍କ ନିକଟକୁ – ଗୋଟିଏ ଅନୁମୋଦିତ ପ୍ରଚାରକ ଓ ବାଇବଲ ବିଦ୍ୟାଳୟରୁ ଉପାଧିପ୍ରାପ୍ତ ବ୍ୟକ୍ତି ଭାବରେ ମୋର ପ୍ରଥମ ଆନୁଷ୍ଠାନିକ ‘‘ପଦବୀ’’ ଥିଲା ଗୋଟିଏ ବିରାଟ ମଣ୍ଡଳୀର ଏକ ସଂପୂର୍ଣ୍ଣ ସମୟ ଝାଡୁଦାର । ମୁଁ ଦୁଇ ଘଣ୍ଟା ଧରି ଶୌଚାଳୟଗୁଡ଼ିକୁ ପରିଷ୍କାର କରୁଥିଲି, ମଇଳା ଫିଙ୍ଗୁଥିଲି, ସଭା କକ୍ଷଗୁଡ଼ିକରୁ ଧୂଳି ଝାଡୁଥିଲି, ଚଟାଣ ସଫା କରୁଥିଲି ଓ ଅନ୍ୟାନ୍ୟ ଦରକାରୀ ଅଥଚ ଅନାକର୍ଷଣୀୟ କାର୍ଯ୍ୟ କରୁଥିଲି ।
>
> ବାସ୍ତବରେ ଏହି କାର୍ଯ୍ୟକୁ ମୁଁ ଉପଭୋଗ କରୁ ନ ଥିଲି । ଏହା ସହଜ ନ ଥିଲା । ଏହା ହୀନ କାର୍ଯ୍ୟ ଥିଲା, କିନ୍ତୁ ଏହା କରିବା ପାଇଁ ଈଶ୍ୱର ମୋତେ କହିଥିଲେ ବୋଲି ମୁଁ ଜାଣିଥିଲି, ଆଉ ଖ୍ରୀଷ୍ଟଙ୍କ ଶରୀରର ସେବା କରିବାକୁ ଏହା ଥିଲା ଶିକ୍ଷଣ ନିମନ୍ତେ ସର୍ବୋତ୍ତମ ପ୍ରସ୍ତୁତ ଯାହା ମୁଁ କେବେହେଲେ ପାଇ ପାରି ନ ଥାନ୍ତି । ଏହା ଥିଲା ପ୍ରକୃତରେ ମୋର ବିଶ୍ୱସ୍ତତାର ଏକ ପରୀକ୍ଷା ।
>
> ଏହି କାର୍ଯ୍ୟ ପ୍ରତି ମୋର ବାଧ୍ୟତା ଓ ଏହାକୁ କାର୍ଯ୍ୟକାରୀ କରିବାରେ ମୋର ଉଦ୍‌ଯୋଗ ପରବର୍ତ୍ତୀ କାର୍ଯ୍ୟ ନିମନ୍ତେ ଉନ୍ମୁକ୍ତ ଦ୍ୱାର ନିକଟକୁ ମୋତେ କଢ଼ାଇ ନେଇଥିଲା । ପ୍ରତ୍ୟେକ ବର୍ଷ ପ୍ରତି ସେବାକାର୍ଯ୍ୟ ସହିତ ମୁଁ ଅଗ୍ରସର ହୋଇଥିଲି । ମୁଁ ମଣ୍ଡଳୀସମୂହ ପ୍ରତିଷ୍ଠା କରିଥିଲି, ଯୁବକ ଯୁବତୀଙ୍କୁ ଶିକ୍ଷା ଦେଇଥିଲି, ମଣ୍ଡଳୀଗୁଡ଼ିକରେ ପାଳକ ହୋଇଥିଲି, ସମ୍ମିଳନୀଗୁଡ଼ିକରେ ଭାଷଣ ଦେଇଥିଲି, ମିଶନ ଦଳଗୁଡ଼ିକର ନେତୃତ୍ୱ ନେଇଥିଲି, ସୁସମାଚାର ପ୍ରଚାର ଇତ୍ୟାଦି ବହୁ କାର୍ଯ୍ୟ କରିଥିଲି । ଆଉ କୌଣସି ପ୍ରକାରେ, ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ସେହି ୩୦ ବର୍ଷରୁ ଅଧିକ କାଳ ପ୍ରଭୁ ମୋତେ ପ୍ରସ୍ତୁତ କରିଥିଲେ ଓ ବର୍ତ୍ତମାନର ଏକ ବିଶ୍ୱବ୍ୟାପୀ ସେବାକାର୍ଯ୍ୟର ନେତୃତ୍ୱ ସ୍ଥାନକୁ ମୋତେ କଢ଼ାଇ ଆଣିଥିଲେ ।



> ପ୍ରଭୁ ତାଙ୍କ ନିଜ ନାମରେ ମୋତେ ଯାହା କିଛି କରିବାକୁ କହିଥିଲେ, ସେହି ପ୍ରତ୍ୟେକ କାର୍ଯ୍ୟକୁ ଗୋଟିଏ ପରେ ଗୋଟିଏ ପୂରଣ କରି ସମସ୍ତ ମାର୍ଗରେ ମୋର ସର୍ବୋତ୍ତମ ଯୋଗ୍ୟତା ଅନୁସାରେ ତାଙ୍କର ଆଜ୍ଞାବହ ହେବା ପାଇଁ ଯଦି ମୁଁ ଇଚ୍ଛୁକ ହୋଇ ନ ଥାନ୍ତି, ତେବେ ଆଜି ୱର୍ଲଡ୍ ମ୍ୟାପ୍‌ର ନେତୃତ୍ୱ ନେଇ ପାରି ନ ଥାନ୍ତି ବୋଲି ମୁଁ ବିଶ୍ୱାସ କରେ । ମୁଁ ସର୍ବଦା ସଠିକ୍ ଭାବରେ ଆଜ୍ଞାବହ ହୋଇ ନ ଥିଲି, ଆଉ ମୁଁ ପଥ ମଧ୍ୟରେ ଭୁଲ୍ କରିଅଛି । କିନ୍ତୁ ସର୍ବମୋଟ, ଈଶ୍ୱର ମୋ ସମ୍ମୁଖରେ ରଖିଥିବା ବାଧ୍ୟତାର ମାର୍ଗରେ ଚାଲିବା ପାଇଁ ମୁଁ ଯଥାସାଧ୍ୟ ଉଦ୍ୟମ କରିଥିଲି ।
>
> ଆପଣଙ୍କ ଜୀବନ ନିମନ୍ତେ ଈଶ୍ୱରଙ୍କର ଏକ ଯୋଜନା ରହିଛି । ଏହାକୁ ସଫଳ କରିବା ପାଇଁ ସେ ଆପଣଙ୍କୁ କିପରି ଚଳାଇବେ, ତାହା ସେ ଅତି ଉତ୍ତମଭାବେ ଜାଣନ୍ତି, ଈଶ୍ୱର ଓ ତାଙ୍କର ବାକ୍ୟ ପ୍ରତି ଆମର ବାଧ୍ୟତା ଏକ ସ୍ୱେଚ୍ଛାଧୀନ ବିଷୟ ନୁହେଁ – ଏହା ଏକ ଆବଶ୍ୟକତା ଅଟେ ।

## ଆମର ପ୍ରଥମ ଆହ୍ୱାନ

ନେତୃତ୍ୱ କିମ୍ବା ପ୍ରଭାବର ସ୍ତର ଯାହା ହେଲେ ସୁଦ୍ଧା ଆମର ‘‘ପ୍ରଥମ ଆହ୍ୱାନ ସର୍ବଦା ଖ୍ରୀଷ୍ଟଙ୍କ ସହିତ ସଂପର୍କ ପ୍ରତି ଉଦ୍ଦିଷ୍ଟ ଅଟେ ।’’ ସଂପର୍କ ମଧ୍ୟରେ ବାଧ୍ୟତା, ବିଶ୍ୱାସ, ସେବା, ବ୍ୟକ୍ତିଗତ ପବିତ୍ରତା, ନମ୍ରତା, ଆତ୍ମାଙ୍କର ସମସ୍ତ ଫଳ (ଗାଲାତୀୟ ୫:୨୨,୨୩) ଓ କ୍ରମବର୍ଦ୍ଧିଷ୍ଣୁ ଅଭିବୃଦ୍ଧି ଅନ୍ତର୍ଭୁକ୍ତ ଅଟେ । ଏହି ଗୁଣଗୁଡ଼ିକ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଏକ ସମୃଦ୍ଧିଶାଳୀ ଓ କ୍ରମବର୍ଦ୍ଧିଷ୍ଣୁ ସଂପର୍କ ନିମନ୍ତେ ମୂଳଦୁଆ ଯୋଗାଇଥାଏ ।

ବ୍ୟକ୍ତିଗତ ସଂପର୍କର ଏହି ବଳିଷ୍ଠ ମୂଳଦୁଆର ଗୋଟିଏ ଫଳ ହେଉଛି ଆପଣଙ୍କ ମାଧ୍ୟମରେ ସେବାକାର୍ଯ୍ୟର ଉନ୍ମୋଚନ ଓ ଆପଣଙ୍କ ସେବାକାର୍ଯ୍ୟ ସାଧନ କରିବା ନିମନ୍ତେ ଆପଣ ଆବଶ୍ୟକ କରୁଥିବା ଅଭିଷେକ ।

ମନ ମଧ୍ୟରେ ମୁଖ୍ୟ ନିୟମାବଳିର ଏହି ପ୍ରାଥମିକ ପୁନର୍ବିଚାର ସହିତ, ଆସନ୍ତୁ, ବର୍ତ୍ତମାନ ଆମେ ‘ଅଭିଷେକରେ ଆଚରଣ କରିବାର ଅର୍ଥ କ’ଣ’’ – ତାହା ପ୍ରତି ବିଶଦ ଭାବରେ ଦୃଷ୍ଟିପାତ କରିବା ।

### କ) ଅଭିଷେକର ସୁରକ୍ଷା

ଯେତେବେଳେ ପବିତ୍ର ଆତ୍ମା ସେବାକାର୍ଯ୍ୟ ନିମନ୍ତେ ଆମକୁ ଅଭିଷିକ୍ତ କରନ୍ତି, ସେତେବେଳେ ଏହା ଏକ ପବିତ୍ର ଅଧିକାର ହୋଇଯାଏ । ଏହା ଏପରି ବିଷୟ ଯାହାକୁ ଆମ ଜୀବନରେ ଆମେ ପ୍ରତିପାଳନ କରିବା ଓ ସୁରକ୍ଷା ଦେବା ଆବଶ୍ୟକ ।

ଅବଶ୍ୟ, ଏହାର ଅର୍ଥ ଏହା ନୁହେଁ ଯେ ପବିତ୍ର ଆତ୍ମା (ଯିଏ ଆମକୁ ଅଭିଷିକ୍ତ କରନ୍ତି) କୌଣସି ପ୍ରକାରେ ଆମର ସୁରକ୍ଷା ଆବଶ୍ୟକ କରନ୍ତି । ବରଂ, ଆମକୁ ଏହି ଜଗତର ଆତ୍ମିକ ଓ ନୈତିକ ପ୍ରଦୁଷଣରୁ ଆମର 'ନିଜସ୍ୱ' ହୃଦୟ ଓ ଜୀବନ ରକ୍ଷା କରିବାକୁ ହେବ (୨ ପିତର ୧:୨-୪; ୧ ଯୋହନ ୨:୧୫-୧୭) ।

ହିତୋପଦେଶର ଲେଖକ ଶଲୋମନ ଉତ୍ସାହ ଦିଅନ୍ତି, ''ତୁମ୍ଭ ହୃଦୟକୁ ଅତି ଯତ୍ନରେ ରଖ; ଯେହେତୁ ତହିଁରୁ ଜୀବନର ପ୍ରବାହ ଜନ୍ମଇ'' (ହିତୋ ୨:୧୫-୧୭) । ଆମ ଜୀବନ ମାଧ୍ୟମରେ ହିଁ ପବିତ୍ର ଆତ୍ମାଙ୍କର ଅଭିଷେକ ସେବାକାର୍ଯ୍ୟରେ ଅନ୍ୟମାନଙ୍କ ନିକଟକୁ ପ୍ରବାହିତ ହେବ । ଏହିପରି ଭାବରେ, ଆମର ଜୀବନ, ଆମର ହୃଦୟ ବିଶୁଦ୍ଧ ରଖାଯିବା ଆବଶ୍ୟକ ।

## ୧) କୂପ ମଧ୍ୟରେ ମୂଷା

ଖ୍ରୀଷ୍ଟଙ୍କଠାରେ ଥିବା ପ୍ରତ୍ୟେକ ବିଶ୍ୱାସୀ ''ପବିତ୍ର ଆତ୍ମାଙ୍କର ଏକ ମନ୍ଦିର ଅଟେ'' ବୋଲି ପାଉଲ କହିଛନ୍ତି (୧କରିନ୍ଥୀ ୬:୧୯,୨୦) । ସେଥିପାଇଁ, ପାପରେ ଅଂଶ ଗ୍ରହଣ କରିବା ଦ୍ୱାରା ଆମ 'ମନ୍ଦିର'କୁ କଳୁଷିତ ନ କରିବା ପାଇଁ ଆମକୁ କୁହାଯାଇଅଛି (ରୋମୀୟ ୬ ମଧ୍ୟ ଦେଖନ୍ତୁ) ।

ଶରୀର, ପ୍ରାଣ ଓ ଆତ୍ମାରେ ବିଶୁଦ୍ଧ ରହିବା ବିଷୟରେ ବାଇବଲରେ ଅନେକ ଉତ୍ସାହବାଣୀ ରହିଛି (୧ଯୋହନ ୩:୨,୩) । ଏହି ଅଧ୍ୟାୟଗୁଡ଼ିକ ପ୍ରତ୍ୟେକ ବିଶ୍ୱାସୀ ପ୍ରତି, ବିଶେଷ ଭାବରେ, ଖ୍ରୀଷ୍ଟଙ୍କ ଶରୀରରେ ଥିବା ନେତାମାନଙ୍କ ପ୍ରତି ନିର୍ଦ୍ଦେଶିତ ହୋଇଅଛି !

ବ୍ୟକ୍ତିଗତ ଶୁଚିତା କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ଅଟେ ? କାରଣ ପବିତ୍ର ଆତ୍ମା ଆମ ମଧ୍ୟରେ ଆମ ପ୍ରତ୍ୟେକଙ୍କ ମଧ୍ୟରେ ବାସ କରନ୍ତି, ଯିଏ ଛାଗ ଓ ବୃଷର ରକ୍ତ ଦ୍ୱାରା ନୁହେଁ (ଏବ୍ରୀ ୯:୧୩,୧୪), ମାତ୍ର ''ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ସଦୃଶ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛନ୍ତି ।'' (୧ପିତର ୧:୧୯) । ଯେତେବେଳେ ଆମେ ପାପପୂର୍ଣ୍ଣ କାର୍ଯ୍ୟ କିମ୍ବା ମନୋଭାବରେ ଅଂଶଗ୍ରହଣ କରୁ, ସେତେବେଳେ ପବିତ୍ର ଆତ୍ମା ଯେଉଁ ସ୍ଥାନରେ ରହିବାକୁ ଇଚ୍ଛା କରନ୍ତି, ସେହି ସ୍ଥାନ କଳୁଷିତ ଓ ପ୍ରଦୁଷିତ ହୋଇଯାଏ ।

### ବିଶୁଦ୍ଧ ରଖିବା

ଏପରି ଗୋଟିଏ କୃଷିକ୍ଷେତ୍ର କିମ୍ବା ଗ୍ରାମ ଅଛି, ଯେଉଁଠାରେ ଏକମାତ୍ର କୂପରୁ ଜଳ ମିଳିଥାଏ । ପ୍ରତ୍ୟେକ ଜଣ ସେହି କୂପ ବ୍ୟବହାର କରନ୍ତି ଓ ସେହି କୂପର ଜଳ ଉପରେ ନିର୍ଭର କରନ୍ତି । ସେହି ଜଳ ଧୋଇବା, ରାନ୍ଧିବା, ଲୁଗାସଫା କରିବା ଓ ପିଇବା ଇତ୍ୟାଦି ନିମନ୍ତେ ବ୍ୟବହୃତ ହୁଏ । ଏହି ଜଳ ବ୍ୟବହାର କରିବାକୁ ଯାଇ ଆପଣ ସେହି କୂପରେ ମୃତ ମୂଷାଗୁଡ଼ିକ ଭାସୁଥିବାର କଳ୍ପନା କରିପାରିବେ କି ?



ଆମ ମଧ୍ୟରେ ଥିବା ପବିତ୍ର ଆତ୍ମାଙ୍କ ମନ୍ଦିରକୁ ଆମର ମନୋନୟନ କିପରି ପ୍ରଭାବିତ କରିପାରେ, ତାହାର ଏକ ରେଖାଚିତ୍ର ଉପରୋକ୍ତ ବିଷୟଟି ପ୍ରଦାନ କରିଛି । ଦୈନନ୍ଦିନ ଜୀବନ ନିମନ୍ତେ ଆମେ ଆବଶ୍ୟକ କରୁଥିବା ସମସ୍ତ ବିଷୟ ପାଇଁ ସେ ଆମର ସର୍ବଶ୍ରେଷ୍ଠ ସମ୍ବଳ ଅଟନ୍ତି । କିନ୍ତୁ କେବଳ ଆମର ବ୍ୟକ୍ତିଗତ ଉଦ୍ଦେଶ୍ୟ ନିମନ୍ତେ ନୁହେଁ । ମଣ୍ଡଳୀ ନେତା ଭାବରେ, ଆମ ମଧ୍ୟରେ ଥିବା ପବିତ୍ର ଆତ୍ମା ଅନ୍ୟମାନଙ୍କ ପାଇଁ ଏକ ଧାର୍ମିକ ସମ୍ବଳ ହେବା ନିମନ୍ତେ ଆମକୁ ସାହାଯ୍ୟ କରନ୍ତି ।

ପ୍ରକୃତରେ, ସେବାକାର୍ଯ୍ୟରେ ଆମେ ଯାହା ଅଟୁ ଓ ଆମେ ଯାହା ପାଇଛୁ, ସେଥିରୁ ଆମେ ଅନ୍ୟମାନଙ୍କୁ ଦେଇଥାଉ (ମାଥିଉ ୧୦:୮; ପୃଷ୍ଠା ୨୦ରେ ଗାଲିଲୀ ସମୁଦ୍ର / ମୃତସାଗର ଉପମା ମଧ୍ୟ ଦେଖନ୍ତୁ) । କିନ୍ତୁ ଯଦି ଆମେ ଆମ ଜୀବନ ମଧ୍ୟକୁ ''ମୂଷାଗୁଡ଼ିକୁ'' ଆସିବାକୁ ଦେବା, ତେବେ କ'ଣ ହେବ ? ନିଶ୍ଚୟ ପାପ ଅଭ୍ୟାସ ଓ ମନୋଭାବର ଉପସ୍ଥିତି ଆମକୁ ବିଷାକ୍ତ ଓ ପ୍ରଦୂଷିତ କରିବ, ଆମର ସେବାକାର୍ଯ୍ୟ, ଆମର ସଂପର୍କ, ଆମର ପରିବାର, ଆମର କାର୍ଯ୍ୟ – ଆମେ ସ୍ପର୍ଶ କରୁଥିବା ପ୍ରତ୍ୟେକ ବିଷୟକୁ ପ୍ରଭାବିତ କରିବ ।

''କୂପ ମଧ୍ୟରେ ଅଧିକ ସାଧାରଣ ମୂଷା'' କେଉଁଗୁଡ଼ିକ ? ନୂତନ ନିୟମ ଆମକୁ ବିଭିନ୍ନ ଶ୍ରେଣୀ ପ୍ରଦାନ କରେ ଓ ଏହାପରେ ସେହି ଶ୍ରେଣୀ ମଧ୍ୟରେ ନିର୍ଦ୍ଦିଷ୍ଟ ବିଷୟର ତାଲିକା ପ୍ରଦାନ କରେ ।

- ଶରୀରର ଫଳ (ଗାଲାତୀୟ ୫:୧୯-୨୩) ।
- ପାପର ପ୍ରତାରଣା ଉପରେ ପର୍ଯ୍ୟବସିତ ଅଯଥାର୍ଥ ଆଚରଣ (ଏଫିସୀ ୪:୧୭-୩୨) ।
- ବିଧିବିଧାନ, କିମ୍ବା ଧର୍ମର ଆତ୍ମା (ଗାଲାତୀୟ ୫:୧-୬; କଲସୀ ୨:୧୧-୨୩) ।
- ପଦବୀ, ନାମ, ଶକ୍ତି ନିମନ୍ତେ (ମାଥିଉ ୬:୧,୨,୫,୧୬; ୨୩:୨-୧୨) ।
- ଧନ ଓ ସଂପତ୍ତି ଏକତ୍ର କରିବା ପାଇଁ ସେବାକାର୍ଯ୍ୟର ବ୍ୟବହାର କରିବା (ମାଥିଉ ୬:୧୯-୨୧,୨୪; ୧ ତିମଥି ୬:୩-୧୦; ୨ ତିମଥି ୪:୧୦) ।

**ଖ୍ରୀଷ୍ଟଙ୍କ ଶରୀରରେ ଜଣେ ନେତା ଭାବରେ, ଆପଣ ଏକ ବିଶୁଦ୍ଧ ଓ ପବିତ୍ର ଜୀବନ ପ୍ରତି ଆହୂତ ହୋଇଅଛନ୍ତି । ଈଶ୍ୱର ନିଜର ଆହୂତ ସେବକମାନଙ୍କୁ ଦେଉଥିବା ଅଭିଷେକ ପୁରାତନ ନିୟମର ସମାଗମ ତମ୍ବୁର ପବିତ୍ର ଅଭିଷେକ ତୈଳ ଅପେକ୍ଷା ଅଧିକ ବହୁମୂଲ୍ୟ ଓ ପବିତ୍ର ଅଟେ । କାରଣ ଏହା ପବିତ୍ର ଆତ୍ମାଙ୍କର ନିଜସ୍ୱ ଉପସ୍ଥିତି ଅଟେ ।**

• ସମାଲୋଚନାଶୀଳ, ତିକ୍ତ, କ୍ଷମାହୀନ ହେବା (ମାଥି ୭:୧-୬; ୧୮:୨୧-୩୫; କଲସୀ ୩:୧୨-୧୯; ଏବ୍ରୀ ୧୨:୧୫; ଯାକୁ ୩:୧୩-୧୮) ।

• ମିଥ୍ୟାଶିକ୍ଷା, ଧର୍ମଦ୍ରୋହ (ମାଥି ୨୪:୪,୫,୧୧,୨୩-୨୭; ଗାଲା ୧:୮; ୨ କରିନ୍ଥୀ ୧୧:୧୩-୧୫; ୧ ତୀମ. ୪:୧-୫; ୨ ତୀମ. ୨:୧୪-୧୮; ୨ ପିତର ୨:୧-୨୨; ଯିହୁଦା ୭-୧୯) ।

ଏହା ହେଉଛି ''ମୂଷାମାନଙ୍କର'' ଏକ ସଂକ୍ଷିପ୍ତ ପ୍ରତିନିଧିତ୍ୱ ଯାହା ଆପଣଙ୍କ ହୃଦୟର ବ୍ୟକ୍ତିଗତ ''କୂପ''କୁ ନଷ୍ଟ କରିପାରେ ଓ ଯେଉଁମାନେ ଆପଣଙ୍କ ଜୀବନ ଓ ସେବାକାର୍ଯ୍ୟର ପ୍ରଭାବ ମଧ୍ୟରେ ରହିଛନ୍ତି, ସେମାନଙ୍କୁ ମଧ୍ୟ କଳୁଷିତ କରିପାରେ ।

ଖ୍ରୀଷ୍ଟଙ୍କ ଶରୀରରେ ଜଣେ ନେତା ଭାବରେ, ଆପଣ ଏକ ବିଶୁଦ୍ଧ ଓ ପବିତ୍ର ଜୀବନ ପ୍ରତି ଆହୂତ ହୋଇଅଛନ୍ତି (ମାଥି ୫:୮; ୧କରିନ୍ଥୀ ୯:୨୪-୨୭; ଏବ୍ରୀ ୧୨:୧୪; ୧ପିତ ୧:୧୩-୧୯) । ଈଶ୍ୱର ନିଜର ଆହୂତ ସେବକମାନଙ୍କୁ ଦେଉଥିବା ଅଭିଷେକ ପୁରାତନ ନିୟମର ସମାଗମ ତମ୍ବୁର ପବିତ୍ର ଅଭିଷେକ ତୈଳ ଅପେକ୍ଷା ଅଧିକ ବହୁମୂଲ୍ୟ ଓ ପବିତ୍ର ଅଟେ । କାରଣ ଏହା ପବିତ୍ର ଆତ୍ମାଙ୍କର ନିଜସ୍ୱ ଉପସ୍ଥିତି ଅଟେ ।

ଆମର ସର୍ବୋଚ୍ଚ ଆହ୍ୱାନ ହେଉଛି ଈଶ୍ୱରଙ୍କ ସହିତ ସଠିକ୍ ସଂପର୍କରେ ବାସ କରିବା । ପବିତ୍ର ଆତ୍ମାଙ୍କ ନିମନ୍ତେ ଏକ ଉପଯୁକ୍ତ 'ମନ୍ଦିର' (୧କରିନ୍ଥୀ ୬:୧୯,୨୦), ଏକ ବାସସ୍ଥାନ ଭାବରେ ଏକ ପବିତ୍ର ଓ ଅକଳୁଷିତ ଜୀବନ କାଟିବା ପାଇଁ ଏହା ଆମଠାରୁ ଆଶା କରେ । ଗୋଟିଏ ବିଶୁଦ୍ଧ ଜୀବନ ଆମ ପିତା ଈଶ୍ୱରଙ୍କୁ ଗୌରବ ଦିଏ ଓ ସନ୍ତୁଷ୍ଟ କରେ ଏବଂ ଆମକୁ ପ୍ରଭୁ ହସ୍ତରେ ଅଧିକ ବିଶ୍ୱାସଭାଜନ ଓ ବ୍ୟବହାର ଯୋଗ୍ୟ କରିଦିଏ ।

କେବଳ 'ଆପଣ' ଆପଣଙ୍କର ନିଜସ୍ୱ କୂପକୁ ବିଶୁଦ୍ଧ ରଖିପାରିବେ । ଏପରି ଗୋଟିଏ ଶୁଚିପାତ୍ର ହେବା ପାଇଁ ବର୍ତ୍ତମାନ ନିଷ୍ପତ୍ତି ନିଅନ୍ତୁ ଯେଉଁଥିରୁ ବାଧାହୀନ ଈଶ୍ୱରଙ୍କ ଆତ୍ମା ଓ ଅମିଶ୍ରିତ ଈଶ୍ୱରଙ୍କ ବାକ୍ୟ ପ୍ରବାହିତ ହୁଏ । ଏପରି ଗୋଟିଏ ଶୁଚି ସେବା ଉପକରଣ ହୁଅନ୍ତୁ ଯାହାଙ୍କୁ ଈଶ୍ୱର ତାଙ୍କର ଗୌରବ ଓ ଉଦ୍ଦେଶ୍ୟ ନିମନ୍ତେ ମହତ୍ କାର୍ଯ୍ୟ କରିବାକୁ ଅଭିଷିକ୍ତ କରିପାରିବେ (୧କରିନ୍ଥୀ ୧୦:୩୧; ୨ତୀମ ୨:୧୯-୨୧) ।



## ବିଫଳତାରୁ ଏକ ଶିକ୍ଷା

ରାଜା ଶଲୋମନ ଈଶ୍ୱରଙ୍କ ଦ୍ୱାରା ଉନ୍ନୀତ ହୋଇଥିଲେ ଓ ଅସାଧାରଣ ଦାନ ପ୍ରାପ୍ତ ହୋଇଥିଲେ (୧ରାଜା ୩:୫-୧୪; ୪:୨୯-୩୪) । ସେ ପ୍ରଭୁଙ୍କଠାରୁ ଦୁଇଟି ଆଶ୍ଚର୍ଯ୍ୟଜନକ ଦର୍ଶନ ପ୍ରାପ୍ତ ହୋଇଥିଲେ (୧ରାଜାବଳି ୩ ଓ ୯ ଦେଖନ୍ତୁ) । ଈଶ୍ୱରଙ୍କର ସମସ୍ତ ମାର୍ଗ ଲକ୍ଷ୍ୟ କରିବା ପାଇଁ ଓ ତାଙ୍କର ବିଧି ବ୍ୟବସ୍ଥା ପାଳନ କରିବା ପାଇଁ ଶଲୋମନଙ୍କୁ ଆଦେଶ ଦିଆଯାଇଥିଲା (୩:୧୪; ୬:୧୧-୧୩; ୯:୪-୯) । ଆଉ ଶଲୋମନ ଏହାକୁ କିଛି ସମୟ ପାଇଁ କରିଥିଲେ ।

କିନ୍ତୁ ଆମେ ପରେ ପାଠକରୁ ଯେ ଶଲୋମନଙ୍କ ରାଜତ୍ୱ ତାଙ୍କ ପାଇଁ ଓ ତାଙ୍କର ସମଗ୍ର ରାଜ୍ୟ ପାଇଁ ଧ୍ୱଂସ ଓ ବିନାଶରେ ଶେଷ ହୋଇଥିଲା (୧ରାଜା ୧୧ ଦେଖନ୍ତୁ) ।

ଅନେକ ନେତାଙ୍କ ଭଳି ଶଲୋମନ ଭଲ ଭାବରେ ଆରମ୍ଭ କରିଥିଲେ, ମାତ୍ର ମନ୍ଦଭାବରେ ଶେଷ କରିଥିଲେ । ଏହା କିପରି ଘଟିଥିଲା ? ଏହାକୁ ଗୋଟିଏ ଶବ୍ଦରେ କୁହାଯାଇ ପାରିବ – **ଅବାଧତା** ।

୧ମ ରାଜାବଳି ପୁସ୍ତକଟିକୁ ଅତି ନିକଟରୁ ପରୀକ୍ଷା କଲେ ଜଣାଯାଏ ଯେ ଶଲୋମନ ଜଣେ ବିଦ୍ୱାନ୍ ବ୍ୟକ୍ତି ଥିଲେ, 'ସମସ୍ତ ଲୋକଙ୍କ ଅପେକ୍ଷା ଜ୍ଞାନୀ' ଥିଲେ (୪:୩୧) । ସେ ଅତୁଳନୀୟ ସଂପତ୍ତି (୧୦:୧୧-୨୯) ଓ ଲୋକମାନଙ୍କର ପ୍ରଶଂସା ଓ ସମ୍ମାନ ପାଇଥିଲେ (୧୦:୧-୯) । କିନ୍ତୁ ଏହାପରେ ଶଲୋମନ ଈଶ୍ୱରଙ୍କର ସ୍ପଷ୍ଟ ଆଦେଶ ଅମାନ୍ୟ କରିବାକୁ ଆରମ୍ଭ କରିଥିଲେ (୧୧:୧,୨) । ଆଉ ଧୀରେ ଧୀରେ, ମନୋନୟନ ପରେ ମନୋନୟନ, ବୁଝାମଣା ପରେ ବୁଝାମଣା କରି ଶଲୋମନ ନିଜକୁ ଓ ଈଶ୍ୱରଙ୍କ ଅଭିଷେକ ଓ ଦାନ ଯୋଗୁ ପାଇଥିବା ଆଶୀର୍ବାଦ ଓ ଅଧିକାରକୁ ନଷ୍ଟ କରିଦେଲେ । ଏହି ପଥ ଶଲୋମନଙ୍କ ରାଜତ୍ୱର ବିନାଶରେ ଶେଷ ହୋଇଥିଲା ।

ତେବେ ଶଲୋମନଙ୍କ ଜୀବନ ଓ ରାଜତ୍ୱରୁ ଆମେ କ'ଣ ଶିକ୍ଷା କରିପାରିବା ?

**କ) ବିଭ୍ରାନ୍ତି ବିଶୃଙ୍ଖଳା ଓ ଉଦ୍‌ଯୋଗର ଅଭାବ ଦିଗକୁ କଢ଼ାଇ ନିଏ ।**

ଶଲୋମନ ଲେଖିଥିଲେ ଯେ ''କ୍ଷୁଦ୍ର ଶୃଗାଳମାନେ ଦାକ୍ଷାକ୍ଷେତ୍ର ନଷ୍ଟ କରନ୍ତି'' (ପରମଗୀତ ୨:୧୫) । ଶଲୋମନଙ୍କ ଦରବାର ଧନ ଓ ସୁଯୋଗରେ ପରିପୂର୍ଣ୍ଣ ଥିଲା ଓ ଯେକୌଣସି କାର୍ଯ୍ୟ କରିପାରୁଥିବା ଅନେକ ଲୋକ ତାଙ୍କର ନିକଟବର୍ତ୍ତୀ ଥିଲେ ।

ନିଷ୍ପାପ ମନେ ହେଉଥିବା ଆମୋଦ ପ୍ରମୋଦ ଦ୍ୱାରା ସୁଦ୍ଧା ବିଭ୍ରାନ୍ତ ହେବା ନିମନ୍ତେ ଉଦ୍ଦିଷ୍ଟ ଓ ଏହାପରେ ବିଶୃଙ୍ଖଳା ଓ ଶେଷରେ ଅବାଧ୍ୟତା ମଧ୍ୟକୁ କଢ଼ାଇ ନେବା ନିମନ୍ତେ ଉଦ୍ଦିଷ୍ଟ ମନୁଷ୍ୟ ହୃଦୟର ସାମର୍ଥ୍ୟ ଈଶ୍ୱର ଜାଣନ୍ତି ବୋଲି ଆପଣ ଭାବୁଛନ୍ତି କି ? ଈଶ୍ୱର ଜାଣନ୍ତି ବୋଲି ମୁଁ ନିଃସନ୍ଦେହ ଅଟେ । ଏହା ଜାଣି, ସେ ଶଲୋମନଙ୍କୁ ଦେଇଥିବା ସମସ୍ତ ଆଦେଶ ପାଳନ କରିବାକୁ ତାଙ୍କୁ ବାରମ୍ବାର କହିଥିଲେ (୧ରାଜା ୬:୧୨; ୯:୪) । କିନ୍ତୁ ଶଲୋମନ, ଥରେ 'ସଫଳ' ହୋଇଯିବା ପରେ ପ୍ରଭୁଙ୍କ ପ୍ରତି ମନୋଯୋଗୀ ହୋଇ ନ ଥିଲେ ।



ପାଳକଙ୍କ ଠାରୁ ପାଳକଙ୍କ ନିକଟକୁ – ମଣ୍ଡଳୀର ନେତା, ସେବାକାର୍ଯ୍ୟ ସୁଦ୍ଧା ଗୋଟିଏ ବିଭ୍ରାନ୍ତିକର ବିଷୟ ହୋଇପାରେ, ଯଦି ଏହା ଆପଣଙ୍କର ଗ୍ରାସକାରୀ ଆବେଗ ହୋଇଯାଏ – ଓ ଅତିରିକ୍ତ ବ୍ୟସ୍ତ ହେବା ଯୋଗୁ କିମ୍ବା ଅନ୍ୟମାନଙ୍କର ନିରନ୍ତର ଆବଶ୍ୟକତାରୁ ଉତ୍ପନ୍ନ ଚାପଯୋଗୁ ଆପଣ ଈଶ୍ୱରଙ୍କ ଉପସ୍ଥିତିରୁ ଦୂରେଇଯା'ନ୍ତି । ଯୀଶୁ ପୃଥିବୀରେ ଥିବା ସମୟରେ, ପିତାଙ୍କଠାରୁ ଶୁଣିବା ପାଇଁ ଓ ଆତ୍ମିକ ଭାବରେ ସତେଜ ହେବା ପାଇଁ ସମୟ ଦେବାର ଆବଶ୍ୟକତାକୁ ଆମକୁ ଦର୍ଶାଇଥିଲେ (ମାର୍କ ୧:୩୫–୩୯; ଲୂକ ୫:୧୬; ୬:୧୨) ।

ଆମେ ଏହା ଆଦୌ ଭୁଲିବା ନାହିଁ ଯେ ପ୍ରଭୁ ତାଙ୍କର ଆତ୍ମାଙ୍କ ଅଭିଷେକ ଓ ତାଙ୍କ ବାକ୍ୟ ସମ୍ବନ୍ଧରେ ଆମର ବୋଧଜ୍ଞାନ ପାଇଁ ସ୍ରୋତ ଓ ଉତ୍ସ ଅଟନ୍ତି (ଯୋହନ ୧:୩୩; ୬:୬୩,୬୮) । ଏହା 'ତାଙ୍କ'ଠାରୁ ଆସେ ! ପ୍ରାର୍ଥନାରେ, ତାଙ୍କୁ ଅପେକ୍ଷା କରି ଓ ତାଙ୍କ ବାକ୍ୟ ଅଧ୍ୟୟନ କରି ଯୀଶୁଙ୍କ ପାଦ ନିକଟରେ ଆମେ ଯାହା ପ୍ରାପ୍ତ ହେଉ, ତାହାର ପ୍ରବାହିତ ସ୍ରୋତ ହେଉଛି ପ୍ରକୃତରେ ସଫଳ ସେବାକାର୍ଯ୍ୟ (ଲୂକ ୧୦:୪୧,୪୨; ଯୋହନ ୧୫:୧୬) । ଆମ ମଧ୍ୟରୁ ଅଧିକାଂଶ ଏହି ଅତି ସରଳ ଓ ମୌଳିକ ସତ୍ୟ ଜାଣନ୍ତି । ସମସ୍ୟା ସେତେବେଳେ ଘଟେ, ଯେତେବେଳେ ଆମେ ଶକ୍ତିପୂର୍ଣ୍ଣ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ଏହି ମୌଳିକ ନିୟମକୁ ପ୍ରତିଦିନ ପ୍ରୟୋଗ କରିବାରେ ବିଫଳ ହେଉ ।



ଯେଉଁ ପ୍ରକାର ବିଭ୍ରାନ୍ତି ଆମକୁ ଶୁଷ୍କ କରିଦିଏ, କିମ୍ବା ଆମକୁ ବୁଝାମଣା ଓ ପାପ ଦିଗରେ କଢ଼ାଇ ନିଏ, ସେହିପ୍ରକାର ବିଭ୍ରାନ୍ତି ବିରୁଦ୍ଧରେ ଆମେ ଜାଗ୍ରତ ରହିବା । ଶଲୋମନଙ୍କ ହୃଦୟ ସେହି ସମସ୍ତ ବିଷୟ ଦ୍ୱାରା ଈଶ୍ୱରଙ୍କଠାରୁ ଦୂରେଇ ଯାଇଥିଲା ଯେଉଁଗୁଡ଼ିକୁ ସେ ନିଜ ଜୀବନ ମଧ୍ୟକୁ ଆସିବାକୁ ଦେଇଥିଲେ (୧ରାଜା ୧୧:୧–୪,୯) । ଈଶ୍ୱରଙ୍କ ପ୍ରତି ତାଙ୍କର ଆନୁଗତ୍ୟ ଓ ବାଧ୍ୟତା ଜାଗତିକ ଅଭିଳାଷ ଦ୍ୱାରା ମିଶ୍ରିତ ହୋଇ ତାଙ୍କର ନିଜର ଧ୍ୱଂସ ଓ ତାଙ୍କ ସମ୍ମୁଖରେ ଈଶ୍ୱର ରଖିଥିବା ସମସ୍ତ ବିଷୟର ବିନାଶ ଘଟାଇଥିଲା ।

ଆପଣଙ୍କ ଜୀବନରେ ଯେ କୌଣସି କାର୍ଯ୍ୟ ବିଷୟରେ ନିଜକୁ କିଛି ଉତ୍ତମ ପ୍ରଶ୍ନ ପଚାରନ୍ତୁ, ଯଥା – "ଏହି କାର୍ଯ୍ୟ କିମ୍ବା ମନୋଭାବ ମୋତେ ଈଶ୍ୱରଙ୍କର ଓ ମୋ ଜୀବନ ନିମନ୍ତେ ଥିବା ତାଙ୍କ ଉଦ୍ଦେଶ୍ୟର ନିକଟବର୍ତ୍ତୀ କରାଏ କି ? କିମ୍ବା ଏହା ମୋତେ ଦୂରେଇ ଦିଏ କି ?

**ଖ) ମନୁଷ୍ୟମାନଙ୍କର ପ୍ରଶଂସା ଗୋଟିଏ ମାରାତ୍ମକ ଗର୍ତ୍ତ ଅଟେ ।**

ମନୁଷ୍ୟମାନଙ୍କର ପ୍ରଶଂସା ନିମନ୍ତେ ଶିକ୍ଷା ଦେବା କିମ୍ବା ପ୍ରଚାର କରିବା ଏପରି ଏକ ଫାନ୍ଦ ଅଟେ ଯାହା ପ୍ରତାରଣା ଦିଗକୁ ପରିଚାଳିତ କରେ । କେବଳ ଈଶ୍ୱର ଅନନ୍ତକାଳୀନ ମୂଲ୍ୟ ବିଶିଷ୍ଟ ବିଷୟ ସାଧନ କରିପାରନ୍ତି (ଯିଖରିୟ ୪:୬) ।

ହଁ, ଈଶ୍ୱର ଆମକୁ ଏପରି ପାତ୍ର ଭାବରେ ବ୍ୟବହାର କରିବାକୁ ଇଚ୍ଛା କରନ୍ତି ଯାହା ମାଧ୍ୟମରେ ସେ କାର୍ଯ୍ୟ କରିପାରନ୍ତି । କିନ୍ତୁ ଆମ ମାଧ୍ୟମରେ କରାଯାଉଥିବା ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ଥିବା ଶକ୍ତି ଓ ଗୌରବ କେବଳ ଈଶ୍ୱରଙ୍କର ଅଟେ । କାରଣ ତାଙ୍କ ବିନା, ଆମେ କିଛି କରିପାରିବା ନାହିଁ (ଯୋହନ ୧୫:୫) ।

ଈଶ୍ୱର ନିଜ ବାକ୍ୟରେ ଏହା ପ୍ରକାଶ କରିଛନ୍ତି ଯେ ସେ ନିଜର ଗୌରବରେ କୌଣସି ମନୁଷ୍ୟକୁ ଅଂଶୀଦାର କରିବେ ନାହିଁ (ଯିଶାଇୟ ୪୨:୮; ୪୮:୧୧) । ଆମେ ସେବାକାର୍ଯ୍ୟ ନିମନ୍ତେ ମନୁଷ୍ୟମାନଙ୍କଠାରୁ ଗୌରବ କିମ୍ବା ପ୍ରଶଂସା ଅନ୍ୱେଷଣ କରିବା ନାହିଁ (ଯୋହନ ୭:୧୮) ।

ଯୀଶୁ କରିଥିବା ସମାଲୋଚନାଗୁଡ଼ିକ ମଧ୍ୟରୁ ଗୋଟିଏ ତୀକ୍ଷ୍ଣତମ ସମାଲୋଚନା ଥିଲା ଶାସ୍ତ୍ରୀ ଓ ଫାରୁଶୀମାନଙ୍କ ସମ୍ବନ୍ଧରେ । ସେ ସେମାନଙ୍କର 'ମନୁଷ୍ୟମାନଙ୍କ ପ୍ରଶଂସାର ପ୍ରେମ' ନିମନ୍ତେ ସେମାନଙ୍କୁ ଭର୍ତ୍ସନା କରିଥିଲେ (ମାଥି ୨୩:୫–୧୨; ଯୋହନ ୫:୪୧–୪୪) । ଯଦିଓ ସେମାନେ ଧର୍ମଶାସ୍ତ୍ର ଜାଣିଥିଲେ ଓ ଈଶ୍ୱରଙ୍କ ମାର୍ଗଗୁଡ଼ିକରେ ପରିଚିତ ଥିଲେ, ତଥାପି ସେମାନଙ୍କର ଗର୍ବ ସେମାନଙ୍କ ମସିହ

ଭାବରେ ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ ଓ ବିଶ୍ୱାସ କରିବା ପାଇଁ ସେମାନଙ୍କୁ ପରିଚାଳିତ କରିଥିଲା (ଯୋହନ ୫:୩୯,୪୦) ।

## ତାଙ୍କ ପାଦ ଚିହ୍ନରେ ଅନୁଗମନ କରିବା

ଯୀଶୁଙ୍କ ଅପରିମିତ ପବିତ୍ର ଆତ୍ମାଙ୍କ ଅଭିଷେକ ପ୍ରଦତ୍ତ ହୋଇଥିଲା (ଯୋହନ ୩:୩୪,୩୫) । ସେ ସମସ୍ତ ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁ ଥିଲେ ଓ ଅଛନ୍ତି । ତଥାପି, ଆମ ନିମନ୍ତେ, ସେ ନିଜକୁ ଏକ ନମ୍ର ଦାସ କରିଥିଲେ (ମାଥି ୨୦:୨୮; ଫିଲିପ୍ପୀ ୨:୩-୧୧) ।

ପ୍ରକୃତରେ, ଖ୍ରୀଷ୍ଟଙ୍କ ଶରୀରରେ ନେତା ଭାବରେ, ''ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲା'' ଆମର ମଧ୍ୟ ସେହିପରି ମନ ରହିବା ଉଚିତ ଅଟେ (ଫିଲି ୨:୫) । ଯୀଶୁଙ୍କ ଭଳି ଆମକୁ ଅପରିମିତ ଭାବରେ ପବିତ୍ର ଆତ୍ମା ପ୍ରଦତ୍ତ ହୋଇ ନାହାନ୍ତି । କିନ୍ତୁ ଆମ ସମସ୍ତଙ୍କ ପାଇଁ ତାଙ୍କର ସମ୍ବଳଗୁଡ଼ିକ ସେତେବେଳେ ଉପଲବ୍ଧ ଅଟେ, ଯେତେବେଳେ ଆମେ ତାଙ୍କ ସହିତ ଓ ପବିତ୍ର ଆତ୍ମାଙ୍କ ସହିତ ବାଧ୍ୟତାର ସଂପର୍କ ମଧ୍ୟରେ ବାସ କରିଥାଉ (୨ ପିତର ୧:୨-୪) ।

ଅବଶ୍ୟ, ଏହି ସମ୍ବଳ ରହିଥିଲେ ସୁଦ୍ଧା ଆମେ ଆମ ପ୍ରଭୁଙ୍କ ଅପେକ୍ଷା ଉଚ୍ଚତର କିମ୍ବା ଉତ୍ତମତର ନୋହୁଁ । କିନ୍ତୁ, ଏହା ପରିବର୍ତ୍ତେ, ଆମକୁ ତାଙ୍କ ସଦୃଶ ହେବା ପାଇଁ (ଯୋହନ ୧୩:୧୨-୧୭) ଈଶ୍ୱର ଆମକୁ ନମ୍ରଭାବରେ ଅନ୍ୟମାନଙ୍କର ସେବା ନିମନ୍ତେ ଯାହା ଯୋଗାଇଛନ୍ତି, ତାହା ବ୍ୟବହାର କରିବାକୁ ହେବ । ସେଥିପାଇଁ, ଯେତେବେଳେ ଈଶ୍ୱର ସେବାକାର୍ଯ୍ୟରେ ଆମକୁ ବ୍ୟବହାର କରନ୍ତି, ସେତେବେଳେ ଆମେ ନିଜ ନିଜ ବିଷୟରେ ଅତି ଉଚ୍ଚ କରି ଭାବିବା ଅନୁଚିତ । ଆମକୁ ଗର୍ବ ବିରୁଦ୍ଧରେ - ଶୟତାନର ପାପ ବିରୁଦ୍ଧରେ ସତର୍କ ରହିବାକୁ ହେବ (୧ ତୀମଥି ୩:୬) ।

## ସର୍ବାଧିକ ବିପଜ୍ଜନକ ପାପ

ଗର୍ବ ଏକ ମାରାତ୍ମକ ପାପ ଯାହା ଧୀରେ ଧୀରେ ସର୍ବାଧିକ ସମର୍ପିତ ନେତାଙ୍କୁ ସୁଦ୍ଧା ବିଷାକ୍ତ କରି ପବିତ୍ର ଆତ୍ମାଙ୍କ ଅଭିଷେକର ସ୍ରୋତକୁ ବନ୍ଦ କରିଦେଇପାରେ । ଜଣେ ମଣ୍ଡଳୀ ନେତାଙ୍କ ନିକଟରେ ହୁଏତ ବଡ଼ ଦକ୍ଷତା, ଜ୍ଞାନ କିମ୍ବା ବୁଦ୍ଧି ଥାଇପାରେ । କିନ୍ତୁ ଏହି ସମସ୍ତ ବିଷୟରେ ଗର୍ବ କରିବା ମୂର୍ଖତା ଅଟେ । ପ୍ରଥମରେ, ଏହି ସମସ୍ତ ବିଷୟ ଈଶ୍ୱରଙ୍କଠାରୁ ଆସେ । ଦ୍ୱିତୀୟରେ, ଆମର ଜ୍ଞାନ, କୌଶଳ ଓ ସାମର୍ଥ୍ୟ ବାସ୍ତବରେ ଉଭୟ ଈଶ୍ୱରଙ୍କ ଆତ୍ମାଙ୍କ ଅଭିଷେକ ଓ ଈଶ୍ୱର ଏକାକୀ ଯାହା କରିପାରନ୍ତି,



ତା' ତୁଳନାରେ କିଛି ନୁହେଁ (ମାଥି. ୭:୨୧-୨୩, ୧କରିନ୍ଥୀ ୩:୧୮-୨୧, ୪:୨୦, ୮:୧-୩) ।

ଗର୍ବ, ସମ୍ଭବତଃ, ସର୍ବାଧିକ ବିପଜ୍ଜନକ ପାପ ଅଟେ । ଏହା ଶୟତାନର ମୌଳିକ ପାପ ଥିଲା (ଯିଶା. ୧୪:୧୨-୧୪) । ଆମେ ଈଶ୍ୱରଙ୍କ ଅପେକ୍ଷା ଅଧିକ ଉତ୍ତମ କାର୍ଯ୍ୟ କରିପାରିବା ବୋଲି ଗର୍ବ ଆମ ମଧ୍ୟରେ ଧାରଣା ସୃଷ୍ଟି କରେ ଓ ଏହା ଶେଷରେ ଆମକୁ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କରିବାକୁ ପରିଚାଳିତ କରେ ।

ଯେତେବେଳେ ଆମେ ଈଶ୍ୱରଙ୍କ ବଶୀଭୂତ ନ ହୋଇ ଆସି ନିଜର ଯୋଜନା ପ୍ରସ୍ତୁତ କରିବା ଆରମ୍ଭ କରୁ, ସେତେବେଳେ ଆମେ ପ୍ରକୃତରେ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କରୁଥାଉ । ଆମେ ସଂପୂର୍ଣ୍ଣ ଭାବରେ ତାଙ୍କର ବଶୀଭୂତ ନ ହେଲେ, ତାଙ୍କଠାରୁ ବିଚ୍ଛିନ୍ନ ହୋଇଯାଉ, କାରଣ ''ଈଶ୍ୱର ଅହଂକାରୀମାନଙ୍କୁ ପ୍ରତିରୋଧ କରନ୍ତି, କିନ୍ତୁ ନମ୍ର ଲୋକମାନଙ୍କୁ ଅନୁଗ୍ରହ ଦାନ କରନ୍ତି'' (ଯାକୁବ ୪:୬) ।

ଗର୍ବ ଯୋଗୁ ଆମେ ଆତ୍ମସନ୍ତୋଷ ଓ ଆତ୍ମ-ନିର୍ଭରଶୀଳ ଅନୁଭବ କରୁ । ଫଳରେ, ଆମେ ଆଉ ଈଶ୍ୱର କିମ୍ବା ମନୁଷ୍ୟ ଦ୍ୱାରା ଶିକ୍ଷିତ ହେବା ଆବଶ୍ୟକ ନୁହେଁ ବୋଲି ବିଶ୍ୱାସ କରୁ । ଆମେ ଏହି ଭାବନାର ପ୍ରତିରୋଧ କରୁ ଯେ, ଆମେ ଈଶ୍ୱରଙ୍କଠାରୁ ସମସ୍ତ ବିଷୟ ଆବଶ୍ୟକ କରୁ, ଆଉ ତାଙ୍କୁ ମାଗିବା ଛାଡ଼ି ଦେଉ, ସେଥିପାଇଁ ଆମେ ମଧ୍ୟ ଆଉ ପାଇ ନ ଥାଉ (ଯାକୁ. ୪:୧,୨) । ଆମର ସ୍ୱର୍ଗୀୟ ପିତାଙ୍କଠାରୁ ମାଗିବା କିମ୍ବା ଶିକ୍ଷା କରିବା ପାଇଁ ନମ୍ରତା ଓ ଶିଶୁସୁଲଭ ବିଶ୍ୱାସ ଆବଶ୍ୟକ ହୁଏ (ମାଥି. ୧୮:୩,୪) ।

ଆମେ ଆବଶ୍ୟକ କରୁଥିବା ସମସ୍ତ ବିଷୟ ଈଶ୍ୱର ଯୋଗାନ୍ତି । ଆମକୁ ନମ୍ର ଭାବରେ ଏହା ସ୍ୱୀକାର କରିବାକୁ ହେବ ଯେ, ଆମେ ତାଙ୍କୁ ଆବଶ୍ୟକ କରୁ ଓ ସେ ଆମକୁ ଯାହାସବୁ ଯୋଗାଇଛନ୍ତି ତାହା ଆମେ ଆଦୌ ପାଇ ନ ଥା'ନ୍ତୁ । ଗର୍ବ ଆମକୁ ଏହିପ୍ରକାର ନମ୍ରତାରୁ ଦୂରରେ ରଖେ ଓ ଏହିପରି ଭାବରେ ଆମଠାରୁ ଈଶ୍ୱରଙ୍କ ଅଭିଷେକ ସମେତ ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧୀୟ ଆଶୀର୍ବାଦ ହରଣ କରିନିଏ ।

## କେବଳ ପ୍ରଭୁଙ୍କଠାରେ ବିଶ୍ୱାସ

ଗୋଟିଏ ମୁଦ୍ରାକୁ କିଛି ସମୟ ପାଇଁ କଳ୍ପନା କରନ୍ତୁ । ଗୋଟିଏ ପାର୍ଶ୍ୱରେ ''ଗର୍ବ'' ମୁଦ୍ରାଙ୍କିତ ଥାଏ । ଅନ୍ୟପାର୍ଶ୍ୱରେ 'ମନୁଷ୍ୟର ଭୟ' ମୁଦ୍ରାଙ୍କିତ ଥାଏ । ପ୍ରାୟତଃ, ଏହି ଦୁଇଟି ଶାରୀରିକ ପାପ ଗୋଟିଏ ବ୍ୟକ୍ତିର ଜୀବନରେ ଏକତ୍ର ପ୍ରକାଶ ପାଏ ।

''ଲୋକଭୟ ଫାନ୍ଦଜନକ, ମାତ୍ର ସଦାପ୍ରଭୁଙ୍କଠାରେ ଯେ ନିର୍ଭର ରଖେ, ସେ ସୁରକ୍ଷିତ ହେବ'' (ହିତୋ. ୨୯:୨୫)। 'ଲୋକଭୟ'ର ଅନେକ ମୁଖଭଙ୍ଗୀ ରହିଛି । ପାଳକମାନେ ଯେଉଁ କେତେକ ସାଧାରଣ ମାର୍ଗରେ ଏହି ଫାନ୍ଦ ମଧ୍ୟରେ ପଡ଼ନ୍ତି, ସେଗୁଡ଼ିକ ହେଉଛି,

- ମଣ୍ଡଳୀରେ ଲୋକମାନଙ୍କୁ ଅସନ୍ତୁଷ୍ଟ କରିବା କିମ୍ବା ଦୁଃଖିତ କରିବାର ଭୟ (ଏପରିକି ସେମାନଙ୍କ ପାପକୁ ବିଚାରକୁ ନ ନେବାର ସ୍ଥିତି ପର୍ଯ୍ୟନ୍ତ)।
- ଯେଉଁମାନେ ଅର୍ଥ ଦିଅନ୍ତି କିମ୍ବା ଯେଉଁମାନଙ୍କର ପ୍ରତିପତ୍ତି ଅଛି, ସେମାନଙ୍କୁ ଅଧିକ ପକ୍ଷପାତିତା ଦେଖାଇବା ।
- ସହପାଳକମାନଙ୍କଠାରୁ କିମ୍ବା ଅନ୍ୟ ବିଶ୍ୱାସୀମାନଙ୍କଠାରୁ ଅନୁମୋଦନ ପାଇବା ପାଇଁ ଅନୁରୂପ କଥା କହିବା କିମ୍ବା କାର୍ଯ୍ୟ କରିବା (କିମ୍ବା ସେମାନଙ୍କଠାରୁ ଅଧିକ ଉତ୍ତମ ଦେଖାଯିବା ପାଇଁ ଚେଷ୍ଟା କରିବା) ।

ଅନ୍ୟ ଅନେକ ଉପାୟରେ ମଧ୍ୟ ଆମେ ଲୋକଭୟ ରୂପକ ଫାନ୍ଦରେ ପଡ଼ିପାରିବା । ମାତ୍ର ଯେକୌଣସି ମାର୍ଗରେ ଆପଣ ଲୋକଭୟକୁ ସ୍ଥାନ ଦେଲେ, ଆପଣ 'ଅନ୍ୟ ଲୋକମାନଙ୍କର ଇଚ୍ଛା ସାଧନ କରିବାର ଫାନ୍ଦରେ ପଡ଼ିଯିବେ ।' ଆପଣ ସେମାନଙ୍କ ମତାମତ ଓ ବିଚାର ଫାନ୍ଦରେ ପଡ଼ିଯିବେ । ଯେତେବେଳେ ଆପଣ ଲୋକମାନଙ୍କ ମତାମତ ଅନୁସାରେ କାର୍ଯ୍ୟରେ ବ୍ୟସ୍ତ ରହିବେ, ସେତେବେଳେ କିପରି ସଂପୂର୍ଣ୍ଣ ହୃଦୟର ସହିତ ପ୍ରଭୁଙ୍କର ସେବା କରିପାରିବେ ? ଜଣେ ବ୍ୟକ୍ତି ଦୁଇ ପ୍ରଭୁର ସେବା କରିପାରେ ନାହିଁ (ମାଥି. ୬:୨୪), ମନ ବିଭାଜିତ ହେବା ସମୟରେ ଜଣେ ଦଣ୍ଡାୟମାନ ହୋଇପାରେ ନାହିଁ (ଗୀତ. ୮୬:୧୧, ମାର୍କ ୩:୨୪,୨୫) ।

ଲୋକମାନଙ୍କର ସ୍ୱାର୍ଥପୂର୍ଣ୍ଣ ଇଚ୍ଛା ମାଧ୍ୟମରେ (ମାର୍କ ୧:୩୫-୩୯, ଯୋହନ ୬:୧୫, ୨୨-୪୦), ଫାରୂଶୀମାନଙ୍କର ସମାଲୋଚନା ମାଧ୍ୟମରେ (ମାଥି. ୨୨:୧୫-୨୨, ଲୂକ ୭:୩୬-୫୦) କିମ୍ବା ନିଜ ପାର୍ଥିବ ପରିବାରର ଦାବୀ ମାଧ୍ୟମରେ ସୁଦ୍ଧା ଯୀଶୁ ଏହି ସମସ୍ୟାର ସମ୍ମୁଖୀନ ହୋଇଥିଲେ (ମାଥି. ୧୨:୪୬-୫୦, ଯୋହ. ୭:୧-୯) ।

ଏହି ସମସ୍ତ ବିଷୟରେ ଓ ଆହୁରି ଅଧିକ ବିଷୟରେ ଯୀଶୁ ଲୋକମାନଙ୍କ ମତାମତ ଅନୁସାରେ ଚାଲି ନ ଥିଲେ । ବରଂ, ଯୀଶୁ ସର୍ବୋପରି ଓ ଯେକୌଣସି ମୂଲ୍ୟ ବିନିମୟରେ କେବଳ ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ଉପରେ ମନୋନିବେଶ କରିଥିଲେ ।



ଏପରିକି ଯେତେବେଳେ ଲୋକମାନେ ଯୀଶୁଙ୍କଠାରେ ବିଶ୍ୱାସ କରି ତାଙ୍କର ଅନୁଗାମୀ ହେବାର ଭାବ ଦେଖାଇଥିଲେ, ସେତେବେଳେ ମନୁଷ୍ୟମାନଙ୍କର ହୃଦୟ କିପରି ଅସ୍ଥିର ହୋଇପାରେ, ତାହା ସେ ଜାଣିଥିଲେ (ଯୋହ. ୨:୨୩-୨୫) । ମନୁଷ୍ୟମାନଙ୍କୁ ବିଶ୍ୱାସ ନ କରିବା ପାଇଁ କିମ୍ବା ସେମାନଙ୍କର ପ୍ରଶଂସା ଅନ୍ୱେଷଣ ନ କରିବା ପାଇଁ ଯୀଶୁ ନିଜର ଅନୁଗାମୀମାନଙ୍କୁ ସତର୍କ କରିଦେଇଥିଲେ (ଲୂକ ୬:୨୬) । କାରଣ ଯଦି ଆମେ ଲୋକମାନଙ୍କର ଉଚ୍ଚ ମତାମତ ଅନ୍ୱେଷଣ କରିବା, ତେବେ ଆମର ହୃଦୟ କେବଳ ପ୍ରଭୁଙ୍କର ସେବା ପାଇଁ ବ୍ୟବହୃତ ହେବ ନାହିଁ ।

ପ୍ରଭୁ ଏପରି ଲୋକମାନଙ୍କୁ ଅନ୍ୱେଷଣ କରୁଥା'ନ୍ତି, ଯେଉଁମାନଙ୍କ ହୃଦୟ ସଂପୂର୍ଣ୍ଣ ଭାବରେ କେବଳ ତାଙ୍କ ପ୍ରତି ଆନୁଗତ୍ୟ ଅଟେ । ଏହିପ୍ରକାର ଲୋକମାନଙ୍କ ମାଧ୍ୟମରେ ସେ ମହତ୍ କାର୍ଯ୍ୟ କରିବେ (୨କରିନ୍ଥୀ. ୧୬:୯) ଓ ସେମାନଙ୍କ ଉପରେ ସେ ନିଜର ଅଭିଷେକ ଢାଳିଦେବେ !

ଲୋକଭୟରୁ କେଉଁ ବିଷୟ ଆମକୁ ସୁରକ୍ଷିତ ରଖିବ, ତାହା ଲକ୍ଷ୍ୟ କରନ୍ତୁ : ଏହା ହେଉଛି ପ୍ରଭୁଙ୍କଠାରେ ବିଶ୍ୱାସ (ହିତୋ. ୨୯:୨୫) । ଯେତେବେଳେ ଆମେ ପ୍ରଭୁଙ୍କୁ ଜାଣୁ, ଯେତେବେଳେ ଆମେ ତାଙ୍କର ଇଚ୍ଛା ଅନ୍ୱେଷଣ କରିଥାଉ, ଯେତେବେଳେ ଆମେ ତାଙ୍କୁ ସଂପୂର୍ଣ୍ଣ ଭାବରେ ବିଶ୍ୱାସ କରୁଥିବାରୁ ସେ ଯାହା କହିଛନ୍ତି, ତା'ର ବାଧ୍ୟ ହେଉ - ସେତେବେଳେ ଲୋକମାନେ ଯାହା ଭାବନ୍ତି, ତାହା ଗୁରୁତ୍ୱହୀନ ହୋଇଯାଏ ।

ପ୍ରଭୁଙ୍କଠାରେ ଆମର ବିଶ୍ୱାସ ରହିବା ଆବଶ୍ୟକ ! ସେ ଯାହା ଚିନ୍ତା କରନ୍ତି, ସେ ବିଷୟରେ ଯେତେବେଳେ ଆମେ ସର୍ବାଧିକ ବ୍ୟସ୍ତ ହେବା, ସେତେବେଳେ ଲୋକମାନେ କ'ଣ ଭାବୁଛନ୍ତି - ଏହି ଭୟ ରୂପକ ଫାନ୍ଦରେ ଧୃତ ହେବା ନାହିଁ ।

**(ଗ) ଛୋଟ ଛୋଟ ବୁଝାମଣା ରୂପକ ''କ୍ଷୁଦ୍ର ଶୃଗାଳ''ରୁ ହିଁ ବୃହତ୍ତର ବୁଝାମଣା ଆରମ୍ଭ ହୋଇଥାଏ (ପରମଗୀତ ୨:୧୫) -** ସେହି ନେତାମାନଙ୍କ ମଧ୍ୟରେ ଏକ ସାଧାରଣ ସମସ୍ୟା ରହିଛି, ଯେଉଁମାନଙ୍କୁ ଈଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ବ୍ୟବହାର କରୁଛନ୍ତି । ସେମାନେ ନିଜକୁ ଏତେ ପ୍ରଧାନ ବ୍ୟକ୍ତି ବୋଲି ଭାବିବା ଆରମ୍ଭ କରନ୍ତି ଯେ, ସେମାନେ ଈଶ୍ୱରଙ୍କ ନିୟମ ଓ ଆଦର୍ଶଗୁଡ଼ିକୁ ପାଳନ କରିବା ଆଉ ଆବଶ୍ୟକ ମନେ କରନ୍ତି ନାହିଁ । ସେମାନେ ସେଗୁଡ଼ିକୁ ହୁଏତ ଜାଣିଥିବେ ଓ ସେଗୁଡ଼ିକୁ ଶିକ୍ଷା ଦେବା ପାଇଁ ସମର୍ଥ ଥିବେ, ମାତ୍ର ସେଗୁଡ଼ିକ ଅନୁସାରେ ବଞ୍ଚିବା ପାଇଁ ସେମାନେ ବ୍ୟକ୍ତିଗତ ଭାବରେ ଆବଶ୍ୟକ କରନ୍ତି ବୋଲି ସେମାନେ ଆଉ ବିଶ୍ୱାସ କରନ୍ତି ନାହିଁ ।

ଏହାକୁ ହିଁ ମୁଁ ''ନେତୃତ୍ୱ ବ୍ୟତିକ୍ରମ ବିଷୟ'' ଭାବରେ ନାମିତ କରିଅଛି । ଏହା ହେଉଛି ସେହି ବିଷୟ – ଯେତେବେଳେ ନେତାମାନେ ଏତେ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛନ୍ତି ଯେ, ସେମାନେ ଆଉ ନମ୍ର ହେବାର, କିମ୍ବା ସେବା କରିବାର, କିମ୍ବା ଅନ୍ୟମାନଙ୍କ ପ୍ରତି ସହିଷ୍ଣୁ ହେବାର, କିମ୍ବା ଆତ୍ମୋତ୍ସର୍ଗ କରିବାର ଆବଶ୍ୟକତା ଅନୁଭବ କରନ୍ତି ନାହିଁ । ସେମାନଙ୍କ ମନରେ, ସେମାନେ ଈଶ୍ୱରଙ୍କ ଆଦର୍ଶ ପ୍ରତି 'ବ୍ୟତିକ୍ରମ' ହୋଇଯା'ନ୍ତି, ସେମାନଙ୍କର 'ପ୍ରାଧାନ୍ୟ' କିମ୍ବା 'ସଫଳତା' ଯୋଗୁ ସେମାନଙ୍କର ସ୍ୱାର୍ଥ ଅଭିଳାଷ ଓ ସାଂସାରିକ ମାର୍ଗ କ୍ଷମଣୀୟ ବୋଲି ସେମାନେ ଭାବନ୍ତି । ସେମାନେ ଜଗତର ଚିନ୍ତା ଗ୍ରହଣ କରି କୌଣସି ପ୍ରକାରେ ସେବାକାର୍ଯ୍ୟରେ ସେମାନଙ୍କର ସଫଳତା ସେମାନଙ୍କର ବଡ଼ ବଡ଼ ଯୋଗ୍ୟତା ଓ ପ୍ରତିଭା ଯୋଗୁ ହୋଇଛି ବୋଲି ଭାବନ୍ତି – ଆଉ ସେମାନେ ଯେପରି ଗୋଟିଏ ମୁଖ୍ୟ ବ୍ୟକ୍ତି, ସେପରି ଭାବରେ ବଞ୍ଚିବା ଆରମ୍ଭ କରନ୍ତି ।

ସେମାନଙ୍କ ମାଧ୍ୟମରେ କାର୍ଯ୍ୟ ଅବ୍ୟାହତ ରଖିବା ପାଇଁ ଈଶ୍ୱର ପ୍ରାୟ ବିଶ୍ୱସ୍ତ ରହୁଥିବାରୁ (ରୋମୀୟ ୧୧:୨୯), ଏହି ନେତାମାନେ ଈଶ୍ୱରଙ୍କ ଉତ୍ତମତା ଉପରେ ଭାବିବା ଆରମ୍ଭ କରନ୍ତି । ସେମାନେ ଧୀରେ ଧୀରେ ଏପରି ମନୋଭାବ ଓ ଆଚରଣ ଅବଲମ୍ବନ କରିବା ଆରମ୍ଭ କରନ୍ତି, ଯାହା ଶେଷରେ ସେମାନଙ୍କୁ ସିଧାସଳଖ ପାପ ମଧ୍ୟକୁ କଢ଼ାଇ ନିଏ । ଏହା ଫଳରେ ସେମାନଙ୍କ ସେବାକାର୍ଯ୍ୟ ବିଫଳ ହୁଏ, ଏପରିକି ସେମାନଙ୍କର

**ଏପରିକି ଯେତେବେଳେ ଲୋକମାନେ ଯୀଶୁଙ୍କଠାରେ ବିଶ୍ୱାସ କରି ତାଙ୍କର ଅନୁଗାମୀ ହେବାର ଭାବ ଦେଖାଇଥିଲେ, ସେତେବେଳେ ମନୁଷ୍ୟମାନଙ୍କର ହୃଦୟ କିପରି ଅସ୍ଥିର ହୋଇପାରେ, ତାହା ସେ ଜାଣିଥିଲେ (ଯୋହ. ୨:୨୩-୨୫) । ମନୁଷ୍ୟମାନଙ୍କୁ ବିଶ୍ୱାସ ନ କରିବା ପାଇଁ କିମ୍ବା ସେମାନଙ୍କର ପ୍ରଶଂସା ଅନ୍ୱେଷଣ ନ କରିବା ପାଇଁ ଯୀଶୁ ନିଜର ଅନୁଗାମୀମାନଙ୍କୁ ସତର୍କ କରିଦେଇଥିଲେ (ଲୂକ ୬:୨୬) । କାରଣ ଯଦି ଆମେ ଲୋକମାନଙ୍କର ଉଚ୍ଚ ମତାମତ ଅନ୍ୱେଷଣ କରିବା, ତେବେ ଆମର ହୃଦୟ କେବଳ ପ୍ରଭୁଙ୍କର ସେବା ପାଇଁ ବ୍ୟବହୃତ ହେବ ନାହିଁ ।**



ବିଶ୍ୱାସ ବିନଷ୍ଟ ହେବାର ସ୍ଥିତି ଉତ୍ପନ୍ନ ହୁଏ (୧ତୀମ. ୧:୧୯) କିମ୍ବା ସେମାନଙ୍କର ବିବେକ ଲୋପ ପାଏ (୧ତୀମ. ୪:୨) ।

ଏହା ଈଶ୍ୱରଙ୍କ ପବିତ୍ର ଆତ୍ମାଙ୍କୁ ଦୁଃଖ ଦେବା (ଏଫି. ୪:୩୦) ଓ ତାଙ୍କୁ ନିର୍ବାପିତ କରିବା (୧ଥେସ. ୫:୧୯) ଦିଗରେ ମଧ୍ୟ କଢ଼ାଇ ନେବ । ଆଉ ଶେଷରେ, ଏହା ଈଶ୍ୱରଙ୍କ ଅଭିଷେକର ସ୍ରୋତକୁ ମଧ୍ୟ ସଂପୂର୍ଣ୍ଣ ଭାବରେ ବନ୍ଦ କରିଦେବ ।

ମଣ୍ଡଳୀ ନେତା ଭାବରେ ଆମକୁ ଖ୍ରୀଷ୍ଟଙ୍କ ଶରୀର ନିକଟରେ ଖ୍ରୀଷ୍ଟଙ୍କ ଚରିତ୍ରର ଏକ 'ଦୃଷ୍ଟାନ୍ତ' ହେବାକୁ ଆହ୍ୱାନ କରାଯାଇଛି । ଆମକୁ 'ବ୍ୟତିକ୍ରମ' ହେବାକୁ ପଡ଼ିବ ନାହିଁ! ଆମକୁ ଆମର ସାମର୍ଥ୍ୟ ଅନୁସାରେ ଈଶ୍ୱରଙ୍କ ବାକ୍ୟ ଜାଣିବାକୁ ଓ ତଦନୁସାରେ ବଞ୍ଚିବାକୁ ହେବ । ଯଦି ଆମେ ବିଫଳ ହେଉ, ତେବେ ଆମକୁ ଶୀଘ୍ର ଅନୁତାପ କରିବାକୁ ହେବ (୨କରିନ୍ଥୀ. ୭:୧୦, ପ୍ରକା. ୩:୧୯) ।

ଆସନ୍ତୁ, ଆମେ ପ୍ରତ୍ୟେକେ ଧର୍ମଶାସ୍ତ୍ରର ସତର୍କବାଣୀ ପ୍ରତି ମନୋଯୋଗୀ ହେବା : ''... ପୁଣି ତୁମ୍ଭମାନଙ୍କର ପାପ ତୁମ୍ଭମାନଙ୍କୁ ଧରିବ'' (ଗଣନା ୩୨:୨୩, ଗାଲା. ୬:୭,୮, ୧ତୀମ. ୫:୨୪,୨୫ ମଧ୍ୟ ଦେଖନ୍ତୁ) ।

## ନିଜର ହୃଦୟକୁ ଜଗି ରହନ୍ତୁ

''ତୁମ୍ଭ ହୃଦୟକୁ ଅତି ଯତ୍ନରେ ରଖ, ଯେହେତୁ ତହିଁରୁ ଜୀବନର ପ୍ରବାହ ଜନ୍ମଇ'' (ହିତୋ. ୪:୨୩) । ହୁଏତ ଈଶ୍ୱରଙ୍କ ସହିତ ନିଜର ସଂପର୍କକୁ ନଷ୍ଟ କରିବା ପରେ ଓ ନିଜ ରାଜ୍ୟର କ୍ଷତି କରିବା ପରେ ଶଲୋମନ ଏହି ପଦଟିକୁ ଲେଖିଥିଲେ । ଆମେ ଏହା ସୁନିଶ୍ଚିତ ଭାବରେ ଜାଣିନାହୁଁ । କିନ୍ତୁ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଶଲୋମନ ଯାହା ଲେଖିଥିଲେ, ତା'ର ସତ୍ୟତା ଆଜି ପର୍ଯ୍ୟନ୍ତ ଆମକୁ ସ୍ପଷ୍ଟ ଭାବରେ କହୁଅଛି ।

ଶୟତାନ ନିକଟରେ ଏପରି ଅନେକ ''ମୃଷା'' ରହିଛି, ଯେଉଁଗୁଡ଼ିକୁ ସେ ଆମକୁ ପ୍ରଲୁବ୍ଧ କରିବାକୁ ବ୍ୟବହାର କରିଥାଏ । ଆମ ନିଜର ଶରୀରରେ ମଧ୍ୟ ଅନେକ ଭୁଲ୍ ଓ ପାପପୂର୍ଣ୍ଣ ଅଭିଳାଷ ରହିଛି । କିନ୍ତୁ ଯଦି ଆମେ ସେଗୁଡ଼ିକ ନିମନ୍ତେ ଦ୍ୱାର ଉନ୍ମୁକ୍ତ କରିବା, ତେବେ ଏହି ସମସ୍ତ ବିଷୟ ପ୍ରବେଶ କରି ଆମ ଜୀବନର କୂପକୁ ଦୂଷିତ କରିଦେବ । ସେଗୁଡ଼ିକ ଈଶ୍ୱରଙ୍କ ଆତ୍ମା ନିମନ୍ତେ ଥିବା ଆମ ହୃଦୟରୂପକ ବାସସ୍ଥାନକୁ ସେତେବେଳେ ନଷ୍ଟ କରିପାରିବ – ଯେତେବେଳେ ଆମେ ପାପକୁ ପ୍ରବେଶ କରି ରହିବା ପାଇଁ ସ୍ଥାନ ଦେବା ।

ତେବେ ଆମର ''କୂପ''କୁ ବିଶୁଦ୍ଧ ରଖିବା ପାଇଁ ଆମେ କ'ଣ କରିପାରିବା ? ଆମେ ପବିତ୍ର ଆତ୍ମାଙ୍କ ମନ୍ଦିର ହୋଇଥିବାରୁ (୧କରିନ୍ଥୀ. ୬:୧୯,୨୦), ଆମେ କେତେକ ପ୍ରୟୋଗାତ୍ମକ ପଦକ୍ଷେପ ନେଇପାରିବା । ବର୍ତ୍ତମାନ ଆମେ ସେଗୁଡ଼ିକ ପ୍ରତି ଦୃଷ୍ଟିପାତ କରିବା ।

**୨) ଶୁଦ୍ଧତା ଦିଗକୁ ମାର୍ଗ**

**କ) ଈଶ୍ୱରଙ୍କ ବାକ୍ୟର ଆଦର୍ଶ ଅନୁସାରେ ବଞ୍ଚିବା –** ଗୀତରଚକ ଗୋଟିଏ ପ୍ରଭାବଶାଳୀ ଜଟିଳ ପ୍ରଶ୍ନ ପଚାରି ଏହାର ଉତ୍ତର ଦେଇଛନ୍ତି, ''ଯୁବା ମନୁଷ୍ୟ କି ପ୍ରକାରେ ଆପଣା ପଥ ପରିଷ୍କାର କରିବ? ତୁମ୍ଭ ବାକ୍ୟାନୁଯାୟୀ ତହିଁ ବିଷୟରେ ସାବଧାନ ହେଲେ କରିବ'' (ଗୀତ. ୧୧୯:୯) ।

ତୀମଥି ଓ ତିତସଙ୍କ ନିକଟକୁ ପାଉଲଙ୍କର ପତ୍ର ମାଧ୍ୟମରେ ପବିତ୍ର ଆତ୍ମା ସମସ୍ତ ପାଳକମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହି ତିନୋଟି ''ପାଳକୀୟ ପତ୍ର'' (୧ ଓ ୨ ତୀମଥି ଓ ତିତସ) ପାଳକୀୟ ବିଷୟ ସମ୍ବନ୍ଧରେ ପାଳକମାନଙ୍କ ନିକଟକୁ (ତୀମଥି ଓ ତିତସ) ଲେଖାଯାଇଥିଲା ।

ତୀମଥିଙ୍କ ନିକଟକୁ ଲିଖିତ ପତ୍ରରେ ହିଁ ଆମେ ଏହା ପାଠ କରୁ ଯେ, ମନୁଷ୍ୟମାନଙ୍କର ମତାମତ ନୁହେଁ, ମାତ୍ର ଈଶ୍ୱରଙ୍କ ବାକ୍ୟ, ଆମେ ଯାହାସବୁ କରୁ, କହୁ, ହେଉ ଓ ପ୍ରଚାର କରୁ, ସେ ସବୁର ପଥ ପ୍ରଦର୍ଶକ ଅଟେ (୧ତୀମ. ୪:୧୨–୧୬, ୨ତୀମ. ୨:୧୫–୧୮, ୩:୧୬–୧୭) ।

ଜୀବନ ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଆମର ଆଦର୍ଶ ବୋଲି ଯୀଶୁ କହିଛନ୍ତି । ସମସ୍ତ ବାକ୍ୟ ପାଳନ କରିବା ଅପେକ୍ଷା କମ୍ କାର୍ଯ୍ୟ କରିବା ଏପରି ଏକ ବିଫଳତା, ଯେଉଁଥିରେ ଦଣ୍ଡିତ ହେବାର ବିପଦ ଥାଏ (ମାଥି. ୫:୧୭–୨୦) । ଈଶ୍ୱରଙ୍କ ବାକ୍ୟ ପବିତ୍ର ଆତ୍ମାଙ୍କ ପ୍ରେରଣାରେ ଲେଖାଯାଇଛି (୨ତୀମ. ୩:୧୬, ୨ପିତ. ୧:୧୯–୨୧) ଓ ପବିତ୍ର ଆତ୍ମାଙ୍କ ଦ୍ୱାରା ସ୍ଥିରୀକୃତ ହୋଇଛି (ଯୋହନ ୧୪:୨୬, ଏବ୍ରୀ ୪:୧୨,୧୩) ।

ମନୁଷ୍ୟମାନଙ୍କର ମତାମତ ଓ ଚିନ୍ତାଧାରା ଯେତେ ଉତ୍ତମ ଉଦ୍ଦେଶ୍ୟ ବିଶିଷ୍ଟ କିମ୍ବା ଆକର୍ଷଣୀୟ ହେଲେ ମଧ୍ୟ ଜୀବନ ନିମନ୍ତେ ଆମର ପଥ ପ୍ରଦର୍ଶନ ନୁହେଁ । ଈଶ୍ୱରଙ୍କ ରାଜ୍ୟରେ ଜୀବନ ସମ୍ବନ୍ଧରେ ଆମେ ଆମର ମଣ୍ଡଳୀକୁ ଯାହା ଶିକ୍ଷା ଦେବା ଉଚିତ୍, ସେଗୁଡ଼ିକ ତାହା ମଧ୍ୟ ନୁହେଁ । ଆମକୁ ଲୋକମାନଙ୍କର ମତାମତ ବିଷୟରେ 'ଅତି ସତର୍କ' ହେବାକୁ ପଡ଼ିବ (୧କରିନ୍ଥୀ. ୨:୧–୧୬) – ଯଦିଓ



ଆମେ ସେଗୁଡ଼ିକରେ ସମ୍ମତ ହୋଇଥାଉ । କାରଣ ମନୁଷ୍ୟମାନେ, ଏପରିକି ଯେଉଁମାନଙ୍କୁ ଆମେ ସମ୍ମାନ ଦେଖାଉ ଓ ବିଶ୍ୱାସ କରୁ, ସେମାନେ କେବଳ ସେତିକି ଅଟନ୍ତି : କେବଳ ମନୁଷ୍ୟ ଅଟନ୍ତି ।

ଏହା ସତ୍ୟ ଅଟେ ଯେ, କେତେକ ଲୋକ ଆମକୁ ସାହାଯ୍ୟ କରିପାରନ୍ତି । ସେମାନେ ଯାହା ଶିକ୍ଷା କରିଛନ୍ତି, ତାହା ଆମକୁ ସେମାନେ ଶିକ୍ଷା ଦେଇପାରନ୍ତି । ଈଶ୍ୱରଙ୍କ ବାକ୍ୟ ସମ୍ବନ୍ଧରେ ସେମାନଙ୍କର ଜ୍ଞାନ ଓ ସେମାନଙ୍କର ଅନୁଭୂତି ଆମ ପାଇଁ ଉପକାରୀ ହୋଇପାରେ । କିନ୍ତୁ ତାହା କେବଳ ସେତିକି ଦୂର ଯାଏ, ଆଉ ତାହା ଈଶ୍ୱରଙ୍କ ବାକ୍ୟ ସହିତ ସଂପୂର୍ଣ୍ଣ ଭାବରେ ସମ୍ମତ ହେଉଥିବାରୁ ହିଁ ଉପକାରୀ ଅଟେ !

ଆମର ଜୀବନ ଲୋକମାନଙ୍କର ମତାମତ କିମ୍ବା ସେବାକାର୍ଯ୍ୟର ଅତ୍ୟାଧୁନିକ ଧାରା ଦ୍ୱାରା ବିଶୁଦ୍ଧ ହୋଇପାରିବ ନାହିଁ । ଆମେ ଈଶ୍ୱରଙ୍କୁ ଅନୁସରଣ କରିବା ଓ ତାଙ୍କ ବାକ୍ୟ ପାଳନ କରିବା ସମୟରେ ହିଁ ତାଙ୍କ ସାକ୍ଷାତ୍‌ରେ ଧାର୍ମିକ ଆଚରଣ କରିପାରିବା ।

ଜଣେ ପବିତ୍ର ଆତ୍ମା ଅଛନ୍ତି ଓ ଈଶ୍ୱରଙ୍କ ଅନନ୍ତ ବାକ୍ୟ – ବାଇବଲର କେବଳ ଗୋଟିଏ ଉତ୍ସ ଅଛନ୍ତି । ସେଥିପାଇଁ ଏହାକୁ ପାଠ କରନ୍ତୁ, ଏହା ଉପରେ ଚିନ୍ତା କରନ୍ତୁ, ଏହାକୁ ଅଧ୍ୟୟନ କରନ୍ତୁ, ଏହାକୁ ମୁଖସ୍ଥ କରନ୍ତୁ, ଏହାକୁ ପାଳନ କରନ୍ତୁ, ଏହା ଅନୁସାରେ ବଞ୍ଚନ୍ତୁ, ଏହାକୁ ପ୍ରଚାର କରନ୍ତୁ, ଏହାକୁ ଶିକ୍ଷା ଦିଅନ୍ତୁ, ଆମେନ୍ !

**ଖ) ପବିତ୍ର ଆତ୍ମା ପ୍ରାର୍ଥନାରେ କାର୍ଯ୍ୟ କରନ୍ତି –**

''ମନୁଷ୍ୟର ଆତ୍ମା ସଦାପ୍ରଭୁଙ୍କର ପ୍ରଦୀପ, ତାହା ଅନ୍ତରାଳୟସ୍ଥ ସବୁ ବିଷୟ ଅନୁସନ୍ଧାନ କରେ'' (ହିତୋ. ୨୦:୨୭) । ଆମର ପ୍ରାର୍ଥନାର ସମୟ ଉଭୟ ଆଶୀର୍ବାଦ ଓ ଶିକ୍ଷାର ଏକ ଉତ୍ସ ଏବଂ ସହଭାଗିତାର ଏକ ସ୍ଥାନ ଅଟେ । ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବା ସମୟରେ ପ୍ରାର୍ଥନା ଏକ ଶକ୍ତିଶାଳୀ ଅସ୍ତ୍ର ମଧ୍ୟ ହୋଇପାରେ ।

ଦୁର୍ଭାଗ୍ୟବଶତଃ, ଜୀବନର ବ୍ୟସ୍ତବହୁଳ କାର୍ଯ୍ୟରେ ଆପଣଙ୍କ ଭଳି ଓ ମୋ'ଭଳି ମଣ୍ଡଳୀ ନେତାମାନେ, ପ୍ରାୟତଃ, ପ୍ରଭୁଙ୍କୁ କେବଳ ଅପେକ୍ଷା କରିବାର ଅତ୍ୟାବଶ୍ୟକୀୟ ସମୟକୁ ଅବହେଳା କରିଥା'ନ୍ତି । କିନ୍ତୁ କେବଳ ଅପେକ୍ଷା କରିବାକୁ ଓ ଶୁଣିବାକୁ ସମୟ ଦେବାବେଳେ ପବିତ୍ର ଆତ୍ମା ଆମ ହୃଦୟରେ ପ୍ରକୃତରେ କାର୍ଯ୍ୟ କରିପାରନ୍ତି ।

ଆମେ ପ୍ରତ୍ୟେକେ ପବିତ୍ର ଆତ୍ମାଙ୍କ ଦ୍ୱାରା ଏକ ନିୟମିତ ଓ ବିସ୍ତୃତ ''ହୃଦୟ ପରୀକ୍ଷା'' ଆବଶ୍ୟକ କରୁ । ଆମେ ପ୍ରାର୍ଥନା କରିବା ଓ ପ୍ରଭୁଙ୍କଠାରେ ଅପେକ୍ଷା

କରିବା ସମୟରେ ସେ ଗୁପ୍ତ ମନୋଭାବ, ଅଶୁଚିତାର ସ୍ଥାନ କିମ୍ବା ଦୁର୍ବଳତାର କ୍ଷେତ୍ରଗୁଡ଼ିକୁ ପ୍ରକାଶ କରିପାରିବେ । ଆମ ନିମନ୍ତେ ଓ ଖ୍ରୀଷ୍ଟଙ୍କ ଶରୀର ନିମନ୍ତେ ଥିବା ତାଙ୍କ ପ୍ରେମରେ ପବିତ୍ର ଆତ୍ମା ଆମକୁ ଚେତନା ଦେବା ପାଇଁ ଓ ସୁଗଠିତ କରିବା ପାଇଁ ଇଚ୍ଛା କରନ୍ତି, ଯେପରିକି ଆମେ ସେହି ବିଷୟଗୁଡ଼ିକର ଯତ୍ନ ନେବା, ଯାହା ହୁଏତ ଆମ ଜୀବନ ଓ ସେବାକାର୍ଯ୍ୟରେ ବାଧା ସୃଷ୍ଟି କରିବ କିମ୍ବା ନଷ୍ଟ କରିଦେବ ।

## ଆତ୍ମ-ପ୍ରତାରଣା ବିରୁଦ୍ଧରେ ଜାଗ୍ରତ

ସେବାକାର୍ଯ୍ୟରେ ଆମେ ସକ୍ରିୟ ରହିଛୁ, ବାଇବଲ ବିଷୟରେ ଜାଣିଛୁ ଓ ଅନ୍ୟମାନଙ୍କୁ ଶିକ୍ଷା ଦେଇପାରୁ, – ଏହି ସରଳ ସତ୍ୟର ଅର୍ଥ ନୁହେଁ ଯେ, ଆମେ ଯଥାର୍ଥ ଅଟୁ । ଯଦି ଅନ୍ୟ କିଛି ଅଛି, ତେବେ ସେହି ସମସ୍ତ ବିଷୟ ପ୍ରତାରିତ ହେବା ପାଇଁ ଓ ପାପ ନିମନ୍ତେ ବାହାନା ଦେଖାଇବା ପାଇଁ ମନୁଷ୍ୟ ହୃଦୟର ସାମର୍ଥ୍ୟ ସମ୍ବନ୍ଧରେ ଆମକୁ ''ଅଧିକ ସଚେତନ କରିବା'' ଉଚିତ୍ !

ବର୍ତ୍ତମାନ କିଛିକ୍ଷଣ ନିମନ୍ତେ ନିମ୍ନଲିଖିତ ଶାସ୍ତ୍ରାଂଶ ପାଠ କରନ୍ତୁ –

- ହିତୋପଦେଶ ୧୬:୨,୨୫, ୨୮:୨୬
- ଯିରିମିୟ ୧୭:୯,୧୦
- ୧କରିନ୍ଥୀୟ ୧୦:୧୨,୧୩

ଆହୁରି ଅନେକ ପଦ ରହିଛି, ଯେଉଁଗୁଡ଼ିକ ପବିତ୍ର ଆତ୍ମାଙ୍କ ସମ୍ମୁଖରେ ଆମର ହୃଦୟ ଉନ୍ମୁକ୍ତ କରିବାର ଆବଶ୍ୟକତାକୁ ଅଧିକ ସ୍ପଷ୍ଟ ଭାବରେ ପ୍ରକାଶ କରନ୍ତି । ଆମ ସଂଘର୍ଷର କ୍ଷେତ୍ରଗୁଡ଼ିକୁ ପ୍ରଭୁ ଜାଣିସାରିଛନ୍ତି । ଆମେ ତାଙ୍କଠାରୁ ସେଗୁଡ଼ିକୁ ଲୁକ୍କାୟିତ କରିପାରିବା ନାହିଁ । କିନ୍ତୁ ଆମ ଜୀବନରେ ପାପପୂର୍ଣ୍ଣ ଆଚରଣଗୁଡ଼ିକ ଅଧାର୍ମିକତାର ଫଳ ଧାରଣ କରିବା ପର୍ଯ୍ୟନ୍ତ ସେହି କାର୍ଯ୍ୟସବୁ କରିଚାଲିବା ଯୋଗୁ ଆମେ ନିଜ ନିଜକୁ ପ୍ରତାରିତ କରିପାରୁ ଏବଂ ପାପ, ଶାରୀରିକ ଅଭିଳାଷ କିମ୍ବା ଭଗ୍ନତାକୁ ଅନୁମତି ଦେଇପାରୁ ।

ପ୍ରଭୁ ଏହିପରି ହୃଦୟ ସବୁ ଅନ୍ୱେଷଣ କରୁଛନ୍ତି, ଯେଉଁଗୁଡ଼ିକୁ ପାପରୁ ଶୁଚି ରଖାଯାଇଛି । ତାଙ୍କ ଅଭିଷେକରେ କିମ୍ବା ଆମ ଜୀବନ ଓ ସେବାକାର୍ଯ୍ୟର ସଫଳତାରେ କୌଣସି ବିଷୟ ବାଧା ନ ଦେଉ ବୋଲି ଈଶ୍ୱର ଚାହାନ୍ତି । ପାପରୁ ନିଜ ହୃଦୟକୁ ଜାଗ୍ରତ ରଖିବା ପାଇଁ ଓ ଭିତରୁ ଆପଣଙ୍କୁ ଶୁଚି କରିବାକୁ ପବିତ୍ର ଆତ୍ମାଙ୍କୁ ଅନୁମତି ଦେବା ପାଇଁ ଆପଣ ନମ୍ର ଭାବରେ ନିଜର ବିଶ୍ୱସନୀୟତା ପ୍ରଦର୍ଶନ କରୁଥିବା ସମୟରେ ଈଶ୍ୱରଙ୍କ ଅଭିଷେକ ଅସୀମ ଭାବରେ ଢଳାଯାଇ ପାରିବ ।



**ପାଳକଙ୍କଠାରୁ ପାଳକଙ୍କ ନିକଟକୁ –** ଆମେ ପ୍ରଭୁଙ୍କ ସହିତ ଯେତେ ଅଧିକ ଗମନାଗମନ କରିଥାଉ, ଆମ ଜୀବନରେ ପବିତ୍ର ଆତ୍ମାଙ୍କର ଗଠନକାରୀ କାର୍ଯ୍ୟର ଆବଶ୍ୟକତା ଆଉ ଅନୁଭବ ନ କରିବା ସେତେ ଅଧିକ ସହଜ ହୋଇଥାଏ ।

ଦୁଃଖର ବିଷୟ, ମଣ୍ଡଳୀ ନେତାମାନଙ୍କ ନିମନ୍ତେ ଏହା ବିଶେଷ ଭାବରେ, ସତ୍ୟ ଅଟେ । ଆମେ ଈଶ୍ୱରଙ୍କ ବାକ୍ୟ ବିଷୟରେ ଶିକ୍ଷା ଗ୍ରହଣ କରିବା ଓ ଶିକ୍ଷା ଦେବାରେ ଏତେ ବ୍ୟସ୍ତ ରହୁ ଯେ, ଆମେ ପ୍ରତିଦିନ ଆମ ନିଜସ୍ୱ ଜୀବନ ପ୍ରତି ଏହା ପ୍ରୟୋଗ ମଧ୍ୟ କରୁଅଛୁ ବୋଲି ଭାବିବା ଆରମ୍ଭ କରିଦେଉ । ଆମେ ଆମର ସେବାକାର୍ଯ୍ୟ ପାଇଁ ଓ ଅନ୍ୟମାନଙ୍କ ପାଇଁ ପ୍ରାର୍ଥନା କରିବାରେ ଏତେ ଆଗ୍ରହୀ ହୋଇଯାଉ ଯେ, ଆମ ନିଜ ନିମନ୍ତେ ପ୍ରଭୁଙ୍କଠାରୁ ଶୁଣିବା ପାଇଁ ତାଙ୍କଠାରେ ଅପେକ୍ଷା କରିବାରେ ସମୟ କାଟିବାକୁ ଆମେ ଅବହେଳା କରିଥାଉ । ଆମେ ସ୍ମିତହାସ୍ୟ କରି ଚାଲିବାକୁ ଓ ପ୍ରତ୍ୟେକ ବିଷୟ ସଠିକ୍ ଅଛି ବୋଲି ଅଭିନୟ କରିବାକୁ ଶିକ୍ଷା କରିଥାଉ, ଯଦିଓ ପ୍ରକୃତରେ, ଭିତରେ ପାପ କିମ୍ବା ଭଗ୍ନତା ସହିତ ଆମେ ଯୁଦ୍ଧ କରୁଥାଉ । ବେଳେବେଳେ ଏହା ସତ୍ୟ ହୋଇପାରେ ବୋଲି ଆପଣ କଳ୍ପନା କରିପାରୁଛନ୍ତି କି ?

ଯୀଶୁ ଏହା ଘୋଷଣା କରିଥିଲେ ଯେ, ଆମର ଧାର୍ମିକତା ହୃଦୟର ଏକ ଧାର୍ମିକତା ହେବା ଆବଶ୍ୟକ । ଏହା ଫାରୂଶୀମାନଙ୍କର ସୀମିତ, ବାହ୍ୟ ଧର୍ମକର୍ମଠାରୁ ଅଧିକ ହେବା ଆବଶ୍ୟକ (ମାଥି. ୫:୨୦) ।

ଦୟାକରି ଏହା ସ୍ମରଣରେ ରଖନ୍ତୁ ଯେ, ଯୀଶୁ ଗୋଟିଏ ନୂତନ ଧର୍ମ ଆରମ୍ଭ କରିବା ପାଇଁ ମନୁଷ୍ୟ ଜାତି ନିମନ୍ତେ ମୃତ୍ୟୁବରଣ କରି ନ ଥିଲେ । ସେ ନିଜର ଜୀବନ ଦେଇଥିଲେ ଯେପରିକି ଆମେ ଈଶ୍ୱରଙ୍କ ସହିତ ପୁନର୍ମିଳିତ ହୋଇପାରିବୁ ଓ ଏହାପରେ ନିରନ୍ତର ସେହି ପ୍ରତିମୂର୍ତ୍ତିରେ ଅଧିକରୁ ଅଧିକ ରୂପାନ୍ତରିତ ହୋଇପାରିବୁ । ଯେଉଁ ପ୍ରତିମୂର୍ତ୍ତିକୁ ପାପ ପାଶବିକ ଭାବରେ ବିକୃତ କରିବା ପୂର୍ବରୁ ମନୁଷ୍ୟ ସେଥିରେ ମୂଳତଃ, ସୃଷ୍ଟି ହୋଇଥିଲା (ମାଥି. ୧୫:୧୦-୨୦,୨୩; ୨୩:୨୩-୨୮, ରୋମୀୟ ୧୨:୧,୨, ୨କରିନ୍ଥୀ. ୩:୧୮, ୧ଯୋହନ ୩:୧-୩) । ଆମେ ଶିକ୍ଷା କରିସାରିଛୁ ଯେ, ଏହା ଆମ ଭଳି ନେତାମାନଙ୍କ ପାଇଁ ସୁଦ୍ଧା ଏକ ଜୀବନବ୍ୟାପୀ ପ୍ରକ୍ରିୟା ଅଟେ ।

ଯଦି ଆମେ ଆମ ହୃଦୟର ଆଭ୍ୟନ୍ତରୀଣ ସ୍ଥିତିକୁ ଅବହେଳା କରୁ, ତେବେ ପାପର ଶୀକାର ହେବା ସହଜ ହୋଇଯାଏ । ସମସ୍ୟାଟି ଛୋଟରୁ

ଆରମ୍ଭ ହୋଇପାରେ, ମାତ୍ର ଛୋଟ ବୁଝାମଣା ସର୍ବଦା ବଡ଼ ବଡ଼ ଓ ଅଧିକ ଧ୍ୱଂସାତ୍ମକ ବୁଝାମଣା ଦିଗକୁ କଢ଼ାଇ ନିଏ । ସେଥିପାଇଁ ପ୍ରତିଦିନ ଆମ ହୃଦୟରେ କାର୍ଯ୍ୟ କରିବାକୁ, ଆମକୁ ଚେତନା ଦେବାକୁ ଓ ସମସ୍ୟାଗୁଡ଼ିକ ପାପ ଦିଗରେ ଆମକୁ ପରିଚାଳିତ କରିବା ପୂର୍ବରୁ ସେଗୁଡ଼ିକୁ ବନ୍ଦ କରିବାକୁ ପବିତ୍ର ଆତ୍ମାଙ୍କୁ ଅନୁମତି ଦେବା ଅନିବାର୍ଯ୍ୟ ଅଟେ ।

## ''ହେ ଈଶ୍ୱର, ମୋର ଅନୁସନ୍ଧାନ କର ...''

ଆମ ପ୍ରାଣ ଓ ଆତ୍ମାରେ ଆଲୋକ ଦେବା ପାଇଁ ଏକ ପ୍ରଦୀପ ହେବାକୁ ଆମେ ପବିତ୍ର ଆତ୍ମାଙ୍କୁ ଅତ୍ୟନ୍ତ ଆବଶ୍ୟକ କରୁ । ଆମେ ଯେପରି ଶୁଚି, ନୂତନୀକୃତ ଓ ପରିବର୍ତ୍ତିତ ହୋଇପାରିବୁ, ଏଥିପାଇଁ ଆମ ହୃଦୟର ସ୍ଥିତି ପ୍ରକାଶ କରିବା ପାଇଁ ଆମେ ତାଙ୍କୁ ଆବଶ୍ୟକ କରୁ । ଆମ ଜୀବନ ନିମନ୍ତେ ଏହା ଈଶ୍ୱରଙ୍କ ଇଚ୍ଛା ଅଟେ ! (ଫିଲିପ୍ପୀ. ୧:୬, ୨କରିନ୍ଥୀ. ୩:୧୮, ରୋମୀୟ ୮:୨୯) ।

ଆମେ ପ୍ରାର୍ଥନାରେ ଆତ୍ମାଙ୍କର ଏହି କାର୍ଯ୍ୟ ସହିତ ସହଯୋଗ କରିବା ସମୟରେ ଆମେ ''ସମ୍ମାନର ପାତ୍ର'' ଭାବରେ ବୃଦ୍ଧି ପାଇବୁ (୨ତୀମଥି ୨:୨୦,୨୧) । ଏହାପରେ ଈଶ୍ୱର ଉଭୟ ଆମଠାରେ ଓ ସେବାକାର୍ଯ୍ୟରେ ଅନ୍ୟମାନଙ୍କ ନିକଟକୁ ଆମ ମାଧ୍ୟମରେ, ସେ କିଏ ଅଟନ୍ତି – ତାହା ଅଧିକରୁ ଅଧିକ ଉନ୍ମୋଚିତ କରି ତାଙ୍କ ପବିତ୍ର ଆତ୍ମାଙ୍କ ଅଭିଷେକ ଅବାଧରେ ଢାଳି ଦେଇପାରନ୍ତି ।

ଆମର ପ୍ରତିଦିନର ପ୍ରାର୍ଥନା ଦାଉଦଙ୍କର ପ୍ରାର୍ଥନା ଭଳି ହେଉ : ''ହେ ପରମେଶ୍ୱର, ମୋହର ଅନୁସନ୍ଧାନ କର ଓ ମୋ' ଅନ୍ତଃକରଣର ପରିଚୟ ନିଅ, ମୋତେ ପରୀକ୍ଷା କର ଓ ମୋହର ସଂକଳ୍ପସବୁ ଜ୍ଞାତ ହୁଅ, ଆଉ, ମୋ ଅନ୍ତରରେ ଦୁଷ୍ଟତାର କୌଣସି ମାର୍ଗ ଅଛି କି ନାହିଁ, ଏହା ଦେଖ, ପୁଣି ଅନନ୍ତ ପଥରେ ମୋତେ ଗମନ କରାଅ'' (ଗୀତ. ୧୩୯:୨୩,୨୪) ।

**ଗ) ବାଧ୍ୟତାରେ ଆଚରଣ –** ''ପୁଣି ଆମ୍ଭେମାନେ ଏହି ସମସ୍ତ ବିଷୟର ସାକ୍ଷୀ, ଆଉ ଯେଉଁ ପବିତ୍ର ଆତ୍ମାଙ୍କୁ ଈଶ୍ୱର ଆପଣା ଆଜ୍ଞାପାଳନକାରୀମାନଙ୍କୁ ଦେଇଅଛନ୍ତି, ସେ ମଧ୍ୟ ସାକ୍ଷୀ'' (ପ୍ରେରିତ ୫:୨୩,୨୪) ।

ଆମେ ପାଳକମାନଙ୍କର ବ୍ୟକ୍ତିଗତ ଜୀବନରେ ଈଶ୍ୱରଙ୍କ ବାକ୍ୟର ସ୍ଥାନ ଓ ପବିତ୍ର ଆତ୍ମାଙ୍କର ପରିବର୍ତ୍ତନକାରୀ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିସାରିଛୁ । ଏଗୁଡ଼ିକ ଏକ ଶୁଦ୍ଧତାର ଜୀବନ କାଟିବା ପାଇଁ ମୁଖ୍ୟ ବିଷୟ ଅଟେ ।

କିନ୍ତୁ, ଯଦି ଆମେ ଆଜ୍ଞାବହ ହେବାକୁ ଅସ୍ୱୀକାର କରିବୁ, ତେବେ ଆମ ଜୀବନରେ ଏହି ଉଭୟ ବିଷୟ ଫଳହୀନ ହୋଇଯାଇପାରେ ।



ଆମେ ଈଶ୍ୱର ଆଜ୍ଞାଗୁଡ଼ିକୁ ଅବଜ୍ଞା କରିବା ସମୟରେ କିମ୍ବା କେବଳ ଆମ ହୃଦୟରେ ପବିତ୍ର ଆତ୍ମା ଯାହା ପ୍ରକାଶ କରିଛନ୍ତି, ତାହା ପାଳନ କରିବାରେ ଅବହେଳା ଦେଖାଇବା ସମୟରେ ଆମେ ଅବାଧ୍ୟ ହୋଇଥାଉ (ଯାକୁବ ୧:୨୧–୨୫) । ଶାଉଲ ଏହି ପ୍ରକାର ବିଫଳତାର ଏକ ସ୍ପଷ୍ଟ ଦୃଷ୍ଟାନ୍ତ ଅଟନ୍ତି (୧ଶାମୁୟେଲ ୧୫:୧–୩୫ ଦେଖନ୍ତୁ) । ଦାଉଦ ଶାଉଲଙ୍କ ବିଫଳତାରୁ ଉତ୍ତମ ଶିକ୍ଷା ପାଇଥିଲେ ଓ ଏହି ଜଟିଳ ନିୟମ ବିଷୟରେ ଲେଖିଥିଲେ (ଗୀତ. ୪୦:୬–୮) ।

ମଣ୍ଡଳୀ ନେତାମାନେ, ପ୍ରାୟତଃ, ସେବା କରିବାକୁ ଓ ସେବାକାର୍ଯ୍ୟ ନିମନ୍ତେ ବଳିଦାନ ଦେବାକୁ ସୁଦ୍ଧା ଇଚ୍ଛା କରିଥା'ନ୍ତି । ତାହା ଭୁଲ୍ ନୁହେଁ । କିନ୍ତୁ ଈଶ୍ୱର ବଳିଦାନ ଅପେକ୍ଷା ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଇଚ୍ଛା କରନ୍ତି । ସେ ଆମର ନମ୍ର ଓ ବଶ୍ୟତାପୂର୍ଣ୍ଣ ବାଧ୍ୟତା ଆବଶ୍ୟକ କରନ୍ତି (୧ଶାମୁ. ୧୫:୨୨,୨୩) ।

ଆମେ ଆମର ଆନ୍ତରିକ ଉଦ୍ଦେଶ୍ୟ, ମନୋଭାବ ଓ ଦୈନିକ ଆଚରଣ ସମ୍ବନ୍ଧୀୟ ବିଷୟରେ ପ୍ରଭୁଙ୍କ ପ୍ରତି ଓ ତାଙ୍କ ବାକ୍ୟ ପ୍ରତି ବାଧ୍ୟ ହେବାର ଗୁରୁତ୍ୱକୁ ଅଧ୍ୟୟନ କରିସାରିଛୁ । କିନ୍ତୁ ଆତ୍ମାଙ୍କର କାର୍ଯ୍ୟ ପ୍ରଭୁଙ୍କର କାର୍ଯ୍ୟ – ଅର୍ଥାତ୍, ଉଭୟ ଆମେ ଯାହା କରୁ ଓ ଯେପରି ଭାବରେ ଏହା କରୁ, ତତ୍‌ସମ୍ବନ୍ଧୀୟ ବିଷୟରେ ଆମର ବାଧ୍ୟତା ମଧ୍ୟ ଆବଶ୍ୟକ କରେ ।

## ବାଧ୍ୟତା ମାଧ୍ୟମରେ ମିଳିତ ହେବା

ମୋଶା ଈଶ୍ୱରଙ୍କ ଚାଳନା ପ୍ରତି ବାଧ୍ୟ ହେବା ସମ୍ବନ୍ଧୀୟ ଏକ ଯନ୍ତ୍ରଣାପୂର୍ଣ୍ଣ ଶିକ୍ଷା ଲାଭ କରିଥିଲେ (ଗଣନା ୨୦:୭–୧୩) । ''... ସେମାନଙ୍କ ଦୃଷ୍ଟିଗୋଚରରେ ସେହି ଶୈଳକୁ ଆପଣା ଜଳ ଦେବା ପାଇଁ ଆଜ୍ଞା ଦିଅ'' ବୋଲି ଈଶ୍ୱର ମୋଶାଙ୍କୁ ଆଦେଶ ଦେଇଥିଲେ (୮ ପଦ) । ମାତ୍ର ଏହା ନ କରି, ମୋଶା ଶୈଳକୁ ଆଘାତ ଦେଇଥିଲେ (୧୧ ପଦ) । ଏହା ଫଳରେ ପ୍ରତିଜ୍ଞାତ ଦେଶ ମଧ୍ୟକୁ ପ୍ରବେଶ କରିବା ପାଇଁ ମୋଶା ଅନୁମତି ପାଇ ନ ଥିଲେ (୧୨ ପଦ, ଦ୍ୱି.ବିବ. ୩୧:୧,୨, ୩୨:୪୮–୫୨ ଦେଖନ୍ତୁ) । ମୋଶା କାହିଁକି ପ୍ରଭୁଙ୍କର ଏହି ସ୍ପଷ୍ଟ ଆଦେଶ ଅମାନ୍ୟ କରିଥିଲେ ? ଇସ୍ରାଏଲ ସନ୍ତାନଗଣ ଏହା ପୂର୍ବରୁ ଦୁଇଥର ପ୍ରାନ୍ତରରେ ଖାଦ୍ୟାଭାବ ଓ ତୃଷାର ସମ୍ମୁଖୀନ ହୋଇଥିଲେ (ଯାତ୍ରା ୧୫:୨୨–୨୬, ୧୭:୧–୭) । ପ୍ରଥମ ଘଟଣାରେ ତିକ୍ତ ଓ ପାନ କରିହେଉ ନ ଥିବା ଜଳ ଉପରେ ଗୋଟିଏ କାଷ୍ଠ ନିକ୍ଷେପ କରିବାକୁ ଈଶ୍ୱର ମୋଶାଙ୍କୁ ଆଦେଶ ଦେଇଥିଲେ । ଫଳରେ ଜଳ ମଧୁର ହୋଇଥିଲା । ଦ୍ୱିତୀୟ ଘଟଣାରେ, ଗୋଟିଏ ଶୈଳକୁ ଆଘାତ କରିବା ପାଇଁ ଈଶ୍ୱର ମୋଶାଙ୍କୁ କହିଥିଲେ ଓ ସେଥିରୁ ଜଳ ନିର୍ଗତ ହୋଇଥିଲା ।

କିନ୍ତୁ, ଏହି ତୃତୀୟ ଥର ଈଶ୍ୱର ମୋଶାଙ୍କୁ କିଛି ଭିନ୍ନ କାର୍ଯ୍ୟ କରିବାକୁ କହିଥିଲେ । ଶୈଳକୁ ଆଜ୍ଞା ଦେବା ପାଇଁ ସେ ମୋଶାଙ୍କୁ କହିଥିଲେ । କିନ୍ତୁ ମୋଶା ଏହା ନ କରି, ଗୋଟିଏ ପୂର୍ବ ପଦ୍ଧତି ପ୍ରୟୋଗ କରି ଶୈଳକୁ ଆଘାତ କରିଥିଲେ । ହୁଏତ ଈଶ୍ୱର ଯେଉଁ ନୂତନ ଉପାୟରେ ଗତିଶୀଳ ହେବାକୁ ଚାହୁଁଥିଲେ, ସେଥିପ୍ରତି ମୋଶା ଉନ୍ମୁକ୍ତ ନ ଥିଲେ । ହୁଏତ ମୋଶା ଇସ୍ରାଏଲ ସନ୍ତାନଗଣ ଅଭିଯୋଗ ଯୋଗୁ କ୍ରୁଦ୍ଧ କିମ୍ବା ଅଧୈର୍ଯ୍ୟ ଥିଲେ । ଆମେ ଏହା ନିଶ୍ଚିତ ଭାବରେ ଜାଣିନାହୁଁ । କିନ୍ତୁ ଆମେ ଏହା ଜାଣୁ : ମୋଶାଙ୍କର ଅବାଧ୍ୟତା ପ୍ରଭୁଙ୍କୁ ଅସନ୍ତୁଷ୍ଟ କରିଥିଲା (ଗଣନା ୨୦:୧୨) ।

ଏଠାରେ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହେଉଛି – ଏହି ପରିସ୍ଥିତିର ଫଳ ପଦ୍ଧତି ଭଳି ଏତେ ଗୁରୁତ୍ୱପୂର୍ଣ୍ଣ ନ ଥିଲା ! ଇସ୍ରାଏଲ ସନ୍ତାନଗଣ ସେମାନଙ୍କର ଅଭିଳଷିତ ଜଳ ପାଇଥିଲେ । କିନ୍ତୁ, ବାଧ୍ୟତା ସମ୍ବନ୍ଧରେ ଈଶ୍ୱରଙ୍କ ପଦକ୍ଷେପ ଫଳ ମଧ୍ୟରେ ଅନ୍ତର୍ଭୁକ୍ତ ନ ଥିଲା । ବରଂ, ଏହା ତାଙ୍କ ଉଦ୍ଦେଶ୍ୟ ସାଧନ ସମ୍ବନ୍ଧରେ ତାଙ୍କ ସେବକଙ୍କର ଈଶ୍ୱରଙ୍କ ମାର୍ଗର ସଂପୂର୍ଣ୍ଣ ସଫଳତାରେ ନିହିତ ଥିଲା ।

ଆମକୁ ଈଶ୍ୱରଙ୍କ ବାକ୍ୟ ଓ ପବିତ୍ର ଆତ୍ମାଙ୍କ ଚାଳନା ଅନୁସରଣ କରିବାକୁ ହେବ, ଯଦିଓ ଆମର ସୀମିତ ମନରେ ତା'ର କାରଣ ଆମେ ବୁଝୁନାହୁଁ (ଯିଶାଇୟ ୫୫:୮,୯, ୧କରିନ୍ଥୀ. ୧:୧୮-୨୫) । ଆମକୁ ନେତୃତ୍ୱ ଓ ଚାଳନା ଦେବା ପାଇଁ ଈଶ୍ୱର ତାଙ୍କ ପବିତ୍ର ଆତ୍ମା ଆମକୁ ପ୍ରଦାନ କରିଛନ୍ତି । ଈଶ୍ୱରଙ୍କ ସନ୍ତାନ ଭାବରେ, ଆମ ତାଙ୍କୁ ବିଶ୍ୱାସ କରିବାକୁ ଓ ତାଙ୍କର ଆଜ୍ଞାବହ ହେବାକୁ ଆହୂତ ହୋଇଅଛୁ (ରୋମୀୟ ୮:୧୪) ।

ଦୟାକରି ଏହା ବୁଝନ୍ତୁ ଯେ, ବାଧ୍ୟତା ଈଶ୍ୱରଙ୍କ ଆଶୀର୍ବାଦ କିମ୍ବା ଅଭିଷେକ ଅର୍ଜନ କରିବାର ବିଷୟ ନୁହେଁ । କିନ୍ତୁ ଆମେ ଯେତେବେଳେ ବାଧ୍ୟତା ଆଚରଣ କରୁ, ସେତେବେଳେ ଆମେ ପ୍ରଭୁଙ୍କ ସହିତ ଓ ତାଙ୍କ ବାକ୍ୟର ନିୟମାବଳି ସହିତ ନିଜ ନିଜକୁ ମିଳିତ କରିଥାଉ । ଆମେ ତାହା କରିବା ସମୟରେ, ଈଶ୍ୱରଙ୍କ ଅଭିଷେକକାରୀ ଶକ୍ତି ଅଧିକ ଭାବରେ ଆମ ପ୍ରତି ପ୍ରଦତ୍ତ ହୁଏ ।

ଏହି ନିୟମକୁ ପାଉଲ ଆଲୋଚନା କରିଥିଲେ – ''ଅନ୍ୟ ଭାଇମାନଙ୍କ ନିକଟରେ ପ୍ରଚାର କରି କାଳେ ମୁଁ ନିଜେ କୌଣସି ପ୍ରକାରେ ଅଗ୍ରାହ୍ୟ ହୁଏ, ଏଥିପାଇଁ ମୋହର ନିଜ ଶରୀରକୁ କଷ୍ଟ ଦେଇ ବଶରେ ଦାସ କରି ରଖୁଅଛି'' (୧କରିନ୍ଥୀ. ୯:୨୭) । ପାଉଲ ଏବିଷୟରେ ସଂପୂର୍ଣ୍ଣ ଭାବରେ ସଚେତନ ଥିଲେ ଯେ, ତାଙ୍କର ବ୍ୟକ୍ତିଗତ ଆଚରଣ ଯେପରି ଈଶ୍ୱର ତାଙ୍କୁ ପ୍ରଦାନ କରିଥିବା ସେବାକାର୍ଯ୍ୟ ସହିତ ପ୍ରତ୍ୟକ୍ଷ ଭାବରେ ସଂଯୁକ୍ତ ହେବ ।



## ନୂତନ ନିୟମ ଆଦର୍ଶ

ଜଣେ ପାଳକଙ୍କର ଜୀବନରେ ଦୁଇଟି ମୌଳିକ ବିଷୟ ରହିଥାଏ । ବ୍ୟକ୍ତିଗତ ଜୀବନ ଓ ସର୍ବସାଧାରଣ/ସେବାମୟ ଜୀବନ ଉଭୟ କ୍ଷେତ୍ରରେ ବାଧ୍ୟତା ନିମନ୍ତେ ଈଶ୍ୱରଙ୍କର ଆକାଂକ୍ଷା ଅନ୍ତର୍ଭୁକ୍ତ ଥାଏ । ଜଣେ ପାଳକଙ୍କର ଉଭୟ ବ୍ୟକ୍ତିଗତ ସର୍ବସାଧାରଣ ଜୀବନ ପବିତ୍ର ଆତ୍ମା ଏବଂ ଈଶ୍ୱରଙ୍କ ବାକ୍ୟର ଶୃଙ୍ଖଳା ଓ ବିକାଶ ଅଧୀନରେ ରହିବା ଆବଶ୍ୟକ ।

ଯଦି ଜଣେ ମଣ୍ଡଳୀ ନେତା ନିଜ ଜୀବନର ସମସ୍ତ କ୍ଷେତ୍ରରେ ବାଧ୍ୟତା ପ୍ରତି ଉତ୍ସର୍ଗୀକୃତ ଅଟନ୍ତି, ତେବେ ଈଶ୍ୱରଙ୍କ ଆତ୍ମାଙ୍କ ଅଭିଷେକ ପ୍ରତ୍ୟେକ କ୍ଷେତ୍ରକୁ ମଧ୍ୟ ପ୍ରବାହିତ ହେବ ।

ଏହା ବିଶ୍ୱାସ କରିବା ଏକ ଭୁଲ୍ ଅଟେ ଯେ, ଅଭିଷେକ କେବଳ ସର୍ବସାଧାରଣ ସେବାକାର୍ଯ୍ୟ ନିମନ୍ତେ ଉଦ୍ଦିଷ୍ଟ । ପ୍ରଭୁ ପରିବାରରେ ଓ ବ୍ୟକ୍ତିଗତ ଜୀବନରେ ଆପଣଙ୍କ ସଫଳତା ପାଇଁ ଏବଂ ଗୋଟିଏ ଧର୍ମନିରପେକ୍ଷ ଚାକିରୀ କିମ୍ବା ଅନ୍ୟ ପରିବେଶରେ ଆପଣଙ୍କୁ କିପରି ବ୍ୟବହାର କରିପାରିବେ, ଏଥିପାଇଁ ସମାନ ଭାବରେ ଚିନ୍ତିତ ଅଟନ୍ତି ।

ମଣ୍ଡଳୀ ନେତାମାନଙ୍କ ପାଇଁ ନୂତନ ନିୟମରେ ରହିଥିବା ଆବଶ୍ୟକୀୟ ବିଷୟଗୁଡ଼ିକ (୧ତୀମଥି ୩:୧-୭) ପାଳକ ଭାବରେ 'ଆମର ଆଦର୍ଶ' ମଧ୍ୟ ଅଟେ । ଆଦ୍ୟ ମଣ୍ଡଳୀର ପ୍ରାଚୀନମାନେ ସ୍ଥାନୀୟ ମଣ୍ଡଳୀଗୁଡ଼ିକରେ ପାଳକ ମଧ୍ୟ ଥିଲେ । ଏହିପରି ଭାବରେ, ସେମାନଙ୍କ ବ୍ୟକ୍ତିଗତ ଓ ସର୍ବସାଧାରଣ ଜୀବନ ନିମନ୍ତେ ଥିବା ନିର୍ଦ୍ଦେଶାବଳୀ ଓ ଆଦର୍ଶ ଆଜିର ପାଳକମାନଙ୍କ ନିମନ୍ତେ ଆଦର୍ଶ ଅଟେ ।

## ବାଇବଲ ଉଲ୍ଲିଖିତ ଧାରା

ଅନେକ ପାଳକ, ବିଶେଷଭାବରେ ସେମାନଙ୍କ ସ୍ତ୍ରୀ ଓ ପିଲାମାନଙ୍କ ଆବଶ୍ୟକତା ସହିତ ସଂପୃକ୍ତ ହେବା ସମୟରେ ଏହି ସମସ୍ତ ଆଦର୍ଶକୁ ଅବହେଳା କରନ୍ତି । ସେବାକାର୍ଯ୍ୟରେ ସମସ୍ତ ସମୟ ଉତ୍ସର୍ଗ କରିବା ପାଇଁ ସେମାନଙ୍କର ପରିବାରକୁ ଅବହେଳା କରିବା କୌଣସି ପ୍ରକାରେ ଧାର୍ମିକତା ବୋଲି ସେମାନେ ଚିନ୍ତା କରନ୍ତି । ଈଶ୍ୱରଙ୍କ ବାକ୍ୟ ଏହା ଅତି ସ୍ପଷ୍ଟଭାବରେ କହିଛି ଯେ, ଈଶ୍ୱର ପାଳକମାନଙ୍କୁ ଯାହା କରିବା ପାଇଁ ଆହ୍ୱାନ ଦେଇଛନ୍ତି, ଏହା ତାହା ନୁହେଁ !

ଜଣେ ସ୍ୱାମୀ (ଜଣେ ପାଳକ ମଧ୍ୟ) ନିଜର ପତ୍ନୀଙ୍କୁ ସେହିପରି ପ୍ରେମ କରିବା ଉଚିତ୍, ଯେପରି ଖ୍ରୀଷ୍ଟ ମଣ୍ଡଳୀକୁ ପ୍ରଚୁର ଓ ନିଃସ୍ୱାର୍ଥପର ଭାବରେ ପ୍ରେମ କରିଛନ୍ତି । ଜଣେ ପାଳକ ଓ ତାଙ୍କ ପତ୍ନୀ ପରସ୍ପରକୁ ପ୍ରେମ ଓ ସମ୍ମାନ ଦେଖାଇବା ଉଚିତ୍,

ପରସ୍ପର ନିମନ୍ତେ ପ୍ରାର୍ଥନା ଓ ପରସ୍ପରର ସେବା କରିବା ଉଚିତ୍ । ପିଲାମାନଙ୍କୁ ନଷ୍ଟ କରିବା କିମ୍ବା ଦାସ ଭଳି ବ୍ୟବହାର ଦେଖାଇବା ଅନୁଚିତ୍ । ବରଂ, ସେମାନଙ୍କୁ ପ୍ରତିପାଳନ ଓ ପ୍ରତିପୋଷଣ କରାଯିବା, ଧାର୍ମିକ ଓ ପ୍ରେମପୂର୍ଣ୍ଣ ମାର୍ଗରେ ବୃଦ୍ଧି କରିବା ଉଚିତ୍ । ଆମେ ଆମ ପିଲାମାନଙ୍କ ନିକଟରେ ଖ୍ରୀଷ୍ଟଙ୍କ ଚରିତ୍ରର ଓ ସେମାନଙ୍କର ପ୍ରେମମୟ ସ୍ୱର୍ଗୀୟ ପିତାଙ୍କର ଦୃଷ୍ଟାନ୍ତ ସ୍ୱରୂପ ହେବା ଉଚିତ୍ (ଏଫିସୀୟ ୫:୨୨-୩୩, ୬:୧-୪, କଲସୀୟ ୩:୧୮-୨୧, ୧ପିତର ୩:୭ ଦେଖନ୍ତୁ) ।

ଆମର ପରିବାରକୁ ପ୍ରାଥମିକତା ଦିଆଯିବା ଉଚିତ୍ । ସେମାନଙ୍କର ଆବଶ୍ୟକତା ପୂରଣ କରିବା ଆମର ଏପରି ଏକ ଦାୟିତ୍ୱ ଅଟେ, ଯାହାକୁ ଆମେ ଅବଜ୍ଞା କରିପାରିବା ନାହିଁ : "କିନ୍ତୁ ଯଦି କେହି ଆପଣା ଆତ୍ମୀୟ, ବିଶେଷରେ ଆପଣା ପରିବାରର ତତ୍ତ୍ୱ ନ ନିଏ, ସେ ବିଶ୍ୱାସମତ ଅସ୍ୱୀକାର କରିଅଛି, ଆଉ ସେ ଅବିଶ୍ୱାସୀଠାରୁ ଅଧମ ଅଟେ" (୧ତୀମଥି ୫:୮) । ବାଇବଲ ଉଲ୍ଲିଖିତ ଧାରା ହେଉଛି – ପ୍ରଥମେ ଈଶ୍ୱରଙ୍କ ସହିତ ଆମର ସଂପର୍କ, ଦ୍ୱିତୀୟରେ ଆମର ପରିବାର ଓ ଏହି ଦୁଇଟି ବିଷୟ ପରେ ସେବାକାର୍ଯ୍ୟ ଓ ଅନ୍ୟାନ୍ୟ ଦାୟିତ୍ୱ ।

ଜଣେ ପାଳକର ଅର୍ଥ ପରିଚାଳନା ମଧ୍ୟ ଈଶ୍ୱରଙ୍କ ବାକ୍ୟ ଓ ପବିତ୍ର ଆତ୍ମାଙ୍କ ନିୟମ ଦ୍ୱାରା ନିର୍ଦ୍ଦେଶିତ ହେବା ଉଚିତ୍ । ପାଳକଙ୍କୁ ଈଶ୍ୱର ଯୋଗାଇଥିବା ସମ୍ବଳଗୁଡ଼ିକ ବ୍ୟକ୍ତିଗତ ଭାବରେ –

- ଦଶମାଂସ ଓ ନୈବେଦ୍ୟ ମାଧ୍ୟମରେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ବ୍ୟବହୃତ ହେବା ଉଚିତ୍ ।
- ଆମ ପରିବାରର ଆବଶ୍ୟକତା ପୂରଣ ମାଧ୍ୟମରେ ବ୍ୟବହୃତ ହେବା ଉଚିତ୍ ।
- ଈଶ୍ୱର ଆମକୁ ଯାହା ଯୋଗାଇଛନ୍ତି, ସେଥିରୁ ଅନ୍ୟମାନଙ୍କୁ ଦେବା ଦ୍ୱାରା ବ୍ୟବହୃତ ହେବା ଉଚିତ୍ ।

## ଆମେ ଆବଶ୍ୟକ କରୁଥିବା ସମସ୍ତ ସାହାଯ୍ୟ

ଜଣେ ପାଳକଙ୍କର ସର୍ବସାଧାରଣ ସେବାକାର୍ଯ୍ୟ ଈଶ୍ୱରଙ୍କ ବାକ୍ୟ ପ୍ରତି ବାଧ୍ୟତା ଓ ପବିତ୍ର ଆତ୍ମାଙ୍କ ଚାଳନାରେ ମଧ୍ୟ ସଫଳ ହେବା ଉଚିତ୍ । ପବିତ୍ର ଆତ୍ମା ଆମକୁ ସାହାଯ୍ୟ କରିବେ ଓ ଆମର ନିର୍ଦ୍ଦିଷ୍ଟ ସେବା ପରିସ୍ଥିତିରେ ଆମକୁ ସେ କ'ଣ କରାଇବେ, ଏଥିପାଇଁ ପ୍ରାୟ ଚାଳନା ଦେବେ ।



ଆମେ ନିଜ ନିଜକୁ ସମର୍ପଣ ଓ ଶୃଙ୍ଖଳିତ କରିବା ସମୟରେ, ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବା ସମୟରେ, ପବିତ୍ର ଆତ୍ମାଙ୍କ ଚାଳନା ଅନୁସରଣ କରି ନିୟମିତ ପ୍ରାର୍ଥନା କରିବା ସମୟରେ ଆମେ ଖ୍ରୀଷ୍ଟିୟାନ ନେତା ଭାବରେ ବୃଦ୍ଧି ପାଇବା ଓ ପରିପକ୍ୱ ହେବା । ଆମେ କାର୍ଯ୍ୟ କରୁଥିବା ସମୟରେ ଆମେ ଆମ ଜୀବନ ଉପରେ ଓ ଆମ ସେବାକାର୍ଯ୍ୟ ମାଧ୍ୟମରେ ଈଶ୍ୱରଙ୍କ ଅଭିଷେକର ଏକ କ୍ରମବର୍ଦ୍ଧିଷ୍ଣୁ ସ୍ରୋତ ଆଶା କରିପାରିବା (ତୀମଥିଙ୍କୁ ପାଉଲଙ୍କର ଉତ୍ସାହ : ୧ତୀମଥି ୪:୧୨-୧୬, ୬:୧୧,୧୨,୨୦, ୨ତୀମଥି ୧:୬,୭,୧୩,୧୪, ୨:୧,୧୫,୧୬,୨୨-୨୫, ୪:୧-୫) । ଏହା ଆମ ନିମନ୍ତେ ଈଶ୍ୱରଙ୍କ ଇଚ୍ଛା ଅଟେ ! ସେ ସେହି ସମସ୍ତ ସାହାଯ୍ୟ ଯୋଗାନ୍ତି, ଯାହା ତାଙ୍କର ବିଶ୍ୱସ୍ତ ଭାବରେ ସେବା କରବାକୁ ଓ ତାଙ୍କ ମାର୍ଗାନୁସାରେ ଜୀବନ କାଟିବାକୁ ଆମେ ଆବଶ୍ୟକ କରିଥାଉ । କିନ୍ତୁ ଆମକୁ ବାଧ୍ୟ ହେବା ପାଇଁ ମନୋନୀତ କରିବାକୁ ହେବ !

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ –** ଯଦି ଜଣେ ପାଳକ କିମ୍ବା ମଣ୍ଡଳୀ ନେତା ନିଜର ବ୍ୟକ୍ତିଗତ ଓ ସର୍ବସାଧାରଣ ଜୀବନ ସମ୍ବନ୍ଧରେ ଥିବା ଏହି ଏହି ମୌଳିକ ନିୟମାବଳୀକୁ ଅମାନ୍ୟ କରନ୍ତି କିମ୍ବା ନିରନ୍ତର ଅବଜ୍ଞା କରନ୍ତି, ତେବେ ଈଶ୍ୱରଙ୍କ ଅଭିଷେକ ନିର୍ବାପିତ ହେବ । ଉଭୟ ଗୃହରେ ଓ ସେବାକାର୍ଯ୍ୟରେ ଫଳ ପୂର୍ଣ୍ଣତାର କ୍ଷତି ଘଟିବ ।

ସଂପୂର୍ଣ୍ଣ ଅନୁତାପ ଓ ଈଶ୍ୱରଙ୍କ ଉଦ୍ଦେଶ୍ୟ ପ୍ରତି ଏକ ପ୍ରକୃତ ପୁନଃସମର୍ପଣ ନ ହେଲେ, ନେତା ଉଭୟ ବ୍ୟକ୍ତିଗତଭାବେ ଓ ସେବାକାର୍ଯ୍ୟରେ ଧ୍ୱଂସର ବିପଦ ବରଣ କରନ୍ତି । ଏହି ଧ୍ୱଂସ ପାଇଁ ହୁଏତ ସମୟ ଲାଗିପାରେ, ମାତ୍ର ଏ ବିଷୟରେ ସୁନିଶ୍ଚିତ ରହନ୍ତୁ ଯେ, ଆମେ ଯାହା ବୁଣୁ, ତାହା ହିଁ କାଟୁ (ଗାଲା. ୬:୭,୮) ।

ଦୁଃଖର ବିଷୟ, ଆଜି ମଣ୍ଡଳୀରେ ଏପରି ପ୍ରତିଭାବାନ୍ ଓ ଶକ୍ତିଶାଳୀ ଅଭିଷିକ୍ତ ନେତାମାନେ ଅଛନ୍ତି, ଯେଉଁମାନେ ପ୍ରତାରଣାପୂର୍ଣ୍ଣ ଜୀବନ କାଟିବାକୁ ଆରମ୍ଭ କରିଛନ୍ତି ।

ଅନ୍ୟଭାଷାରେ, ସେମାନେ ଗୋଟିଏ ବିଷୟ ଶିକ୍ଷା ଦିଅନ୍ତି, ମାତ୍ର ଅନ୍ୟ ଉପାୟରେ ଜୀବନକାଟିବା ଆରମ୍ଭ କରନ୍ତି ।

ଆମେ ସମସ୍ତେ ବେଳେବେଳେ ବିଫଳ ହେବା, ଆଉ ଆମ ମଧ୍ୟରୁ କେହି ନିଷ୍ପାପ ଭାବରେ ସିଦ୍ଧ ନୁହଁନ୍ତି । କିନ୍ତୁ ମୁଁ ଏପରି ଏକ ସାମୟିକ ବିଫଳତା

ବିଷୟ କହୁନାହିଁ, ଯାହା ଘଟିବା ସଂଗେ ସଂଗେ ଅନୁତାପ ଆସିଥାଏ । ବରଂ, ମୁଁ ଗୋଟିଏ ନେତାର ବ୍ୟକ୍ତିଗତ ଜୀବନରେ ଈଶ୍ୱରଙ୍କ ବାକ୍ୟର ଆଦର୍ଶଗୁଡ଼ିକର ନିରନ୍ତର ଓ ଜଘନ୍ୟ ଉଲ୍ଲଙ୍ଘନ ବିଷୟ କହୁଅଛି ।

ଆମ ପିତା ଈଶ୍ୱର ଓ ଯୀଶୁଖ୍ରୀଷ୍ଟଙ୍କ ନାମ ଏହା ଦ୍ୱାରା ଅସମ୍ମାନିତ ହୁଏ । ଏହି ଜଗତର ଲୋକମାନେ ଏହି ପ୍ରତାରଣା ଦ୍ୱାରା ଖ୍ରୀଷ୍ଟଙ୍କ ମାଧ୍ୟମରେ ମିଳୁଥିବା ପରିତ୍ରାଣରୁ ଦୂରେଇ ଯାଆନ୍ତି । ଯେଉଁମାନେ ମଣ୍ଡଳୀରେ କିମ୍ବା ଆମ ନିଜ ପରିବାରରେ ଅଛନ୍ତି, ସେମାନେ ମଧ୍ୟ ନେତାମାନଙ୍କ ବ୍ୟକ୍ତିଗତ ଜୀବନରେ ଏହି ସତ୍ୟନିଷ୍ଠାର ଅଭାବ ଯୋଗୁ ଈଶ୍ୱର ସମ୍ବନ୍ଧୀୟ ବିଷୟରେ ଦ୍ୱନ୍ଦ୍ୱଗ୍ରସ୍ତ ହୁଅନ୍ତି ।

ଏହା ଭୁଲ୍ ଅଟେ, ଆଉ ଯଦି ଆପଣଙ୍କର ଆଚରଣ ଅନ୍ୟର ଝୁଣ୍ଟିବାର କାରଣ ହୁଏ, ତେବେ ଯୀଶୁ କେତେକ ଦଣ୍ଡ ସମ୍ବନ୍ଧରେ ସତର୍କ କରିଦେଇଛନ୍ତି (ଲୂକ ୧୭:୧,୨) । ଆମ କାର୍ଯ୍ୟ ଉପରେ ଈଶ୍ୱରଙ୍କ ଦଣ୍ଡ ସୁନିଶ୍ଚିତ ହେବ (୧କରନ୍ଥୀ. ୩:୧୧-୧୫) ।

## ଆମ ସମସ୍ତ ଜୀବନର ପ୍ରଭୁ

ବିଶ୍ୱାସୀ ଭାବରେ ପବିତ୍ର ଆତ୍ମା ଆମ ମଧ୍ୟରେ ବାସ କରନ୍ତି । ଈଶ୍ୱରଙ୍କ ଉଦ୍ଦେଶ୍ୟ ଯେପରି ସଫଳ ହେବ, ଏଥିନିମନ୍ତେ ସେ ଆମକୁ ଅଭିଷିକ୍ତ କରିଛନ୍ତି । କେବଳ ଆମର ସେବାକାର୍ଯ୍ୟ ନୁହେଁ, ମାତ୍ର ସଂପୂର୍ଣ୍ଣଭାବରେ ଆମ ଜୀବନକୁ ପରିପୂର୍ଣ୍ଣ କରିବା ତାଙ୍କର ଇଚ୍ଛା ଅଟେ । ଯୀଶୁ କେବଳ ଗୋଟିଏ ଅଂଶର ନୁହଁନ୍ତି, ମାତ୍ର ଆମ ସମସ୍ତ ଜୀବନର ଆମର ସଂପୂର୍ଣ୍ଣ ହୃଦୟର ପ୍ରଭୁ ଅଟନ୍ତି (୧ପିତର ୩:୧୫) । ଈଶ୍ୱର ଯେପରି ଗୌରବପ୍ରାପ୍ତ ହେବେ ଓ ଆମେ ଯେପରି ତାଙ୍କ ଉଦ୍ଦେଶ୍ୟ ସାଧନ ନିମନ୍ତେ ଫଳପ୍ରଦ ଉପକରଣ

> ଆମେ ନେତାମାନଙ୍କ ସହିତ ସଂପର୍କ ରଖିବା ଆବଶ୍ୟକ । ଅନ୍ୟ ନେତାମାନଙ୍କ ସହିତ ସୁସ୍ଥ ସଂପର୍କ ନ ରଖିଲେ ମଣ୍ଡଳୀର ନେତା ଭାବରେ ଆମ ଦକ୍ଷତାର ବୃହତ୍ତର ଭାଗ ବିନଷ୍ଟ ହୋଇଯିବ । ଆମେ ଯେତେ ବୁଝୁ କିମ୍ବା ଚାହୁଁ କିମ୍ବା ସ୍ୱୀକାର କରୁ, ତା'ଅପେକ୍ଷା ଅଧିକ ଏକ ଆରେକକୁ ଆବଶ୍ୟକ କରୁ ।



ହୋଇପାରିବୁ, ଏଥିପାଇଁ ଆମକୁ ଆମ ଜୀବନର ସମସ୍ତ କ୍ଷେତ୍ରରେ ପ୍ରଭୁ ଓ ତାଙ୍କ ବାକ୍ୟର ଆଜ୍ଞାବହ ହେବାକୁ ପଡ଼ିବ ।

**ଘ) ଆମେ ନେତାମାନଙ୍କ ସହିତ ସଂପର୍କ ଆବଶ୍ୟକ କରୁ –**

ପାଳକ ଓ ନେତାମାନେ, ସେମାନଙ୍କ ଜୀବନ ସମ୍ବନ୍ଧରେ ବିଭିନ୍ନ ବିଷୟ ପ୍ରକାଶ କରିବାକୁ ପ୍ରାୟ କୁଣ୍ଠାବୋଧ କରନ୍ତି । ସେମାନଙ୍କର ଅସୁରକ୍ଷାଭାବ ଏକ ଆରେକ ପ୍ରତି ଈର୍ଷା କିମ୍ବା ପ୍ରତିଦ୍ୱନ୍ଦିତାକୁ ଜନ୍ମ ଦେଇପାରେ । ଖ୍ରୀଷ୍ଟଙ୍କ ଶରୀରକୁ, ବିଶେଷ ଭାବରେ, ନେତାମାନଙ୍କୁ ବିଭାଜିତ ଓ ଏକ ଆରେକ ସମ୍ବନ୍ଧରେ ଭୟଭୀତ ରଖିବା ପାଇଁ ଶୟତାନ ଏହି ପ୍ରବୃତ୍ତିକୁ ନେଇ ଖେଳ ଖେଳେ ।

ମଣ୍ଡଳୀ ନେତା ଭାବରେ ଆମ ଦକ୍ଷତାର ଏକ ବିଶାଳ ଅଂଶ ଅନ୍ୟ ନେତାମାନଙ୍କ ସହିତ ସୁସ୍ଥ ସଂପର୍କ ବିନା ବିନଷ୍ଟ ହେବ । ଆମେ ଏକଆରେକକୁ ଆବଶ୍ୟକ କରୁ । ବୋଧହୁଏ ଆମେ ଯେତିକି ଉପଲବ୍ଧି କରୁ କିମ୍ବା ସ୍ୱୀକାର କରିବାକୁ ଚାହୁଁ, ତା'ଅପେକ୍ଷା ଅଧିକ ଆବଶ୍ୟକ କରୁ । ପାଳକମାନଙ୍କ ସମେତ ବିଶ୍ୱାସୀମାନେ ପରିବାର (ଭାଇ ଓ ଭଉଣୀ) ଅଟନ୍ତି । ଦଶମାଂସ, ପଦବୀ, ସାଂପ୍ରଦାୟିକ ମିଶ୍ରଣ କିମ୍ବା ଆପଣଙ୍କ ମଣ୍ଡଳୀର ଆକାରଠାରୁ ଯାହା ଆସେ, ତାହା ଅପେକ୍ଷା ଏହା ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ ।

ଖ୍ରୀଷ୍ଟଙ୍କ ଶରୀରରେ ବିଭିନ୍ନ ଦାନ ଓ ଭୂମିକା ଏକତ୍ର ସଫଳ ଭାବରେ କାର୍ଯ୍ୟ କରିବାକୁ ଆମ ନିମନ୍ତେ ପ୍ରଦତ୍ତ ହୋଇଅଛି (ରୋମୀ. ୧୨:୩-୮, ୧କରିନ୍ଥୀ. ୧୨) । ଅନ୍ୟ ବିଶ୍ୱାସୀ ଓ ନେତାମାନଙ୍କର ସାଥୀତ୍ୱ ବିନା ସେବାକାର୍ଯ୍ୟରେ ସଫଳ ହେବା ପାଇଁ ଯାହା ଆବଶ୍ୟକ, ତାହା ଆମ ମଧ୍ୟରୁ କାହାରି ନିକଟରେ ନ ଥାଏ । କିନ୍ତୁ ଏହି ପ୍ରକାର ଏକତା ପାଇଁ ପରିପକ୍ୱତା, ପ୍ରେମ, ଦାସତ୍ୱ ଓ ନମ୍ରତା ଆବଶ୍ୟକ ହୁଏ ।

## ବଳିଷ୍ଠ ସମର୍ଥନ

ବିଶେଷ ଭାବରେ, ପାଳକମାନେ ଏକଆରେକକୁ ଆବଶ୍ୟକ କରନ୍ତି । ଆମକୁ ଅନ୍ୟ ପାଳକ ଓ ଧର୍ମପରାୟଣ ନେତାମାନଙ୍କ ସଂପର୍କ ସ୍ଥାପନ ନିମନ୍ତେ ସୁଯୋଗ ଅନ୍ୱେଷଣ କରିବାକୁ ହେବ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, 'ପାରସ୍ପରିକ ଉତ୍ତର ଦାୟିତ୍ୱ' ସୃଷ୍ଟି କରିବା । ଆମର ଆତ୍ମିକ ସୁସ୍ଥତା ଓ ବିଫଳତାରୁ ସୁରକ୍ଷା ନିମନ୍ତେ ଆମକୁ ଏହା ରଖିବାକୁ ହେବ ।

ଏହିପ୍ରକାର ସଂପର୍କ ପ୍ରକୃତ ଉନ୍ମୁକ୍ତ ଭାବକୁ, ଆମର ଆହ୍ୱାନ, ଜୀବନ ଓ ସେବାକାର୍ଯ୍ୟରେ ଅସୁବିଧା ଓ ବିଜୟ ଜଣାଇବା ପାଇଁ ଏକ ସ୍ଥାନକୁ ଅନୁମତି

ଦେବା ଉଚିତ୍ । ଏହି ବନ୍ଧୁତା ଓ ସଂପର୍କର ପରିସରରେ, ଆମେ ସେବା, ପ୍ରାର୍ଥନା ଓ ବାଇବଲ ଉଲ୍ଲିଖିତ ପରାମର୍ଶ ପ୍ରାପ୍ତ ହୋଇପାରିବା ।

ଆମର ଅଭିବୃଦ୍ଧି ଓ ପରିପକ୍ୱତା ନିମନ୍ତେ ଈଶ୍ୱର ଏହିପ୍ରକାର ସଂପର୍କ ଚାହାଁନ୍ତି : ‘‘ଯେପରି ଲୁହା ଲୁହାକୁ ସତେଜ କରେ, ସେପରି ମନୁଷ୍ୟ ଆପଣା ବନ୍ଧୁର ମୁଖ ସତେଜ କରେ’’ (ହିତୋ. ୨୭:୧୭) ।

ଏହି ବିଶ୍ୱସନୀୟ ସଂପର୍କ ଆମର ଭୟ, ଚିନ୍ତା ଓ ପ୍ରଲୋଭନ ଜଣାଇବା ପାଇଁ ଏକ ସୁରକ୍ଷିତ ସ୍ଥାନ ଯୋଗାଇପାରେ । ଆମେ ଆମର ଭୁଲ୍ ଓ ପାପକୁ ସ୍ୱୀକାର କରି (ଯାକୁବ ୫:୧୬) ସେବାକାର୍ଯ୍ୟ ଓ ଉତ୍ସାହ ପାଇପାରିବା ।

ସେବାକାର୍ଯ୍ୟରେ ଥିବା ପ୍ରତ୍ୟେକ ବ୍ୟକ୍ତି ପ୍ରେରଣା ଆବଶ୍ୟକ କରେ । ବ୍ୟକ୍ତିଗତ ବିଫଳତା ମଧ୍ୟରେ ପଡ଼ି ସେବାକାର୍ଯ୍ୟ ପରିତ୍ୟାଗ କରିବା ପାଇଁ ଶୟତାନ ନେତାମାନଙ୍କୁ ପ୍ରଲୁବ୍ଧ କରିବାକୁ କଠୋର ପରିଶ୍ରମ କରିପାରେ । ବେଳେବେଳେ ଲୋକମାନେ – ଏପରିକି ଆମ ନିଜସ୍ୱ ମଣ୍ଡଳୀର ଲୋକମାନେ ହୁଏତ ଆମକୁ ଭୁଲ୍ ବୁଝିପାରନ୍ତି କିମ୍ବା ଆମର ବିରୋଧ କରିପାରନ୍ତି କିମ୍ବା ଆମ ପ୍ରତି ଘୃଣା ପ୍ରଦର୍ଶନ କରିପାରନ୍ତି । ଆମେ ଖ୍ରୀଷ୍ଟଙ୍କ ମାଧ୍ୟମରେ ବିଜୟୀ ହୋଇ ବାହାରିବା ପାଇଁ ଏହିପରି ସମୟ ମଧ୍ୟରେ ଆମକୁ ସାହାଯ୍ୟ କରିବାକୁ ଆତ୍ମିକ ଭାବରେ ବଳିଷ୍ଠ ଓ ବିଶ୍ୱସ୍ତ ବନ୍ଧୁମାନଙ୍କର ସମର୍ଥନ ଆବଶ୍ୟକ କରୁ !

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ –** ଏହି ମିଥ୍ୟାରେ ବିଶ୍ୱାସ କରନ୍ତୁ ନାହିଁ ଯେ, ଆପଣଙ୍କ ଜୀବନରେ ଅନ୍ୟ ଲୋକମାନଙ୍କୁ ଆବଶ୍ୟକ ନ କରିବା ଅଧିକ ‘‘ଆତ୍ମିକ’’ ଅଟେ । ବରଂ, ଆମେ ଯେତେ ଅଧିକ ପରିପକ୍ୱ ହେବା, ସେତେ ଅଧିକ ଖ୍ରୀଷ୍ଟଙ୍କ ଶରୀରରେ ପବିତ୍ର ସଂପର୍କ ନିମନ୍ତେ ଥିବା ଆମର ଆବଶ୍ୟକତାକୁ ଉପଲବ୍ଧି କରିବା । ପାଉଲ ଆମକୁ ଏହା କହିଥିଲେ ଯେ, ଆମେ ଏକତ୍ର ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ଈଶ୍ୱରଙ୍କ ମନ୍ଦିର ଗଠନ କରୁ (୧କରିନ୍ଥୀ. ୩:୧୬,୧୭) ।

ଏହି ବନ୍ଧୁତା ଓ ଉତ୍ତରଦାୟୀ ଦଳଗୁଡ଼ିକୁ ପ୍ରାର୍ଥନା ପୂର୍ବକ ଓ ଯତ୍ନପୂର୍ବକ ମନୋନୀତ କରିବା ଉଚିତ୍ । ଆପଣ ଜାଣିଥିବା ପ୍ରତ୍ୟେକ ଲୋକ ପ୍ରାର୍ଥନା ନିମନ୍ତେ ଅନୁରୂପୀ ସାଥୀ ହେବେ ନାହିଁ, କିମ୍ବା ବିଶ୍ୱାସଭାଜନ ହେବା ପାଇଁ ସମସ୍ତଙ୍କ ପାଖରେ ପରିପକ୍ୱତା ନାହିଁ । ଏପରି ବ୍ୟକ୍ତିମାନଙ୍କୁ ଖୋଜନ୍ତୁ, ଯେଉଁମାନଙ୍କୁ ଆପଣ ସମ୍ମାନ ଦେଖାଇପାରିବେ ଓ ବିଶ୍ୱାସ କରିପାରିବେ ।



ସେହିମାନଙ୍କୁ ଅନ୍ୱେଷଣ କରନ୍ତୁ, ଯେଉଁମାନଙ୍କ ନିକଟରେ ପରିପକ୍ୱତା, ଜ୍ଞାନ ଓ ପ୍ରେମରେ ପ୍ରକୃତ ସତ୍ୟ କହିବା ପାଇଁ ପବିତ୍ର ଆତ୍ମାଙ୍କ ପ୍ରତି ସମ୍ବେଦନଶୀଳତା ଥିବ ।

ଏହିପ୍ରକାର ଦଳରେ ପ୍ରାର୍ଥନା ଆପଣଙ୍କ ସମୟ ମୁଖ୍ୟ ବିଷୟ ହେବା ଉଚିତ୍ । ଆହୁରି ମଧ ଏହି ଦଳଗୁଡ଼ିକ ସମାନ ଲିଙ୍ଗବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ, ଅର୍ଥାତ୍, ପୁରୁଷ ସହିତ ପୁରୁଷ ଓ ନାରୀ ସହିତ ନାରୀ ମଧ୍ୟରେ ସହଭାଗିତା ରଖିବା ଉଚିତ୍ ।

ଏହି ଗୁରୁତ୍ୱପୂର୍ଣ୍ଣ ସଂପର୍କ ଆମକୁ ‘ତୀକ୍ଷଣ’ ଓ ଅଭିବୃଦ୍ଧି, ଶୁଦ୍ଧତା ଏବଂ ଶ୍ରେଷ୍ଠତର ଅଭିଷେକର ପଥ ମଧ୍ୟରେ ଦୃଢ଼ଭାବରେ ସ୍ଥାପନ କରିବ ।

### ୩) ପ୍ରକୃତ ଅଭିଷେକର ସାତୋଟି ଲକ୍ଷଣ

ଅଭିଷେକର ପ୍ରକୃତି ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଦ୍ୱନ୍ଦ, ପ୍ରାୟତଃ, ଗୋଟିଏ ସେବାକାର୍ଯ୍ୟ ପ୍ରତି ଏକକ କିମ୍ବା ସ୍ୱଳ୍ପକାଳୀନ ଉନ୍ମୋଚନ ଯୋଗୁ ଘଟିଥାଏ । ଏହା ହୁଏତ ଗୋଟିଏ ଶକ୍ତିପୂର୍ଣ୍ଣ ଶିକ୍ଷା, ଗୋଟିଏ ପ୍ରଭାବଶାଳୀ ପ୍ରାର୍ଥନା କିମ୍ବା ଗୋଟିଏ ସଭାରେ ଚିହ୍ନ କିମ୍ବା ଅଲୌକିକ କାର୍ଯ୍ୟର ଉପସ୍ଥିତି ହୋଇପାରେ ।

ଏହି ସ୍ୱଳ୍ପକାଳୀନ ମତ ଦୁଇଟି ଉପାୟରେ ଭୁଲ୍ ବୁଝାମଣା ଦିଗକୁ ପଥ କଢ଼ାଇପାରେ । ପ୍ରଥମରେ, ଅଭିଷେକକୁ ସେବାକାର୍ଯ୍ୟରେ ଉତ୍ସାହ, ପ୍ରତିଭା, ଦାନ, ଶୈଳୀ କିମ୍ବା କୌଶଳ ଭାବରେ, ଭୁଲ୍ ଭାବରେ ଦେଖିବା ସହଜ ହୋଇଥାଏ । ଦ୍ୱିତୀୟରେ, ଆମେ ହୁଏତ ଏହା ଭାବିପାରୁ ଯେ, ଅଲୌକିକ ପରିପ୍ରକାଶର ଏକ ଚୂଡ଼ାନ୍ତ ମୁହୂର୍ତ୍ତ ହେଉଛି ଅଭିଷେକର ମୁଖ୍ୟ ଉଦ୍ଦେଶ୍ୟ ।

ଯଦିଓ ଏହି ସମସ୍ତ ଆଶ୍ଚର୍ଯ୍ୟଜନକ କିମ୍ବା ଆନନ୍ଦଜନକ ମୁହୂର୍ତ୍ତଗୁଡ଼ିକ ପ୍ରକୃତରେ ପବିତ୍ର ଆତ୍ମାଙ୍କ ଅଭିଷେକର ଫଳ ହୋଇପାରେ, ତଥାପି ଆମକୁ ଏହା ସ୍ମରଣରେ ରଖିବାକୁ ହେବ ଯେ, ଅଭିଷେକ ତାହା ଅପେକ୍ଷା ଅଧିକ ଅଟେ ।

ଅଭିଷେକ ସମ୍ବନ୍ଧରେ ଏକ ଦୀର୍ଘକାଳୀନ ମତର ବିକାଶ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ହେଉଛି ଏହି ଜ୍ଞାନ ଯେ, ପ୍ରକୃତ ଅଭିଷେକ ଲୋକମାନଙ୍କର ପରିବର୍ତ୍ତିତ ଜୀବନ ଉତ୍ପନ୍ନ କରିବ (ରୋମୀ. ୧୨:୧,୨) ।

ମୁଁ ପରିବର୍ତ୍ତିତ ଜୀବନର ଅର୍ଥ, ସେହି ଜୀବନଗୁଡ଼ିକୁ ବୁଝେ, ଯେଉଁଗୁଡ଼ିକ ଈଶ୍ୱରଙ୍କ ବାକ୍ୟ ଓ ପ୍ରାର୍ଥନାରେ ଦୃଢ଼ଭାବରେ ରୋପିତ ହୋଇଥା’ନ୍ତି । ପରିବର୍ତ୍ତିତ ଜୀବନ କାଟୁଥିବା ଲୋକମାନେ ସାକ୍ଷ୍ୟଦାନ ଓ ପ୍ରେମପୂର୍ଣ୍ଣ ସେବା ମାଧ୍ୟମରେ ସେମାନଙ୍କ

ଚତୁର୍ଦ୍ଦିଗସ୍ଥ ଜଗତ ନିକଟରେ ପହଞ୍ଚୁଥା'ନ୍ତି । ସେମାନେ ନମ୍ରଭାବରେ ଓ ଅନୁତାପର ସହିତ ଆଚରଣ କରି ପାପ ଓ ଶାରୀରିକ କାର୍ଯ୍ୟଗୁଡ଼ିକର ପ୍ରତିରୋଧ କରୁଥା'ନ୍ତି । ସେମାନେ ଖ୍ରୀଷ୍ଟଙ୍କ ଶରୀରରେ ସକ୍ରିୟ ଥାଆନ୍ତି । ସେମାନଙ୍କର ଆତ୍ମିକ ଦାନଗୁଡ଼ିକୁ ଆବିଷ୍କାର କରି ସେମାନେ ସେଗୁଡ଼ିକୁ ସେବାକାର୍ଯ୍ୟରେ ବ୍ୟବହାର କରୁଥା'ନ୍ତି । ସେମାନେ ସବୁ ସମୟରେ ଅଧିକ ଖ୍ରୀଷ୍ଟ-ସଦୃଶ ହେଉଥା'ନ୍ତି ।

ଏହି ସମସ୍ତ ବିଷୟ ଜଣେ ପରିବର୍ତ୍ତିତ ନେତାଙ୍କ ସମ୍ବନ୍ଧରେ ତଥା ଯେଉଁମାନଙ୍କ ନିକଟରେ ଜଣେ ଅଭିଷିକ୍ତ ମଣ୍ଡଳୀ ନେତା ପ୍ରଚାର କରୁଥା'ନ୍ତି, ତାଙ୍କ ସମ୍ବନ୍ଧରେ ସତ୍ୟ ହେବା ଉଚିତ୍ ।

ପ୍ରକୃତରେ ଅଭିଷିକ୍ତ ସେବାକାର୍ଯ୍ୟ ସୁସଂଗତ ଭାବରେ ଫଳପ୍ରଦ ହେବ ଏବଂ ଏହାର ଫଳସ୍ୱରୂପେ ନିରନ୍ତର ଜୀବନଗୁଡ଼ିକ ପରିତ୍ରାଣପ୍ରାପ୍ତ ହେବେ ଓ ଖ୍ରୀଷ୍ଟଙ୍କ ଅନୁଗାମୀ ଭାବରେ ଶିଷତ୍ୱ ଲାଭ କରିବେ ।

ଅଭିଷିକ୍ତ ସେବାକାର୍ଯ୍ୟ ପ୍ରତିଷ୍ଠା, ଧନ କିମ୍ବା ସହଜ ଜୀବନ ପାଇଁ ଏକ ମାର୍ଗ ନୁହେଁ । ପ୍ରେରିତ ପାଉଲ ଜଣେ ପ୍ରଭାବଶାଳୀ ଅଭିଷିକ୍ତ ବ୍ୟକ୍ତି, ଈଶ୍ୱରଙ୍କ ବହୁଳ ବ୍ୟବହୃତ ବ୍ୟକ୍ତି ଥିଲେ । ତଥାପି, ସେ ଅତ୍ୟନ୍ତ ଦୁଃଖଭୋଗ କରିଥିଲେ, ଦରିଦ୍ର ଥିଲେ ଓ ପ୍ରାୟ ତାଡ଼ନାପ୍ରାପ୍ତ ହୋଇଥିଲେ, କାରାଗାରରେ ସମୟ କାଟିଥିଲେ ଓ ଯେଉଁ ମଣ୍ଡଳୀର ସେବା କରିବାକୁ ସେ ଚେଷ୍ଟା କରିଥିଲେ, ସେହି ମଣ୍ଡଳୀ ଦ୍ୱାରା ସୁଦ୍ଧା ଘୃଣିତ ହୋଇଥିଲେ (୨କରିନ୍ଥି. ୪:୮-୧୫, ୭:୨-୬, ୧୧:୨୩-୩୩) । ପାଉଲଙ୍କ ଜୀବନ ରୋମ୍‌ରେ ଜଣେ ହତ୍ୟାକାରୀ (ମୃତ୍ୟୁ ଦଣ୍ଡ ପାଇଁ ନିଯୁକ୍ତ ବ୍ୟକ୍ତି)ର କୁରାଢ଼ୀ ଚୋଟରେ ମସ୍ତକଚ୍ଛେଦନ ଦ୍ୱାରା ସମାପ୍ତ ହୋଇଥିଲା । ତଥାପି ଠିକ୍ ମୃତ୍ୟୁ ପୂର୍ବରୁ, ପାଉଲ ଏହି ଘୋଷଣା କରିଥିଲେ ଯେ, ତାଙ୍କର ସଂପୂର୍ଣ୍ଣ ପୁରସ୍କାର ଥିଲା, ସେହି ''ଧାର୍ମିକତାର ମୁକୁଟ, ଯାହା ସେହି ମହାଦିନରେ ନ୍ୟାୟବାନ୍ ବିଚାରକର୍ତ୍ତା ପ୍ରଭୁ ମୋତେ ଦେବେ, ପୁଣି କେବଳ ମୋତେ ନୁହେଁ, ମାତ୍ର ଯେତେ ଲୋକ ତାହାଙ୍କ ଆଗମନକୁ ପ୍ରିୟଜ୍ଞାନ କରନ୍ତି, ସେ ସମସ୍ତଙ୍କୁ ଦେବେ'' (୨ତୀମଥି ୪:୮) ।

ପାଉଲଙ୍କ ଜୀବନ ''ସଫଳତା'' ସମ୍ବନ୍ଧରେ ଥିବା ଜଗତର ଆଦର୍ଶ ଅନୁସାରେ ଅତ୍ୟଧିକ ସଫଳ ନ ଥିଲା । ଏପରିକି ଆଜି ମଧ୍ୟ କେତେକ ଖ୍ରୀଷ୍ଟିୟାନ ଏହା ଚିନ୍ତା କରିପାରନ୍ତି ନାହିଁ ଯେ, ପାଉଲ ପ୍ରେରିତ ଅପେକ୍ଷା ଅଧିକ ପ୍ରଭାବଶାଳୀ ଥିଲେ ।

କିନ୍ତୁ ଯୀଶୁଖ୍ରୀଷ୍ଟଙ୍କର ସୁସମାଚାରକୁ ସାହସର ସହିତ ଘୋଷଣା କରିଥିଲେ ବୋଲି ପାଉଲଙ୍କର ଖ୍ୟାତି ଥିଲା (ପ୍ରେରିତ ୧୭:୧-୬) । ସେ ପ୍ରେତାତ୍ମା ସ୍ତରରେ



ସୁଦ୍ଧା ଜଣେ କର୍ତ୍ତୃତ୍ୱଧାରୀ ଓ କ୍ଷମତାଶାଳୀ ବ୍ୟକ୍ତି ଭାବରେ ପରିଚିତ ଥିଲେ (ପ୍ରେରିତ ୧୯:୧୫) । ସେ ଅନ୍ୟମାନଙ୍କୁ ଶିକ୍ଷା ଦେଉଥିଲେ, ଶିଷ୍ୟ କରୁଥିଲେ ଓ ମଣ୍ଡଳୀ ସ୍ଥାପନ କରୁଥିଲେ । ଆମ ନୂତନ ନିୟମର ଏକ ସଂପୂର୍ଣ୍ଣ ତୃତୀୟାଂଶ ଲେଖିବା ପାଇଁ ପାଉଲ ପବିତ୍ର ଆତ୍ମାଙ୍କର ପ୍ରେରଣା ପାଇଥିଲେ (ନିଜ ବିଶ୍ୱାସ ପାଇଁ କାରାଗାରରେ ଥିବା ସମୟରେ ଅଧିକାଂଶ ଲେଖା ସେ ଲେଖିଥିଲେ) । ଆଉ ସେହି ସମୟର ପରିଚିତ ଜଗତରେ ସୁସମାଚାର ପ୍ରଚାର କରିବା ନିମନ୍ତେ ପ୍ରେରିତ ପାଉଲ ଜଣେ ମୁଖ୍ୟ ପ୍ରତିନିଧି ଥିଲେ । ପାଉଲ 'ପ୍ରକୃତରେ' ଈଶ୍ୱରଙ୍କର ଅଭିଷିକ୍ତ ଥିଲେ, ପବିତ୍ର ଆତ୍ମାଙ୍କ ଶକ୍ତିରେ ପରିପୂର୍ଣ୍ଣ ଥିଲେ (କଲସୀୟ ୧:୨୪-୨୯) ।

ଆମକୁ ଈଶ୍ୱରଙ୍କ ଅଭିଷେକର ଉଦ୍ଦେଶ୍ୟ ସମ୍ବନ୍ଧରେ ସ୍ପଷ୍ଟ ହେବାକୁ ପଡ଼ିବ । ଆମର ବ୍ୟକ୍ତିଗତ ଲାଭ ନିମନ୍ତେ କିମ୍ବା ଅନ୍ୟ ଲୋକମାନଙ୍କର ଆମୋଦ ନିମନ୍ତେ ଆମକୁ ଈଶ୍ୱରଙ୍କ ଅଭିଷେକ ପ୍ରଦତ୍ତ ହୋଇନାହିଁ । ଈଶ୍ୱରଙ୍କ ଉଦ୍ଦେଶ୍ୟ ସଫଳ ହେବା ନିମନ୍ତେ ଏହା ଉଦ୍ଦିଷ୍ଟ ଅଟେ! ଏହା ଏପରି ଭାବରେ ପ୍ରଚାର କରିବା ନିମନ୍ତେ ଉଦ୍ଦିଷ୍ଟ ଅଟେ ଯେପରି ଲୋକମାନଙ୍କର ଜୀବନ ଈଶ୍ୱରଙ୍କ ବାକ୍ୟ ଓ ଶକ୍ତି ଦ୍ୱାରା ପରିବର୍ତ୍ତିତ ହେବ ।

## ନିଜ ନିଜକୁ ପରୀକ୍ଷା କରିବା

ଈଶ୍ୱରଙ୍କ ବିଷୟ କ'ଣ ଓ ମନୁଷ୍ୟର ବିଷୟ କ'ଣ, ତାହା ଜାଣିବା ପାଇଁ ଏହି ଦିନଗୁଡ଼ିକରେ ଆମକୁ ଚିହ୍ନିବା ଶକ୍ତି ବ୍ୟବହାର କରିବାକୁ ହେବ । ଈଶ୍ୱରଙ୍କ ଆତ୍ମାଙ୍କଠାରୁ କ'ଣ ଆଗତ ଓ ଏକ ଭିନ୍ନ ଆତ୍ମାଠାରୁ କ'ଣ ଆଗତ, ତାହା ଆମକୁ ଚିହ୍ନିବାକୁ ହେବ (୨କରିନ୍ଥି. ୧୧:୪) । ବାଇବଲ ଆମକୁ ଏହା କହିଛି ଯେ, ସମୟ ଅଗ୍ରସର ହେବା ସମୟରେ ପ୍ରେତାତ୍ମାର ପରିସର କ୍ରମେ ଲୋକମାନଙ୍କୁ ବିଭ୍ରାନ୍ତ କରିବାକୁ ଅଧିକ ଚେଷ୍ଟା କରିବ । ଏପରିକି ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କଠାରୁ ଯାହା ପ୍ରକୃତରେ ଆଗତ, ତାହାକୁ ଅଗ୍ରାହ୍ୟ କରି ପ୍ରତାରିତ ଓ ବିଭ୍ରାନ୍ତ ହେବେ (୨ତୀମଥି. ୩:୧-୯, ୪:୩,୪) ।

ଆମେ ''ଆତ୍ମାଗୁଡ଼ିକୁ ପରୀକ୍ଷା କରିବା'' ଆବଶ୍ୟକ (୧ଯୋହନ ୪:୧-୬), କାରଣ ଶୟତାନ ସକ୍ରିୟ ଭାବରେ ଲୋକମାନଙ୍କୁ ପ୍ରତାରିତ କରିବା ପାଇଁ ଓ ଧ୍ୱଂସ କରିବା ପାଇଁ ଚେଷ୍ଟା କରିଥାଏ (୨କରିନ୍ଥି. ୨:୧୧, ୧୦:୧-୫, ୧୧:୧୪, ୧ପିତର ୫:୮) । ଆହୁରି ମଧ୍ୟ, ଦୁଷ୍ଟ ଲୋକମାନେ ନିଜ ନିଜର ସ୍ୱାର୍ଥ ସାଧନ ପାଇଁ

ଈଶ୍ୱର ଓ ଆତ୍ମିକ ବିଷୟଗୁଡ଼ିକୁ ବ୍ୟବହାର କରିବାକୁ ଚେଷ୍ଟା କରନ୍ତି (୨କରିନ୍ଥୀ. ୧୧:୧୩-୧୫, ଫିଲିପ୍ପୀ. ୧:୧୫,୧୬, ୨ପିତର ୨)।

ତେବେ ପ୍ରକୃତରେ ପବିତ୍ର ଆତ୍ମାଙ୍କର ଅଭିଷେକ କ'ଣ, ତାହା ଆମେ କିପରି ଜାଣିପାରିବା ? ଆମେ ଯେ ଅଭିଷେକ ସମ୍ବନ୍ଧରେ ବିଶ୍ୱସ୍ତ ଭାବରେ ଓ ଖ୍ରୀଷ୍ଟଙ୍କ ପ୍ରତି ଆଜ୍ଞାବହତାରେ ଆଚରଣ କରୁଅଛୁ, ସେ ବିଷୟରେ ସୁନିଶ୍ଚିତ ହେବା ପାଇଁ ଆମେ କେତେ ପରିମାଣରେ ନିଜ ନିଜକୁ ପରୀକ୍ଷା କରିବା ?

ପବିତ୍ର ଆତ୍ମାଙ୍କ ଅଭିଷେକ ସମ୍ବନ୍ଧରେ ଯେଉଁ ସାତୋଟି ଲକ୍ଷଣ ଦେଖାଦେବ, ତାହା ନିମ୍ନରେ ପ୍ରଦତ୍ତ ହୋଇଛି –

ପବିତ୍ର ଆତ୍ମାଙ୍କର ପ୍ରକୃତ ଅଭିଷେକ –

୧) ମନୁଷ୍ୟମାନଙ୍କୁ ନୁହେଁ କିମ୍ବା ସେବାକାର୍ଯ୍ୟକୁ ସୁଦ୍ଧା ନୁହେଁ, ମାତ୍ର ସର୍ବଦା ଯୀଶୁଙ୍କର ଗୌରବ କରିବ (ଯୋହନ ୧୬:୧୪)।

୨) ପବିତ୍ର ଆତ୍ମା ଈଶ୍ୱରଙ୍କର ଲିଖିତ ବାକ୍ୟ ଆଦୌ ଉଲ୍ଲଙ୍ଘନ କରୁ ନ ଥିବାରୁ ଈଶ୍ୱରଙ୍କ ବାକ୍ୟର ସଂପୂର୍ଣ୍ଣ ଉପଦେଶ ପ୍ରତି ବିଶ୍ୱସ୍ତ ରହିବ ଓ ତା' ସହିତ ସୁସଂଗତ ରହିବ (ଯୋହନ ୧୪:୨୬)।

୩) ସେବା ପ୍ରତି ଉନ୍ମୁକ୍ତ ଥିବା କିମ୍ବା ସେବା ପାଉଥିବା ଲୋକମାନଙ୍କଠାରେ ଆତ୍ମିକ ଜୀବନ ସଂଘଟିତ କରିବ (ଯୋହନ ୬:୬୩) – ଲୋକମାନେ ଯୀଶୁଙ୍କ ପ୍ରତି, ତାଙ୍କ ବାକ୍ୟ ଓ ମାର୍ଗ ପ୍ରତି ଅଧିକ ସମର୍ପିତ ହେବେ ।

୪) ଅନ୍ୟ କୌଣସି ବ୍ୟକ୍ତି କିମ୍ବା ଚିହ୍ନ ଓ ଅଦ୍ଭୁତ କର୍ମ ପ୍ରତି ନୁହେଁ, ମାତ୍ର ଯୀଶୁ ଓ ତାଙ୍କ ପରିତ୍ରାଣ ପ୍ରତି ଲୋକମାନଙ୍କୁ ନିର୍ଦ୍ଦେଶିତ କରିବ (ଯୋହନ ୧୫:୨୬)।

୫) ଖ୍ରୀଷ୍ଟ ଶରୀରରେ (୧କରିନ୍ଥୀ. ୧୨:୧-୧୪), ଯେଉଁମାନେ ପ୍ରଭୁଙ୍କୁ ଓ ତାଙ୍କ ମଣ୍ଡଳୀକୁ ସେମାନଙ୍କ ନିଜ ମତାମତ ଅପେକ୍ଷା ଅଧିକ ପ୍ରେମ କରନ୍ତି, ସେମାନଙ୍କ ମଧ୍ୟରେ ଶାନ୍ତି ଓ ଏକତାର ବିକାଶ କରିବ (୧କରିନ୍ଥୀ. ୧୨:୧-୧୪)।

୬) ଏହା ନିକଟରେ ଜୀବନ ପରିବର୍ତ୍ତନକାରୀ ଶକ୍ତି ରହିବ (୧କରିନ୍ଥୀ. ୨:୪,୫, ୪:୨୦, ୧ଥେସ. ୧:୫), ଯାହା ଅଭିଷିକ୍ତ ସେବାକାର୍ଯ୍ୟର ଫଳ ଅଟେ ।

୭) ଲୋକମାନଙ୍କଠାରେ ଖ୍ରୀଷ୍ଟଙ୍କ ଚରିତ୍ର ଉତ୍ପନ୍ନ କରିବ (ଗାଲା. ୫:୧୬-୨୪, ୨କରିନ୍ଥୀ. ୩:୧୮) – ଏହା ପ୍ରତ୍ୟେକ ଖ୍ରୀଷ୍ଟ ଅନୁଗାମୀଙ୍କ ନିମନ୍ତେ ଈଶ୍ୱରଙ୍କ ଇଚ୍ଛା ଅଟେ ।

ପ୍ରକୃତ ଅଭିଷେକର ଏହି ସାତୋଟି ଗୁରୁତ୍ୱପୂର୍ଣ୍ଣ ଗୁଣର ଉପସ୍ଥିତି ସେହି ଲୋକମାନଙ୍କର ଏକ ଚିହ୍ନ ହେବ, ଯେଉଁମାନେ ପବିତ୍ର ଆତ୍ମାଙ୍କ ଅଭିଷେକରେ



ପ୍ରଚାର କରନ୍ତି । ଏହି ଗୁଣଗୁଡ଼ିକ ଅଭିଷେକ ସମ୍ବନ୍ଧରେ ଏକ ଦୀର୍ଘକାଳୀନ ଦୃଷ୍ଟିକୋଣର ଆବଶ୍ୟକତା ଦେଖିବାରେ ମଧ୍ୟ ଆମକୁ ସାହାଯ୍ୟ କରେ ।

ସେବାକାର୍ଯ୍ୟର ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତ ନିମନ୍ତେ ସ୍ୱଳ୍ପକାଳୀନ କିମ୍ବା ସ୍ୱତଃସ୍ଫୂର୍ତ୍ତ ଅଭିଷେକ ହୋଇପାରେ । ମାତ୍ର ଖ୍ରୀଷ୍ଟଙ୍କ ଶରୀରର ମେଷପାଳକ ଭାବରେ, କେବଳ ସାମୟିକ ଉତ୍ତେଜନାପୂର୍ଣ୍ଣ ସେବାକାର୍ଯ୍ୟ ନୁହେଁ, ମାତ୍ର ଦୀର୍ଘକାଳୀନ କାର୍ଯ୍ୟରେ ଈଶ୍ୱରଙ୍କ ଲୋକମାନଙ୍କୁ ଶିଷ୍ୟ କରିବା ପାଇଁ ଓ ପ୍ରସ୍ତୁତ କରିବା ପାଇଁ ଆମେ ଅଭିଷିକ୍ତ ହୋଇଅଛୁ ।

ଆପଣଙ୍କ ନିଜସ୍ୱ ସେବାକାର୍ଯ୍ୟର ପରୀକ୍ଷା ନିମନ୍ତେ ଉପରୋକ୍ତ ତାଲିକା ବ୍ୟବହାର କରନ୍ତୁ । ଜଣେ ମଣ୍ଡଳୀ ନେତା ଭାବରେ ଖ୍ରୀଷ୍ଟଙ୍କ ଶରୀରରେ ଥିବା ଲୋକମାନଙ୍କର ପ୍ରତିପାଳନ କରିବା ପାଇଁ ଆପଣଙ୍କ ନିକଟରେ ଏକ ବହୁମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ରହିଛି । ସେ ଆପଣଙ୍କୁ ଜଣେ ସହାୟକ ମେଷପାଳକ ଭାବରେ ଆହ୍ୱାନ କରିଛନ୍ତି । ତାଙ୍କ ମେଷଗଣର ଯତ୍ନ ନେବା ପାଇଁ ସେ ଦେଇଥିବା ଦାୟିତ୍ୱକୁ ଆପଣ କିପରି ସଫଳ କରିଛନ୍ତି, ତା'ର ହିସାବ ଆପଣ ତାଙ୍କୁ ପ୍ରଦାନ କରିବେ (୧ପିତର ୫:୧-୪)।

## ଆମେ ଅଧିକ ପାଇପାରିବା କି ?

ଖ୍ରୀଷ୍ଟଙ୍କୁ ଉଦ୍‌ଯୋଗ ଓ ବିଶ୍ୱାସର ସହିତ ଅନୁସରଣ କରିବା ଆମର କାର୍ଯ୍ୟ ଅଟେ । ଆମକୁ ଆମ ଜୀବନରେ ଈଶ୍ୱରଙ୍କ ବାକ୍ୟର ଆଦର୍ଶ ଓ ନିୟମାବଳି ପ୍ରୟୋଗ କରିବାକୁ ହେବ, ଆଉ ନିରନ୍ତର ପବିତ୍ର ଆତ୍ମାଙ୍କ ଚାଳନାରେ ଆମ ସାମର୍ଥ୍ୟରେ ବୃଦ୍ଧି ପାଇବାକୁ ହେବ ।

ଈଶ୍ୱର ଆପଣଙ୍କୁ ଦେଇଥିବା ସେବାକାର୍ଯ୍ୟର ଆହ୍ୱାନ ଆପଣଙ୍କର ସେବାକାର୍ଯ୍ୟ ନୁହେଁ । ଏହା ତାଙ୍କର ସେବାକାର୍ଯ୍ୟ ଅଟେ, ଯାହା ସେ ଆପଣଙ୍କ ମାଧ୍ୟମରେ କରିବା ପାଇଁ ଇଚ୍ଛା କରନ୍ତି ! ଈଶ୍ୱରଙ୍କ ମାର୍ଗରେ କରାଯାଉଥିବା ସେବାକାର୍ଯ୍ୟ ଅଧିକ ସଫଳତା ଦିଗକୁ କଢ଼ାଇ ନେବ (ଯୋହନ ୧୫:୧୪-୧୬) ଓ ତାଙ୍କ ଅଭିଷେକ ଦ୍ୱାରା ସାଧିତ ହେବ ।

ଆମେ ଏହାକୁ ପ୍ରତିପାଦନ କରିଅଛୁ ଯେ, ପବିତ୍ର ଆତ୍ମାଙ୍କ ଅଭିଷେକ ଈଶ୍ୱରଙ୍କ ଦ୍ୱାରା ସର୍ବୋଚ୍ଚ କ୍ଷମତା ସହିତ ନିଯୁକ୍ତି ପାଇଅଛି । ଏହା ଆମର ଆହ୍ୱାନ ଓ ଦାନ ସହିତ ସୁସଂଗତ ହେବ । ଏହି ଅଭିଷେକ ମାନବିକ ଇଚ୍ଛାର ବଶୀଭୂତ ନୁହେଁ, ତଥାପି ଏହାକୁ ଗ୍ରହଣ କରିବା ପାଇଁ କିମ୍ବା ଅଗ୍ରାହ୍ୟ କରିବା ପାଇଁ ଆମର ସାମର୍ଥ୍ୟ ଅଛି ।

ଯଦି ଆପଣ ମୋ' ଭଳି ଅଟନ୍ତି, ତେବେ ଆପଣ ଆପଣଙ୍କ ଜୀବନ ଓ ସେବାକାର୍ଯ୍ୟରେ ଈଶ୍ୱରଙ୍କ ଅଭିଷେକ ଅଧିକ ଭାବେ ଇଚ୍ଛା କରିବେ । ଆପଣଙ୍କର ହୃଦୟର କ୍ରନ୍ଦନ ଏପରି ଏକ ଫଳପ୍ରଦ ପାତ୍ର ହେବା ଉଚିତ୍, ଯାହା ମାଧ୍ୟମରେ ଈଶ୍ୱରଙ୍କ ରାଜ୍ୟର ଉଦ୍ଦେଶ୍ୟ ସଫଳ ହୋଇପାରିବ ।

ସେଥିପାଇଁ, କେବଳ ଈଶ୍ୱରଙ୍କ ଅଭିଷେକ ପ୍ରାପ୍ତ ହେବା, ତା'ନୁହେଁ, ମାତ୍ର ଈଶ୍ୱର ଆମକୁ ପ୍ରଦାନ କରିଥିବା ଅଭିଷେକରେ ମଧ୍ୟ ବୃଦ୍ଧି ପାଇବା ସମ୍ଭବ ଅଟେ କି? ଆମ ପାଖରେ ବର୍ତ୍ତମାନ ଯେତିକି ଅଛି, ତା'ଅପେକ୍ଷା ଆମେ ଅଧିକ ପାଇପାରିବା କି? ଆସନ୍ତୁ, ଆମେ ସଂକ୍ଷେପରେ ଏହିସବୁ ପ୍ରଶ୍ନ ପ୍ରତି ଦୃଷ୍ଟିପାତ କରିବା ।

**ଈଶ୍ୱରଙ୍କ ଅଭିଷେକରେ ବୃଦ୍ଧି ପାଇବା ପାଇଁ କୌଣସି ସଂକ୍ଷିପ୍ତ ମାର୍ଗ ନାହିଁ । ଆମର ନିଜର ଲାଭ ନିମନ୍ତେ ସେବାକାର୍ଯ୍ୟରେ ଶକ୍ତିପୂର୍ଣ୍ଣ ହେବା ପାଇଁ ଅଭିଷେକ ପ୍ରାପ୍ତ ହେବା ଓ ଏହାକୁ ବ୍ୟବହାର କରିବା ଉଚିତ୍ ନୁହେଁ । ଏହା ମନେରଖନ୍ତୁ ଯେ, ଈଶ୍ୱରଙ୍କ ଶକ୍ତି ତାଙ୍କ ବ୍ୟକ୍ତିତ୍ୱଠାରୁ ଭିନ୍ନ ନୁହେଁ । ଅଭିଷେକ ପବିତ୍ର ଆତ୍ମାଙ୍କ ଉପସ୍ଥିତି ଅଟେ - ଯାହା ସର୍ବଦା ଆମ ନିଜର ନୁହେଁ, ମାତ୍ର ଈଶ୍ୱରଙ୍କ ଇଚ୍ଛା ଓ ଉଦ୍ଦେଶ୍ୟର ବଶୀଭୂତ ହେବ ।**

### ଖ) ଅଭିଷେକରେ ବୃଦ୍ଧି ପାଇବା

ଆପଣ ପବିତ୍ର ଆତ୍ମାଙ୍କର ଅଭିଷେକ ପ୍ରାପ୍ତ ହୁଅନ୍ତୁ ବୋଲି ପ୍ରଭୁଙ୍କର ଇଚ୍ଛା ଅଟେ । ପବିତ୍ର ଆତ୍ମାଙ୍କ ଅଭିଷେକରେ ଜୀବନ କାଟିବାକୁ ଓ ପ୍ରଚାର କରିବାକୁ ଆପଣ ଯେପରି ନିଜର ସାମର୍ଥ୍ୟରେ ବୃଦ୍ଧି ପାଆନ୍ତି, ଏହା ମଧ୍ୟ ତାଙ୍କର ଇଚ୍ଛା ଅଟେ ।

ଈଶ୍ୱରଙ୍କ ଅଭିଷେକରେ ବୃଦ୍ଧି ପାଇବା ପାଇଁ କୌଣସି ସଂକ୍ଷିପ୍ତ ମାର୍ଗ ନାହିଁ । ଆମର ନିଜର ଲାଭ ନିମନ୍ତେ ସେବାକାର୍ଯ୍ୟରେ ଶକ୍ତିପୂର୍ଣ୍ଣ ହେବା ପାଇଁ ଅଭିଷେକ ପ୍ରାପ୍ତ ହେବା ଓ ଏହାକୁ ବ୍ୟବହାର କରିବା ଉଚିତ୍ ନୁହେଁ । ଏହା ମନେରଖନ୍ତୁ ଯେ, ଈଶ୍ୱରଙ୍କ ଶକ୍ତି ତାଙ୍କ ବ୍ୟକ୍ତିତ୍ୱଠାରୁ ଭିନ୍ନ ନୁହେଁ । ଅଭିଷେକ ପବିତ୍ର ଆତ୍ମାଙ୍କ ଉପସ୍ଥିତି ଅଟେ – ଯାହା ସର୍ବଦା ଆମ ନିଜର ନୁହେଁ, ମାତ୍ର ଈଶ୍ୱରଙ୍କ ଇଚ୍ଛା ଓ ଉଦ୍ଦେଶ୍ୟର ବଶୀଭୂତ ହେବ ।

**୧) ଚରିତ୍ର ଓ ଅଭିଷେକ –** ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ, ଆପଣ ଖ୍ରୀଷ୍ଟଙ୍କ ଚରିତ୍ରରେ ବୃଦ୍ଧି ପାଉଥିବା ସମୟରେ ଅଭିଷେକରେ ମଧ୍ୟ ବୃଦ୍ଧି ପାଇବେ । ଆମର



ଚରିତ୍ର ହୁଏତ ପରିପୂରକ ହୋଇ ଆମ ଜୀବନ ମାଧ୍ୟମରେ ଅଭିଷେକ ଉନ୍ମୋଚିତ କରିବ – କିମ୍ବା ଏହା ଆମ ମାଧ୍ୟମରେ ପବିତ୍ର ଆତ୍ମାଙ୍କର କାର୍ଯ୍ୟକୁ ବନ୍ଦ କରିବ କିମ୍ବା ବାଧା ଦେବ (ଏଫିସୀୟ ୪:୩୦, ୧ଥେସ. ୫:୧୯) ।

ଏହା ସ୍ମରଣରେ ରଖନ୍ତୁ ଯେ, ଆମ୍ଭେମାନେ ସର୍ବପ୍ରଥମେ ଈଶ୍ୱରଙ୍କ ପୁତ୍ର ଓ କନ୍ୟା ଅଟୁ । ଖ୍ରୀଷ୍ଟଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ଯୋଗୁ ଆମ ସ୍ୱର୍ଗସ୍ଥ ପିତାଙ୍କ ସହିତ ପୁନଃସଂପର୍କ ସ୍ଥାପନ ଆମ ନିମନ୍ତେ ସମ୍ଭବ ହୋଇଅଛି ।

ମଣ୍ଡଳୀର ମୁଖ୍ୟ ଭାବରେ ଯୀଶୁଖ୍ରୀଷ୍ଟ (କଲସୀ. ୧:୧୮, ୨:୧୯) ଆମକୁ ଆହ୍ୱାନ କରିଛନ୍ତି ଓ ଆମକୁ ଆତ୍ମିକ ଦାନ ପ୍ରଦାନ କରିଛନ୍ତି– ଯେପରିକି ଈଶ୍ୱରଙ୍କ ପୁତ୍ର ଓ କନ୍ୟା ଭାବରେ, ଆମେ ଖ୍ରୀଷ୍ଟଙ୍କ ଶରୀରର ସେବା କରିପାରିବା (ଏଫିସୀ. ୪:୧୧–୧୬, ୨ତିମଥି ୧:୯) । ଏହି ଆତ୍ମିକ ଦାନ ଓ ଆହ୍ୱାନଗୁଡ଼ିକ କେବଳ ସେତେବେଳେ ସଂପୂର୍ଣ୍ଣ ଭାବରେ ଓ ସଠିକ୍ ଭାବରେ କାର୍ଯ୍ୟ କରିବ, ଯେତେବେଳେ ସେଗୁଡ଼ିକ ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତିଯୁକ୍ତ ଓ ନିର୍ଦ୍ଦେଶିତ ହେବ (୧କରିନ୍ଥୀ. ୧୨:୭ – ସମସ୍ତ ଦାନ ଏହି ନିୟମ ଉପରେ କାର୍ଯ୍ୟକାରୀ ହୁଏ) ।

ସେଥିପାଇଁ ଆମେ ଏହା କହିପାରିବା ଯେ, 'ସମସ୍ତ ପ୍ରକୃତ ଭାବରେ ଅଭିଷିକ୍ତ ସେବାକାର୍ଯ୍ୟ ସଂପର୍କରୁ ପ୍ରବାହିତ ହୁଏ ।' ଖ୍ରୀଷ୍ଟଙ୍କ ସହିତ ଆମର ବଶ୍ୟତାପୂର୍ଣ୍ଣ ଓ କ୍ରମବର୍ଦ୍ଧିଷ୍ଣୁ ସଂପର୍କ ଏକ ଭିତ୍ତିଭୂମି ଯାହା ଉପରେ ଜୀବନ ପରିବର୍ତ୍ତନକାରୀ ସେବା କାର୍ଯ୍ୟ କରେ ।

ଆପଣଙ୍କ ପରିପକ୍ୱତା କିମ୍ବା ପ୍ରଭୁଙ୍କ ସହିତ ଅନୁଭୂତି ସ୍ତର ଯାହା ହେଉ ନା କାହିଁକି, ଏହା ତଥାପି ସତ୍ୟ ଅଟେ । ଏହା ଆଦୌ ଭୁଲନ୍ତୁ ନାହିଁ ଯେ, ଫଳପ୍ରଦ ସେବାକାର୍ଯ୍ୟ ଯୀଶୁଖ୍ରୀଷ୍ଟଙ୍କ ସହିତ ଏକ ସତେଜ ଓ ଅତି ଗଭୀର ସଂପର୍କ ରକ୍ଷା କରିବାଠାରୁ ପ୍ରବାହିତ ହୁଏ ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ –** ପ୍ରଭୁଙ୍କ ସହିତ ଆମର ସଂପର୍କକୁ ଅବହେଳା କରିବା ସେବାକାର୍ଯ୍ୟରେ ଅତି ସହଜ ଅଟେ । ଆମେ ଏହା ଭାବିବା ଆରମ୍ଭ କରିପାରୁ ଯେ, ତାଙ୍କଠାରୁ ଆଗତ ଗତକାଲିର "ମାନ୍ନା" ଆଜି ନିମନ୍ତେ ଯଥେଷ୍ଟ ଅଟେ । ମାତ୍ର ତାହା ନୁହେଁ !

ଯୀଶୁ ଅତି ବଳିଷ୍ଠ ସତର୍କବାଣୀ ଶୁଣାଇଥିଲେ, ଯାହା ଏହି ସମସ୍ୟାକୁ ବୁଝାଇ ଦିଏ । ମାଥିଉ ୭:୨୧–୨୩ ପାଠ କରନ୍ତୁ । ଏହି ପଦରେ ବର୍ଣ୍ଣିତ ହୋଇଥିବା ଲୋକମାନେ ମଣ୍ଡଳୀର ଲୋକ ଅଟନ୍ତି, ଭାବବାଣୀ କହୁଥିବା,

ଉଦ୍ଧାର କାର୍ଯ୍ୟ କରୁଥିବା, ଚିହ୍ନ ଓ ଅଦ୍ଭୁତ କର୍ମ ଦ୍ୱାରା ପ୍ରଚାର କରୁଥିବା ଲୋକ ଅଟନ୍ତି ।

କିନ୍ତୁ, ମାର୍ଗର କୌଣସି ଏକ ସ୍ଥାନରେ ଏହି ନେତାମାନେ ସେମାନଙ୍କର ''ପ୍ରଥମ ପ୍ରେମ'' ପରିତ୍ୟାଗ କରିଛନ୍ତି (ପ୍ରକାଶିତ. ୨:୧-୫) । ସେବାକାର୍ଯ୍ୟରେ ଏକ ''ସଫଳ ଚେହେରା'' (ବାହ୍ୟ ଚେହେରା) ରଖିବା ଯଥେଷ୍ଟ ବୋଲି ଚିନ୍ତା କରି ସେମାନେ ପ୍ରତାରିତ ହୋଇଛନ୍ତି । ଏପରିକି ସେମାନେ ଶାସ୍ତ୍ରାଂଶ ଉଲ୍ଲେଖ କରିବା ପାଇଁ ଓ ଯୀଶୁଙ୍କ ନାମର ଅଧିକାର ବ୍ୟବହାର କରିବା ପାଇଁ ମଧ୍ୟ ସମର୍ଥ ହୋଇପାରନ୍ତି । ତଥାପି ସେମାନେ ପ୍ରଭୁଙ୍କ ସହିତ ଏକ ପ୍ରକୃତ, ବାଧ୍ୟ ଓ ନୂତନ ସଂପର୍କ ମଧ୍ୟରେ ଆଚରଣ କରୁ ନ ଥାନ୍ତି । ସେମାନେ ତାଙ୍କୁ ଜାଣନ୍ତି ନାହିଁ ଓ ସେ ସେମାନଙ୍କୁ ଜାଣନ୍ତି ନାହିଁ । ସେମାନଙ୍କର ଅନ୍ତ ଭୟଙ୍କର ଅଟେ (ମାଥି. ୭:୨୩) ।

## ଶୟତାନର କୌଶଳ

ଆମେ ଶିକ୍ଷା କରିଛୁ ଯେ, ପରିତ୍ରାଣ ପରେ ଆମ ଜୀବନରେ ଆତ୍ମାଙ୍କର ଗୋଟିଏ କାର୍ଯ୍ୟ ହେଉଛି, ଆମର ବ୍ୟକ୍ତିଗତ ପରିବର୍ତ୍ତନ (ରୋମୀ. ୮:୨୯, ୨କରିନ୍ଥୀ. ୩:୧୮) । ଏହା ହେଉଛି, ଈଶ୍ୱରଙ୍କ ବାକ୍ୟ ପ୍ରତି ଆମର ଦୈନିକ ବାଧ୍ୟତା ଓ ତାଙ୍କ ଉପସ୍ଥିତିରେ ଦୈନିକ ସମୟ କ୍ଷେପଣ ସଙ୍ଗେ ସଙ୍ଗେ ଏହି କାର୍ଯ୍ୟ ସହିତ ଆମର ଜୀବନ ବ୍ୟାପୀ ସହଯୋଗ – ଏହା ଆମ ମଧ୍ୟରେ ଈଶ୍ୱରୀୟ ଚରିତ୍ରର ବିକାଶ କରିଥାଏ ।



ଶୟତାନ ମଣ୍ଡଳୀ ନେତାମାନଙ୍କଠାରେ ଈଶ୍ୱରୀୟ ଚରିତ୍ରର ଅଭିବୃଦ୍ଧିକୁ ସକ୍ରିୟ ଭାବରେ ପ୍ରତିରୋଧ କରେ । ଶୟତାନ ଆମଠାରୁ ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଦାନ ଚୋରି କରିପାରେ ନାହିଁ କିମ୍ବା ଏହା କ୍ଷୟ କରିପାରେ ନାହିଁ । ବରଂ, ଏହାର ବିପରୀତ ସତ୍ୟ ଅଟେ : ''ଶୟତାନର କାର୍ଯ୍ୟ ବିନଷ୍ଟ କରିବା ଉଦ୍ଦେଶ୍ୟରେ ହିଁ ଈଶ୍ୱରଙ୍କ ପୁତ୍ର



ପ୍ରକାଶିତ ହେଲେ'' (୧ଯୋହନ ୩:୮, ଆହୁରି ଲୂକ ୧୦:୧୭-୨୦, ରୋମୀୟ ୮:୩୭-୩୯, ୨କରିନ୍ଥୀ. ୧୦:୩-୫; କଲସୀ. ୨:୧୪,୧୫, ଏବ୍ରୀ ୨:୧୫) ।

ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଦାନକୁ କ୍ଷତିଗ୍ରସ୍ତ କରିବା ପାଇଁ କିମ୍ବା କ୍ଷୟ କରିବା ପାଇଁ ଶୟତାନର ଶକ୍ତି ନ ଥିବାରୁ ତା'ର ପ୍ରାଥମିକ ଲକ୍ଷ୍ୟ ଆପଣ ଅଟନ୍ତି ! ଶୟତାନ ସାଧୁମାନଙ୍କୁ ଲୁଣ୍ଠନ କରିବାକୁ, ହତ୍ୟା କରିବାକୁ ଓ ଧ୍ୱଂସ କରିବାକୁ ସକ୍ରିୟଭାବେ ଚେଷ୍ଟା କରେ (ଯୋହନ ୧୦:୧୦) । ଯେଉଁ ଗୋଟିଏ ଉପାୟରେ ସେ ଏହା କରେ, ତାହା ହେଉଛି, ବିଶେଷଭାବରେ, ମଣ୍ଡଳୀର ନେତାମାନଙ୍କଠାରେ ଈଶ୍ୱରୀୟ ଚରିତ୍ର ହ୍ରାସ କରିବା ପାଇଁ ଚେଷ୍ଟା କରିବା ।

ଶୟତାନ ମଣ୍ଡଳୀର ନେତାମାନଙ୍କୁ ଦୁର୍ନୀତିଗ୍ରସ୍ତ କରାଇ ଈଶ୍ୱରଙ୍କ ଉଦ୍ଦେଶ୍ୟ ନିମନ୍ତେ ଅନୁପଯୁକ୍ତ କରିବା ପାଇଁ ଚେଷ୍ଟା କରେ (୧କରିନ୍ଥୀ. ୯:୨୪-୨୭, ୨ତୀମଥି ୨:୧୯-୨୨) । ସେ ଏହାକୁ ଯେକୌଣସି ପାପ, ଯଥା – ପ୍ରଲୋଭନ, ପ୍ରତାରଣା, ଭୟ, ଧମକ, ବିଭେଦ, ଗର୍ବ, ସ୍ୱାର୍ଥପରତା ମାଧ୍ୟମରେ କରେ ଓ ଶୟତାନର ସମସ୍ତ ପାପର ଉତ୍ସ ହେବ !

ସାଧାରଣତଃ, ଶୟତାନର ପ୍ରଲୋଭନ ଛୋଟ ଆକାରରେ ଆରମ୍ଭ ହୁଏ । ସେ ଆମର ଶାରୀରିକ ଅଭିଳାଷ ଓ ସ୍ୱାର୍ଥ ପ୍ରକୃତିକୁ ସନ୍ତୁଷ୍ଟ କରିବା ପାଇଁ ଆରମ୍ଭ କରିବ । ଶୟତାନ ମାନବିକ ଆଚରଣକୁ ଶହ ଶହ ବର୍ଷ ଧରି ଲକ୍ଷ୍ୟ କରିଛି ଓ ଆମକୁ ପତିତ କରିବା ଚେଷ୍ଟାରେ ବିଭିନ୍ନ ଉପାୟର ବିକାଶ କରିଛି । ଆମେ ତାକୁ ଭୟ କରିବା ଅନାବଶ୍ୟକ – ମାତ୍ର ଆମକୁ ନିଶ୍ଚୟ ସର୍ବଦା ସତର୍କ ଓ ଜାଗ୍ରତ ରହିବାକୁ ହେବ (୧ପିତର ୩:୮,୯) ।

ଦୟାକରି ଏହା ଲକ୍ଷ୍ୟ କରନ୍ତୁ ଯେ, ଯୀଶୁଖ୍ରୀଷ୍ଟଙ୍କ ସହିତ ଆମର ନିରନ୍ତର ଓ କ୍ରମବର୍ଦ୍ଧିଷ୍ଣୁ ସଂପର୍କ ଅବହେଳା କରିବା ସମୟରେ ଆମେ ସର୍ବାଧିକ ଶୟତାନର କୌଶଳର ସମ୍ମୁଖୀନ ହେବାର ବିପଦ ମଧ୍ୟରେ ଥାଉ (୧ତୀମଥି ୪:୧,୨, ୨ତୀମଥି ୧:୧-୯, ଏବ୍ରୀ ୨:୧-୩) । ଖ୍ରୀଷ୍ଟଙ୍କର ନିକଟବର୍ତ୍ତୀ ନ ହେଲେ ଆମେ ନିଜ ନିଜ ନିମନ୍ତେ ବ୍ୟତିକ୍ରମ ହେବା ପାଇଁ, ଆଚରଣରେ ତ୍ରୁଟିର ଆଳ ଦେଖାଇବା ପାଇଁ, ଲାଳସାପୂର୍ଣ୍ଣ ଚିନ୍ତାକୁ ପ୍ରୋତ୍ସାହିତ କରିବା ପାଇଁ ଅତ୍ୟଧିକ ପ୍ରଲୋଭିତ ହେବା – ଏହି ସମସ୍ତ ପାପ, ପ୍ରତାରଣା ଓ ବିଫଳତା ଦିଗକୁ ପରିଚାଳିତ କରିବ (ଯାକୁବ ୧:୧୩-୧୫) ।

ଏହା ଈଶ୍ୱରଙ୍କ ଇଚ୍ଛା ଅଟେ ଯେ, ତାଙ୍କର ଅଭିଷେକ ଯେପରି ଆମ ଚରିତ୍ର ମଧ୍ୟକୁ ପ୍ରବେଶ କରୁ । ଈଶ୍ୱରୀୟ ଚରିତ୍ର (କିମ୍ବା ଏହାର ଅଭାବ) ସେବାକାର୍ଯ୍ୟରେ

ଆମର ଫଳପୂର୍ଣ୍ଣତା ଓ ଦକ୍ଷତାକୁ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ କରିବ । ଆମ ଜୀବନରେ ଓ ଜୀବନ ମାଧ୍ୟମରେ ଯେପରି ତାଙ୍କର ଅଭିଷେକ ଅଧାର୍ମିକତାର ବାଧା ବିନା ପ୍ରବାହିତ ହେବ, ଈଶ୍ୱର ତାହା ଚାହାଁନ୍ତି । ଏହା କହିବା ଅତିରଞ୍ଜିତ ନୁହେଁ ଯେ, ଅଭିଷେକ (ଆମ) ଚରିତ୍ର ସମ୍ବନ୍ଧୀୟ ଯେତିକି ଅଟେ (ଈଶ୍ୱରଙ୍କ) ଶକ୍ତି ସମ୍ବନ୍ଧୀୟ ସେତିକି ଅଟେ ।

ବର୍ତ୍ତମାନ ପୃଥିବୀର ସର୍ବାଧିକ ଅଭିଷିକ୍ତ ବ୍ୟକ୍ତିଙ୍କର ଜୀବନରୁ ଶିକ୍ଷା କରିବା ପାଇଁ ଆମେ କିଛି ସମୟ ନେବା ।

**୧) ପ୍ରଭୁଙ୍କର ପଦଚିହ୍ନ**

ପୃଥିବୀରେ ଗମନାଗମନ କରିଥିବା ସମସ୍ତ ମନୁଷ୍ୟଙ୍କ ଅପେକ୍ଷା ଯୀଶୁଖ୍ରୀଷ୍ଟ ପ୍ରକୃତରେ ସର୍ବାଧିକ ଅଭିଷିକ୍ତ ବ୍ୟକ୍ତି ଥିଲେ । ତାଙ୍କ ନିକଟରେ ଅପରିମିତ ପବିତ୍ର ଆତ୍ମା ଥିଲେ (ଯୋହନ ୩:୩୩-୩୫) । ତାଙ୍କର ଅତୁଳନୀୟ ଅଭିଷେକ ତାଙ୍କ ଜନ୍ମର ଶହ ଶହ ବର୍ଷ ପୂର୍ବେ ଭାବବାଣୀ ଦ୍ୱାରା ପ୍ରକାଶ କରାଯାଇଥିଲା (ଯିଶା. ୬୧:୧-୩) । ଯୀଶୁ ତାଙ୍କ ସେବାକାର୍ଯ୍ୟର ଆରମ୍ଭରେ ଏହି ଭାବବାଣୀକୁ ସ୍ଥିର କରିଥିଲେ (ଲୂକ ୪:୧୭-୨୦) ।

ପୃଥିବୀରେ ଯୀଶୁଙ୍କର ସେବାକାର୍ଯ୍ୟ ଏହି ବିଷୟକୁ ଦୃଢ଼ କରିଥିଲା ଯେ, ସେ ପ୍ରକୃତରେ ଅଭିଷିକ୍ତ ବ୍ୟକ୍ତି ଥିଲେ । ଲୂକ ସୁସମାଚାର (୪ ଓ ୫ ଅଧ୍ୟାୟ) ପ୍ରତି ଏକ କ୍ଷିପ୍ର ଦୃଷ୍ଟିପାତ ତାଙ୍କ ସେବାକାର୍ଯ୍ୟ ଆରମ୍ଭରୁ ତାଙ୍କର ଶକ୍ତିପୂର୍ଣ୍ଣ କ୍ଷମତା ପ୍ରକାଶ କରେ ।

ଯୀଶୁ ନିମ୍ନ କାର୍ଯ୍ୟ ପାଇଁ ଅଭିଷିକ୍ତ ଥିଲେ –

- ଭୂତଗଣଙ୍କୁ ଛଡ଼ାଇବା ପାଇଁ (୪:୩୩-୩୭, ୪୧) ।
- ଅଧିକାର ସହିତ ଶିକ୍ଷା ଦେବା ପାଇଁ (୪:୨୨,୩୨) ।
- ଅସୁସ୍ଥକୁ ସୁସ୍ଥ କରିବା ପାଇଁ (୪:୩୮-୪୦, ୫:୧୫) ।
- ଲୋକମାନଙ୍କୁ ଅନୁତାପ କରିବାକୁ ଆହ୍ୱାନ କରିବା ପାଇଁ (୫:୧୭-୨୬,୩୧,୩୨) ।
- ଚିହ୍ନ ଓ ଅଦ୍ଭୁତ କର୍ମ ସାଧନ କରିବା ପାଇଁ (୫:୪-୯) ।
- ଭାବବାଣୀ ଅନୁସାରେ ସେବାକାର୍ଯ୍ୟ ନିମନ୍ତେ ଲୋକମାନଙ୍କୁ ଆହ୍ୱାନ କରିବା ପାଇଁ (୫:୧୦,୨୭) ।
- ଗୋଟିଏ ମୁଖ୍ୟ ନେତୃତ୍ୱ ଦଳର ବିକାଶ କରିବା ପାଇଁ (୫:୧୧) ।



- କୁଷ୍ଠୀକୁ ସୁସ୍ଥ କରିବା, ଯାହା ସେ ସମୟରେ ଆଶ୍ଚର୍ଯ୍ୟଜନକ ଥିଲା (୫:୧୨-୧୫) ।

ଯୀଶୁ କିପରି ନିଜର ପାର୍ଥିବ ସେବାକାର୍ଯ୍ୟ ଆରମ୍ଭ କରିଥିଲେ, ତାହାର ଏହା କେବଳ ଏକ ନମୁନା ଅଟେ । ସେ ଏହାଠାରୁ 'ଆହୁରି ଅଧିକ କାର୍ଯ୍ୟ କରିଥିଲେ । କେବଳ ଜଣେ ଈଶ୍ୱରଙ୍କ ପୁତ୍ର ଅଛନ୍ତି ଯିଏ ପୃଥିବୀକୁ ଆସିଥିଲେ, ଆମ ନିମନ୍ତେ ମୃତ୍ୟୁବରଣ କରିଥିଲେ ଓ ଏହାପରେ ସେ ଯେ ପ୍ରକୃତରେ ଈଶ୍ୱର ଅଟନ୍ତି, ଏହା ଦେଖାଇବା ପାଇଁ ପୁନର୍ବାର ଉଠିଥିଲେ !

ଯୀଶୁ ହିଁ ଆମକୁ ଆହ୍ୱାନ କରିଛନ୍ତି (୧କରିନ୍ଥୀ. ୧:୨୬-୩୧) । ସେ ଆମକୁ ସମସ୍ତ ଆବଶ୍ୟକୀୟ ଦାନ (ଏଫିସୀ. ୪:୧୧-୧୬) ଓ ଶକ୍ତି ପ୍ରଦାନ କରିଛନ୍ତି (ଯୋହନ ୧୬:୭), ଯେପରି ତାଙ୍କର ଇଚ୍ଛା ଆମେ ସଫଳ କରିପାରିବୁ (ଯୋହନ ୧୫:୧୬) ।

ଖ୍ରୀଷ୍ଟ ନିଜର କାର୍ଯ୍ୟ ଚାଲୁ ରଖିବା ପାଇଁ ନିଜର ମଣ୍ଡଳୀକୁ ଆଦେଶ ଦେଇଥିଲେ (ପ୍ରେରିତ ୧:୪-୮) । କେବଳ ଈଶ୍ୱରଙ୍କ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ଆମେ ଏହାକୁ ସଂପୂର୍ଣ୍ଣ ଭାବରେ ସାଧନ କରିପାରିବା । ଯୀଶୁଙ୍କୁ ଅଭିଷିକ୍ତ କରିଥିବା ଏହି ସମାନ ଆତ୍ମା ବର୍ତ୍ତମାନ ଏହି ପୃଥିବୀରେ ଢଳା ଯାଇଛନ୍ତି, ପରିତ୍ରାଣ ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବା ଲୋକମାନଙ୍କ ପାଇଁ ଉପଲବ୍ଧ ଅଟନ୍ତି ! (ରୋମୀୟ ୮:୧୪-୧୭) । ହାଲେଲୁୟା !

## ଯୀଶୁଙ୍କ ପଦଚିହ୍ନରେ ଗମନାଗମନ

ଈଶ୍ୱର ସେହିମାନଙ୍କୁ ଅନ୍ୱେଷଣ କରୁଥା'ନ୍ତି, ଯେଉଁମାନେ ତାଙ୍କର ଅନୁଗତ ଅଟନ୍ତି (୨ବଂଶା. ୧୬:୯) । ଯୀଶୁ ନିଜକୁ ଈଶ୍ୱରଙ୍କର ଅନୁଗତ ଓ ତାଙ୍କର ସନ୍ତୋଷଜନକ ବୋଲି ଦେଖାଇଥିଲେ (ମାଥିଉ ୩:୧୭) । ଯୀଶୁ ସମସ୍ତ ବିଷୟରେ ପିତାଙ୍କର ବାଧ୍ୟ ଥିଲେ (ଏବ୍ରୀ ୧୦:୫-୭) । ଯୀଶୁ ପାପ କରିବା ନିମନ୍ତେ ସମର୍ଥ ଥିଲେ ସୁଦ୍ଧା ସେ ଆଦୌ ପାପ କରି ନ ଥିଲେ (ଏବ୍ରୀ ୪:୧୫) ।

ସେ ସମସ୍ତ ବିଷୟରେ ଆମର ଦୃଷ୍ଟାନ୍ତ ହୋଇଥିବାରୁ, ଆମେ ଅଭିଷେକରେ ବୃଦ୍ଧି ପାଇବା ସମ୍ବନ୍ଧରେ ଯୀଶୁଖ୍ରୀଷ୍ଟଙ୍କ ଜୀବନରୁ କ'ଣ ଶିକ୍ଷା କରିପାରିବା ? ଆସନ୍ତୁ, ଶିକ୍ଷା ଲାଭ ନିମନ୍ତେ ଆମେ କିଛିକ୍ଷଣ ତାଙ୍କ ପଦଚିହ୍ନରେ ଗମନ କରିବା ଯାହା ଆମ ଚରିତ୍ରରେ ଓ ଆତ୍ମିକ ବିଷୟରେ ଅଭିବୃଦ୍ଧିକୁ ବିକାଶ କରିବ ।

**କ) ଯୀଶୁ କର୍ତ୍ତୃପକ୍ଷଙ୍କର ବଶୀଭୂତ ଥିଲେ –** ଯୀଶୁଙ୍କ ଉପରେ ସ୍ଥାପିତ ହୋଇଥିବା କର୍ତ୍ତୃପକ୍ଷଙ୍କ ନିକଟରେ ଯୀଶୁ ବଶୀଭୂତ ହେବାକୁ ମନୋନୀତ କରିଥିଲେ । ଏପରିକି

ଗୋଟିଏ ଛୋଟ ବାଳକାବସ୍ଥାରେ, ସେ ନିଜର ପିତାମାତା ଓ ତାଙ୍କ ଅଞ୍ଚଳର ଅନ୍ୟ କର୍ତ୍ତୃପକ୍ଷଙ୍କର ବଶୀଭୂତ ଥିଲେ (ଲୂକ ୨:୪୧-୫୧) । ଆଉ ତାଙ୍କର ପାର୍ଥିବ ସେବାକାର୍ଯ୍ୟ ମଧ୍ୟରେ ଯୀଶୁ ନିରନ୍ତର ନିଜ ସ୍ୱର୍ଗସ୍ଥ ପିତାଙ୍କର ବଶୀଭୂତ ଥିଲେ ।



ବାଇବଲ ଆମକୁ ଏହି ଶିକ୍ଷା ଦିଏ ଯେ, ନେତାଭାବରେ ଆମେ ମଧ୍ୟ ଆମ ଜୀବନରେ କର୍ତ୍ତୃପକ୍ଷଙ୍କର ବଶୀଭୂତ ଅଟୁ । ସରକାର, ସଂପ୍ରଦାୟ, ମଣ୍ଡଳୀ, ଚାକିରୀ – ଏହି ସମସ୍ତ ବିଷୟରେ କର୍ତ୍ତୃପକ୍ଷ ରହିଛନ୍ତି ।

ଆମ ଉପରେ ସେହି ସମସ୍ତ କର୍ତ୍ତୃପକ୍ଷ ଥିବାରୁ ଆମେ ସୁରକ୍ଷିତ ଓ ଆରାମ ଅନୁଭବ କରିପାରୁ । କିନ୍ତୁ, କେତେକ ଘଟଣାରେ ଆମେ ହୁଏତ ସେମାନଙ୍କ ସହିତ ସମ୍ମତ ହୋଇ ନ ପାରୁ । ଆମେ ହୁଏତ ଅଧାର୍ମିକ, ସ୍ୱାର୍ଥପର କିମ୍ବା ସ୍ୱେଚ୍ଛାଚାରୀମାନଙ୍କର ବଶୀଭୂତ ହୋଇପାରୁ ।

ସମ୍ଭବତଃ, ଆମର ଜୀବନକାଳ ମଧ୍ୟରେ ଆମେ ଉଭୟ ଉପକାରୀ ଅବିବେକୀ ସଦୃଶ ଜଣାପଡୁଥିବା କର୍ତ୍ତୃପକ୍ଷଙ୍କର ସେବା କରିବୁ । କିନ୍ତୁ ସେହି କର୍ତ୍ତୃପକ୍ଷଙ୍କର ସ୍ୱଭାବ ଯାହା ହେଲେ ମଧ୍ୟ ଜୀବନ ପାଇଁ ଏକ ଧାରା ଭାବରେ ବଶୀଭୂତ ହେବାର ଗୁରୁତ୍ୱ ସମ୍ବନ୍ଧରେ ଈଶ୍ୱରଙ୍କ ବାକ୍ୟ ଆମକୁ ଶିକ୍ଷା ଦେଇଛି । ଏଥିମଧ୍ୟରେ ନିମ୍ନଲିଖିତ ବ୍ୟକ୍ତି କିମ୍ବା ଅନୁଷ୍ଠାନ ପ୍ରତି ବଶ୍ୟତା ଅନ୍ତର୍ଭୁକ୍ତ ଅଟେ –

- ଈଶ୍ୱର (ଯାକୁବ ୪:୭) ।
- ସରକାରୀ କର୍ତ୍ତୃପକ୍ଷ (ରୋମୀ. ୧୩:୧-୭, ୧ପିତର ୨:୧୩-୧୭, ଆହୁରି ନିମ୍ନଲିଖିତ ଟିପ୍ପଣୀ ମଧ୍ୟ ଦେଖନ୍ତୁ) ।
- ଖ୍ରୀଷ୍ଟଙ୍କ ଶରୀରରେ ଥିବା ନେତାଗଣ (୧କରିନ୍ଥୀ. ୧୬:୧୫,୧୬, ୧ଥେସ. ୫:୧୨,୧୩, ଏବ୍ରୀ ୧୩:୭,୧୭) ।
- ଖ୍ରୀଷ୍ଟଙ୍କ ଶରୀରରେ ଏକ ଆରେକ (ଏଫିସୀ. ୫:୨୧, ୧ପିତର ୫:୫) ।
- ପତ୍ନୀମାନଙ୍କର ସ୍ୱାମୀ ପ୍ରତି (ଏଫିସୀ. ୫:୨୨, କଲସୀ. ୩:୧୮) ।



- ପିଲାମାନଙ୍କର ପିତାମାତାଙ୍କ ପ୍ରତି (ଏଫିସୀ. ୬:୧-୩, କଲସୀ. ୩:୨୦) ।
- କର୍ମଚାରୀମାନଙ୍କର ନିଯୋଗକର୍ତ୍ତାଙ୍କ ପ୍ରତି (ଏଫିସୀ. ୬:୫-୯, କଲସୀ. ୩:୨୨-୪:୧, ୧ପିତର ୨:୧୮-୨୧) ।

**ଟିପ୍ପଣୀ –** ଖ୍ରୀଷ୍ଟିୟାନ ଭାବରେ, ଆମକୁ ଯଥାସମ୍ଭବ ଆମ ସରକାରଙ୍କୁ ସହ୍ୟ କରିବାକୁ ହେବ । ସେହି ସମୟରେ ରୋମ୍ ଇସ୍ରାଏଲ ଉପରେ ଭୟଙ୍କର ଅତ୍ୟାଚାର କରୁଥିଲେ ସୁଦ୍ଧା ଯୀଶୁ ଏହାର ପତନ ନିମନ୍ତେ ଆହ୍ୱାନ ଦେଇ ନ ଥିଲେ । କିନ୍ତୁ ଯଦି ଗୋଟିଏ ସରକାର ଈଶ୍ୱରଙ୍କର ଆରାଧନା କରିବା ପାଇଁ କିମ୍ବା ତାଙ୍କ ଆଜ୍ଞା ପାଳନ କରିବା ପାଇଁ ଲୋକମାନଙ୍କୁ ନିଷେଧ କଲେ, ଆମକୁ ଈଶ୍ୱରଙ୍କର ସେବା ଅବ୍ୟାହତ ରଖିବାକୁ ହେବ – ଯଦିଓ ଏଥିପାଇଁ ତାଡ଼ନା ଆସିପାରେ (୧ପିତର ୪:୧୨-୧୯) ।

ଯଦି କର୍ତ୍ତୃପକ୍ଷ ଧର୍ମଶାସ୍ତ୍ର ଅମାନ୍ୟ କରିବା ପାଇଁ କିମ୍ବା ନୈତିକ ଆଚରଣ ସମ୍ବନ୍ଧୀୟ କୌଣସି ନିୟମ ଅମାନ୍ୟ କରିବା ପାଇଁ ଆଦେଶ ଦିଅନ୍ତି, ତେବେ କେବଳ ସେତେବେଳେ ଆପଣଙ୍କ ଉପରେ ଥିବା ସେହି କର୍ତ୍ତୃପକ୍ଷଙ୍କର ବଶୀଭୂତ ନ ହେବା ବିଷୟ ଆପଣ ବିଚାର କରିପାରନ୍ତି (ଅର୍ଥାତ୍, ମିଥ୍ୟା କହିବା ପାଇଁ, ଚୋରି କରିବା ପାଇଁ, ଯୌନ ଅଶୁଚିତା ପାଇଁ, ଇତ୍ୟାଦି) ।

ଉଦାହରଣସ୍ୱରୂପ, ଯଦି ଗୋଟିଏ ସରକାରୀ କର୍ତ୍ତୃପକ୍ଷ ସୁସମାଚାର ପ୍ରଚାର କରିବା ପାଇଁ କିମ୍ବା ଯୀଶୁଙ୍କ ନାମରେ କଥା ନ କହିବା ପାଇଁ ଆଦେଶ ଦିଅନ୍ତି, ତେବେ ଏହା ଉପରେ ଖ୍ରୀଷ୍ଟଙ୍କ ଆଦେଶ କୌଣସି ପ୍ରକାରେ କଥା କହିବା ପାଇଁ ଆପଣଙ୍କୁ ବାଧ୍ୟ କରେ । ପ୍ରେରିତମାନେ ଏହିପରିଭାବରେ ପ୍ରଚାର କରି ଚାଲିଥିଲେ (ପ୍ରେରିତ ୪:୧-୩୧, ୫:୧୭-୪୨, ୮:୧-୪) । ଯଦି ଆପଣ ଏହି ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ଏଥିପାଇଁ ଅତି ସତର୍କତା, ଜ୍ଞାନ ଓ ସାହସ ଆବଶ୍ୟକ ହେବ । ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି, ଫଳରେ ଈଶ୍ୱର ଗୌରବାନ୍ୱିତ ହେବେ ! (ମାର୍କ ୧୩:୯-୧୩) ।

## ବଶ୍ୟତାର ନିୟମ

ବଶ୍ୟତା ହେଉଛି ବିଶ୍ୱାସୀ ଜୀବନର, ବିଶେଷ ଭାବରେ, ଜଣେ ମଣ୍ଡଳୀ ନେତାର ଜୀବନର ଏକ ମୌଳିକ ନିୟମ । ଆମକୁ ସମସ୍ତ ବିଷୟରେ, ସର୍ବପ୍ରଥମେ ଈଶ୍ୱରଙ୍କ ବଶୀଭୂତ ହେବାକୁ ପଡ଼ିବ । ଏହାପରେ, ଆମ ଅଞ୍ଚଳରେ, ସଂପ୍ରଦାୟରେ, ଚାକିରୀରେ କିମ୍ବା ଅନ୍ୟ ପରିସ୍ଥିତିରେ ଆମ ଉପରେ ଥିବା କର୍ତ୍ତୃପକ୍ଷଙ୍କ ପ୍ରତି ବଶୀଭୂତ ହେବା ପାଇଁ ଆମକୁ ମନୋନୀତ କରିବାକୁ ହେବ ।

ଯଦିଓ ଆମେ କେତେକ କର୍ତ୍ତୃପକ୍ଷଙ୍କ ସହିତ ଏକମତ ହୋଇ ନ ଥାଉ, କିମ୍ବା ସେମାନଙ୍କୁ ସମ୍ମାନ ଦେଖାଇ ନ ଥାଉ, ତଥାପି ଆମକୁ ଆମର ମନୋଭାବ ଓ କାର୍ଯ୍ୟରେ ସେମାନଙ୍କର ବଶୀଭୂତ ହେବାକୁ ପଡ଼ିବ ।

କେବଳ ସେହି କ୍ଷେତ୍ରରେ ବ୍ୟତିକ୍ରମ ହେବ, ଯଦି ସେମାନଙ୍କର କର୍ତ୍ତୃତ୍ୱରେ, ସେମାନେ ଆପଣଙ୍କୁ ଈଶ୍ୱରଙ୍କ ବାକ୍ୟ ଅମାନ୍ୟ କରିବାକୁ କହନ୍ତି କିମ୍ବା ତାହା କରିବା ପାଇଁ ଅନ୍ୟମାନଙ୍କୁ ଚାଳନା ଦିଅନ୍ତି ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ –** ଏପରି ସମୟ ଆସିପାରେ, ଯେତେବେଳେ ଆମେ ଜଣେ କର୍ତ୍ତୃପକ୍ଷଙ୍କ ଯୋଗୁ ଅସୁବିଧା ଭୋଗିପାରୁ । ଆମେ ହୁଏତ ଏହା ଅନୁଭବ କରିପାରୁ ଯେ, ଆମକୁ ନିରପେକ୍ଷ ବ୍ୟବହାର ଦେଖାଯାଉ ନାହିଁ କିମ୍ବା ଉପଯୁକ୍ତ ସମ୍ମାନ ଓ ସ୍ୱୀକୃତି ମିଳୁ ନାହିଁ ।

ସେହିପ୍ରକାର ପରିସ୍ଥିତିରେ ଆମ ପାଇଁ ଯୀଶୁଙ୍କ ଦୃଷ୍ଟାନ୍ତ ହେଉଛି ଯେ, ସେ "ମନୁଷ୍ୟ ସଦୃଶ ହୋଇ ଦାସରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ" (ଫିଲିପ୍ପୀ ୨:୭) । ଖ୍ରୀଷ୍ଟ ମନୁଷ୍ୟମାନଙ୍କର ଅନୁମୋଦନ କିମ୍ବା ପ୍ରଶଂସା ଚାହିଁ ନ ଥିଲେ । ଏହାର ଆଂଶିକ କାରଣ ଥିଲା – ଏହା କେତେ ବୃଥା ବୋଲି ସେ ଜାଣିଥିଲେ । ଲୋକମାନେ ଅତିଶୀଘ୍ର ସେମାନଙ୍କର ମତ ବଦଳାଇପାରନ୍ତି (ଯୋହନ ୨:୨୩-୨୫, ୬:୧୫,୨୬,୬୦-୬୬) ।

ଏହା ପରିବର୍ତ୍ତେ, ଯୀଶୁଖ୍ରୀଷ୍ଟ ସ୍ୱର୍ଗସ୍ଥ ପିତାଙ୍କର ସନ୍ତୋଷ ଅନ୍ୱେଷଣ କରିଥିଲେ । ସେ ଗୋଟିଏ ଦାସର କାର୍ଯ୍ୟ ମଧ୍ୟ ମନୋନୀତ କରିଥିଲେ (ମାଥିଉ ୨୦:୨୮) । ତାଙ୍କ ବଶ୍ୟତା ଓ ସେବାର ହୃଦୟ ମଧ୍ୟରୁ ଉଭୟ ଆମ ନିମନ୍ତେ ପରିତ୍ରାଣ ଓ ଈଶ୍ୱରଙ୍କ ନିମନ୍ତେ ମହାଗୌରବ ଆସିଥିଲା (ଫିଲିପ୍ପୀ ୨:୭-୧୧) ।

ମଣ୍ଡଳୀ ନେତା ଭାବରେ, ଆମେ ବେଳେବେଳେ କର୍ତ୍ତୃତ୍ୱ ସ୍ଥାନରେ ସ୍ଥାପିତ ହେବା । ଦକ୍ଷତାର ସହିତ କର୍ତ୍ତୃତ୍ୱ ପ୍ରୟୋଗ କରିବା ନିମନ୍ତେ ଆମକୁ ପ୍ରଥମେ କର୍ତ୍ତୃତ୍ୱ ଅଧୀନରେ ଜୀବନ କାଟିବାକୁ ଓ ଆଚରଣ କରିବାକୁ ଶିକ୍ଷା କରିବାକୁ ହେବ ! ତାହାର ଅର୍ଥ ହେଉଛି – ବଶ୍ୟତାର ନିୟମ ଅଧୀନରେ କିପରି ଜୀବନ କାଟିବାକୁ ହେବ, ତାହା ଆମକୁ ବୁଝିବାକୁ ହେବ ।

ଯଦି ଜଣେ କର୍ତ୍ତୃପକ୍ଷଙ୍କ ସହିତ ଆପଣଙ୍କର ଗୋଟିଏ ସମସ୍ୟା ଅଛି, ତେବେ ଆପଣଙ୍କୁ କେତେକ ପ୍ରୟୋଗାତ୍ମକ ପଦକ୍ଷେପ ନେବାକୁ ହେବ ।



ପ୍ରଥମରେ, ସେହି ବ୍ୟକ୍ତି ନିମନ୍ତେ ପ୍ରତିଦିନ ପ୍ରାର୍ଥନା କରନ୍ତୁ । ଏହା ସେମାନଙ୍କ ଉପରେ ଈଶ୍ୱରଙ୍କ ଦୃଷ୍ଟିକୋଣ ଲାଭ କରିବାରେ ଆପଣଙ୍କୁ ସାହାଯ୍ୟ କରିବ । ଏହାପରେ, ଆପଣଙ୍କ ସଂଘର୍ଷ ପ୍ରତି ତାଙ୍କ ସମାଧାନ ପାଇଁ ପ୍ରଭୁଙ୍କୁ ଅନ୍ୱେଷଣ କରନ୍ତୁ । ଧର୍ମଶାସ୍ତ୍ର ଅନୁସନ୍ଧାନ କରନ୍ତୁ ଓ ଉତ୍ତର ନିମନ୍ତେ ପ୍ରଭୁଙ୍କ ପାଇଁ ଅପେକ୍ଷା କରନ୍ତୁ ।

ଆପଣ ସେହି ବ୍ୟକ୍ତି ନିକଟକୁ ଯାଇ ନମ୍ର ଭାବରେ ଆପଣଙ୍କ ସମସ୍ୟା ତାଙ୍କୁ ଜଣାଇବା ଆବଶ୍ୟକ ହୋଇପାରେ (ମାଥି. ୫:୨୩,୨୪) । ଆପଣ ସେହି ଲୋକମାନଙ୍କର ପରାମର୍ଶ ମଧ୍ୟ ନେଇପାରନ୍ତି, ଯେଉଁମାନେ ଜ୍ଞାନୀ ଓ ବ୍ୟାଖ୍ୟାକାରୀ ଅଟନ୍ତି, ଯେଉଁମାନେ ସମସ୍ୟା ସମାଧାନରେ ଆପଣଙ୍କୁ ସାହାଯ୍ୟ କରିବେ ଓ ଆପଣଙ୍କ ପକ୍ଷ ଅଯଥାରେ ନେବେ ନାହିଁ ।

ଶେଷରେ, ଆପଣଙ୍କ ନିଜ ହୃଦୟକୁ ସଠିକ୍ ଭାବରେ ରଖନ୍ତୁ (ଅଭିଯୋଗ କିମ୍ବା ସମାଲୋଚନା କରନ୍ତୁ ନାହିଁ) ଓ ଆପଣଙ୍କର ପକ୍ଷସମର୍ଥନକାରୀ ଭାବରେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତୁ (ଗୀତ. ୫:୧, ୭:୧୦, ୩୨:୨, ୫୯:୧୬,୧୭ ଇତ୍ୟାଦି) । ଏହା ଦାଉଦଙ୍କ ଜୀବନରେ ପ୍ରଦର୍ଶିତ ହୋଇଛି, ଯିଏ ଈଶ୍ୱରଙ୍କୁ ସମ୍ମାନ ଦେଖାଇବା ପାଇଁ ଓ ତାଙ୍କ ସମୟକୁ ଅପେକ୍ଷା କରିବା ପାଇଁ ମନୋନୀତ କରିଥିଲେ, ଯଦିଓ ତାଙ୍କ ପ୍ରତି ଶାଉଲଙ୍କ ବ୍ୟବହାର କଠୋର ଓ ବେଳେବେଳେ ଦୁଷ୍ଟତାପୂର୍ଣ୍ଣ ଥିଲା (୧ଶାମୁ. ୧୬-୨୪ ପାଠ କରନ୍ତୁ) ।

ଈଶ୍ୱର ଆମ ଜୀବନରେ ପରୀକ୍ଷା କିମ୍ବା କଷ୍ଟର କର୍ତ୍ତା ହୋଇ ନ ପାରନ୍ତି । ମାତ୍ର ସେ ଆମ ଜୀବନର ପ୍ରତ୍ୟେକ ପରିସ୍ଥିତିକୁ ମଙ୍ଗଳ ନିମନ୍ତେ ବ୍ୟବହାର କରିବାକୁ ପ୍ରତିଜ୍ଞା କରିଛନ୍ତି । ସେହି 'ମଙ୍ଗଳ' ହେଉଛି, ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ଆମକୁ ଗଠନ କରିବା (ରୋମୀ. ୮:୨୮,୨୯) ।

ବେଳେବେଳେ ଆମର ହୃଦୟକୁ ପରୀକ୍ଷା କରିବା ପାଇଁ ଈଶ୍ୱର ଆମେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକୁ ବ୍ୟବହାର କରିବେ (ଯାତ୍ରା ୨୦:୨୦, ୧ବଂଶା. ୨୯:୧୭) । ଅନ୍ୟ ସମୟରେ, ଗୋଟିଏ ଆହ୍ୱାନମୂଳକ ସଂପର୍କ ପରିପକ୍ୱ ହେବା ନିମନ୍ତେ ଆମକୁ ବାଧ୍ୟ କରିପାରେ । ଅସୁବିଧା ମଧ୍ୟରେ ଧର୍ମପରାୟଣ ପ୍ରତିକ୍ରିୟାର ମନୋନୟନ ସର୍ବଦା ଚରିତ୍ରରେ ଆମର ଅଭିବୃଦ୍ଧି ଘଟାଇବ ।

ଯଦି ଆମେ ପରୀକ୍ଷା ମଧ୍ୟରେ ଖ୍ରୀଷ୍ଟଙ୍କ ମନୋଭାବ ଓ ହୃଦୟକୁ ଗ୍ରହଣ କରିବାକୁ ମନୋନୀତ କରିବା, ତେବେ ଏହାଦ୍ୱାରା ପ୍ରାୟତଃ, ଈଶ୍ୱର ଆମକୁ ଏକ ବୃହତ୍ ପରିମାଣର କର୍ତ୍ତୃତ୍ୱ, ପ୍ରଭାବ ଓ ଅଭିଷେକ ପ୍ରଦାନ କରିବେ ।

**ଖ) ଯୀଶୁ ପରିପକ୍ୱ ହୋଇଥିଲେ –** ଯୀଶୁ ଗୋଟିଏ ସ୍ଥିର, ସନ୍ତୁଳିତ ଅଭିବୃଦ୍ଧିର ଧାରା ନିକଟରେ ନିଜକୁ ସମର୍ପଣ କରିଥିଲେ (ଲୂକ ୨:୫୨) । ଯଦିଓ ଏହି ପଦରେ ଯୀଶୁଙ୍କର ଯୌବନ ଅନ୍ତର୍ଭୁକ୍ତ ଅଟେ, ତଥାପି ଏହା ବ୍ୟକ୍ତିଗତ ଅଭିବୃଦ୍ଧି ଓ ପରିପକ୍ୱତାର ଏକ ସୁସ୍ଥ ଧାରା ସମ୍ବନ୍ଧରେ ଆମ ପାଇଁ ଏକ ଦୃଷ୍ଟାନ୍ତ ସ୍ଥାପନ କରେ ।

**୧) 'ଜ୍ଞାନରେ ବୃଦ୍ଧି ପାଇଥିଲେ' –** ଜ୍ଞାନର ଏକ ପ୍ରାଥମିକ ଉତ୍ସ ହେଉଛି, ଈଶ୍ୱରଙ୍କ ବାକ୍ୟ । ଆପଣ ଏହା ପାଠ ଓ ଅଧ୍ୟୟନ କରୁଥିବା ସମୟରେ, ଆପଣଙ୍କ ବୋଧଜ୍ଞାନ ଉନ୍ମୁକ୍ତ କରି ସତ୍ୟ ସମ୍ବନ୍ଧରେ ଆପଣଙ୍କୁ କହିବା ପାଇଁ ପବିତ୍ର ଆତ୍ମାଙ୍କୁ ନିବେଦନ କରନ୍ତୁ (୨ତୀମଥି ୨:୧୫) ।

ଯୀଶୁ କହିଥିଲେ ଯେ, ''ପବିତ୍ର ଆତ୍ମା ତୁମ୍ଭମାନଙ୍କୁ ସମସ୍ତ ବିଷୟ ଶିକ୍ଷା ଦେବେ, ଆଉ ମୁଁ ତୁମ୍ଭମାନଙ୍କୁ ଯାହା ଯାହା କହିଅଛି, ସେହିସବୁ ତୁମ୍ଭମାନଙ୍କୁ ସ୍ମରଣ କରାଇବେ'' (ଯୋହନ ୧୪:୨୬) । ଈଶ୍ୱରଙ୍କ ଆତ୍ମା ଯୀଶୁଙ୍କ ବାକ୍ୟକୁ ଜୀବିତ କରିବେ (ଜୀବିତ ଓ ପ୍ରକାଶମାନ କରିବେ) ।

ଆମ ଜୀବନ ମଧ୍ୟରେ ଆମେ ଈଶ୍ୱରଙ୍କ ଯେଉଁ ବାକ୍ୟ ଜମା କରିଥାଉ, ପବିତ୍ର ଆତ୍ମା ସେଥିରୁ ଆକର୍ଷଣ କରିବେ । ଆମେ ବାଇବଲ ପଠନ ଓ ଅଧ୍ୟୟନ ଏବଂ ବଳିଷ୍ଠ ବାଇବଲ ଶିକ୍ଷା ଓ ଉପଦେଶ ଶୁଣିବା କିମ୍ବା ଅଧ୍ୟୟନ କରିବା ସମୟରେ ଆମେ ଏହି ଜମା ସଞ୍ଚୟ କରୁ ।

ମଣ୍ଡଳୀ ନେତା ଭାବରେ, ଜ୍ଞାନରେ ବୃଦ୍ଧି ପାଇବା ନିମନ୍ତେ ଆମକୁ ଧର୍ମଶାସ୍ତ୍ର ଅଧ୍ୟୟନ, ମୁଖସ୍ଥ ଓ ପ୍ରୟୋଗ ପ୍ରତି ନିଜ ନିଜକୁ ଉତ୍ସର୍ଗ କରିବାକୁ ହେବ । କିନ୍ତୁ, ଏହି ପଠନ ଓ ଅଧ୍ୟୟନ ଉପଦେଶ ପ୍ରସ୍ତୁତ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ! ଏହା ଆମର ବ୍ୟକ୍ତିଗତ ଅଭିବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଅଟେ । ଏହାପରେ, ଆମ ଜୀବନରେ ଈଶ୍ୱରଙ୍କ ବାକ୍ୟର ବହୁଳ ଜମା ରୂପକ କ୍ରମେ ଗଭୀର ହେଉଥିବା ଏହି କୂପରୁ ଆମେ ସେହି ସମସ୍ତ ସତ୍ୟ ବାହାର କରିପାରିବା ଯେ, ଆମେ ଅନ୍ୟମାନଙ୍କ ନିକଟରେ ପ୍ରଚାର କରୁଥିବା ସମୟରେ ପ୍ରଭୁ ଆମର ହୃଦୟକୁ ଜୀବିତ କରନ୍ତି । ଏହା ଆମ ନିମନ୍ତେ ଓ ଆମେ ଯେଉଁମାନଙ୍କ ନିକଟରେ ପ୍ରଚାର କରୁ, ସେମାନଙ୍କ ନିମନ୍ତେ ମଧ୍ୟ ବଡ଼ ବ୍ୟକ୍ତିଗତ ଆଶୀର୍ବାଦ ଧାରଣ କରିବ (୧ତୀମଥି ୪:୧୨-୧୬) ।

**୨) 'ଶରୀରରେ...ବୃଦ୍ଧି ପାଇଲେ' –** ଆମ ଶରୀର ପବିତ୍ର ଆତ୍ମାଙ୍କ ମନ୍ଦିର ଅଟେ ବୋଲି ଆମେ ଶିକ୍ଷା କରିଅଛୁ (୧କରିନ୍ଥୀ. ୬:୧୨-୨୦, ୧ଥେସ. ୪:୧-୮) । ସେଥିପାଇଁ, ଈଶ୍ୱର ଆମକୁ ପ୍ରଦାନ କରିଥିବା ଶରୀରର ଉତ୍ତମ ତତ୍ତ୍ୱାବଧାୟକ ହେବା ଆମର ଆବଶ୍ୟକ । ଆମର ଶାରୀରିକ ସ୍ୱାସ୍ଥ୍ୟ ସେବାକାର୍ଯ୍ୟରେ ଈଶ୍ୱରଙ୍କ



ଦ୍ୱାରା ସଫଳ ଭାବରେ ବ୍ୟବହୃତ ହେବା ନିମନ୍ତେ ଆମର ସାମର୍ଥ୍ୟ ଉପରେ ଏକ ପ୍ରତ୍ୟକ୍ଷ ପ୍ରଭାବ ପକାଇପାରେ ।

ଆମ ଭୌତିକ ଶରୀରର ସ୍ପଷ୍ଟ ଅପବ୍ୟବହାର ସମ୍ବନ୍ଧରେ ଆମେ ସମସ୍ତେ ସଚେତନ ଅଛୁ ଓ ସେଗୁଡ଼ିକୁ ଏଡ଼ାଇବା ଉଚିତ୍ ଅଟେ । ଯଥା-ମଦ୍ୟପାନ କିମ୍ବା ନିଶାସେବନ (ଏଫିସୀ. ୫:୧୮); ଯୌନଗତ ଅନୈତିକତା (୧ଥେସ. ୪:୩-୫); ଅତ୍ୟଧିକ ଭୋଜନ (୧କରିନ୍ଥୀ. ୬:୧୨,୧୩, ୯:୨୪-୨୭) । ଏହା ପରିବର୍ତ୍ତେ, ଆସନ୍ତୁ ଆମେ ପ୍ରଭୁଙ୍କ ସେବାରେ ଆମର ଶରୀରକୁ ବ୍ୟବହାର କରିବା ।

ବାଇବଲ ଆମକୁ ଏହା କହେ ଯେ, ଶାରୀରିକ ବ୍ୟାୟାମରେ ଧାର୍ମିକତା ଅପେକ୍ଷା କମ୍ ମୂଲ୍ୟ ରହିଛି (୧ତୀମଥି ୪:୮); ମାତ୍ର ବ୍ୟାୟାମରେ ମଧ୍ୟ କିଛି ମୂଲ୍ୟ ରହିଛି । କିନ୍ତୁ, ଆମେ ଆମର ପ୍ରାଥମିକତା ରକ୍ଷା କରିବା ଉଚିତ୍, ଆମର ଆତ୍ମିକ ସ୍ଥିତି ଅପେକ୍ଷା ଶାରୀରିକ ସ୍ଥିତି ବିଷୟରେ ଅଧିକ ଚିନ୍ତିତ ହେବା ନାହିଁ ।

ମଧ୍ୟମଧରଣର ଦୈନିକ ବ୍ୟାୟାମ ଆମର ସ୍ୱାସ୍ଥ୍ୟ ନିମନ୍ତେ ଉତ୍ତମ ଅଟେ । ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଖାଇବା ପାଇଁ ଯଥାସାଧ୍ୟ ଉଦ୍ୟମ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ଆମେ ଯେପରି ଯଥେଷ୍ଟ ପରିମାଣରେ ନିଦ୍ରା ପାଇପାରିବୁ, ଏଥିପାଇଁ ଆମେ ଆମର କାର୍ଯ୍ୟକ୍ରମ ଉପରେ ଦୃଷ୍ଟି ଦେବା ଉଚିତ୍ । ଏହି ସମସ୍ତ ବିଷୟ ଆମର ଦକ୍ଷତା ଓ ଦୀର୍ଘାୟୁ ପ୍ରତି ଅବଦାନ ଦିଏ; ଆମ ବର୍ଷ ସଂଖ୍ୟା ବୃଦ୍ଧି କରେ, ଯେପରି ଈଶ୍ୱର ଆମକୁ ବ୍ୟବହାର କରିପାରିବେ ଓ ତାଙ୍କ ପ୍ରତି ଆମ ସେବାରୁ ଗୌରବ ପାଇପାରିବେ!

**୩) ''ଈଶ୍ୱରଙ୍କ ଅନୁଗ୍ରହରେ...ବୃଦ୍ଧି ପାଇଲେ'' –** ଯୀଶୁ ପିତାଙ୍କ ଇଚ୍ଛା ପ୍ରତି ଆଜ୍ଞାବହ ହୋଇଥିଲେ । ତାଙ୍କର ସମଗ୍ର ସେବାକାର୍ଯ୍ୟ ଥିଲା- ସେ ଯାହା କହନ୍ତୁ ବୋଲି ପିତା ଈଶ୍ୱର ଇଚ୍ଛା କରିଥିଲେ, ତାହା କରିବା (ଯୋହନ ୫:୧୯,୩୦) । ପିତା ଈଶ୍ୱର ଯାହା କହୁଥିଲେ, ଯୀଶୁ ତାହା କରୁଥିଲେ (ଯୋହନ ୮:୨୬,୨୮) ଓ ଈଶ୍ୱରଙ୍କ କାର୍ଯ୍ୟସାଧନ କରିଥିଲେ (ଯୋହନ ୫:୧୭, ୯:୪, ୧୪:୧୦) ।

ଯୀଶୁ ପିତା ଈଶ୍ୱରଙ୍କ ଇଚ୍ଛାର ଏପରି ଯଥାର୍ଥ ଭାବରେ ଆଜ୍ଞାବହ ହୋଇଥିଲେ ଯେ, ସେ କହିପାରିଥିଲେ, ''ମୋହର ପ୍ରେରଣକର୍ତ୍ତା ମୋ'ସାଙ୍ଗରେ ଅଛନ୍ତି । ସେ ମୋତେ ଏକାକୀ ପରିତ୍ୟାଗ କଲେ ନାହିଁ, କାରଣ ମୁଁ ସର୍ବଦା ତାହାଙ୍କର ସନ୍ତୋଷଜନକ କାର୍ଯ୍ୟ କରେ'' (ଯୋହନ ୮:୨୯, ଯୋହନ ୪:୩୪, ୬:୩୮ ଦେଖନ୍ତୁ) ।

କିନ୍ତୁ ତାଙ୍କ ବାଧ୍ୟତାର ଊର୍ଦ୍ଧ୍ୱରେ ଯୀଶୁ ଆତ୍ମାଙ୍କ ଦ୍ୱାରା ପିତାଙ୍କ ସହିତ ଏକ ଘନିଷ୍ଠ ଓ ଅନ୍ତରଙ୍ଗ ସଂପର୍କ ମଧ୍ୟ ସ୍ଥାପନ କରିଥିଲେ । ଯୀଶୁ ପ୍ରାୟ, ଏକାକୀ

ପ୍ରାର୍ଥନା କରିବାକୁ ଯାଉଥିଲେ (ଲୂକ ୫:୧୬) । ଏହି ପଦରେ ମୂଳ ଗ୍ରୀକ୍ କ୍ରିୟାର କାଳ ଏହା ପ୍ରକାଶ କରେ ଯେ, ପ୍ରାର୍ଥନାରେ ଏକାକୀ ସମୟ କାଟିବା ଯୀଶୁଙ୍କର ଏକ ''ନିୟମିତ ଅଭ୍ୟାସ'' ଥିଲା ।

ଯୀଶୁଙ୍କର ବାଧ୍ୟତା ଈଶ୍ୱରଙ୍କ ପ୍ରେମ କିମ୍ବା ଦୟା ଅର୍ଜ୍ଜନ କରି ନ ଥିଲା । ମାତ୍ର ଏହା ଏହି ବିଷୟକୁ ସୁନିଶ୍ଚିତ କରିଥିଲା ଯେ, କୌଣସି ପାପ କିମ୍ବା ବୁଝାମଣା ପିତାଙ୍କ ସହିତ ତାଙ୍କ ସଂକର୍ପକୁ ଉଲ୍ଲଙ୍ଘନ କରିବ ନାହିଁ । ଏଥିରେ ଆମ ନିମନ୍ତେ ଏକ ପ୍ରଭାବଶାଳୀ ଗୁରୁତ୍ୱ ରହିଛି, କାରଣ ଯୀଶୁ ଆମ ପ୍ରତି ଅନ୍ତରଙ୍ଗ ସଂପର୍କର ସେହି ପ୍ରତିଜ୍ଞା ସଂପ୍ରସାରଣ କରିଛନ୍ତି !

ଆମେ ଯୀଶୁଙ୍କର ଆଜ୍ଞାବହ ହେବା ସମୟରେ ''ଆମ ପ୍ରତି ନିଜକୁ ପ୍ରକାଶ କରିବେ'' ବୋଲି ଯୀଶୁ ପ୍ରତିଜ୍ଞା କରିଛନ୍ତି (ଯୋହନ ୧୪:୨୧-୨୪) । ଖ୍ରୀଷ୍ଟ ଓ ତାଙ୍କର ବାକ୍ୟ ପ୍ରତି ଆମର ବାଧ୍ୟତା, ଛୋଟ ଓ ବଡ଼ ବିଷୟରେ ଆମର ପ୍ରଭୁଙ୍କ ସହିତ ଅଧିକ ଘନିଷ୍ଠ ଭାବରେ ଚାଲିବା ପାଇଁ ଆମକୁ ଆତ୍ମିକ ଭାବରେ ସ୍ଥିର କରିବ । ଆମର ବାଧ୍ୟତା ପ୍ରଭୁଙ୍କର ଦୟା ଅର୍ଜ୍ଜନ କରେ ନାହିଁ । କିନ୍ତୁ ଏହା ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ସହିତ କ୍ରମେ ଗଭୀରତର ହେଉଥିବା ସଂପର୍କ ଓ ସହଭାଗିତା ପାଇଁ ଅନୁମତି ଦିଏ । ଆଉ ଏହି ଅନ୍ତରଙ୍ଗ ସଂପର୍କରୁ ହିଁ ପବିତ୍ର ଆତ୍ମାଙ୍କ ଅଭିଷେକ ଏକ କ୍ରମବର୍ଦ୍ଧିଷ୍ଣୁ ଉପାୟରେ ଆମଠାରେ ଓ ଆମ ମଧ୍ୟରେ ପ୍ରବାହିତ ହେବ ।

**୪) 'ମନୁଷ୍ୟମାନଙ୍କ ଅନୁଗ୍ରହରେ...ବୃଦ୍ଧି ପାଇଲେ' –** ଏହା ଏହି ବିଷୟ ପ୍ରତିପାଦନ କରେ ନାହିଁ ଯେ, ଯୀଶୁ ମନୁଷ୍ୟମାନଙ୍କର ପ୍ରଶଂସା କିମ୍ବା ପକ୍ଷସମର୍ଥନକାରୀ ମତ ଅନ୍ୱେଷଣ କରିଥିଲେ । କିନ୍ତୁ, ଯୀଶୁ ସମସ୍ତ ଲୋକଙ୍କ ଅପେକ୍ଷା ପ୍ରକୃତରେ ଶ୍ରେଷ୍ଠତର ଥିଲେ ସୁଦ୍ଧା ଗର୍ବାଚରଣ କରିବାକୁ ମନୋନୀତ କରି ନ ଥିଲେ ! ଏହା ପରିବର୍ତ୍ତେ, ଯୀଶୁ ପ୍ରେମରେ କଥା କହିଥିଲେ ଓ କାର୍ଯ୍ୟ କରିଥିଲେ ।

## ଅନୁଗ୍ରହ ଓ ସତ୍ୟ

ଯୀଶୁ ଈଶ୍ୱରଙ୍କ ଚରିତ୍ରର ସଠିକ୍ ସନ୍ତୁଳନର ଆଦର୍ଶ ଦେଖାଇଥିଲେ : ''ଆଉ ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ, ଆଉ ପିତାଙ୍କଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ'' (ଯୋହନ ୧:୧୪) । ''କାରଣ ବ୍ୟବସ୍ଥା ମୋଶାଙ୍କ ଦ୍ୱାରା ପ୍ରଦତ୍ତ ହେଲା, କିନ୍ତୁ ଅନୁଗ୍ରହ ଓ ସତ୍ୟ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଉପସ୍ଥିତ ହେଲା'' (୧୭ ପଦ) ।



ଯୀଶୁ ପାପୀ (ମାଥି. ୯:୯-୧୩) ଓ ଧାର୍ମିକମାନଙ୍କ (ଲୂକ ୭:୩୬-୫୦) ସହିତ ସମୟ କାଟିଥିଲେ । ସେ ତାଙ୍କ କଥା ଶୁଣୁଥିବା ପ୍ରତ୍ୟେକ ଲୋକକୁ ଈଶ୍ୱରଙ୍କ ପ୍ରେମ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ କହୁଥିଲେ । ଯୀଶୁ ମନୁଷ୍ୟମାନଙ୍କ ଅନୁମୋଦନ କିମ୍ବା ପ୍ରଶଂସା ଅନ୍ୱେଷଣ କରୁ ନ ଥିଲେ, ମାତ୍ର ସେ ପ୍ରତ୍ୟେକ ପରିସ୍ଥିତିରେ ପିତା ଈଶ୍ୱରଙ୍କର ଉଦ୍ଦେଶ୍ୟ ଓ ଈଶ୍ୱରଙ୍କ ବାକ୍ୟ ପ୍ରକାଶ କରିବାକୁ ଚେଷ୍ଟା କରିଥିଲେ ।

ଆମେ ଯେପରି ଏକ ଆରେକ ସହିତ ବିଶୁଦ୍ଧ ଓ ଅକଳୁଷିତ ସଂପର୍କ ରଖିବୁ, ତାହା ଈଶ୍ୱର ଆମଠାରୁ ଆଶା କରନ୍ତି ବୋଲି ଯୀଶୁ ଶିକ୍ଷା ଦେଇଥିଲେ । ବାଇବଲ ସ୍ପଷ୍ଟଭାବରେ ଏପରି କେତେକ ଶାରୀରିକ ଓ ପାପପୂର୍ଣ୍ଣ ଆଚରଣ ପ୍ରକାଶ କରେ ଯାହା ଆମ ସଂପର୍କ ମଧ୍ୟରେ ଈଶ୍ୱରଙ୍କ ଅଗ୍ରାହ୍ୟ ଅଟେ, ଯଥା – କ୍ଷମାହୀନତା, ତିକ୍ତତା, କ୍ରୋଧ, ଈର୍ଷା, ହିଂସା, ସଂଘର୍ଷ, ସମାଲୋଚନା, ବିଚାରଶୀଳ ହେବା ଇତ୍ୟାଦି (ମାଥି. ୫:୨୧-୨୪, ୪୩-୪୮, ୬:୧୨,୧୪,୧୫, ୭:୧-୬, ୧୮:୨୧-୩୫, ରୋମୀ. ୧୨:୯-୨୧, ଗାଲା. ୫:୧୩-୧୫, ୧୯-୨୧, ୧ଯୋହନ ୨:୯,୧୦, ୩:୧୦-୧୮ – ଅନେକ ସୂଚନା ମଧ୍ୟରୁ ଏଗୁଡ଼ିକ ଅଳ୍ପ କେତେକ ସୂଚନା ଯାହା ଏକ ଆରେକ ସହିତ ଆମର ସଠିକ୍ ସଂପର୍କ ରଖିବା ଉପରେ ଈଶ୍ୱରଙ୍କ ଗୁରୁତ୍ୱକୁ ବୁଝାଇଥାଏ) ।

ଆମେ ଅନ୍ୟମାନଙ୍କର ମନୋଭାବ କିମ୍ବା ଆଚରଣକୁ ନିୟନ୍ତ୍ରଣ କରିପାରିବା ନାହିଁ । ମାତ୍ର ଆମର ନିଜସ୍ୱ ଇଚ୍ଛା କ'ଣ ହେବ, ତାହା ଆମେ ନିର୍ଣ୍ଣୟ କରିପାରିବା । ଆଉ ପ୍ରାୟତଃ, ''ଅନୁଗ୍ରହ ଓ ସତ୍ୟ'' ସମ୍ବନ୍ଧରେ ଆମର ମନୋଭାବ ଅନ୍ୟମାନଙ୍କ ସହିତ ପୁନର୍ମିଳନ ଓ ଶାନ୍ତି ନିମନ୍ତେ ମାର୍ଗ ଉନ୍ମୋଚନ କରିବା ।

ଯେତେବେଳେ ଆମେ ସଠିକ୍ ସଂପର୍କ ଦିଗରେ କାର୍ଯ୍ୟ କରୁ, ଈଶ୍ୱରଙ୍କ ''ଅନୁଗ୍ରହ ଓ ସତ୍ୟ''ରେ ପରିପୂର୍ଣ୍ଣ ହେଉ, ସେତେବେଳେ ଏହା 'ଏକତା' ସୃଷ୍ଟି କରେ । ଖ୍ରୀଷ୍ଟଙ୍କ ଶରୀରରେ ଶ୍ରେଷ୍ଠତର ଏକତା ହେଉଛି ଆମ ଜୀବନରେ, ଆମ ମଣ୍ଡଳୀରେ ଓ ଆମ ଅଞ୍ଚଳରେ ପବିତ୍ର ଆତ୍ମାଙ୍କ ଅଭିଷେକକାରୀ ଉପସ୍ଥିତିକୁ ଉନ୍ମୋଚନ କରିବା ପାଇଁ ଏକ ଚାବିକାଠି । ଏହା ସୁସମାଚାରର ପ୍ରକୃତ ସତ୍ୟ ସମ୍ବନ୍ଧରେ ଏକ ସାକ୍ଷୀ ମଧ୍ୟ ଅଟେ (ଯୋହନ ୧୭:୨୦,୨୧) ।

**ଗ) ଯୀଶୁ ନମ୍ରଭାବରେ ଗମନାଗମନ କରିଥିଲେ –**

ନିଃସନ୍ଦେହରେ, ଈଶ୍ୱରଙ୍କ ପୁତ୍ର ସମସ୍ତ ମନୁଷ୍ୟ ଅପେକ୍ଷା ନମ୍ର ଥିଲେ । ଯୀଶୁ ସଂପୂର୍ଣ୍ଣ ଭାବରେ ଈଶ୍ୱର ଥିଲେ, ତଥାପି ସେ ଯେପରି ଆମ ସମସ୍ତଙ୍କ ନିମନ୍ତେ

ନିଜର ଜୀବନ ଉତ୍ସର୍ଗ କରିପାରିବେ, ଏଥିପାଇଁ ସେ ଜଣେ ମନୁଷ୍ୟର ରୂପ ଓ ଜଣେ ଦୀନହୀନ ଦାସର କାର୍ଯ୍ୟ ଗ୍ରହଣ କରିଥିଲେ (ଫିଲି. ୨:୭,୮) । ଯଦି ଆମକୁ ତାଙ୍କ ପାଦ ଚିହ୍ନରେ ଗମନ କରିବାକୁ ହୁଏ, ତେବେ ଆମକୁ ନମ୍ର ଆଚରଣ କରିବାକୁ ହେବ ।

ଏପରିକି ଯେତେବେଳେ ଏହା ଆବଶ୍ୟକ ବୋଲି ମନେ ହେଉଥିଲା, ସେତେବେଳେ ମଧ୍ୟ ଯୀଶୁ ନିଜକୁ ନମ୍ର କରିବା ଦ୍ୱାରା ନିଜର ସେବାକାର୍ଯ୍ୟ ଆରମ୍ଭ କରିଥିଲେ । ଯେତେବେଳେ ବାପ୍ତିଜକ ଯୋହନ ଲୋକମାନଙ୍କୁ ପାପ ନିମନ୍ତେ ମନଃଫେରଣ କରିବା ପାଇଁ ବାପ୍ତିସ୍ମ ଦେଉଥିଲେ, ସେତେବେଳେ ଯୀଶୁ ତାଙ୍କ ନିକଟକୁ ଆସିବା ସମୟରେ ଆମେ ଉପରୋକ୍ତ ବିଷୟ ଦେଖିଥାଉ (ମାଥିଉ ୩:୧୩-୧୭) ।

ସ୍ୱଷ୍ଟତଃ, ଯୀଶୁଙ୍କର ଅନୁତାପ କରିବା ଆବଶ୍ୟକ ନ ଥିଲା, କାରଣ ସେ ପାପବିହୀନ ଥିଲେ (ଏବ୍ରୀ ୪:୧୫) । ଯୀଶୁ ପାପଶୂନ୍ୟ ଓ ତାଙ୍କଠାରୁ ଶ୍ରେଷ୍ଠତର, ଏହା ଜାଣି ଯୋହନ ମଧ୍ୟ ଯୀଶୁଙ୍କୁ ନିବୃତ୍ତ କରିବାକୁ ଚେଷ୍ଟା କରିଥିଲେ (ମାଥି. ୩:୧୪) । ତଥାପି ଯୀଶୁ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ପାଇଁ ଅନୁରୋଧ କରିଥିଲେ, ‘‘ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ’’ (୧୫ ପଦ) ।

ବାପ୍ତିଜିତ ହେବା ପାଇଁ ଯୀଶୁ କାହିଁକି କହିଥିଲେ ? ଏହି ଘଟଣା ଯୀଶୁଙ୍କ ସେବାକାର୍ଯ୍ୟର ଶୁଭାରମ୍ଭ, ପ୍ରାରମ୍ଭିକତାର ଚିହ୍ନ ଥିଲା । ସମୟକ୍ରମେ, ଯୀଶୁ ‘ପାପୀମାନଙ୍କ ସହିତ’ – ଅର୍ଥାତ୍, ଆପଣଙ୍କ ଭଳି ଓ ମୋ’ଭଳି ଲୋକମାନଙ୍କ ସହିତ ‘ନିଜକୁ ଚିହ୍ନିତ କରିବା ପାଇଁ’ ଏହି ଜଳ ବାପ୍ତିସ୍ମ ରୂପକ ନମ୍ରତାର କାର୍ଯ୍ୟକୁ ମନୋନୀତ କରିଥିଲେ ।

ଈଶ୍ୱରଙ୍କ ନିଷ୍ପାପ ପୁତ୍ର ଯୀଶୁ ସମସ୍ତ ମାନବ ଜାତି ପ୍ରତି ପରିତ୍ରାଣର ଭରସା ଆଣିବା ପାଇଁ ନିଜ ଲକ୍ଷ୍ୟରେ ପାପୀ ମାନବ ଜାତିକୁ ନିଜ ସହିତ ରଖିବା ପାଇଁ ମନୋନୀତ କରିଥିଲେ । ସମସ୍ତ ‘ଧର୍ମ କର୍ମ ସାଧନ କରିବା ପାଇଁ’ ଯୀଶୁ ଯେପରି ମାନବ ଜାତିର ପାପଭାର ବହନ କରି ସେମାନଙ୍କର ଉଦ୍ଧାରକର୍ତ୍ତା ଓ ତ୍ରାଣକର୍ତ୍ତା ହେବେ, ଏଥିନିମନ୍ତେ ଈଶ୍ୱରଙ୍କ ଇଚ୍ଛାକୁ ସ୍ୱୀକାର କରିଥିଲେ ।

## ଦାସମାନଙ୍କ ଦାସ

ଯୀଶୁ ଏହା ଜାଣିଥିଲେ ଯେ, ତାଙ୍କର ଈଶ୍ୱର ନିରୂପିତ ଲକ୍ଷ୍ୟ ମାନବ ଜାତି ପ୍ରତି ଏକ ନମ୍ର ଦାସ ହେବା ପାଇଁ ଉଦ୍ଦିଷ୍ଟ ଥିଲା (ମାଥି. ୨୦:୨୮) । ସେ ୧୨ ବର୍ଷ



ବୟସରେ ସୁଦ୍ଧା ଏହା ଜାଣିଥିଲେ (ଲୂକ ୨:୪୧-୫୦) । ତାଙ୍କର ଜଳ ବାପ୍ତିସ୍ମ ପରେ ସଙ୍ଗେ ସଙ୍ଗେ ଯାହା ଘଟିଥିଲା, ତଦ୍ଦ୍ୱାରା ପୁନର୍ବାର ଏହା ସ୍ଥିରୀକୃତ ହୋଇଥିଲା ।

‘‘ଯୀଶୁ ବାପ୍ତିଜିତ ହେଲାକ୍ଷଣି ଜଳରୁ ଉଠି ଆସିଲେ, ଆଉ ଦେଖ, ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ । ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ‘‘ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ’’ (ମାଥି. ୩:୧୬,୧୭) ।

ବାପ୍ତିସ୍ମରେ ପିତାଙ୍କର ଇଚ୍ଛା ନମ୍ର ଭାବରେ ପାଳନ କରିବା ସମୟରେ ଯୀଶୁଙ୍କ ପ୍ରତି ତିନୋଟି ଘଟଣା ଘଟିଥିଲା :

**୧) ‘ଆକାଶ ଉନ୍ମୁକ୍ତ ହେଲା’ (୧୬ ପଦ)** – ଈଶ୍ୱର ନିଜ ପୁତ୍ରଙ୍କ ମାଧ୍ୟମରେ ଏକ ନୂତନ ଓ ଶକ୍ତିପୂର୍ଣ୍ଣ ମାର୍ଗରେ ନିଜକୁ ଓ ନିଜର ଉଦ୍ଦେଶ୍ୟକୁ ଯେ ପ୍ରକାଶ କରୁଛନ୍ତି, ତାହାର ନିଦର୍ଶନ ଏହା ଥିଲା । ଯୀଶୁ ଈଶ୍ୱର ଥିଲେ ଓ ଅଛନ୍ତି (କଲସୀ. ୧:୧୫,୧୬,୧୯, ଏବ୍ରୀ ୧:୩) । ତାଙ୍କୁ ଦେଖିବା, ତାଙ୍କ କଥା ଶୁଣିବା ଓ ତାଙ୍କୁ ଜାଣିବା ହେଉଛି, ପ୍ରକୃତରେ ଈଶ୍ୱରଙ୍କୁ ଜାଣିବା । ଯୀଶୁଙ୍କଠାରେ, ଈଶ୍ୱର ପୂର୍ବାପେକ୍ଷା ଅଧିକ ସ୍ୱଷ୍ଟ ଭାବରେ ପାପୀ ମାନବ ନିକଟରେ ନିଜକୁ ପ୍ରକାଶ କରିଥିଲେ ।

**୨) ‘ଈଶ୍ୱରଙ୍କ ଆତ୍ମା...ଅବତରଣ କରିଥିଲେ’ (୧୬ ପଦ)** – ଯୀଶୁ ପବିତ୍ର ଆତ୍ମାଙ୍କର ଏକ ଶକ୍ତିପୂର୍ଣ୍ଣ, ଅସୀମ ଅଭିଷେକ ପ୍ରାପ୍ତ ହୋଇଥିଲେ । ଏହା ଈଶ୍ୱରଙ୍କ ହୃଦୟକୁ ସଂପୂର୍ଣ୍ଣ ଭାବରେ ପ୍ରକାଶ କରି ଓ ସମସ୍ତଙ୍କ ପାଇଁ ପରିତ୍ରାଣର ମାର୍ଗ ଉନ୍ମୁକ୍ତ କରି ଈଶ୍ୱରଙ୍କ ଉଦ୍ଦେଶ୍ୟ ଓ ଇଚ୍ଛା ସଫଳ କରିବାକୁ ତାଙ୍କୁ ସମର୍ଥ କରିଥିଲା । ପବିତ୍ର ଆତ୍ମାଙ୍କର ଅଭିଷେକ ପ୍ରାପ୍ତ ହେବାରେ, ଯୀଶୁ ହିଁ ସେହି ବ୍ୟକ୍ତି ହୋଇଛନ୍ତି ଯିଏ ପବିତ୍ର ଆତ୍ମାରେ ବିଶ୍ୱାସୀମାନଙ୍କୁ ବାପ୍ତିସ୍ମ ଦିଅନ୍ତି (ଲୂକ ୩:୧୬) ।

**୩) ‘ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ’ (୧୭ ପଦ)** – ଅତି ନିଶ୍ଚୟତାର ସହିତ, ଖ୍ରୀଷ୍ଟଙ୍କ ପରିଚୟକୁ ସ୍ଥିରୀକୃତ କରିବା ପାଇଁ ଈଶ୍ୱର ପ୍ରଭାବଶାଳୀ ପ୍ରକାଶ ମାଧ୍ୟମରେ କଥା କହିଥିଲେ । କିନ୍ତୁ ଏହି ଘୋଷଣାରେ ଏକ ଅଧିକତର ଗଭୀର ଅର୍ଥ ରହିଛି ।

ଏହି ଉକ୍ତିରେ ଦୁଇଟି ଭାଗ ରହିଛି, ଯେଉଁଗୁଡ଼ିକ ମସିହଙ୍କ ସମ୍ବନ୍ଧରେ ଥିବା ପୁରାତନ ନିୟମ ଭାବବାଣୀଯୁକ୍ତ ଅଧ୍ୟାୟରୁ ଉଦ୍ଧୃତ ହୋଇଛି । ‘‘ଏ ମୋହର ପ୍ରିୟ ପୁତ୍ର...’’ – ଏହି ଉକ୍ତିଟି ଗୀତସଂହିତା ୨:୭ରୁ ଉଦ୍ଧୃତ । ଯିହୁଦୀମାନେ ଏହି ସମଗ୍ର

ଗୀତଟିକୁ ଐତିହାସିକ ଦୃଷ୍ଟିକୋଣରୁ ଆଗମନ କରୁଥିବା ମସିହଙ୍କର ଏକ ଭାବବାଣୀଯୁକ୍ତ ବର୍ଣ୍ଣନା ଭାବରେ ଗ୍ରହଣ କରିଥିଲେ ।

ଦ୍ୱିତୀୟଭାଗ, 'ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ' ଯିଶାଇୟ ୪୨:୧ରୁ ଉଦ୍ଧୃତ । ୪୩ ଅଧ୍ୟାୟ ସହିତ ଯିଶାଇୟର ଏହି ସମଗ୍ର ଅଧ୍ୟାୟଟି ମସିହଙ୍କୁ ଦୁଃଖଭୋଗୀ ଦାସ, ଉଦ୍ଧାରକର୍ତ୍ତା ଭାବରେ ବର୍ଣ୍ଣନା କରିଛି ଯିଏ ସମସ୍ତ ମନୁଷ୍ୟ ଜାତି ପ୍ରତି ଈଶ୍ୱରଙ୍କ ନ୍ୟାୟ, ଦୟା ଓ ପରିତ୍ରାଣ ଆଣିବେ ।

ଯେତେବେଳେ ଈଶ୍ୱର ସେହି ବାକ୍ୟ କହିଥିଲେ, ସେତେବେଳେ ଯୀଶୁ ଯେ ପ୍ରକୃତରେ ସେହି ଦୀର୍ଘ–ପ୍ରତୀକ୍ଷିତ ଓ ଭବିଷ୍ୟବାଣୀ ସଫଳ କରିଥିବା ମସିହ ଅଟନ୍ତି, ତାହା ସ୍ଥିରୀକୃତ କରିଥିଲେ । ସେ ତ୍ରାଣକର୍ତ୍ତା, ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁ ହେବା ନିମନ୍ତେ ଈଶ୍ୱରଙ୍କ ମନୋନୀତ ଅଟନ୍ତି । ଏହା ଆହୁରି ମଧ୍ୟ ଦୃଢ଼ କରିଥିଲା ଯେ ଅନନ୍ତ, ସ୍ୱର୍ଗୀୟ ମୁକୁଟ ପାଇଁ କେବଳ କ୍ରୁଶ ମାଧ୍ୟମରେ ଯିବାକୁ ହେବ । ରାଜାମାନଙ୍କର ରାଜାଙ୍କୁ ପ୍ରଥମେ ସମସ୍ତଙ୍କର ଦାସ ହେବାକୁ ପଡ଼ିଥିଲା (ଫିଲି. ୨:୫–୧୧) । ସିଂହାସନ ନିକଟକୁ ତାଙ୍କର ପଥ ଥିଲା, ପିତାଙ୍କ ପ୍ରତି ବାଧ୍ୟତା (ଏବ୍ରୀ ୫:୮) । ଯୀଶୁ ପ୍ରେମ ଦ୍ୱାରା ପରିଚାଳିତ ଲକ୍ଷ୍ୟ ସଂପୂର୍ଣ୍ଣ କରିଥିଲେ (ଯୋହନ ୩:୧୬) ।

## ଯୀଶୁ ସମସ୍ତଙ୍କ ନିକଟବର୍ତ୍ତୀ ହୋଇଥିଲେ

ଯୀଶୁଙ୍କ ବାପ୍ତିସ୍ମଙ୍କୁ ନେଇ ଘଟିଥିବା ଏହି ସମସ୍ତ ଘଟଣାରୁ ଆମେ ଅଭିଷେକ ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଲାଭ କରିପାରିବା । ପ୍ରଥମେ, ଆବଶ୍ୟକ ନ ଥିବା ସମୟରେ ସୁଦ୍ଧା ନିଜକୁ ନମ୍ର କରିବା ପାଇଁ ଯୀଶୁଙ୍କର ସ୍ୱେଚ୍ଛାପୂର୍ଣ୍ଣ ବାଧ୍ୟତା, ତାଙ୍କ ନିମନ୍ତେ ଓ ତାଙ୍କ ମାଧ୍ୟମରେ ଈଶ୍ୱର ଯାହା କରିବାକୁ ଇଚ୍ଛା କରିଥିଲେ, ତାହା ଅଧିକଭାବେ ଉନ୍ମୋଚନ କରିଥିଲା । ନିନ୍ଦା ନ କରି, ପ୍ରେମ, କ୍ଷମା ଓ ଈଶ୍ୱରଙ୍କ ପରିତ୍ରାଣ ପ୍ରଦାନ କରି ଯୀଶୁ 'ସମସ୍ତ'ଙ୍କ ନିକଟରେ ପହଞ୍ଚିଥିଲେ (ଯୋହନ ୮:୧–୧୧) । ସେ ନମ୍ରତାର ଦୃଷ୍ଟାନ୍ତ ଦେଖାଇ (ଯୋହନ ୧୩:୧–୧୭), ଶେଷରେ, କ୍ରୁଶ ନିକଟରେ ଈଶ୍ୱରଙ୍କ ପ୍ରେମପୂର୍ଣ୍ଣ ହୃଦୟ ପ୍ରକାଶ କରିଥିଲେ (୧ଯୋହନ ୪:୯,୧୦) ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ –** ମଣ୍ଡଳୀ ନେତା, ଆମେ ମଧ୍ୟ ଈଶ୍ୱରଙ୍କ ପ୍ରତି ନମ୍ରତାପୂର୍ଣ୍ଣ ବାଧ୍ୟତାରେ ଆଚରଣ କରିବା ଆବଶ୍ୟକ । ଆମେ ନମ୍ର ଭାବରେ ସମସ୍ତଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ଆବଶ୍ୟକ ।



ଏହି ସତ୍ୟଗୁଡ଼ିକ ସ୍ୱଷ୍ଟ ମନେ ହୋଇପାରେ । କିନ୍ତୁ ତାହାର ଅର୍ଥ ନୁହେଁ ଯେ, ଆମେ ସେଗୁଡ଼ିକୁ କରୁଅଛୁ ! ନିଜ ନିଜକୁ ନମ୍ର କରିବା, ବେଳେବେଳେ ଗୋଟିଏ ଅତି ବଡ଼ ଆହ୍ୱାନ ଅଟେ । ନମ୍ରତା ଆମ ଚରିତ୍ର ସହିତ ପ୍ରତ୍ୟକ୍ଷ ଭାବରେ ସଂଯୁକ୍ତ ଅଟେ । ଆଉ ଆମର ଚରିତ୍ର ପବିତ୍ର ଆତ୍ମାଙ୍କ ଅଭିଷେକରେ କାର୍ଯ୍ୟ କରିବାରେ ଅଭିବୃଦ୍ଧି ଓ ଫଳପୂର୍ଣ୍ଣତା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ ।

ଈଶ୍ୱର ଅହଙ୍କାରୀମାନଙ୍କୁ ପ୍ରତିରୋଧ କରନ୍ତି । ମାତ୍ର ସେ ନମ୍ର ଲୋକମାନଙ୍କୁ ଅନୁଗ୍ରହ ପ୍ରଦାନ କରନ୍ତି । ଆମ ମଧ୍ୟରୁ କିଏ ନିଜ ଜୀବନରେ ଅଧିକରୁ ଅଧିକ ଈଶ୍ୱରଙ୍କ ଅନୁଗ୍ରହ ଆବଶ୍ୟକ କରେ ନାହିଁ ? ଏହା ଆମ ନମ୍ରତା ମାଧ୍ୟମରେ ଆମ ନିକଟରେ ଉନ୍ମୋଚିତ ହୁଏ ।

ଆମେ କେତେ 'ଆତ୍ମିକ', ଏହା ଦେଖାଇ ଅନ୍ୟମାନଙ୍କୁ ପ୍ରଭାବିତ କରିବା ପାଇଁ ଏହି ନମ୍ରତା ଏକ ବିନୀତଭାବ କିମ୍ବା ଆତ୍ମ–ଅବଜ୍ଞା ନୁହେଁ । ପ୍ରକୃତରେ ନମ୍ର ବ୍ୟକ୍ତି ଅନ୍ୟମାନଙ୍କୁ ନିଜର ନମ୍ରତା ଦେଖାଇବା ଆବଶ୍ୟକ ନୁହେଁ । ଯେତେବେଳେ କେହି ଜଣେ ନମ୍ର ହେବାର ଛଳନା କରେ, ସେତେବେଳେ ଫଳ ଗର୍ବ ସମ୍ବନ୍ଧୀୟ ଏକ ପ୍ରଦର୍ଶନ ଭଳି ଅସ୍ୱାଦୁକର ହୁଏ । ପ୍ରକୃତ ନମ୍ରତା ହେଉଛି, ହୃଦୟର ଏକ ବିଷୟ । ଏହା ହେଉଛି, ଅନ୍ୟମାନଙ୍କ ନିମନ୍ତେ ଏକ ନିଃସ୍ୱାର୍ଥପର ମନୋଭାବ । ଏହା ହେଉଛି, ଗର୍ବ କିମ୍ବା ଅହଙ୍କାରର ଏକ ସଂପୂର୍ଣ୍ଣ ଅନୁପସ୍ଥିତି ।

ମୁଁ ଏପରି କେତେକ ଧାର୍ମିକ ମନୋଭାବ ଓ କାର୍ଯ୍ୟଗୁଡ଼ିକର ପ୍ରସ୍ତାବ ଦିଏ, ଯାହା ବାଧ୍ୟତାପୂର୍ଣ୍ଣ ନମ୍ରତାରେ ଆଚରଣ କରିବାରେ ଆମକୁ ସାହାଯ୍ୟ କରିବ । ଏଗୁଡ଼ିକୁ ଦୈନିକ ଅଭ୍ୟାସ କରିବା ବିଜ୍ଞତା ହେବ ।

- ଯେଉଁମାନଙ୍କୁ ଆମେ ଆଘାତ ଦେଇଛୁ କିମ୍ବା ଅପମାନିତ କରିଛୁ, ସେମାନଙ୍କୁ କ୍ଷମା ମାଗିବା ।
- କ୍ଷମା ନ ମାଗିଲେ ମଧ୍ୟ ଅନ୍ୟମାନଙ୍କୁ ଆମ ହୃଦୟରୁ କ୍ଷମା ଦେବା ।
- ଏପରି ଜଣଙ୍କୁ ପ୍ରେମ କରନ୍ତୁ, ଯାହାକୁ ପ୍ରେମ କରିହେବ ନାହିଁ କିମ୍ବା ଯିଏ ପ୍ରେମର ଅଯୋଗ୍ୟ ବୋଲି ମନେ ହୁଏ ।
- ସାହାଯ୍ୟ ମାଗନ୍ତୁ ଓ ଏହା ଗ୍ରହଣ କରନ୍ତୁ ।
- ନାମ, ପଦବୀ କିମ୍ବା ସୁବିଧାକୁ ଗ୍ରହଣ କରନ୍ତୁ ନାହିଁ, ଯେଉଁଗୁଡ଼ିକର ବ୍ୟବହାର ଆମକୁ "ଅନ୍ୟମାନଙ୍କ" ଉପରେ ସ୍ଥାପନ କରିବା ପାଇଁ ଉଦ୍ଦିଷ୍ଟ ।

- ଏପରି ସେବାର କାର୍ଯ୍ୟ ମନୋନୀତ କରନ୍ତୁ, ଯାହା କାହାରି ଦୃଷ୍ଟି, ପ୍ରଶଂସା, ସମ୍ମାନ ଓ ତାତ୍‌କ୍ଷଣିକ ପୁରସ୍କାର ଆଣେ ନାହିଁ ।
- ଯେଉଁ ପ୍ରଶଂସା ନ୍ୟାୟୋଚିତ ଭାବରେ ଆପଣଙ୍କର ପ୍ରାପ୍ୟ, ତାହା ଅନ୍ୟମାନେ ପ୍ରାପ୍ତ ହୁଅନ୍ତୁ ।

ଗର୍ବ ପ୍ରତି ଆମର ମାନବିକ ପ୍ରବୃତ୍ତି ଜାଣି ଯୀଶୁ ନମ୍ରତା ସମ୍ବନ୍ଧରେ ପ୍ରାୟ ଶିକ୍ଷା ଦେଇଥିଲେ (ମାଥି. ୬:୧-୧୫, ୧୮:୧-୪, ୨୦:୨୦-୨୮) । ଯଦି ଆମେ ପବିତ୍ର ଆତ୍ମାଙ୍କ ପ୍ରକୃତ ଅଭିଷେକ ପାଇବାକୁ ଇଚ୍ଛା କରୁ, ଯାହା ପରିବର୍ତ୍ତିତ ଜୀବନରେ ଫଳପୂର୍ଣ୍ଣତା ଉତ୍ପନ୍ନ କରେ, ତେବେ ଯୀଶୁ ଯେପରି ଆଚରଣ ଦେଖାଇଥିଲେ, ଆମକୁ ସେହିପରି ଆଚରଣ ଦେଖାଇବାକୁ ହେବ ।

ଏହା ହେଉଛି, ଈଶ୍ୱରଙ୍କର ନିଜ ବାକ୍ୟରେ ପ୍ରକାଶିତ ଇଚ୍ଛା ପ୍ରତି ଏକ ବିନମ୍ର ବାଧ୍ୟତା ଓ ବିଶ୍ୱସ୍ତତା । ଏହା ହେଉଛି - ପ୍ରତିଦିନ ପବିତ୍ର ଆତ୍ମାଙ୍କ ଚାଳନା ଓ ନିର୍ଦ୍ଦେଶ ଅନୁସାରେ ଆଚରଣ କରିବା ।

**ଘ) ଯୀଶୁ ପରୀକ୍ଷା ବୁଝିଥିଲେ –** ନିଜର ବାପ୍ତିସ୍ମ ପରେ ପରେ ଯୀଶୁ ଉପବାସ କରିବା ପାଇଁ, ପ୍ରାର୍ଥନା କରିବା ପାଇଁ ଓ ଶୟତାନ ସହିତ ଯୁଦ୍ଧ କରିବା ପାଇଁ ‘‘ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ’’ ପ୍ରାନ୍ତର ମଧ୍ୟକୁ ନୀତ ହୋଇଥିଲେ (ଲୂକ ୪:୧-୧୨) । ଜଣେ ହୁଏତ ଏହା ଚିନ୍ତା କରିପାରେ ଯେ, ବାପ୍ତିଜିତ ଓ ପବିତ୍ର ଆତ୍ମାଙ୍କ ଦ୍ୱାରା ଅଭିଷିକ୍ତ ହେବାର ଅନୁଭୂତି ପାଇବା ପରେ ଯୀଶୁଙ୍କୁ ସଙ୍ଗେ ସଙ୍ଗେ ଶକ୍ତିପୂର୍ଣ୍ଣ, ଦୃଶ୍ୟ ସେବାକାର୍ଯ୍ୟ ପାଇଁ ପ୍ରେରଣ କରାଯାଇଥା’ନ୍ତା । କିନ୍ତୁ ଈଶ୍ୱରଙ୍କ ଜ୍ଞାନ ଆମ ଜ୍ଞାନର ବହୁ ଉର୍ଦ୍ଧ୍ୱରେ ରହିଛି (ଯିଶା. ୫୫:୮,୯) ଓ ତାଙ୍କ ଉଦ୍ଦେଶ୍ୟ ଏକ ଅନନ୍ତକାଳୀନ ମନୋଭାବ ସହିତ ପ୍ରସ୍ତୁତ ହୋଇଛି । ଏହା ସ୍ପଷ୍ଟ ଅଟେ ଯେ, ଯୀଶୁଙ୍କ ପରୀକ୍ଷା ଈଶ୍ୱରଙ୍କ ଯୋଜନା ଅନୁସାରେ ଥିଲା (ମାଥି. ୪:୧, ମାର୍କ ୧:୧୨,୧୩, ଲୂକ ୪:୧) ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ – ମଣ୍ଡଳୀ ନେତା ଭାବରେ, ଆମେ ବହୁତ ଓ ଅସାଧାରଣ ପରୀକ୍ଷା, କ୍ଳେଶ ଓ ପ୍ରଲୋଭନର ସମ୍ମୁଖୀନ ହେଉଅଛୁ । ମଣ୍ଡଳୀର ଜଣେ ନେତା ହେବା ଆମକୁ ଆନନ୍ଦର ସର୍ବୋଚ୍ଚ ସୀମାରୁ ହତାଶ ଓ ପରାଜୟର ଅତଳ ଗଭୀରତା ମଧ୍ୟକୁ ପଠାଇ ଦେଇପାରେ – ଆଉ, ପ୍ରାୟତଃ, ତାହା କେବଳ ଗୋଟିଏ ରବିବାରରୁ ପରବର୍ତ୍ତୀ ରବିବାର ମଧ୍ୟରେ ଘଟେ ।



ସହପାଳକ, ମଣ୍ଡଳୀରେ ଜଣେ ନେତା ଭାବରେ, ଆପଣ ନର୍କ (ଶୟତାନ)ର ଆକ୍ରମଣ ପାଇଁ ଏକ ଲକ୍ଷ୍ୟସ୍ଥଳ ଅଟନ୍ତି । ଆପଣ ଆପଣଙ୍କ ସଂଘର୍ଷରେ ହୁଏତ ନିଜକୁ ଏକାକୀ ମନେ କରିପାରନ୍ତି ଓ କେହି ଆପଣଙ୍କୁ ବୁଝୁ ନାହିଁ ବୋଲି ଚିନ୍ତା କରିପାରନ୍ତି । ଯଦି ଆପଣ ଅଧିକ ପରିପକ୍ୱ କିମ୍ବା ଆତ୍ମିକ ହୋଇଥା’ନ୍ତେ, ତେବେ ଏହିପରି କଷ୍ଟକର ସମୟ ମଧ୍ୟ ଦେଇ ଯାଇ ନ ଥା’ନ୍ତେ ବୋଲି ଭାବିପାରନ୍ତି । ଆପଣ ହୁଏତ ସେବାକାର୍ଯ୍ୟ ପରିତ୍ୟାଗ କରିବା ପାଇଁ ମଧ୍ୟ ପ୍ରଲୁବ୍ଧ ହୋଇପାରନ୍ତି । ଶୟତାନର ଏହି ମିଥ୍ୟାଗୁଡ଼ିକ ଆପଣଙ୍କୁ ନିରୁତ୍ସାହିତ କରିବାକୁ ଉଦ୍ଦିଷ୍ଟ ଅଟେ – ସେଗୁଡ଼ିକୁ ବିଶ୍ୱାସ କରନ୍ତୁ ନାହିଁ ।

ସତ୍ୟ ଏହା ଅଟେ ଯେ, ଯେକେହି ପ୍ରଭୁଙ୍କର ସେବା କରିବାକୁ ଚେଷ୍ଟା କରେ, ସେ ତାଡ଼ନା, ପରୀକ୍ଷା ଓ ପ୍ରଲୋଭନର ସମ୍ମୁଖୀନ ହେବ (୨ତୀମଥି ୩:୧୨) – ଯୀଶୁ ମଧ୍ୟ ଏହାର ଅନ୍ତର୍ଭୁକ୍ତ ଥିଲେ । ଈଶ୍ୱରଙ୍କଠାରେ ବିଜୟ ଓ ବିଶ୍ୱାସର ଏକ ଅତିରିକ୍ତ ଅନୁଭବ ସହିତ ଆମେ କିପରି ପରୀକ୍ଷାର ସମ୍ମୁଖୀନ ହୋଇପାରିବା ଓ ସହ୍ୟ କରିପାରିବା, ସେ ସମ୍ବନ୍ଧରେ ତାଙ୍କର ଜୀବନ ଆମ ପ୍ରତି ଏକ ଦୃଷ୍ଟାନ୍ତ ଅଟେ ।

ଯୀଶୁ ଏହା ଜାଣିଥିଲେ ଯେ, ଈଶ୍ୱର ତାଙ୍କୁ କଦାପି ଛାଡ଼ିବେ ନାହିଁ କିମ୍ବା ପରିତ୍ୟାଗ କରିବେ ନାହିଁ । ଈଶ୍ୱର ବିଶ୍ୱସ୍ତ ଅଟନ୍ତି ଓ ତାଙ୍କର ପ୍ରତିଜ୍ଞାଗୁଡ଼ିକ ସତ୍ୟ ଅଟେ ବୋଲି ସେ ଜାଣିଥିଲେ । ପବିତ୍ର ଆତ୍ମାଙ୍କ ଶକ୍ତି ଓ ଈଶ୍ୱରଙ୍କ ସାହାଯ୍ୟ ସହିତ ସେ ପିତାଙ୍କର ଇଚ୍ଛା ସାଧନ କରିପାରିବେ ବୋଲି ଜାଣିଥିଲେ : ‘‘ଯେ ତୁମ୍ଭମାନଙ୍କୁ ଆହ୍ୱାନ କରୁଅଛନ୍ତି, ସେ ବିଶ୍ୱସ୍ତ, ସେ ତାହା ମଧ୍ୟ ସାଧନ କରିବେ’’ (୧ଥେସ. ୫:୨୪) । ଏହି ଶାସ୍ତ୍ରାଂଶଟି ମୁଖସ୍ଥ କରନ୍ତୁ ବୋଲି ଓ ଆପଣ ଆହ୍ୱାନ କିମ୍ବା ଅସୁବିଧାର ସମ୍ମୁଖୀନ ହେବାବେଳେ ଏହା ଉପରେ ଚିନ୍ତା କରନ୍ତୁ ବୋଲି ମୁଁ ପରାମର୍ଶ ଦେଉଅଛି । ଏହାପରେ ନିମ୍ନରେ ପ୍ରଦତ୍ତ ଯୀଶୁଙ୍କ ଜୀବନରୁ ଦୃଷ୍ଟିକୋଣ ଓ ନିୟମାବଳୀ ଯତ୍ନପୂର୍ବକ ଅଧ୍ୟୟନ କରନ୍ତୁ । ଏଗୁଡ଼ିକ ଅସୁବିଧା ସମୟରେ ଆପଣଙ୍କୁ ମଧ୍ୟ ସାହାଯ୍ୟ କରିବ ।

ନିଜର ପରୀକ୍ଷା ଓ ପ୍ରଲୋଭନ ସମୟରେ ଯୀଶୁ ଯେଉଁ ମନୋଭାବ ଅବଲମ୍ବନ କରିଥିଲେ, ସେଥିରୁ ବହୁତ କିଛି ଶିକ୍ଷା କରିବାର ଅଛି । ସେ ବିରକ୍ତ ହୋଇ ନ ଥିଲେ କିମ୍ବା ଅଭିଯୋଗ କରି ନ ଥିଲେ । ସେ ଭୟ କିମ୍ବା ବିଶୃଙ୍ଖଳା ନିକଟରେ ଆତ୍ମ ସମର୍ପଣ କରି ନ ଥିଲେ । ପରୀକ୍ଷା ଓ ଏହା ପରେ ପରେ ବିଜୟ ମାଧ୍ୟମରେ ଯୀଶୁ ପିତା ଈଶ୍ୱରଙ୍କଠାରେ ନିଜର ସଂପୂର୍ଣ୍ଣ ଭରସା ସ୍ଥାପନ କରିଥିଲେ ।

ଏହା ତାଙ୍କ ପ୍ରତି କାହିଁକି ଘଟୁଛି – ଏହା ସେ ପ୍ରଶ୍ନ କରିଥିଲେ । ବରଂ, ତାଙ୍କ ଜୀବନରେ ଓ ଜୀବନ ମାଧମରେ ଈଶ୍ୱରଙ୍କର କୌଣସି ଉଦ୍ଦେଶ୍ୟ ସାଧନ ହେଉଅଛି ବୋଲି ବିଶ୍ୱାସ କରି ଯୀଶୁ ପରୀକ୍ଷା ସହ୍ୟ କରିଥିଲେ । ଯୀଶୁ ଈଶ୍ୱରଙ୍କ ପ୍ରତି ନିଜ ବଶ୍ୟତାରେ ଓ ଈଶ୍ୱରଙ୍କ ବାକ୍ୟର ଅପରିବର୍ତ୍ତିତ ଶକ୍ତିରେ ନିଜର ବିଶ୍ୱାସ ସ୍ଥାପନ କରି ଶାନ୍ତି ଓ ଶକ୍ତି ପାଇଥିଲେ ।

## ଉପଯୁକ୍ତ ଅସ୍ତ୍ରଶସ୍ତ୍ର

ଯେତେବେଳେ ଈଶ୍ୱର ଆମ ଜୀବନ ମଧ୍ୟକୁ ଏକ ନୂତନ ସ୍ତରର ଦାୟିତ୍ୱ ଆଣନ୍ତି କିମ୍ବା ନୂତନ ଅଭିଷେକ ଉନ୍ମୋଚନ କରନ୍ତି, ସେତେବେଳେ ସେ ପ୍ରାୟତଃ, ଏକ ପରୀକ୍ଷାର ସମୟ ଆସିବାକୁ ଦିଅନ୍ତି । ଏହି ପରୀକ୍ଷା କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ, ତା'ର କେତୋଟି କାରଣ ପ୍ରତି ଆମେ ଦୃଷ୍ଟିପାତ କରିବା –

''ଆମେ ଈଶ୍ୱର ପ୍ରଦାନ କରୁଥିବା ଅଭିଷେକରେ 'ବୃଦ୍ଧି ପାଇବା' ଆବଶ୍ୟକ ଅଟେ ।''

ଈଶ୍ୱର ଆମର ମଙ୍ଗଳ ନିମନ୍ତେ ଆତ୍ମିକ ଭାବରେ ଆମକୁ ସଂପ୍ରସାରିତ କରିବେ । କିନ୍ତୁ ଅଭିବୃଦ୍ଧି ଅସୁବିଧାଜନକ ହୋଇପାରେ । ଆମେ ହୁଏତ ଅନୁଶୋଚନା କରିବାକୁ କିମ୍ବା ଏହାର ପ୍ରତିରୋଧ କରିବାକୁ ପ୍ରବୃତ୍ତ ହୋଇପାରୁ । କିନ୍ତୁ, ଆମ ଭବିଷ୍ୟତ୍‌ରେ କ'ଣ ଅଛି – ଏହା ଈଶ୍ୱର ଜାଣିଥିବାରୁ ସେ ପରାଜୟ ଅପେକ୍ଷା ବିଜୟ ନିମନ୍ତେ ଆମକୁ ପ୍ରସ୍ତୁତ କରିବାକୁ ଚେଷ୍ଟା କରିବେ । ଏଥିପାଇଁ ଆମେ ଶକ୍ତିଯୁକ୍ତ ହେବା ଓ ପରିପକ୍ୱ ହେବା ଆବଶ୍ୟକ ହୁଏ ଏବଂ ପ୍ରକ୍ରିୟା ନିକଟରେ ଆମେ ଯେପରି ବଶୀଭୂତ ହେବୁ, ଏହା ମଧ୍ୟ ଆବଶ୍ୟକ ହୁଏ ।

ଆମେ ପୁରାତନ ନିୟମରେ ଏହି ନିୟମର ଏକ ପୂର୍ବନିଦର୍ଶନ ଦେଖିପାରୁ (୧ଶାମୁୟେଲ ୧୭:୩୮,୩୯) । ଦାଉଦ ବୀର ଗଲିୟାତ୍‌ର ସମ୍ମୁଖୀନ ହେବାକୁ ଯାଉଥିଲେ । ଦାଉଦ ତାଙ୍କର ବ୍ୟକ୍ତିଗତ ଯୁଦ୍ଧ ସଜ୍ଜା ପରିଧାନ କରନ୍ତୁ ବୋଲି ଶାଉଲ ଇଚ୍ଛା କରିଥିଲେ । କିନ୍ତୁ ଏହା ଘୋଷଣା କରି ଦାଉଦ ଶାଉଲଙ୍କର ଯୁଦ୍ଧ ସଜ୍ଜା ଅଗ୍ରାହ୍ୟ କରିଥିଲେ, ''ମୁଁ ଏହି ବେଶରେ ଯାଇ ନ ପାରେ, କାରଣ ମୁଁ ସେସବୁ ପରଖ କରିନାହିଁ'' (୩୯ ପଦ) ।

ଦାଉଦ ସଫଳ ଭାବରେ ଯୁଦ୍ଧ ସଜ୍ଜା ବ୍ୟବହାର କରିପାରି ନ ଥିଲେ, କାରଣ ଏହା ତାଙ୍କୁ ସଂପୂର୍ଣ୍ଣରୂପେ ଉପଯୁକ୍ତ ହୋଇ ନ ଥିଲା, ଆଉ ସେ ଏହା ପରିଧାନ କରିବାରେ ଅନଭ୍ୟସ୍ତ ଥିଲେ । ଯଦିଓ ଯୁଦ୍ଧ ସଜ୍ଜା ଶାଉଲଙ୍କ ପାଇଁ ଉତ୍ତମ କାର୍ଯ୍ୟ



କରୁଥିଲା, ତଥାପି ଦାଉଦଙ୍କ ପାଇଁ ଏହା ପରଖ କରାଯାଇ ନ ଥିବା ଓ ଅଭ୍ୟସ୍ତ ହୋଇ ନ ଥିବା ସଜ୍ଜା ଥିଲା ।

ସେହିପରି ଭାବରେ, ଯେଉଁ ଅଭିଷେକ ଓ ଦାନରେ ଆଚରଣ କରିବା ପାଇଁ ଆମକୁ ଆହ୍ୱାନ କରାଯାଇଛି, ତାହା ଅନ୍ୟ କାହାରି ନୁହେଁ, ମାତ୍ର ଆମର ହେବା ଉଚିତ୍ ଅଟେ । ଅନ୍ୟ ବ୍ୟକ୍ତିର ଦାନ ଓ ଅଭିଷେକରେ ପ୍ରତ୍ୟୟ ଓ ବିଶ୍ୱାସ ସ୍ଥାପନ କରିବା ସହଜ ଅଟେ । ଆମେ ହୁଏତ ସେଗୁଡ଼ିକୁ ଅନୁକରଣ କରିବାକୁ ଚେଷ୍ଟା କରିପାରୁ, ଏପରିକି ସେମାନଙ୍କର ଶିକ୍ଷାକୁ ପ୍ରଚାର କରିପାରୁ କିମ୍ବା ସେମାନଙ୍କର ଶୈଳୀକୁ ଅନୁକରଣ କରିପାରୁ । ଆମେ ସେହି 'ସଜ୍ଜା'ରେ କାର୍ଯ୍ୟ କରିବାକୁ ଚେଷ୍ଟା କରିପାରୁ, ଯାହା ଆମ ନିଜର ନୁହେଁ ।

କାହାରି ଅଭିଷେକରେ କାର୍ଯ୍ୟ କରିବାକୁ ଚେଷ୍ଟା କରିବା ଏକ ସମସ୍ୟା ଅଟେ, କାରଣ ଈଶ୍ୱର ଆପଣଙ୍କୁ ଆହ୍ୱାନ କରିଛନ୍ତି । ସେ ଆପଣଙ୍କୁ ବ୍ୟବହାର କରିବାକୁ ଚାହାଁନ୍ତି । ସେ ଆପଣଙ୍କୁ ପ୍ରଦାନ କରିଥିବା ଅଭିଷେକ ଆପଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ । ଆପଣ ଗୋଟିଏ ଅସାଧାରଣ ପାତ୍ର ଅଟନ୍ତି, ଯାହାଙ୍କୁ ଈଶ୍ୱର ଏକ ନିର୍ଦ୍ଦିଷ୍ଟ ଉପାୟରେ ବ୍ୟବହାର କରିବାକୁ ଇଚ୍ଛା କରନ୍ତି । ତାଙ୍କର କାର୍ଯ୍ୟ ଆପଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ ଓ ଆପଣଙ୍କୁ ସେ ଦେଇଥିବା ଅଭିଷେକ ଆପଣଙ୍କର କାର୍ଯ୍ୟକୁ ଯଥାର୍ଥ ଭାବରେ ଉପଯୁକ୍ତ ହେବ ।

କିନ୍ତୁ ଆପଣଙ୍କ ଆହ୍ୱାନ, ଆପଣଙ୍କ କାର୍ଯ୍ୟ ଓ ଆପଣଙ୍କର ଅଭିଷେକକୁ ବୁଝିବା ପାଇଁ ଓ ସେଥିରେ 'ବୃଦ୍ଧି ପାଇବା' ପାଇଁ, ପ୍ରାୟ, ସମୟ ଆବଶ୍ୟକ ହୁଏ । ବେଳେବେଳେ, ଈଶ୍ୱର ଆପଣଙ୍କ ନିମନ୍ତେ ପ୍ରସ୍ତୁତ କରିଥିବା 'ସଜ୍ଜା ମଧ୍ୟରେ' ମେଳ ଖାଇବା ପାଇଁ ଆପଣଙ୍କୁ ସାହାଯ୍ୟ କରିବାରେ ଏକ ପରୀକ୍ଷା କିମ୍ବା କଷ୍ଟକର ସମୟକୁ ବ୍ୟବହାର କରିବେ । ଯେତେବେଳେ ଆପଣ ଏହିପ୍ରକାର ସମୟରେ ଈଶ୍ୱରଙ୍କର ବଶୀଭୂତ ହେବେ, ସେତେବେଳେ ସେ ଆପଣଙ୍କର ବୃଦ୍ଧିସାଧନ କରିବେ ଯେପରିକି ଆପଣ ବଳିଷ୍ଠ ହେବେ ଓ ଆପଣଙ୍କ ନିଜସ୍ୱ ସଜ୍ଜା – ଅର୍ଥାତ୍, ସେ ଆପଣଙ୍କୁ ଦେଇଥିବା ଅଭିଷେକରେ କାର୍ଯ୍ୟ କରିବାର ସାମର୍ଥ୍ୟ ପାଇବେ । – ଯେପରିକି ଆପଣ ତାଙ୍କ ଆହ୍ୱାନରେ ବିଜୟୀ ଓ ଫଳପୂର୍ଣ୍ଣ ହୋଇପାରିବେ ।

ସେ ଆମକୁ ଦେଇଥିବା ସମ୍ବଳରୁ ଗ୍ରହଣ କରିବା ପାଇଁ ଆମକୁ ଶିକ୍ଷା କରିବାକୁ ହେବ ।

ପରୀକ୍ଷା, ପ୍ରାୟତଃ, ଆମ ନିକଟରେ ଆମର ଦୁର୍ବଳତାଗୁଡ଼ିକୁ ପ୍ରକାଶ କରିବ । ଅସୁବିଧା ସମୟରେ, ଆମେ କେତେ ଅଧିକ ପ୍ରଭୁଙ୍କୁ ଆବଶ୍ୟକ କରୁ ଓ ସେ ଏକାକୀ ଯାହା ଯୋଗାଇପାରନ୍ତି, – ତାହା ଅପେକ୍ଷା ଅଧିକ ବିଷୟ ଚିହ୍ନିଥାଉ ।

ଆମେ ଗୋଟିଏ ଧର୍ମପରାୟଣ ଦୁର୍ବଳତାର ଗୁରୁତ୍ୱ ଶିକ୍ଷା କରିସାରିଛୁ । ଏହା ଈଶ୍ୱରଙ୍କ ଉପରେ ଆମର ନିର୍ଭରଶୀଳତା ବୃଦ୍ଧି କରେ (୨କରିନ୍ଥୀ ୧୨:୭-୧୦)। ଏହି ପ୍ରକାରର ଦୁର୍ବଳତା ଆମକୁ ଏପରି ପାତ୍ର ହେବା ପାଇଁ ଅନୁମତି ଦିଏ, ଯାହା ମାଧ୍ୟମରେ ପବିତ୍ର ଆତ୍ମାଙ୍କ ଅଭିଷେକ ପ୍ରବାହିତ ହୋଇପାରେ ।

## ଈଶ୍ୱରଙ୍କୁ ଆମର ନିରନ୍ତର ଆବଶ୍ୟକତା

ଯେତେବେଳେ ଆମେ ଈଶ୍ୱରଙ୍କ ଅଭିଷେକରେ ପରିପୂର୍ଣ୍ଣ ହୋଇ ପ୍ରତ୍ୟୟ ଓ ବିଶ୍ୱାସର ସହିତ କାର୍ଯ୍ୟ କରୁ (ଯାହା ବାଧ୍ୟତା ଉପରେ ପର୍ଯ୍ୟବସିତ), ସେତେବେଳେ ମଧ୍ୟ ଏକ ବିପଦ ଥାଏ, ଯାହା ବିଷୟରେ ଆମେ ସଚେତନ ହେବା ଆବଶ୍ୟକ । ଏହି ବିପଦ ହେଉଛି ଯେ, ଅଳ୍ପ ଅଳ୍ପ କରି ଆମେ ଆମ ନିଜ ଉପରେ ନିର୍ଭର କରିବା ଆରମ୍ଭ କରିଦେଉ ଏବଂ ଆମର ଅନୁଭୂତି ଓ କୌଶଳ ସହିତ ଅଭ୍ୟସ୍ତ ହୋଇଯାଉ । ଏହାପରେ ଆମେ ପ୍ରଭୁଙ୍କ ଉପରେ କିମ୍ବା ପବିତ୍ର ଆତ୍ମାଙ୍କ ଶକ୍ତି ଉପରେ କମ୍‌ରୁ କମ୍ ନିର୍ଭର କରୁ । ଏହା ଘଟିବା ଆବଶ୍ୟକ ନୁହେଁ, ମାତ୍ର ଆମେ ସତର୍କ ନ ହେଲେ ଏହା ଘଟିପାରେ ।

ଯୀଶୁ କହିଥିଲେ, ''ମୁଁ ଦ୍ରାକ୍ଷାଲତା, ତୁମ୍ଭେମାନେ ଶାଖା, ଯେ ମୋ'ଠାରେ ରୁହେ ଓ ମୁଁ ଯାହାଠାରେ ରହେ, ସେ ପ୍ରଚୁର ଫଳ ଫଳେ, କାରଣ ମୋ' ବିନା ତୁମ୍ଭେମାନେ କିଛି କରିପାରନାହିଁ'' (ଯୋହନ ୧୫:୫) ।

ମୁଁ ଏଠାରେ ଏହି ବିଷୟ ଉପରେ ଗୁରୁତ୍ୱ ଦିଏ ଯେ, ପବିତ୍ର ଆତ୍ମାଙ୍କର ଅଭିଷେକ କେବଳ ଯୀଶୁଙ୍କ ସମ୍ବନ୍ଧୀୟ ଅଟେ । ଏହା ଦାନ, ଶକ୍ତି କିମ୍ବା ସେବାକାର୍ଯ୍ୟ ସମ୍ବନ୍ଧୀୟ ନୁହେଁ । ଏହା ଏପରି ଲୋକମାନଙ୍କ ବିଷୟରେ ସୁଦ୍ଧା ନୁହେଁ, ଯେଉଁମାନଙ୍କ ନିକଟରେ ଆମେ ପ୍ରଚାର କରୁଥାଉ– ଏହା କେବଳ ଯୀଶୁଙ୍କ ବିଷୟକ ଅଟେ! ପ୍ରକୃତ ଅଭିଷେକର ସାତୋଟି ଲକ୍ଷଣରେ (୨୦ପୃଷ୍ଠାରେ ଉଲ୍ଲିଖିତ) ଗୋଟିଏ ସାଧାରଣ ବିଷୟ ରହିଥିଲା : ସେଗୁଡ଼ିକସବୁ ଯୀଶୁଙ୍କ ପ୍ରତି ନିର୍ଦ୍ଦେଶ କରୁଥିଲା ।

କେବଳ ତାଙ୍କଠାରେ, ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ''ଆମ୍ଭମାନଙ୍କର ଅସ୍ତି, ଗତି ଓ ସ୍ଥିତି'' (ପ୍ରେରିତ ୧୭:୨୮) ଅଟେ । ଈଶ୍ୱର ଆମକୁ ଯେତେ ଅଧିକ ବ୍ୟବହାର କରନ୍ତୁ ଓ ଆମେ ଯେତେ ଅଧିକ ଅନୁଭୂତି ଲାଭ କରୁ, ତଥାପି ଆମକୁ ସର୍ବଦା ଏକ ସରଳ, ଶିଶୁ ସଦୃଶ ବିଶ୍ୱାସ ରକ୍ଷା କରିବାକୁ ହେବ । ଏହିପ୍ରକାର ବିଶ୍ୱାସରେ ବିନମ୍ର ବିଶ୍ୱାସ ଓ ପ୍ରଭୁଙ୍କ ଉପରେ ଗଭୀରତର ନିର୍ଭରଶୀଳତା ଅନ୍ତର୍ଭୁକ୍ତ ଅଟେ ।

ଆମର ମାନବିକ ସ୍ୱଭାବ ଆମକୁ ସ୍ୱାର୍ଥପରତା ଓ ଈଶ୍ୱରଙ୍କଠାରୁ ସ୍ୱାଧୀନ ହେବାର ମନୋଭାବ ଦିଗରେ କଢ଼ାଇ ନେଇପାରେ । ମାତ୍ର ପରୀକ୍ଷା ଓ କ୍ଳେଶ



ଆମକୁ ତାଙ୍କ ନିମନ୍ତେ ଓ ଆମ ଜୀବନରେ ତାଙ୍କର ଅନୁଗ୍ରହ ଓ ସ୍ପର୍ଶ ନିମନ୍ତେ ଆମର ନିରବଚ୍ଛିନ୍ନ ଆବଶ୍ୟକତା ସମ୍ବନ୍ଧରେ ସ୍ମରଣ କରାଇଦିଏ ।

ଅଧିକଭାବେ ତାଙ୍କର ଅଭିଷେକ ଗ୍ରହଣ କରିବା ପାଇଁ ଆମେ ଶୁଚି ହେବା ଆବଶ୍ୟକ କରୁ ।

ଯୀଶୁ କହିଥିଲେ, ''ଆତ୍ମା ଜୀବନ ଦାୟକ, ମାଂସ କୌଣସି ଉପକାର କରେ ନାହିଁ, ମୁଁ ତୁମ୍ଭମାନଙ୍କୁ ଯେ ସମସ୍ତ ବାକ୍ୟ କହିଅଛି, ସେହିସବୁ ଆତ୍ମା ଓ ଜୀବନ ଅଟେ'' (ଯୋହନ ୬:୬୩) ।

ଆମ ଜୀବନରେ ଈଶ୍ୱରଙ୍କ ଆତ୍ମାଙ୍କ ଉପସ୍ଥିତି ଆମର ପାପ ସ୍ୱଭାବକୁ ଅପ୍ରୀତିକର କରିଦେବ – ଆଉ ଏହା ହେବା ଉଚିତ୍! କାରଣ ଆତ୍ମା ଓ ଶରୀର (ପାପ ସ୍ୱଭାବ) ପରସ୍ପର ସହିତ ଯୁଦ୍ଧରତ ଅଟନ୍ତି କିମ୍ବା 'ଏକଆରେକର' ପ୍ରତିକୂଳ ଅଟନ୍ତି (ଗାଲା. ୫:୧୬,୧୭, ଆହୁରି ମଧ୍ୟ ଯାକୁବ ୪:୧-୧୦, ୧ପିତର ୨:୧୧ ଦେଖନ୍ତୁ) ।

ଈଶ୍ୱର ଆମ ହୃଦୟର, ମନର ଓ ବ୍ୟକ୍ତିତ୍ୱର ଏପରି ବିଷୟସବୁ ଜାଣନ୍ତି, ଯାହା ତାଙ୍କ ପବିତ୍ର ଆତ୍ମାଙ୍କ ଅଭିଷେକରେ ବାଧା ସୃଷ୍ଟି କରିବ । ପରୀକ୍ଷା ଓ କ୍ଳେଶ, ପ୍ରାୟତଃ, ଶୁଚିକାରୀ ମାଧ୍ୟମ ଭାବରେ କାର୍ଯ୍ୟ କରିବ ଓ ଆମ ଦୁର୍ବଳତାଗୁଡ଼ିକୁ ଦୂର କରିବା ପାଇଁ ସେଗୁଡ଼ିକୁ ସମ୍ମୁଖକୁ ଆସିବାକୁ ବାଧ୍ୟ କରିବ ।

## ଅଶୁଚିତାରୁ ଶୁଦ୍ଧ ହେବା

ରୌପ୍ୟ ଓ ସ୍ୱର୍ଣ୍ଣରେ କାର୍ଯ୍ୟ କରୁଥିବା କାରିଗରମାନେ ଆପଣଙ୍କୁ ଏହା କହିବେ ଯେ, ପ୍ରଥମେ ଖଣିରୁ ବାହାରିଥିବା ଧାତୁଗୁଡ଼ିକରେ ମଇଳା ପରିପୂର୍ଣ୍ଣ ହୋଇଥାଏ । ମଇଳାଗୁଡ଼ିକ ଯେପରି ଉପରକୁ ଉଠିବ, ଏଥିପାଇଁ ଏହାକୁ ଗରମ କରି ତରଳାଇବାକୁ ହୁଏ । ଏହାପରେ ମଇଳାଗୁଡ଼ିକୁ କୌଶଳର ସହିତ ତରଳ ଧାତୁ ଉପରୁ ବାହାର କରାଯାଏ (ହିତୋ. ୨୫:୪) । ଏହି ପ୍ରକ୍ରିୟାକୁ, ସାଧାରଣତଃ, ସେ ପର୍ଯ୍ୟନ୍ତ ବାରମ୍ବାର କରାଯାଏ, ଯେ ପର୍ଯ୍ୟନ୍ତ ଧାତୁଟି ଶୁଦ୍ଧ ହୋଇ ବ୍ୟବହାର ଯୋଗ୍ୟ ନ ହୁଏ । ଯେଉଁମାନେ ଧାତୁ ଗରମ କରନ୍ତି, ସେମାନେ ଧାତୁର କ୍ଷତି ନ କରିବା ପାଇଁ ଅଗ୍ନିଶିଖା ଉପରୁ ବହୁମୂଲ୍ୟ ଧାତୁ କାଢ଼ି ନେବାର ସଠିକ୍ ସମୟ ଜାଣନ୍ତି ।

ସେହିପରି ଭାବରେ, ଈଶ୍ୱର ଆମଠାରେ ଅଶୁଚିତାର ବିଷୟଗୁଡ଼ିକୁ ଉପରକୁ ଆଣି ପ୍ରକାଶିତ କରିବା ପାଇଁ ଆମ ଜୀବନ ମଧ୍ୟକୁ ଆସୁଥିବା ପରୀକ୍ଷାଗୁଡ଼ିକୁ ବ୍ୟବହାର କରିବେ । ଏହାପରେ ସେଗୁଡ଼ିକୁ ଚିହ୍ନି ହେବ – ଆଉ ଅନୁତାପ, ସ୍ୱଚ୍ଛତା ଓ ଉଦ୍ଧାର ଦ୍ୱାରା ଦୂର କରାଯାଇ ଆମ ପାପ ସ୍ୱଭାବର ବନ୍ଧନରୁ ଆମକୁ ମୁକ୍ତ କରାଯିବ ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ –** ମଣ୍ଡଳୀ ନେତା, ଯେତେବେଳେ ପରିବେଶ ''ଗରମ ହୋଇଯାଏ'' କିମ୍ବା ଯେତେବେଳେ ଆପଣ ଚାପଗ୍ରସ୍ତ ଅନୁଭବ କରନ୍ତି, ସେତେବେଳେ ଆପଣଙ୍କ ଜୀବନରେ କେଉଁ ବିଷୟ ଉପରକୁ ଉଠି ଆସେ ? ଆପଣ କିପରି ପ୍ରତିକ୍ରିୟା ଦେଖାନ୍ତି, କିମ୍ବା ଉପଶମ ନିମନ୍ତେ ଆପଣ କାହା ପ୍ରତି ମୁଖ ଫେରାନ୍ତି ? ଯାହା ଉପରକୁ ଉଠି ଆସେ, ତାହା ଏପରି ଏକ ମନୋଭାବ କିମ୍ବା ଆଚରଣ ପ୍ରକାଶ କରେ ଯାହାକୁ ଈଶ୍ୱର ଆପଣଙ୍କ ଜୀବନରୁ ପରିଷ୍କୃତ କରିବାକୁ, ସୁସ୍ଥ କରିବାକୁ କିମ୍ବା ଦୂର କରିବାକୁ ଇଚ୍ଛା କରିପାରନ୍ତି ? ଆପଣଙ୍କ ପରୀକ୍ଷା କିମ୍ବା ଅସୁବିଧା ମଧ୍ୟରେ ଏପରି କ'ଣ କିଛି ବିଷୟ ଅଛି, ଯାହାକୁ ଶିକ୍ଷା ଦେବା ପାଇଁ ସେ ଇଚ୍ଛା କରିପାରନ୍ତି ?

ଏହି ସମୟଗୁଡ଼ିକରେ ଯେତେବେଳେ ଆମେ ଆମ ଦୁର୍ବଳତା ଓ ଅଶୁଚିତାଗୁଡ଼ିକର ସମ୍ମୁଖୀନ ହେଉ, ସେତେବେଳେ ଭୟଭୀତ ହେବା ଅନୁଚିତ୍ । ଈଶ୍ୱର ନିଜ ପ୍ରେମରେ, ଆମକୁ ପରିଷ୍କୃତ ଓ ସୁଗଠିତ କରିବା ପାଇଁ ପରୀକ୍ଷା, କଷ୍ଟ ଓ କ୍ଳେଶକୁ ବ୍ୟବହାର କରିବେ । ସେ ମଧ୍ୟ ଆମକୁ ପ୍ରକାଶ, ଜ୍ଞାନ, ତାଙ୍କ ପ୍ରେମ ଓ ଅନୁଗ୍ରହର ସର୍ବୋଚ୍ଚ ସ୍ପର୍ଶ ଓ ତାଙ୍କ ବାକ୍ୟ ମଧ୍ୟକୁ ଅନ୍ତର୍ଦୃଷ୍ଟି ପ୍ରଦାନ କରିବେ । ଆମର ବିଶ୍ୱାସକୁ ସଂପ୍ରସାରିତ କରି ଆମ ଚରିତ୍ରକୁ ପରିବର୍ତ୍ତିତ କରିବା ପାଇଁ ସେ ଏହି ସମୟଗୁଡ଼ିକୁ ବ୍ୟବହାର କରନ୍ତି, ଯେପରିକି ଆମେ ଅଧିକ ଫଳପ୍ରଦ ଓ ଦରକାରୀ ପାତ୍ର ହୋଇପାରିବା ।

## ପରୀକ୍ଷା ଅଧୀନରେ ଜ୍ଞାନ

ଈଶ୍ୱର ଆମକୁ ଶୁଚି ଓ ଶକ୍ତିଯୁକ୍ତ କରିବା ପାଇଁ ପରୀକ୍ଷାଗୁଡ଼ିକୁ ବ୍ୟବହାର କରନ୍ତି । ଆମେ ବିଫଳ ବୋଲି କିମ୍ବା ଆମେ 'ଯଥେଷ୍ଟ ଉତ୍ତମ ନୁହେଁ' ବୋଲି ଅନୁଭବ ଦେବା ନିମନ୍ତେ ଈଶ୍ୱର ଆମକୁ ପରୀକ୍ଷା କରନ୍ତି ନାହିଁ । ନା ! ମାତ୍ର ଆମର ଶକ୍ତି ବୃଦ୍ଧି କରିବା ପାଇଁ ଈଶ୍ୱର ଆମ ଜୀବନରେ ପରୀକ୍ଷା ଓ କଷ୍ଟ ଆସିବାକୁ ଦିଅନ୍ତି, କାରଣ ଏପରି ସମୟରେ ଆମେ ଦୁର୍ବଳ ହେଉ ବୋଲି ସେ ଚାହାନ୍ତି ନାହିଁ, ଯେତେବେଳେ ଆମେ ଶକ୍ତି ଆବଶ୍ୟକ କରିବା (ହିତୋ. ୨୪:୧୦, ଯିରି. ୧୨:୫) । ଅଧିକରୁ ଅଧିକ ତାଙ୍କର ଅଭିଷେକ ଗ୍ରହଣ କରିବା ପାଇଁ ଓ ସେଥିରେ ବିଶ୍ୱସ୍ତ ରହିବା ପାଇଁ ଆମକୁ ସାମର୍ଥ୍ୟ ଦେବାକୁ ଈଶ୍ୱର ଆମର ପ୍ରସ୍ତୁତି ଉଦ୍ଦେଶ୍ୟରେ ପରୀକ୍ଷାଗୁଡ଼ିକୁ ବ୍ୟବହାର କରନ୍ତି !

ସେଥିପାଇଁ, ''ନାନାପ୍ରକାର ପରୀକ୍ଷାରେ ପରୀକ୍ଷିତ ହେବା ସମୟରେ, ତାହା ବିଶେଷ ଆନନ୍ଦର ବିଷୟ ବୋଲି ମନେ କରିବାକୁ'' ଯାକୁବ ଆମକୁ ଉତ୍ସାହିତ



କରିଛନ୍ତି (ଯାକୁବ ୧:୨) । ଆମର ବିଶ୍ୱସ୍ତ ଈଶ୍ୱର ଆମର ମଙ୍ଗଳ ଓ ତାଙ୍କର ଗୌରବ ନିମନ୍ତେ ପରୀକ୍ଷାକୁ ବ୍ୟବହାର କରିବେ, ଏହା ଜାଣି ଓ ବିଶ୍ୱାସ କରି ଧୈର୍ଯ୍ୟର ସହିତ ଏହା ସହ୍ୟ କରିବା ପାଇଁ ଧର୍ମଶାସ୍ତ୍ର ଆମକୁ ନିରନ୍ତର ଉତ୍ସାହିତ କରିଛି (୩,୪ ପଦ) । ଏହା ଆମ ପ୍ରତି ତାଙ୍କର ପ୍ରତିଜ୍ଞା ଅଟେ (ରୋମୀୟ ୮:୨୮,୨୯) ।

ଯାକୁବ ବିଶ୍ୱାସ ସହିତ, ଈଶ୍ୱରଙ୍କଠାରୁ ଶୁଣିବା ଆଶାରେ ଜ୍ଞାନ ମାଗିବା ପାଇଁ (ଯାକୁବ ୧:୫-୮) ମଧ୍ୟ ଆମକୁ ପରାମର୍ଶ ଦେଇଛନ୍ତି । ଆମେ ଏହି ଜ୍ଞାନ କାହିଁକି ଆବଶ୍ୟକ କରୁ ? ଏହା କ'ଣ କେବଳ ପରୀକ୍ଷାରୁ ପଳାୟନ କରିବା ନିମନ୍ତେ ? ନା, ଏହା ପରିବର୍ତ୍ତେ, ଏହା ଆମକୁ ଚିହ୍ନିବା ଶକ୍ତି ଓ ଜ୍ଞାନ ଦେବା ନିମନ୍ତେ ଉଦ୍ଦିଷ୍ଟ ଅଟେ, ଯେପରିକି ଯେକୌଣସି ଈଶ୍ୱର ଆମଠାରେ କାର୍ଯ୍ୟ କରୁଥିବା ସମୟରେ କ'ଣ କରିବାକୁ ହେବ, ତାହା ଆମେ ଜାଣିପାରିବା ।

## ଗୋଟିଏ ପ୍ରମାଣିତ ଇତିହାସର ଆବଶ୍ୟକତା

ଈଶ୍ୱର ଆମକୁ ତାଙ୍କ ଆତ୍ମା ଅଧିକରୂପେ ପ୍ରଦାନ କରିବାକୁ ଇଚ୍ଛା କରନ୍ତି । କିନ୍ତୁ ସେଥିନିମନ୍ତେ ଆମ ନିକଟରେ ବଳିଷ୍ଠ ଚରିତ୍ର ଓ ତାଙ୍କ ଦାନ ନଷ୍ଟ ନ କରିବା ପାଇଁ କିମ୍ବା ତାହାର ଅପବ୍ୟବହାର ନ କରିବା ପାଇଁ ଯଥେଷ୍ଟ ପରିପକ୍ୱତା ରହିବା ଆବଶ୍ୟକ । ଗୋଟିଏ ୫ ବର୍ଷର ଶିଶୁ ମୋଟର୍ ଗାଡ଼ି ଚଳାଇବା ପାଇଁ ନିଜକୁ ଯେତେ ପ୍ରସ୍ତୁତ ମନେକଲେ ସୁଦ୍ଧା ଆପଣ ତାକୁ ତାହା ଦେବେ ନାହିଁ । ଦାୟିତ୍ୱ ସମ୍ଭାଳିବା ପାଇଁ ସେ ଯଥେଷ୍ଟ ପରିପକ୍ୱ ହୋଇ ନ ଥିବ । ପ୍ରଥମ ଆବଶ୍ୟକତା ହେଉଛି, ଶାରୀରିକଭାବେ, ମାନସିକଭାବେ ଓ ଆବେଗିକଭାବେ ବୃଦ୍ଧି ପାଇବା ।

ଏହି ସମାନ ନିୟମ ଈଶ୍ୱରଙ୍କ ରାଜ୍ୟରେ ସତ୍ୟ ଅଟେ । ପ୍ରାଚୀନ ଓ ଅଧ୍ୟକ୍ଷମାନଙ୍କର ନିଯୁକ୍ତି ବିଷୟରେ ପାଉଲ ତୀମଥିଙ୍କୁ ଦେଇଥିବା ନିର୍ଦ୍ଦେଶ ପ୍ରତି ଦୃଷ୍ଟିପାତ କରନ୍ତୁ (୧ତୀମଥି ୩:୧-୧୩) । ଯଦି ଜଣେ କେହି ନେତା ହେବାକୁ ଚାହେଁ, ତେବେ ତାହା ପ୍ରଶଂସନୀୟ ଓ ଉତ୍ତମ ଅଟେ । କିନ୍ତୁ ସେମାନଙ୍କ ନିକଟରେ ଈଶ୍ୱରୀୟ ଆଚରଣ ଓ ଚରିତ୍ର ଓ ଜୀବନରେ ପରିପକ୍ୱତା ସମ୍ବନ୍ଧରେ ଏକ ପ୍ରମାଣିତ ଇତିହାସ ରହିଥିବା ଆବଶ୍ୟକ । ନିର୍ଦ୍ଦିଷ୍ଟ ଭାବରେ, ପାଉଲ ତୀମଥିଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି ଯେ, ନୂତନ ବିଶ୍ୱାସୀ ଜଣେ ପ୍ରାଚୀନ ଭାବରେ ନିଯୁକ୍ତି ପାଇବା ଅନୁଚିତ୍, କାରଣ ନୂତନ ବିଶ୍ୱାସୀମାନେ ସେପର୍ଯ୍ୟନ୍ତ ସେପ୍ରକାର ପରିପକ୍ୱତା ପାଇ ନ ଥା'ନ୍ତି ।

## ପ୍ରଲୋଭନ ଅଧୀନରେ ଠିଆ ହେବା

ଆମ ଈଶ୍ୱର ପବିତ୍ରତାରେ ସିଦ୍ଧ ଅଟନ୍ତି । ସେ 'ଆଦୌ' ଦୁଷ୍ଟତାର କାର୍ଯ୍ୟ କରିବେ ନାହିଁ, କିମ୍ବା ତାଙ୍କର ପ୍ରେମର ବସ୍ତୁ ଯେ ଆମେ– ଆମକୁ ଦୁଷ୍ଟତା କିମ୍ବା ପାପ କରିବା ପାଇଁ ସେ ଆଦୌ ପ୍ରଲୁବ୍ଧ କରିବେ ନାହିଁ (ଆୟୁବ ୩୪:୧୦–୧୨, ଯାକୁବ ୧:୧୩–୧୮) ।

ଶୟତାନ ହିଁ ଦୁଷ୍ଟତାର କର୍ତ୍ତା ଅଟେ, ସେ ହିଁ ଚୋରୀ, ହତ୍ୟା ଓ ବିନାଶ କରିବା ପାଇଁ ଅନ୍ୱେଷଣ କରେ (ଯୋହନ ୧୦:୧୦) । ଶୟତାନ ପ୍ରତ୍ୟକ୍ଷ ଭାବରେ ଆମର ଦାନ କିମ୍ବା ଅଭିଷେକର କ୍ଷତି କରିପାରେ ନାହିଁ କିମ୍ବା ଏହାକୁ ସୀମିତ କରିପାରେ ନାହିଁ । ସେଗୁଡ଼ିକ କେବଳ ଈଶ୍ୱରଙ୍କ ସାର୍ବଭୌମ ଶାସନ ଅଧୀନରେ ଅଛି । କିନ୍ତୁ ଶୟତାନ ଆମ ଚରିତ୍ର ସମ୍ବନ୍ଧୀୟ କ୍ଷେତ୍ରରେ ଆମକୁ ପ୍ରଲୋଭିତ କରିବ । ସେ ଆମକୁ ଆକ୍ରମଣ କରିବାକୁ, ପ୍ରତାରିତ କରିବାକୁ, କଳୁଷିତ କରିବାକୁ କିମ୍ବା ଈଶ୍ୱରଙ୍କ ଉପକରଣ ଭାବରେ ଆମକୁ ଅଯୋଗ୍ୟ କରିବାକୁ ଚେଷ୍ଟା କରିବ । ଯଦି ସେ ପାପ ଆଚରଣ କିମ୍ବା ମନୋଭାବ ମନୋନୟନ କରିବା ପାଇଁ ଆମକୁ ପ୍ରରୋଚିତ କରିପାରେ, ତେବେ ଆମ ଜୀବନ ମାଧ୍ୟମରେ ଈଶ୍ୱରଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହେବ କିମ୍ବା ଆମ ବ୍ୟକ୍ତିଗତ ବିଫଳତା ମାଧ୍ୟମରେ ବିନଷ୍ଟ ହେବ ।

ଆମର ''ବିପକ୍ଷ ଶୟତାନ ସିଂହ ପ୍ରାୟ ଗର୍ଜନ କରି କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଥିବାରୁ'' ଆମେ କ'ଣ କରିବା ଉଚିତ୍ (୧ପିତର ୫:୮)? ଆମେ ସେହିପରି ଭାବରେ ପ୍ରଲୋଭନର ସମ୍ମୁଖୀନ ହେବା ଉଚିତ୍, ଯେପରି ଭାବରେ ଯୀଶୁ ପ୍ରାନ୍ତରରେ ସମ୍ମୁଖୀନ ହୋଇଥିଲେ (ଲୂକ ୪:୩–୧୨), ଶୟତାନର କାର୍ଯ୍ୟକୁ ପ୍ରତିବାଧା ଦେବାର ପଦ୍ଧତି ଯାକୁବ ୪:୭ରେ ମଧ୍ୟ ଆମ ନିମନ୍ତେ ବର୍ଣ୍ଣନା କରାଯାଇଛି । ଧର୍ମଶାସ୍ତ୍ରରେ ସେହି ଅଂଶଟିକୁ ପାଠ କରନ୍ତୁ ଓ ଏହାକୁ ଆମେ ଏକତ୍ର କିଛିକ୍ଷଣ ପାଇଁ ଅଧ୍ୟୟନ କରିବା ।

**''ଈଶ୍ୱରଙ୍କର ବଶୀଭୂତ ହୁଅ'' –** ପ୍ରଭୁଙ୍କର ଆଜ୍ଞାବହ ହୁଅନ୍ତୁ ଓ ତାଙ୍କୁ ବିଶ୍ୱାସ କରନ୍ତୁ । ତାଙ୍କ ବାକ୍ୟ ପ୍ରତି ଆଜ୍ଞାବହତା ଆମକୁ ପ୍ରଲୋଭନର ସ୍ଥାନ କିମ୍ବା ପରିସ୍ଥିତିରୁ ଦୂରେଇ ରଖିବ । ଆହୁରି ମଧ୍ୟ, ଆପଣ ପରୀକ୍ଷିତ ହେବା ସମୟରେ 'ପ୍ରଥମେ' ପ୍ରାର୍ଥନାରେ ତାଙ୍କ ନିକଟକୁ ଦୌଡ଼ନ୍ତୁ । ଈଶ୍ୱରଙ୍କ ସାହାଯ୍ୟ ବିନା ପ୍ରଲୋଭନର ପ୍ରତିରୋଧ କରିବାକୁ ଚେଷ୍ଟା କରନ୍ତୁ ନାହିଁ ।

**''ଶୟତାନକୁ ପ୍ରତିବାଧା କର'' –** ଈଶ୍ୱରଙ୍କ ବାକ୍ୟ ବ୍ୟବହାର କରନ୍ତୁ ଓ ଆପଣଙ୍କ ଆତ୍ମିକ ପ୍ରାର୍ଥନା ଭାଷା ମଧ୍ୟ ବ୍ୟବହାର କରନ୍ତୁ ('ପରଭାଷା'–୧କରିନ୍ଥୀୟ ୧୨ ଓ



୧୪); ଆପଣ ଯାହାଙ୍କୁ ବିଶ୍ୱାସ କରନ୍ତି, ଏପରି କୌଣସି ବ୍ୟକ୍ତି ସହିତ ପ୍ରାର୍ଥନାରେ ଯୋଗ ଦିଅନ୍ତୁ ।

**''ଈଶ୍ୱରଙ୍କର ନିକଟବର୍ତ୍ତୀ ହୁଅନ୍ତୁ'' –** ଈଶ୍ୱରଙ୍କ ନିକଟକୁ ପ୍ରାର୍ଥନାରେ ସମସ୍ତ ବିଷୟ ଆଣନ୍ତୁ ଓ ଆପଣଙ୍କ ହୃଦୟରେ ତାଙ୍କର ବାକ୍ୟ ଓ ତାଙ୍କର ବାକ୍ୟର ଆଲୋକ ଜ୍ୱଳାଇବା ପାଇଁ ତାଙ୍କୁ ଅନୁମତି ଦିଅନ୍ତୁ । ସେ କେବଳ ଯାହା କରିପାରନ୍ତି, ତାହା କରିବାକୁ ଧୈର୍ଯ୍ୟ ଧରି ତାଙ୍କ ଉପରେ ନିର୍ଭର କରନ୍ତୁ । ନିଜ ହାତକୁ ସମସ୍ୟା ନେଇ ସମାଧାନ କରିବା କିମ୍ବା ପରିସ୍ଥିତିକୁ ନିଜେ ନିୟନ୍ତ୍ରଣ କରିବା ଚେଷ୍ଟାରୁ ନିବୃତ୍ତ ହୁଅନ୍ତୁ ।

**''ହସ୍ତ ଶୁଚିକର'', ''ହୃଦୟ ଶୁଦ୍ଧ କର'' –** ପବିତ୍ର ଆତ୍ମା ଆପଣଙ୍କ ଜୀବନରେ ଆପଣଙ୍କର ବନ୍ଧନରେ, ପାପର ଓ ଦୁର୍ବଳତାର କ୍ଷେତ୍ରଗୁଡ଼ିକୁ ପ୍ରକାଶ କରି ସେ ସମ୍ବନ୍ଧରେ ଚେତନା ଦେଉଥିବା ସମୟରେ ସେଗୁଡ଼ିକୁ ଏକ ନମ୍ର ଓ ଅନୁତପ୍ତ ହୃଦୟର ସହିତ ପ୍ରାର୍ଥନାରେ ଈଶ୍ୱରଙ୍କ ନିକଟକୁ ଆଣନ୍ତୁ । ଆପଣଙ୍କର ବିଫଳତାଗୁଡ଼ିକୁ ସ୍ୱୀକାର କରନ୍ତୁ ଓ ଈଶ୍ୱରଙ୍କ ଶୁଚିକାରୀ କାର୍ଯ୍ୟ, ତାଙ୍କର କ୍ଷମା, ସୁସ୍ଥତା ଓ ଉଦ୍ଧାରର ଆବଶ୍ୟକତା ମଧ୍ୟ ସ୍ୱୀକାର କରନ୍ତୁ ।

ଶୟତାନ ହିଁ ଦୁଷ୍ଟତାର କର୍ତ୍ତା ଅଟେ, ସେ ହିଁ ଚୋରୀ, ହତ୍ୟା ଓ ବିନାଶ କରିବା ପାଇଁ ଅନ୍ୱେଷଣ କରେ (ଯୋହନ ୧୦:୧୦) । ଶୟତାନ ପ୍ରତ୍ୟକ୍ଷ ଭାବରେ ଆମର ଦାନ କିମ୍ବା ଅଭିଷେକର କ୍ଷତି କରିପାରେ ନାହିଁ କିମ୍ବା ଏହାକୁ ସୀମିତ କରିପାରେ ନାହିଁ । ସେଗୁଡ଼ିକ କେବଳ ଈଶ୍ୱରଙ୍କ ସାର୍ବଭୌମ ଶାସନ ଅଧୀନରେ ଅଛି । କିନ୍ତୁ ଶୟତାନ ଆମ ଚରିତ୍ର ସମ୍ବନ୍ଧୀୟ କ୍ଷେତ୍ରରେ ଆମକୁ ପ୍ରଲୋଭିତ କରିବ । ସେ ଆମକୁ ଆକ୍ରମଣ କରିବାକୁ, ପ୍ରତାରିତ କରିବାକୁ, କଳୁଷିତ କରିବାକୁ କିମ୍ବା ଈଶ୍ୱରଙ୍କ ଉପକରଣ ଭାବରେ ଆମକୁ ଅଯୋଗ୍ୟ କରିବାକୁ ଚେଷ୍ଟା କରିବ ।

## ବିଜୟୀ ହେବା ପାଇଁ ଅନୁଗ୍ରହ

ଏହା ସହିତ, ଆତ୍ମିକ ଯୁଦ୍ଧରେ କିପରି ନିୟୋଜିତ ହେବାକୁ ପଡ଼ିବ, ତାହା ଜାଣିବାରେ ଆମକୁ ସାହାଯ୍ୟ କରିବା ପାଇଁ ଅନ୍ୟ ଏକ ଶକ୍ତିଶାଳୀ ନିର୍ଦ୍ଦେଶ ତାଲିକା ପ୍ରଦତ୍ତ ଅଛି । ଏଫିସୀୟ ୬:୧୦–୧୮ ପାଠ କରନ୍ତୁ । ଏହା ଆମର ଯୁଦ୍ଧ ସଜ୍ଜା

ପରିଧାନ କରିବାକୁ, ଆତ୍ମାଙ୍କ ଖଡ୍‌ଗ (ଈଶ୍ୱରଙ୍କ ବାକ୍ୟ) ଧାରଣ କରିବାକୁ ଆମକୁ ନିର୍ଦ୍ଦେଶ ଦିଏ, ଆଉ ମଧ୍ୟ ପ୍ରାର୍ଥନାରେ 'ନିମଜ୍ଜିତ ହେବାକୁ କହେ । ଏହାପରେ, ଆପଣ ଯାହା କରିପାରନ୍ତି, ତାହାସବୁ କରିସାରିବା ପରେ, ଆପଣଙ୍କ ବିଶ୍ୱାସ, ଭରସା ଓ ଈଶ୍ୱରଙ୍କ ପ୍ରତି ବଶ୍ୟତାରେ 'ଦୃଢ଼ଭାବରେ ଠିଆ ହୁଅନ୍ତୁ' । ଆପଣ ଶୟତାନକୁ ଓ ତା'ର କାର୍ଯ୍ୟକୁ ପ୍ରତିବାଧା ଦେଇପାରିବେ, ଆଉ ସେ ଅବଶ୍ୟ ପଳାୟନ କରିବ ! ଈଶ୍ୱର ଆଜି ଆପଣଙ୍କୁ ବିଜୟ ଦେବେ !

ଶତ୍ରୁ ପରିତ୍ୟାଗ କରେ ନାହିଁ । ସେ ପୁନର୍ବାର ଚେଷ୍ଟା କରିବ, ଯେହେତୁ ତା'ର ଲକ୍ଷ୍ୟ ହେଉଛି, ଆପଣଙ୍କର ବିନାଶ । ଏହା ଯୀଶୁଙ୍କ କ୍ଷେତ୍ରରେ ମଧ୍ୟ ସତ୍ୟ ଥିଲା । ଯଦିଓ ସେ ପ୍ରାନ୍ତରରେ ଗୋଟିଏ ବଡ଼ ପରୀକ୍ଷାର ସମ୍ମୁଖୀନ ହୋଇଥିଲେ ଓ ବଳିଷ୍ଠଭାବେ ବିଜୟୀ ହୋଇଥିଲେ, ତଥାପି ଏହା ଶତ୍ରୁ ସହିତ ତାଙ୍କର ଶେଷ ସାକ୍ଷାତ୍ ନ ଥିଲା । (ଲୂକ ୪:୧୩, ମାଥିଉ ୧୬:୨୩, ଲୂକ ୨୨:୧-୬) । କିନ୍ତୁ, ପ୍ରତ୍ୟେକ ପ୍ରଲୋଭନ ସହିତ, ଯୀଶୁ ପାପ ନିକଟରେ ନିଜକୁ ସମର୍ପଣ କରି ନ ଥିଲେ ।

ଏହା ମନେରଖନ୍ତୁ ଯେ, ଈଶ୍ୱର ସଂପୂର୍ଣ୍ଣ ଭାବରେ ଆପଣଙ୍କ ନିମନ୍ତେ ଅଛନ୍ତି (ରୋମୀୟ ୮:୩୧) । ସେ ପ୍ରତିଜ୍ଞା ସୁଦ୍ଧା କରିଛନ୍ତି ଯେ, ଆପଣ ଯାହା ପ୍ରତିରୋଧ କରିପାରିବେ, ତାହାଠାରୁ ଉର୍ଦ୍ଧ୍ୱରେ ପରୀକ୍ଷିତ ହେବା ପାଇଁ ସେ ଅନୁମତି ଦେବେ ନାହିଁ । ସେ 'ସର୍ବଦା' ରକ୍ଷା ପାଇବାର ଏକ ଉପାୟ ଯୋଗାଇବେ (୧କରିନ୍ଥୀ. ୧୦:୧୩, ୨ପିତର ୨:୯) ।

ସେଥିପାଇଁ, ଆସନ୍ତୁ ଆମେ ଏଥିରେ ଆନନ୍ଦ କରିବା ଯେ, ଆମର ଏପରି ଜଣେ ରାଜା ଅଛନ୍ତି ଯିଏ ଆମର ସଂଘର୍ଷଗୁଡ଼ିକୁ ଅନ୍ତରଙ୍ଗ ଭାବରେ ଜାଣନ୍ତି ଓ ବୁଝନ୍ତି । ଏହି ନ୍ୟାୟବାନ୍ ଓ ପ୍ରେମମୟ ତ୍ରାଣକର୍ତ୍ତା ତାଙ୍କ ସଦୃଶ ବିଜୟୀ ହେବା ପାଇଁ ତାଙ୍କର ଶକ୍ତି, କ୍ଷମତା ଓ ଅନୁଗ୍ରହ ଗ୍ରହଣ କରିବାକୁ ଆମକୁ ବିନାମୂଲ୍ୟରେ ନିମନ୍ତ୍ରଣ କରନ୍ତି (ଏବ୍ରୀ ୪:୧୪-୧୬) ।

**ଆମକୁ ପବିତ୍ର ଆତ୍ମାଙ୍କ ଶକ୍ତି ଉପରେ ନିର୍ଭର କରିବାର ଏକ ଜୀବନବ୍ୟାପୀ ପ୍ରକ୍ରିୟା ଅନୁସରଣ କରିବାକୁ ହେବ ।**

ଯେତେବେଳେ ଯୀଶୁ ପ୍ରାନ୍ତରରେ ୪୦ ଦିନ କଟାଇ ଫେରିଲେ, ସେତେବେଳେ ଏହିପରି ଘଟିଥିଲା ବୋଲି ବାଇବଲ ଉଲ୍ଲେଖ କରିଥାଏ: ''ଏଥିଉତ୍ତାରେ ଯୀଶୁ ଆତ୍ମାଙ୍କ ଶକ୍ତିରେ ଗାଲିଲୀକୁ ବାହୁଡ଼ିଗଲେ, ଆଉ ଚତୁର୍ଦ୍ଦିଗସ୍ଥ ସମସ୍ତ ଅଞ୍ଚଳରେ ତାହାଙ୍କର ଖ୍ୟାତି ବ୍ୟାପିଗଲା'' (ଲୂକ ୪:୧୪) ।



ଯୀଶୁ ନିଜର ନଗର ନାଜରୀତକୁ ଆସିଲେ । ଏହି ସ୍ଥାନରେ ହିଁ ସେ ବୃଦ୍ଧି ପାଇଥିଲେ ଓ ଶବାଥ୍ ନିମନ୍ତେ ସମାଜ ଗୃହକୁ ଯାଇଥିଲେ (ଲୂକ ୪:୧୬-୩୦) । ଏହି ସ୍ଥାନରେ ହିଁ ସେ ଠିଆ ହୋଇ ଯିଶାଇୟ ୬୧:୧,୨ରୁ ନିମ୍ନ ଅଧ୍ୟାୟଟି ପାଠ କରିବା ପାଇଁ ମନୋନୀତ କରିଥିଲେ, ''ପ୍ରଭୁଙ୍କର ଆତ୍ମା ମୋ'ଠାରେ ଅଧିଷ୍ଠିତ, ଯେଣୁ ଦୀନହୀନମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ନିମନ୍ତେ ସେ ମୋତେ ଅଭିଷିକ୍ତ କରିଅଛନ୍ତି, ବନ୍ଦୀମାନଙ୍କ ନିକଟରେ ମୁକ୍ତି ଓ ଅନ୍ଧମାନଙ୍କ ନିକଟରେ ଦୃଷ୍ଟିଲାଭର ବିଷୟ ଘୋଷଣା କରିବାକୁ, ପୁଣି ଉପଦ୍ରବପ୍ରାପ୍ତ ଲୋକମାନଙ୍କୁ ମୁକ୍ତ କରିବାକୁ ଆଉ ପ୍ରଭୁଙ୍କ ଅନୁଗ୍ରହ ବର୍ଷ ଘୋଷଣା କରିବାକୁ ସେ ମୋତେ ପ୍ରେରଣ କରିଅଛନ୍ତି'' (ଲୂକ ୪:୧୮,୧୯) ।

ଯୀଶୁ ଏହା ଘୋଷଣା କରିଥିଲେ ଯେ, ତାଙ୍କର ମସିହ ସମ୍ବନ୍ଧୀୟ କାର୍ଯ୍ୟ ''ପ୍ରଭୁଙ୍କ ଆତ୍ମାଙ୍କ ଦ୍ୱାରା'' ସାଧିତ ହେବା ନିମନ୍ତେ ଉଦ୍ଦିଷ୍ଟ ଥିଲା । ଯୀଶୁ ପବିତ୍ର ଆତ୍ମାଙ୍କ ଦ୍ୱାରା ଅଭିଷିକ୍ତ ଓ ଶକ୍ତିଯୁକ୍ତ ହୋଇଥିଲେ । କେବଳ ଏହି ଅଭିଷେକ ଦ୍ୱାରା ସେ ସେହି ସମସ୍ତ କାର୍ଯ୍ୟ କରିପାରିଥିଲେ, ଯାହା ତାଙ୍କ ସେବାକାର୍ଯ୍ୟ ସମ୍ବନ୍ଧରେ ଭାବବାଣୀ ଦ୍ୱାରା ଘୋଷଣା କରାଯାଇଥିଲା ।

## ପ୍ରଭୁଙ୍କ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳତା

ଏହି ଅଧ୍ୟାୟରେ, ଆମେ କିପରି ଈଶ୍ୱରଙ୍କ ଇଚ୍ଛା ପାଳନ କରିପାରିବା, ସେ ସମ୍ବନ୍ଧରେ ଯୀଶୁ ସଠିକ୍ ଧାରା ସ୍ଥାପନ କରିଛନ୍ତି । ଆମେ ଏହା ଜାଣିଛୁ, ଯୀଶୁ ନିଜର ଇଚ୍ଛା ନୁହେଁ, ମାତ୍ର ପିତାଙ୍କର ଇଚ୍ଛା ସାଧନ କରିବାକୁ କେବଳ ଆସିଥିଲେ । ସେହିପରି, ଆପଣଙ୍କୁ ଓ ମୋତେ, ଆମର ଇଚ୍ଛା ନୁହେଁ, ମାତ୍ର ପିତାଙ୍କର ଇଚ୍ଛା ସାଧନ କରିବାକୁ ଆହ୍ୱାନ କରାଯାଇଛି । ଆମର ଯୋଜନା ଯେତେ ଉତ୍ତମ ବୋଲି ଆମେ ଚିନ୍ତା କଲେ ସୁଦ୍ଧା ତାହା 'କାର୍ଯ୍ୟକାରୀ କରିବାକୁ' ଆମକୁ ଆହ୍ୱାନ କରାଯାଇ ନାହିଁ । ଏହା ପରିବର୍ତ୍ତେ, ଜଣଙ୍କର, ଅର୍ଥାତ୍, ଈଶ୍ୱରଙ୍କର ଇଚ୍ଛା ସାଧନ କରିବାକୁ ଆମେ ଆହୂତ ହୋଇଅଛୁ, ଅଧିକାର ଓ ଶକ୍ତି ପାଇଅଛୁ । ଆଉ ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ପାଇଁ ଆମେ ଈଶ୍ୱରଙ୍କ ଶକ୍ତି ଆବଶ୍ୟକ କରୁ ।



ଆମେ ଏହା ଶିକ୍ଷା କରିଅଛୁ ଯେ, ଈଶ୍ୱରଙ୍କ ବିଷୟରେ ଆମେ ଅଧିକରୁ ଅଧିକ ପରିପକ୍ୱ ହେଉଥିବା ସମୟରେ ଈଶ୍ୱରଙ୍କ ଉପରେ ଓ ପବିତ୍ର ଆତ୍ମାଙ୍କ ଉପରେ ଅଧିକରୁ ଅଧିକ କିପରି ନିର୍ଭରଶୀଳ ହେବା, ତାହା ହେଉଛି, ଆମର ବଡ଼ ଆହ୍ୱାନ । ଆମର କ୍ରମବର୍ଦ୍ଧିଷ୍ଣୁ ଦାନ ଓ ଯୋଗ୍ୟତା ଉପରେ ନିର୍ଭର କରିବାକୁ ଆରମ୍ଭ କରିବା ଅତି ସହଜ ଅଟେ । ଆମେ ହୁଏତ କିଛି ସଫଳତା ପାଇପାରୁ, ସେଥିପାଇଁ ଆମେ ଏକାଗ୍ର ପ୍ରାର୍ଥନା କିମ୍ବା ବାଇବଲ ଅଧ୍ୟୟନରୁ ଫେରିଯାଉ । ଆମେ ହୁଏତ ଆଉ ଆତ୍ମିକ ଭାବରେ କ୍ଷୁଧିତ, କିମ୍ବା ଲୋକମାନଙ୍କ ଜୀବନରେ କିମ୍ବା ଆମ ଅଞ୍ଚଳରେ ଈଶ୍ୱରଙ୍କ କାର୍ଯ୍ୟ ଦେଖିବା ପାଇଁ ଅତି ଆଗ୍ରହୀ ଅନୁଭବ କରି ନ ପାରୁ । ତେବେ ଆମର ବିଶ୍ୱାସ ଈଶ୍ୱରଙ୍କ ଆତ୍ମାଙ୍କ ଅଭିଷେକକାରୀ ଶକ୍ତି ଉପରେ କମ୍ ଓ ଆମର ସଞ୍ଚିତ ଅନୁଭୂତି ଓ କୌଶଳ ଉପରେ ଅଧିକ ସ୍ଥାପିତ ହୁଏ ।

ଏହି ଦୃଷ୍ଟାନ୍ତଗୁଡ଼ିକରେ ଅସୁବିଧା ଓ ପରୀକ୍ଷାଗୁଡ଼ିକ ଆମକୁ ପୁନର୍ବାର ଆଣ୍ଠେଇବାରେ, ଜୀବନ ଓ ସେବାକାର୍ଯ୍ୟରେ ଆବଶ୍ୟକ ହେଉଥିବା 'ସମସ୍ତ' ବିଷୟ ନିମନ୍ତେ ପ୍ରଭୁଙ୍କ ଉପରେ ପୁନର୍ବାର ନିର୍ଭର କରିବାରେ ଆମକୁ ସାହାଯ୍ୟ କରେ ।

ଆମେ ଯୀଶୁଙ୍କ ଜୀବନରେ ମହାଆଶ୍ଚର୍ଯ୍ୟକର୍ମ ଓ ସେବାକାର୍ଯ୍ୟର ସମୟ ଏବଂ ମହାକ୍ଳେଶ ଓ ବିରୋଧର ସମୟ ଦେଖିପାରୁ । କିନ୍ତୁ ଦୁଇଟି ସମୟ ମଧ୍ୟରୁ ଯେକୌଣସି ସମୟରେ ଈଶ୍ୱରଙ୍କର ନିଷ୍ପାପ ପୁତ୍ର ସଂପୂର୍ଣ୍ଣ ଭାବରେ ଈଶ୍ୱରଙ୍କ ଆତ୍ମାଙ୍କର ସାମର୍ଥ୍ୟପ୍ରଦାନକାରୀ ଶକ୍ତି ଉପରେ ନିର୍ଭରଶୀଳ ଥିଲେ ।

ଯୀଶୁ ଗୋଟିଏ ମାନବ ଶରୀରର ଦୁର୍ବଳତା ଗ୍ରହଣ କରିବା ପାଇଁ ଓ ନିଜର ସ୍ୱର୍ଗୀୟ ଅଧିକାରରୁ ନିଜକୁ ଶୂନ୍ୟ କରିବା ପାଇଁ ମନୋନୀତ କରିଥିଲେ (ଫିଲି. ୨:୭) । ଏଥିଯୋଗୁ, ପିତାଙ୍କ ଇଚ୍ଛା ଉପରେ ଓ ପବିତ୍ର ଆତ୍ମାଙ୍କ ସାମର୍ଥ୍ୟପ୍ରଦାୟୀ ଶକ୍ତି ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭରଶୀଳ ହେବା ପାଇଁ ଯୀଶୁ ନିଜକୁ ଅନୁମତି ଦେଇଥିଲେ । ଏହା ତାଙ୍କୁ ଏହି ପୃଥିବୀରେ ଜୀବନ ମଧ୍ୟ ଦେଇ, ତାଙ୍କ ସେବାକାର୍ଯ୍ୟ ମଧ୍ୟ ଦେଇ, ଏପରିକି ମୃତ୍ୟୁ ଓ ତା' ପରବର୍ତ୍ତୀ ଗୌରବମୟ ପୁନରୁତ୍ଥାନ ମଧ୍ୟଦେଇ ଚଳାଇ ନେଇଥିଲା !

ଯଦି ଈଶ୍ୱରଙ୍କ ପୁତ୍ର ଯୀଶୁ, ପିତାଙ୍କ ଇଚ୍ଛା ସାଧନ କରିବା ପାଇଁ ପବିତ୍ର ଆତ୍ମାଙ୍କ ଅଭିଷେକକାରୀ ଶକ୍ତି ଆବଶ୍ୟକ କରିଥିଲେ – ତେବେ ଆପଣ ଓ ମୁଁ କେତେ ଅଧିକ ଆବଶ୍ୟକ ନ କରିବୁ ?



## ପରୀକ୍ଷା : ଆମକୁ ସୁଗଠିତ କରିବା ପାଇଁ ଈଶ୍ୱରଙ୍କର ଉପକରଣ

ଈଶ୍ୱର ଆମ ଜୀବନରେ ପରୀକ୍ଷାଗୁଡ଼ିକୁ ବ୍ୟବହାର କରିବେ । ସେ ଏହି ସମୟଗୁଡ଼ିକରେ ଆମକୁ ଦଣ୍ଡ ଦେଉ ନ ଥା'ନ୍ତି । ଏହାର ଠିକ୍ ବିପରୀତ ବିଷୟ ସତ୍ୟ ଅଟେ । ଈଶ୍ୱର ଆମକୁ ପ୍ରେମ କରୁଥିବାରୁ, ସେ ଆମକୁ ଶାସନ କରନ୍ତି (ଏବ୍ରୀ ୧୨:୩-୧୧) । ଆମେ ପ୍ରକୃତରେ ତାଙ୍କର ପୁତ୍ର ଓ କନ୍ୟା ହୋଇଥିବାରୁ (ରୋମୀ. ୮:୧୪-୧୬), ଆମକୁ ଗଠନ କରିବା ପାଇଁ ଓ ତାଙ୍କ ସାଦୃଶ୍ୟରେ ଆମକୁ ବୃଦ୍ଧି କରାଇବା ପାଇଁ, ଯାହା ଆବଶ୍ୟକ ଅଟେ, ତାହା ସେ କରନ୍ତି (୨କରିନ୍ଥୀ. ୩:୧୮) । ଆମେ ଖ୍ରୀଷ୍ଟଙ୍କ ସହିତ ସହ-ଉତ୍ତରାଧିକାରୀ (ରୋମୀୟ ୮:୭) ଓ ତାଙ୍କ ସହିତ ରାଜତ୍ୱ କରିବାକୁ ନିରୂପିତ ହୋଇଥିବାରୁ (୨ତୀମଥି ୨:୨, ପ୍ରକା. ୫:୧୦) ଯାହା ଆସିବାକୁ ଅଛି, ତାହା ନିମନ୍ତେ ନିଜକୁ ପ୍ରସ୍ତୁତ କରିବାକୁ ଆମେ ପରୀକ୍ଷା ମଧ୍ୟଦେଇ ଯିବା (ରୋମୀ. ୮:୧୮, ୨କରିନ୍ଥୀ. ୪:୧୭) ।

ଆମ ପ୍ରତ୍ୟେକଙ୍କ ନିକଟକୁ ଆସୁଥିବା ପରୀକ୍ଷା ଓ ଅସୁବିଧାକୁ ଆମେ ଭୟ କରିବା ନାହିଁ କିମ୍ବା ସେଥିରୁ ପଳାୟନ କରିବା ନାହିଁ । କିନ୍ତୁ, ଏହା ପରିବର୍ତ୍ତେ, ଯାକୁବ ଲେଖିଛନ୍ତି, ''ତୁମ୍ଭେମାନେ ଯେତେବେଳେ ନାନାପ୍ରକାର ପରୀକ୍ଷାରେ ପରୀକ୍ଷିତ ହୁଅ, ସେତେବେଳେ ତାହା ବିଶେଷ ଆନନ୍ଦର ବିଷୟ ବୋଲି ମନେ କର'' (ଯାକୁବ ୧:୨) । କାରଣ ଏଗୁଡ଼ିକ ସେହି ଉପକରଣ ଯାହା ଈଶ୍ୱର ତାଙ୍କର ବ୍ୟବହାର ଓ ଗୌରବ ନିମନ୍ତେ ଆମକୁ ସୁଗଠିତ କରିବା ପାଇଁ, ପରିବର୍ତ୍ତିତ କରିବା ପାଇଁ ଓ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରିବେ !

### ୩) ଈଶ୍ୱରଙ୍କ ବ୍ୟକ୍ତି ହେବାର ଅନ୍ୱେଷଣ କରନ୍ତୁ

ଯୀଶୁଙ୍କର ଜୀବନ ଓ ସେବାକାର୍ଯ୍ୟରୁ ଅନେକ ନିୟମ ଓ ଶିକ୍ଷା ଗ୍ରହଣ କରିବାକୁ ଅଛି ବୋଲି ଆମେ ଦେଖିଅଛୁ, ନିଃସନ୍ଦେହ ଭାବରେ, କେହି କେବେ ତାଙ୍କ ଭଳି ଶିକ୍ଷା ଦେଇ ନାହିଁ (ଲୂକ ୪:୩୨) । ଯୀଶୁ ନିଜର ସେବାକାର୍ଯ୍ୟ ମଧ୍ୟରେ ଏତେ ଅଧିକ ଚିହ୍ନ, ଅଦ୍ଭୁତ କର୍ମ ଓ ଅଲୌକିକ କାର୍ଯ୍ୟ ସାଧନ କରିଥିଲେ ଯେ, ସେଗୁଡ଼ିକୁ ଲିପିବଦ୍ଧ କରିବା ସମ୍ଭବ ନୁହେଁ ବୋଲି ପ୍ରେରିତ ଯୋହନ ଘୋଷଣା କରିଥିଲେ (ଯୋହନ ୨୧:୨୫) ।

ଯୀଶୁଖ୍ରୀଷ୍ଟ ଆଜି, କାଲି ଓ ସର୍ବଦା ସମାନ ହୋଇଥିବାରୁ (ଏବ୍ରୀ ୧୩:୮) 'ସେ ନିଜ ପାର୍ଥିବ ସେବାକାର୍ଯ୍ୟ ସମୟରେ କରିଥିବା କାର୍ଯ୍ୟ ଆଜି ପର୍ଯ୍ୟନ୍ତ ସାଧିତ ହେଉଅଛି' । ଏହି ମହତ୍ କାର୍ଯ୍ୟ ଓ ଆଶ୍ଚର୍ଯ୍ୟକର୍ମ ଖ୍ରୀଷ୍ଟଙ୍କ ଶରୀରର ସଦସ୍ୟମାନଙ୍କ

ମାଧ୍ୟମରେ ପବିତ୍ର ଆତ୍ମାଙ୍କ ଦ୍ୱାରା କରାଯାଉଅଛି । ଏହାର ଅର୍ଥ ହେଉଛି ଯେ, ଯୀଶୁ ପୃଥିବୀରେ ଥିବା ସମୟରେ ଯେଉଁ କାର୍ଯ୍ୟ ଆରମ୍ଭ କରିଥିଲେ, ତାହା ବର୍ତ୍ତମାନ ଅବ୍ୟାହତ ରଖିବା ନିମନ୍ତେ ସେ ନିଜର ଅନୁଗାମୀମାନଙ୍କୁ ପ୍ରଦାନ କରିଛନ୍ତି (ପ୍ରେରିତ ୧:୧-୮) ।

ଆମକୁ, ଅବଶ୍ୟ ମାନବ ଜାତିର ପାପ ନିମନ୍ତେ କ୍ରୁଶ ଉପରେ ମୃତ୍ୟୁବରଣ କରିବା ପାଇଁ ଥିବା ତାଙ୍କର କାର୍ଯ୍ୟ ପ୍ରଦତ୍ତ ହୋଇନାହିଁ । ତାହା କେବଳ ଖ୍ରୀଷ୍ଟଙ୍କର କାର୍ଯ୍ୟ ଥିଲା । ଅନନ୍ତ ପରିତ୍ରାଣ କେବଳ ତାଙ୍କର ବଳିଦାନ ମାଧ୍ୟମରେ ସମ୍ଭବ ଅଟେ (ପ୍ରେରିତ ୪:୧୨) । ସେହି ମହତ୍ ଓ ସଂପୂର୍ଣ୍ଣ କାର୍ଯ୍ୟ ସହିତ ଆମେ ଆଉ କିଛି ଯୋଗ କରିପାରିବା ନାହିଁ । ଆମକୁ କେବଳ ଏହା ଗ୍ରହଣ କରିବାକୁ ହେବ !

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ –** ଦୟାକରି ଏହା ବୁଝନ୍ତୁ ଯେ, ଯୀଶୁଙ୍କର ସେବାକାର୍ଯ୍ୟ ତାଙ୍କର କ୍ରୁଶାରୋହଣ ଦ୍ୱାରା ସଂକ୍ଷିପ୍ତ ହୋଇ ନ ଥିଲା । ଏଠାରେ ପୃଥିବୀରେ ଯୀଶୁଙ୍କର କାର୍ଯ୍ୟର ପ୍ରାଥମିକ ଲକ୍ଷ୍ୟ ଥିଲା – ମନୁଷ୍ୟ ଜାତିର ପରିତ୍ରାଣ ନିମନ୍ତେ କ୍ରୁଶରେ ମୃତ୍ୟୁବରଣ କରିବା । ଏହି ପରିତ୍ରାଣ ତାଙ୍କର ମୃତ୍ୟୁ ଓ ପରେ ପରେ ପୁନରୁତ୍ଥାନ ମାଧ୍ୟମରେ ଗୌରବର ସହିତ ସାଧିତ ହୋଇଥିଲା (ଯୋହନ ୧୯:୩୦, ଏଫିସୀ. ୧:୧୭-୨୩, ଫିଲି. ୨:୫-୧୧, ଏବ୍ରୀ ୯:୧୧-୧୬) ।

ସେଥିପାଇଁ, ଆମେ ପ୍ରତ୍ୟୟର ସହିତ ଏହା କହିପାରିବା ଯେ, କେହି ଯୀଶୁଙ୍କର ଇଚ୍ଛା ବିରୁଦ୍ଧରେ ଯୀଶୁଙ୍କୁ ହତ୍ୟା କରି ନ ଥିଲେ । ବରଂ, ଆମ ପାପ ନିମନ୍ତେ ଖ୍ରୀଷ୍ଟଙ୍କ ମୃତ୍ୟୁ ତାଙ୍କ ନିମନ୍ତେ ଈଶ୍ୱରଙ୍କ ପୂର୍ବ ନିରୂପିତ ଉଦ୍ଦେଶ୍ୟର ଅଂଶବିଶେଷ ଥିଲା (ଯୋହନ ୧:୨୯, ୧୨:୨୭, ୧୯:୫-୧୧, ପ୍ରେରିତ ୨:୨୨-୨୪,୩୩) । ଯୀଶୁ ସ୍ୱେଚ୍ଛାରେ ଏହି କାର୍ଯ୍ୟ ଗ୍ରହଣ କରିଥିଲେ ଓ ସଂପୂର୍ଣ୍ଣ ଭାବରେ ସମାପ୍ତ କରିଥିଲେ ।

## ଶ୍ରେଷ୍ଠତର କାର୍ଯ୍ୟ

ଆମ ମଧ୍ୟରୁ ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କ ମାଧ୍ୟମରେ ପରିତ୍ରାଣପ୍ରାପ୍ତ ହୋଇଛନ୍ତି, ସେମାନଙ୍କୁ ଯୀଶୁଙ୍କ ସେବାକାର୍ଯ୍ୟକୁ ଆଗକୁ କଢ଼ାଇବା ପାଇଁ, ଏପରି ‘‘ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ’’ (ପ୍ରେରିତ ୧:୮) ତାହା ପ୍ରଦତ୍ତ ହୋଇଅଛି । ଏହି ଆଶିଷଯୁକ୍ତ ଆଦେଶ ପରିପୂରଣ ପାଇଁ ଆମକୁ ସାମର୍ଥ୍ୟ ଦେବାକୁ ପବିତ୍ର ଆତ୍ମା ପ୍ରଦତ୍ତ ହୋଇଛନ୍ତି ।



ଯୀଶୁ କହିଥିଲେ, ‘‘ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ମୋ’ଠାରେ ଯେ ବିଶ୍ୱାସ କରେ, ମୁଁ ଯେଉଁ ଯେଉଁ କର୍ମ କରୁଅଛି, ସେ ମଧ୍ୟ ସେହିସବୁ କରିବ, ଆଉ ସେସବୁ ଅପେକ୍ଷା ଅଧିକ ମହତ୍ କର୍ମ କରିବ, କାରଣ ମୁଁ ପିତାଙ୍କ ନିକଟକୁ ଯାଉଅଛି’’ (ଯୋହନ ୪:୧୨) । ଏହି ପଦରେ, ଆମେ ସ୍ପଷ୍ଟଭାବରେ ଏହା ଦେଖୁ ଯେ, ତାଙ୍କ କାର୍ଯ୍ୟ ଚାଲୁ ରଖିବା ପାଇଁ ଯୀଶୁ ଆମକୁ ଆହ୍ୱାନ କରିଛନ୍ତି ।

କିନ୍ତୁ, ଆମକୁ ଏହା ବୁଝିବାକୁ ହେବ ଯେ, ଏହାର ଅର୍ଥ ନୁହେଁ ଯେ, ଆମର କାର୍ଯ୍ୟ କୌଣସି ପ୍ରକାରେ ଖ୍ରୀଷ୍ଟଙ୍କ କାର୍ଯ୍ୟ ଅପେକ୍ଷା ଶ୍ରେଷ୍ଠତର ନୁହେଁ କିମ୍ବା ଆମେ କୌଣସି ପ୍ରକାରେ କେବେ ଖ୍ରୀଷ୍ଟଙ୍କ ସମାନ ହୋଇପାରିବା (ମାଥି. ୧୦:୨୪,୨୫, ଯୋହ. ୧୩:୧୬) । କାରଣ କେବଳ ଯୀଶୁ ଈଶ୍ୱର ଥିଲେ ଓ ଅଟନ୍ତି, ଆଉ କେବଳ ଯୀଶୁ ପିତା ଈଶ୍ୱର ଓ ପବିତ୍ର ଆତ୍ମାଙ୍କ ସହିତ ସମାନ ଅଟନ୍ତି (ଯୋହନ ୧୦:୩୦) ।

ଯେତେବେଳେ ଯୀଶୁ ‘‘ଅଧିକ ମହତ୍ କାର୍ଯ୍ୟ’’ ବୋଲି କହିଥିଲେ, ସେତେବେଳେ ସେ ଏହି ସତ୍ୟକୁ ଉଲ୍ଲେଖ କରୁଥିଲେ ଯେ ଆମେ ‘‘ସଂଖ୍ୟା ଓ ପରିସରରେ ଅଧିକ’’ କାର୍ଯ୍ୟ କରିବା, ଯୀଶୁଙ୍କ ସେବାକାର୍ଯ୍ୟର ସମୟ ପ୍ରାୟ ସାଢ଼େ ତିନିବର୍ଷ ଥିଲା । ଆମର ସେବାକାର୍ଯ୍ୟ ଆମର ସମଗ୍ର ଜୀବନକାଳ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇପାରେ ।

ଯୀଶୁଙ୍କର ପାର୍ଥିବ ସେବାକାର୍ଯ୍ୟ ଭୌଗଳିକ ଭାବରେ ଗୋଟିଏ କ୍ଷୁଦ୍ର ଅଞ୍ଚଳ ଓ ଆପେକ୍ଷିକ ଭାବରେ କମ୍ ସଂଖ୍ୟକ ଲୋକମାନଙ୍କଠାରେ ସୀମିତ ହୋଇଥିଲା । ଅଗଣିତ ଖ୍ରୀଷ୍ଟ ଅନୁଗାମୀ ଓ ‘‘ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ଯିବା ପାଇଁ ଆମର ଆହ୍ୱାନ’’ ତୁଳନାରେ ଏହା ସୀମିତ ଅଟେ (ପ୍ରେରିତ ୧:୮) । ଆମକୁ ‘‘ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କରିବାକୁ ହେବ’’ (ମାର୍କ ୧୬:୧୫) ଆଉ ‘‘ସମସ୍ତ ଜାତିର ଲୋକଙ୍କୁ... ଶିଷ୍ୟ କରିବାକୁ ହେବ’’ (ମାଥି. ୨୮:୧୯) । ଏଗୁଡ଼ିକ ହିଁ ‘‘ଅଧିକ ମହତ୍ କାର୍ଯ୍ୟ’’, ଯାହା ଆମେ କରିବା !

## ସମସ୍ତଙ୍କ ନିମନ୍ତେ ସୁସମ୍ବାଦ !

ସମସ୍ତ ଲୋକଙ୍କ ନିକଟକୁ ପରିତ୍ରାଣ ଆଣିବା ପିତା ଈଶ୍ୱରଙ୍କ ହୃଦୟର ଯୋଜନା ହୋଇଅଛି । ଯୀଶୁଙ୍କର ମୃତ୍ୟୁ ଓ ପୁନରୁତ୍ଥାନ ମାଧ୍ୟମରେ ଏହା ବର୍ତ୍ତମାନ ସମ୍ଭବ ଅଟେ । କିନ୍ତୁ ଏହି ସୁନ୍ଦର ସୁସମ୍ବାଦ ସମସ୍ତ ଜାତି ନିକଟରେ କହିବା ଆବଶ୍ୟକ (ମାଥି. ୨୪:୧୪, ଯୋହ. ୪:୩୫) । କେହି ସେମାନଙ୍କୁ ନ କହିଲେ, ସେମାନେ କିପରି ଜାଣିବେ (ରୋମୀ. ୧୦:୧୪,୧୫) ।

ଖ୍ରୀଷ୍ଟଙ୍କ ମାଧ୍ୟମରେ ମିଳୁଥିବା ସୁସମ୍ବାଦ ସମସ୍ତ ଲୋକଙ୍କୁ ଜଣାଇବା ପ୍ରତ୍ୟେକ ବିଶ୍ୱାସୀର କାର୍ଯ୍ୟ ଅଟେ । କିନ୍ତୁ ଏହା ସାଧନ କରିବା ପାଇଁ ଆମେ ଈଶ୍ୱରଙ୍କ ପବିତ୍ର ଆତ୍ମାଙ୍କ ଶକ୍ତି ଓ ସାମର୍ଥ୍ୟ ଆବଶ୍ୟକ କରୁ !

ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା,''ସେ ଆସି ପାପ, ଧାର୍ମିକତା ଓ ବିଚାର ବିଷୟରେ ଜଗତକୁ ପ୍ରମାଣ ଦେବେ'' (ଯୋହନ ୧୬:୭-୧୧) । ପବିତ୍ର ଆତ୍ମାଙ୍କ ଦ୍ୱାରା ମଧ୍ୟ ଆଦ୍ୟ ପ୍ରେରିତମାନେ ଚିହ୍ନ ଓ ଅଦ୍ଭୁତକର୍ମ ସାଧନ କରିଥିଲେ (ପ୍ରେରିତ ୨:୪୩, ୫:୧୨ ଇତ୍ୟାଦି) । ଏହି ସମାନ ପବିତ୍ର ଆତ୍ମା-ଶକ୍ତିରେ ପରିପୂର୍ଣ୍ଣ ଚିହ୍ନ ଓ ଅଦ୍ଭୁତ କର୍ମ ମଣ୍ଡଳୀ ଯୁଗରେ ମଧ୍ୟ ଅବ୍ୟାହତ ରହିଛି, ଆଉ ଆଜି ଆମ ପ୍ରତି ମଧ୍ୟ ଉପଲବ୍ଧ ଅଟେ (୧କରିନ୍ଥୀ. ୧୨:୯,୧୦) ।

ଆଜି ଅଧିକାଂଶ ପାଳକ ଓ ମଣ୍ଡଳୀ ନେତାମାନେ ସେମାନଙ୍କ ସେବାକାର୍ଯ୍ୟ ମାଧ୍ୟମରେ ଈଶ୍ୱରଙ୍କର ଅଧିକ ସ୍ପଷ୍ଟ ଶକ୍ତି ଦେଖିବା ପାଇଁ କ୍ଷୁଧିତ ଅଟନ୍ତି । ରୋଗୀମାନଙ୍କୁ ସୁସ୍ଥ ହେବାର, ଭୂତମାନଙ୍କୁ ବିତାଡ଼ିତ କରିବାର, ମୃତମାନଙ୍କୁ ଉଠାଇବାର ଓ ଆହୁରି ଅଧିକ କାର୍ଯ୍ୟ ଦେଖିବା ପାଇଁ ଆମେ ଇଚ୍ଛା କରୁ – ସମସ୍ତ ବିଷୟ ଯୀଶୁଙ୍କ ଗୌରବ ନିମନ୍ତେ !

ଏହି କାର୍ଯ୍ୟଗୁଡ଼ିକ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ଆଜି ନିଶ୍ଚୟ ଆମ ପ୍ରତି ଉପଲବ୍ଧ ଅଟେ । ଯୀଶୁ ପବିତ୍ର ଆତ୍ମାଙ୍କ ଦ୍ୱାରା ନିଜ ସେବାକାର୍ଯ୍ୟରେ ସେଗୁଡ଼ିକୁ କରିଥିଲେ (ପ୍ରେରିତ ୨:୨୨) । ଆଉ ଆମେ ମଧ୍ୟ ସେହି ପବିତ୍ର ଆତ୍ମାଙ୍କ ଦ୍ୱାରା (୧କରିନ୍ଥୀ. ୧୨:୧୧) ସେଗୁଡ଼ିକୁ କରିବୁ ବୋଲି ସେ ପ୍ରତିଜ୍ଞା କରିଛନ୍ତି (ଯୋହନ ୧୪:୧୨) ।

ଆମ ସେବାକାର୍ଯ୍ୟ ମାଧ୍ୟମରେ ଅଲୌକିକ ଶକ୍ତି ସହିତ ସୁସମାଚାର ପ୍ରଚାରକୁ ଦୃଢ଼ କରିବା ପାଇଁ ଆମେ ଈଶ୍ୱରଙ୍କଠାରୁ ଆଶା କରିପାରିବା ଓ କରିବା ଉଚିତ୍ – ଆଉ ସେଥିନିମନ୍ତେ ବିଶ୍ୱାସ ମଧ୍ୟ କରିବା ଉଚିତ୍ (ମାର୍କ ୧୬:୧୯,୨୦) । ଏହାକୁ ସେ ନିଜ ଇଚ୍ଛା ଅନୁସାରେ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା କରିବେ । ହାଲ୍ଲେଲୁୟା !

## ଈଶ୍ୱରଙ୍କୁ ନିର୍ଦ୍ଦେଶ କରୁଥିବା ଚିହ୍ନ

ଏଠାରେ ଆମକୁ ଏକ ସନ୍ତୁଳିତ ଓ ସତର୍କମୂଳକ ଦୃଷ୍ଟିକୋଣ ଆଣିବାକୁ ହେବ । ଆମ ସେବାକାର୍ଯ୍ୟର ଲକ୍ଷ୍ୟ ''ଅଲୌକିକ କର୍ମ, ଚିହ୍ନ ଓ ଅଦ୍ଭୁତ କର୍ମ ହେବା ଆଦୌ ଉଚିତ୍ ନୁହେଁ ।'' କିମ୍ବା ସେହି ସମସ୍ତ ବିଷୟ ଆମ ହୃଦୟର ଇଚ୍ଛା ହେବା ମଧ୍ୟ ଉଚିତ୍ ନୁହେଁ ।



ଏହା ସତ୍ୟ ଅଟେ ଯେ, ଆଜି ପୃଥିବୀରେ ଈଶ୍ୱର ଅନେକ ଆଶ୍ଚର୍ଯ୍ୟ ଓ ଅଲୌକିକ କାର୍ଯ୍ୟ କରୁଛନ୍ତି । କିନ୍ତୁ ଏହି ଶକ୍ତିପୂର୍ଣ୍ଣ ଚିହ୍ନ, ଅଦ୍ଭୁତ କର୍ମ ଓ ଅଲୌକିକ କାର୍ଯ୍ୟର 'ଉଦ୍ଦେଶ୍ୟ' କ'ଣ ?

ଗୋଟିଏ 'ଚିହ୍ନ' କିମ୍ବା 'ଅଦ୍ଭୁତକର୍ମ' ଗୋଟିଏ ଅସ୍ୱାଭାବିକ କିମ୍ବା ଅତି ଅସାଧାରଣ ଘଟଣା (ନିମ୍ନରେ ପ୍ରଦତ୍ତ ବିଶେଷ ଲେଖାରେ ଚିହ୍ନ ସମ୍ବନ୍ଧରେ, ଦୟାକରି ଅଧିକ ପାଠ କରନ୍ତୁ) । ଆମର ଦୃଷ୍ଟି ଆକର୍ଷଣ କରିବା ପାଇଁ ଚିହ୍ନ ଈଶ୍ୱରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି । ଉଦାହରଣସ୍ୱରୂପ, ପ୍ରାନ୍ତରରେ ଗୋଟିଏ ଜ୍ୱଳନ୍ତ ବୁଦା ହୁଏତ ଏତେ ଅସାଧାରଣ ହୋଇ ନ ପାରେ । କିନ୍ତୁ, ଯେତେବେଳେ ସେହି ବୁଦା ଯେତେବେଳେ ଦୀର୍ଘ ସମୟ ଧରି ଜଳୁଥିଲେ ମଧ୍ୟ ଦଗ୍ଧୀଭୂତ ହେବ ନାହିଁ, ସେତେବେଳେ ଏହା ନିଶ୍ଚୟ ଆମର ଦୃଷ୍ଟି ଆକର୍ଷଣ କରିବ (ଯାତ୍ରା ୩:୧-୩) ।

କିନ୍ତୁ ଗୋଟିଏ ଚିହ୍ନ ଏକ ଅସାଧାରଣ ଘଟଣାଠାରୁ ଅଧିକ ଅଟେ । ଚିହ୍ନ ଓ ଅଦ୍ଭୁତକର୍ମର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଯେ, ସେଗୁଡ଼ିକ କୌଣସି ଗୋଟିଏ ବିଷୟ ପ୍ରତି ନିର୍ଦ୍ଦେଶିତ କରିବା ପାଇଁ ପ୍ରସ୍ତୁତ ହୋଇଛି । ଚିହ୍ନ କିମ୍ବା ଅଦ୍ଭୁତକର୍ମ ଯାହା ପ୍ରତି ନିର୍ଦ୍ଦେଶ କରୁଥାଏ, ତାହା ଏହାର ଆବଶ୍ୟକତାକୁ ନିର୍ଣ୍ଣୟ କରିବ ।

**''ପବିତ୍ର ଆତ୍ମାଙ୍କ ଦ୍ୱାରା ସାଧିତ ସମସ୍ତ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ସର୍ବଦା ଓ ସମସ୍ତ କ୍ଷେତ୍ରରେ ଲୋକମାନଙ୍କୁ ପିତା ଈଶ୍ୱର କିମ୍ବା ପୁତ୍ର ଈଶ୍ୱର-ଯୀଶୁଙ୍କ ପ୍ରତି ନିର୍ଦ୍ଦେଶ କରନ୍ତି ।** ଚିହ୍ନ ଆପେ ''ଲକ୍ଷ୍ୟରେ ଶେଷ'' କିମ୍ବା କେନ୍ଦ୍ରିୟ ବିଷୟ ନୁହେଁ । ଏହା ପରବର୍ତ୍ତେ, ଚିହ୍ନ ଜଣେ ବ୍ୟକ୍ତିକୁ 'ଲକ୍ଷ୍ୟ' ଦିଗରେ କଢ଼ାଇ ନିଏ ।

ଈଶ୍ୱର ଏପରି ଗୋଟିଏ ଜ୍ୱଳନ୍ତ ବୁଦାଦ୍ୱାରା ମୋଶାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ, ଯାହା ଦଗ୍ଧୀଭୂତ ହେଉ ନ ଥିଲା । କିନ୍ତୁ ଈଶ୍ୱର ମୋଶାଙ୍କ ଦୃଷ୍ଟି ଆକର୍ଷଣ କରିବା ମାତ୍ରେ ନିଜ ଲୋକମାନଙ୍କ ନିମନ୍ତେ ନିଜକୁ (ଯାତ୍ରା ୩:୪-୬) ଓ ନିଜର ଉଦ୍ଦେଶ୍ୟକୁ (ଯାତ୍ରା ୩:୭-୪:୧୭) ପ୍ରକାଶ କରିବାକୁ ଆରମ୍ଭ କରିଥିଲେ ।

କେଉଁଟି ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ? ଈଶ୍ୱରଙ୍କର ଗୋଟିଏ ବୁଦାକୁ ନିରନ୍ତର ପ୍ରଜ୍ୱଳିତ କରିବା, କିମ୍ବା ନିଜ ସମ୍ବନ୍ଧରେ ଓ ନିଜ ଉଦ୍ଦେଶ୍ୟ ସମ୍ବନ୍ଧରେ ଯାହା ସେ ପ୍ରକାଶ କରିଥିଲେ ?

## ସ୍ପଷ୍ଟଭାବରେ ସୁସମାଚାର ପ୍ରଚାରିତ ହେଉଛି କି ?

ଚିହ୍ନ ଓ ଅଦ୍ଭୁତକର୍ମ, ଭାବବାଣୀଯୁକ୍ତ ବାକ୍ୟ, ଦର୍ଶନ ଓ ସମାନ ପ୍ରକାରର ଆତ୍ମିକ ଘଟଣା ବିଚାର କରିବାର ଭିତ୍ତି ସେଗୁଡ଼ିକ ଅସାଧାରଣ କିମ୍ବା ଅଲୌକିକ

ଅଟନ୍ତି କିମ୍ବା ନୁହଁନ୍ତି, ତାହା ଉପରେ ଆଧାରିତ ନୁହେଁ । ଏପରିକି ଶୟତାନ ସୀମିତ ଅଲୌକିକ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ସାଧନ କରିବା ପାଇଁ ପ୍ରତାରଣା ବ୍ୟବହାର କରିପାରେ (୨କରିନ୍ଥୀ. ୧୧:୧୪) । ଏହି ପରିପ୍ରେକ୍ଷୀରେ, ଶୟତାନର କାର୍ଯ୍ୟ ଏହି ଶେଷ ଯୁଗରେ ବୃଦ୍ଧି ପାଇବ (ମାଥି. ୨୪:୨୩-୨୫, ୨ଥେସ. ୨:୮-୧୦, ପ୍ରକାଶିତ. ୧୩:୧୩,୧୪, ୧୬:୧୪, ୧୯:୨୦)।

ଶୟତାନିକ ପରିସର ପରିତ୍ରାଣର ଏକମାତ୍ର ମାର୍ଗ ଭାବରେ ଯୀଶୁଙ୍କଠାରୁ ଓ ସୁସମାଚାରର ସତ୍ୟଠାରୁ ଲୋକମାନଙ୍କୁ ଫେରାଇ ଆଣି ସେମାନଙ୍କୁ ପ୍ରତାରିତ କରିବା ନିମନ୍ତେ ନକଲି ଆଶ୍ଚର୍ଯ୍ୟକର୍ମ ସୃଷ୍ଟି କରିବା ପାଇଁ ଚେଷ୍ଟା କରିବ । କିନ୍ତୁ ଏହି ନକାରାତ୍ମକ ଦୃଷ୍ଟାନ୍ତ ସୁଦ୍ଧା ଏହା ଦର୍ଶାଇଥାଏ ଯେ, ଚିହ୍ନ ଓ ଅଦ୍ଭୁତକର୍ମ ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରେ ।

ଏହିପରି ଭାବରେ, ପବିତ୍ର ଆତ୍ମାଙ୍କ ଦ୍ୱାରା ଚିହ୍ନ ଓ ଅଦ୍ଭୁତକର୍ମ ବିଚାର କରିବାର ପ୍ରକୃତ ଭିତ୍ତି ଏହା ଅଟେ : ଏହି ଘଟଣା ଯୀଶୁଙ୍କୁ ଗୌରବ ଦିଏ କି?

## ଚିହ୍ନ ଓ ଅଦ୍ଭୁତକର୍ମ ପ୍ରତି ଏକ ସଂକ୍ଷିପ୍ତ ଦୃଷ୍ଟିପାତ

ଈଶ୍ୱରଙ୍କଠାରୁ ଆଗତ ଚିହ୍ନ, ଅଦ୍ଭୁତକର୍ମ ଓ ଅଲୌକିକ କାର୍ଯ୍ୟ ଉତ୍ତମ ଅଟେ, ଆଉ ସେଗୁଡ଼ିକୁ ଦେଖିବା ପାଇଁ ଆମେ ଆଜି ଆଶା କରିବା ଉଚିତ୍ । ସେଗୁଡ଼ିକ ପ୍ରଥମ ପ୍ରେରିତମାନଙ୍କର ମୃତ୍ୟୁ ସହିତ ବନ୍ଦ ହୋଇଯାଇ ନ ଥିଲା (ଖ୍ରୀ:ଅ: ୧୦୦) । କିମ୍ବା ନୂତନ ନିୟମର ଶାସ୍ତ୍ରଗୁଡ଼ିକ ''ଅନୁମୋଦିତ'' ହେବା ସମୟରେ ସେଗୁଡ଼ିକ ବନ୍ଦ ହୋଇ ନ ଥିଲା । (ଅନୁମୋଦିତ ହେବା (Canonized)ର ଅର୍ଥ ହେଉଛି, ୩୦୦ ଖ୍ରୀଷ୍ଟାବ୍ଦରେ ପ୍ରେରିତିକ ଲେଖାଗୁଡ଼ିକ ଈଶ୍ୱରଙ୍କ ଅନୁପ୍ରେରଣାରେ ଲେଖାଯାଇଥିଲା ବୋଲି ମଣ୍ଡଳୀର ନେତାମାନେ ଆନୁଷ୍ଠାନିକ ଭାବରେ ସ୍ୱୀକାର କରିଥିଲେ) ।

ପବିତ୍ର ଆତ୍ମା ଆଜି ମଧ୍ୟ ସେହି କାର୍ଯ୍ୟ ସବୁ କରୁଛନ୍ତି, ଯେଉଁଗୁଡ଼ିକୁ ଯୀଶୁ ୨୦୦୦ ବର୍ଷ ପୂର୍ବେ ଆରମ୍ଭ କରିଥିଲେ! ଯୀଶୁ ''କାଲି, ଆଜି ଓ ସର୍ବଦା ସମାନ ଭାବରେ ଅଛନ୍ତି'' (ଏବ୍ରୀ ୧୩:୮) । ଆଉ ସେ ହେଉଛନ୍ତି, ସେହି ବ୍ୟକ୍ତି ଯିଏ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ତାଙ୍କର କାର୍ଯ୍ୟ ଅବ୍ୟାହତ ରଖିବା ନିମନ୍ତେ (ଯୋହନ ୧୪:୧୨) ଆମକୁ ଆହ୍ୱାନ କରିଛନ୍ତି ।

କିନ୍ତୁ ଚିହ୍ନ, ଅଦ୍ଭୁତକର୍ମ ଓ ଅଲୌକିକ କାର୍ଯ୍ୟ ଆନନ୍ଦଜନକ ହେଲେ ମଧ୍ୟ ସେଗୁଡ଼ିକୁ ଯାହା କରିପାରନ୍ତି, ତା'ର ଏକ ସୀମା ରହିଛି । ଏହା ପ୍ରତିପାଦିତ



ହୋଇସାରିଛି ଯେ, ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଚିହ୍ନଗୁଡ଼ିକ ରହିଅଛି । ଆଉ ସେଗୁଡ଼ିକ ସର୍ବଦା ଯୀଶୁଙ୍କ ପ୍ରତି ଲୋକମାନଙ୍କୁ ନିର୍ଦ୍ଦେଶିତ କରିବା ଉଚିତ୍ ।

ଏହା ଗୁରୁତ୍ୱପୂର୍ଣ୍ଣ ଅଟେ, କାରଣ 'ଚିହ୍ନ ଓ ଅଦ୍ଭୁତକର୍ମ' ଜଣେ ବ୍ୟକ୍ତିର ହୃଦୟରେ ''ପରିତ୍ରାଣଜନକ ବିଶ୍ୱାସ'' ସୃଷ୍ଟି କରେ ନାହିଁ । ଯେଉଁ ବିଶ୍ୱାସ କେବଳ ଗୋଟିଏ ଚିହ୍ନ କିମ୍ବା ଆଶ୍ଚର୍ଯ୍ୟକର୍ମ ଉପରେ ନିର୍ମିତ ହୋଇଛି, ତାହା ଫମ୍ପା ଓ ଅସ୍ଥାୟୀ ହେବା ନିମନ୍ତେ ପ୍ରବୃତ୍ତ ହେବ । (ଉଦାହରଣ ସ୍ୱରୂପ, ଯୋହନ ୬, ନିର୍ଦ୍ଦିଷ୍ଟ ଭାବରେ ୧୪,୧୫,୨୬-୩୫, ୬୦-୬୪ ପାଠ କରନ୍ତୁ) ।

ଶେଷରେ, ପରିତ୍ରାଣ ମଧ୍ୟକୁ ପ୍ରବେଶ କରିବା ପାଇଁ ଜଣେ ବ୍ୟକ୍ତିଙ୍କୁ ଯୀଶୁଖ୍ରୀଷ୍ଟଙ୍କର ସେହି ସତ୍ୟ ପ୍ରତି ପ୍ରତିକ୍ରିୟା ଦେଖାଇବାକୁ ମନୋନୀତ କରିବାକୁ ହେବ, ସେ ଯିଏ ଅଟନ୍ତି ଓ ସେ ସେମାନଙ୍କ ନିମନ୍ତେ ଯାହା କରିଛନ୍ତି । ସେମାନଙ୍କୁ ତାଙ୍କଠାରେ ବିଶ୍ୱାସ କରିବାକୁ ହେବ, ସେମାନଙ୍କ ପାପ ପାଇଁ ଅନୁତାପ କରିବାକୁ ହେବ ଓ ପ୍ରଭୁ ଓ ତ୍ରାଣକର୍ତ୍ତା ଭାବରେ ତାଙ୍କୁ ଗ୍ରହଣ କରିବାକୁ ହେବ ।

### ପ୍ରଥମ ସ୍ଥାନ ଯୀଶୁଙ୍କର ଅଟେ

ଯୀଶୁ, ନିଜ ସେବାକାର୍ଯ୍ୟର ଆଦ୍ୟଭାଗରେ, ମନୁଷ୍ୟ ହୃଦୟର ଦୁଷ୍ଟତା ଓ ଫମ୍ପା ସ୍ୱଭାବକୁ ବୁଝିଥିଲେ (ଯିରି. ୧୭:୯) । ଯୀଶୁ ନିଜକୁ ସେହି ଲୋକମାନଙ୍କ ନିକଟରେ ସମର୍ପଣ କରି ନ ଥିଲେ, ଯେଉଁମାନେ ତାଙ୍କର ଅନୁଗାମୀ ଥିଲେ (ଯୋହନ ୨:୨୩-୨୫) । ସେ ଏହା ଚିହ୍ନିପାରିଥିଲେ ଯେ, ''ସେମାନେ ତାଙ୍କର କୃତ ଆଶ୍ଚର୍ଯ୍ୟକର୍ମ ଦେଖି ତାଙ୍କଠାରେ କେବଳ କୃତ୍ରିମ ବିଶ୍ୱାସ ସ୍ଥାପନ କରିଥିଲେ (୨୩ ପଦ) ।

ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ସାଧିତ ଅଲୌକିକ କାର୍ଯ୍ୟ, ଚିହ୍ନ ଓ ଅଦ୍ଭୁତ କର୍ମ ବିଧିସମ୍ମତ ଓ ଅତ୍ୟାବଶ୍ୟକ ଅଟେ । ଈଶ୍ୱର ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ସେଗୁଡ଼ିକୁ ବ୍ୟବହାର କରନ୍ତି । କିନ୍ତୁ ସ୍ଥାୟୀ ବିଶ୍ୱାସ କୌଣସି ବିଷୟ - କୌଣସି ବ୍ୟକ୍ତି ଉପରେ ସ୍ଥାପିତ ହେବା ଆବଶ୍ୟକ! ଚିରନ୍ତର ସୁଦୃଢ଼ ହେବାଠାରୁ ବହୁ ଅଧିକ : ଯୀଶୁଖ୍ରୀଷ୍ଟ!

ଖ୍ରୀଷ୍ଟଙ୍କର ବ୍ୟକ୍ତିତ୍ୱ ଓ ସେମାନଙ୍କ ପାପ ନିମନ୍ତେ ତାଙ୍କର ବଳିଦାନ ଉପରେ ନିର୍ମିତ ବିଶ୍ୱାସ ହେଉଛି ଏକ ବଳିଷ୍ଠ, ସ୍ଥାୟୀ ଓ ରକ୍ଷାକାରୀ ବିଶ୍ୱାସ । ଏହା ହେଉଛି, ସେହି ଜୀବନ - ପରିବର୍ତ୍ତନକାରୀ ବିଶ୍ୱାସ ଯାହା ପ୍ରତିକୂଳ

ପରିସ୍ଥିତି ଓ ପରୀକ୍ଷା ସତ୍ତ୍ୱେ ବଳିଷ୍ଠ ହୋଇ ରହିବ ଓ ବୃଦ୍ଧି ପାଇବ । ଏହିପ୍ରକାର ବିଶ୍ୱାସ ସମଗ୍ର ଜୀବନରେ – ଆଉ ଅନନ୍ତକାଳ ପର୍ଯ୍ୟନ୍ତ ସ୍ଥାୟୀ ହୋଇପାରେ !

ପବିତ୍ର ଆତ୍ମା ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଚିହ୍ନ, ଅଦ୍ଭୁତକର୍ମ ଓ ଅଲୌକିକ କାର୍ଯ୍ୟ ବ୍ୟବହାର କରନ୍ତି । କିନ୍ତୁ ପରିତ୍ରାଣ ନିମନ୍ତେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ପାଇଁ ମନୋନୀତ କରିବାର ଏକ ସୁଯୋଗ ଦେବା ସକାଶେ ସେ ଏହା କରନ୍ତି । ଆମେ ଏହାର ଦୁଇଟି ଉଦାହରଣ ଦେଖିବା ।

ପ୍ରଥମ ଦୃଷ୍ଟାନ୍ତରେ (ଯୋହନ ୯:୧-୪୧), ଯୀଶୁ ଏପରି ଜଣେ ବ୍ୟକ୍ତିକୁ ସୁସ୍ଥ କରିଛନ୍ତି ଯିଏ ଜନ୍ମାନ୍ଧ ଥିଲା । ବ୍ୟକ୍ତିଟି ସୁସ୍ଥ ହୋଇଥିଲା, ମାତ୍ର ଯୀଶୁ ଏହାପରେ ତାଙ୍କଠାରେ ବିଶ୍ୱାସ କରିବା ପାଇଁ ତାକୁ ସୁଯୋଗ ଦେଇଥିଲେ (୯:୩୫-୩୮)।

ଦ୍ୱିତୀୟ ଦୃଷ୍ଟାନ୍ତରେ, (ପ୍ରେରିତ ୧୩:୪-୧୨) ପାଉଲ ଗୋଟିଏ ଦୁଷ୍ଟ ଯାଦୁକରର ସମ୍ମୁଖୀନ ହୋଇଥିଲେ । ପବିତ୍ର ଆତ୍ମାଙ୍କ ଅଭିଷେକ ଅଧୀନରେ, ପାଉଲ ସେହି ଯାଦୁକର ଉପରେ ଏକ ଭାବବାଣୀଯୁକ୍ତ ଦଣ୍ଡ ଶୁଣାଇଥିଲେ (୯-୧୧ ପଦ) । ଏହି ଶକ୍ତି ପ୍ରଦର୍ଶନ ଦେଖିଥିବା ଜଣେ ଶାସନକର୍ତ୍ତା ଏହା ପ୍ରତ୍ୟୟ କରିଥିଲେ ଯେ, ଖ୍ରୀଷ୍ଟଙ୍କ ବିଷୟରେ ପାଉଲ ଯାହା ଶିକ୍ଷା ଦେଉଛନ୍ତି, ତାହା ସତ୍ୟ ଅଟେ (୧୨ ପଦ) ।

ଆପଣ ଏହା ଲକ୍ଷ୍ୟ କରିବେ ଯେ, ଉଭୟ କ୍ଷେତ୍ରରେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କେବଳ ଚିହ୍ନ ଉପରେ ପର୍ଯ୍ୟବେସିତ ନ ଥିଲା । ଏହା ଯୀଶୁଖ୍ରୀଷ୍ଟଙ୍କଠାରେ ସେମାନେ ବିଶ୍ୱାସ କରିଥିଲେ କିମ୍ବା ନାହିଁ – ଏହି ପ୍ରଶ୍ନ ଉପରେ ପର୍ଯ୍ୟବସିତ ଥିଲା (ଯୋହନ ୯:୩୫-୩୮, ପ୍ରେରିତ ୧୩:୧୨) । ଚିହ୍ନ କିମ୍ବା ଅଦ୍ଭୁତକର୍ମ ଯୀଶୁଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ସତ୍ୟ ଓ ଶକ୍ତିକୁ ସାବ୍ୟସ୍ତ କରିବା ପାଇଁ କେବଳ କାର୍ଯ୍ୟ କରିଥିଲା ।

ମଣ୍ଡଳୀ ନେତା, ଚିହ୍ନ ଓ ଅଦ୍ଭୁତକର୍ମଗୁଡ଼ିକ ଆପଣଙ୍କ ସେବାକାର୍ଯ୍ୟରେ ଏକ ସ୍ଥାନ ପାଇବା ଉଚିତ୍ । ମାତ୍ର ସର୍ବପ୍ରଥମ ସ୍ଥାନ ଯୀଶୁଙ୍କର ଅଟେ । ସମସ୍ତ ବିଷୟ ସରଳ ଭାବରେ ଓ ଅତି ସ୍ୱଷ୍ଟ ଭାବରେ ତାଙ୍କ ପ୍ରତି ନିର୍ଦ୍ଦେଶ କରିବା ଉଚିତ୍ ।

ଯୀଶୁ ସେମାନଙ୍କର ତ୍ରାଣକର୍ତ୍ତା ଅଟନ୍ତି ! ଯୀଶୁ ସେମାନଙ୍କର ପ୍ରଭୁ ଅଟନ୍ତି ! ସମସ୍ତ ପ୍ରଶଂସା ଓ ଗୌରବ ତାଙ୍କର ହେଉ !



ଏହା 'ତାଙ୍କ' ପ୍ରତି ଲୋକମାନଙ୍କୁ ନିର୍ଦ୍ଦେଶିତ କରେ କି ? ଯୀଶୁଖ୍ରୀଷ୍ଟଙ୍କୁ ପ୍ରେମ କରିବାକୁ, ଉପାସନା କରିବାକୁ, ମାନ୍ୟ କରିବାକୁ ଓ ତାଙ୍କର ଅନୁସରଣ କରିବାକୁ ଏହା କ'ଣ ତାଙ୍କ ପ୍ରତି ପ୍ରତିକ୍ରିୟା ଦେଖାଇବା ପାଇଁ ଲୋକମାନଙ୍କୁ ପରିଚାଳିତ କରେ ? ସୁସମାଚାର କ'ଣ ସ୍ପଷ୍ଟଭାବରେ ପ୍ରଚାରିତ ହୁଏ ଯେପରିକି ପରିତ୍ରାଣ ପାଇ ନ ଥିବା ଲୋକମାନେ ଅନୁତାପ କରିବାକୁ ଏକ ସୁଯୋଗ ପାଇବେ ? ଯୀଶୁଙ୍କ ନାମ କ'ଣ ସମସ୍ତ ନାମର ଊର୍ଦ୍ଧ୍ୱରେ ଉନ୍ନୀତ ହୁଏ ? ଚିହ୍ନ ଓ ଅଦ୍ଭୁତକର୍ମ ସମ୍ବନ୍ଧୀୟ ଏହି ସମସ୍ୟାକୁ ଚିହ୍ନିବା ଓ ବୁଝିବା ସମୟରେ ଉପରୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଆମକୁ ଦେବାକୁ ହେବ ।

## ଅନ୍ୟ କୌଣସି ଦେବତା ନୁହେଁ

ଏହା ଆମକୁ ପବିତ୍ର ଆତ୍ମାଙ୍କ ଅଭିଷେକରେ ଚାଲିବା ପାଇଁ, କାର୍ଯ୍ୟ କରିବା ପାଇଁ ଓ ବୃଦ୍ଧି ପାଇବା ପାଇଁ ଗୋଟିଏ 'ମୁଖ୍ୟ ନିୟମ' ନିକଟକୁ ଆଣେ –

**''ଈଶ୍ୱର ଆମ ନିମନ୍ତେ ଯାହା କରିବେ, ସେଥିନିମନ୍ତେ ଆମେ ତାଙ୍କର ଅନ୍ୱେଷଣ କରୁଅଛୁ କି ? କିମ୍ବା ସେ କିଏ ଅଟନ୍ତି, ତାହା ଜାଣିବା ପାଇଁ ଆମେ ତାଙ୍କର ଅନ୍ୱେଷଣ କରୁଅଛୁ ଓ ତାଙ୍କୁ କେବଳ ଜାଣିବା ଓ ଅନ୍ୟମାନଙ୍କ ନିକଟରେ ଜଣାଇବା ଇଚ୍ଛାରେ – ତାଙ୍କ ସହିତ ସଂପର୍କ ରଖିବା ଇଚ୍ଛାରେ ତାଙ୍କୁ ଅନ୍ୱେଷଣ କରୁଅଛୁ ?''**

ଆମେ ଏହା ପ୍ରତିପାଦନ କରିସାରିଛୁ ଯେ, ଈଶ୍ୱରଙ୍କ ଶକ୍ତି ବ୍ୟକ୍ତିତ୍ୱଠାରୁ ଭିନ୍ନ ନୁହେଁ । ଈଶ୍ୱରଙ୍କ ଅଭିଷେକ ହେଉଛି, ଗୋଟିଏ ବଶୀଭୂତ ମାନବ ପାତ୍ରଠାରେ ଓ ମାଧ୍ୟମରେ ଈଶ୍ୱରଙ୍କ ଆତ୍ମାଙ୍କର କାର୍ଯ୍ୟ ।

କିନ୍ତୁ କେହି ଈଶ୍ୱରଙ୍କ ଉପରୁ ତା'ର ଦୃଷ୍ଟି ହରାଇବା ସମୟରେ କିମ୍ବା ଆତ୍ମିକ ବିଷୟ ପାଇଁ ସେମାନଙ୍କର କ୍ଷୁଧାକୁ ତାଙ୍କ ଉପରୁ ଦୂର କରିବା ସମୟରେ କ'ଣ ଘଟିଥାଏ ? ଆମେ ଯୀଶୁଙ୍କ ସମୟର ଯିହୁଦୀ ଧର୍ମନେତାମାନଙ୍କ ମଧ୍ୟରେ ଏହାର ଧ୍ୱଂସାତ୍ମକ ଫଳ ଦେଖିପାରୁ ।

ତାଙ୍କୁ ହତ୍ୟା କରିବାକୁ ଇଚ୍ଛା କରୁଥିବା ଏହି ଧର୍ମନେତାଙ୍କର ଯୀଶୁ ସମ୍ମୁଖୀନ ହୋଇଥିଲେ (ଯୋହନ ୫:୧୬-୧୮) । ସେମାନେ ଗଭୀର ଓ ପ୍ରଭାବଶାଳୀ ଶିକ୍ଷିତ ବ୍ୟକ୍ତି ଥିଲେ, ମାତ୍ର ସେମାନଙ୍କର ଜ୍ଞାନ ସତ୍ତ୍ୱେ ସେମାନେ ସେମାନଙ୍କର ମାର୍ଗ ହରାଇଥିଲେ ।

ସେମାନେ ସେମାନଙ୍କ ସମସ୍ତ ଶିକ୍ଷାର ମୁଖ୍ୟ ବିଷୟରୁ ଦୃଷ୍ଟି ହରାଇଛନ୍ତି ବୋଲି ଯୀଶୁ ସେମାନଙ୍କୁ ଭର୍ତ୍ସନା କରିଥିଲେ, ''ତୁମ୍ଭେମାନେ ଧର୍ମଶାସ୍ତ୍ର ଅନୁସନ୍ଧାନ କରୁଅଛ,

କାରଣ ସେଥିରେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛ ବୋଲି ମନେ କରୁଅଛ, ଆଉ, ସେହି ଧର୍ମଶାସ୍ତ୍ର ମୋ' ବିଷୟରେ ସାକ୍ଷ୍ୟ ଦେଉଅଛି । କିନ୍ତୁ ତୁମ୍ଭେମାନେ ଜୀବନପ୍ରାପ୍ତ ହେବା ନିମନ୍ତେ ମୋ' ନିକଟକୁ ଆସିବାକୁ ଇଚ୍ଛା କରୁନାହଁ'' (ଯୋହନ ୫:୩୯,୪୦) ।

ଯିହୁଦୀ ନେତାମାନେ ଧର୍ମଶାସ୍ତ୍ର ଜାଣିଥିଲେ । ମାତ୍ର ସେମାନେ 'ଜୀବନ୍ତ ବାକ୍ୟ' – ଯୀଶୁଙ୍କୁ ଦେଖିପାରୁ ନ ଥିଲେ, ଯିଏ ଠିକ୍ ସେମାନଙ୍କ ସମ୍ମୁଖରେ ଠିଆ ହୋଇଥିଲେ । (ଯୋହନ ୧:୧–୫, ୧୪) ।

ପରେ, ଯୀଶୁ ସର୍ବଦା ଚିହ୍ନ ଅନ୍ୱେଷଣ କରୁଥିବା ସେହି ଧର୍ମନେତାମାନଙ୍କୁ ପୁନର୍ବାର ଭର୍ତ୍ସନା କରିଥିଲେ, କାରଣ ସେମାନେ ଅନେକ ଚିହ୍ନ ଦେଖିସାରିଥିଲେ (ମାଥିଉ ୧୨:୩୮,୩୯) । ଆଉ ଯେଉଁ ଫାରୂଶୀ, ଶାସ୍ତ୍ରୀ ଓ ବ୍ୟବସ୍ଥା ଶାସ୍ତ୍ରଜ୍ଞମାନେ ଆଉ ଗୋଟିଏ ଚିହ୍ନ ଚାହୁଁଥିଲେ, ସେମାନଙ୍କର ଅନ୍ଧତାକୁ ଦର୍ଶାଇ ଯୀଶୁ ତୃତୀୟଥର ପାଇଁ ସେମାନଙ୍କୁ ଭର୍ତ୍ସନା କରିଥିଲେ (ମାଥିଉ ୧୬:୧–୪) ।

ଏହାପରେ ଯୀଶୁଙ୍କ ସେବାକାର୍ଯ୍ୟର ଶେଷଭାଗରେ ଯେତେବେଳେ ସତ୍ୟ ପ୍ରତି ଫାରୂଶୀମାନଙ୍କର ସ୍ୱେଚ୍ଛାପୂର୍ଣ୍ଣ ଅନ୍ଧତା ଅପରିବର୍ତ୍ତିତ ରହିଥିଲା, ସେତେବେଳେ ଯୀଶୁ ସେମାନଙ୍କ ଉପରେ ଦଣ୍ଡ ଘୋଷଣା କରିଥିଲେ (ମାଥିଉ ୨୩:୩୭–୩୯) ।

ଯୀଶୁ କେଉଁ ବିଷୟ ଦର୍ଶାଇବାକୁ ଚାହୁଁଥିଲେ ? ତାଙ୍କ ସମୟର ଧର୍ମନେତା–ମାନଙ୍କ ସହିତ ଯୀଶୁଙ୍କର ସମ୍ମୁଖୀନ ହେବା ବିଷୟରୁ ଅନେକ କଥା ଆମକୁ ଶିକ୍ଷା କରିବାକୁ ହେବ । କିନ୍ତୁ, ଆବଶ୍ୟକତଃ, ଯୀଶୁ ଏହା ଦର୍ଶାଇଥିଲେ ଯେ, ଯିହୁଦୀମାନେ ଈଶ୍ୱରଙ୍କୁ ଅନ୍ୱେଷଣ କରୁ ନ ଥିଲେ, ମାତ୍ର ଈଶ୍ୱର ସେମାନଙ୍କ ନିମନ୍ତେ ଯାହା କରନ୍ତୁ ବୋଲି ସେମାନେ ଚାହୁଁଥିଲେ, ତାହା ହିଁ ଅନ୍ୱେଷଣ କରୁଥିଲେ !

**ଈଶ୍ୱର ଆମର ପ୍ରେମ ଓ ଭକ୍ତି ପାଇବା ପାଇଁ ନ୍ୟାୟୋଚିତ ଭାବରେ ଈର୍ଷାଳୁ ଅଟନ୍ତି । ପ୍ରଥମ କାରଣ ହେଉଛି, 'ସମଗ୍ର ବିଶ୍ୱରେ ସେ କେବଳ ଆମ ପ୍ରେମ ଓ ଆରାଧନାର ଯୋଗ୍ୟ ଅଟନ୍ତି ।' ଦ୍ୱିତୀୟ କାରଣ ହେଉଛି, ଈଶ୍ୱର ଆମର ସୃଷ୍ଟିକର୍ତ୍ତା ଅଟନ୍ତି ଓ ତାଙ୍କଠାରୁ ହିଁ ଜୀବିତ ମନୁଷ୍ୟ ଜାତି ଭାବରେ ଆମେ ସ୍ଥିତି ଲାଭ କରିଛୁ ଏବଂ ତାଙ୍କ ସିଦ୍ଧ ପ୍ରେମର ବସ୍ତୁ ଯେ ଆମେ, ଆମକୁ ପାପ ଓ ମୃତ୍ୟୁରୁ ଉଦ୍ଧାର କରିବା ପାଇଁ ସେ ନିଜର ପୁତ୍ରଙ୍କୁ ପ୍ରଦାନ କରିଥିଲେ (କଲସୀ. ୨:୧୧–୧୫, ୧ଯୋହନ ୪:୯,୧୦) ।**



ଏହି କାରଣରୁ ମସିହ ଭାବରେ ସେମାନେ ଯୀଶୁଙ୍କୁ ଅଗ୍ରାହ୍ୟ କରିଥିଲେ । ସେମାନେ ଯାହା ଚାହୁଁଥିଲେ, ତାହା ସେ ସେମାନଙ୍କୁ ଦେଇ ନ ଥିଲେ – ସେମାନେ ଚାହୁଁଥିଲେ ଯେ, ସେ ସେହି ସଙ୍ଗେ ସଙ୍ଗେ ପୃଥିବୀରେ ଗୋଟିଏ ରାଜ୍ୟ ଆରମ୍ଭ କରନ୍ତୁ, ଯେଉଁଠାରେ ଫାରୂଶୀ, ଶାସ୍ତ୍ରୀ ଓ ବ୍ୟବସ୍ଥାପକମାନେ ସୁବିଧାପ୍ରାପ୍ତ ନେତା ହୋଇପାରିବେ । ସେମାନେ କ୍ଷମତା, ପ୍ରଭାବ ଓ ଭୌତିକ ଧନ ଇଚ୍ଛା କରିଥିଲେ । ସେମାନେ ସେମାନଙ୍କର ପଦବୀ, ସମ୍ମାନସୂଚକ ନାମ ଓ ସାମାଜିକ ସ୍ଥିତିରେ ଆରାମ୍‌ରେ ରହିଥିଲେ (ମାଥି. ୬:୨,୫,୬,୧୬–୧୮, ୨୩:୨–୭, ଯୋହନ ୧୨:୪୨,୪୩ ଇତ୍ୟାଦି) । ସେମାନେ କେବଳ ନିଜ ବିଷୟ ଚିନ୍ତା କରି ମୁଖ୍ୟ ବିଷୟକୁ ସଂପୂର୍ଣ୍ଣରୂପେ ହରାଇ ଦେଇଥିଲେ । ଅବଶ୍ୟ, ଯୀଶୁ ସ୍ୱାର୍ଥଇଚ୍ଛା ଓ ଧାର୍ମିକ ଗର୍ବ ସମ୍ବନ୍ଧୀୟ ଏହି ମନୋଭାବକୁ ନିନ୍ଦା କରିଥିଲେ ।

ଧର୍ମନେତାମାନେ ଯେଉଁ ଈଶ୍ୱରଙ୍କୁ ସେବା କରୁଛନ୍ତି ବୋଲି କହୁଥିଲେ, ତାଙ୍କ ସମ୍ବନ୍ଧରେ ଗୋଟିଏ ମୌଳିକ ସତ୍ୟକୁ ସେମାନେ ଭୁଲି ଯାଇଥିଲେ । ''ଆମ୍ଭ ସାକ୍ଷାତ୍‌ରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ । ...ଯେହେତୁ ଆମ୍ଭେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ସ୍ୱଗୌରବ ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର ଅଟୁ'' (ଯାତ୍ରା ୨୦:୩,୫) ।

ଈଶ୍ୱର ଆମର ପ୍ରେମ ଓ ଭକ୍ତି ପାଇବା ପାଇଁ ନ୍ୟାୟୋଚିତ ଭାବରେ ଈର୍ଷାଳୁ ଅଟନ୍ତି । ପ୍ରଥମ କାରଣ ହେଉଛି, 'ସମଗ୍ର ବିଶ୍ୱରେ ସେ କେବଳ ଆମ ପ୍ରେମ ଓ ଆରାଧନାର ଯୋଗ୍ୟ ଅଟନ୍ତି ।' ଦ୍ୱିତୀୟ କାରଣ ହେଉଛି, ଈଶ୍ୱର ଆମର ସୃଷ୍ଟିକର୍ତ୍ତା ଅଟନ୍ତି ଓ ତାଙ୍କଠାରୁ ହିଁ ଜୀବିତ ମନୁଷ୍ୟ ଜାତି ଭାବରେ ଆମେ ସ୍ଥିତି ଲାଭ କରିଛୁ (ଆଦି ୧:୨୬–୨୮, ୨:୧୮–୨୫, ଯୋହନ ୧:୩) । ତୃତୀୟରେ, ତାଙ୍କ ସିଦ୍ଧ ପ୍ରେମର ବସ୍ତୁ ଯେ ଆମେ, ଆମକୁ ପାପ ଓ ମୃତ୍ୟୁରୁ ଉଦ୍ଧାର କରିବା ପାଇଁ ସେ ନିଜର ପୁତ୍ରଙ୍କୁ ପ୍ରଦାନ କରିଥିଲେ (କଲସୀ. ୨:୧୧–୧୫, ୧ଯୋହନ ୪:୯,୧୦) ।

ଏହି ସତ୍ୟ ନୂତନ ନିୟମରେ ପୁନର୍ବାର ସମର୍ଥିତ ହୋଇଅଛି : ''ଯେଉଁ ଆତ୍ମାଙ୍କୁ ସେ ଆମ୍ଭମାନଙ୍କ ମଧ୍ୟରେ ବାସ କରିବାକୁ ଦେଇଅଛନ୍ତି, ସେ ଆମ୍ଭମାନଙ୍କୁ ସଂପୂର୍ଣ୍ଣ ଅଧିକାର କରିବା ନିମନ୍ତେ ଏକାନ୍ତ କାମନା କରନ୍ତି'' (ଯାକୁବ ୪:୫) । ଏହି ଉକ୍ତିଟି ସେହି ଆଦ୍ୟ ଖ୍ରୀଷ୍ଟିୟାନମାନଙ୍କୁ ଭର୍ତ୍ସନା କରିବା ସମୟରେ କୁହାଯାଇଥିଲା, ଯେଉଁମାନେ ସେମାନଙ୍କର ସ୍ୱାର୍ଥପୂର୍ଣ୍ଣ ଇଚ୍ଛା ପୂରଣ କରିବା ଈଶ୍ୱରଙ୍କୁ ବ୍ୟବହାର କରିବାକୁ ଉଦ୍ୟମ କରୁଥିଲେ (ଯାକୁବ ୪:୧–୪) । ସେମାନଙ୍କୁ ''ବ୍ୟଭିଚାରୀ ଓ ବ୍ୟଭିଚାରଣୀ'' ବୋଲି କୁହାଯାଇଛି (୪ପଦ) କାରଣ ସାଂସାରିକ, ଏହି ଜଗତର ଅସ୍ଥାୟୀ ଆନନ୍ଦ ପାଇବା ପାଇଁ ସେମାନେ ସେମାନଙ୍କ ତ୍ରାଣକର୍ତ୍ତାଙ୍କ ସହିତ ଥିବା ସମର୍ପିତ ଓ ପବିତ୍ର ସଂପର୍କ ପ୍ରତି ବିଶ୍ୱାସଘାତକତା କରିଥିଲେ ।

କିନ୍ତୁ, ତେବେ ସୁଦ୍ଧା ଈଶ୍ୱର ସେମାନଙ୍କୁ ଅଗ୍ରାହ୍ୟ କରି ନ ଥିଲେ । ବରଂ, ସେ ସେମାନଙ୍କ ନିମନ୍ତେ ଉଦ୍‌ଯୋଗର ସହିତ ଏକାନ୍ତ କାମନା କରିଥିଲେ, କାରଣ ସେ କେବଳ ସେମାନଙ୍କୁ ପ୍ରକୃତରେ ପ୍ରେମ କରୁଥିଲେ । ଈଶ୍ୱର ପ୍ରକୃତରେ ଅନୁତପ୍ତ ବ୍ୟଭିଚାରୀମାନଙ୍କୁ ଫେରାଇ ଆଣିବେ ଓ କ୍ଷମା କରିବେ (ଯାକୁବ ୪:୬-୧୦) ।

ତେବେ, ଏହା ସ୍ପଷ୍ଟ ଅଟେ ଯେ, ଅନ୍ୟ କୌଣସି ବିଷୟରେ ନିୟୋଜିତ ହେବା ଦ୍ୱାରା ଆମେ ଈଶ୍ୱରଙ୍କ ପ୍ରତି ଥିବା ଆମର ପ୍ରେମ ଓ ସେବାକୁ ଉଲ୍ଲଙ୍ଘନ କରିବା ଉଚିତ୍ ନୁହେଁ ।

## ଦୂରେଇ ନ ଯିବା ପାଇଁ ଚେଷ୍ଟା କରନ୍ତୁ

ଖ୍ରୀଷ୍ଟଙ୍କ ଶରୀରରେ ପାଳକ ଓ ନେତା ଭାବରେ ଆମର ଯେଉଁ କାର୍ଯ୍ୟ ରହିଛି, ସେଥିରେ କେବଳ ଜଣେ ମାତ୍ର ଆମର ଆନୁଗତ୍ୟ, ବଶ୍ୟତା, ଇଚ୍ଛା ଓ ଭରସା ଧାରଣ କରନ୍ତି – ସେ ହେଉଛନ୍ତି ଯୀଶୁ !

- କୌଣସି ଚିହ୍ନ, ଅଦ୍ଭୁତ କର୍ମ କିମ୍ବା ଅଲୌକିକ କର୍ମ ନୁହେଁ ।
- ଗୋଟିଏ ବଡ଼ ସେବାକାର୍ଯ୍ୟ ନୁହେଁ କିମ୍ବା ଯେଉଁମାନଙ୍କ ପାଖରେ ବଡ଼ ସେବାକାର୍ଯ୍ୟ ଅଛି, ସେମାନେ ନୁହଁନ୍ତି ।
- ଦାନ, ଆହ୍ୱାନ, ଯୋଗ୍ୟତା, ପଦବୀ କିମ୍ବା ନାମ ନୁହେଁ ।
- ଏପରିକି ଆଶୀର୍ବାଦ ମଧ୍ୟ ନୁହେଁ ।

ଏହା କୁହାଯାଇଛି ଯେ, ବିଶ୍ୱାସୀମାନଙ୍କ ନିମନ୍ତେ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି, ସେହି ଆଶୀର୍ବାଦ, ଯାହା ଈଶ୍ୱର ପ୍ରାୟ ନିଜର ଲୋକମାନଙ୍କୁ ପ୍ରଦାନ କରନ୍ତି । ଏପରି କାହିଁକି ହୁଏ ? କାରଣ ଆମର ଦୃଷ୍ଟି ଓ ଇଚ୍ଛା ସହଜରେ ଈଶ୍ୱରଙ୍କଠାରୁ ଦୂର ହୋଇଯାଇପାରେ ଓ ଏହା ପରିବର୍ତ୍ତେ ସେଗୁଡ଼ିକ ତାଙ୍କର ଆଶୀର୍ବାଦ ଉପରେ କେନ୍ଦ୍ରିଭୂତ ହୋଇପାରେ । ଆମର ହୃଦୟ ପ୍ରତାରଣାପୂର୍ଣ୍ଣ ଭାବରେ ସ୍ୱାର୍ଥପର ଅଟେ (ଯିରି. ୧୭:୯) ଆମେ ରକ୍ଷା ପାଇଲେ ସୁଦ୍ଧା, ଆମେ ପାପ କରିବା ପାଇଁ ପ୍ରବୃତ୍ତ ହେଉ (୧ଯୋହନ ୧:୮) ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ –** ବନ୍ଧୁଗଣ ଓ ମଣ୍ଡଳୀ ନେତାଗଣ, ଦୟାକରି ଏହା ବୁଝନ୍ତୁ ଯେ, ପବିତ୍ର ଆତ୍ମାଙ୍କର ଅଭିଷେକକାରୀ ଉପସ୍ଥିତି ଆପଣଙ୍କ ଉପରେ ଓ ଆପଣଙ୍କ ସେବାକାର୍ଯ୍ୟ ଉପରେ ଢଳା ଯାଉ ବୋଲି ଇଚ୍ଛା କରିବା ଭୁଲ୍ ନୁହେଁ । ଏହା ଆପଣ ପାଆନ୍ତୁ ବୋଲି ଈଶ୍ୱରଙ୍କ ବଡ଼ ଇଚ୍ଛା ଅଟେ ।

କିନ୍ତୁ ଆମେ ଜ୍ଞାନୀ ଓ ସତର୍କ ନୋହୁଁ, ଆମର ହୃଦୟକୁ ମିଥ୍ୟା ନିମନ୍ତେ ପ୍ରରୋଚିତ କରାଯାଇପାରେ । ସେବାକାର୍ଯ୍ୟରେ ସଫଳ ହେବା ପାଇଁ ଆମ



ଇଚ୍ଛାରେ, ଈଶ୍ୱର ଯିଏ ଅଟନ୍ତି, ତାଙ୍କ ନିମନ୍ତେ ଥିବା ଆମର ପ୍ରେମ ଉପରେ ଦୃଷ୍ଟି ଦେବା ପରିବର୍ତ୍ତେ, ଆମ ନିମନ୍ତେ ଈଶ୍ୱର ଯାହା କରିପାରନ୍ତି, ତାହା ଉପରେ ଆମେ ଦୃଷ୍ଟି ଦେବାକୁ ଆରମ୍ଭ କରିପାରୁ ।

ଧୀରେ ଧୀରେ ଓ ଚତୁରତାର ସହିତ ଈଶ୍ୱରଙ୍କ ବ୍ୟକ୍ତିତ୍ୱର ଏକ ଧାର୍ମିକ ଅନ୍ୱେଷଣରୁ ସେ ଆମ ନିମନ୍ତେ ଯାହା କରିପାରନ୍ତି, ସେଥିପ୍ରତି ଆକର୍ଷିତ ହୋଇପାରୁ । ଫାରୂଶୀମାନଙ୍କ ପ୍ରତି ଠିକ୍ ଏହାହିଁ ଘଟିଥିଲା । ଈଶ୍ୱରଙ୍କ ସହିତ ଏକ ପ୍ରକୃତ, ବଶ୍ୟତାପୂର୍ଣ୍ଣ ସଂପର୍କ ବଦଳରେ ସେମାନେ ଈଶ୍ୱରଙ୍କ ସମ୍ବନ୍ଧୀୟ ଜ୍ଞାନଗ୍ରହଣ କରିଥିଲେ । ସେମାନେ ଧର୍ମଶାସ୍ତ୍ର ଓ ଧର୍ମ ସମ୍ବନ୍ଧୀୟ ବିଷୟ ସମ୍ବନ୍ଧରେ ଅନେକ କଥା ଜାଣିଥିଲେ, ମାତ୍ର ସେମାନେ ତାଙ୍କୁ ଜାଣି ନ ଥିଲେ । ସେମାନେ ଈଶ୍ୱରଙ୍କୁ ଚାହୁଁ ନ ଥିଲେ, ମାତ୍ର ସେ ସେମାନଙ୍କ ନିମନ୍ତେ ଯାହା କରିପାରନ୍ତି, ତାହା ଅନ୍ୱେଷଣ କରୁଥିଲେ ।

ଆଜି କେତେକ ନେତା, ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ପରିବର୍ତ୍ତେ ପବିତ୍ର ଆତ୍ମାଙ୍କ ସହିତ ପ୍ରାୟ ଗତି କରୁଥିବା ଅଲୌକିକ ଘଟଣା ପ୍ରତି ଆକର୍ଷିତ ହୁଅନ୍ତି । ଏହା ସେହି ବ୍ୟକ୍ତି ସଦୃଶ ଅଟେ ଯିଏ ଧନ ରଖିଥିବା ଜଣେ ଧନୀ ପୁରୁଷ କିମ୍ବା ନାରୀଙ୍କୁ ବିବାହ କରିବାକୁ ଚାହାଁନ୍ତି । ସେମାନେ ବ୍ୟକ୍ତିର ଧନକୁ ଓ ସେହି ଧନ ସେମାନଙ୍କ ନିମନ୍ତେ ଯାହା କରିପାରେ, ତାହାକୁ ସେମାନେ ସେହି ବ୍ୟକ୍ତି ଅପେକ୍ଷା ଅଧିକ ଚାହାଁନ୍ତି । କିପରି ଏକ ଭୟଙ୍କର ଓ ସ୍ୱାର୍ଥପର ମନୋଭାବ !

ଯେତେବେଳେ ଆମେ ଅଲୌକିକ ଅନୁଭୂତିକୁ ଲୋଭ କରୁ, ସେତେବେଳେ ଈଶ୍ୱରଙ୍କ ନିମନ୍ତେ ଆମର ପ୍ରେମ ଅଶୁଦ୍ଧ ଏପରିକି ଶୀତଳ ହୋଇଯାଏ (ମାଥି. ୨୪:୧୨) । ଏହା ଯାଦୁକର ଶିମୋନଠାରେ ପ୍ରକାଶିତ ମନୋଭାବ ସହିତ ସମାନ ଅଟେ, ଯିଏ ନିଜର ଲାଭ ନିମନ୍ତେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତି ଇଚ୍ଛା କରିଥିଲା (ପ୍ରେରିତ ୮:୯-୨୪) ।

ଆମ ଈଶ୍ୱର ଆମ ନିମନ୍ତେ ଈର୍ଷାଳୁ ଅଟନ୍ତି । ସେ ଆମର ଆନୁଗତ୍ୟ, ଆମର ପ୍ରେମ ଓ ଆମର ଭକ୍ତି ଚାହାଁନ୍ତି, କାରଣ ସେ ଆମକୁ ଚିରସ୍ଥାୟୀ ପ୍ରେମରେ ପ୍ରେମ କରନ୍ତି (ରୋମୀ. ୫:୫, ୧ଯୋହନ ୩:୧) । ଯେଉଁମାନେ ପ୍ରଭୁଙ୍କ ଉପରେ ସେମାନଙ୍କର ସଂପୂର୍ଣ୍ଣ ହୃଦୟ ସ୍ଥାପନ କରିଛନ୍ତି, ସେମାନଙ୍କୁ ହିଁ ସେ ଅନ୍ୱେଷଣ କରନ୍ତି । ତାଙ୍କର ଉତ୍ସର୍ଗୀକୃତ ସନ୍ତାନ ଗଣମାଧ୍ୟମରେ ହିଁ ସେ ଶକ୍ତିପୂର୍ଣ୍ଣ ଉପାୟରେ ନିଜକୁ ପ୍ରକାଶ କରିପାରନ୍ତି (ଦାନି. ୧୧:୩୨) ।

## ଆମର ପ୍ରଥମ ଆହ୍ୱାନ

ଧର୍ମଶାସ୍ତ୍ରରେ ଅନେକଥର ଈଶ୍ୱରଙ୍କ ''ମୁଖ'' ଅନ୍ୱେଷଣ କରିବାକୁ ଆମକୁ ଉତ୍ସାହିତ କରାଯାଇଛି (୨ବଂଶା. ୭:୧୪, ହୋଶେୟ ୫:୧୫, ଗୀତ. ୨୭:୮ ଇତ୍ୟାଦି) । ଧର୍ମଶାସ୍ତ୍ର କଥିତ ଈଶ୍ୱରଙ୍କ ମୁଖ ଈଶ୍ୱରଙ୍କ ବ୍ୟକ୍ତିତ୍ୱ, ତାଙ୍କ ହୃଦୟର ପ୍ରତିନିଧିତ୍ୱ କରେ ।

କିନ୍ତୁ ଧର୍ମଶାସ୍ତ୍ରର କୌଣସିଠାରେ ଈଶ୍ୱରଙ୍କ 'ହସ୍ତ' ଅନ୍ୱେଷଣ କରିବାକୁ ଆମକୁ ଉତ୍ସାହିତ କରିନାହିଁ । ଈଶ୍ୱରଙ୍କ ''ହସ୍ତ'' କିମ୍ବା ''ପ୍ରଭୁଙ୍କର ହସ୍ତ'' ତାଙ୍କର କାର୍ଯ୍ୟ, ତାଙ୍କର ଆଶୀର୍ବାଦକୁ ସୂଚାଇଥାଏ । ଈଶ୍ୱର ଯାହା କରନ୍ତି, ତା' ମାଧ୍ୟମରେ ଆମେ ଈଶ୍ୱରଙ୍କ କାର୍ଯ୍ୟ (ତାଙ୍କ ହସ୍ତ)ର ଫଳ ଦେଖିପାରିବା । ଆଉ ସେହି ଫଳଗୁଡ଼ିକୁ ଆମ ସେବାକାର୍ଯ୍ୟରେ ଓ ସେବାକାର୍ଯ୍ୟ ମାଧ୍ୟମରେ ଦେଖିବାକୁ ଇଚ୍ଛା କରିବା ଭୁଲ୍ ନୁହେଁ ।

କିନ୍ତୁ ଦୟାକରି ଏହା ବୁଝନ୍ତୁ : ଯେତେବେଳେ ଆମେ ଈଶ୍ୱରଙ୍କ ମୁଖ ଅନ୍ୱେଷଣ କରୁ (ତାଙ୍କର ହୃଦୟ, ତାଙ୍କୁ ଅନ୍ୱେଷଣ କରୁ), ସେତେବେଳେ ହିଁ ଆମେ ଈଶ୍ୱରଙ୍କ ଇଚ୍ଛା ଓ ସେ ଯାହା କରିବାକୁ ଚାହାଁନ୍ତି, ତାହା ଆବିଷ୍କାର କରୁ । ଆମେ ତାଙ୍କ ଇଚ୍ଛା ଅନୁସରଣ କରି ପାଳନ କଲେ, ପବିତ୍ର ଆତ୍ମାଙ୍କ ଦ୍ୱାରା ତାଙ୍କ ବଳବନ୍ତ ହସ୍ତକୁ କାର୍ଯ୍ୟ କରିବା ଦେଖିବା । ଈଶ୍ୱରଙ୍କୁ ଓ ତାଙ୍କ ସହିତ ଆମ ସଂପର୍କକୁ ଅନ୍ୱେଷଣ କରିବା ସର୍ବଦା ଆମର ପ୍ରଥମ ପ୍ରାଥମିକତା ହେବା ଆବଶ୍ୟକ । ଏହିସ୍ଥାନରୁ ହିଁ ସେବାକାର୍ଯ୍ୟରେ ସମସ୍ତ ମୂଲ୍ୟବାନ୍ ବିଷୟ ପ୍ରବାହିତ ହେବ ।

## ପ୍ରକୃତ ପୁତ୍ରଗଣ, ପ୍ରକୃତ ଦାସଗଣ

ଯୀଶୁ କହିଥିଲେ, ''କେହି ଯେବେ ମୋହର ସେବକ, ତେବେ ସେ ମୋହର ଅନୁଗମନ କରୁ, ଆଉ, ମୁଁ ଯେଉଁଠାରେ ଥାଏ, ମୋହର ସେବକ ମଧ୍ୟ ସେହିଠାରେ ରହିବ, କେହି ଯେବେ ମୋହର ସେବା କରେ, ତେବେ ପିତା ତାହାକୁ ସମ୍ମାନ ଦେବେ'' (ଯୋହନ ୧୨:୨୬) ।

ଏହି ପଦରେ ଏହା ଲକ୍ଷ୍ୟ କରନ୍ତୁ – ଯୀଶୁ ପ୍ରଥମ ସ୍ଥାନରେ ଅଛନ୍ତି । ଯୀଶୁ ମଣ୍ଡଳୀର ପ୍ରଭୁ ଅଟନ୍ତି (ଏଫିସୀ. ୧:୨୨) । ଆମେ ତାଙ୍କୁ ଅନୁସରଣ କରିବା ଉଚିତ୍ । ଆମେ ତାଙ୍କୁ ଯେଉଁ ଆଶୀର୍ବାଦ ମାଗୁ, ସେହି ଆଶୀର୍ବାଦ ଦେବା ପାଇଁ ସେ ସେବାକାର୍ଯ୍ୟରେ ଆମ ଚତୁର୍ଦ୍ଦିଗରେ ଆମକୁ ଅନୁସରଣ କରୁ ନ ଥା'ନ୍ତି ।

ମଣ୍ଡଳୀ ନେତା ଭାବରେ, ଆମର ପ୍ରଥମ ଆହ୍ୱାନ ହେଉଛି, ପ୍ରଭୁଙ୍କୁ ଅନ୍ୱେଷଣ କରିବା – ତାଙ୍କୁ ଜାଣିବା, ତାଙ୍କୁ ପ୍ରେମ କରିବା, ତାଙ୍କର ଉପାସନା କରିବା,



ତାଙ୍କର ସହଭାଗିତାରେ ରହିବା ସମ୍ବନ୍ଧରେ ଏକ ଦୈନିକ ସଂପର୍କ ସ୍ଥାପନ (ଗୀତ. ୬୩:୧–୮) । ଏହି ସ୍ଥାନରୁ ହିଁ ଆମେ ଆମ ଜୀବନ, ଆମର ସେବାକାର୍ଯ୍ୟ ଓ ସମସ୍ତ ବିଷୟ ପାଇଁ ତାଙ୍କର ଇଚ୍ଛା ଓ ଯୋଜନା ପ୍ରକୃତରେ ଆବିଷ୍କାର କରିପାରିବା ।

ତାଙ୍କ ମଣ୍ଡଳୀ ଉପରେ ଓ ତାଙ୍କ ଆହୂତ ନେତା ଭାବରେ ଆପଣଙ୍କ ଉପରେ ନିଜର ଆଶୀର୍ବାଦ, ନିଜର ଅଭିଷେକ, ନିଜର ଚିହ୍ନ ଓ ଅଦ୍ଭୁତକର୍ମ ବୃଷ୍ଟି କରିବା ଈଶ୍ୱରଙ୍କ ଇଚ୍ଛା ଅଟେ । କିନ୍ତୁ ସେ ଆପଣଙ୍କୁ ତାହା ସମର୍ପଣ କରିପାରିବେ କି ? କେବଳ ତାଙ୍କ ପ୍ରତି ବିଶ୍ୱସ୍ତ ରହିବା ପାଇଁ ଆପଣଙ୍କ ନିକଟରେ ପରିପକ୍ୱତା, ବଳିଷ୍ଠ ଚରିତ୍ର ଓ ଜ୍ଞାନ ରହିଛି କି ?

ଯଦି ଆମର ହୃଦୟ କେବଳ ତାଙ୍କର ଅଟେ, ତେବେ ଅଧିକରୂପେ ତାଙ୍କର 'ହସ୍ତ' ଉନ୍ମୁକ୍ତ କରିବା ପାଇଁ ଈଶ୍ୱର ପ୍ରତିଜ୍ଞା କରିଛନ୍ତି । ''କାରଣ ସଦାପ୍ରଭୁଙ୍କ ପ୍ରତି ଯେଉଁମାନଙ୍କର ଅନ୍ତଃକରଣ ସିଦ୍ଧ ଥାଏ, (ସଂପୂର୍ଣ୍ଣ ଭାବରେ ସମର୍ପିତ, ଆଜ୍ଞାବହ) ସେମାନଙ୍କ ସପକ୍ଷରେ ଆପଣାକୁ ବଳବାନ୍ ଦେଖାଇବା ପାଇଁ ତାହାଙ୍କର ଚକ୍ଷୁ ପୃଥିବୀର ସର୍ବତ୍ର ଏଣେତେଣେ ଦୌଡ଼ଇ'' (୨ବଂଶା. ୧୬:୯) । ସେ ଏକ ନ୍ୟାୟୋଚିତ ଈର୍ଷା ସହିତ ଆମର ହୃଦୟ ଅତି ଆଗ୍ରହରେ ଚାହାଁନ୍ତି, କାରଣ ସେ ଚିରସ୍ଥାୟୀ ପ୍ରେମରେ ଆମକୁ ପ୍ରେମ କରନ୍ତି (ରୋମୀ. ୮:୩୧–୩୯) ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ –** ଈଶ୍ୱର ନିରଙ୍କୁଶ ଭାବରେ ଓ ନିଃସର୍ତ୍ତଭାବରେ ଆପଣଙ୍କୁ ପ୍ରେମ କରନ୍ତି ! ଆପଣଙ୍କର ତ୍ରୁଟି ସତ୍ତ୍ୱେ, ସେ ଆପଣଙ୍କୁ ଗଭୀର ଭାବରେ, ବ୍ୟକ୍ତିଗତ ଭାବରେ ଓ ଅନନ୍ତକାଳ ପାଇଁ ପ୍ରେମ କରନ୍ତି । ଆପଣ କେବଳ ସେବାକାର୍ଯ୍ୟ ନିମନ୍ତେ ସୃଷ୍ଟି ହୋଇ ନ ଥିଲେ ।

ଯଦି ଈଶ୍ୱର ଅଧିକ ସେବକ ଚାହିଁଥା'ନ୍ତେ, ସେ କେବଳ ଆହୁରି ଅଧିକ ଦୂତଗଣ ନିର୍ମାଣ କରିଥା'ନ୍ତେ । କିନ୍ତୁ, ସେ ଆପଣଙ୍କୁ ନିର୍ମାଣ କରିଥିଲେ, କାରଣ ସେ ଏପରି ପୁତ୍ର ଓ କନ୍ୟା ଚାହିଁଥିଲେ, ଯେଉଁମାନେ ତାଙ୍କ ସହିତ ସଂପର୍କ ରଖି ଗମନାଗମନ କରିବେ । ଦୂତମାନେ ସେମାନଙ୍କର ସୃଷ୍ଟିକର୍ତ୍ତାଙ୍କ ସହିତ ଏହି ପ୍ରକାର ସଂପର୍କ ରଖିବାକୁ ଅସମର୍ଥ ଅଟନ୍ତି – କେବଳ ଆମେ ମନୁଷ୍ୟମାନେ ଏହାର ଅନୁଭୂତି ପାଇପାରିବା (ଏବ୍ରୀ ୨:୧୪–୧୮, ୧ପିତର ୧:୧୨) ।

ଖ୍ରୀଷ୍ଟ ଏଥିପାଇଁ ନିଜର ଜୀବନ ଦେଇ ନ ଥିଲେ, ଯେପରିକି ଆପଣ ସେବାକାର୍ଯ୍ୟରେ ରହିପାରିବେ । ସେ ଆପଣଙ୍କ ପାପ ନିମନ୍ତେ ବଳିଦାନ

ହେବା ପାଇଁ ମୃତ୍ୟୁବରଣ କରିଥିଲେ, ଯେପରିକି ଆପଣ ଈଶ୍ୱରଙ୍କ ସହିତ ପୁନଃସଂପର୍କ ସ୍ଥାପନ କରିପାରିବେ ।

ଆମେ ପ୍ରଭୁଙ୍କର କେବଳ ସେବକ ନୋହୁଁ । ଆମେ ଖ୍ରୀଷ୍ଟଙ୍କର ବନ୍ଧୁ (ଯୋହନ ୧୫:୧୫) ଆଉ ତାଙ୍କର ସହଉତ୍ତରାଧିକାରୀ ଅଟୁ (ରୋମୀୟ ୮:୧୭) । ଆମେ ଜୀବିତ ଈଶ୍ୱରଙ୍କର ପୁତ୍ର ଓ କନ୍ୟା ଅଟୁ (ରୋମୀ. ୮:୧୫,୧୬) । ତାଙ୍କ ନିମନ୍ତେ ରହିଥିବା ଆମର ପ୍ରେମ ଓ କୃତଜ୍ଞତା ଯୋଗୁ ପ୍ରଭୁଙ୍କର ଓ ତାଙ୍କ ଶରୀରର ସେବା କରିବା ପାଇଁ ଆମ ନିକଟରେ 'ସୁବିଧା ଓ ସୁଯୋଗ ରହିଅଛି !'

## ପ୍ରତିଦିନ ତାଙ୍କ ଉପସ୍ଥିତିରେ

ପବିତ୍ର ଆତ୍ମାଙ୍କର ଅଭିଷେକ ଈଶ୍ୱରଙ୍କ ବ୍ୟକ୍ତିତ୍ୱ ଅନ୍ୱେଷଣ ସମ୍ବନ୍ଧରେ ଆମର ନିରନ୍ତର ପ୍ରାଥମିକତା ସହିତ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ଅଟେ । ରାଜା ଦାଉଦ, ଯାହାଙ୍କୁ ପ୍ରଭୁ ''ଆମ୍ଭର (ଈଶ୍ୱରଙ୍କର) ମନର ମତ ବ୍ୟକ୍ତି'' ଭାବରେ ଉଲ୍ଲେଖ କରିଥିଲେ (ପ୍ରେରିତ ୧୩:୨୨) । ସେ ଈଶ୍ୱରଙ୍କ ସହିତ ସଂପର୍କ ରଖିବା ବିଷୟରେ ଆମକୁ ନିର୍ଦ୍ଦେଶ ଦିଅନ୍ତି : ''ଯେତେବେଳେ ତୁମ୍ଭେ କହିଲ, 'ତୁମ୍ଭେମାନେ ମୋହର ମୁଖ ଅନ୍ୱେଷଣ କର', ମୋ' ଅନ୍ତଃକରଣ ତୁମ୍ଭକୁ କହିଲା, 'ସଦାପ୍ରଭୋ, ମୁଁ ତୁମ୍ଭର ମୁଖ ଅନ୍ୱେଷଣ କରିବି'' (ଗୀତ. ୨୭:୮) ।

'ଅନ୍ୱେଷଣ କରିବାର' ଅର୍ଥ ହେଉଛି, ଖୋଜୁଥିବା ବିଷୟକୁ ନ ପାଇବା ପର୍ଯ୍ୟନ୍ତ ଆଗ୍ରହର ସହିତ, ଉଦ୍‌ଯୋଗର ସହିତ ଓ ନିରବଚ୍ଛିନ୍ନ ଭାବରେ ଖୋଜିବା । ଯୀଶୁ ମଧ୍ୟ ଏହି ନିୟମ ସମ୍ବନ୍ଧରେ କହିଥିଲେ, (ମାଥିଉ ୬:୩୩, ୧୩:୪୪-୪୬, ଲୂକ ୧୧:୯-୧୩) ।

ଈଶ୍ୱରଙ୍କ ଅନ୍ୱେଷଣରେ ସମୟ ଓ ଶକ୍ତି ଖର୍ଚ୍ଚ ହୁଏ । ଆମକୁ ହୁଏତ କିଛି ସୁବିଧା, ଅଧିକାର କିମ୍ବା କାର୍ଯ୍ୟକଳାପ ପରିତ୍ୟାଗ କରିବାକୁ ହୁଏ । କିନ୍ତୁ ଈଶ୍ୱରଙ୍କୁ ଅନ୍ୱେଷଣ କରିବା ମାଧ୍ୟମରେ ଆମେ ତାଙ୍କୁ ଜାଣିପାରୁ । ସେହି ଘନିଷ୍ଠ ସଂପର୍କ ମଧ୍ୟରୁ ଆମେ ଆମ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ଥିବା ତାଙ୍କର ଇଚ୍ଛା ଜାଣିବାକୁ ଆରମ୍ଭ କରିଥାଉ । ଆମେ ତାଙ୍କ ଇଚ୍ଛାର ବାଧ୍ୟ ହେବା ସମୟରେ ସେ ଆମ ଉପରେ ଓ ଆମ ମାଧ୍ୟମରେ ତାଙ୍କର ଅଭିଷେକ ଉନ୍ମୋଚନ କରନ୍ତି ।

ଆସନ୍ତୁ, ଆମେ ସର୍ବଦା ପ୍ରଭୁଙ୍କ ଉପସ୍ଥିତିରେ ଏକ ଦୈନିକ ସମୟ କାଟିବା ପାଇଁ ଆମର ସର୍ବପ୍ରଥମ ପ୍ରାଧାନ୍ୟ ଦେବା । ସେହିଠାରୁ ହିଁ ଆମେ ସେହି ବିଷୟ



ପ୍ରାପ୍ତ ହେବା, ଯାହା ପ୍ରକୃତରେ ଅନନ୍ତକାଳୀନ ବିଷୟ, ଯାହା କେବେହେଲେ ହ୍ରାସ କିମ୍ବା ନିଷ୍ପ୍ରଭ ହେବ ନାହିଁ (ଲୂକ ୧୦:୩୮-୪୨) । ଆଜି ନିଷ୍ପତ୍ତି ନିଅନ୍ତୁ ଓ ପ୍ରତିଦିନ ନିଷ୍ପତ୍ତି ନିଅନ୍ତୁ : ''ସଦାପ୍ରଭୋ, ମୁଁ ତୁମ୍ଭର ମୁଖ ଅନ୍ୱେଷଣ କରିବି ।''

## ପୁନର୍ବିଚାର କରନ୍ତୁ

''ଅଭିଷେକରେ ବୃଦ୍ଧି'' - ଏହି ଭାଗଟିକୁ ସମାପ୍ତ କରିବା ସମୟରେ ଦୟାକରି ଏହା ସ୍ମରଣରେ ରଖନ୍ତୁ ଯେ, ଆମେ ପ୍ରତ୍ୟେକେ ପବିତ୍ର ଆତ୍ମାଙ୍କର ଅଭିଷେକକାରୀ ଶକ୍ତିରେ ବୃଦ୍ଧି ପାଇପାରିବା ଓ ପାଇବା ଉଚିତ୍ । ଏଥିମଧ୍ୟରେ ଆପଣ (ପାଳକ ଓ ନେତା ଭାବରେ) ଓ ଆପଣ ଯେଉଁମାନଙ୍କର ନେତୃତ୍ୱ ନିଅନ୍ତି, ସେମାନେ ଅନ୍ତର୍ଭୁକ୍ତ ଅଟନ୍ତି ।

ଈଶ୍ୱରଙ୍କ ଲୋକମାନଙ୍କର ଏକ ସହାୟକ ମେଷପାଳକ ଭାବରେ ଆପଣଙ୍କର ଦାୟିତ୍ୱ ରହିଛି (୧ପିତର ୫:୨-୪) । ଏଥିମଧ୍ୟରେ ଏହି ଭରସା ଅନ୍ତର୍ଭୁକ୍ତ ଅଟେ ଯେ, ଆପଣ ଯେଉଁ ପ୍ରତ୍ୟେକ ଲୋକର ନେତୃତ୍ୱ ନିଅନ୍ତି, ସେ ଉଭୟ ଈଶ୍ୱରଙ୍କ ବାକ୍ୟ ସମ୍ବନ୍ଧୀୟ ଜ୍ଞାନରେ ଓ ପବିତ୍ର ଆତ୍ମାଙ୍କ ଶକ୍ତିରେ ପ୍ରଚାର କରିବାର ସାମର୍ଥ୍ୟରେ ବୃଦ୍ଧି ପାଉଥାଏ । ଏହା ହେଉଛି, ଖ୍ରୀଷ୍ଟଙ୍କ ଶରୀରରେ ସୁସ୍ଥ ଅଭିବୃଦ୍ଧି ନିମନ୍ତେ ଶାସ୍ତ୍ର ଉଲ୍ଲିଖିତ ଧାରା (ଏଫିସୀୟ ୪:୧୧-୧୬, ବିଶେଷ ଭାବରେ ୧୨ ପଦ ଦେଖନ୍ତୁ) ।

ଅଭିଷେକରେ ବୃଦ୍ଧି ପାଇବାର ମାର୍ଗ ବୋଧହୁଏ ଆପଣ ଆଶା କରୁଥିବା ମାର୍ଗଠାରୁ ଭିନ୍ନ ଅଟେ । ଆସନ୍ତୁ, ଆମେ ଅଭିଷେକରେ ବୃଦ୍ଧି ପାଇବା ପାଇଁ ଆବଶ୍ୟକ ହେଉଥିବା ମୁଖ୍ୟ ନିୟମଗୁଡ଼ିକର ପୁନର୍ବିଚାର କରିବା -

- ଶୁଚିତା
- ଧର୍ମୀୟ ଦୁର୍ବଳତା
- ନମ୍ରତା
- କର୍ତ୍ତୃପକ୍ଷଙ୍କ ପ୍ରତି ବଶ୍ୟତା
- ପରୀକ୍ଷା ପ୍ରତି ଯଥାର୍ଥ ପ୍ରତିକ୍ରିୟା
- କେବଳ ଈଶ୍ୱରଙ୍କ ନିମନ୍ତେ ଆଗ୍ରହ
- ଈଶ୍ୱରଙ୍କ ସହିତ ସଂପର୍କ ରଖି ପ୍ରତିଦିନ ଚାଲିବା ଓ ବୃଦ୍ଧି ପାଇବା ।

ଯୀଶୁ ଆମ ପାଇଁ ଉପରୋକ୍ତ ଗୁଣଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟିର ଦୃଷ୍ଟାନ୍ତ ଅଟନ୍ତି । ସେ ପୃଥିବୀର ସର୍ବାପେକ୍ଷା ଅଧିକ ଅଭିଷିକ୍ତ ବ୍ୟକ୍ତି ଥିଲେ । ଈଶ୍ୱରଙ୍କ ଅଭିଷେକର ମାର୍ଗରେ ତାଙ୍କ ପଦଚିହ୍ନ ଉପରେ ଚାଲିବା ପାଇଁ ସେ ଆମକୁ ନିମନ୍ତ୍ରଣ

କରନ୍ତି । ଆମେ ତାହା କରିବା ସମୟରେ ଆମ ନିମନ୍ତେ ଥିବା ପ୍ରଭୁଙ୍କର ଉଚ୍ଚ ଆହ୍ୱାନକୁ ସଫଳ କରିବା ପାଇଁ ଆମେ ଆବଶ୍ୟକ କରୁଥିବା ସମସ୍ତ ବିଷୟ ସଂପୂର୍ଣ୍ଣ ପରିମାଣରେ ପ୍ରାପ୍ତ ହେବା !

**ଗ) ତାଙ୍କ ଅଭିଷେକ ପ୍ରାପ୍ତ ହେବା**

ମୁଁ କ୍ୟୁବାରେ ଗୋଟିଏ ପାଳକ ସମ୍ମିଳନୀରେ ପ୍ରଚାର ଦଳର ସଦସ୍ୟ ଥିଲି । ସମ୍ମିଳନୀ ଶେଷରେ, ଯୋଗ ଦେଇଥିବା ଲୋକମାନଙ୍କର ସାକ୍ଷ୍ୟ ଦେବାର ସମୟ ଆସିଲା । ଜଣେ ବୃଦ୍ଧ, ପ୍ରାୟତଃ, ଅନ୍ଧ ଶୀର୍ଣ୍ଣକାୟ ଭଦ୍ରବ୍ୟକ୍ତି ଅନ୍ୟମାନଙ୍କ ସହାୟତାରେ ମଞ୍ଚ ଆଡ଼କୁ ଧୀରେ ଧୀରେ ଆସିଲେ ।

ସେହି ବୃଦ୍ଧ ବ୍ୟକ୍ତି ଏହା କହି ତାଙ୍କର ସାକ୍ଷ୍ୟ ଆରମ୍ଭ କଲେ ଯେ, ସେ ନିଜର ସମଗ୍ର ଜୀବନ ପ୍ରଭୁଙ୍କର ସେବା କରିଥିଲେ, ତାଙ୍କ ପରିବାରର ସଦସ୍ୟମାନେ ମଧ୍ୟ ପ୍ରଭୁଙ୍କର ସେବା କରୁଥିଲେ । ସେ ନିଜ ଜୀବନକାଳ ମଧ୍ୟରେ ସ୍ଥାପନ କରିଥିବା ଅନେକ ମଣ୍ଡଳୀ ବିଷୟରେ ଲୋକମାନଙ୍କୁ ଜଣାଇଥିଲେ । ସେଥିମଧ୍ୟରୁ ୬ଟି ମଣ୍ଡଳୀ ସେ ସେହି ବର୍ଷ ସ୍ଥାପନ କରିଥିଲେ ।

ସେ ନିଜର ଦୃଷ୍ଟିଶକ୍ତି ହରାଇବା ବିଷୟରେ ଓ ତାହା କିପରି ଆହ୍ୱାନମୂଳକ ଥିଲା, କିପରି କେହି ଜଣେ ତାଙ୍କ ନିମନ୍ତେ ପ୍ରତିଦିନ ବାଇବଲ ପାଠ କରିବା ଆବଶ୍ୟକ ଥିଲା, ଏହା ସେ କହିଥିଲେ ।

ଏହାପରେ କିଛିକ୍ଷଣ ନିମନ୍ତେ ସେ ଚୁପ୍ ରହିଲେ ଓ ନିଜର ମସ୍ତକ ଅବନତ କଲେ । ୧୦୦୦ରୁ ଉର୍ଦ୍ଧ୍ୱ ପାଳକ ବିଶିଷ୍ଟ ପ୍ରେକ୍ଷାଳୟ ନୀରବ ହୋଇଗଲା । ହଠାତ୍, ସେହି ବ୍ୟକ୍ତି ବିଜୟଭଙ୍ଗୀରେ ନିଜର ହସ୍ତ ଉତ୍ତୋଳନ କରି ଚିତ୍କାର କଲେ, ‘‘ମୁଁ ମୋର ଦୃଷ୍ଟିଶକ୍ତି ହରାଇଛି, ମାତ୍ର ଅଗ୍ନି ହରାଇବି ନାହିଁ !’’ ସମଗ୍ର ସଭା ଆନନ୍ଦ ଓ ଈଶ୍ୱରଙ୍କ ଆରାଧନାରେ ଉଲ୍ଲସିତ ହୋଇଉଠିଲେ ।

କେହି ବିଷୟ ଜଣେ ୭୬ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ‘ଅଗ୍ନି’ରେ ରଖିପାରିଥିଲା ଓ ସେ ସେପର୍ଯ୍ୟନ୍ତ ପ୍ରଚାର, ଶିକ୍ଷାଦାନ ଓ ମଣ୍ଡଳୀ ସ୍ଥାପନ କାର୍ଯ୍ୟ ଅବ୍ୟାହତ ରଖିଥିଲେ ? କେବଳ ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଈଶ୍ୱରଙ୍କ ଉଦ୍ଦେଶ୍ୟ ଓ ଗୌରବ ନିମନ୍ତେ ତାଙ୍କ ଦ୍ୱାରା ବ୍ୟବହୃତ ହେବା ପାଇଁ ବ୍ୟକ୍ତିଟିର ସମର୍ପଣ !

## ଗୋଟିଏ ମୃତ୍ତିକା ପାତ୍ରରେ ଧନ

ଈଶ୍ୱର ମୋତେ ତାଙ୍କର ସ୍ୱର୍ଗୀୟ ଗୃହକୁ ନେବା ପର୍ଯ୍ୟନ୍ତ ମୋ’ ଜୀବନର ପ୍ରତିଦିନକୁ ସେ ଯେପରି ସଫଳ ଭାବରେ ବ୍ୟବହାର କରିବେ, ଏହା ମୋର ଆଶା



ଅଟେ । କିନ୍ତୁ ସେବାକାର୍ଯ୍ୟରେ ଏହା ବୁଝିବା ପାଇଁ ଅଧିକ ଦିନ ଲାଗେ ନାହିଁ ଯେ, ସେବା କରିବା ପ୍ରତ୍ୟେକ ସ୍ତରରେ କ୍ଳାନ୍ତିକର ଓ ଅବସାଦଯୁକ୍ତ ହୋଇପାରେ – ଶାରୀରିକ ଭାବରେ, ମାନସିକ ଭାବରେ, ଆବେଗିକ ଭାବରେ ଓ ଆତ୍ମିକ ଭାବରେ ।

ଏହା ସବୁପ୍ରକାରେ ମନ୍ଦ ନୁହେଁ, କାରଣ ଆମେ ଈଶ୍ୱରଙ୍କ ଦାନ, ଶକ୍ତି ଓ ଅଭିଷେକକୁ ନେଇ ସ୍ୱାର୍ଥପର ହେବା ଅନୁଚିତ୍ । ଈଶ୍ୱର ଆମକୁ ଯାହା ଦେଇଛନ୍ତି, ତାହା ଆମେ ନିରନ୍ତର ପ୍ରଦାନ କରିବା ଉଚିତ୍ । ଆମେ ସେବାକାର୍ଯ୍ୟରେ ଆଳସ୍ୟପରାୟଣ କିମ୍ବା ଶୃଙ୍ଖଳିତ ହେବା ନାହିଁ (ଲୂକ ୯:୬୨, ଉପଦେଶକ ୯:୧୦, କଲସୀ. ୩:୨୩) । ବରଂ, ଖ୍ରୀଷ୍ଟଙ୍କ ସକାଶୁ ଆମକୁ ସର୍ବପ୍ରକାର ଚେଷ୍ଟା କରିବାକୁ ହେବ ।

କିନ୍ତୁ, ଯଦି ଆମେ ଅତି କ୍ଳାନ୍ତ ହେଉ, ‘ଦଗ୍ଧୀଭୂତ’ ହେଉ କିମ୍ବା ଅବସାଦଗ୍ରସ୍ତ ହେଉ, ତେବେ ଏହା, ସମ୍ଭବତଃ, ଗୁରୁତର ସମସ୍ୟା ସୃଷ୍ଟି କରିପାରେ । ଆମେ ଆମ ଶକ୍ତିରେ ନିର୍ଦ୍ଦିଷ୍ଟ ଓ ସୀମିତ ଅଟୁ ବୋଲି ଈଶ୍ୱର ଜାଣନ୍ତି । ସେଥିପାଇଁ, ଆମେ ଯେପରି ତାଙ୍କର ଇଚ୍ଛା ସାଧନ କରିବୁ, ଏଥିନିମନ୍ତେ ସେ ଆମକୁ ତାଙ୍କର ଶକ୍ତି, ଜ୍ଞାନ, ଅନୁଗ୍ରହ, ଯୋଗ୍ୟତା ଓ ଶକ୍ତି ପ୍ରଦାନ କରିଛନ୍ତି – ଆଉ ଆମେ ସେହିସବୁ ବିଷୟ ଆମେ ଅତ୍ୟନ୍ତ ଆବଶ୍ୟକ କରୁ । କାରଣ ତାଙ୍କ ବିନା ଆମେ କିଛି କରିପାରି ନ ଥାଉ (ଯୋହନ ୧୫:୫) ।

ପାଉଲ ଏହା ଲେଖିବା ସମୟରେ ବୁଝିଥିଲେ : ‘‘ମାତ୍ର ମହାଶକ୍ତି ଯେ ଈଶ୍ୱରଙ୍କର, ପୁଣି ତାହା ଯେ ଆମ୍ଭମାନଙ୍କଠାରୁ ଉତ୍ପନ୍ନ ନୁହେଁ, ଏହା ଯେପରି ପ୍ରକାଶ ପାଏ, ଏଥିନିମନ୍ତେ ଆମ୍ଭେମାନେ ଏହି ଧନ ମୃତ୍ତିକା ପାତ୍ରରେ ପାଇଅଛୁ’’ (୨କରିନ୍ଥୀ. ୪:୭) । ଖ୍ରୀଷ୍ଟଙ୍କର ଜଣେ ଅଭିଜ୍ଞ ଓ ବହୁକାର୍ଯ୍ୟସାଧକ ପ୍ରେରିତ ଭାବରେ, ପାଉଲ ଏହା ଜାଣିଥିଲେ ଯେ, ଈଶ୍ୱରଙ୍କ ଇଚ୍ଛା ସାଧନ କରିବାର ଶକ୍ତି ଓ ଆଗ୍ରହ ମନୁଷ୍ୟର ସ୍ୱାଭାବିକ ଯୋଗ୍ୟତା କିମ୍ବା ସାମର୍ଥ୍ୟ ମଧ୍ୟରେ ନାହିଁ । ବରଂ, ଆମ ଜୀବନର ‘‘ମାଟିପାତ୍ର’’ ମଧ୍ୟରେ ରହିଥିବା ‘‘ଏହି ଧନ’’ – ଯାହା ଆମ ସମସ୍ତଙ୍କୁ ଆମର ଆବଶ୍ୟକୀୟ ବିଷୟ ପ୍ରଦାନ କରେ – ତାହା ହେଉଛି, ପବିତ୍ର ଆତ୍ମାଙ୍କର ଅଭିଷେକ ! (୨କରିନ୍ଥୀ. ୩:୧–୪:୧୮ ପାଠ କରନ୍ତୁ) ।

## ସେ ଆମକୁ ଆବଶ୍ୟକୀୟ ବିଷୟ ଯୋଗାନ୍ତି

ସେବାକାର୍ଯ୍ୟର ଆବଶ୍ୟକତା (କିମ୍ବା ଆଜିର ଜଗତରେ ଜଣେ ଖ୍ରୀଷ୍ଟିୟାନ ଭାବରେ କେବଳ ଜୀବନ କାଟିବା) ଆମଠାରେ ଥିବା ଈଶ୍ୱରଙ୍କ କ୍ଷମତା ଓ ଶକ୍ତିକୁ ହ୍ରାସ କରିପାରେ । ଯୀଶୁ ନିଜେ ଈଶ୍ୱରଙ୍କ ଆତ୍ମାରୁ ପାଇଥିବା ସେବାକାର୍ଯ୍ୟରେ ଆତ୍ମିକ ଭାବରେ ସତେଜ ହେବା ଆବଶ୍ୟକ କରିଥିଲେ ।

ସୁସମାଚାରଗୁଡ଼ିକର ଅଧ୍ୟୟନ ଅନେକଥର ଏହା ପ୍ରକାଶ କରିବ ଯେ, ଯୀଶୁ ପ୍ରାର୍ଥନା କରିବା ପାଇଁ ନିର୍ଜନସ୍ଥାନଗୁଡ଼ିକୁ ଚାଲିଯାଉଥିଲେ (ଉଦାହରଣ ସ୍ୱରୂପ, ଲୂକ ୪:୪୨, ୫:୧୬, ୬:୧୨)। ଏହି ପ୍ରାର୍ଥନା ସମୟ ପରେ, ଯୀଶୁ ଶକ୍ତିପୂର୍ଣ୍ଣ ଭାବରେ କାର୍ଯ୍ୟ କରୁଥିଲେ, ନିଜ ସେବାକାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ, ପରୀକ୍ଷା ସହ୍ୟ କରିବା ପାଇଁ ପ୍ରସ୍ତୁତ ହେଉଥିଲେ, ଇତ୍ୟାଦି ।

**ଯୀଶୁଙ୍କ ଦୃଷ୍ଟାନ୍ତ ଦ୍ୱାରା ଆମ ପ୍ରତି କ'ଣ ପ୍ରକାଶିତ ହୋଇଛି ?**

ଏହି ପ୍ରଶ୍ନର ଉତ୍ତର ଦେବା ପାଇଁ, ଆସନ୍ତୁ, ଆମେ ଦୁଇଟି ଶାସ୍ତ୍ରାଂଶ ପ୍ରତି ଦୃଷ୍ଟିପାତ କରିବା ।

**୧) ପରିପୂର୍ଣ୍ଣ ହୁଅନ୍ତୁ –**

''ଆଉ ଦ୍ରାକ୍ଷାରସରେ ମତ୍ତ ନ ହୁଅ, ସେଥିରୁ ତ ଅତ୍ୟାଚାର ଜନ୍ମେ, ମାତ୍ର ଆତ୍ମାରେ ପୂର୍ଣ୍ଣ (ହୁଅ)'' (ଏଫିସୀ. ୫:୧୮)।

''ଆତ୍ମାରେ ପରିପୂର୍ଣ୍ଣ ହୁଅ'' – ଏହି ପଦ ନିମନ୍ତେ ମୂଳଗ୍ରୀକ୍ ଶବ୍ଦରୁ ଆସିଥିବା ତିନୋଟି ଗୁରୁତ୍ୱପୂର୍ଣ୍ଣ ନିୟମ ରହିଛି ।

**କ) ଏହି ପଦଟି 'ବର୍ତ୍ତମାନ କାଳର' ରୂପରେ ରହିଛି –** ଏହାର ଅର୍ଥ ହେଉଛି ଯେ, ଏହା ବର୍ତ୍ତମାନ ଓ ନିରନ୍ତର ଘଟୁଅଛି । ଅନ୍ୟଭାଷାରେ, ''ଆତ୍ମାରେ ପରିପୂର୍ଣ୍ଣ ହୁଅ'' – ଏହି ପଦର ଅର୍ଥ ହେଉଛି, ଆମକୁ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେବାକୁ ପଡ଼ିବ । ଏହା ହେଉଛି ସୁନ୍ଦର ସମ୍ବାଦ ! ନିରନ୍ତର ପରିପୂର୍ଣ୍ଣ ହେବାର ଅର୍ଥ ହେଉଛି ଯେ, ଆମେ କେବଳ ଥରେ ନୁହେଁ, ମାତ୍ର ବାରମ୍ବାର, ଥରକୁ ଥର ପରିପୂର୍ଣ୍ଣ ହେବା ଆବଶ୍ୟକ !

ଆମେ ପରିତ୍ରାଣ ସମୟରେ ପବିତ୍ର ଆତ୍ମାଙ୍କୁ ପାଇଥାଉ (ରୋମୀ. ୮:୧୫,୧୬, ଏଫିସୀ. ୧:୧୩–୧୫)। ଏହା ହେଉଛି ଏକ ସାଧାରଣ ଅଭିଷେକ ଯାହା ସମସ୍ତ ବିଶ୍ୱାସୀଙ୍କୁ ପ୍ରଦତ୍ତ ହୋଇଥାଏ (୧ଯୋହନ ୨:୨୦,୨୭)। ଯେତେବେଳେ ଆମକୁ ସର୍ବୋଚ୍ଚ କ୍ଷମତାର ସହିତ ସେବାକାର୍ଯ୍ୟ ନିମନ୍ତେ ଆହ୍ୱାନ କରାଯାଏ, ସେତେବେଳେ ଈଶ୍ୱର ଆମ ପାଇଁ ଅତିରିକ୍ତ ଅଭିଷେକ ଉପଲଭ୍ୟ କରନ୍ତି, ଯାହା ସେହି କାର୍ଯ୍ୟରେ ଫଳପୂର୍ଣ୍ଣ ଭାବେ ନିୟୋଜିତ ହେବାରେ ଆମକୁ ସାହାଯ୍ୟ କରିବ ।

ଈଶ୍ୱର ଆମକୁ ତାଙ୍କର ବ୍ୟକ୍ତିତ୍ୱ, ଶକ୍ତି ଓ ଦାନ ପ୍ରଦାନ କରିଛନ୍ତି । କିନ୍ତୁ ଆମେ ଏହାକୁ ସେବାକାର୍ଯ୍ୟରେ ବିତରଣ କରୁଥିବାରୁ ଆମେ ଶୁଷ୍କ ହୋଇଯାଇପାରୁ କିମ୍ବା ଆତ୍ମିକଭାବରେ କ୍ଷୟ ହୋଇଯାଇପାରୁ । ସେଥିପାଇଁ, ଆବଶ୍ୟକ ହେବା ମାତ୍ରେ ପବିତ୍ର ଆତ୍ମାରେ ବାରମ୍ବାର ପରିପୂର୍ଣ୍ଣ ହେବା ଆମ ପାଇଁ ଈଶ୍ୱର ସମ୍ଭବ କରିଛନ୍ତି !



ଏହି ଧାରା ଆଦ୍ୟ ମଣ୍ଡଳୀର ସେବାକାର୍ଯ୍ୟରେ ସ୍ପଷ୍ଟ ଭାବରେ ଦେଖାଦେଇଥିଲା । ପ୍ରେରିତ ପୁସ୍ତକ ଆମ ପାଇଁ ଏହି ଦୃଷ୍ଟାନ୍ତ ମଧ୍ୟରୁ କେତୋଟି ଦୃଷ୍ଟାନ୍ତ ଲିପିବଦ୍ଧ କରିଛି

- ପିତର ସୁସମାଚାର ପ୍ରଚାର କରିବା ପାଇଁ ଓ ବିଶ୍ୱାସର ପକ୍ଷସମର୍ଥନ କରିବା ପାଇଁ ପରିପୂର୍ଣ୍ଣ ହୋଇଥିଲେ (ପ୍ରେରିତ ୪:୮)।
- ତାଡ଼ନା ସତ୍ତ୍ୱେ ସୁସମାଚାର ପ୍ରଚାର କରିବା ପାଇଁ ଶିଷ୍ୟମାନେ ସାହସ ଓ ଶକ୍ତି ପ୍ରାପ୍ତ ହୋଇଥିଲେ (ପ୍ରେରିତ ୪:୩୧)।
- ଆରମ୍ଭରେ, ପାଉଲ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ଥିଲେ (ପ୍ରେରିତ ୯:୧୭) ଓ ଏହାପରେ ଶୟତାନିକ ଶକ୍ତିର ସମ୍ମୁଖୀନ ହେବାକୁ ଯାଉଥିବା ସମୟରେ ପୁନର୍ବାର 'ପରିପୂର୍ଣ୍ଣ' ହୋଇଥିଲେ (ପ୍ରେରିତ ୧୩:୯)।
- ଧର୍ମଗୁରୁମାନଙ୍କ ସହିତ ଏକ ବିତର୍କ ପରେ ଶିଷ୍ୟମାନେ ପୁନର୍ବାର ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୋଇଥିଲେ (ପ୍ରେରିତ ୧୩:୪୨–୫୨)।
- ସ୍ତିଫାନ୍ ପରିପୂର୍ଣ୍ଣ ଥିଲେ, ପୁନର୍ବାର ପରିପୂର୍ଣ୍ଣ ହେଲେ (ପ୍ରେରିତ ୬:୫, ୭:୫୫)।
- ବର୍ଣ୍ଣବ୍ବା ମଧ୍ୟ ପରିପୂର୍ଣ୍ଣ ଥିଲେ (ପ୍ରେରିତ ୧୩:୫୨)।

ପବିତ୍ର ଆତ୍ମାରେ ଏହି ପୁନଃପୁନଃ ପରିପୂର୍ଣ୍ଣତା ଏହି ଶିଷ୍ୟମାନଙ୍କର ପ୍ରଚାର ଓ ଶିକ୍ଷାରେ ମହାଶକ୍ତି ଆଣିଥିଲା । ସୁସମାଚାର ସମ୍ବନ୍ଧରେ ସେମାନଙ୍କର ସାହସିକ ଘୋଷଣା ଚିହ୍ନ ଓ ଅଦ୍ଭୁତ କର୍ମରେ ମଧ୍ୟ ପରିପୂର୍ଣ୍ଣ ଥିଲା (ପ୍ରେରିତ ୫:୧୨)।

କେତେକ ହୁଏତ ଏହା ବିଶ୍ୱାସ କରିପାରନ୍ତି ଯେ, ଏହିପ୍ରକାର ଅଲୌକିକ କାର୍ଯ୍ୟ କେବଳ ମୂଳ ପ୍ରେରିତମାନଙ୍କ ଦ୍ୱାରା ଘଟିଥିଲା । ମାତ୍ର ଈଶ୍ୱର ଯାହାକୁ ମନୋନୀତ କରୁଥିଲେ, ତା'ମାଧ୍ୟମରେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚିହ୍ନ ଓ ଅଦ୍ଭୁତ କର୍ମ ସାଧିତ ହେଉଥିଲା ବୋଲି ପ୍ରେରିତ ପୁସ୍ତକ ପ୍ରକାଶ କରିଅଛି ।

ଉଦାହରଣସ୍ୱରୂପ, ପରିବେଷଣକାରୀ ସ୍ତିଫାନ୍ (ପ୍ରେରିତ ୬:୮) ଓ ''ଭାଇମାନେ'' (ପ୍ରେରିତ ୧୪:୧–୭)। ପବିତ୍ର ଆତ୍ମା 'ଯେକୌଣସି' ବ୍ୟକ୍ତି ମାଧ୍ୟମରେ ଗତିଶୀଳ ହୋଇପାରନ୍ତି, ଯାହାକୁ ଶକ୍ତିଯୁକ୍ତ ଓ ପରିଚାଳିତ କରିବା ପାଇଁ ସେ ମନୋନୀତ କରନ୍ତି – ଏହି ସତ୍ୟ ସମ୍ବନ୍ଧରେ ପାଉଲ ଲେଖିଥିଲେ (୧କରିନ୍ଥୀ. ୧୨:୧–୧୧ ଦେଖନ୍ତୁ)।

## ଦାନ ମାଧ୍ୟମରେ ବୃଦ୍ଧି ପାଇବା

ପବିତ୍ର ଆତ୍ମାରେ ନିରନ୍ତର ପରିପୂର୍ଣ୍ଣ ହେବାରେ ଗୋଟିଏ ଅଧିକା ଉପକାର ରହିଛି । ଆମେ ''ବିନାମୂଲ୍ୟରେ ପାଉଥିବାରୁ ଓ ବିନାମୂଲ୍ୟରେ ଦାନ କରୁଥିବାରୁ

(ମାଥି. ୧୦:୫), ତାଙ୍କର ଅଭିଷେକ ଅଧିକ ରୂପେ ପାଇବା ପାଇଁ ଆମର 'ସାମର୍ଥ୍ୟ' ବୃଦ୍ଧିପାଏ ! ଈଶ୍ୱରଙ୍କର ରାଜ୍ୟ ସମ୍ବନ୍ଧୀୟ ଏହି ନିୟମ ଅର୍ଥ, ସମୟ, ସେବା ଓ ଅନ୍ୟାନ୍ୟ କ୍ଷେତ୍ରରେ ସତ୍ୟ ଅଟେ – ଆମେ ଯେତେ ଅଧିକ ଦେବା, ସେତେ ଅଧିକ ପାଇବା ।

ଆମେ ଯେତେଥର ସେବା କରୁ, ଯେତେଥର ପବିତ୍ର ଆତ୍ମାଙ୍କ ଜୀବନ ଓ ଶକ୍ତି ଅନ୍ୟମାନଙ୍କୁ ପ୍ରଦାନ କରୁ, ସେତେଥର ଆମେ ବୃଦ୍ଧି ପାଇଥାଉ । ଏହାର ଅର୍ଥ ହେଉଛି, ତେବେ ଯାଇ ଆମେ ଅଧିକ ପାଇପାରିବା, ଆଉ ଏହିପରି ଭାବରେ ଦେବା ପାଇଁ ଆମ ନିକଟରେ ଅଧିକ ରହିପାରିବ ।

ପାଇବା ଓ ଦେବା, ପାଇବା ଦେବାର ଏହି ଆଶିଷଯୁକ୍ତ ପ୍ରକ୍ରିୟା । ସଂପୃକ୍ତ ସମସ୍ତ ବ୍ୟକ୍ତିଙ୍କ ପାଇଁ ଉପକାରୀ ଅଟେ । ଈଶ୍ୱର ଆଶୀର୍ବାଦପ୍ରାପ୍ତ ଓ ଗୌରବାନ୍ୱିତ ହୁଅନ୍ତି, କାରଣ ତାଙ୍କର ଇଚ୍ଛା ସଫଳ ହୋଇଥାଏ । ଖ୍ରୀଷ୍ଟଙ୍କ ଶରୀରର ସଦସ୍ୟମାନେ ଆଶୀର୍ବାଦ ପାଆନ୍ତି ଓ ବଳିଷ୍ଠ ଶିଷ୍ୟ ଭାବରେ ବୃଦ୍ଧି ପାଆନ୍ତି (ଏଫିସୀ. ୬:୧୨–୧୬) । ଜଣେ ପ୍ରଚାରକ ଭାବରେ, ଆପଣ ଉଭୟ ସେବାକାର୍ଯ୍ୟରେ ଦେବା ପାଇଁ ଓ ପବିତ୍ର ଆତ୍ମାଙ୍କଠାରୁ ଅଧିକ ପାଇବା ପାଇଁ ରହିଥିବା ଆପଣଙ୍କ ସାମର୍ଥ୍ୟରେ ତାଙ୍କ ଆହ୍ୱାନ ପରିପୂରଣ ନିମନ୍ତେ ଓ ବୃଦ୍ଧି ପାଇବା ନିମନ୍ତେ ପ୍ରଭୁଙ୍କର ଗୋଟିଏ ଶକ୍ତିଶାଳୀ ଓ ବିଶ୍ୱସ୍ତ ସେବକରୂପେ ଆଶୀର୍ବାଦ ପାଇଛନ୍ତି ।

ଏହି ସମସ୍ତ ବିଷୟ 'ନିରନ୍ତର' ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେବା ଉପରେ ନିର୍ଭର କରେ । ଏହା ହେଉଛି, ପରିତ୍ରାଣ ସମୟରେ ପବିତ୍ର ଆତ୍ମାଙ୍କର ସାର୍ବଭୌମ ଦାନ ପାଇବା କିମ୍ବା ଏହାପରେ ପବିତ୍ର ଆତ୍ମାରେ ବାପ୍ତିଜିତ ହେବାଠାରୁ ଏକ ଭିନ୍ନ ପ୍ରକ୍ରିୟା (ପ୍ରେରିତ ୮:୧୪–୧୭, ୧୯:୧–୭) । ଆମକୁ ଏପରି ଭାବରେ ଜୀବନ କାଟିବାକୁ ହେବ ଯେ, ଆମେ ନିରନ୍ତର, ବାରମ୍ବାର ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେବା ।

**ଖ) 'ଆତ୍ମାରେ ପରିପୂର୍ଣ୍ଣ ହୁଅ' – ଏହି ପଦଟି (ଏଫିସୀ. ୫:୧୮) ଆଦେଶସୂଚକ ମଧ୍ୟ ଅଟେ ।** ଏହାର ଅର୍ଥ ହେଉଛି ଯେ, ଏହି ପଦଟି ଏକ ପରାମର୍ଶ ନୁହେଁ, ମାତ୍ର ଏକ ଆଦେଶ ଅଟେ ! ଆମେ ତାଙ୍କର ଶକ୍ତି ଓ ସାମର୍ଥ୍ୟ କେତେ ଅଧିକ ପରିମାଣରେ ଆବଶ୍ୟକ କରୁ, ଏହା ଈଶ୍ୱର ଆମ ଅପେକ୍ଷା ଅଧିକ ଜାଣନ୍ତି । ପ୍ରକୃତରେ, ଦୈନିକ ଜୀବନରେ ଏକ ବିଜୟୀ ବୀର ଭାବରେ ଜୀବନ କାଟିବା ପାଇଁ ଆମେ ପବିତ୍ର ଆତ୍ମାଙ୍କୁ ଆବଶ୍ୟକ କରୁ । କିନ୍ତୁ, ଏହା ଅପେକ୍ଷା ଆହୁରି ଅଧିକ ଭାବରେ, ସେବାକାର୍ଯ୍ୟରେ ଫଳପୂର୍ଣ୍ଣ ଓ ଦକ୍ଷ ହେବା ନିମନ୍ତେ ଆମେ ତାଙ୍କ ଆତ୍ମାଙ୍କର ଅତିରିକ୍ତ ଉପସ୍ଥିତି ଆବଶ୍ୟକ କରୁ ।



ଈଶ୍ୱର କୌଣସି ଆଦେଶ ଦେବା ସମୟରେ, 'ସର୍ବଦା'

- ଧାର୍ମିକ ଓ ବିବେକଶୀଳ ଅଟନ୍ତି ।
- ନିଜର ଗୌରବ ନିମନ୍ତେ କରନ୍ତି ।
- ଆମର ମଙ୍ଗଳ ନିମନ୍ତେ କରନ୍ତି ।
- ନିଜର ଯୋଗାଣ ଦ୍ୱାରା ସମ୍ଭବ କରନ୍ତି !

ଈଶ୍ୱର ନିଜର ସାର୍ବଭୌମ ଇଚ୍ଛାରେ ଆମ ନିମନ୍ତେ ପବିତ୍ର ଆତ୍ମାଙ୍କର ଅସୀମ ଯୋଗାଣ ସମ୍ଭବ କରିଛନ୍ତି । ଆଉ ସେ ଏହି ଆଦେଶ ଦେଇଛନ୍ତି ଯେ, ଆମେ ପବିତ୍ର ଆତ୍ମାଙ୍କର ସ୍ୱର୍ଗୀୟ ଯୋଗାଣରେ 'ନିରନ୍ତର' ପରିପୂର୍ଣ୍ଣ ହେବା ଉଚିତ୍ । ହାଲେଲୁୟା !

ଏହି ଆଦେଶକୁ ପାଳନ କରିବା ପାଇଁ ଆମେ ପ୍ରତିଦିନ ଓ ପ୍ରତ୍ୟେକ ଆବଶ୍ୟକତା ସମୟରେ କ୍ଷିପ୍ର ହେବା ଉଚିତ୍ ।

**ଗ) ଏହି ପଦଟି ପରୋକ୍ଷ ଉକ୍ତି (ନିଷ୍କ୍ରିୟ ଉକ୍ତି)ରେ ମଧ୍ୟ ଲେଖାଯାଇଛି ।**

ଏହାର ଏହି ଅର୍ଥ ଅଟେ ଯେ, ପବିତ୍ର ଆତ୍ମାଙ୍କର ଏହି ସତେଜ ଓ ନିରନ୍ତର ପରିପୂର୍ଣ୍ଣତା ଆମ ଚେଷ୍ଟା ଦ୍ୱାରା ମିଳିପାରେ ନାହିଁ । ଆମେ ସେଗୁଡ଼ିକୁ ଅର୍ଜ୍ଜନ କରିପାରିବା ନାହିଁ କିମ୍ବା ସେଗୁଡ଼ିକୁ ପାଇବା ପାଇଁ ଯୋଗ୍ୟ କାର୍ଯ୍ୟ କରିପାରିବା ନାହିଁ । ସେଗୁଡ଼ିକ ଆମ ପ୍ରତି ଈଶ୍ୱରଙ୍କର ଏକ ଦାନ ଅଟେ । ଆମେ କେବଳ ଆମର ହୃଦୟ ଉନ୍ମୁକ୍ତ କରି ସେ ଆମକୁ ଯାହା ଦେବାକୁ ଇଚ୍ଛା କରନ୍ତି, ତାହା ଗ୍ରହଣ କରିପାରିବେ ।

କିନ୍ତୁ, ଆମକୁ ସେଗୁଡ଼ିକୁ ଗ୍ରହଣ କରିବା ପାଇଁ ଠିକ୍ ସ୍ଥାନରେ ରହିବାକୁ ହେବ ! ଏଠାରେ ଆତ୍ମାରେ ପରିପୂର୍ଣ୍ଣ ଜୀବନ କାଟିବା ଓ ଆତ୍ମା-ପରିପୂର୍ଣ୍ଣ ସେବାକାର୍ଯ୍ୟ ରଖିବାର ଏକ ପ୍ରାଥମିକ ବିଷୟ ପ୍ରଦତ୍ତ ହୋଇଛି ।

କେତେକ ଲୋକ କାହିଁକି ସର୍ବଦା ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେବା, ଦାନ, ଜ୍ଞାନ, ଶକ୍ତି ଇତ୍ୟାଦିରେ ପରିଚାଳିତ ହେବାଭଳି ମନେ ହୁଅନ୍ତି – ଆଉ କେତେକ ଏହିପରିଭାବରେ କାର୍ଯ୍ୟ କରିବାଭଳି ମନେ ହୁଅନ୍ତି ନାହିଁ, ଏହା ଆପଣ କେବେ ଚିନ୍ତା କରିଛନ୍ତି କି ?

ଈଶ୍ୱରଙ୍କ ଆତ୍ମାରେ ନିରନ୍ତର ପରିପୂର୍ଣ୍ଣ ହେବା ନିମନ୍ତେ ନିଜକୁ ଠିକ୍ ସ୍ଥିତିରେ ରଖିବାର ଉପାୟ ହେଉଛି 'ବଶୀଭୂତ ହେବା' । ଏହାର ଅର୍ଥ ହେଉଛି ଯେ, ଆପଣଙ୍କ ଜୀବନର ପ୍ରତ୍ୟେକ ବିଷୟକୁ ଯଥା – ଆପଣଙ୍କ ଇଚ୍ଛା, ଆପଣଙ୍କର ଯୋଜନା, ଆପଣଙ୍କ ଦୁର୍ବଳତା ଓ ମୁଖ୍ୟତଃ, ଆପଣଙ୍କ ଶକ୍ତିକୁ ଈଶ୍ୱରଙ୍କର ବଶୀଭୂତ କରିବାକୁ

ଓ ତାଙ୍କ ନିକଟରେ ସମର୍ପଣ କରିବାକୁ ହେବ । ଆପଣ ଏହା କରିବା ସମୟରେ, ଆପଣ ଆପଣଙ୍କର ସମଗ୍ର ସତ୍ତାକୁ ପବିତ୍ର ଆତ୍ମାଙ୍କର ଓ ଆପଣଙ୍କ ନିମନ୍ତେ ଥିବା ତାଙ୍କ ଇଚ୍ଛାର ବଶୀଭୂତ କରୁଥା'ନ୍ତି ।

ଆମ ଜୀବନକୁ ପବିତ୍ର ଆତ୍ମାଙ୍କର ବଶୀଭୂତ କରିବା ଆମକୁ ଏପରି ଏକ ଆତ୍ମିକ ସ୍ଥିତିରେ ରଖେ, ଯେଉଁଠାରେ ସେ ଆମକୁ ଯାହା ଦେବାକୁ ଇଚ୍ଛା କରନ୍ତି, ତାହା ଅଧିକ ଶୀଘ୍ର ଓ ବିନାମୂଲ୍ୟରେ ଆମେ ପାଇଥାଉ ।

କିନ୍ତୁ, ଦୟାକରି ଏହା ଲକ୍ଷ୍ୟ କରନ୍ତୁ ଯେ, ଆମ ଜୀବନକୁ ପବିତ୍ର ଆତ୍ମାଙ୍କର ବଶୀଭୂତ କରିବା, ଆତ୍ମାରେ ଆବିଷ୍ଟ ହେବା ସହିତ ସମାନ ନୁହେଁ । ଭୂତମାନେ ହିଁ ଜଣେ ବ୍ୟକ୍ତିର ଇଚ୍ଛା ଓ ବ୍ୟକ୍ତିତ୍ୱ ଉପରେ ଆଧିପତ୍ୟ ବିସ୍ତାର କରିବା ପାଇଁ ଚେଷ୍ଟା କରନ୍ତି (ଲୂକ ୮:୨୯-୩୮) । ବିଭିନ୍ନ ସଂପ୍ରଦାୟ ଓ ମିଥ୍ୟା ଧର୍ମରେ ଥିବା ନେତାମାନେ ମଧ୍ୟ ଅନ୍ୟ ଲୋକମାନଙ୍କୁ ନିମନ୍ତ୍ରଣ କରିବାକୁ କିମ୍ବା ବଶୀଭୂତ କରିବାକୁ ଚେଷ୍ଟା କରିପାରନ୍ତି, କାରଣ ସେମାନେ ଶୟତାନର ପ୍ରତାରଣାରେ କାର୍ଯ୍ୟ କରୁଥା'ନ୍ତି ।

ମନୋନୟନ କରିବାର ମନୋଭାବ କିମ୍ବା ସାମର୍ଥ୍ୟ ନ ଥିବା ଧାର୍ମିକ ''କଣ୍ଢେଇ'' ହେବା ପାଇଁ ଆମେ ଆହୂତ ହୋଇନାହୁଁ । ଏହା ପରିବର୍ତ୍ତେ, ଆମ ମଧ୍ୟରେ ବାସ କରୁଥିବା ପବିତ୍ର ଆତ୍ମାଙ୍କ ଉପସ୍ଥିତି ସହିତ ପ୍ରେମ, ବିଶ୍ୱାସ ଓ ସହଯୋଗର ସଂପର୍କ ସ୍ଥାପନ କରିବା ପାଇଁ ଆମେ ଆହୂତ ହୋଇଅଛୁ । ସେ ପ୍ରଭୁ ପରମେଶ୍ୱରଙ୍କ ପାଇଁ ସେବାକାରୀ ପାତ୍ର ଭାବରେ ଆମ ମଧ୍ୟରେ କାର୍ଯ୍ୟ କରିବାକୁ, ଆମକୁ ପରିବର୍ତ୍ତିତ ଓ ବିଶୁଦ୍ଧ କରିବାକୁ ଓ ଆମ ମାଧ୍ୟମରେ କାର୍ଯ୍ୟ କରିବାକୁ ରହିଅଛନ୍ତି । ଯେତେବେଳେ ଆମେ ଏହିପରି ଭାବରେ ଈଶ୍ୱର ଓ ତାଙ୍କ କାର୍ଯ୍ୟ ପ୍ରତି ଆମ ଜୀବନକୁ ବଶୀଭୂତ କରୁ, ସେତେବେଳେ ଅଭିଷେକର ନୂତନ ଓ ନିରନ୍ତର ପରିପୂର୍ଣ୍ଣତା ପାଇବା ପାଇଁ ଆମେ ଠିକ୍ ସ୍ଥାନରେ ରହିବା ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ – ଆମର ସ୍ୱର୍ଗୀୟ ପିତାଙ୍କର ପୁତ୍ର ଭାବରେ ଆମେ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ (ରୋମୀୟ ୮:୧୪) । ଏହିପଦରେ ''ପରିଚାଳିତ ହେବା'' ଶବ୍ଦଟି ବର୍ତ୍ତମାନ କାଳର ଏକ ଅର୍ଦ୍ଧକ୍ରିୟା । ଏହାର ଅର୍ଥ ହେଉଛି ଯେ, ଆମକୁ ନିରନ୍ତର ପରିଚାଳିତ ହେବାକୁ ପଡ଼ିବ ।

ପବିତ୍ର ଆତ୍ମାଙ୍କର ଏହି 'ନିରନ୍ତର ଚାଳନା' ମଧ୍ୟରେ ଧର୍ମଶାସ୍ତ୍ରର ଆଦେଶ ଓ ନିୟମାବଳୀ ସମ୍ବନ୍ଧୀୟ ଏକ ଆନୁଷ୍ଠାନିକ ଜ୍ଞାନ ଏବଂ ସେଗୁଡ଼ିକ ପ୍ରତି ଆମର ବାଧ୍ୟତା ଅନ୍ତର୍ଭୁକ୍ତ ଥିଲେ ମଧ୍ୟ ସେଥିରେ ସୀମିତ ନୁହେଁ । ଏହା ହେଉଛି,



ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବାର ଏକ ପ୍ରାଥମିକ ମାର୍ଗ, ଯେହେତୁ ଆମକୁ କିପରି ଦିନ ପରେ ଦିନ କାଟିବାକୁ ହେବ, ଏହା ଈଶ୍ୱର ତାଙ୍କ ବାକ୍ୟରେ ଆମ ନିକଟରେ ପ୍ରକାଶ କରିସାରିଛନ୍ତି ।

କିନ୍ତୁ ପବିତ୍ର ଆତ୍ମାଙ୍କ ଦ୍ୱାରା ନିରନ୍ତର ପରିଚାଳିତ ହେବା ମଧ୍ୟରେ ତାଙ୍କର କଥା ପ୍ରତି କ୍ରମ ବିକଶିତ ସମ୍ବେଦନଶୀଳତା ମଧ୍ୟ ଅନ୍ତର୍ଭୁକ୍ତ ଅଟେ, ଯାହା ଯେକୌଣସି ସମୟରେ ଆସିପାରେ । ପବିତ୍ର ଆତ୍ମା ଆପଣଙ୍କ ସେବାକାର୍ଯ୍ୟ, ଆପଣଙ୍କ ବ୍ୟକ୍ତିଗତ ଜୀବନ, କୌଣସି ବ୍ୟକ୍ତିର ଆବଶ୍ୟକ ବିଷୟ କିମ୍ବା ଅନ୍ୟ ଅନେକ ବିଷୟ ଆପଣଙ୍କୁ କହିପାରନ୍ତି । ସେ ସଦା ଉପସ୍ଥିତ ଥାଆନ୍ତି ଓ ଆପଣଙ୍କୁ ଏହି ଜୀବନରେ ପରିଚାଳନା ଦେବା ପାଇଁ ଆପଣଙ୍କ ସହିତ ମଧ୍ୟ ରହିଥା'ନ୍ତି । ଅନ୍ୟ ଲୋକମାନଙ୍କର ଆବଶ୍ୟକତା ପୂରଣ କରିବା ସମୟରେ ତାଙ୍କ ସହିତ କିପରି ସହଯୋଗ କରିବାକୁ ହୁଏ, ତାହା ଜାଣିବାରେ ମଧ୍ୟ ଆପଣଙ୍କୁ ସାହାଯ୍ୟ କରିବେ ।

ଯଦି କୌଣସି କଥା ପବିତ୍ର ଆତ୍ମାଙ୍କଠାରୁ ଆଗତ, ତେବେ ଏହା ସର୍ବଦା ଈଶ୍ୱରଙ୍କ ଲିଖିତ ବାକ୍ୟର ଆଦେଶ ଓ ନୈତିକ ଆଦର୍ଶକୁ ପାଳନ କରିବା ପାଇଁ ଆପଣଙ୍କୁ ପରଚାଳିତ କରିବ । ଯଦି ଆପଣ କୌଣସି ବଡ଼ ପରିବର୍ତ୍ତନ ଆଣିବାକୁ କିମ୍ବା ଆପଣଙ୍କ ନିମନ୍ତେ କୌଣସି ସାଧାରଣ ବିଷୟ ମଧ୍ୟ କିଛି କାର୍ଯ୍ୟ କରିବାକୁ ପବିତ୍ର ଆତ୍ମାଙ୍କର ଚାଳନା ଅନୁଭବ କରନ୍ତି, ତେବେ ଧର୍ମଶାସ୍ତ୍ରର ଉତ୍ସାହବାଣୀ ଅନୁସରଣ କରିବା ଓ ଆତ୍ମିକ ଭାବରେ ପରିପକ୍ୱ ପରାମର୍ଶଦାତାମାନଙ୍କୁ ଅନ୍ୱେଷଣ କରିବା ବିଜ୍ଞତାର ବିଷୟ ଅଟେ (ହିତୋ. ୧୧:୧୪, ୨୪:୬) । ସେମାନେ ଏହି ବିଷୟକୁ ଦୃଢ଼ କରିବାରେ ସାହାଯ୍ୟ କରିପାରନ୍ତି ଯେ, ଆପଣ ଯାହା ଅନୁଭବ କରୁଛନ୍ତି, ତାହା ପ୍ରକୃତରେ ପବିତ୍ର ଆତ୍ମାଙ୍କଠାରୁ ଆଗତ – କିମ୍ବା ଏହା ସୂଚିତ କରିପାରନ୍ତି ଯେ, ଏହା ତାଙ୍କଠାରୁ ଆସି ନ ଥାଇପାରେ । ଏହା ଆପଣଙ୍କୁ ତ୍ରୁଟି କିମ୍ବା ପ୍ରତାରଣା ବିରୁଦ୍ଧରେ ଜାଗ୍ରତ ରହିବାରେ ସାହାଯ୍ୟ କରିବ ।

## ସାରାଂଶ

''ଆତ୍ମାରେ ପରିପୂର୍ଣ୍ଣ ହୁଅ'' – ଏହି ବାଇବଲ ଉଲ୍ଲିଖିତ ପଦ ସମ୍ବନ୍ଧରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ନିୟମ ଆମେ ଶିକ୍ଷା କରିଅଛୁ (ଏଫିସୀ. ୫:୧୮) ।

- ଆମେ କେବଳ ଗୋଟିଏ ଥରର ଅନୁଭୂତି ଊର୍ଦ୍ଧ୍ୱରେ ନିରନ୍ତର ପରିପୂର୍ଣ୍ଣ ହୋଇପାରିବା ।

•   ଈଶ୍ୱର ଯେପରି ଆମକୁ ଆଦେଶ ଦେଇଛନ୍ତି, ସେହିପରି ଆମକୁ ନିରନ୍ତର ପରିପୂର୍ଣ୍ଣ ହେବାକୁ ପଡ଼ିବ ।

•   ଆମେ କେବଳ ତାଙ୍କ ମାଧ୍ୟମରେ ଈଶ୍ୱରଙ୍କର ନିରନ୍ତର ପବିତ୍ର ଆତ୍ମାଙ୍କ ପରିପୂର୍ଣ୍ଣତା ଓ ଅଭିଷେକ ପାଇପାରିବା – ଏହା ହେଉଛି ତାଙ୍କଠାରୁ ଏକ ଦାନ ଯାହାକୁ ପାଇବା ପାଇଁ ଆମେ ଆମର ଜୀବନକୁ ତାଙ୍କର ବଶୀଭୂତ କରିବା ଦ୍ୱାରା ନିଜ ନିଜକୁ ଠିକ୍ ସ୍ଥିତିରେ ରଖିଥାଉ ।

**୨) ଈଶ୍ୱରଙ୍କର ଅନ୍ୱେଷଣ କରନ୍ତୁ !**

ଆପଣ ହୁଏତ ଠିକ୍ ବର୍ତ୍ତମାନ ନିଜକୁ ଏହି ପ୍ରଶ୍ନ ପଚାରିପାରନ୍ତି, ‘‘ଈଶ୍ୱରଙ୍କର ପବିତ୍ର ଆତ୍ମାଙ୍କର ଏହି ନୂତନ ପରିପୂର୍ଣ୍ଣତା (ଅଭିଷେକ) ପାଇବା ପାଇଁ ମୋତେ କ'ଣ କରିବାକୁ ହେବ? ମୋତେ ଗୋଟିଏ ସ୍ୱତନ୍ତ୍ର ସ୍ଥାନକୁ ଯିବାକୁ ହେବ କି? ନିର୍ଦ୍ଦିଷ୍ଟ କଥା କହିବାକୁ ହେବ କି? ମୋ’ ନିମନ୍ତେ ପ୍ରାର୍ଥନା କରିବାକୁ କାହାରିକୁ ଖୋଜିବାକୁ ହେବ କି? ମୋତେ କୌଣସି ବିଶେଷ ସଭାକୁ ଯିବାକୁ ହେବ କି?’’

କେତେବେଳେ ଓ କିପରି ପବିତ୍ର ଆତ୍ମାଙ୍କ ଅଭିଷେକ ଅଧିକ ଭାବେ ଆମେ ପାଇପାରିବା, ତାହା ଏହି ପବିତ୍ର ଶାସ୍ତ୍ରାଂଶଟି ପ୍ରକାଶ କରିଛି । ଯୀଶୁ ଏହା କହିଥିଲେ, ‘‘ମୁଁ ମଧ୍ୟ ତୁମ୍ଭମାନଙ୍କୁ କହୁଅଛି, ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ, ଖୋଜ, ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ, ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ । କାରଣ ଯେ କେହି ମାଗେ, ସେ ପାଏ... (୧୦ ପଦ ଲେଖନ୍ତୁ) ଆଉ, ତୁମ୍ଭମାନଙ୍କ ମଧ୍ୟରେ ଏପରି ପିତା କିଏ ଅଛି, ଯାହାକୁ ତାହାର ପୁଅ ମାଛ ମାଗିଲେ, ସେ ତାହାକୁ ମାଛ ବଦଳରେ ସାପ ଦେବ? କିମ୍ବା ଡିମ୍ବ ମାଗିଲେ ସେ ତାହାକୁ ବିଛା ଦେବ? ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ଯେଉଁ ପିତା ସ୍ୱର୍ଗରୁ ଦାନ କରନ୍ତି, ସେ ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକରୂପେ ପବିତ୍ର ଆତ୍ମା ନ ଦେବେ!’’ (ଲୂକ ୧୧:୯-୧୩) ।

ଏହି ଅଧ୍ୟାୟରେ, ଆମେ କିପରି ନୂତନଭାବେ, ବାରମ୍ବାର ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୋଇପାରିବା, ସେଥିପାଇଁ ଯୀଶୁ ଆମକୁ ଅତି ସରଳ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

**କ) ଆମକୁ ମାଗିବାକୁ, ଖୋଜିବାକୁ ଓ ଦ୍ୱାରରେ ଆଘାତ କରିବାକୁ ହେବ ।**

ଈଶ୍ୱର ପବିତ୍ର ଆତ୍ମାଙ୍କର ଦାତା ଅଟନ୍ତି (୧୩ ପଦ) । ଏହି ପଦରେ ପ୍ରଭୁଙ୍କୁ ମାଗିବା ପାଇଁ, ଅନ୍ୱେଷଣ କରିବା ପାଇଁ ଓ ଦ୍ୱାରରେ ଆଘାତ କରିବା ପାଇଁ ପ୍ରଦତ୍ତ ଉତ୍ସାହବାଣୀ ମୂଳଗ୍ରୀକ୍ ଭାଷାରେ ବର୍ତ୍ତମାନକାଳରେ ଲେଖାଯାଇଛି ।



ଏହି ଶବ୍ଦ ଗଠନର ଅର୍ଥ ଏହାକୁ ବର୍ତ୍ତମାନ ସୁଦ୍ଧା କରି ଚାଲିବା, ଆମେ ଆମର ପ୍ରିୟ ପ୍ରଭୁଙ୍କଠାରୁ ଉତ୍ତର ନ ପାଇବା ପର୍ଯ୍ୟନ୍ତ ମାଗି ଚାଲିବା, ଖୋଜି ଚାଲିବା ଓ ଦ୍ୱାରରେ ଆଘାତ କରି ଚାଲିବା ଉଚିତ୍ ।

ଆମକୁ ପ୍ରତିଜ୍ଞା ପ୍ରଦତ୍ତ ହୋଇଛି, ‘‘କାରଣ ଯେ କେହି ମାଗେ, ସେ ପାଏ, ଯେ ଖୋଜେ, ସେ ସନ୍ଧାନ ପାଏ, ଆଉ ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇ ଦିଆଯିବ’’ (୧୦ ପଦ) । ହାଲେଲୁୟା ! ଈଶ୍ୱର ଆମ ଉପରେ ନିଜ ଆତ୍ମା ବୃଷ୍ଟି କରିବାରେ ଆନନ୍ଦିତ ହୁଅନ୍ତି । ଆମ କାର୍ଯ୍ୟ ହେଲା ତାଙ୍କୁ ମାଗିବା ।

ପବିତ୍ର ଆତ୍ମାଙ୍କ ଅନ୍ୱେଷଣର ତିନୋଟି ଦୃଷ୍ଟାନ୍ତ ଯୀଶୁ ବ୍ୟବହାର କରିଥିଲେ, ଯଥା – ମାଗିବା, ଖୋଜିବା, ଦ୍ୱାରରେ ଆଘାତ କରିବା । ସେ ତିନୋଟି ପୃଥକ୍ କୌଶଳ କିମ୍ବା ପଦ୍ଧତି ପ୍ରକାଶ କରିନାହାନ୍ତି । ବରଂ, ଆଗ୍ରହ ଓ ଆନ୍ତରିକତା ସହିତ ଈଶ୍ୱରଙ୍କ ଅନ୍ୱେଷଣ କରିବା ପାଇଁ ସେ ଆମକୁ ଉତ୍ସାହିତ କରିଛନ୍ତି ।

ଆପଣମାନେ ଏହା ଲକ୍ଷ୍ୟ କରିବେ ଯେ, ଭିକ୍ଷା ମାଗିବା କିମ୍ବା ପାଇବା ପାଇଁ ନିଜର ଯୋଗ୍ୟତା ସାବ୍ୟସ୍ତ କରିବାକୁ ଚେଷ୍ଟା କରିବା ବିଷୟ ଉଲ୍ଲିଖିତ ହୋଇନାହିଁ । ଏହି ପ୍ରଚେଷ୍ଟାଗୁଡ଼ିକର ଆବଶ୍ୟକତା ନାହିଁ । ପ୍ରକୃତରେ, ସେଗୁଡ଼ିକ ଏପରି ମନୋଭାବ ଯାହା ଈଶ୍ୱରଙ୍କର ପ୍ରିୟ ପୁତ୍ର ଓ କନ୍ୟାଗଣ ଭାବରେ କେବଳ ବିଶ୍ୱାସ ଦ୍ୱାରା ପାଇବା ପାଇଁ ରହିଥିବା ଆମର ଯୋଗ୍ୟତାରେ ଅନ୍ତରାୟ ସୃଷ୍ଟି କରିପାରେ ।

**ଖ) ପବିତ୍ର ଆତ୍ମା ପୁତ୍ର ଓ କନ୍ୟାଗଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟନ୍ତି ।**

ଯେଉଁମାନେ ଈଶ୍ୱରଙ୍କର ପୁତ୍ର ଓ କନ୍ୟାଗଣ ଅଟନ୍ତି, ଆତ୍ମିକ ପୁନର୍ଜନ୍ମ ଦ୍ୱାରା ସେପରି ହୋଇଛନ୍ତି (ଯୋହନ ୧:୧୨,୧୩, ୩:୫-୮), ସେମାନଙ୍କୁ ସେମାନଙ୍କର ପ୍ରିୟ ସ୍ୱର୍ଗୀୟ ପିତାଙ୍କର ପ୍ରତିଜ୍ଞାତ ଆଶୀର୍ବାଦ, ତାଙ୍କଠାରୁ ମାଗିବାକୁ ହୁଏ ନାହିଁ ।

ପିତାମାତା ଭାବରେ ଆମେ କିପରି ଆମର ନିଜର ସନ୍ତାନଗଣଙ୍କ ପ୍ରତି ପ୍ରତିକ୍ରିୟା ଦେଖାଉ, ସେ ସମ୍ବନ୍ଧରେ ଗୋଟିଏ ଉପମା ଦେଇ ଯୀଶୁ ଏହି ମହାନ୍ ସତ୍ୟକୁ ବୁଝାଇଛନ୍ତି (୧୧,୧୨ ପଦ) । ଏହାପରେ ଯୀଶୁ ଆମର ସ୍ୱର୍ଗୀୟ ପିତା ଭାବରେ ଈଶ୍ୱରଙ୍କ ସ୍ଥାନ ସହିତ ପିତାମାତା ଭାବରେ ଆମର କାର୍ଯ୍ୟକୁ ତୁଳନା କରିଛନ୍ତି (୧୩ ପଦ) ।

ଏହାପରେ ଯୀଶୁ ଆମର ସୀମିତ, ପାପ ସ୍ୱଭାବ ଏବଂ ଈଶ୍ୱରଙ୍କ ଅସୀମ ସିଦ୍ଧତା ଓ ପ୍ରେମ ମଧ୍ୟରେ ପାର୍ଥକ୍ୟ ଦର୍ଶାଇଅଛନ୍ତି । ଯଦି ଆମେ ଦୁଷ୍ଟ (ପାପପୂର୍ଣ୍ଣ) ପିତାମାତା ହୋଇ ସୁଦ୍ଧା ଆମର ସନ୍ତାନମାନଙ୍କୁ ଉତ୍ତମ ବିଷୟ ଦେବା ପାଇଁ ଅସ୍ୱୀକାର କରିବା ନାହିଁ, ତେବେ ଆମର ସିଦ୍ଧ ଓ ପବିତ୍ର ସ୍ୱର୍ଗୀୟ ପିତା ନିଜର ସନ୍ତାନଗଣ ପ୍ରତି ମଧ୍ୟ ସେପରି କରିବେ ବୋଲି ଆମେ କାହିଁକି ଚିନ୍ତା କରିବା ନାହିଁ?

(ଆମ ପ୍ରତି ଈଶ୍ୱରଙ୍କ ହୃଦୟ ବିଷୟରେ ଅଧିକ ଜାଣିବା ପାଇଁ ରୋମୀୟ ୫:୬-୧୦, ୮:୩୧-୩୯, ୧ଯୋହନ ୩:୧, ୪:୧୦,୧୨-୧୯ ପାଠ କରନ୍ତୁ)।

ଆମେ ଭିକ୍ଷୁକ ନୋହୁଁ ଯେଉଁମାନଙ୍କୁ ନିବେଦନ କରିବାକୁ ଓ ଜଣେ ଅନିଚ୍ଛୁକ ଈଶ୍ୱରଙ୍କୁ ଭିକ୍ଷା ମାଗିବାକୁ ହୁଏ। ଆମେ ସର୍ବୋପରିସ୍ଥ ଈଶ୍ୱରଙ୍କର ପୁତ୍ର ଓ କନ୍ୟାଗଣ ଅଟୁ, ଆଉ ସେ ଆମକୁ ତାଙ୍କ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ କରି ଆନନ୍ଦିତ ହୁଅନ୍ତି!

ପ୍ରକୃତରେ, ଆମେ ନମ୍ରତା ଓ ଆମ ଜୀବନର ଏକ ସଂପୂର୍ଣ୍ଣ ସମର୍ପଣ ସହିତ ମାଗିବା ଉଚିତ୍। ତଥାପି, ତାଙ୍କର ପୁତ୍ର ଓ କନ୍ୟା ଭାବରେ, ଆମେ ''କୃପାପ୍ରାପ୍ତି ନିମନ୍ତେ, ପୁଣି ଉପଯୁକ୍ତ ସମୟରେ ଉପକାରକ ଅନୁଗ୍ରହ ପାଇବା ନିମନ୍ତେ ସାହସରେ ଅନୁଗ୍ରହ ସିଂହାସନ ନିକଟକୁ ଯାଇପାରିବା'' (ଏବ୍ରୀ ୪:୧୬, ଏଫିସୀୟ ୩:୧୨, ଏବ୍ରୀ ୧୦:୧୯-୨୨ ମଧ୍ୟ ଦେଖନ୍ତୁ)।

**ଗ) କେଉଁ ବିଷୟ 'ପାଇବାରେ' ଆମକୁ ବାଧା ଦିଏ?** ଏପରି ସମସ୍ୟା ସବୁ ଅଛି, ଯେଉଁଗୁଡ଼ିକ ପବିତ୍ର ଆତ୍ମାରେ ନିରନ୍ତର ପରିପୂର୍ଣ୍ଣ ହେବାରେ ଆମକୁ ବାଧା ଦେଇପାରେ।

**୧) ଆମ ଜୀବନରେ ପାପ କିମ୍ବା ବୁଝାମଣାର ଉପସ୍ଥିତି** (ରୋମୀୟ ୬:୧୨-୧୪, ୧କରିନ୍ଥୀ. ୫:୬,୭)। ବାଇବଲ ଆମକୁ ଏହି ଶିକ୍ଷା ଦିଏ ଯେ, ଆମେ ଏହି ଜୀବନରେ ଆଦୌ ନିଷ୍ପାପ ଭାବରେ ସିଦ୍ଧ ହେବା ନାହିଁ (୧ଯୋହନ ୧:୮)। ଆମ ସମସ୍ତଙ୍କ ନିକଟରେ ବେଳେବେଳେ ବିଫଳତା ଦେଖାଦିଏ । ଆଉ ସେଥିପାଇଁ ଆମକୁ ଅତିଶୀଘ୍ର ଅନୁତାପ କରି ଈଶ୍ୱରଙ୍କ କ୍ଷମାଗ୍ରହଣ କରିବାକୁ ହେବ ।

କିନ୍ତୁ, ଆମେ ଜାଗ୍ରତ, ସଂସାର ଓ ଶୟତାନ ସହିତ ନିରନ୍ତର ବୁଝାମଣାରେ ଆସକ୍ତ ହେବା ଅନୁଚିତ୍। ବାଇବଲ ଏହିପ୍ରକାର ଆଚରଣକୁ ପାପର ''କାର୍ଯ୍ୟ'' ଭାବରେ ଉଲ୍ଲେଖ କରିଛି (ଗାଲା. ୫:୨୧)। ଏହାର ଅର୍ଥ ହେଉଛି, ନିୟମିତ ଭାବରେ ପାପରେ ନିୟୋଜିତ ରହିବା କିମ୍ବା ଏହାକୁ ବାରମ୍ବାର କରିବା ।

ଏହିପ୍ରକାର ନିରନ୍ତର ପାପ ପ୍ରଭୁଙ୍କ ବ୍ୟବହାର ନିମନ୍ତେ ଉପଯୁକ୍ତ ପାତ୍ର ହେବା ପାଇଁ ଆମକୁ ଅଯୋଗ୍ୟ କରିବ (୧କରିନ୍ଥୀ. ୯:୨୪-୨୭, ୨ତୀମଥି ୨:୧୯-୨୧)। ଆମର ଈଶ୍ୱର ଜଣେ ପବିତ୍ର ଈଶ୍ୱର ଅଟନ୍ତି ଓ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ଓ ଆମ ମଧ୍ୟରେ କାର୍ଯ୍ୟ କରୁଥିବା ତାଙ୍କ ଅନୁଗ୍ରହ ଦ୍ୱାରା ଆମକୁ ମଧ୍ୟ ପବିତ୍ର ହେବା ପାଇଁ ଆହ୍ୱାନ କରିଛନ୍ତି (୧ପିତର ୧:୧୩-୧୯)।

ଆତ୍ମା, ଯିଏ ପବିତ୍ର ଅଟନ୍ତି (ରୋମୀ. ୧:୪), ସେ ସେହି ଉପକରଣ ମାଧ୍ୟମରେ କାର୍ଯ୍ୟ କରିବାକୁ ଇଚ୍ଛା କରନ୍ତି, ଯେଉଁଗୁଡ଼ିକ ମଧ୍ୟ ପବିତ୍ର ଅଟନ୍ତି ।



**୨) ସ୍ୱାର୍ଥ-ପୂରଣ ମନୋଭାବ, ଯଥା, ଅହଂ କିମ୍ବା ଗର୍ବର ଉପସ୍ଥିତି –** (ମାଥି. ୬:୨୧-୨୩, ଫିଲି. ୨:୩,୪, ୧ତିମଥି ୬:୩-୫)। ଆମେ ଗର୍ବରୂପକ ପାପ ଓ ଏହାର ବିପଦ ସମ୍ବନ୍ଧରେ ଅଧ୍ୟୟନ କରିସାରିଛୁ । ମଣ୍ଡଳୀ ନେତାଭାବରେ ଆମକୁ ସେହି ଯୀଶୁଙ୍କ ସଦୃଶ ହେବାକୁ ପଡ଼ିବ, ଯିଏ ''ମୃଦୁ'' ଓ ''ନମ୍ର'' ଅଟନ୍ତି (ମାଥି. ୧୧:୨୯)।

ଈଶ୍ୱର ସେହିମାନଙ୍କୁ ଅଭିଷିକ୍ତ କରିବେ ନାହିଁ, ଯେଉଁମାନେ ଭୁଲ୍ ମନୋଭାବ ସହିତ ସେବା କରୁଥା'ନ୍ତି (ଯାକୁବ ୪:୬)। ପବିତ୍ର ଆତ୍ମା ଯେପରି ଆମର ହୃଦୟକୁ ଅନୁସନ୍ଧାନ କରିବେ (ହିତୋ. ୧୬:୨) ଓ ଆମ ନିଜ ଗୌରବ ନିମନ୍ତେ ରହିଥିବା ଇଚ୍ଛାରୁ ଆମକୁ ଶୁଚି କରିବେ, ଏଥିପାଇଁ ଆମକୁ ଅନୁମତି ଦେବାକୁ ହେବ । ଏଠାରେ ଆପଣଙ୍କର ପଠନ ଓ ଧ୍ୟାନ ନିମନ୍ତେ କିଛି ବାଇବଲ ପଦ ରହିଛି : ୨ବଂଶାବଳୀ ୧୬:୯, ହିତୋ. ୧୩:୧୦, ୧୬:୫,୧୮, ମାଥିଉ ୨୩:୮-୧୪, ଗାଲାତୀୟ ୫:୨୦, ଫିଲିପ୍ପୀୟ ୧:୧୫,୧୬, ୧ତୀମଥି ୩:୬, ଯାକୁବ ୩:୧୪-୪:୪ ।

**୩) ଆପଣଙ୍କ ସମଗ୍ର ଜୀବନର ସଂପୂର୍ଣ୍ଣ ସମର୍ପଣର ଅଭାବ – (ରୋମୀ. ୧୨:୧,୨, ଗାଲା. ୨:୨୦)।** ଈଶ୍ୱରଙ୍କ ନିକଟରେ ଆପଣଙ୍କର ସମଗ୍ର ଜୀବନ ବଶୀଭୂତ କରିବାର ଗୁରୁତ୍ୱ ବିଷୟରେ ମୁଁ ଲେଖିସାରିଛି । କିନ୍ତୁ ମୁଁ ଆପଣମାନଙ୍କୁ ଏହା ଦର୍ଶାଉଅଛି ଯେ, ପବିତ୍ର ଆତ୍ମାଙ୍କର ଅଭିଷେକ ଏଥିପାଇଁ ପ୍ରଦତ୍ତ ହୋଇଅଛି, ଯେପରିକି ଈଶ୍ୱରଙ୍କର ବଶୀଭୂତ ସେବକଙ୍କର ସେବାରେ ଓ ସେବା ନିମନ୍ତେ ଶକ୍ତି ରହିବ । ଯଦି ଆମେ ତାଙ୍କର ଓ ଅନ୍ୟମାନଙ୍କର ସେବା କରିବା ଭିନ୍ନ ଅନ୍ୟ କାରଣରୁ ଈଶ୍ୱରଙ୍କ ଶକ୍ତି ଇଚ୍ଛା କରୁ, ତେବେ ଆମେ ଆମ ଜୀବନରେ ତାଙ୍କର ଅଭିଷେକ ଆଶା କରିପାରିବା ନାହିଁ ।

ଆମର ବଶୀଭୂତ ସେବା ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଦେଶିତ ହେବା ଉଚିତ୍, କାରଣ ଖ୍ରୀଷ୍ଟଙ୍କ ଶରୀରରେ ଆମକୁ କିପରି ବ୍ୟବହାର କରିବେ, ତାହା ସେ ସର୍ବୋତ୍ତମ ଭାବରେ ଜାଣନ୍ତି । ଈଶ୍ୱରଙ୍କ ନିମନ୍ତେ ଆମେ କ'ଣ କରିବୁ, ତାହା ମନୋନୀତ କରିବା ଆମର ଆବଶ୍ୟକ ନୁହେଁ । ସେ ଯାହା କରିବା ପାଇଁ ଆମକୁ କହିପାରନ୍ତି, ତାହା ଆମ ହୃଦୟ ଇଚ୍ଛା କରିବା ଉଚିତ୍ ।



ଆମର ସଂପୂର୍ଣ୍ଣ ବଶୀଭୂତ ହେବାର ସ୍ଥିତି ଈଶ୍ୱରଙ୍କଠାରୁ ଶକ୍ତି ପାଇବା ପାଇଁ ଓ ତାଙ୍କର ଇଚ୍ଛା ଜାଣିବା ପାଇଁ ଆବଶ୍ୟକ ଅଟେ । ଏହାପରେ, ତାଙ୍କର ଆଜ୍ଞା ପାଳନ କରିବା ନିମନ୍ତେ ଆମକୁ ମନୋନୀତ କରିବାକୁ ହେବ । ଏହିପରି ଭାବରେ, ଆମେ ସେବାକାର୍ଯ୍ୟରେ, ପ୍ରକୃତରେ ଫଳପ୍ରଦ ହୋଇପାରିବା ।

**୪) ଗୋଟିଏ ଦୁର୍ବଳ ବିଶ୍ୱାସ କିମ୍ବା ବିଶ୍ୱାସର ଅଭାବ –** (ଏବ୍ରୀ ୧୧:୬, ଯାକୁବ ୧:୬) । ‘‘ଅତଏବ, ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ’’ (ରୋମୀ. ୧୦:୧୭) । ଆମ ନିମନ୍ତେ ଈଶ୍ୱର ଯାହା ଉପଲବ୍ଧ କରିଛନ୍ତି, ତାହା ଆମକୁ ଧର୍ମଶାସ୍ତ୍ରରୁ ଶିକ୍ଷା କରିବାକୁ ହେବ, ନଚେତ୍, ଆମର ବିଶ୍ୱାସ ଦୁର୍ବଳ ହୋଇଯିବ ।

ଅଭିଷେକ ସମ୍ବନ୍ଧରେ ଏହି ବାଇବଲ ଅଧ୍ୟୟନ ପାଠ କରିବା ସମୟରେ ଆପଣ ଏହା ଶିକ୍ଷା କରିଛନ୍ତି ଯେ, ପବିତ୍ର ଆତ୍ମାଙ୍କ ଶକ୍ତି ଆଜି ମଧ୍ୟ ଆପଣଙ୍କ ପ୍ରତି ଉପଲବ୍ଧ ଅଟେ । ଆଉ ଏହା ଅଳ୍ପ ପରିମାଣ, ପ୍ରାନ୍ତରରେ ଗୋଟିଏ ବିନ୍ଦୁ ଜଳ ସଦୃଶ ନୁହେଁ! ପବିତ୍ର ଆତ୍ମାଙ୍କୁ ନଦୀ ସଦୃଶ ଆପଣଙ୍କ ମଧ୍ୟ ଦେଇ ପ୍ରବାହିତ ହେବାକୁ ପଡ଼ିବ (ଯୋହନ ୭:୩୭–୩୯) ।

ଈଶ୍ୱର ଜଣେ ପ୍ରେମମୟ ପିତା, ଯିଏ ନିଜର ସନ୍ତାନମାନଙ୍କୁ ତାଙ୍କର ଜୀବନ ଓ ଶକ୍ତି ପ୍ରଦାନ କରି ଆନନ୍ଦିତ ହୁଅନ୍ତି । କିନ୍ତୁ ଆମ ହୃଦୟର କ୍ରନ୍ଦନ ପ୍ରତି ସେ ଉତ୍ତର ଦେଇପାରନ୍ତି ବୋଲି ବିଶ୍ୱାସ କରି ଆମେ ବିଶ୍ୱାସରେ ନିବେଦନ କରିବା ଆବଶ୍ୟକ (ଗୀତ. ୧୩୮:୩) ।

ଯଦି ଆପଣ ନିଜର ବିଶ୍ୱାସ ଦୁର୍ବଳ କିମ୍ବା ଛୋଟ ବୋଲି ବ୍ୟସ୍ତ ହେଉଛନ୍ତି, ତେବେ ବିଶ୍ୱାସ ସମ୍ବନ୍ଧରେ ଯୀଶୁ ଯାହା କହିଥିଲେ, ତାହା ସ୍ମରଣ କରନ୍ତୁ : ‘‘...ଯଦି ଗୋଟିଏ ସୋରିଷ ଦାନା ପରି ତୁମ୍ଭମାନଙ୍କର ବିଶ୍ୱାସ ଥାଏ, ତାହାହେଲେ ଏହି ପର୍ବତକୁ ‘ଏଠାରୁ ସେଠାକୁ ଘୁଞ୍ଚିଯା’ ବୋଲି କହିଲେ ତାହା ଘୁଞ୍ଚିଯିବ । ଆଉ କିଛି ହିଁ ତୁମ୍ଭମାନଙ୍କର ଅସାଧ୍ୟ ହେବ ନାହିଁ’’ (ମାଥି. ୧୭:୨୦) ।

ଯୀଶୁ ଏହା ପ୍ରକାଶ କରିଥିଲେ ଯେ, ଆମର ବିଶ୍ୱାସ ଛୋଟ ହୋଇପାରେ, ତଥାପି, ଯଦି ଏହା ଈଶ୍ୱରଙ୍କ ପ୍ରତି ନିର୍ଦ୍ଦେଶିତ ଥାଏ, ତେବେ ଫଳପ୍ରଦ ଅଟେ! ଆମେ ନିଜ ନିଜ ଉପରେ, କିମ୍ବା ଆମ ନିକଟରେ ଥିବା ବିଶ୍ୱାସର ପରିମାଣ ଉପରେ ଆମର ବିଶ୍ୱାସ ସ୍ଥାପନ କରିବା ଅନୁଚିତ୍ । ଆମକୁ ଈଶ୍ୱରଙ୍କଠାରେ ଓ ତାଙ୍କ ବାକ୍ୟରେ ଆମର ବିଶ୍ୱାସ ସ୍ଥାପନ କରିବାକୁ ହେବ । ସେ ଯାହା କହିଛନ୍ତି, ତାହା ସେ କରିବେ! ସେ ନିଜର ବାକ୍ୟ ସଫଳ କରିବେ ବୋଲି ଆମେ ବିଶ୍ୱାସ କରିପାରିବା ଓ ଏହିପରିଭାବରେ ତାଙ୍କଠାରେ ଆମର ବିଶ୍ୱାସ ସ୍ଥାପନ କରିପାରିବା ।



ସେଥିପାଇଁ, ଈଶ୍ୱରଙ୍କ ବାକ୍ୟରେ ଆପଣଙ୍କ ବିଶ୍ୱାସକୁ ସୁଦୃଢ଼ କରନ୍ତୁ । ଆପଣଙ୍କର ସୃଷ୍ଟିକର୍ତ୍ତା, ଆପଣଙ୍କର ତ୍ରାଣକର୍ତ୍ତା, ଆପଣଙ୍କର ରାଜା କିଏ – ଏବିଷୟରେ ଈଶ୍ୱରଙ୍କ ବାକ୍ୟରେ ଯାହା ପ୍ରକାଶିତ ହୋଇଛି, ସେଥିରେ ବିଶ୍ୱାସ କରନ୍ତୁ! ପ୍ରାୟ ତାଙ୍କ ନିକଟକୁ ଯାଆନ୍ତୁ ଓ ତାଙ୍କର ମୁଖ ଅନ୍ୱେଷଣ କରନ୍ତୁ – ଆଉ ସେ ଆପଣଙ୍କୁ ଉତ୍ତର ଦେବେ! (ଯିରି. ୨୯:୧୧–୧୩) ।

**୫) ଆତ୍ମିକ କ୍ଷୁଧାର ଅଭାବ –** (ଗୀତ. ୬୩:୧,୨, ୮୪:୧,୨, ମାଥି. ୫:୬, ଯୋହନ ୬:୩୫,୪୮, ୭:୩୭–୩୯) । ଈଶ୍ୱର ସର୍ବଦା ତାଙ୍କ ନିମନ୍ତେ ଅଧିକ ଆତ୍ମିକ କ୍ଷୁଧା ପ୍ରତି ପ୍ରତିକ୍ରିୟା ଦେଖାଇବେ ।

ଆତ୍ମିକ କ୍ଷୁଧାର ଅଭାବ ଅନେକ ବିଷୟ ଦ୍ୱାରା ଘଟିପାରେ, ଯଥା –

- ଦୁଃଖଦ ଘଟଣା, ଦୁଃଖ କିମ୍ବା ମୃତ୍ୟୁ (ଗୋଟିଏ ପରିବାରର ସଦସ୍ୟଙ୍କୁ ହରାଇବା ଭଳି) ଏକ ଆବେଗିକ କିମ୍ବା ଆତ୍ମିକ ଉଦାସୀନତା ସୃଷ୍ଟି କରେ ।
- ନିରୁତ୍ସାହ, ବିଫଳତା କିମ୍ବା ଅବସାଦଗ୍ରସ୍ତ ମନୋଭାବ ଆପଣଙ୍କୁ ନିରାଶ ଓ ପ୍ରଭୁଙ୍କ ଅନ୍ୱେଷଣ କରିବା ପାଇଁ ଅନିଚ୍ଛୁକ କରିପାରେ ।
- ଅନ୍ୟମାନଙ୍କ ପ୍ରତି କ୍ରୋଧ, ତିକ୍ତତା କିମ୍ବା କ୍ଷମାହୀନ ମନୋଭାବ – ଏପରିକି ଈଶ୍ୱର କିମ୍ବା ଆପଣଙ୍କ ନିଜ ନିମନ୍ତେ ସୁଦ୍ଧା ଏହିପରି ମନୋଭାବ ଈଶ୍ୱରଙ୍କ ନିମନ୍ତେ ଥିବା ଇଚ୍ଛାକୁ ନିର୍ବାପିତ କରେ ।
- ଏହି ଜଗତର ଆମୋଦପ୍ରମୋଦ ଓ ବିଭ୍ରାନ୍ତି, କିମ୍ବା ଆଳସ୍ୟତା ଓ ଆତ୍ମ ସନ୍ତୁଷ୍ଟି ଈଶ୍ୱର ସମ୍ବନ୍ଧୀୟ ଅଧିକ ଧାର୍ମିକ କ୍ଷୁଧାରେ ବାଧା ସୃଷ୍ଟି କରେ କିମ୍ବା ତାହାକୁ ଧ୍ୱଂସ ସୁଦ୍ଧା କରେ ।

ପୃଥିବୀରେ ଜୀବନ କଷ୍ଟକର ଓ ଆହ୍ୱାନରେ ପରିପୂର୍ଣ୍ଣ ହୋଇପାରେ । କିନ୍ତୁ, ଆମେ ଏହି ବିଷୟରେ ଉତ୍ସାହିତ ହୋଇପାରିବା ଯେ, ଯେଉଁ ସମସ୍ତ ଦୁଃଖ, ହୃଦ୍‌ବ୍ୟଥା କିମ୍ବା ବିଫଳତାର ଅନୁଭୂତି ଆମେ ପାଇପାରୁ, ତା’ର ଉର୍ଦ୍ଧ୍ୱକୁ ଚାଲିଯିବା ପାଇଁ ଈଶ୍ୱର ମାର୍ଗ ସବୁ ଯୋଗାଇଅଛନ୍ତି । ଈଶ୍ୱରଙ୍କର ସୁସ୍ଥକାରୀ ଓ ଉଦ୍ଧାରକାରୀ ଶକ୍ତି, ତାଙ୍କର ପ୍ରେମ ଓ କ୍ଷମା, ତାଙ୍କର ଦୟା ଓ ଅନୁଗ୍ରହ – ଆଉ ତାଙ୍କର ଅଭିଷେକ ଆମର ହେବ, ଯଦି ଆମେ କେବଳ ତାଙ୍କ ନିକଟକୁ ଆସିବା ।

ପ୍ରେରିତ ପାଉଲ କିପରି ସେହି ସମସ୍ତ ବିଷୟର ଉର୍ଦ୍ଧ୍ୱରେ ଅଗ୍ରସର ହୋଇଥିଲେ ଯେଉଁଗୁଡ଼ିକ ହୁଏତ ଈଶ୍ୱରଙ୍କ ନିମନ୍ତେ ତାଙ୍କର ଅନ୍ୱେଷଣ ଓ କ୍ଷୁଧାରେ ବାଧା ସୃଷ୍ଟି କରିପାରିଥା’ନ୍ତା – ଏସମ୍ବନ୍ଧରେ ସେ ଆମକୁ କିଛି ଦୃଷ୍ଟିକୋଣ ପ୍ରଦାନ କରିଛନ୍ତି ।

ସେ ଫିଲିପ୍ପୀୟମାନଙ୍କ ନିକଟକୁ ଲେଖିଥିଲେ (୩:୧୨-୧୪) : ''ମୁଁ ଯେ ଏବେ ସେହି ସମସ୍ତ ପ୍ରାପ୍ତ ହୋଇଅଛି ଅବା ସିଦ୍ଧ ଲାଭ କରିଅଛି, ତାହାନୁହେଁ...'' (୧୨କ) । ପାଉଲ ନମ୍ରଭାବରେ ନିଜର ଦୁର୍ବଳତା ଓ ବିଫଳତାକୁ ଚିହ୍ନିଥିଲେ ।

''...କିନ୍ତୁ ମୁଁ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ଧୃତ ହୋଇଥିବାରୁ ତାହା ଧରିବା ପାଇଁ ଦୌଡୁଅଛି...'' (୧୨ଖ) । ସେ ଛାଡ଼ି ଦେଇପାରନ୍ତି ବୋଲି ପାଉଲ ଜାଣିଥିଲେ । ତାକୁ ସୁସମାଚାର ନିମନ୍ତେ ଅଗ୍ରସର ହେବାକୁ ଥିଲା ।

''ହେ ଭାଇମାନେ, ମୁଁ ଏପର୍ଯ୍ୟନ୍ତ ତାହା ଧରିଅଛି ବୋଲି ମନେ କରୁନାହିଁ'', (୧୩କ) । ପାଉଲ ତାଙ୍କ ପ୍ରତି ଘଟୁଥିବା ବିଷୟ ସମେତ ସମସ୍ତ ବିଷୟ ବୁଝି ନ ଥିଲେ ।

''...କିନ୍ତୁ ଗୋଟିଏ ବିଷୟ ମୁଁ କରୁଅଛି, ପଶ୍ଚାଦ୍ ବିଷୟସବୁ ମନରୁ ଦୂର କରି ...'' (୧୩ଖ, ୧୪କ) । ସମସ୍ତ ଯନ୍ତ୍ରଣା, କିମ୍ୱା ଆଘାତ, ସଫଳତା କିମ୍ୱା ବିଫଳତା - ଅତୀତର ସମସ୍ତ ବିଷୟ ମନରୁ ଦୂର କରିବା ପାଇଁ ପାଉଲ ଏକ ବିଚାରଶୀଳ ନିଷ୍ପତ୍ତି ନେଇଥିଲେ ।

''...ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖି...'' (୧୪) । ଅତୀତକୁ ଭୁଲି ଯାଇ ତାଙ୍କ ନିମନ୍ତେ ଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟ 'ପ୍ରତି ଅଗ୍ରସର' ହେବାକୁ ପାଉଲ ମନୋନୀତ କରିଥିଲେ ।

''...ଖ୍ରୀଷ୍ଟ ଯୀଶୁଙ୍କଠାରେ ଈଶ୍ୱରଙ୍କ ସ୍ୱର୍ଗୀୟ ଆହ୍ୱାନର ପଣ ପାଇବା ନିମନ୍ତେ ପ୍ରାଣପଣ କରି ଲକ୍ଷ୍ୟସ୍ଥଳକୁ ଦୌଡୁଅଛି (୧୪ ପଦ) । ଯାହା ଘଟୁ ନା କାହିଁକି, ଈଶ୍ୱର ଓ ଈଶ୍ୱରଙ୍କ ଇଚ୍ଛା ଅନ୍ୱେଷଣ କରିବା ନିମନ୍ତେ ପାଉଲ ନିଷ୍ପତ୍ତି ନେଇଥିଲେ ।

ସମସ୍ତ ପ୍ରକାର ଅସୁବିଧା ଓ ପରୀକ୍ଷା ମଧ୍ୟରେ, ପ୍ରତ୍ୟେକ ଆନନ୍ଦ ଓ ବିଜୟ ମଧ୍ୟରେ ପାଉଲ ନିଜର ସମସ୍ତ ହୃଦୟ ସହିତ ପ୍ରଭୁଙ୍କର ଅନୁସରଣ କରିଥିଲେ । ଆମ ହୃଦୟର ଅନୁର୍ବର ଭୂମିକୁ ଭାଙ୍ଗିବା (ହୋଶେ. ୧୦:୧୨) ସର୍ବଦା ଏକ ସଂକ୍ଷିପ୍ତ କିମ୍ୱା ସହଜ ପ୍ରକ୍ରିୟା ନୁହେଁ । କିନ୍ତୁ ଯଦି ଆମେ ସେହି ଈଶ୍ୱରଙ୍କ ନିକଟରେ ନିଜକୁ ସଂପୂର୍ଣ୍ଣ ଉନ୍ମୁକ୍ତ କରିବା - ଯିଏ ଆମକୁ ସୃଷ୍ଟି କରିଥିଲେ, ଯିଏ ଆମକୁ ରକ୍ଷା କରିଥିଲେ, ଯିଏ ଆମକୁ ପ୍ରେମ କରନ୍ତି, - ତେବେ ଆମେ ଏକ ନୂତନ ହୃଦୟ ଓ ପ୍ରଭୁଙ୍କ ନିମନ୍ତେ ଏକ ନୂତନ କ୍ଷୁଧା ପ୍ରାପ୍ତ ହୋଇପାରିବା (ଯିହି. ୩୬:୨୬,୨୭) ।

**ଘ) ଆମକୁ ପ୍ରଭୁଙ୍କ ଉପରେ ନିର୍ଭର କରିବାକୁ ହେବ -** ''ପ୍ରଭୁଙ୍କ ପାଇଁ ଅପେକ୍ଷା କରିବାକୁ'' ଧର୍ମଶାସ୍ତ୍ର ଆମକୁ ପ୍ରାୟ ଉତ୍ସାହିତ କରିଛି (ଗୀତ. ୨୫:୫, ୨୭:୧୪, ୩୭:୭,୯,୩୪, ଯିଶା. ୩୦:୧୮, ୪୦:୩୧, ବିଳାପ ୩:୨୫,୨୬ ଇତ୍ୟାଦି) । ଏହା ହେଉଛି ଖ୍ରୀଷ୍ଟିୟ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ନିୟମ । ପ୍ରଭୁଙ୍କଠାରେ ଅପେକ୍ଷା କରିବା ଯୋଗୁ ସର୍ବଦା ଆଶୀର୍ବାଦ ଆସିଥାଏ ।



କିନ୍ତୁ, ଅପେକ୍ଷା କରିବା ଆମ ସ୍ୱଭାବରେ ସର୍ବଦା ନ ଥାଏ । ଆମେ ଅଧୈର୍ଯ୍ୟ, ଭୟାଳୁ କିମ୍ୱା ବିସ୍ମରଣକାରୀ ହୋଇଯାଉ । ଆମର ବ୍ୟସ୍ତ ଜୀବନ, ସେବାକାର୍ଯ୍ୟ, ନିଷ୍ପତ୍ତି ନେବା ପାଇଁ ଚାପ - ଏହିପରି ଅନେକ ବିଷୟ ଆମକୁ ଚାପଗ୍ରସ୍ତ କରେ ଓ ଆମର ସମୟ ଦାବୀ କରେ ।

କିନ୍ତୁ ଜୀବନରେ ଗୋଟିଏ ସରଳ, ଅଥଚ ଯନ୍ତ୍ରଣାଦାୟକ ସତ୍ୟ ରହିଛି : 'ଆପଣଙ୍କ ନିମନ୍ତେ ଯାହା ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ, ତାହା ନିମନ୍ତେ ଆପଣ ସର୍ବଦା ସମୟ କାହାର କରିବେ ।' ଦୁଃଖର ବିଷୟ, ଅତି ବିଳମ୍ୱ ନ ହେବା ପର୍ଯ୍ୟନ୍ତ ପ୍ରକୃତରେ ଯାହା ଗୁରୁତ୍ୱପୂର୍ଣ୍ଣ, ତାହା ଆମେ ସର୍ବଦା ବୁଝି ନ ଥାଉ ।

**ପାଳକଙ୍କଠାରୁ ପାଳକଙ୍କ ନିକଟକୁ -** ଆମର ପ୍ରାଧାନ୍ୟଗୁଡ଼ିକୁ ମୂଲ୍ୟାଙ୍କନ କରିବା ପାଇଁ, ଆମ ଜୀବନ ପ୍ରତି ଘନିଷ୍ଠ ଭାବରେ ଦୃଷ୍ଟି ଦେବା ପାଇଁ ଓ ଆମର ସମସ୍ତ କାର୍ଯ୍ୟକଳାପକୁ ବିଚାର କରିବା ପାଇଁ ବେଳେବେଳେ ସମୟ ଦେବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାପରେ ପ୍ରଭୁଙ୍କ ସମ୍ମୁଖରେ ସମସ୍ତ ବିଷୟ ରଖି ତାଙ୍କର ବାକ୍ୟକୁ ବିଚାର କରିବା ଓ ଆମ ପ୍ରାଧାନ୍ୟଗୁଡ଼ିକ ତାଙ୍କ ସହିତ ମିଳନରେ ଅଛି କିମ୍ୱା ନାହିଁ - ଏହା ନିର୍ଣ୍ଣୟ କରିବା ଉଚିତ୍ ।

'ପ୍ରଭୁଙ୍କର ଅପେକ୍ଷା କରିବା ପାଇଁ' ସମୟ ଦେବାକୁ ଧର୍ମଶାସ୍ତ୍ର ଦେଇଥିବା ଉତ୍ସାହ ଆମ ତାଲିକାର ସର୍ବୋଚ୍ଚ ସ୍ଥାନରେ ନାହିଁ, ତେବେ ବର୍ତ୍ତମାନ ଏହାକୁ ଉଚ୍ଚରେ ରଖିବା ଉଚିତ୍ । କାରଣ, ପ୍ରାୟତଃ, ଏହି ଏକମାତ୍ର ଉପାୟରେ ସେ ଆମକୁ କହୁଥିବା କଥା ଆମେ ଶୁଣିବା ।

## ଈଶ୍ୱରଙ୍କର ଅଧିକ ନିକଟବର୍ତ୍ତୀ ହେବା

ଆମ ଜୀବନରେ ପବିତ୍ର ଆତ୍ମାଙ୍କୁ ଅଧିକ ପାଇବା ନିମନ୍ତେ ଆମକୁ ମାଗିବାକୁ ହେବ । ଆଉ ଏହାପରେ ଆମକୁ ପ୍ରଭୁଙ୍କର ଅପେକ୍ଷା କରିବାକୁ ହେବ ।

ଆମେ ଅପେକ୍ଷା କରୁଥିବା ସମୟରେ ତାଙ୍କର 'ଅତିକ୍ଷୀଣ ସ୍ୱର' ଶୁଣିବାର ଅଧିକ ସମ୍ଭାବନା ଥାଏ (୧ରାଜା. ୧୯:୧୨) । ତାଙ୍କର ଉପସ୍ଥିତି ଓ ଶକ୍ତି ଅଧିକ ପାଇବା ପାଇଁ ଆମକୁ ପ୍ରସ୍ତୁତ କରିବାରେ ଆମର ହୃଦୟ ଓ ଜୀବନ ମଧ୍ୟରେ କାର୍ଯ୍ୟ କରିବାକୁ ପବିତ୍ର ଆତ୍ମାଙ୍କ ନିମନ୍ତେ ଆମର 'ଅପେକ୍ଷା' ସମୟ ପ୍ରଦାନ

କରେ । ଆମ ପାଇବାରେ ଥିବା ଏକ ପ୍ରତିବନ୍ଧକ କିମ୍ବା ବାଧାକୁ ସେ ପ୍ରକାଶ କରିପାରନ୍ତି । ସେ ଆମକୁ ଚେତନା ଦେଇପାରନ୍ତି । ସେ ଆମକୁ ଶିକ୍ଷା କିମ୍ବା ନିର୍ଦ୍ଦେଶ ଦେଇପାରନ୍ତି ଓ ଆହୁରି ଅଧିକ ବିଷୟ ଦେଇପାରନ୍ତି ।

ପ୍ରାୟତଃ, ଧୈର୍ଯ୍ୟର ସହିତ ଅପେକ୍ଷା କରୁଥିବା ସମୟରେ ଆମ ଜୀବନରେ ପରିବର୍ତ୍ତନର କାର୍ଯ୍ୟ ସଂଘଟିତ ହୋଇଥାଏ । ଆମେ ପରିବର୍ତ୍ତିତ ହେବା ସମୟରେ, ଆମେ ପ୍ରାପ୍ତ ହେବା । ଆମେ ଅଧିକରୂପେ ପବିତ୍ର ଆତ୍ମା ପାଇବା ସମୟରେ, ଆମେ ଅବଶ୍ୟ ସେବାରେ ଦକ୍ଷ ଓ ଫଳପ୍ରଦ ହେବା ।

ପ୍ରଭୁଙ୍କ ଉପରେ ନିର୍ଭର କରିବାର ଅନ୍ୟ ଗୋଟିଏ ବଡ଼ ଉପକାରିତା ହେଉଛି ଯେ, ତାଙ୍କ ଉପସ୍ଥିତିରେ ସେହି ସମୟ ସବୁ ଆମକୁ ତାଙ୍କର ଅଧିକ ନିକଟବର୍ତ୍ତୀ କରେ । ଆମେ ଅଧିକ ଗଭୀର ଭାବରେ ଓ ଅଧିକ ବ୍ୟକ୍ତିଗତ ଭାବରେ ତାଙ୍କୁ ଜାଣିବାକୁ ପାରୁ ।

ଆମେ ପ୍ରଭୁଙ୍କଠାରେ ଅପେକ୍ଷା କରୁଥିବା ସମୟରେ ନୀରବ ରହିବାକୁ ଇଚ୍ଛା କରିପାରୁ (ଗୀତ. ୪୬:୧୦) । କିମ୍ବା ଆପଣ ଧୀର ଭାବରେ ଆପଣଙ୍କ ଆତ୍ମିକ ଭାଷାରେ ପ୍ରାର୍ଥନା କରିପାରନ୍ତି, କିମ୍ବା ମୃଦୁ ଭାବରେ ଉପାସନା କରିପାରନ୍ତି (୧କରିନ୍ଥୀ ୧୪:୨,୧୫) । କିନ୍ତୁ ଏହା ସ୍ମରଣରେ ରଖନ୍ତୁ ଯେ, ଅପେକ୍ଷା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି 'ଶୁଣିବା ଓ ପାଇବା ।' ତାହା ପ୍ରାୟ ଏକ ସ୍ଥିର ଓ ଶାନ୍ତ ଭାବରେ ଅତି ଉତ୍ତମଭାବେ କରାଯାଇଥାଏ ।

ଅଧିକ ଈଶ୍ୱର ସମ୍ବନ୍ଧୀୟ କ୍ଷୁଧାରେ ଆପଣଙ୍କ ପ୍ରାର୍ଥନା ହୁଏତ ବହୁତ ଅଧିକ ହୋଇପାରେ । ତାହା, ଆବଶ୍ୟକତଃ, ଭୁଲ୍ ନୁହେଁ । କିନ୍ତୁ କେବଳ ଏହା ସ୍ମରଣରେ ରଖନ୍ତୁ ଯେ, ବହୁତ ବେଶୀ ପ୍ରାର୍ଥନା ଦ୍ୱାରା ଆପଣଙ୍କୁ ଆପଣଙ୍କର ଇଚ୍ଛା କିମ୍ବା ଯୋଗ୍ୟତା ପ୍ରମାଣ କରିବାକୁ ହେବ ନାହିଁ କିମ୍ବା ସେ ଯେପରି ଶୁଣି ଉତ୍ତର ଦେବେ, ଏଥିପାଇଁ ଉଚ୍ଚସ୍ୱରରେ ପ୍ରଭୁଙ୍କୁ ଡାକିବା ମଧ୍ୟ ଆବଶ୍ୟକ ନୁହେଁ ।

ଏହା ପରିବର୍ତ୍ତେ, ତାଙ୍କ ପ୍ରତିଜ୍ଞାରେ ବିଶ୍ୱାସ କରନ୍ତୁ : ''...ତେବେ ଯେଉଁ ପିତା ସ୍ୱର୍ଗରୁ ଦାନ କରନ୍ତି, ସେ ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ପବିତ୍ର ଆତ୍ମା ଦେବେ'' (ଲୂକ ୧୧:୧୩) ।

## ଭୟ କରନ୍ତୁ ନାହିଁ

କେତେଜଣ ହୁଏତ ଏହି ଭୟ କରିପାରନ୍ତି ଯେ, ଅଧିକ ପବିତ୍ର ଆତ୍ମା ପାଇବା ନିମନ୍ତେ ପ୍ରଭୁଙ୍କ ଉପରେ ଅପେକ୍ଷା କରି ରହିବା ହୁଏତ ତାଙ୍କ ପରିବର୍ତ୍ତେ ଏକ



ପ୍ରେତାତ୍ମା ଆଣିପାରେ । ଏହା 'ସମ୍ଭବ ନୁହେଁ!' ପ୍ରଥମରେ, ପ୍ରେତମାନେ କେବଳ ସେହି ସ୍ଥାନରେ ପ୍ରବେଶ କରିପାରନ୍ତି, ଯେଉଁଠାରେ ନିର୍ଦ୍ଦିଷ୍ଟ ଭାବରେ ସେମାନଙ୍କୁ ନିମନ୍ତ୍ରଣ କରାଯାଏ, କିମ୍ବା ଗୁଣି ବିଦ୍ୟାଭଳି ଶୟତାନିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ଦ୍ୱାରା ସେମାନେ ପ୍ରବେଶ କରିପାରନ୍ତି । ଯଦି ଆପଣ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଥାନ୍ତି ଓ କେବଳ ତାଙ୍କ ନିମନ୍ତେ ଆପଣ ଇଚ୍ଛୁକ ଅଟନ୍ତି, ତେବେ କୌଣସି ପ୍ରେତ କିମ୍ବା ଭୂତାତ୍ମା ଆପଣଙ୍କ ଉପରକୁ ହଠାତ୍ 'ଆସିପାରିବ ନାହିଁ ।' ଆପଣ ଏଥିପାଇଁ ଭୟଭୀତ ହେବା ଅନାବଶ୍ୟକ!

> ଆପଣ ଯୀଶୁଖ୍ରୀଷ୍ଟଙ୍କର ରକ୍ତ ଦ୍ୱାରା କ୍ରୀତ ଓ ଧୌତ ହୋଇଥିବା ଏକ ସାଧୁ ଅଟନ୍ତି । ଶୟତାନ ଓ ତା'ର ଭୂତମାନଙ୍କ ନିକଟରେ ଆପଣଙ୍କ ଉପରେ ସେପର୍ଯ୍ୟନ୍ତ କୌଣସି କ୍ଷମତା ନ ଥାଏ, ଯେପର୍ଯ୍ୟନ୍ତ ଆପଣ ତାହା ସେମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଦିଅନ୍ତି ନାହିଁ । ଶୟତାନ କ୍ରୁଶ ନିକଟରେ ପରାସ୍ତ ହୋଇଥିଲା (କଲସୀ. ୨:୧୪,୧୫) ।

ଶୟତାନର ପରିସର ଏବିଷୟରେ ସଚେତନ ଅଟେ ଯେ, ଆପଣ ଅଧିକ ରୂପେ ପବିତ୍ର ଆତ୍ମାଙ୍କୁ ପାଇବା ସମୟରେ ଈଶ୍ୱରଙ୍କ ଶକ୍ତିରେ ଅଧିକରୂପେ ଆଚରଣ କରିବେ । ଏହାର ଅର୍ଥ ହେଉଛି ଯେ, ଆତ୍ମିକ ବିଷୟରେ ଆପଣଙ୍କର ସାହସିକତା ଓ ଅଧିକାର ସ୍ୱାଭାବିକ ଭାବରେ ବୃଦ୍ଧି ପାଇବ । ସେଥିପାଇଁ ପ୍ରଭୁଙ୍କ ଅନ୍ୱେଷଣରେ ସମୟ କାଟିବାଠାରୁ ଦୂରେଇ ଯିବା ପାଇଁ ଶୟତାନ ଆମକୁ ପ୍ରଲୋଭିତ କରିବାକୁ କିମ୍ବା ବିଭ୍ରାନ୍ତ କରିବାକୁ ଚେଷ୍ଟା କରିପାରେ ।

କିନ୍ତୁ ଏହା ସ୍ମରଣରେ ରଖନ୍ତୁ : ଆପଣ ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା କ୍ରୀତ ଓ ଧୌତ ହୋଇଥିବା ଜଣେ ସାଧୁ ଅଟନ୍ତି । ଶତୟତାନ ଓ ତା'ର ଭୂତମାନଙ୍କ ନିକଟରେ ଆପଣଙ୍କ ଉପରେ ସେପର୍ଯ୍ୟନ୍ତ କୌଣସି କ୍ଷମତା ନ ଥାଏ, ଯେପର୍ଯ୍ୟନ୍ତ ଆପଣ ତାହା ସେମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଦିଅନ୍ତି ନାହିଁ । ଶୟତାନ କ୍ରୁଶ ନିକଟରେ ପରାସ୍ତ ହୋଇଥିଲା (କଲସୀ. ୨:୧୪,୧୫) । ସେଥିପାଇଁ, ଆପଣଙ୍କର ଯୁଦ୍ଧାସ୍ତ୍ର ଓ ଖଡ଼୍‌ଗଧାରଣ କରି (ଏଫିସୀ. ୬:୧୦-୧୮) ଈଶ୍ୱରଙ୍କ ନିକଟବର୍ତ୍ତୀ ହେଉ ହେଉ ଆତ୍ମାରେ ଦୃଢ଼ ଭାବରେ ଠିଆ ହୁଅନ୍ତୁ (ଯାକୁବ ୪:୭,୮) ।

**ଙ) ବିଶ୍ୱାସ ଦ୍ୱାରା ପବିତ୍ର ଆତ୍ମାଙ୍କ ଅଭିଷେକ ପ୍ରାପ୍ତ ହୁଅନ୍ତୁ –** ଆମେ ଈଶ୍ୱରଙ୍କର ସନ୍ତାନଗଣ ଓ ତାଙ୍କ ପ୍ରତିଜ୍ଞାର ଉତ୍ତରାଧିକାରୀ ଅଟୁ (ରୋମୀ. ୮:୧୭, ୨କରିନ୍ଥୀ.

୧:୨୦, ଗାଲା. ୩:୨୬)। ଏଥିମଧ୍ୟରେ ପବିତ୍ର ଆତ୍ମାଙ୍କର ପ୍ରତିଜ୍ଞା ଅନ୍ତର୍ଭୁକ୍ତ ଅଟେ (ପ୍ରେରିତ ୨:୩୮,୩୯)। ଆମେ ଏହା ଶିକ୍ଷା କରିଛୁ ଯେ, ଏହା କେବଳ ଗୋଟିଏ ଥରର ପରିପୂର୍ଣ୍ଣତା ନୁହେଁ, ମାତ୍ର ଏହା ଆମ ଜୀବନରେ ତାଙ୍କ ଉପସ୍ଥିତି ଓ ଶକ୍ତିର ଏକ ନିରନ୍ତର ଓ ନୂତନ ନୂତନ ପରିପୂର୍ଣ୍ଣତା ଅଟେ (ଏଫିସୀ. ୫:୧୮)। ଈଶ୍ୱର ଯାହା ପ୍ରତିଜ୍ଞା କରିଛନ୍ତି, ସେ ତାହା ପରିପୂରଣ କରିବେ – ସେଥିପାଇଁ ତାଙ୍କୁ କେବଳ ମାଗନ୍ତୁ!

ସେଥିପାଇଁ, ଆସନ୍ତୁ ଆମେ ନ ପାଇବା ପର୍ଯ୍ୟନ୍ତ ମାଗିବା – ମାଗିଚାଲିବା, ଖୋଜିଚାଲିବା ଓ ଦ୍ୱାରରେ ଆଘାତ କରିଚାଲିବା (ଲୂକ ୧୧:୯,୧୦)। ଆପଣ ସଂପୂର୍ଣ୍ଣ ଭାବରେ ପବିତ୍ର ଆତ୍ମା ପାଆନ୍ତୁ ବୋଲି ଈଶ୍ୱର ଇଚ୍ଛା କରନ୍ତି (ଲୂକ ୧୧:୧୩)। କେବଳ ଆପଣଙ୍କ ହୃଦୟକୁ ଉନ୍ମୁକ୍ତ କରନ୍ତୁ ଓ ତାଙ୍କଠାରେ ଏବଂ ଆପଣଙ୍କୁ ପରିପୂର୍ଣ୍ଣ କରିବା ପାଇଁ ତାଙ୍କ ଇଚ୍ଛାରେ ବିଶ୍ୱାସ କରନ୍ତୁ – ତତ୍‌ସଙ୍ଗେ ସଙ୍ଗେ ଧୈର୍ଯ୍ୟ ଧରି ତାଙ୍କର ଅପେକ୍ଷା କରନ୍ତୁ (ଏବ୍ରୀ ୧୧:୬)।

ନୂତନ ପରିପୂର୍ଣ୍ଣତା ନିମନ୍ତେ ପ୍ରାର୍ଥନା କରିବା ଏକ ଦୈନିକ ଘଟଣା ହୋଇପାରେ, କାରଣ ଆମକୁ ନିରନ୍ତର ପରିପୂର୍ଣ୍ଣ ହେବାକୁ ପଡ଼ିବ! ଆମେ ଯାହା କିଛି କରୁ, ସେଥିରେ ମୁହୂର୍ତ୍ତକୁ ମୁହୂର୍ତ୍ତକୁ ଆମେ ତାଙ୍କର ଶକ୍ତି ଓ ଉପସ୍ଥିତି ଆବଶ୍ୟକ କରୁ।

## କେବଳ ପ୍ରାପ୍ତ ହୁଅନ୍ତୁ

ଆମେ ଆମର ଅନୁଭବ ଦ୍ୱାରା ନୁହେଁ, ମାତ୍ର ବିଶ୍ୱାସ ଦ୍ୱାରା ପ୍ରାପ୍ତ ହୋଇଥାଉ। ଆମେ ଗୋଟିଏ ଆବେଗିକ ଅନୁଭୂତି ନୁହେଁ, ମାତ୍ର ପବିତ୍ର ଆତ୍ମାଙ୍କ ଏକ ଉପସ୍ଥିତି ଅନ୍ୱେଷଣ କରୁଥାଉ। ଆପଣ ମାଗିବା ସମୟରେ, ଆପଣଙ୍କୁ ଯେଉଁ ଶାରୀରିକ ଭଙ୍ଗୀ, ଯଥା – ବସିବା, ଆଣ୍ଠୁ ଭାଙ୍ଗିବା କିମ୍ବା ସିଧା ଲମ୍ବ ହୋଇ ପଡ଼ିବା, ଯାହା ସ୍ୱାଚ୍ଛନ୍ଦ୍ୟପ୍ରଦ ମନେ ହୁଏ, ତାହା ଗ୍ରହଣ କରନ୍ତୁ। ଆପଣ ନିଜର ପ୍ରାର୍ଥନା କୋଠରୀରେ, ରୋଷେଇ ଗୃହରେ, ଶୟନ କକ୍ଷରେ, ଗୀର୍ଜା ଗୃହରେ କିମ୍ବା ବାହାରେ ରହିପାରିବେ। ଆପଣ ନିଜର ହୃଦୟ ଉନ୍ମୁକ୍ତ କରି ପାଇବା ପାଇଁ ଇଚ୍ଛା କରିବା ସମୟରେ ସ୍ଥିତି ଓ ସ୍ଥାନ ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ।

ଯେତେବେଳେ ଆପଣ ପବିତ୍ର ଆତ୍ମାଙ୍କର ଏକ ନୂତନ ପରିପୂର୍ଣ୍ଣତା ମାଗନ୍ତି, ସେତେବେଳେ ଆପଣଙ୍କ ହୃଦୟ ମଧ୍ୟକୁ ଯେକୌଣସି ଶବ୍ଦ ଆସେ, ତାହା ବ୍ୟବହାର କରନ୍ତୁ। ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବାର କୌଣସି ସଠିକ୍ କିମ୍ବା ଭୁଲ୍ ମାର୍ଗ ନାହିଁ। ସେ ଆପଣଙ୍କଠାରୁ, ଆପଣ ଯିଏ ବି ହୁଅନ୍ତୁ, କେବଳ ଆପଣଙ୍କଠାରୁ ଶୁଣିବାକୁ ଚାହାଁନ୍ତି।



ଆପଣଙ୍କର ମାଗିବା ଏହିପ୍ରକାର ହୋଇପାରେ : ''ହେ ପବିତ୍ର ଆତ୍ମା, ଆସନ୍ତୁ, ମୁଁ ଆପଣଙ୍କୁ ଅଧିକ ପାଇବା ପାଇଁ ମୋର ହୃଦୟ ଉନ୍ମୁକ୍ତ କରିଅଛି। ମୁଁ ମୋର ହୃଦୟ ଓ ମୋର ଜୀବନ ଆପଣଙ୍କୁ ଦେଉଅଛି। ମୋତେ ନୂତନଭାବେ ପରିପୂର୍ଣ୍ଣ କରିବା ପାଇଁ ମୁଁ ଆପଣଙ୍କ ନିକଟରେ ନିବେଦନ କରୁଅଛି। ଆପଣଙ୍କ ଉପସ୍ଥିତି ଦ୍ୱାରା ମୋ ଜୀବନକୁ ପରିପୂର୍ଣ୍ଣ କରନ୍ତୁ। ମୋ ମୁଖକୁ ଈଶ୍ୱରଙ୍କ ପ୍ରଶଂସାରେ ପରିପୂର୍ଣ୍ଣ କରନ୍ତୁ। ମୋର ସେବାକାର୍ଯ୍ୟକୁ ଆପଣଙ୍କ ଶକ୍ତିରେ ପରିପୂର୍ଣ୍ଣ କରନ୍ତୁ ଯେପରି ମୁଁ ଈଶ୍ୱରଙ୍କ ନିମନ୍ତେ ଏକ ଦରକାରୀପାତ୍ର ହୋଇପାରିବି... ।'' ନିଜସ୍ୱ ବାକ୍ୟ ବ୍ୟବହାର କରନ୍ତୁ ଓ ଈଶ୍ୱରଙ୍କ ନିକଟରେ ଆପଣଙ୍କର ହୃଦୟ ଉନ୍ମୁକ୍ତ କରନ୍ତୁ। ପ୍ରାର୍ଥନା କରନ୍ତୁ ଓ ପାଆନ୍ତୁ! ଯୀଶୁଙ୍କ ନାମରେ, ପରିପୂର୍ଣ୍ଣ ହୁଅନ୍ତୁ! ହାଲେଲୁୟା!

## ଉପସଂହାର

ମୋର ଭାଇ ଓ ଭଉଣୀମାନେ, ଈଶ୍ୱରଙ୍କ କ୍ଷେତ୍ରରେ ସହକର୍ମୀଗଣ ଓ ସୁସମାଚାର ପ୍ରଚାର କାର୍ଯ୍ୟରେ ଅଂଶୀଦାରମାନେ, ଆପଣ ଓ ମୁଁ ବାସ୍ତବରେ ଏକ ଉଚ୍ଚ ଆହ୍ୱାନ ପାଇଅଛୁ! ଈଶ୍ୱରଙ୍କ ପ୍ରିୟ ଶରୀରର, ଅର୍ଥାତ୍, ଯେଉଁମାନେ ''...ରୂପା କି ସୁନା ପରି କ୍ଷୟଣୀୟ ବସ୍ତୁ ଦ୍ୱାରା ମୁକ୍ତ ନ ହୋଇ, ବରଂ, ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ସଦୃଶ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛନ୍ତି'' (୧ପିତର ୧:୧୮,୧୯) ସେମାନଙ୍କର ସେବା କରିବାର ସମ୍ମାନ ଆମେ ପାଇଅଛୁ।

ଏହା ଏପରି ଏକ ଆହ୍ୱାନ, ଯାହାକୁ ଆମେ ଆମ ନିଜସ୍ୱ ଶକ୍ତିରେ ସଂପୂର୍ଣ୍ଣ କରିବାର ଚେଷ୍ଟା କରିପାରିବା ନାହିଁ ଓ କରିବା ଉଚିତ୍ ନୁହେଁ। ଈଶ୍ୱରଙ୍କର ଧନ୍ୟବାଦ ହେଉ, ପ୍ରକୃତରେ ଫଳପୂର୍ଣ୍ଣ, ପ୍ରକୃତରେ ଦକ୍ଷ ଓ ପ୍ରକୃତରେ ତାଙ୍କ ପାଇଁ ଗୌରବର କାରଣ ହେବା ନିମନ୍ତେ ଆମେ ଆବଶ୍ୟକ କରୁଥିବା ସମସ୍ତ ବିଷୟ ସେ ଆମକୁ ପ୍ରଦାନ କରିଛନ୍ତି।

ଆମେ ଈଶ୍ୱରଙ୍କର ଏହି ବାକ୍ୟ ଅଧ୍ୟୟନରୁ ଆରମ୍ଭ କରିଥିଲୁ : ''ପରାକ୍ରମ ଦ୍ୱାରା ନୁହେଁ, କିଅବା ବଳ ଦ୍ୱାରା ନୁହେଁ, ମାତ୍ର ଆମ୍ଭର ଆତ୍ମା ଦ୍ୱାରା'' – ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି'' (ଯିଖରିୟ ୪:୬)।

ଯୁଗ ଯୁଗ ଧରି ଈଶ୍ୱର ଏହିପ୍ରକାର ମହତ୍ ଓ ଆଶ୍ଚର୍ଯ୍ୟକର୍ମ କରିଅଛନ୍ତି। କିନ୍ତୁ ସେ ପ୍ରତିଜ୍ଞା କରିଥିବା ଏପରି ଆହୁରି ଅନେକ ବିଷୟ, ଯାହା ଏପର୍ଯ୍ୟନ୍ତ ସଫଳ ହୋଇନାହିଁ!

ଆହୁରି 'ମହତ୍ତର କାର୍ଯ୍ୟ' – ଅଲୌକିକ କାର୍ଯ୍ୟ, ଚିହ୍ନ ଓ ଅଦ୍ଭୁତକର୍ମ ଯୀଶୁଙ୍କର ଗୌରବ ନିମନ୍ତେ ସାଧିତ ହେବ (ଯୋହନ ୧୪:୧୨)। ଆଉ ଈଶ୍ୱର ଆପଣଙ୍କ ମାଧ୍ୟମରେ ତାହା କରିବାକୁ ଚାହାଁନ୍ତି! ସାହସିକ ଭାବରେ ସୁସମାଚାର ଘୋଷଣା, ବିନଷ୍ଟ ଲୋକମାନଙ୍କର ଖ୍ରୀଷ୍ଟଙ୍କ ପ୍ରତି ମନଃପରିବର୍ତ୍ତନ ଓ ତାଙ୍କ ମଣ୍ଡଳୀ ପ୍ରତିଷ୍ଠା – ସେ ଇଚ୍ଛା କରନ୍ତି । ସେ ଏହା **ଆପଣଙ୍କ** ମଣ୍ଡଳୀ, **ଆପଣଙ୍କ** ସହର, **ଆପଣଙ୍କର** ଦେଶ ନିମନ୍ତେ ଇଚ୍ଛା କରନ୍ତି! ଈଶ୍ୱରଙ୍କର ଗୌରବ ହେଉ!

ଈଶ୍ୱର ନିରନ୍ତର ସେହିମାନଙ୍କୁ ଅନ୍ୱେଷଣ କରୁଥା'ନ୍ତି, ଯେଉଁମାନେ ତାଙ୍କର ଇଚ୍ଛା ପ୍ରତି ସେମାନଙ୍କର ନିଜ ଜୀବନକୁ ସଂପୂର୍ଣ୍ଣ ଭାବରେ ବଶୀଭୂତ କରିବେ । ସେ ସେହିମାନଙ୍କୁ ଅନ୍ୱେଷଣ କରୁଥା'ନ୍ତି, ଯେଉଁମାନଙ୍କର ହୃଦୟ ତାଙ୍କର ଅନୁଗତ ଥାଏ, ଯାହା ମାଧ୍ୟମରେ ସେ ନିଜକୁ ବଳିଷ୍ଠ ଦେଖାଇପାରନ୍ତି । ସେ ସେମାନଙ୍କୁ ଉତ୍ତର ଦିଅନ୍ତି, ଯେଉଁମାନେ ସର୍ବୋପରି ତାଙ୍କୁ ବାଞ୍ଛା କରନ୍ତି ଓ ଯେଉଁମାନେ ତାଙ୍କ ନିମନ୍ତେ ଥିବା ସେମାନଙ୍କର ଆତ୍ମିକ କ୍ଷୁଧାକୁ ବୃଦ୍ଧି ପାଇବାକୁ ଦେବେ – ଯେଉଁମାନେ ସାହସର ସହିତ କହିବେ, ''ହେ ପ୍ରଭୁ, ମୁଁ ଅଛି, ମୋତେ ପ୍ରେରଣ କର'' (ଯିଶା. ୬:୮)।

ଆପଣଙ୍କ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ଈଶ୍ୱରଙ୍କ ଆହ୍ୱାନ ଓ ଇଚ୍ଛା ସଂପୂର୍ଣ୍ଣ ଭାବରେ ସଫଳ କରିବା ପାଇଁ କେବଳ ଏକମାତ୍ର ମାର୍ଗ ଅଛି – ତାହା ହେଉଛି ପବିତ୍ର ଆତ୍ମାଙ୍କ ଅଭିଷେକ ମାଧ୍ୟମରେ । ଆପଣ ଯାହା ହୁଅନ୍ତୁ ଓ ଯାହା କରନ୍ତୁ ବୋଲି ଈଶ୍ୱର ଇଚ୍ଛା କରନ୍ତି, ତାହା ହେବା ଓ କରିବା ପାଇଁ ଆବଶ୍ୟକୀୟ ପରିବର୍ତ୍ତନ, ଦାନ ଓ ଯୋଗ୍ୟତା ଆପଣ କେବଳ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ପ୍ରାପ୍ତ ହେବେ । ଆଉ ମାଗିବା ଆପଣଙ୍କର କାର୍ଯ୍ୟ ଅଟେ!

ଈଶ୍ୱର ପ୍ରଚୁର ଭାବରେ ତାଙ୍କର ପବିତ୍ର ଆତ୍ମା ପ୍ରଦାନ କରିବେ : ଏହା ବିଶ୍ୱାସ କରନ୍ତୁ, ତାଙ୍କ ଅଭିଷେକ ପ୍ରାପ୍ତ ହୁଅନ୍ତୁ, ଏଥିରେ ଗମନାଗମନ କରନ୍ତୁ ଓ ଏଥିରେ କାର୍ଯ୍ୟ କରନ୍ତୁ । ଅନ୍ୟମାନଙ୍କୁ ସେବାରେ ପବିତ୍ର ଆତ୍ମାଙ୍କ ଜୀବନ ଓ ଶକ୍ତି ବଣ୍ଟନ କରୁଥିବା ସମୟରେ ସେ ଉଭୟ ଆପଣଙ୍କ ମଧ୍ୟକୁ ଓ ଆପଣଙ୍କ ମାଧ୍ୟମରେ ଅଧିକ ବୃଷ୍ଟି କରିବେ!

ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ଓ ତାଙ୍କର ସତ୍ୟ ବୁଝିବା ପାଇଁ ଆପଣଙ୍କ ଆତ୍ମିକ ଚକ୍ଷୁ ଉନ୍ମୁକ୍ତ କରନ୍ତୁ । ସମସ୍ତ ବିଷୟରେ ତାଙ୍କର ବାଧ୍ୟ ହେବା ପାଇଁ ଆପଣ ତାଙ୍କର ଅନୁଗ୍ରହ ଓ ସାହାଯ୍ୟ ପ୍ରାପ୍ତ ହୁଅନ୍ତୁ । ସେ ଆପଣଙ୍କ ଓ ଆପଣଙ୍କ



ସେବାକାର୍ଯ୍ୟକୁ ପ୍ରଚୁର ଭାବରେ ଆଶୀର୍ବାଦ କରନ୍ତୁ, ଯେପରିକି ଅନ୍ୟମାନଙ୍କର ଜୀବନ ପରିବର୍ତ୍ତିତ ହେବ ଓ ତାଙ୍କ ପ୍ରତି ଏକ ଗୌରବ ହେବ । ଯିଏ ସେମାନଙ୍କୁ ରକ୍ଷା କରିବା ପାଇଁ ମୃତ୍ୟୁବରଣ କରିଥିଲେ । ଆଉ ଆପଣ ତାଙ୍କ ପବିତ୍ର ଆତ୍ମାଙ୍କ ଅଭିଷେକରେ ଆଚରଣ କରୁଥିବା ଓ ବୃଦ୍ଧି ପାଉଥିବା ସମୟରେ ଆପଣଙ୍କ ଜୀବନରୁ ଓ ସେବାକାର୍ଯ୍ୟରୁ ତାଙ୍କର ପ୍ରାପ୍ୟ ସମସ୍ତ ପ୍ରଶଂସା, ସମସ୍ତ ଗୌରବ ଓ ସମସ୍ତ ସମ୍ମାନ ଈଶ୍ୱର ଗ୍ରହଣ କରନ୍ତୁ । ମୁଁ ଆମର ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କର ବଳିଷ୍ଠ ଓ ଶକ୍ତିଶାଳୀ ନାମରେ ପିତାଙ୍କ ସମ୍ମୁଖରେ ଏହା ମାଗୁଅଛି ଆମେନ୍!

ଭାରତ ସଂସ୍କରଣ
ଭାଗ ୩୬/ନଂ- ୧
World Map ଦ୍ୱାରା ପ୍ରକାଶିତ

# ACTS

## ସୂଚୀପତ୍ର

**Postage paid at**
**Chennai- 600010 India**

**World Mapର ଦର୍ଶନ ଓ ଲକ୍ଷ୍ୟ**

ବିକାଶଶୀଳ ଦେଶର ମଣ୍ଡଳୀ ନେତାମାନେ ଯେପରି ନିଜ ନିଜ ଦେଶରେ ଓ ସମଗ୍ର ଜଗତରେ ମହାନ୍ ଆଦେଶ ସଫଳ କରିବା ପାଇଁ ସୁସଜ୍ଜିତ ହୋଇପାରିବେ, ସେଥିପାଇଁ ସେମାନଙ୍କୁ ପ୍ରୟୋଗାତ୍ମକ ବାଇବଲ ଶିକ୍ଷା ଓ ସେବାକାର୍ଯ୍ୟର ତାଲିମ ବିନାମୂଲ୍ୟରେ ଯୋଗାଇ ଦେବା । ୧୯୬୧ରେ ରାଲ୍‌ଫ ମାହାନୀଙ୍କ ଦ୍ୱାରା ପ୍ରତିଷ୍ଠିତ World Map ଆଜି ପର୍ଯ୍ୟନ୍ତ ଫ୍ରାଙ୍କ୍ ଓ ୱେଣ୍ଡି ପ୍ୟାରିସ୍‌ଙ୍କ ନେତୃତ୍ୱାଧୀନରେ ଅବ୍ୟାହତ ରହିଛି ।

Acts (ISSN 0744-1789) is published semiannually by World Map, 1419 North San Fernando Blvd, Burbank, CA 91504, U.S.A......

ACTS ORIYA EDITION
**THE ANOINTING OF THE HOLY SPIRIT**
English ACTS Vol. 36 / Number 1

Founder : Ralph Mahoney
Editors : Frank and Wendy Parrish
Managing Editor, India : E. Velayutham

Oriya Translation ACTS OR - 39
OR - 39 / 2008
© 2008

**WORLD MAP**
Post Box 1037
67, Beracah Road
Kilpauk, Chennai 600 010